# ଜାତାପୁ ଜୀବନଧାରା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

ସ୍ୱଳ୍ପଜ୍ଞାତ ଜନଜାତି

# ଜାତାପୁ ଜୀବନଧାରା

ନିର୍ଦ୍ଦେଶନା:

ଡ଼ଃ ଅନନ୍ତ ଚରଣ ସାହୁ

ତଥ୍ୟ ସଂଗ୍ରହ ଓ ସହାୟତା:

ଶ୍ରୀ ରାଜକିଶୋର ମାହାନା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

LITTLE KNOWN TRIBE

# ଜାତାପୁ ଜୀବନଧାରା


©ପ୍ରକାଶକ : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ଜାନୁୟାରୀ, ୨୦୦୭

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର-୧୦
ଫୋନ୍ : ୨୫୮୦୭୨୮

ମୂଲ୍ୟ : ୩୮.୦୦ ଟଙ୍କା ମାତ୍ର


## JATAPU JIVANDHARA


*Supervisor* : **Dr. A. C. Sahoo**
Director, ATDC

*© Publisher* : Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

*First Edition* : January,2007

*Printed at* : Bholanath Press
1201/1601, Bomikhal, Bhubaneswar-10
Ph. 2580728

*Price* : Rs. 38.00 only

# ମୁଖବନ୍ଧ

ଭାଷା, ସାହିତ୍ୟ, କଳା, ସଂସ୍କୃତି ସର୍ବୋପରି ପରମ୍ପରା ଓ ଚଳଣିକୁ ନେଇ ଓଡ଼ିଶାରେ ୬୨ ପ୍ରକାର ଜନଜାତି ବସବାସ କରି ଆସୁଛନ୍ତି । ଏକାଧିକ ଆଦିବାସୀ ଗୋଟିଏ ପରିବେଶ ଓ ଭୌଗୋଳିକ ପରିସୀମା ମଧ୍ୟରେ ବସବାସ କରୁଥିଲେ ମଧ୍ୟ ଏମାନେ ପରସ୍ପରଠାରୁ ଭିନ୍ନ । ପ୍ରତ୍ୟେକ ଜନଜାତି ନିଜସ୍ୱ ସାଂସ୍କୃତିକ ବିଭବକୁ ନେଇ ଗର୍ବିତ । ଅନ୍ୟ ପରମ୍ପରା, ଉପାଦେୟ ଏବଂ ସଂସ୍କୃତି ଦ୍ୱାରା ଗ୍ରହଣୀୟ ହେଲେ ତାହାକୁ ଆପଣେଇବାରେ ଏମାନେ କୁଣ୍ଠିତ ନୁହନ୍ତି । ତେବେ ସଂଖ୍ୟାଗରିଷ୍ଠ ଜନଜାତି ଉପରେ ସମସ୍ତଙ୍କର ସ୍ୱତଃ ଦୃଷ୍ଟି ଆକର୍ଷିତ ହେଉଥିବା ବେଳେ ସଂଖ୍ୟାଲଘୁ ଜନଜାତି ସମ୍ପ୍ରଦାୟ ସାଧାରଣତଃ ଲୋକଲୋଚନକୁ ଆସିପାରେ ନାହିଁ । ସଂଖ୍ୟାଲଘୁ ଜନଜାତି ସମ୍ପ୍ରଦାୟର ସାମାଜିକ ସାଂସ୍କୃତିକ ଜୀବନ ଉପରେ ଧାରଣା ନଥିବାରୁ ସେମାନଙ୍କ ଆଶାନୁରୂପ ବିକାଶ ପରିକଳ୍ପନା କରିବା ମଧ୍ୟ ସମ୍ଭବ ହୋଇପାରେନାହିଁ।

ଓଡ଼ିଶାରେ ବସବାସ କରୁଥିବା ଅଥଚ ଲୋକଲୋଚନର ଆଗୋଚରରେ ରହିଯାଉଥିବା ସ୍ୱଳ୍ପଜ୍ଞାତ ଜନଜାତିମାନଙ୍କର ପରମ୍ପରାକୁ ସାଂସ୍କୃତିକ ପୃଷ୍ଠଭୂମିରେ ଏକାଡ଼େମୀ ତରଫରୁ ଅଧ୍ୟୟନ କରାଯାଉଛି । ତନ୍ମଧ୍ୟରୁ 'ଜାତାପୁ ଜୀବନଧାରା' ଅନ୍ୟତମ । ସେମାନଙ୍କର ଜୀବନଜୀବିକା ଅନ୍ୟ ଜନଜାତି ତୁଳନାରେ ସ୍ୱତନ୍ତ୍ର । ତାଙ୍କ ବିଷୟରେ କିଛି ତଥ୍ୟ ସଂଗ୍ରହ କରି ପୁସ୍ତକ ପ୍ରକାଶନ କରିବା ଉଦ୍ଦେଶ୍ୟରେ ଜାତାପୁମାନଙ୍କର ପରିବେଶ, ବସତି, ଚଳଣି, ସଂସ୍କୃତି ଓ ପରମ୍ପରା, ବିବିଧ ସମସ୍ୟା ତଥା ଉନ୍ନୟନ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି "ଜାତାପୁ ଜୀବନଧାରା" ପୁସ୍ତକଟିର ପରିକଳ୍ପନା କରାଯାଇଛି । ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଅନେକ ପରିବର୍ତ୍ତନ ହୋଇସାରିଛି । ଭୌଗୋଳିକ ପରିବେଶକୁ ନେଇ ସେମାନଙ୍କର ଜୀବନ ଜୀବିକାରେ ମଧ୍ୟ ବିବର୍ତ୍ତନ ଘଟିଛି । ତଥାପି ସେମାନେ ନିଜସ୍ୱ ମୌଳିକତା ଓ ଅତୀତକୁ ନେଇ ଅଦ୍ୟାବଧି ଗର୍ବିତ । ଜାତାପୁ ସମ୍ପ୍ରଦାୟକୁ ଲୋକଲୋଚନକୁ ଆଣିବା ତଥା ଏମାନଙ୍କର ସଂସ୍କୃତି, ପରମ୍ପରା, କଳା ଓ ହସ୍ତଶିଳ୍ପ ଇତ୍ୟାଦିର ସଂରକ୍ଷଣ,

ପ୍ରଚାର ଓ ପ୍ରସାର ନିମନ୍ତେ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରି ସର୍ବାଙ୍ଗୀନ ଉନ୍ନତି ଦିଗରେ ମାର୍ଗ ଦର୍ଶନ କରିବା ଏହାର ଉଦ୍ଦେଶ୍ୟ ।

ସାମାଜିକ ଚଳଣି ଓ ପରମ୍ପରାକୁ ଆଧାର କରି ଉନ୍ନୟନର ମାର୍ଗ ପ୍ରଶସ୍ତ କରାଗଲେ ବିକାଶ ତ୍ୱରାନ୍ୱିତ ହୁଏ । ବିକାଶ ସହିତ ସମ୍ପ୍ରଦାୟର କୌଳିକ ବୃତ୍ତି, ସେମାନଙ୍କ କୌଶଳ ଓ ସାମାଜିକ ପୃଷ୍ଠଭୂମି ଓତଃପ୍ରୋତ ଭାବେ ଜଡିତ । ଜାତାପୁ ଜନଜାତିର ତଥ୍ୟ ସଂଗ୍ରହ ନିମନ୍ତେ ଗବେଷକ ରାଜ କିଶୋର ମାହାନାଙ୍କ ଉଦ୍ୟମ ପ୍ରଶଂସନୀୟ । ଶ୍ରମ ସ୍ୱୀକାର ପୂର୍ବକ ରାମଣାଗୁଡ଼ା ବ୍ଲକର ଅଧିନସ୍ଥ ବିଭିନ୍ନ ଜାତାପୁ ଅଧ୍ୟୁଷିତ ଗ୍ରାମ ପରିଦର୍ଶନ କରି ଜାତାପୁମାନଙ୍କ ସଂପର୍କରେ ତଥ୍ୟ ସଂକଳନ କରିଛନ୍ତି । ତଥ୍ୟ ଉପରେ ଆଧାର କରି ପ୍ରସ୍ତୁତ ହୋଇଥିବା ପାଣ୍ଡୁଲିପିର ପରିମାର୍ଜନ ସହ ଶ୍ରୀମତୀ କୁମୁଦିନୀ ରାୟ ଏହାର ସଂପାଦନା କରି ଭାଷାକୁ ଉନ୍ନୀତ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଜାତାପୁ ଆଦିବାସୀ ସମାଜ, ରାମଣାଗୁଡ଼ା ପାଣ୍ଡୁଲିପିକୁ ପାଠ ପୂର୍ବକ ତଥ୍ୟ ଦୃଷ୍ଟିରୁ ଆବଶ୍ୟକ ସଂଶୋଧନ କରିଛନ୍ତି । ଏହି ସଂଶୋଧନ କାର୍ଯ୍ୟରେ ଲଣ୍ଡାସିଂହ, ଲକ୍ଷ୍ମୀପୁର ଏବଂ ଗୁଡ଼ିଆବନ୍ଧ ଗ୍ରାମର ଶ୍ରୀ ରାମଚନ୍ଦ୍ର ମାଣ୍ଡାଙ୍ଗୀ, ଶ୍ରୀ ହରେକୃଷ୍ଣ ମିନ୍ନକା, ଶ୍ରୀ ନରେନ୍ଦ୍ରନାଥ ମିନ୍ନକା ଓ ଅନ୍ୟାନ୍ୟ ସହଯୋଗୀ ସଂସ୍କୃତି ସଂପନ୍ନ ଜାତାପୁମାନଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ପାଣ୍ଡୁଲିପିକୁ ଟାଇପ୍ ସେଟ୍ କରି ପ୍ରକାଶନ ଉପଯୋଗୀ କରିଛନ୍ତି ଶ୍ରୀ ସୁଶାନ୍ତ କୁମାର ସାହୁ, ଶ୍ରୀ ଭରତ ଚନ୍ଦ୍ର ନାୟକ ଏବଂ ଶ୍ରୀ ଦିଲ୍ଲୀପ କୁମାର ପାଢ଼ୀ । ପୁସ୍ତକ ପ୍ରକାଶନ ଅବସରରେ ଏକାଡ଼େମୀ ଏମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି । ଗୋଟିଏ ସ୍ୱତନ୍ତ୍ରଜାତ ଜନଜାତି ହିସାବରେ ଜାତାପୁର ଉନ୍ନତିମୂଳକ ତଥା ସାଂସ୍କୃତିକ ବାତାବରଣର ପରିଚୟ ଖୋଜିଲା ବେଳେ "ଜାତାପୁ ଜୀବନଧାରା" ଚର୍ଚ୍ଚାର ପରିସରଭୁକ୍ତ ହେବ ବୋଲି ଆଶା ଓ ବିଶ୍ୱାସ ।

ଅନନ୍ତ ଚରଣ ସାହୁ

ନିର୍ଦ୍ଦେଶକ

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| ୧. | ଉପକ୍ରମଣିକା | ୦୧-୦୯ |
| ୨. | ଜାତାପୁ ପରିଚିତି | ୧୦-୨୯ |
| ୩. | ଜୀବନଚକ୍ର | ୩୦-୫୪ |
| ୪. | ଅର୍ଥନୈତିକ ସଂଗଠନ | ୫୫-୯୮ |
| ୫. | ସାମାଜିକ ସଂଗଠନ | ୯୯-୧୧୫ |
| ୬. | ରାଜନୈତିକ ସଂଗଠନ | ୧୧୬-୧୨୭ |
| ୭. | ଯାଦୁଧର୍ମୀୟ କର୍ମକର୍ମାଣୀ | ୧୨୮-୧୪୫ |
| ୮. | ଜାତାପୁ ମହିଳା | ୧୪୬-୧୫୮ |
| ୯. | ଲୋକ ପରମ୍ପରା | ୧୫୯-୧୬୯ |
| ୧୦. | ସମସ୍ୟା | ୧୭୦-୧୮୮ |
| ୧୧. | ଉନ୍ନୟନ | ୧୮୯-୧୯୨ |
| ୧୨. | ପରିବର୍ତ୍ତନ | ୧୯୩-୨୦୨ |

# ଉପକ୍ରମଣିକା

ଭାରତବର୍ଷର ବିଭିନ୍ନ ପ୍ରଦେଶରେ ଜନଜାତିମାନେ ବିକ୍ଷିପ୍ତ ଭାବରେ ବସବାସ କରୁଛନ୍ତି । ଏମାନଙ୍କର ଗୌରବମୟ ଐତିହ୍ୟ ଓ ପରମ୍ପରା ଖୁବ୍ ମହାନ୍ । ଏମାନେ ଶବର, କିରାତ, ଆଭିର ବନେଚ଼ର, ଆଦିବାସୀ, ବନବାସୀ ହିସାବରେ ପରିଚିତ ହୋଇଥାନ୍ତି । ସରକାରୀ ପରିଭାଷାରେ ଏମାନଙ୍କୁ ଅନୁସୂଚିତ ଜନଜାତି ହିସାବରେ ସୂଚୀତ କରାଯାଇଛି । ଭାରତରେ ବସବାସ କରୁଥିବା ଆଦିବାସୀମାନେ ମୁଖ୍ୟତଃ ଚାରି ପ୍ରକାରର; ଯଥା: ମଙ୍ଗୋଲିୟ, ଦ୍ରାବିଡ଼, ମୁଣ୍ଡା ଏବଂ ଆର୍ଯ୍ୟ । ଏମାନଙ୍କ ମଧ୍ୟରେ ମଙ୍ଗୋଲିୟମାନେ ସର୍ବପୁରାତନ ଆଦିବାସୀ ଗୋଷ୍ଠୀ । ସର୍ବବୃହତ ଜନଜାତି ହିସାବରେ ଦ୍ରାବିଡ଼ମାନେ ଭାରତର ବାସପୋଯୋଗୀ ସମତଳ ଭୂମି ଏବଂ ନଦୀ ଉପତ୍ୟକାମାନଙ୍କରେ ପରବର୍ତ୍ତୀ ପର୍ଯ୍ୟାୟରେ ବସବାସ ଆରମ୍ଭ କଲେ । ପାରିପାର୍ଶ୍ୱିକ ପରିସ୍ଥିତି ତଥା ସାମାଜିକ ଭିତ୍ତିଭୂମିର ଭିନ୍ନତା ଦୃଷ୍ଟିକୋଣରୁ ସେମାନେ ଭିନ୍ନ ଭିନ୍ନ ଗୋଷ୍ଠୀଭାବରେ ଅଲଗା ଅଲଗା ଜୀବିକା ନିର୍ବାହ କଲେ । ପରବର୍ତ୍ତୀ ସମୟରେ ପୂର୍ବରୁ ଆସିଥିବା ଗୋଷ୍ଠୀମାନଙ୍କ ସହିତ ସାମିଲ୍ ହେଲେ । ପରେ ପରେ ଭାରତକୁ ଆର୍ଯ୍ୟମାନେ ଆସିଲେ । ଏମାନଙ୍କର ଆଗମନ ଫଳରେ ଦ୍ରାବିଡ଼ ଓ ମୁଣ୍ଡା ଗୋଷ୍ଠୀର ଲୋକେ ଦୁର୍ଗମ ଅଞ୍ଚଳକୁ ବିତାଡ଼ିତ ହୋଇ ନୂତନ ଭାବରେ ବସତି ସ୍ଥାପନ କଲେ । ଏମାନେ ମୁଖ୍ୟସ୍ରୋତରୁ ବିଚ୍ୟୁତ ହୋଇ କାଳକ୍ରମେ ପୂର୍ବ ସଂସ୍କୃତିଠାରୁ ଦୂରେଇ ଯାଇ ଏକ ନୂତନ ସାଂସ୍କୃତିକ ପରିମଣ୍ଡଳ ସୃଷ୍ଟି କରି ବିଭିନ୍ନ କ୍ଷୁଦ୍ରାତିକ୍ଷୁଦ୍ର ଗୋଷ୍ଠୀରେ ବିଭକ୍ତ ହୋଇ ପ୍ରତ୍ୟେକ ନିଜକୁ ଏକକ ଗୋଷ୍ଠୀ ହିସାବରେ ପରିଚିତ କଲେ । ଏହି ଗୋଷ୍ଠୀସମୂହ ସ୍ୱତନ୍ତ୍ର ଭାବରେ ସଂସ୍କୃତି, ଭାଷା, ରାଜନୈତିକ, ସାମାଜିକ ଜୀବନଚର୍ଯ୍ୟା ଏବଂ ଏକ ଭୌଗୋଳିକ ପରିମଣ୍ଡଳ ସୃଷ୍ଟି କଲେ । ତଥାକଥିତ ସଭ୍ୟ ଜନପଦ ସମାଜଠାରୁ ଦୂରରେ ଅରଣ୍ୟାଞ୍ଚଳରେ ଏହି ଜନଜାତି ବସବାସ କରିବାରୁ ଜନପଦ ଅଞ୍ଚଳର ଲୋକମାନେ ଏହି ଜନଜାତିମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିଲେ । ଫଳରେ ସେମାନେ ଆଦିବାସୀ, ବନବାସୀ, ବନଚ଼ର, ଶବର, ଆଭିର, କିରାତ, କିନ୍ନର ଇତ୍ୟାଦି ନାମରେ ନାମିତ ହେଲେ ।

ଭାରତରେ ପ୍ରାୟତଃ ୭୦୦ରୁ ଉର୍ଦ୍ଧ୍ୱ ଜନଜାତି ବସବାସ କରୁଥିବାର ଜଣାଯାଏ । ୨୦୦୧ ଜନଗଣନା ଅନୁସାରେ ଭାରତରେ ଏମାନଙ୍କ ସଂଖ୍ୟା ୮୪,୩୨୬,୨୪୦ । ଯାହା ମୋଟ ଜନସଂଖ୍ୟାର ୮.୨୦% । ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୮,୧୪୫,୦୮୧, ଯାହା ଓଡ଼ିଶାର ମୋଟ ଜନସଂଖ୍ୟାର ୨୨.୧୩ % । ସର୍ବଭାରତୀୟ ସ୍ଥିତି ସହିତ ଓଡ଼ିଶାକୁ

ତୁଳନା କଲେ ଓଡ଼ିଶାର ଆଦିବାସୀମାନଙ୍କର ସାମାଜିକ ଓ ସାଂସ୍କୃତିକ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ବସବାସ କରୁଥିବା ଜନଜାତି ବହୁବିଧ ସଂସ୍କୃତିର ଅଧିକାରୀ । ଅଧିକନ୍ତୁ ୬୨ ପ୍ରକାରର ଜନଜାତିଙ୍କ ବାସସ୍ଥଳୀ ଓଡ଼ିଶାର ସାଂସ୍କୃତିକ ପରିମଣ୍ଡଳ ସର୍ବଭାରତୀୟ ସାଂସ୍କୃତିକ ପରିମଣ୍ଡଳଠାରୁ ବହୁବର୍ଣ୍ଣା । ଏହି ସୂତ୍ରରେ ଗବେଷକ, ଭାଷାବିତ୍, ସଂସ୍କୃତିବିଦ୍ ତଥା ନୃତତ୍ତ୍ୱବିଦ୍‌ମାନଙ୍କୁ ଓଡ଼ିଶାର ଜନଜାତି କ୍ଷେତ୍ର ଆକୃଷ୍ଟ କରେ ।

ଏକ ବୈଭବମୟ ସଂସ୍କୃତି ଓ ଗୌରବମୟ ପରମ୍ପରାକୁ ନେଇ ଆଦିବାସୀ ଗୋଷ୍ଠୀ ପୁଷ୍ଟ ଏବଂ ପରିଚାଳିତ ହୋଇଥାଏ । ଗୋଟିଏ ସଂସ୍କୃତିକୁ ବୁଝିବାକୁ ହେଲେ ସର୍ବପ୍ରଥମେ ସଂପୃକ୍ତ ଗୋଷ୍ଠୀର ଲୋକମାନଙ୍କୁ ବୁଝିବା ଦରକାର । ଏହି କ୍ରମରେ ଓଡ଼ିଶାର ଆଦିବାସୀ ପରମ୍ପରାର 'ଜାତାପୁ' ବା 'ଜାତପୁ' ଗୋଷ୍ଠୀ ଅନ୍ୟତମ । ଏହି ଜନଜାତିର ସମାଜ, ସଂସ୍କୃତି ଓ ପରମ୍ପରା ବିଷୟ ଆଲୋଚନା ସାପେକ୍ଷ । ଜନମାନସରେ ଏହି ଜାତାପୁ ସଂପ୍ରଦାୟର ଚର୍ଚ୍ଚା ଖୁବ୍ ସୀମିତ । ଭାରତର ବିଭିନ୍ନ ପ୍ରାନ୍ତରେ ବିକ୍ଷିପ୍ତ ଭାବରେ ବସବାସ କରୁଥିଲେ ହେଁ 'ଜାତାପୁ' ସଂପ୍ରଦାୟର ଲୋକମାନେ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଆସାମ, ଆଣ୍ଡାମାନ ନିକୋବର ଆଦି ପ୍ରଦେଶରେ ବସବାସ କରିଥାନ୍ତି । ବିକ୍ଷିପ୍ତ ଭାବରେ ଏମାନଙ୍କ ଅବସ୍ଥିତି ଯୋଗୁଁ ଏମାନଙ୍କର ସଂସ୍କୃତି ଓ ପରମ୍ପରାରେ ବିବର୍ତ୍ତନର ସ୍ୱର ଖୁବ୍ ପ୍ରଖର । ତଥାପି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ବସବାସ କରୁଥିବା ଜାତାପୁମାନଙ୍କ ସଂସ୍କୃତିରେ ପରମ୍ପରାର ସ୍ୱର ସଂଜୀବିତ ଥିବା ଜଣାଯାଏ । ଓଡ଼ିଶାରେ ଏମାନେ ସ୍ୱଳ୍ପଜ୍ଞାତ ଜନଜାତି । ଓଡ଼ିଶାର ରାୟଗଡ଼ା, ଗଜପତି, ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ଜାତାପୁ ଜନଜାତିମାନେ ସଂଖ୍ୟା ବହୁଳ ଭାବରେ ବସବାସ କରନ୍ତି । ଅନ୍ୟଜିଲ୍ଲା ତୁଳନାରେ ରାୟଗଡ଼ାରେ ଏମାନେ ସଂଖ୍ୟାଗରିଷ୍ଠ । ରାୟଗଡ଼ା ଜିଲ୍ଲା ଅଧିନସ୍ଥ ଗୁଣୁପୁର୍ ଉପଖଣ୍ଡ ଅଞ୍ଚଳର ରାମନାଗୁଡ଼ା, ପଦ୍ମପୁର, ଗୁଣୁପୁର୍ ଏବଂ ଗୁଡ଼ାରି ବ୍ଲକ୍ ଅଞ୍ଚଳରେ ଜାତାପୁମାନେ ବହୁଳ ଭାବରେ ବସବାସ କରୁଥିବା ବେଳେ ରାୟଗଡ଼ା ଉପଖଣ୍ଡ ଅନ୍ତର୍ଗତ ରାୟଗଡ଼ା, କୋଲନରା ଏବଂ କଲ୍ୟାଣସିଂପୁର୍ ବ୍ଲକ୍‌ରେ ମଧ୍ୟ ଏମାନେ ବିକ୍ଷିପ୍ତ ଭାବରେ ବସବାସ କରନ୍ତି । ଏହାଛଡ଼ା ମାଲ୍‌କାନ୍‌ଗିରି ଏବଂ ନବରଙ୍ଗପୁର୍ ଜିଲ୍ଲାରେ ଏହି ସଂପ୍ରଦାୟର ଲୋକମାନେ ଅଳ୍ପ ସଂଖ୍ୟାରେ ବସବାସ କରନ୍ତି ।

କିମ୍ବଦନ୍ତୀରୁ ଜଣାଯାଏ ଯେ, 'ଜାତାପୁ' ସଂପ୍ରଦାୟର ଲୋକେ ନିଜକୁ ପାଣ୍ଡବବଂଶୀ ବୋଲି ପରିଚୟ ଦେଇଥାନ୍ତି । ଆଦିଶକ୍ତିଙ୍କ ମାୟାରୁ ଦୁଇ ଭାଇ ଭଉଣୀଙ୍କ ମଧ୍ୟରେ ପ୍ରେମ ସଂପର୍କ ଦୃଢ଼ୀଭୂତ ହେବାରୁ ସେମାନଙ୍କଠାରୁ ଜାତ ପ୍ରଥମ ସନ୍ତାନଙ୍କୁ ଆଦିମାନବ ବା

ଆଦିବାସୀ କୁହାଗଲା । ପରବର୍ତ୍ତୀ ପର୍ଯ୍ୟାୟରେ ସେହି ଆଦିମାନବ ବା ଆଦିବାସୀର ଔରସରୁ ଜାତ ପ୍ରଥମ ସନ୍ତାନକୁ 'ଜାତାପୁ' ବୋଲି କୁହାଗଲା । ପରମେଶ୍ୱର ଶ୍ରୀକୃଷ୍ଣଙ୍କ ମାୟା ବଳରେ ଜାତାପୁମାନେ ଭୋକ ଶୋଷରୁ ମୁକ୍ତି ପାଉଥିଲେ ବୋଲି ଜଣାଯାଏ । ଏହି ସ୍ୱଳ୍ପଜ୍ଞାତ ଜନଜାତିର ଲୋକେ ପ୍ରଥମେ ହସ୍ତିନାପୁରରେ ବାସ କରୁଥିବାର କିମ୍ବଦନ୍ତୀରୁ ଜଣାଯାଏ । କାଳକ୍ରମେ ଏମାନେ ଆନ୍ଧ୍ରପ୍ରଦେଶ ସମେତ ଓଡ଼ିଶା, ଝାଡ଼ଖଣ୍ଡ ଇତ୍ୟାଦି ପ୍ରଦେଶରେ ବିକ୍ଷିପ୍ତ ଭାବରେ ବସବାସ କଲେ । ତେବେ ଆନ୍ଧ୍ରପ୍ରଦେଶ ଏମାନଙ୍କର ମୂଳ ବାସସ୍ଥାନ ବୋଲି ଲୋକେ କହିଥାନ୍ତି ।

ପ୍ରାକୃତିକ ପରିବେଶ ସହିତ ଜାତାପୁମାନେ ଓତଃପ୍ରୋତଃ ଭାବେ ଜଡ଼ିତ । ପ୍ରକୃତିରୁ ସବୁକିଛି ସଂଗ୍ରହ କରି ସେମାନେ ସେମାନଙ୍କର ଜୀବିକା ନିର୍ବାହ କରିଥାନ୍ତି । ପ୍ରକୃତି ହିଁ ସେମାନଙ୍କ ପାଇଁ ସବୁକିଛି । ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଫଳ, ମୂଳ, କନ୍ଦା, ପତ୍ର, ଫୁଲ ଓ କାଠ ଇତ୍ୟାଦି ସଂଗ୍ରହ କରି ନିତିଦିନିଆ ଜୀବନକୁ ଚଳାଇ ନିଅନ୍ତି । ନଦୀ, ନାଳ, କିମ୍ବା ଝରଣାର ଜଳ ଏବଂ ଘଞ୍ଚ ଜଙ୍ଗଲରୁ ମିଳୁଥିବା ବିବିଧ ଜଙ୍ଗଲଜାତ ଦ୍ରବ୍ୟ ସେମାନଙ୍କର ଜୀବିକା ନିର୍ବାହର ଅନ୍ୟତମ ହେତୁ । ସେ ଯାହାହେଉ ପ୍ରକୃତି ପ୍ରେମୀ ଜାତାପୁମାନେ ଜଙ୍ଗଲ ବିନା ବଞ୍ଚିବା ନିରର୍ଥକ ମନେ କରନ୍ତି । ସେମାନଙ୍କର ଅର୍ଥନୈତିକ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ ବର୍ତ୍ତମାନ ଅଧିକାଂଶ ଜାତାପୁ ସଂପ୍ରଦାୟର ଲୋକେ କୃଷିକୁ ମୁଖ୍ୟ ଜୀବିକାରୂପେ ଗ୍ରହଣ କରିଛନ୍ତି । ପୂର୍ବାପେକ୍ଷା ଜଙ୍ଗଲରୁ ସେମାନେ କୌଣସି ଜଙ୍ଗଲଜାତ ଦ୍ରବ୍ୟ ପାଇପାରୁନାହାନ୍ତି । ଧୀରେ ଧୀରେ ଜଙ୍ଗଲ ମଧ୍ୟ ଲୋପ ପାଇବାକୁ ବସିଲାଣି । ଅର୍ଥନୈତିକ କ୍ଷେତ୍ରରେ ଅଗ୍ରଗତି ସକାଶେ କେତେକ ଲୋକ ଚାଷ ପରିବର୍ତ୍ତେ ଅନ୍ୟାନ୍ୟ କାର୍ଯ୍ୟକରିବା ପାଇଁ ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାକୁ ଆସୁଥିବା ବେଳେ ଆଉ କେତେକ ଲୋକ ବିଭିନ୍ନ କାରଖାନା, ଖଣି ଖାଦାନ ଇତ୍ୟାଦିରେ କାମ କରିବା ପାଇଁ ସହରାଭିମୁଖୀ ହେଉଛନ୍ତି । ସେମାନଙ୍କର ଅର୍ଥନୈତିକ ସ୍ଥିତି ଅନ୍ୟ ସଂପ୍ରଦାୟ ଭଳି ସେତେ ଭଲ ନଥିବା ଜଣାଯାଏ । ତେବେ ଜଙ୍ଗଲ ସହିତ ଏମାନଙ୍କ ସଂପୃକ୍ତି ଖୁବ୍ ବେଶି । ଜଙ୍ଗଲରୁ କାଠ ପୋଡ଼ି କୋଇଲା କରି ବିକ୍ରି କରିବା ଏକ ମୁଖ୍ୟ ପେଶା ରୂପରେ ସମ୍ପ୍ରତି ଜାତାପୁ ଜନଜାତିମାନେ ଗ୍ରହଣ କଲେଣି ।

ଜାତାପୁ ସଂପ୍ରଦାୟ ଲୋକଙ୍କର ଚାଲିଚଳଣି, ଆଚାର ବ୍ୟବହାର ଅନ୍ୟ ଜନଜାତିଙ୍କଠାରୁ ଭିନ୍ନ ମନେହୁଏ । ପୂର୍ବେ ଏମାନଙ୍କର ସାମାଜିକ ଜୀବନ ସରଳ ଓ ଶୃଙ୍ଖଳିତ ଥିଲାବେଳେ ବର୍ତ୍ତମାନ ସାମାଜିକ ଜୀବନଯାପନରେ ଜଟିଳତା ଦେଖାଦେଇଛି ।

ସେ ସମୟରେ ପରିବାର ମୁଖିଆ କେନ୍ଦ୍ରୀକ ଥିଲାବେଳେ ବର୍ତ୍ତମାନ ସେଥିରେ ପରିବର୍ତ୍ତନ ଘଟିଛି । ପରିବାରର ମୁଖ୍ୟ ହିସାବରେ ପିତାଙ୍କ ପ୍ରତି ସମ୍ମାନବୋଧ ଥିଲେ ମଧ୍ୟ ଇଚ୍ଛାନୁସାରେ ବିଭିନ୍ନ କାର୍ଯ୍ୟ କରିବାକୁ ଜାତାପୁ ସଂପ୍ରଦାୟର ଯୁବଗୋଷ୍ଠୀ ପଶ୍ଚାତ୍‌ପଦ ହେଉନାହାନ୍ତି । ବିବାହ ପରେ ପରିବାରର ନବଦମ୍ପତି ଅଲଗା ରହିବାକୁ ପସନ୍ଦ କରନ୍ତି । ପୂର୍ବେ ପାରମ୍ପରିକ ରୀତିରେ ବିବାହ ଭଳି ସାମାଜିକ କାର୍ଯ୍ୟମାନ ଅନୁଷ୍ଠିତ ହେଉଥିଲା । ପିତାମାତାଙ୍କ ଇଚ୍ଛା ତଥା ପୁଅର ଇଚ୍ଛାରେ ବିବାହ ସ୍ଥିର ହେଉଥିବା ବେଳେ ବର୍ତ୍ତମାନ ଜାତାପୁ ସମାଜରେ ବିବାହ କ୍ଷେତ୍ରରେ ବିଶେଷତଃ କନ୍ୟା ମନୋନୟନ କ୍ଷେତ୍ରରେ ପିତାମାତାଙ୍କ ଭୂମିକା ଗୌଣ ହୋଇଯାଉଛି । ଏହା ସତ୍ତ୍ୱେ ବି କେତେକ ଅଞ୍ଚଳରେ ପାରଂପରିକ ବିଧିବିଧାନ ଅନୁସାରେ ଅଦ୍ୟାବିଧି ବିବିଧ ସାମାଜିକ କାର୍ଯ୍ୟ ସଂପାଦିତ ହେଉଥିବା ଜଣାଯାଏ । ପଡ଼ୋଶୀ ସମାଜର ପ୍ରଭାବ, ତଥା ଆଧୁନିକତାର ପ୍ରଭାବ ଫଳରେ ନିଜସ୍ୱ ପାରଂପରିକ ଚଳଣିରେ ପରିବର୍ତ୍ତନ ହେବା ସ୍ୱାଭାବିକ ।  ତଥାପି ନିଜ ଜାତି ପାଇଁ ସେମାନେ ଗର୍ବୀତ ଏବଂ ଜାତି ଆଧାରରେ ନିଜ ପରିଚୟ ପ୍ରଦାନ କରିବାକୁ କୁଣ୍ଠିତ ନୁହନ୍ତି । ଏକ ଦିଗରେ ଆଧୁନିକତାର ଅନୁପ୍ରବେଶ ଅନ୍ୟ ଦିଗରେ ପରଂପରାର ମୋହ, ଏହି ଉଭୟର ଦୋଛକିରେ ଜାତାପୁ ସମାଜ ହନ୍ତସନ୍ତ । ଏହି ଦୃଷ୍ଟିରୁ ସାମାଜିକ ଜୀବନରେ ସଚେତନତାର ଆବଶ୍ୟକତା ରହିଛି । ଜାତିର ପାରଂପରିକ ନୀତିନିୟମକୁ ମାନିବା ଏବଂ ପରଂପରା ଗତ ବିବିଧ ବିଷୟକୁ ଜାଣିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ଲୋକ ଲୋଚନାକୁ ଆଣିବା କ୍ଷେତ୍ରରେ ଆଗ୍ରହ ତଥା ଉତ୍ସାହ ରହିବା ବାଞ୍ଛନୀୟ ।

ସମାଜକୁ ଶୃଙ୍ଖଳିତ ତଥା  ବ୍ୟବସ୍ଥିତ ଭାବରେ ଗଢିତୋଳିବା ଏବଂ ଲୋକମାନଙ୍କୁ ନ୍ୟାୟ ମାର୍ଗ ପ୍ରଦର୍ଶନ କରିବାରେ ଗ୍ରାମସଭା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଜାତାପୁ ସମାଜରେ ଗ୍ରାମସ୍ତରରେ ରାଜନୈତିକ ପରିଷଦ ଭାବରେ 'ପଞ୍ଚାଇତି' କାର୍ଯ୍ୟ କରେ । ଏହି ପଞ୍ଚାଇତିର ମୁଖ୍ୟ ହେଲେ 'ଜାନୀ' । ସେ ଉଭୟ ଶାସନ ମୁଖ୍ୟ ଏବଂ ପୁରୋହିତ କାର୍ଯ୍ୟ ତୁଲାଇଥାନ୍ତି । ବାର୍ତ୍ତାବାହକରୂପେ ଡମ୍ବ ସଂପ୍ରଦାୟର ଜଣେ କାମ ତୁଲାଇଥାନ୍ତି । ଗୋଟିଏ ଅଞ୍ଚଳର ମୁଖିଆ ହିସାବରେ 'ଜାତିପେଦା' ବା 'ମଣ୍ଡଳ ନାଇଡୁ' ରହି ଗ୍ରାମକୁ ପରିଚାଳିତ କରିଥାନ୍ତି । ରାଜନୈତିକ ମୁଖ୍ୟ ହିସାବରେ ଜାନୀ ଗ୍ରାମସଭାରେ ସଭାପତିତ୍ୱ କରନ୍ତି । ସେ ହିଁ ପ୍ରତ୍ୟେକ ବିଚାରରେ ଶେଷ ନିଷ୍ପତ୍ତି ଘୋଷଣା  କରିଥାନ୍ତି । ଗ୍ରାମସ୍ତରରେ ଯେଉଁ ମୋକଦ୍ଦମା ସମାଧାନ ହୋଇ ନପାରେ

ଜାତିପେଦା ବା 'ମଣ୍ଡଳନାଇତ୍ରୁ'ଙ୍କ ଉପସ୍ଥିତିରେ ତାହା ସମାଧାନ ହୋଇଥାଏ । ଏହି ପାଞ୍ଚେଇତିରେ ଗ୍ରାମର ବିଭିନ୍ନ ପ୍ରକାରର ବିବାଦର ସହଜ ସମାଧାନ କରାଯାଇ ଲୋକମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ଦ୍ୱାରା ଗ୍ରାମରେ ଶାନ୍ତିଶୃଙ୍ଖଳା ବଜାୟ ରହିଥାଏ ।

ଧର୍ମୀୟ ଜୀବନକୁ ବାସ୍ତବରୂପ ଦେବା ପାଇଁ ଜାତାପୁ ସଂପ୍ରଦାୟର ଲୋକମାନେ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପୂଜାପାଠ ତଥା ପର୍ବପର୍ବାଣି ସହିତ ଓତଃପ୍ରୋତଃ ଭାବେ ଜଡ଼ିତ । ମକର ପର୍ବ, ନୂଆଖାଇ ଇତ୍ୟାଦି ପର୍ବରେ 'ଜାନୀ' ବିଭିନ୍ନ ପୂଜା ସାମଗ୍ରୀ ସହିତ କୁକୁଡ଼ା କିମ୍ବା ଛେଳି ବଳୀ ମାଧମରେ ପୂଜା କରି ଗ୍ରାମ ଦେବଦେବୀଙ୍କୁ ସନ୍ତୁଷ୍ଟ କରିଥାନ୍ତି । ସେହିଭଳି ଗ୍ରାମ ମଧ୍ୟରେ କୌଣସି ମହାମାରୀ ରୋଗ ବ୍ୟାପିଲେ ତା'ର ନିରାକରଣ ପାଇଁ ତଥା ଭୂତ, ପ୍ରେତ, ଡ଼ାହାଣି ଆଦି ଦୁଷ୍ଟଶକ୍ତିମାନଙ୍କୁ ଦମନ କରିବା ପାଇଁ ପାରଂପରିକ ରୀତିରେ ଗୁଣିଆ(ବେଜୁ) ବା ଜୋଡ୍ରୁମାନେ ପୂଜାପାଠର ସାହାଯ୍ୟ ନେଇଥାନ୍ତି ।

ପରିବେଶ ଓ ପରିସ୍ଥିତିକୁ ନେଇ ଜୀବନକାଳ ମଧ୍ୟରେ ଲୋକମାନେ ବିଭିନ୍ନ ରୋଗର ଶିକାର ହୋଇଥାନ୍ତି । ସେହିଭଳି ଭାବରେ 'ଜାତାପୁ' ସଂପ୍ରଦାୟର ଲୋକମାନେ ବିବିଧ ରୋଗର ନିରାକରଣ ପାରଂପରିକ ରୀତିରେ କରିଥାନ୍ତି । କେତେକ ରୋଗର ନିଦାନ ପାଇଁ ସଂପୂର୍ଣ୍ଣ ଭାବେ ପ୍ରକୃତି ଉପରେ ନିର୍ଭର କରିବାକୁ ପଡୁଥିଲାବେଳ ଆଉ କେତେକ ରୋଗର ନିରାକରଣ ପାଇଁ ପାରଂପରିକ ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ ହିସାବରେ ଦିସାରୀ ବା 'ଡ଼ିସାରୋଡ୍ରୁ' ଉପରେ ନିର୍ଭର କରିବାକୁ ପଡିଥାଏ । ପାରଂପରିକ ଚିକିତ୍ସାକୁ ପୂର୍ବେ ଲୋକେ ଅଧିକ ପସନ୍ଦ କରୁଥିବା ବେଳେ ବର୍ତ୍ତମାନ ଲୋକମାନେ ଡ଼ାକ୍ତରୀ ଔଷଧ ପ୍ରତି ଆଗ୍ରହ ପ୍ରକାଶ କଲେଣି । ତଥାପି କେତେକ ସ୍ଥାନରେ ଅଦ୍ୟାବଧି ଲୋକମାନେ ପାରଂପରିକ ଔଷଧ, ପାରଂପରିକ ଗ୍ରାମପୂଜକ (ଜାନୀ), ଗୁଣିଆ ଭାବରେ ବେଜୁ (ଏଜୋଡ୍ରୁ /ଏଜୋରାଲୁ), ବୈଦ୍ୟ ବା ଦିସାରୀ ହିସାବରେ 'ଡ଼ିସାରୋଡ୍ରୁ'ଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିବାର ଜଣାଯାଏ ।

ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପର୍ବପର୍ବାଣୀ ପାଳନ ଅବସରରେ ଜାତାପୁ ସଂପ୍ରଦାୟର ଲୋକମାନେ ନୃତ୍ୟଗୀତରେ ମଜି ରହନ୍ତି । ପୂର୍ବର ରାଗ, ଦ୍ୱେଷ, ହିଂସା, ଇତ୍ୟାଦି ନୃତ୍ୟଗୀତ ଅବସରରେ ମନରୁ ଲିଭିଯାଏ । ସମସ୍ତଙ୍କ ମଧ୍ୟରେ ଏକତାରଭାବ ଉଦ୍ରେକ କରିଥାଏ ନୃତ୍ୟଗୀତର ଆସର । ନୃତ୍ୟଗୀତ ବିନା ସେମାନଙ୍କ ଜୀବନ ନୀରସ ମନେ ହୋଇଥାଏ ।

ଦୈନନ୍ଦିନ ଜୀବନରେ ବଞ୍ଚିବା ପାଇଁ ଜାତାପୁମାନେ ଭାତ(ଆନ୍ନାମ୍ /ବୁଆ)କୁ ପ୍ରଧାନ ଖାଦ୍ୟଦ୍ରବ୍ୟ ଭାବରେ ଗ୍ରହଣ କରିଥାନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ପଶୁ ଓ ପକ୍ଷୀର ମାଂସ ଏବଂ ବିଭିନ୍ନ ପ୍ରକାର ମାଛ ଖାଇବାକୁ ଭଲ ପାଆନ୍ତି । ଜଙ୍ଗଲରୁ ବିଭିନ୍ନ ଫୁଲ, କନ୍ଦା, ପତ୍ର, ଛତୁ ଇତ୍ୟାଦି ସଂଗ୍ରହ କରି ଖାଇବା ସଙ୍ଗେ ସଙ୍ଗେ ବାଡ଼ିବଗିଚାରୁ ବିଭିନ୍ନ ପ୍ରକାର ପନିପରିବାକୁ ଭଜା ଏବଂ ତରକାରୀ ଭାବେ ଖାଇଥାନ୍ତି । ବିଭିନ୍ନ ପର୍ବପର୍ବାଣି ତଥା ସ୍ୱତନ୍ତ୍ର ଉତ୍ସବମାନଙ୍କରେ ଭାତ ସହିତ ମାଂସ ତରକାରୀ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ପିଠା ମଧ୍ୟ ତିଆରି କରିଥାନ୍ତି ।

ଖାଦ୍ୟ ଭଳି ପାନୀୟକୁ ଜାତାପୁ ସଂପ୍ରଦାୟର ଲୋକେ ଜୀବନର ଅନ୍ୟତମ ମୁଖ୍ୟ ଉପାଦାନ ଭାବେ ଗ୍ରହଣ କରିଥାନ୍ତି । ଏମାନେ ସାଧାରଣତଃ ଖଜୁରୀରସ (ଇତା କାଲ୍ଲୁ), ମହୁଲି ମଦ (ମଗାଲୁ କାଲ୍ଲୁ), ହାଣ୍ଡିଆ ଇତ୍ୟାଦି ତିଆରି କରି ପାନ କରିଥାନ୍ତି । ସେମାନଙ୍କ ସାମାଜିକ ଏବଂ ଧର୍ମୀୟ ଜୀବନକୁ ଏହି ପାନୀୟ ସଂପୂର୍ଣ୍ଣ ଭାବରେ ପ୍ରଭାବିତ କରିଥାଏ । ଜାତାପୁ ସମାଜରେ ପ୍ରଚଳିତ ବିବିଧ ପର୍ବପର୍ବାଣି ତଥା ବିବାହାଦି ସାମାଜିକ ଉତ୍ସବାନୁଷ୍ଠାନମାନଙ୍କରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୁବକଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ପାନୀୟ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ ।

ଜାତାପୁମାନେ ଦ୍ରାବିଡ଼ ଭାଷା ପରିବାର ଅନ୍ତର୍ଭୁକ୍ତ । ଏମାନଙ୍କ ମାତୃଭାଷା ହେଉଛି ତେଲୁଗୁ । ତେବେ ଓଡ଼ିଶାରେ ବସବାସ କରୁଥିବା ଜାତାପୁମାନଙ୍କର ଭାଷାରେ ସ୍ଥାନୀୟ ଓଡ଼ିଆ ଉପାଦାନର ମିଶ୍ରିତ ରୂପ ପରିଲକ୍ଷିତ ହୋଇଥାଏ । ବର୍ତ୍ତମାନ ଅଧିକାଂଶ ଲୋକ ତେଲୁଗୁ ଭାଷା କହିବା ସଙ୍ଗେ ସଙ୍ଗେ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ଭାବ ବିନିମୟ କରୁଛନ୍ତି । ଏହି ସଂପ୍ରଦାୟ ଲୋକମାନଙ୍କର ଓଡ଼ିଆ ଭାଷାରେ ଦକ୍ଷତା ମଧ୍ୟ କମ୍ ନୁହେଁ । ସାକ୍ଷରତା ସଂଖ୍ୟା ବେଶି ନଥିଲେ ମଧ୍ୟ ଶିକ୍ଷା ପ୍ରତି ଜାତାପୁ ସମାଜର ଦୁର୍ବଳତା ରହିଛି ।

ପୂର୍ବେ ଜାତାପୁ ପୁରୁଷମାନେ ପାରଂପରିକ ପୋଷାକ ହିସାବରେ ଲେଙ୍ଗୁଟି ପିନ୍ଧୁଥିଲା ବେଳେ ମହିଳାମାନେ ତନ୍ତବୁଣା ଖଦଡ଼ ଶାଢ଼ିକୁ ଶରୀରର ଅଣ୍ଟାତଳକୁ ପିନ୍ଧୁଥିଲେ ଏବଂ ଅଣ୍ଟାଠାରୁ ବେକ ପର୍ଯ୍ୟନ୍ତ ଅଂଶକୁ ଛୋଟ ଗାମୁଛାରେ ଆବୃତ୍ତ କରି ରଖୁଥିଲେ । ସମୟର ପରିବର୍ତ୍ତନ ଫଳରେ ସେମାନଙ୍କର ବେଶଭୂଷାରେ ମଧ୍ୟ ଅନେକ ପରିବର୍ତ୍ତନ ହେଲାଣି । ବର୍ତ୍ତମାନ ବୟସ୍କ ପୁରୁଷମାନେ ଧୋତି ପିନ୍ଧିବା ସଙ୍ଗେ ସଙ୍ଗେ ପୁରା ପ୍ୟାଣ୍ଟ, ସାର୍ଟ ଏବଂ ପଞ୍ଜାବୀ ପିନ୍ଧୁଛନ୍ତି । ସେହିଭଳି ସ୍ତ୍ରୀଲୋକ ଅତ୍ୟାଧୁନିକ ରଙ୍ଗବେରଙ୍ଗର ଶାଢ଼ୀ ପିନ୍ଧିବା

ସାଙ୍ଗକୁ ସାୟା, ବ୍ଲାଉଜ୍ ପିନ୍ଧିଲେଣି । ଯୁବତୀମାନେ ପଡ଼ୋଶୀ ତେଲୁଗୁ ବେଶଭୂଷାକୁ ଅନୁସରଣ କରି ଲାଙ୍ଗା ଏବଂ ଓ୍ୱାଣୀ ପିନ୍ଧୁଥିବା ବେଳେ ଯୁବକମାନେ ଜୀନ୍ସ୍ ପ୍ୟାଣ୍ଟ, ଟି-ସାର୍ଟ ଇତ୍ୟାଦି ପିନ୍ଧୁଥିବାର ଦୃଷ୍ଟିଗୋଚର ହୁଏ । ବିଭିନ୍ନ ପର୍ବପର୍ବାଣୀରେ ମଧ୍ୟ ନୂତନ ପୋଷାକ ପିନ୍ଧିବାକୁ ସେମାନେ ପସନ୍ଦ କଲେଣି । ଏହା ସତ୍ତ୍ୱେ ବି କେତେକ ଦୁର୍ଗମ ଅଞ୍ଚଳରେ ରହୁଥିବା ଜାତାପୁମାନେ ବିଶେଷ କରି ବୃଦ୍ଧବୃଦ୍ଧାମାନେ ଅଦ୍ୟାବିଧି ପାରମ୍ପରିକ ପୋଷାକ ପରିଧାନ କରୁଥିବାର ଜଣାଯାଏ । ଜାତାପୁ ସଂପ୍ରଦାୟର ଲୋକମାନେ ବିଭିନ୍ନ ପ୍ରକାରର ଅଳଙ୍କାର ବ୍ୟବହାର କରନ୍ତି । ଗରିବ ଶ୍ରେଣୀର ଲୋକେ ପିତଳ କିମ୍ବା ରସର ଅଳଙ୍କାର ପିନ୍ଧୁଥିବା ବେଳେ ଧନୀ ଶ୍ରେଣୀର ଲୋକେ ସୁନାର ଅଳଙ୍କାର ପିନ୍ଧିଥାନ୍ତି । ଆଧୁନିକତାର ପ୍ରଭାବରେ ଅଳଙ୍କାର ପରିଧାନରେ ଅନେକ ପରିବର୍ତ୍ତନ ହୋଇଛି । ବର୍ତ୍ତମାନ ବଜାରରେ ମିଳୁଥିବା ତାରକସୀ କାମ ହୋଇଥିବା ଅଳଙ୍କାରକୁ କିଣି ପିନ୍ଧୁଥିବାର ପରିଲକ୍ଷିତ ହୋଇଥାଏ । ପାରମ୍ପରିକ ଅଳଙ୍କାର ପରିବର୍ତ୍ତେ ଅତ୍ୟାଧୁନିକ ଢଙ୍ଗରେ ତିଆରି ଅଳଙ୍କାର ପିନ୍ଧିବାରେ ଲୋକମାନଙ୍କର ରୁଚି ଅଧିକ ରହିଥିବାର ଜଣାଯାଏ ।

ଚିତାକୁଟିବା ଜାତାପୁ ଜନଜାତିର ଏକ ପରମ୍ପରା । ଜାତାପୁ ମହିଳାମାନେ ଶରୀରର ବିଭିନ୍ନ ସ୍ଥାନରେ ସୁନ୍ଦର ଭାବରେ ଚିତା କୁଟାଇଥାନ୍ତି । ଯୁବତୀମାନେ ସେମାନଙ୍କ କପାଳ, ଗାଲ, ଥୋଡ଼ି, ବାମପାର୍ଶ୍ୱ ନାକରେ ଚିତା କୁଟାଇଥାନ୍ତି । ବିବାହ ପୂର୍ବରୁ ଯୁବତୀମାନେ ବିଭିନ୍ନ ପ୍ରକାର ଫୁଲର ଚିତାକୁ ବାହୁରେ, କହୁଣୀର ତଳ ଭାଗରେ, ପାଦରେ କୁଟାଇଥାନ୍ତି । ଶରୀରର ସୌନ୍ଦର୍ଯ୍ୟବୃଦ୍ଧି ସାଙ୍ଗକୁ ମୃତ୍ୟୁପରେ ଏହା ଏକମାତ୍ର ସନ୍ତକ ହିସାବରେ ସାଙ୍ଗରେ ମଣିଷ ନେଇଥାଏ ବୋଲି ଅଦ୍ୟାବିଧି ବିଶ୍ୱାସ ରହିଛି ।

ପ୍ରକାଶିତ 'ଜାତାପୁ ଜୀବନଧାରା' ପୁସ୍ତକଟି ଜାତାପୁ ଜନଜାତିମାନଙ୍କର ବସତି, ପରିବେଶ, ସଂସ୍କୃତି ଓ ପରମ୍ପରା, ସମସ୍ୟା, ଉନ୍ନୟନ କାର୍ଯ୍ୟକ୍ରମ ଇତ୍ୟାଦି ଉପରେ ପର୍ଯ୍ୟବେକ୍ଷିତ । ପୁସ୍ତିକାର ପ୍ରାରମ୍ଭରେ କିମ୍ବଦନ୍ତୀ ଓ ଜାତାପୁ ଜନଜାତି ବିଷୟରେ ସମ୍ୟକ୍ ଧାରଣା ଦିଆଯାଇଛି । ଏଥିରେ ଜାତାପୁ ଜନଜାତିର ଉତ୍ପତ୍ତି ସମ୍ବନ୍ଧୀୟ କିମ୍ବଦନ୍ତୀ, ବସତି ଅଞ୍ଚଳ, ପରିବେଶ, ବିଭିନ୍ନ ପ୍ରକାର ବୃକ୍ଷଲତା, ଗୁଳ୍ମ, ପଶୁ, ପକ୍ଷୀ, ପଥର, ବଣଜଙ୍ଗଲ, ମାଟି, ବିଭିନ୍ନ କିସମର ଜମି, ଜଳଉତ୍ସ, ଗମନାଗମନ, ପାରମ୍ପରିକ ପରିବେଶ ସଂରକ୍ଷଣ, ଗ୍ରାମ ସରଞ୍ଚନା, ଗୃହ, ବାସଗୃହ ନିର୍ମାଣର ପ୍ରାକ୍ ଶୁଭାଶୁଭ ସୂଚନା, ଗୃହ ନିର୍ମାଣ ପଦ୍ଧତି, ପଡ଼ୋଶୀ ଗୋଷ୍ଠୀଙ୍କ ସହିତ ସମ୍ପର୍କ ତଥା ଏମାନଙ୍କର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଇତ୍ୟାଦି ବିଷୟରେ ସବିଶେଷ ବର୍ଣ୍ଣନା କରାଯାଇଛି । ଦ୍ୱିତୀୟ ଅଧ୍ୟାୟରେ ଜାତାପୁମାନଙ୍କର 'ଜୀବନଚକ୍ର'

ବିଷୟରେ ଆଲୋଚନା କରାଯାଇଛି । ଏଥିରେ ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ କେତେକ ବିଷୟ ଉପସ୍ଥାପନା କରାଯାଇଛି । ଗର୍ଭାବସ୍ଥାରେ ମହିଳା ପାଇଁ ବାରଣ, ସାମାଜିକ ଓ ସାଂସ୍କୃତିକ ବିଧିବିଧାନ, ଶିଶୁଜନ୍ମ ସମ୍ବନ୍ଧୀୟ ପ୍ରାକ୍ ସୂଚନା, ପ୍ରସୂତୀ ପାଇଁ ବାରଣ, ଧାଇବୁଢୀର ଭୂମିକା, ଷଠିଆରି, ନାମକରଣ, ଶିଶୁର ଯତ୍ନ, କାନଫୋଡା, ନାକଫୋଡା, ମନୁଷ୍ୟର ବିଭିନ୍ନ ଅବସ୍ଥା: ଶୈଶବ, କୈଶୋର, ଯୌବନ, ବିବାହ, ବିବାହ ପଦ୍ଧତି, କନ୍ୟାସୁନା, ବିଭିନ୍ନ ପ୍ରକାରର ବିବାହ, ବାର୍ଦ୍ଧକ୍ୟ, ଜରା, ମୃତ୍ୟୁ, ଶବସଂସ୍କାର ଇତ୍ୟାଦି ବିଷୟ ଉଲ୍ଲିଖିତ ହୋଇଛି । ପରବର୍ତ୍ତୀ ଅଧ୍ୟାୟଟି ଅର୍ଥନୈତିକ ସଂଗଠନ ଉପରେ ପର୍ଯ୍ୟବେଶିତ । ଏଥିରେ ଜଙ୍ଗଲ ଓ ଅର୍ଥନୀତି, ଜଙ୍ଗଲରୁ କାଠ, ମହୁ, ଝୁଣା, ଫୁଲ, ଫଳ, ପତ୍ର, କନ୍ଦା, ଛତୁଶାଗ ଇତ୍ୟାଦିର ସଂଗ୍ରହ ପଦ୍ଧତି, ବ୍ୟବହାର, ସଂରକ୍ଷଣ ପଦ୍ଧତି, ଶିକାର, ଶିକାର କ୍ଷେତ୍ରରେ ବ୍ୟବହୃତ ଉପକରଣ, ବିଭିନ୍ନ ପ୍ରକାର ଶିକାର, ଶିକାର ସଂଶ୍ଳିଷ୍ଟ ପୂଜାବିଧି, ଶିକାର କରିବା ଉପାୟ, ଶିକାର ସମ୍ପୃକ୍ତ ଶୁଭାଶୁଭ ଇତ୍ୟାଦି ବିଷୟ ଲିଖିତ । ଏହା ସହିତ ମାଛ ଧରିବା ପ୍ରଣାଳୀ, ଶ୍ରମ ବିଭାଜନ, ବସ୍ତୁ ସଂସ୍କୃତି, ପଶୁପାଳନ, ଆୟର ଉତ୍ସ, ବ୍ୟୟ, ସଞ୍ଚୟ, କରଜ ବିଷୟ ଉଲ୍ଲିଖିତ । ଏତଦ୍‌ବ୍ୟତୀତ ଖାଦ୍ୟ ଓ ଖାଦ୍ୟ ସମ୍ପାଦନ ପକ୍ରିୟା, ବିଭିନ୍ନ ପ୍ରକାରର ଖାଦ୍ୟ, ଖାଦ୍ୟର ଉପାଦେୟତା, ପାନୀୟ, ବିଭିନ୍ନ ପ୍ରକାର ପାନୀୟ, ବିଭିନ୍ନ ପ୍ରକାର ପାନୀୟର ପ୍ରସ୍ତୁତି ପ୍ରଣାଳୀ, ବ୍ୟବହାର ଉପାଦେୟତା, ତଥା ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବିଭାଜନ ବିଷୟ ବର୍ଣ୍ଣିତ ହୋଇଛି । 'ସାମାଜିକ ସଂଗଠନ' ବିଷୟଟି ଚତୁର୍ଥ ଅଧ୍ୟାୟରେ ସ୍ଥାନୀତ । ଏହି ଅଧ୍ୟାୟରେ ପରିବାର, ବଂଶ, ଗୋତ୍ର ମଧ୍ୟରେ ସମ୍ପର୍କ, ସମ୍ପର୍କର ବିଭିନ୍ନ ସ୍ତର ଇତ୍ୟାଦି ବିଷୟ ଲିଖିତ । ସାମାଜିକ ବିଶୃଙ୍ଖଳା, ବିଭିନ୍ନ ଲୋକଙ୍କ ସାମାଜିକ ସ୍ଥିତି, ଇତ୍ୟାଦି ବିଷୟ ଏହି ଅଧ୍ୟାୟରେ ସବିଶେଷ ଆଲୋଚିତ ହୋଇଛି । ପରବର୍ତ୍ତୀ ଅଧ୍ୟାୟରେ 'ରାଜନୈତିକ ସଂଗଠନ' ବିଷୟଟି ଉପସ୍ଥାପନ କରାଯାଇଛି । ଏହି ଅଧ୍ୟାୟରେ ପାରମ୍ପରିକ ଗ୍ରାମସଭା (ପଞ୍ଚାଇତି)ର ଗଠନ, କାର୍ଯ୍ୟ, ଗ୍ରାମସଭା ସଦସ୍ୟମାନଙ୍କର କାର୍ଯ୍ୟକଳାପ, ପଞ୍ଚରେ ଆଲୋଚନା, ନିଷ୍ପତ୍ତି ଓ ନ୍ୟାୟ ଘୋଷଣା ପଦ୍ଧତି, ବିଭିନ୍ନ ପ୍ରକାର ଦଣ୍ଡ; ଶାରୀରିକ, ଆର୍ଥିକ, ସାମାଜିକ, ଶପଥପାଠ, ପଞ୍ଚରେ ବିଚାର କରାଯାଉଥିବା ମାମଲା, ଆଧୁନିକ ପଞ୍ଚାୟତରାଜ୍ ବ୍ୟବସ୍ଥା, ପାରମ୍ପରିକ ଗ୍ରାମସଭା ଓ ଥାନା ଇତ୍ୟାଦି ବିଷୟ ଉଲ୍ଲିଖିତ । ଷଷ୍ଠ ଅଧ୍ୟାୟରେ 'ଯାଦୁବିଦ୍ୟା ଓ ଧର୍ମ' ବିଷୟଟି ସ୍ଥାନ ପାଇଛି । ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ ହିସାବରେ ପରିବାର ସ୍ତରରେ ପରିବାର ମୁଖ୍ୟ, ଗ୍ରାମସ୍ତରରେ ଦେହୁରୀ ବା 'ଜାନି', ଗୁଣିଆ ଇତ୍ୟାଦିଙ୍କ

କାର୍ଯ୍ୟକଳାପ, ଏମାନଙ୍କ ପ୍ରତି ଲୋକମାନଙ୍କ ମନୋଭାବ, ସମାଜ ଉପରେ ଗୁଣିଗାରେଡ଼ିର ପ୍ରଭାବ, ବିଭିନ୍ନ ଅଲୌକିକ ସତ୍ତା, ଗ୍ରାମ ବନ୍ଧନ ପଦ୍ଧତି, ବିଭିନ୍ନ ପ୍ରକାର ପୂଜା ଓ ପର୍ବପର୍ବାଣୀ ଇତ୍ୟାଦି ବିଷୟ ଏଥିରେ ପର୍ଯ୍ୟବେଶିତ । ପରବର୍ତ୍ତୀ ସପ୍ତମ ଅଧ୍ୟାୟରେ 'ଜାତାପୁ ମହିଳା' ବିଷୟଟି ରହିଛି । ଏଥିରେ ବିଭିନ୍ନ ଅବସ୍ଥାରେ ଜଣେ ମହିଳାର ଭୂମିକା, ସାମାଜିକ ଅବସ୍ଥା, କେତେକ କ୍ଷେତ୍ରରେ ମହିଳା ପାଇଁ ବାରଣ, ବିଭିନ୍ନ କ୍ଷେତ୍ରରେ ମହିଳାର ଭୂମିକା ଇତ୍ୟାଦି ସମ୍ପର୍କରେ ସବିଶେଷ ବର୍ଣ୍ଣନା କରାଯାଇଛି । 'ଲୋକ ପରମ୍ପରା' ବିଷୟଟି ଅଷ୍ଟମ ଅଧ୍ୟାୟରେ ସ୍ଥାନୀତ । ଏହି ଅଧ୍ୟାୟରେ ପରମ୍ପରାକୁ ଭିତ୍ତି କରି ବିବିଧ ବିଷୟ ଉପସ୍ଥାପନ କରାଯାଇଛି । ପରବର୍ତ୍ତୀ ଅଧ୍ୟାୟରେ 'ସମସ୍ୟା' ବିଷୟଟିକୁ ସ୍ଥାନ ଦିଆଯାଇଛି । ଏଥିରେ ଜାତାପୁମାନଙ୍କର ବିବିଧ ସମସ୍ୟା: ପାରିପାର୍ଶ୍ୱିକ, ବସତି, ଗୃହ, ପାନୀୟଜଳ, ପୋଡୁଚାଷ, ଜଙ୍ଗଲ ଉଚ୍ଛେଦୀ କରଣ, ପଶୁବଳୀ, ବାୟୁ ପ୍ରଦୂଷଣ ଇତ୍ୟାଦି ବିଷୟ ଉଲ୍ଲିଖିତ ହୋଇଛି । ଏଥି ସହିତ ସାମାଜିକ, ଅର୍ଥନୈତିକ ଧର୍ମ ସଂକ୍ରାନ୍ତୀୟ, ରାଜନୈତିକ, ନାରୀ ସମସ୍ୟା ଇତ୍ୟାଦି ଏଥିରେ ସନ୍ନିବେଶିତ ହୋଇଛି । ଦଶମ ଅଧ୍ୟାୟରେ 'ଉନ୍ନୟନ କାର୍ଯ୍ୟକ୍ରମ' ବିଷୟଟି ସ୍ଥାନ ପାଇଛି । ବିବିଧ ଉନ୍ନୟନ କାର୍ଯ୍ୟକ୍ରମ ମଧ୍ୟରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପଶୁପାଳନ, ପାନୀୟଜଳ, ମତ୍ସ୍ୟଚାଷ, ତଥା ସରକାରଙ୍କ ବିବିଧ ଯୋଜନାର ରୂପରେଖ ଏହି ଅଧ୍ୟାୟରେ ପ୍ରଦାନ କରାଯାଇଛି । ଏକାଦଶ ବା ଅନ୍ତିମ ଅଧ୍ୟାୟରେ 'ପରିବର୍ତ୍ତନ' ଶୀର୍ଷକ ବିଷୟଟି ସ୍ଥାନ ପାଇଛି । ଜାତାପୁମାନଙ୍କର ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୋଇଥିବା ପରିବର୍ତ୍ତନକୁ ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି । ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧର୍ମୀୟ, ମୂଲ୍ୟବୋଧ ଇତ୍ୟାଦି କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ବିଷୟକୁ ଯଥାଯଥ ଉପସ୍ଥାପନ କରିବାକୁ ପ୍ରୟାସ କରାଯାଇଛି ।

# ଜାତାପୁ ପରିଚିତି

**ଉପକ୍ରମ :**

ଦ୍ୱାପର ଯୁଗର କଥା । ହସ୍ତିନାପୁରରେ ରାଜୁତି କରୁଥାନ୍ତି ରାଜା ପଣ୍ଡୁ । ପଣ୍ଡୁଙ୍କ ପତ୍ନୀ କୁନ୍ତି ଦେବୀଙ୍କ ଗର୍ଭରୁ ଜାତ ହେଲେ ଛଅ ପୁତ୍ର । ବଡ଼ ଭାଇ କର୍ଣ୍ଣଙ୍କ ବ୍ୟତୀତ ଅନ୍ୟ ପାଞ୍ଚ ଭାଇ; ଯଥା - ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବଙ୍କୁ ପଞ୍ଚୁପାଣ୍ଡବ ଭାବରେ ନାମିତ କରାଗଲା । ପଣ୍ଡୁଙ୍କର ବଡ଼ ଭାଇ ଧୃତରାଷ୍ଟ୍ରଙ୍କ ଔରସରୁ ଗାନ୍ଧାରୀଙ୍କ ଗର୍ଭରୁ ଜନ୍ମ ହୋଇଥିଲେ ଶତ ପୁତ୍ର - ସେମାନେ କୌରବ ଭାବେ ପରିଚିତ । ଯୁଧିଷ୍ଠିର ଖୁବ୍ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ପୃଥିବୀ ପୃଷ୍ଠରୁ ପାପ ନିବାରଣ ନିମିତ୍ତ ମାୟାବୀ ଶ୍ରୀକୃଷ୍ଣଙ୍କ ମାୟାରେ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ହେଲା ମହାଭାରତ ଯୁଦ୍ଧ । ଶ୍ରୀକୃଷ୍ଣ ସହାୟ ହେଲେ ପଞ୍ଚୁପାଣ୍ଡବଙ୍କୁ । ପଞ୍ଚୁପାଣ୍ଡବ ଯୁଦ୍ଧରେ ବିଜୟୀ ହେଲେ । କୁରୁ ବଂଶର ଅବସାନରେ ଅଧର୍ମର ଅବସାନ ହେଲା ।

ସମୟ ଗଡ଼ିଚାଲିଲା । କାଳକ୍ରମେ ଯୁଗ ସଂହାରର ସମୟ ଆସିଲା । ଯୋଗ ଜନ୍ମା ଶ୍ରୀକୃଷ୍ଣ ଦେହ ତ୍ୟାଗ କରିବାର କାଳ ଉପସ୍ଥିତ ହେଲା । ସୃଷ୍ଟି ହେଲା ଅଥଳ ଜଳ । ଚତୁର୍ଦ୍ଦିଗ ଜଳମୟ । ସେହି ଜଳରେ ଶ୍ରୀକୃଷ୍ଣଙ୍କର ସନ୍ତାନସନ୍ତତି, ଜ୍ଞାତିକୁଟୁମ୍ବ ଓ ପରିବାର ବିଲୀନ ହୋଇଗଲେ । ଧର୍ମରାଜ ଯୁଧିଷ୍ଠିର ସ୍ୱର୍ଗାରୋହଣ କଲେ । ଅନ୍ୟମାନେ ପ୍ରାଣ ତ୍ୟାଗ କଲେ । କିନ୍ତୁ ମାୟାବୀ ଶ୍ରୀକୃଷ୍ଣଙ୍କର ମାୟାର ପଟାନ୍ତର ନାହିଁ । ଦ୍ୱାପର ଯୁଗ ପରେ କଳିଯୁଗ ଆରମ୍ଭ ହେବ । ସେଥିପାଇଁ ତ ମାନବଙ୍କର ସୃଷ୍ଟି ଆବଶ୍ୟକ । ତେଣୁ ତାଙ୍କରି ମାୟାରେ ପଞ୍ଚୁପାଣ୍ଡବଙ୍କର ଜଣେ ପୁତ୍ର ଓ କନ୍ୟାଙ୍କୁ ସେ ସହାୟ ହେଲେ । ସେମାନଙ୍କୁ ଦେଲେ ଦିବ୍ୟ ଚେତନା । ଶିମିଳି ଗଛ(ବୁର୍ଜି ଚେଙ୍ଗୁ)ର ଗଣ୍ଡିକୁ ଆଣି ତା ଭିତରେ ଦୋନି ଭଳି ଗାତ ତିଆରି କଲେ(ଡ୍ରମ ଭଳି) । ସେମାନେ ପ୍ରବେଶ କରିବା ପାଇଁ ଛୋଟ ରାସ୍ତାଟିଏ ରଖିଲେ ଏବଂ ଗୋଟିଏ ଖୋପ ଦ୍ୱାରା ଏକ ମୁହାଁ ଫମ୍ପା ଗଣ୍ଡିକୁ ବନ୍ଦ କରିଦେଲେ । ସେମାନେ ନିଜ ସହିତ ବହୁଦିନ ନିମନ୍ତେ ଖାଦ୍ୟ, ପାନୀୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ମଧ୍ୟ ରଖିଲେ । ପ୍ରଳୟ ପୂର୍ବରୁ ଭିତରେ ପ୍ରବେଶ କରି ଖୋପ ସାହାଯ୍ୟରେ ଦ୍ୱାର ବନ୍ଦ କରିଦେଲେ । ଧୂପ, ଦୀପ, ନୈବେଦ୍ୟ ଅଭାବରେ ଦେବତାମାନେ ହଇରାଣ ହେଲେ । ଏ ମଧ୍ୟରେ ଏ ଦୁହେଁ ଖାଦ୍ୟ ପାନୀୟ ଗ୍ରହଣ କରି ଅଇଁଠା ପତ୍ରକୁ ବାହାରକୁ



ଜାତାପୁ ଦମ୍ପତି



ଜାତାପୁ ମହିଳା

ପକାଇ ଦେଉଥିଲେ । ଏହି ଅଇଁଠା ପତ୍ରକୁ ଦେବତାମାନେ ଠାବ କଲେ । ସେମାନେ କାଉକୁ ପଠାଇ ଏ ଅଇଁଠା ପତ୍ର ଆସିଥିବା ସ୍ଥାନ ଜାଣିବାକୁ ଚାହିଁଲେ । କାଉ ସେ କାଠଗଣ୍ଡିକୁ ଦେଖିପାରି ଦେବତାଙ୍କୁ ଜଣାଇଲା । ଦେବତା କାଠଗଣ୍ଡି ମଧ୍ୟରେ ମନୁଷ୍ୟ ଥିବାର ମଧ୍ୟ ଜାଣି ପାରିଲେ । ତାଙ୍କ ଅନୁରୋଧରେ ଭଗବାନ୍ କାଠଗଣ୍ଡିରୁ ଭାଇ ଭଉଣୀଙ୍କୁ ବାହାରକୁ ଆଣିଲେ । ସେମାନଙ୍କୁ ପଚାରିଲେ– "ତୁମେମାନେ କିଏ" ଉତ୍ତରରେ ସେମାନେ କହିଲେ – "ଆମେ ଦୁଇଜଣ ଭାଇ ଓ ଭଉଣୀ' । ଏପରି ତିନିଥର ପଚାରି ତିନି ଥର ଏକା ଉତ୍ତର ପାଇବାରୁ ଭଗବାନ୍ ବିଚାର କରି ଦୁଇ ଜଣଙ୍କୁ ବିପରୀତ ଦିଗକୁ ପଠାଇଲେ । କିଛି ଦିନ ପରେ ପୁଣି ଦୁଇ ଜଣଙ୍କୁ ଏକାଠି କରାଇଲେ । ଏ ମଧ୍ୟରେ ଉଭୟଙ୍କ ଶାରୀରିକ ଓ ମାନସିକ ପରିବର୍ତ୍ତନ ହୋଇ ସାରିଥିଲା । ଉଭୟେ ପରସ୍ପରକୁ ଚିହ୍ନିପାରିଲେ ନାହିଁ । ଭଗବାନ ସେମାନଙ୍କୁ ସ୍ୱାମୀ ଓ ସ୍ତ୍ରୀ (ପତି ପତ୍ନୀ) ଭାବରେ ରହିବାକୁ କହିଲେ । ସାଂସାରିକ ଜୀବନର ସମସ୍ତ କାର୍ଯ୍ୟ ଓ କ୍ଷମତା ପ୍ରଦାନ କଲେ ।

ଅନ୍ୟ ଏକ କିମ୍ବଦନ୍ତୀରେ ଉପରୋକ୍ତ ଭାଇ ଭଉଣୀ ଦୁଇଜଣ ଯୁଗ ପ୍ରଳୟର ବାର୍ତ୍ତା ଜାଣିପାରି ଗୋଟିଏ ବଡ଼ ଶୁଖିଲା ଶିମିଳି ଗଛ (ବୁରଗଛ) ଗଣ୍ଡିରେ ତିଆରି କଲେ ଏକ ନାବାକୃତି ଗର୍ତ୍ତ । ତା' ମଧ୍ୟରେ ଭାଇ ଭଉଣୀ ଦୁଇଜଣ ରହି ଦ୍ୱାରା ବନ୍ଦ କରିଦେଲେ । ପ୍ରଳୟ ଫଳରେ ଜଳ ମଧ୍ୟରେ ସବୁ ଲୀନ ହୋଇଗଲା । ଘରଦ୍ୱାର, ବୃକ୍ଷଲତା, ପାହାଡ଼ ପର୍ବତ, ଜୀବଜନ୍ତୁ ସବୁ ନିଶ୍ଚିହ୍ନ ହୋଇଗଲେ । କିନ୍ତୁ ଭାଇଭଉଣୀ ଦ୍ୱୟ ଶିମିଳି ଗଛର ଗର୍ତ୍ତ ମଧ୍ୟରେ ରହି ଜଳମଗ୍ନ ପୃଥିବୀରେ ଭାସି ବୁଲିଲେ । ପରମେଶ୍ୱର ଶ୍ରୀକୃଷ୍ଣଙ୍କ ମାୟାରୁ ସେମାନେ ଭୋକ ଓ ଶୋଷ ଭୁଲି ଯୋଗ ନିଦ୍ରାରେ ଶୋଇଗଲେ ଅନେକ ଦିନ ।

ଦିନ ପରେ ଦିନ ବିତିଗଲା । ସ୍ୱର୍ଗପୁରବାସୀ ଦେବାଦେବୀଙ୍କ ମଧ୍ୟରେ ଭାଳେଣୀ ପଡ଼ିଲା । ଯଦି ମର୍ତ୍ତ୍ୟପୁରବାସୀ ସମୂଳେ ବିଲୀନ ହୋଇଯିବେ ତେବେ ସେମାନଙ୍କୁ ଭୋଗ ନୈବେଦ୍ୟ ଦେଇ ସନ୍ତୁଷ୍ଟ କରିବ କିଏ ? ସ୍ୱର୍ଗପୁରୀରେ ସଭାର ଆୟୋଜନ ହେଲା । ସମସ୍ତଙ୍କର ନିଷ୍ପତ୍ତି କ୍ରମେ ଦେବାଦେବୀଗଣ ଏକତ୍ର ହୋଇ ପହଞ୍ଚିଲେ ଆଦିଶକ୍ତିଙ୍କ ନିକଟରେ । ଦୁଃଖର କାରଣ ପ୍ରକାଶ କଲେ । ଆଦିଶକ୍ତିଙ୍କ ନିର୍ଦ୍ଦେଶ କ୍ରମେ ଦେବାଦେବୀଗଣ ମର୍ତ୍ତ୍ୟ ପରିଭ୍ରମଣ କରି ଜୀବ ଠାବ କରିବାରେ ବାହାରି ପଡ଼ିଲେ । ବୁଲିବୁଲି ଦେଖିଲେ ମର୍ତ୍ତ୍ୟ ଜଳମଗ୍ନ । ଜଳମଗ୍ନ ପୃଥିବୀରେ ଭାସୁଛି କାଠ ଖଣ୍ଡିଟିଏ । ସେମାନେ ତାହାକୁ ପରୀକ୍ଷା ନିରୀକ୍ଷା କରି ଭାଇଭଉଣୀଙ୍କର ଉପସ୍ଥିତ ଅନୁଭବ କରି ସନ୍ତୁଷ୍ଟ ହେଲେ ।

ସେମାନଙ୍କ ମନରେ ପୁଣି ଚିନ୍ତା ସୃଷ୍ଟି ହେଲା । ମାନବ ସିନା ବଞ୍ଚି ରହିଛନ୍ତି କିନ୍ତୁ ସେମାନେ ରହିବେ କେଉଁଠି, ଖାଇବେ କ'ଣ ? ପୁଣି ଗଲେ ଆଦିଶକ୍ତିଙ୍କ ପାଖକୁ । ଦେବାଦେବୀଙ୍କର ଅନୁରୋଧ କ୍ରମେ ଆଦିଶକ୍ତି ପୃଥିବୀ ଭ୍ରମଣ କରି ଭାଇଭଉଣୀଙ୍କୁ କାଠଗଣ୍ଡି ମଧ୍ୟରେ ପାଇଲେ ।

ଦ୍ୱାପର ପରେ ପୁଣି କଳିଯୁଗର ଆରମ୍ଭ ହେବ । ମଣିଷ ସୃଷ୍ଟି ହେବେ । ସେଥିପାଇଁ ଆଦିଶକ୍ତି ନିଜ ଦେହକୁ ଦଳି ସେଥିରୁ ମଳି ବାହାର କରି ଜଳମଗ୍ନ ପୃଥିବୀ ଉପରକୁ ନିକ୍ଷେପ କଲେ । ଜଳ ଉପରେ ଭାସମାନ ଅବସ୍ଥାରେ ସେହି ମଳି ମାଟିର ଆକାର ନେଲା । ଆଦିଶକ୍ତିଙ୍କର ଇଚ୍ଛାରେ ମାଟିରେ ଜିଆ ସୃଷ୍ଟି ହୋଇ ସେହି ମାଟିକୁ ଜଳମଗ୍ନ ପୃଥିବୀ ଉପରେ ପ୍ରସାରିତ କରିବାକୁ ଲାଗିଲେ । ସମୟକ୍ରମେ ଜଳମୟ ପୃଥିବୀ ଉପରେ ମୃତ୍ତିକାର ଆବରଣ ସୃଷ୍ଟିହେଲା । କିନ୍ତୁ ଏହି ମୃତ୍ତିକାର ତଳ ଭାଗରେ ଅଶେଷ ଜଳଥିବାରୁ ତାହା ଟାଣ ହେଲା ନାହିଁ । ମାଟି ଉପରେ ପାଦ ରଖିଲେ ତାହା ଥରିବାକୁ ଲାଗିଲା । ଆଦିଶକ୍ତି ନିଜ ଦେହରୁ କେତେକ ଲୋମ ଉପାଡ଼ି ସେହି ମାଟି ଉପରକୁ ଫିଙ୍ଗି ଦେଲେ; ତାହା ଘାସରେ ପରିଣତ ହେଲା ଏବଂ ପୃଥିବୀ ପୃଷ୍ଠ ଶକ୍ତ ହେଲା । କାଳକ୍ରମେ ତାଙ୍କରି ଇଚ୍ଛାରୁ ବୃକ୍ଷଲତା ଓ ଅନ୍ୟାନ୍ୟ ଜୀବଜନ୍ତୁ ମଧ୍ୟ ସୃଷ୍ଟି ହେଲେ ।

ଜଙ୍ଗଲର ଫଳମୂଳ ଖାଇ ଭାଇଭଉଣୀ ଆନନ୍ଦରେ ବଢ଼ିବାକୁ ଲାଗିଲେ । ବାଲ୍ୟାବସ୍ଥା ଅତିକ୍ରମ କରି ଯୌବନାବସ୍ଥାରେ ପାଦଦେଲେ । କିନ୍ତୁ ସଂସାର ସୃଷ୍ଟି କରିବାର ଇଚ୍ଛା ଉଦ୍ରେକ ହେଲା ନାହିଁ ସେମାନଙ୍କ ମଧ୍ୟରେ । ଫଳରେ ଦେବପୁରୀରେ ପୁଣି ଭାଳେଣି ପଡ଼ିଲା । ମାନବ ସମାଜ ବଢ଼ିବ କିପରି ? ଦେବାଦେବୀମାନେ ପୁଣି ପ୍ରାର୍ଥନା କଲେ ଆଦିଶକ୍ତିଙ୍କୁ । ଆଦିଶକ୍ତିଙ୍କର ମାୟାରୁ ଭାଇଭଉଣୀଙ୍କ ମନରେ ସୃଷ୍ଟି ହେଲା କାମତୃଷ୍ଣା । ତାହାର ନିବାରଣ କରିବାକୁ ଯାଇ ସେମାନେ ସୃଷ୍ଟି କଲେ ସନ୍ତାନ । ସେମାନଙ୍କଠାରୁ ଜାତ ପ୍ରଥମ ସନ୍ତାନଙ୍କୁ ଆଦିମାନବ ବା ଆଦିବାସୀ କୁହାଗଲା ଏବଂ ପରେ ସେହି ଆଦିମାନବ ବା ଆଦିବାସୀଙ୍କ ଗର୍ଭରୁ ଜାତ ପ୍ରଥମ ସନ୍ତାନ 'ଜାତାପୁ' ନାମରେ ବିବେଚିତ ହେଲେ ବୋଲି ଜାତାପୁ ଲୋକମାନେ ମତବ୍ୟକ୍ତ କରନ୍ତି । ତେଣୁ ଜାତାପୁମାନେ ନିଜକୁ ପାଣ୍ଡବ ବଂଶୀ ବୋଲି ପରିଚୟ ଦେଇଥାନ୍ତି ।

ଜାତାପୁ ଆଦିବାସୀଙ୍କର ପରିସଂଖ୍ୟାନ, ଭାଷା, ଅଚାର, ବ୍ୟବହାର ଓ ସଂସ୍କୃତିକୁ ବିଚାର କରି ଦେଖିଲେ ଅନୁମାନ କରାଯାଏ ଯେ, ସେମାନେ ମୁଖ୍ୟତଃ ଆନ୍ଧ୍ରପ୍ରଦେଶରୁ ଓଡ଼ିଶାକୁ ଆସିଛନ୍ତି । ଏହାର ସତ୍ୟତା ନିମ୍ନଲିଖିତ କାରଣଗୁଡ଼ିକ ଉପରେ ଆଧାରିତ :

- ଭାରତରେ ବସବାସ କରୁଥିବା ସମୁଦାୟ ଜାତାପୁ ସଂପ୍ରଦାୟର ଜନଜାତିଙ୍କ ମଧ୍ୟରୁ ପ୍ରାୟ ୯୦ ଶତାଂଶ କେବଳ ଆନ୍ଧ୍ରପ୍ରଦେଶରେ ବସବାସ କରନ୍ତି ।
- ଓଡ଼ିଶାରେ ବାସ କରୁଥିବା ଜାତାପୁ ଜନଜାତିମାନଙ୍କର ମାତୃଭାଷା ତେଲୁଗୁ ।
- ଓଡ଼ିଶାର ଜାତାପୁ ଜନଜାତି ଓ ତାଙ୍କର ସଂସ୍କୃତି ସହିତ ଆନ୍ଧ୍ରପ୍ରଦେଶବାସୀ ଜାତାପୁମାନଙ୍କ ଖାଦ୍ୟାଭ୍ୟାସ, ବେଶପୋଷାକ ଓ ସଂସ୍କୃତି ମଧ୍ୟରେ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।
- ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ବସବାସ କରୁଥିବା ଜାତାପୁ ଜନଜାତିମାନଙ୍କ ମଧ୍ୟରେ ବୈବାହିକ ଓ ବଂଶଗତ ସଂପର୍କ ରହିଅଛି ।
- କେତେକ ପୁରୁଖା ଜାତାପୁ ଲୋକେ କହନ୍ତି ଯେ ବହୁ ବର୍ଷ ପୂର୍ବେ ସେମାନଙ୍କର ପୂର୍ବପୁରୁଷମାନେ ଆନ୍ଧ୍ରରୁ ଓଡ଼ିଶାକୁ ପଳାଇ ଆସିଥିଲେ ।

**ପରିଚିତି :**

ଏହି ଜନଜାତି ଗୋଷ୍ଠୀର ପ୍ରକୃତ ନାମ ଜାତାପୁ ହୋଇଥିଲେ ମଧ୍ୟ ସେମାନେ ପରିଚୟ ସଂକଟର ଶିକାର ହେବା ଅତ୍ୟନ୍ତ ପରିତାପର ବିଷୟ । କେବଳ କଥାରେ ନୁହେଁ, କାଗଜପତ୍ର ଓ ସରକାରୀ ଦଲିଲରେ ମଧ୍ୟ ଏହି ଗୋଷ୍ଠୀକୁ ଜାତାପୁ କନ୍ଧ, ବୁଜ୍ଜା କନ୍ଧ, ପିତା କନ୍ଧ, ଜାନବ କନ୍ଧ, ଜାତାପୁ ଦୋରା ଇତ୍ୟାଦି ବିଭିନ୍ନ ନାମରେ ନାମିତ ଓ ଚିହ୍ନିତ କରାଯାଇଛି । ପଡ଼ୋଶୀ ଗୋଷ୍ଠୀମାନଙ୍କ ଦ୍ୱାରା ମଧ୍ୟ ଏମାନେ ବିଭିନ୍ନ ନାମରେ ନାମିତ ହୋଇଥାନ୍ତି । କିନ୍ତୁ ସାଧାରଣରେ ଏମାନଙ୍କୁ ଜାତାପୁ ବା ଜାତପୁ ବୋଲି କୁହାଯାଏ । ଦୋରା ଶବ୍ଦର ଅର୍ଥ ମହାଜନ ବା ଜମିଦାର । ଏ ଅଞ୍ଚଳର ତେଲୁଗୁ ଭାଷାଭାଷୀ ଲୋକଙ୍କ ଦ୍ୱାରା ଏମାନେ ଜାତାପୁ, ଜାତାପୁ ଦୋରା, ମାଖାସୁ ଦୋରା, ଦୋରା ବୋଲି ପରିଚିତ ହେଉଥିବା ବେଳେ ଓଡ଼ିଆମାନଙ୍କ ବଣକନ୍ଧ ପରିଚୟରେ ଏମାନଙ୍କର ଅସୂୟା ରହିଛି ।

ଜାତାପୁ ସଂପ୍ରଦାୟ ନିଜକୁ ଏକ ଶ୍ରେଷ୍ଠ ଜନଜାତି ଗୋଷ୍ଠୀ ରୂପେ ବିବେଚନା କରନ୍ତି । ଏପରିକି ସେମାନେ ଜୀବଜଗତର ପ୍ରଥମ ସୃଷ୍ଟି ଓ ବ୍ରାହ୍ମଣଙ୍କଠାରୁ ମଧ୍ୟରେ ଉଚ୍ଚରେ ବୋଲି କହନ୍ତି । କନ୍ଧ ଜନଜାତିମାନଙ୍କୁ ମଧ୍ୟ ଜାତାପୁମାନେ ଛୁଅଁନ୍ତି ନାହିଁ କିମ୍ବା ସେମାନଙ୍କଠାରୁ କୌଣସି ପ୍ରକାର ରନ୍ଧା ଖାଦ୍ୟ ଓ ପାଣି ଗ୍ରହଣ କରନ୍ତି ନାହିଁ । ଜାତାପୁମାନଙ୍କର ଗୃହ ମଧ୍ୟକୁ କନ୍ଧମାନଙ୍କର ପ୍ରବେଶ ନିଷେଧ ।

କନ୍ଧ ସଂପ୍ରଦାୟ ସହିତ ଏମାନଙ୍କର କୌଣସି ପ୍ରକାର ସଂପର୍କ ନଥିବା ବେଳେ ଅନ୍ୟ ଗୋଷ୍ଠୀ ଯଥା: କୋଣ୍ଡା ଦୋରା, ଏନିଟି ଦୋରା /ଏଣ୍ଟିଦୋର ଏବଂ ମାନ୍ନିଦୋରାମାନଙ୍କ ସହ ଏମାନଙ୍କର ସାଂସ୍କୃତିକ ସାମଞ୍ଜସ୍ୟ ଥିବାର ଲକ୍ଷ୍ୟ କରାଯାଏ। ବର୍ତ୍ତମାନ ପରିସ୍ଥିତିରେ ଜାତାପୁ ଓ ଜାତାପୁ ଦୋରାମାନଙ୍କ ମଧ୍ୟରେ ବୈବାହିକ ସଂପର୍କ ରହିଥିବା ବେଳେ ଅନ୍ୟ ଦୁଇ ଗୋଷ୍ଠୀ ସହ ଏପରି କୌଣସି ସଂପର୍କ ବିକାଶ ଲାଭ କରିନାହିଁ।

**ଅଞ୍ଚଳ ପରିଚିତି :**

ରାୟଗଡ଼ା ଜିଲ୍ଲାର ଗୁଣୁପୁର ସବ୍‌ଡ଼ିଭିଜନର ରାମନାଗୁଡ଼ା ବ୍ଲକରେ ଜାତାପୁମାନେ ବସବାସ କରିଥାନ୍ତି। ଏହି ବ୍ଲକରେ ଗୁଣ୍ଡୁଣ୍ଡି, ଗୋଗୁପାଡୁ, ନିଲାମଗୁଡ଼ା, ପାରିଖିତି, ଗୋସେଇଁ ଗୁଲୁମୁଣ୍ଡା, ପେନକାମ, ବୁଥିଂ ଇତ୍ୟାଦି ଗ୍ରାମପଞ୍ଚାୟତରେ ଏମାଙ୍କର ସଂଖ୍ୟା ଅଧିକ। ଏଥିମଧ୍ୟରୁ ଗୋପୁପାଡୁ ଗ୍ରାମପଞ୍ଚାୟତର କେତେକ ଗ୍ରାମ, ଯଥା – ଗୋଗୁପାଡୁ, ସୁଲୁଡ଼ି, କାଟିକି, ପାଲକିଡ଼ାଙ୍ଗ, ଗୋଟା, ଝାରଲିଂ ଇତ୍ୟାଦି ଗ୍ରାମ, ଗୁଲୁଣ୍ଡି ଗ୍ରାମପଞ୍ଚାୟତର ମହିପାଙ୍ଗା, ଢେ଼ପାଗୁଡ଼ା, ଡ଼ାଙ୍ଗୁବାଡ଼ି ଇତ୍ୟାଦି ଗ୍ରାମ ପ୍ରଧାନ। ରାମନାଗୁଡ଼ା ବ୍ଲକରୁ ଦକ୍ଷିଣ ଦିଗକୁ ଲମ୍ବିଥିବା ପିଚୁରାସ୍ତାରେ ଆନ୍ଧ୍ର ପର୍ଯ୍ୟନ୍ତ ଗଲେ ରାସ୍ତାର ଦୁଇପାର୍ଶ୍ୱରେ ଜାତାପୁମାନଙ୍କର ଗାଁ ପଡ଼େ। ଏହି ରାସ୍ତାରେ ୧୦ କି.ମି. ଗଲାପରେ ପଡ଼େ କାଟିକି। ଏହା ପରେ ଆନ୍ଧ୍ରପ୍ରଦେଶର ସୀମାରେଖା ରହିଛି। ଅର୍ଥାତ୍ ଗ୍ରାମର ଅତି ନିକଟରେ ଆନ୍ଧ୍ରପ୍ରଦେଶ ରାଜ୍ୟ ଥିବାରୁ ଏଠାକାର ଲୋକମାନେ ଆଞ୍ଚଳିକ ବା ସ୍ଥାନୀୟ ତେଲୁଗୁ ଭାଷା ବ୍ୟବହାର କରିଥା'ନ୍ତି। ଏହି ଅଞ୍ଚଳରେ ପ୍ରସିଦ୍ଧ ସ୍ଥାନ ଭାବେ ପେନକାମ ଗ୍ରାମପଞ୍ଚାୟତରେ ଗଦଗଦାକୁ ମାନ୍ୟତା ଦିଆଯାଏ। ଗୁମୁଡ଼ା ନିକଟସ୍ଥ ଗୋପାଳପୁର ଗ୍ରାମରେ ପାଲାକା ବଂଶରେ ଜଣେ ଅତିମାନବ ଜନ୍ମ ହୋଇଥିଲା। ତାଙ୍କର ନାମ ବାଣାପତି ବାର୍ଣ୍ଣା। ଖାଦ୍ୟ ସମସ୍ୟା ତା'ର ବଡ଼ ସମସ୍ୟା ଥିଲା। ପ୍ରତି ଘରୁ ସମସ୍ତେ ଥାଳିଆରେ ଭାତ ଆଣି ଗାଁ ମଝିରେ ଏକ ବଡ଼ ଡ଼ଙ୍ଗରାରେ ପକାଇ ଦେଉଥିଲେ ସେ ଖାଉଥିଲା। ସେପରି ଗୋଟିଏ ଡ଼ଙ୍ଗାରେ ମାଣ୍ଡିଆ ଜାଉ, ଢାଳିଦେଲେ ପିଉଥିଲା। ଏହାର ପ୍ରତିବଦଳରେ ସେ ଲୋକମାନଙ୍କୁ ବହୁତ ସାହାଯ୍ୟ କରୁଥିଲା। ଶୁଣାଯାଏ ସେ ଶଗଡ଼େ କାଠକୁ ଏକାଥରକେ ଜଙ୍ଗଲରୁ ଅକ୍ଳେଶରେ ନେଇ ଆସୁଥିଲା। ଥରେ ଗାଁରେ ନିଆଁ ଲାଗି ସଂପୂର୍ଣ୍ଣ ଧ୍ୱଂସ ହୋଇଗଲା। ଉକ୍ତ ଅତିମାନବ ଗାଁର ସମସ୍ତେ ପରିବାର ନିମନ୍ତେ ଆବଶ୍ୟକ କାଠ, ବାଉଁଶ ଓ ଛଡା ଏକାକୀ ନେଇ ଆସିଲା। ସେହି ଅତିମାନବ ଜଣକ ଲୋକମାନଙ୍କର କୌଣସି କ୍ଷତି କରୁନଥିଲା। ଲୋକେ ତା'ର ଆବଶ୍ୟକ ମୁତାବକ ଖାଦ୍ୟ ଦେବାକୁ

ସକ୍ଷମ ନ ହେବାରୁ ସେ ଜଙ୍ଗଲକୁ ଚାଲିଗଲା । ସେଠାରେ ପୂର୍ବରୁ ତା'ଭଳି ଜଣେ ଅତିମାନବ ରହୁଥିଲା । ଉଭୟଙ୍କ ମଧ୍ୟରେ ଘମାଘୋଟ ଲଢେଇ ହେବାରୁ ଅନ୍ୟ ଅତିମାନବଟି ମରିଗଲା । ଜଙ୍ଗଲରେ ରହି ସେ ନିଜର ଖାଦ୍ୟ ସଂଗ୍ରହ କଲା । ଜଙ୍ଗଲର ଫଳ, ମୂଳ, ଜୀବଜନ୍ତୁ ତା'ର ଖାଦ୍ୟ ହେଲେ । ଲୋକେ କହନ୍ତି ଭୋକ ଜ୍ୱାଳାରେ ସେ (ଅତିମାନବ -ବାଣାପତି ବାର୍ତ୍ତା) କିଛି ପଚିଯାଇଥିବା ମୟୂର ଅଣ୍ଡାକୁ ଖାଇ ମରିଗଲା ।

ଅନ୍ୟ ଏକ ବିଶ୍ୱାସ ରହିଛି, ଏହିଠାରେ ଗୋଟିଏ ଆଦିମାନବ ରହୁଥିଲା । ସେ ଖୁବ୍ ଉଚ୍ଚା ଓ ସୁସ୍ଥ ସବଳଥିଲା । ସେ କୁଆଡ଼େ କଞ୍ଚାମାଂସ ଖାଉଥିଲା । ଥରେ ଗୁଣୁପୁର ରାଜାଙ୍କର ଗୃହ ନିର୍ମାଣ କାର୍ଯ୍ୟ ଚାଲିଥାଏ । ଅନେକ ଲୋକ ଲାଗି ମଧ୍ୟ ଗୋଟିଏ ବଡ଼ କାଠ ଗଣ୍ଡିକୁ ଶେଣୀ କରିବା ପାଇଁ ଘର ଉପରକୁ ଉଠାଇ ପାରିଲେ ନାହିଁ । ରାଜାଙ୍କ ଅନୁରୋଧ କ୍ରମେ ଦାନବ ସେଠାରେ ଉପସ୍ଥିତ ହୋଇ ଅକ୍ଳେଶରେ କାଠଗଣ୍ଡିଟାକୁ ଟେକି ଯଥା ସ୍ଥାନରେ ରଖିଦେଲା । ସେ କ'ଣ ଉପହାର ନେବ ବୋଲି ରାଜା ପଚାରିବାରୁ ସେ ଗୋଟିଏ ବଡ଼ ଷଣ୍ଢ ଦେଖାଇ ସେଇଟା ନେଇ ଖାଇବ ବୋଲି କହିଲା । ରାଜା ତାକୁ ଷଣ୍ଢଟି ଦେଲେ । କାଳକ୍ରମେ ସେ ମରିଗଲା ।

**ପରିବେଶ :**

**ଉଦ୍ଭିଦ :** ଜାତାପୁ ଅଧିବାସୀମାନେ ରହୁଥିବା ଅଞ୍ଚଳରେ ଯେଉଁ ବିଭିନ୍ନ ପ୍ରକାର ବୃକ୍ଷଲତା ଦେଖାଯାଏ ସେଗୁଡ଼ିକ ହେଲା; ଆମ୍ବ (ମାମେଡ଼ି /ମାଓ୍ୱେଡ଼), ପଣସ (ପାଣାସା), ସୀତାଫଳ (ସୀତାପାଲୁ), ପୁଲେରୀ, କମରେଗି, ଜାରମାମଡ଼ି (ଚାର), ନେରାଡ଼ି (ଜାମ୍ବୁ), ବଡ଼ ପାଲୁ (ଡ଼ିମ୍ବିରି), ଅଁଳା (ଉସିରିକି), ସପୁରୀ (ଜୁମପାଣସା), ଭାଲିଆ (ସିଡ଼ି ପାଲୁ), କେନ୍ଦୁ (ତୁମିକିପାଲୁ), ଖଜୁରୀ (ଇତାପାଲୁ), କୁସୁମ (କୁଷାମ ପାଲୁ), ବରକୋଳି (ରେଗିପାଲୁ ), କଣ୍ଟେଇ କୋଳି (ପାରମିକ ପାଲୁ), କଇଁଥ (ଏଲାମ ପାଲୁ), ସିମା କଇଁଆ (ସିମାସିନ୍ତା), ଜାଡ଼ିକାୟା (ଗୋଟିଏ ଅଠାଗଛ), କଣ୍ଡତାମ୍ୱାର କାୟା (ଅଠା ଗଛର ନାମ), ଶାଳ ଗଛ (ଗୁଗୁଲିମ୍ ଚେଟ୍ଟୁ), ମହୁଲ ଗଛ (ମଗା କାୟା), ଲେଡ଼ି କାୟା, ଏପାଲୁ କାୟା, ମୁଲାକା କାୟା, ତାଟିକାୟା, ଗୁମାଡ଼ କାୟା, ଲେଡ଼ କାୟା, ମୁଡ଼ି କାୟା, ଆଡ଼ କାୟା, ମୁଡି କାୟା, ତମର କାୟା ଓ ଆରଟି କାୟା ଇତ୍ୟାଦି ।

**ପଶୁପକ୍ଷୀ :** ଜାତାପୁ ଜନଜାତିମାନେ ରହୁଥିବା ଅଞ୍ଚଳରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଦେଖାଯାଆନ୍ତି। ସେମାନଙ୍କ ମଧ୍ୟରେ କେତେକ ଜଙ୍ଗଲରେ ବାସ କରୁଥିବା ବେଳେ ଅନ୍ୟ

କେତେକ ପଶୁପକ୍ଷୀଙ୍କୁ ଜାତାପୁମାନେ ଗୃହପାଳିତ ଜୀବ ହିସାବରେ ଗୃହ ମଧ୍ୟରେ ରଖିଥାନ୍ତି । ଉକ୍ତ ଅଞ୍ଚଳରେ ଦେଖାଯାଉଥିବା ପଶୁପକ୍ଷୀଗୁଡ଼ିକ ହେଲେ; ବାରହା(ଆଡ଼ିଓ୍ୱିପାନ୍ଦି), ଝିଙ୍କ(ଏତୁପାନ୍ଦି),କୁଟୁରା(କଣ୍ଡାମେକା), ଜିଆଦ(ଦୁପି), ସମ୍ବର(କାରଗେଦି), ହରିଣ(ଲେଡ଼ି), ଠେକୁଆ (ସାଓ୍ୱାଲାପିଲି), ବଣ କୁକୁଡ଼ା (ଆଡ଼ି କଅଡ଼ି), ମୟୁର (ନେମାଲି ପିଟା), ବୁଡ ପିଲି, କାଣେସ୍ତୁ, ମାନୁବିଲି ବାଉରପିଲି, ଆଲଓ୍ୱା, ଗଇ, ନେଉଳ (ମୁଙ୍ଗିପନ୍ଦୁ), ବାଘ (ପୁଲି ), ଭାଲୁ (ଏଲଗୁବାଣ୍ଡି), ବିଲୁଆ, କାବତା, ପୋଢ଼ (ପୋତୁ ), ମଇଁଷି (ଗେଦି), ଗାଈ (ବାଳା), ବଳଦ (ଏଢ୍ଲୁ), ଛେଳି (ମେକା / ଗରୀ), ମେଣ୍ଢା (ମୋଣ୍ଢା), ଘୁଷୁରୀ (ପାନ୍ଦି), କୁକୁର (ବେପି / କୁଳା ଚେଟା), ବିଲେଇ (ପିଲି ), କୁକୁଡା (କଭି ପୋଲୁ), ଶୁଆ (ଚିଲାକା), ଶାରୀ (ଗେଦା), ପାରା (ପାରାପିଟା), କାଉ(କାକା) ଓ ବତକ (ବାତୁ) ଇତ୍ୟାଦି ।

ଅନ୍ୟାନ୍ୟ : ପାହାଡ଼ ପର୍ବତପୂର୍ଣ୍ଣ ପଥୁରିଆ ଅଞ୍ଚଳରେ ଜାତାପୁମାନେ ବସତି ସ୍ଥାପନ କରିଥାନ୍ତି । ସେମାନଙ୍କ ଅଞ୍ଚଳରେ ବିଭିନ୍ନ ପ୍ରକାରର ପଥର (ରାତୁଲୁ) ଦେଖିବାକୁ ମିଳିଥାଏ । କଳାପଥର (ନାଲପୁ ରାତୁଲୁ), ଧଳା ପଥର (ତେଲା ରାତୁଲୁ) ଓ ଲାଲ୍ ପଥର (ଏରୁପୁ ରାତୁଲୁ) ଆଦି ଦେଖାଯାଏ । ଏହା ବ୍ୟତୀତ ଅନେକ ସ୍ଥାନରେ ବାଲି ପଥର (ଇସିକା ରାତୁଲୁ) ଓ ହଳଦିଆ ପଥର(ପାସରୁ ରାତୁଲୁ) ଖଣ୍ଡ ଦେଖିବାକୁ ମିଳିଥାଏ ।

ଏହି ଅଞ୍ଚଳରେ ମାଟି ମଧ୍ୟ ବିଭିନ୍ନ ପ୍ରକାରର ଯଥା – କଳାମାଟି (ନାଲାମାନୁ), ନାଲିମାଟି (ଏରମାନୁ), କଠିନ ମାଟି (ଗାଟିମାନୁ), ପଥୁରିଆ ମାଟି (କାଙ୍କର / ମାନୁ) ଇତ୍ୟାଦି । ସମତଳ ଅଞ୍ଚଳରେ ଥିବା ଚାଷ ଜମିଗୁଡ଼ିକରେ ଲାଲ୍ ବା କଳା ଏବଂ ପୋଡୁଚାଷ ଜମିରେ କଠିନ ମୃତ୍ତିକା ଓ ପଥୁରିଆ ମାଟି ଦେଖିବାକୁ ମିଳେ ।

ଜାତାପୁ ଜନଜାତିମାନେ ରହୁଥିବା ଅଞ୍ଚଳରେ ବିଭିନ୍ନ ପ୍ରକାର ଜମି ଯଥା ପାଣି ଜମି (ପଲମ୍), ପଦା ଜମି (ଗୁଡି), ପାହାଡ଼ ପାଦଦେଶସ୍ଥ ଢ଼ାଲୁ ଜମି (ଡ଼େପି), ପୋଡୁ ଜମି (କଣ୍ଡା ପୋଡୁ), ବାଡ଼ି ବଗିଚା ଜମି (ଜଡ୍ଡି) ବିଷୟ ସଂପୂର୍ଣ୍ଣ ବିବରଣୀ ଅର୍ଥନୈତିକ ସଂଗଠନରେ ପ୍ରଦତ୍ତ ।

ପାହାଡ଼ି ପରିବେଶରେ ନଦୀ (ଲହରୀ ଚେଟା), କ୍ଷୁଦ୍ର ନଦୀ (ଚିନି ଗାଡ଼ା) ଓ ଝରଣା (ସିଟିଗାଡ଼ା) ଦେଖିବାକୁ ମିଳିଥାଏ । ଏହା ବ୍ୟତୀତ ପୋଖରୀ (ସେରୁ), କୂଅ (ନୁଇ) ଓ ନଳକୂପ ମାନ ଏବେ ଖୋଳା ହେଲାଣି । କିନ୍ତୁ ସେ ଅଞ୍ଚଳରେ ବଡ଼

ନଦୀ(ପେଦାଏରୁ) ନାହିଁ । ଝରଣା, କ୍ଷୁଦ୍ର ନଦୀରେ ସେମାନେ ସ୍ନାନାଦି କାର୍ଯ୍ୟ, ସଫା ସୁତୁରା କାର୍ଯ୍ୟ, ପଶୁମାନଙ୍କୁ ଗାଧୋଇ ଦେବା ଇତ୍ୟାଦି କାର୍ଯ୍ୟ କରିଥା'ନ୍ତି । କୂଅ, ନଳକୂପ ଇତ୍ୟାଦିର ପାଣି ପିଇବା, ଗାଧୋଇବା, ସଫା ସୁତୁରା ଏବଂ ଧୋଇବା ପାଇଁ ବ୍ୟବହାର କରାଯାଏ । ନଈ, ନାଳ, ଝରଣା, ପୋଖରୀ ଇତ୍ୟାଦିରୁ ମାଛ (ଚେପା), କଙ୍କଡ଼ା (ଏଣ୍ଡାରାକାୟା) ଇତ୍ୟାଦି ଧରାଯାଏ ।

ବର୍ଷା ଋତୁକୁ ସେମାନେ ଅରସାକାଲାମୁ କହନ୍ତି । ସାଧାରଣତଃ ଜୁଲାଇ ମାସଠାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ବର୍ଷା ଋତୁର ପ୍ରଭାବ ବେଶୀ ଅନୁଭୂତ ହୁଏ । କିନ୍ତୁ ଜୁନ୍ ମାସ ଓ ଅକ୍ଟୋବର ମାସରେ ମଧ୍ୟ ବେଳେବେଳେ ବର୍ଷା ହୋଇଥାଏ । ଲୋକମାନେ କହନ୍ତି ଗତ ପାଞ୍ଚବର୍ଷ ଧରି ସେ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଯୋଗୁ ଅଧିକାଂଶ ଫସଲ ନଷ୍ଟ ହେଉଛି ଏବଂ ମରୁଡ଼ି ମଧ୍ୟ ଦେଖାଯାଉଛି । ଅଗଷ୍ଟ-ସେପ୍ଟେମ୍ବର ମାସରେ ପ୍ରବଳ ବର୍ଷା ହେଉଥିବାରୁ ସେହି ସମୟରେ ଲୋକ ଏବଂ ଗୋରୁଗାଈ ବାହାରକୁ ବାହାରି ପାରନ୍ତି ନାହିଁ । ଅନେକ ସମୟରେ ଝଡ଼ରେ ଘରଦ୍ୱାରା ଭାଙ୍ଗିଯାଏ ।

ଏହି ଅଞ୍ଚଳରେ ଜଙ୍ଗଲ କ୍ଷୟ ଓ ଅନ୍ୟାନ୍ୟ କାରଣ ଯୋଗୁ ଗ୍ରୀଷ୍ମ ଦିନେ ଅତ୍ୟଧିକ ଗରମ ଓ ଶୀତଦିନେ ହାଡ଼ ଭଙ୍ଗା ଶୀତ ହୋଇଥାଏ । ମାର୍ଚ୍ଚ ମାସଠାରୁ ଗ୍ରୀଷ୍ମର ପ୍ରଭାବ ଆରମ୍ଭ ହୁଏ ଏବଂ ଜୁନ୍ ଶେଷ ପର୍ଯ୍ୟନ୍ତ ଅନୁଭୂତ ହେଉଥାଏ । ମେ ଓ ଜୁନ୍‌ରେ ତାପମାତ୍ରା ଅତ୍ୟଧିକ ହୋଇଥାଏ । ସେହିପରି ନଭେମ୍ବରଠାରୁ ଫେବୃୟାରୀ ପର୍ଯ୍ୟନ୍ତ ଶୀତ ଅନୁଭୂତ ହୋଇଥାଏ । ଡ଼ିସେମ୍ବର ଓ ଜାନୁଆରୀ ମାସରେ ହାଡ଼ଭଙ୍ଗା ଶୀତ ହୋଇଥାଏ ।

ଜାତାପୁ ଭାଷାରେ ପାହାଡ଼କୁ ଚିନା କୋଣ୍ଡା ଓ ପର୍ବତକୁ କୋଣ୍ଡା ବା 'ପେଦା କୋଣ୍ଡା' କୁହାଯାଏ । ଏହି ଅଞ୍ଚଳରେ ପେଦା କୋଣ୍ଡା, ତେଲରାତୁ କୋଣ୍ଡା, ଭରେକୁ କୋଣ୍ଡା, ଇମାର କୋଣ୍ଡା ଇତ୍ୟାଦି ନାମରେ ବିଭିନ୍ନ ପାହାଡ଼ର ରହିଛି ।

ପାହାଡ଼ ପର୍ବତଗୁଡ଼ିକ ଏମାନଙ୍କର ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାନ୍ତି । ପାହଡ଼ରେ ଏମାନେ ପୋଡୁ ଚାଷ କରିଥାନ୍ତି । ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳ, ମୂଳ, କନ୍ଦା, ଛତୁ, ଶାଗ, ମହୁ, ଝୁଣା, ଲାଖ, କାଠ ଇତ୍ୟାଦି ସଂଗ୍ରହ କରନ୍ତି । ରୋଗର ନିରାକରଣ ନିମନ୍ତେ ଅନେକ ପ୍ରକାର ଔଷଧ ସଂଗ୍ରହ କରିଥାନ୍ତି । ଜଙ୍ଗଲରୁ ପଶୁ ଶିକାର ମଧ୍ୟ କରାଯାଏ । ଜଙ୍ଗଲ ମଧ୍ୟସ୍ଥ ଜଳ ଉତ୍ସରୁ ସେମାନେ ମାଛ କଙ୍କଡ଼ା ସଂଗ୍ରହ କରିଥାନ୍ତି ।

ଜାତାପୁମାନଙ୍କର ଦୃଢ଼ ବିଶ୍ୱାସ ଯେ ଜଙ୍ଗଲ ଏପରି ଏକ ସ୍ଥାନ ଯେଉଁଠାରେ ଦେବା ଦେବୀ, ପ୍ରେତାତ୍ମା, ଅଶରିରୀ ଅନିଷ୍ଟ ଶକ୍ତି ଆଦି ବସବାସ କରିଥାନ୍ତି, ବନ ପାହାଡ଼ ମଧ୍ୟ ଖେଳ କୌତୁକ ପାଇଁ ପ୍ରଶସ୍ତ ଓ ଶାନ୍ତ ପରିବେଶ ଯୋଗାଇ ଦେଇଥାଏ ।

ଜାତାପୁ ଅଧ୍ୟୁଷିତ ବିଭିନ୍ନ ଅଞ୍ଚଳକୁ ସଡ଼କ ପଥ ଦ୍ୱାରା କେତେକ ଗ୍ରାମକୁ ମଧ୍ୟ ସଂଯୁକ୍ତ କରାଗଲାଣି । କେତେକ ଗ୍ରାମକୁ ମଧ୍ୟ ପିଚୁ ରାସ୍ତା ଯାଇଛି । ଗାଁ ମଝିରେ ଏକ ବଡ଼ ଓସାରିଆ ଦାଣ୍ଡ ବା ରାସ୍ତା ଥାଏ । ଏହି ରାସ୍ତାକୁ ଉଭୟ ପାର୍ଶ୍ୱର ଘରର ଲୋକମାନେ ବାହାରିଥାନ୍ତି । ପାହାଡ଼, ପର୍ବତ, କୃଷିକ୍ଷେତ୍ରକୁ ଅନେକ ପାଦଚଲା ରାସ୍ତା ମଧ୍ୟ ଯାଇଥାଏ । କେତେକ ଦୂରସ୍ଥାନକୁ ଶୀଘ୍ର ଓ ଅଳ୍ପ ରାସ୍ତା ଚାଲି ପହଞ୍ଚିବା ପାଇଁ ପାହାଡ଼ ଓ ବିଲ ମଧ୍ୟରେ ପାଦଚଲା ରାସ୍ତା ପଡ଼ିଥାଏ ।

**ବସତି :**

ରାୟଗଡ଼ାର ଗୁଣୁପୁର ବ୍ଲକ ଅନ୍ତର୍ଗତ ରାମନାଗୁଡ଼ା ଅଞ୍ଚଳକୁ ଜାତାପୁ ଜନଜାତିଙ୍କ ସଂପର୍କରେ ଗବେଷଣାର ପରିସରଭୁକ୍ତ କରାଯାଇଛି । ଏହି ଅଞ୍ଚଳଟି ଦେଖିବାକୁ ଖୁବ୍ ସୁନ୍ଦର । ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଏହି ଅଞ୍ଚଳଟିରେ ମଧ୍ୟଭାଗରେ ଅନେକ ସମତଳ ଅଞ୍ଚଳ ରହିଛି । ଦୂର ପାହାଡ଼ ଉପରେ ସବୁଜିମା ଭିତରେ ସ୍ଥାନେ ସ୍ଥାନେ ପୋଡୁଚାଷ କରାଯାଇଥାଏ । ଦୂରରୁ ଦେଖିଲେ ମନେ ହୁଏ ସତେ ଯେପରି ଧରଣୀ ରାଣୀ ତା'ର ସୁନ୍ଦର ନୀଳ ଶାଢ଼ୀଟି ଘୋଡ଼ାଇ ହୋଇଛି ଏବଂ ପୋଡୁଚାଷ ଜମିଗୁଡ଼ିକ ଶାଢ଼ୀ ମଧ୍ୟରେ ଗୋଟିଏ ଗୋଟିଏ ଫୁଲ ପରି ମନେ ହୁଏ । ଋତୁର ପରିବର୍ତ୍ତନ ଅନୁଯାୟୀ ପୋଡୁ ଜମିର ରଙ୍ଗ ବଦଳି ଯାଏ । ପୋଡୁ ଜମି ସଫା କରିବା ବେଳେ କଳା ଓ ପାଉଁଶିଆ ଦେଖାଯାଇଥାଏ, ଶସ୍ୟ ବଢ଼ିବା ପରେ ସବୁଜ, ଶସ୍ୟ ଫୁଲ ଧରିଲେ ରଙ୍ଗ ବେରଙ୍ଗ ଓ ଶସ୍ୟ ପାଚିଗଲେ ସୁନେଲୀ ରଙ୍ଗ ଧାରଣ କରିଥାଏ । ଏହି ପରି ଜଙ୍ଗଲ ପରିପୂର୍ଣ୍ଣ ଅଞ୍ଚଳର ମଧ୍ୟ ଭାଗରେ ଡ଼ିପ ଜମି, ଢ଼ାଲୁ ଜମିରେ ପାଣି ଜମି ରହିଥାଏ । ଡ଼ିପ ଜମି ଓ ଢ଼ାଲୁ ଜମିଗୁଡ଼ିକ ପାହାଡ଼ ପାଦ ଦେଶରେ କିମ୍ବା ପାହାଡ଼ ପାଖରେ ଥାଏ ଏବଂ ପାଣି ଜମିଗୁଡ଼ିକ ପାହାଡ଼ଠାରୁ ଟିକିଏ ଦୂରକୁ ପର୍ଯ୍ୟନ୍ତ ଲମ୍ୱିଥାଏ । ସ୍ଥାନେ ସ୍ଥାନେ ପର୍ବତରୁ ଚିରସ୍ରୋତା ଝରଣାଟିଏ କୂଳୁକୂଳୁ କରି ଆଗେଇ ଚାଲିଥାଏ । ଏତଦ୍‌ବ୍ୟତୀତ ଅନେକ ଛୋଟ ନଦୀ ମଧ୍ୟ ଏହି ଅଞ୍ଚଳରେ ପ୍ରବାହିତ ।

ଜଙ୍ଗଲ ପରିପୂର୍ଣ୍ଣ ଏହି ଅଞ୍ଚଳ ମଧ୍ୟରେ ଗାଁଗୁଡ଼ିକ ଲୁଚି ରହିଥାଏ । ବସତିର ନିକଟବର୍ତ୍ତୀ ହେଲେ ଧୂସର ରଙ୍ଗରେ ଘରଗୁଡ଼ିକ ନୀଳ ରଙ୍ଗର ପରିବେଶ ମଧ୍ୟରେ ଲୁଚକାଳି ଖେଳୁଥିବା ପରି ମନେ ହୁଏ ।



ଜାତାପୁ ବସତି



ଅପେକ୍ଷାରେ

ଋତୁ ଅନୁଯାୟୀ ବସତିର ସୌନ୍ଦର୍ଯ୍ୟ ପରିବର୍ତ୍ତନଶୀଳ । ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ର ତାପରେ ଗଛଗୁଡ଼ିକରୁ ପତ୍ର ଝଡ଼ିଯାଇଥାଏ । ସ୍ଥାନେ ସ୍ଥାନେ ବନାଗ୍ନି ଲାଗି କେତେକ ଅଞ୍ଚଳର ବୃକ୍ଷଲତାକୁ ପୋଡ଼ି ଧ୍ୱଂସ କରି ଦିଏ । ଏହି ବନାଗ୍ନିର ଦୃଶ୍ୟ ଗ୍ରୀଷ୍ମ ଋତୁର ରାତିରେ ଭୟଙ୍କର ଦେଖାଯାଏ । ପୋଡୁଚାଷ କରିବା ପାଇଁ ଏହି ଋତୁରେ ବୃକ୍ଷଲତା କାଟି ପୋଡୁ ଜମି ପ୍ରସ୍ତୁତ କରାଯାଏ । ତେଣୁ ଏହି ସମୟରେ ଅଞ୍ଚଳଟିର ସବୁଜିମା ହ୍ରାସ ପାଏ । ତେବେ ଗ୍ରୀଷ୍ମର ପ୍ରଭାବ ଜୁନ୍ ମାସ ଶେଷ ଆଡ଼କୁ କମିଯାଏ ଏବଂ ବର୍ଷା ଋତୁ ଆରମ୍ଭ ହୋଇଯାଏ । ଗ୍ରୀଷ୍ମର ପ୍ରଭାବ ପରେ ପରେ ଗଛ ପତ୍ରରେ ନୂଆ ପତ୍ର କଅଁଳି ଥାଏ । ପରିବେଶ ସବୁଜ ରଙ୍ଗରେ ରଙ୍ଗୀନ ଦେଖାଯାଏ । ବର୍ଷା ବିଦୂରିତ ଆକାଶର ଭସା ବାଦଲ ପାହାଡ଼ର ଶୀର୍ଷ ଦେଶକୁ ଛୁଇଁଲା ବେଳେ ଆକାଶ ଓ ପୃଥିବୀ ଏକତ୍ର ହୋଇଗଲା ପରି ମନେ ହୁଏ । ବର୍ଷା ପ୍ରବଳ ହେବା ସମୟରେ ଚାରିଆଡ଼େ ଧୂଆଁଳିଆ ଦିଶେ । ପୋଡୁ ଜମି, ଧାନ ଚାଷଜମିଗୁଡ଼ିକ ସବୁଜିମାରେ ପୂର୍ଣ୍ଣ ହୋଇଯାଇଥାଏ । କେଉଁଠି ମାଟି ଦିଶୁ ନ ଥାଏ ।

ଶୀତ ଋତୁର ଆରମ୍ଭରେ ଜମିରେ ଫସଲ ପାଚେ, ଗଛପତ୍ର ଫୁଲ ଫଳରେ ପୂର୍ଣ୍ଣ ହୋଇ ଯାଇଥାଏ । ପାଚିଲା ଶସ୍ୟକ୍ଷେତ୍ରରେ ନାନା ରଙ୍ଗର ଢେଉ ଖେଳୁଥାଏ । ଏମିତି ଦୃଶ୍ୟ ଦେଖି ମନେ ହୁଏ ଧରଣୀ ରାଣୀ ସ୍ୱର୍ଣ୍ଣ ଅଳଙ୍କାରରେ ନିଜକୁ ସଜେଇ ଦେଇଛନ୍ତି । ତେବେ ଶାନ୍ତକାନ୍ତ ବସନ୍ତର ପ୍ରଭାବ ବେଶୀ ଅନୁଭୂତ ହୁଏ ନାହିଁ । ଶୀତର ପ୍ରକୋପ କମି ଯାଇଥାଏ ଏବଂ ଗ୍ରୀଷ୍ମର ଆଗମନର ପୂର୍ବରୁ ବସନ୍ତ ଋତୁର ପରିବେଶକୁ ଉପଭୋଗ କରିହୁଏ ।

ଜାତାପୁମାନେ ବିଭିନ୍ନ ଉତ୍ସବ ଓ ପର୍ବପର୍ବାଣି ଅବସରରେ ସେମାନଙ୍କ ବାସ ଗୃହକୁ ନାଲିମାଟିରେ ଲିପି, ଅରୁଆ ଚାଉଳ ଚୂନାରେ ଝୋଟି, ଚିତା ଓ ଚିତ୍ର ଅଙ୍କନ କରିଥାନ୍ତି, ତାହା ବେଶ୍ ମନୋରମ । ଏହି ଅବସରରେ ଗାଁ ମଧ୍ୟରେ ଆମ୍ବ ପତ୍ର ଓ ପତାକା ମଧ୍ୟ ଟଙ୍ଗା ଯାଇଥାଏ । ଯଥାସମ୍ଭବ ଗ୍ରାମକୁ ସୁନ୍ଦର ଭାବରେ ସଜାଇ ଯାଇଥାଏ ।

ଜାତାପୁମାନେ ବିଶ୍ୱାସ କରନ୍ତି ଯେ, ଜଙ୍ଗଲର କେତେକ ସ୍ଥାନରେ ଦେବାଦେବୀ ଓ ଅଶରୀର ଆତ୍ମାମାନେ ରହିଥାନ୍ତି । ଜଙ୍ଗଲର ଏପରି ସ୍ଥାନରୁ ଗଛ କଟାଯାଇ ନଥାଏ, ଅଧିକନ୍ତୁ ଦେବାଦେବୀଙ୍କ ଅର୍ଥେ ପୂଜା ଅର୍ଚ୍ଚନା କରାଯାଏ । ସେହିପରି ଦେବଦେବୀ ସ୍ଥାପନା କରାଯାଇଥାଏ । ବୃକ୍ଷ ବା ଜଙ୍ଗଲର ମଧ୍ୟ ସଂରକ୍ଷଣ କରାଯାଏ ।

ସରକାରଙ୍କର ବନ ସଂରକ୍ଷଣ ଯୋଜନା ଯୋଗୁଁ କେତେକ ସ୍ଥାନରେ ସଂରକ୍ଷିତ ଜଙ୍ଗଲକୁ କାଟିବା ପାଇଁ ଦିଆଯାଉ ନାହିଁ ଏବଂ କେତେକ ସ୍ଥାନରେ ସରକାରଙ୍କ ଦ୍ୱାରା ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି ।

ଝାତାପୁମାନଙ୍କର ବସତି / ଗ୍ରାମ (ଉରି)ର ଦୃଶ୍ୟ ଖୁବ୍ ସୁନ୍ଦର । ରାୟଗଡ଼ାର ପାର୍ବତ୍ୟ ଅଞ୍ଚଳରେ ଏମାନେ ବସବାସ କରୁଥିବାରୁ ଗ୍ରାମଗୁଡ଼ିକ ପ୍ରାୟତଃ ପାହାଡ଼ ପାର୍ଶ୍ୱରେ ଅବସ୍ଥିତ । କେତେକ ଗ୍ରାମର ଅବସ୍ଥିତିକୁ ଅନୁଧ୍ୟାନ କଲେ ଦେଖାଯାଏ ପ୍ରତ୍ୟେକ ଗ୍ରାମ କୌଣସି ଏକ ପ୍ରାକୃତିକ ଜଳ ଉତ୍ସ ମୁଖ୍ୟତଃ ଝରଣା ନିକଟରେ ରହିଛି । ତେଣୁ ଏହା ଅନୁମାନ କରାଯାଇପାରେ ଯେ ବସତି ସ୍ଥାପନ ପାଇଁ ଏମାନେ ପ୍ରଥମେ ଜଳ ଉତ୍ସ ଉପରେ ଗୁରୁତ୍ୱ ଦେଇଥା'ନ୍ତି । ଏହାବ୍ୟତୀତ ଗ୍ରାମଟି ଅପେକ୍ଷାକୃତ ଉଚ୍ଚାସ୍ଥାନରେ ଥାଏ । ଫଳତଃ ବର୍ଷାଜଳ ସେ ଅଞ୍ଚଳରେ ନ ଜମି ତଳକୁ ଗଡ଼ି ଯାଏ ଏବଂ ସ୍ଥାନଟି ସନ୍ତସନ୍ତିଆ ହୁଏ ନାହିଁ । ତେବେ ବସତି ସ୍ଥାପନ ପୂର୍ବରୁ ସ୍ଥାନର ଚୟନ ଓ ଭବିଷ୍ୟତର ଶୁଭାଶୁଭ ନିର୍ଣ୍ଣୟ ଇତ୍ୟାଦି 'ନିୟମ ଇଡ଼ନାମୁ' (ପୂଜାପାଠ ପୂର୍ବକ ଚାଉଳ ରଖି) ଦ୍ୱାରା କରାଯାଏ । ଯଦି ସ୍ଥାନଟି ଉପଯୁକ୍ତ ଓ ଶୁଭପ୍ରଦ ବୋଲି ସୂଚନା ମିଳିଥାଏ, ତେବେ ଝାତାପୁମାନେ ସେହିଠାରେ ବସତି ସ୍ଥାପନ କରନ୍ତି । ଏହିପରି ଗ୍ରାମ ଗଢ଼ି ଉଠେ । (ନୂତନ ଗ୍ରାମ ସଂରଚନା ପଦ୍ଧତି ଓ ସଂପୃକ୍ତ ପୂଜାବିଧି ବିଷଦ୍ ଭାବରେ ସାମାଜିକ ସଂଗଠନ ଅଧ୍ୟାୟରେ ବର୍ଣ୍ଣିତ) ।

ଝାତାପୁମାନଙ୍କ ଗୃହଗୁଡ଼ିକ ଡ଼ଙ୍ଗରିଆ କନ୍ଧମାନଙ୍କ ପରି ଗାଁରେ ଏ ମୁଣ୍ଡରୁ ସେମୁଣ୍ଡ ଯାଏ ଧାଡ଼ିକରି ଥାଏ । ଗାଁରେ ମୁଖ୍ୟତଃ ଦୁଇଧାଡ଼ି ଘରଥାଏ । ମଝିରେ ବଡ଼ ଓସାରିଆ ଦାଣ୍ଡ ଥାଏ । ଯେଉଁ ଗ୍ରାମରେ ଜନସଂଖ୍ୟା ଅଧିକ ସେହି ଗ୍ରାମରେ ଦୁଇରୁ ଅଧିକ ସଂଖ୍ୟକ ଧାଡ଼ି କରି ଘର ତିଆରି କରାଯାଇଥାଏ । ଉଭୟ ପାର୍ଶ୍ୱର ଘରଗୁଡ଼ିକ ମଝି ଦାଣ୍ଡକୁ ମୁହଁ କରିଥାନ୍ତି । ଅନ୍ୟ ପାଖରେ ଅର୍ଥାତ ଘରର ପଛ ପାଖରେ ଗୃହ ସଂଲଗ୍ନ ପନିପରିବା ବଗିଚା ଥାଏ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଗାଁର ଧାଡ଼ି ମଧ୍ୟରୁ କୌଣସି ଘର ଭାଙ୍ଗି ଗଲେ କିମ୍ବା କୌଣସି ବ୍ୟକ୍ତି ଧାଡ଼ି ମଧ୍ୟରୁ ଘର ଛାଡ଼ି ଚାଲିଗଲେ ଗାଁର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଏ ବୋଲି ସେମାନେ ମତବ୍ୟକ୍ତ କରିଥାଆନ୍ତି । ଯଦି କୌଣସି କାରଣ ବଶତଃ କୌଣସି ଗୃହର ବ୍ୟକ୍ତି ଘର ପରିତ୍ୟାଗ କରନ୍ତି ତେବେ ସେହି ଗୃହକୁ ଗ୍ରାମର ଅନ୍ୟ କେହି ବ୍ୟକ୍ତି ଅଧିକାର କରିଥାନ୍ତି ଏବଂ ସେହି ଘରର ଯତ୍ନ ନେଇ ଗ୍ରାମର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଥାଆନ୍ତି ।

ବିଧିବଦ୍ଧ ଭାବେ ଗ୍ରାମ ସ୍ଥାପନା କରାଯିବା ପରେ ଘରଗୁଡ଼ିକ ଧାଡ଼ି ଧାଡ଼ି କରି ନିର୍ମାଣ କରାଯାଇଥାଏ । ଗାଁର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଘରଗୁଡ଼ିକ ଅବିଚ୍ଛିନ୍ନ ଭାବରେ ଲମ୍ବିଥାଏ । ପ୍ରତ୍ୟେକ ଘରର ଉଚ୍ଚତା, ଆକାର ଓ ଗୃହ ନିର୍ମାଣ ଶୈଳୀ ଏକା ପ୍ରକାର ହୋଇଥାଏ । ଗାଁର ଦୁଇ ଧାଡ଼ି ଘର ମଧ୍ୟରେ ବଡ଼ ଓସାରିଆ ଦାଣ୍ଡ ଥାଏ । ଏହି ଦାଣ୍ଡକୁ ସମସ୍ତ ଘରର ମୁଖ୍ୟ ଦ୍ୱାର ମୁହାଁଇଥାଏ ଏବଂ ଏହାର ଅପର ପାର୍ଶ୍ୱରେ ପନିପରିବା ବଗିଚା ଘରକୁ ଲାଗି ରହିଥାଏ । ବଗିଚା ଆଡ଼କୁ ମଧ ଗୋଟିଏ ମୁଖ୍ୟ ଦ୍ୱାର ଥାଏ ଏବଂ ବଗିଚାକୁ ଘେରାଇ ଝଟାରେ ଗୋଟିଏ ବାଡ଼ ତିଆରି ହୋଇଥାଏ ।

ଗାଁର ଗୋଟିଏ ମୁଣ୍ଡରେ ଗାଁ ସାରା ବ୍ୟକ୍ତିଙ୍କର ଗୋରୁଗୁହାଳ ମଧ ଧାଡ଼ି କରି ନିର୍ମାଣ କରାଯାଇଥାଏ । ଗ୍ରାମର ଚତୁଃପାର୍ଶ୍ୱରେ ଠାକୁର ଠାକୁରାଣୀମାନଙ୍କୁ ସ୍ଥାପନ କରାଯାଇଥାଏ । ପୂର୍ବରେ ଆମ୍ମାଓ୍ୱାରୁ (ବଡ଼ ଗ୍ରାମଠାକୁରାଣୀ) ପଶ୍ଚିମରେ ନୁକାଲାମା (ସାନ ଗ୍ରାମ ଠାକୁରାଣୀ), ଉତ୍ତରରେ ଜାଂକେର ଆମ୍ମା (ଝାଂକିରିମାଆ)ଙ୍କୁ ସ୍ଥାପନ କରାଯାଇଥାଏ । ଗ୍ରାମର ଅନତି ଦୂରରେ ଚିରସ୍ରୋତା ଝରଣାଟିଏ କିମ୍ବା ନାଳଟିଏ ବହି ଯାଉଥାଏ । ଗ୍ରାମଠାରୁ ଟିକିଏ ଦୂରରେ ଜଙ୍ଗଲ ମଧ୍ୟରେ ଶ୍ମଶାନ କରାଯାଇଥାଏ । ଏତଦ୍‌ବ୍ୟତୀତ ଗ୍ରାମକୁ ଲାଗି ଚାଷ କରିବା ପାଇଁ ପାଣି ଜମି, ଢ଼ିପ ଜମି, ପାର୍ବତ୍ୟ ପାଦ ଦେଶରେ ଥିବା ଢ଼ାଲୁ ଜମି ଇତ୍ୟାଦି ଥାଏ । ପାହାଡ଼ ଉପରେ ଥାଏ ପୋଡୁ ଜମି ।

ପାରମ୍ପରିକ ଜାତାପୁ ଗୃହ ନିର୍ମାଣ ଶୈଳୀରେ କୌଣସି ଗୃହ ଅନ୍ୟଠାରୁ ଭିନ୍ନ ମନେ ହୁଏ ନାହିଁ ଫଳରେ ଗାଁର ମୁଖିଆ, ପୂଜାରୀ ଓ ଅନ୍ୟାନ୍ୟ ମାନ୍ୟ ଗଣ୍ୟ ବ୍ୟକ୍ତିଙ୍କର ଘରଗୁଡ଼ିକୁ ହଠାତ ଦେଖି ଚିହ୍ନିହୁଏ ନାହିଁ ।

### ଗ୍ରାମସ୍ଥ ଅନ୍ୟାନ୍ୟ ସଂରଚନା :

ଜାତାପୁମାନଙ୍କର ଏବେ କୌଣସି ପ୍ରକାର ଗୋଷ୍ଠୀଗୃହ, ଭଣ୍ଡାର ଗୃହ, ସାଧାରଣ ଘର, ଯୁବଶୟନାଗାର, ସମିତି ଗୃହ କିମ୍ବା ଅବସର ବିନୋଦନ ପାଇଁ ଗୃହ ନାହିଁ । ପ୍ରାୟ ସମସ୍ତ ପ୍ରକାର କାର୍ଯ୍ୟ ଗାଁ ମଧ୍ୟସ୍ଥ ଓସାରିଆ ଦାଣ୍ଡରେ କରାଯାଇଥାଏ ।

ଜନବସତିଠାରୁ ଦୂରରେ ଜଙ୍ଗଲ ମଧ୍ୟରେ ଶ୍ମଶାନ (ଅଲକାଡ଼ି) କରାଯାଇଥାଏ । ଏହା ସୁବିଧା ଅନୁସାରେ ଗ୍ରାମର କୌଣସି ଦିଗରେ କରାଯାଇପାରେ । ମୃତବ୍ୟକ୍ତିମାନଙ୍କୁ ଏହିଠାରେ ଦାହ କରାଯାଏ ।

ଗ୍ରାମ ନିକଟରେ ସମତଳ ପଡ଼ିଆ ଥାଇପାରେ । ଏହାକୁ ଗୋଚର ଜମି ହିସାବରେ ଖେଳ ପଡ଼ିଆ ହିସାବରେ ବ୍ୟବହାର କରାଯାଇପାରେ ।

ଗାଁର ଚତୁଃପାର୍ଶ୍ୱରେ ଦେବାଦେବୀଙ୍କୁ ଆସ୍ଥାନ କରି ରଖାଯାଇଥାଏ; ଗ୍ରାମର ପୂର୍ବରେ ଆମ୍ମାଓ୍ୱାରୁ ପଶ୍ଚିମରେ ନୂକାଲାମ୍ମା, ଉତ୍ତରରେ ଜାଁକିରି ଆମା ଥା'ନ୍ତି । ଏମାନେ ଗ୍ରାମର ଚତୁଃପାର୍ଶ୍ୱରେ ଥାଇ ଏକ ସୁରକ୍ଷିତ ବଳୟ ସୃଷ୍ଟି କରି ବାହାର ଅନିଷ୍ଟ ଶକ୍ତି ଇତ୍ୟାଦିକୁ ଗ୍ରାମ ମଧ୍ୟକୁ ପ୍ରବେଶ କରିବା ପାଇଁ ନିଷେଧ କରିଥାନ୍ତି ।

ଆଖଡ଼ା ପାଇଁ କୌଣସି ସ୍ଥାନ ନିର୍ଦ୍ଧାରଣ କରାଯାଇ ନଥାଏ କିମ୍ବା କୌଣସି ପ୍ରକାର ଗୃହ ନଥାଏ କିନ୍ତୁ ଗାଁ ମଧ୍ୟସ୍ଥ ଓସାରିଆ ଦାଣ୍ଡରେ ଉପଯୁକ୍ତ ସମସ୍ତ ପ୍ରକାର କାର୍ଯ୍ୟ କରାଯାଇଥାଏ ।

ଗ୍ରାମ ନିକଟରେ ଗୋଟିଏ ନାଳ କିମ୍ବା ଝରଣା ରହିଥାଏ । ନାଳରେ ଲୋକ ଗାଧୁଆ ପାଧୁଆ, ଲୁଗାପଟା ସଫା କରିବା, ବାସନକୁସନ ମାଜିବା, ଗୃହପାଳିତ ପଶୁପକ୍ଷୀଙ୍କୁ ଗାଧୋଇ ଦେବା ପାଇଁ ଅଲଗା ଅଲଗା ସ୍ଥାନ ନିରୂପିତ ହୋଇଥାଏ । କୂପ, ନଳକୂପ ଆଦି ନଥିବା ସମୟରେ ଏହି ଝରଣାରୁ ପାଣିକୁ ସେମାନେ ପାନୀୟ ଜଳ ରୂପେ ବ୍ୟବହାର କରୁଥିଲେ । ଏବେ ପ୍ରତ୍ୟେକ ଗ୍ରାମରେ ନଳକୂପ, କୂଅ ଇତ୍ୟାଦି ଥିବାର ଦେଖାଯାଏ । କେତେକ ଗ୍ରାମରେ ପୋଖରୀ ମଧ୍ୟ ରହିଛି ।

ଗ୍ରାମର ଦେବାଦେବୀଙ୍କ ମଧ୍ୟରେ ପୂର୍ବରେ ଆମଓ୍ୱରୁ, ପଶ୍ଚିମରେ ନୁକାଲମା, ଉତରରେ ଜାକିରିଆମା ଅଛନ୍ତି । ଆମ୍ମାଓ୍ୱାରୁ (ବଡ଼ ଠାକୁରାଣୀ), ନୂକାଲାମା (ସାନ ଠାକୁରାଣୀଙ୍କୁ) ଓ ଜାଂକିରୀଆମଙ୍କର ଆସ୍ଥାନ ଗଛମୂଳେ ଥାଏ । କିନ୍ତୁ କେତେକ ଜାତାପୁ ଗ୍ରାମରେ ଠାକୁରାଣୀଙ୍କୁ ମନ୍ଦିର ପରି ଏକ ଛୋଟ ଘର କରି ରଖାଯାଇଥାଏ । ଏହି ଘର ମଧ୍ୟରେ ମୁଖ୍ୟତଃ ଛିନ୍ନମସ୍ତା କାଳୀ, ମାଆଦୁର୍ଗା ଓ ଯୋଗିନୀ ଗଣଙ୍କର ଚିତ୍ର ହୋଇଥିବାର ଦେଖାଯାଏ । କିନ୍ତୁ ପୂର୍ବପୁରୁଷଙ୍କ ସ୍ମୃତିରକ୍ଷା ନିମନ୍ତେ କୌଣସି ପ୍ରକାର ପଥର ସ୍ଥାପନା କରାଯାଇନଥାଏ ।

ସମୟର ପରିବର୍ତ୍ତନ, ଅର୍ଥନୈତିକ ଉନ୍ନତି ଓ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଦ୍ୱାରା ଜାତାପୁମାନଙ୍କ ଅଗ୍ରଗତି ଘଟିଛି । ତେଣୁ କେତେକ ଧନୀ ଶ୍ରେଣୀର ଜାତାପୁ ନିଜ ଚେଷ୍ଟାରେ ଟିଣ ଛପର ଘର, କଂକ୍ରିଟ ଘର, ଇଟାକାନ୍ଥ ନିର୍ମିତ



ନାନ୍ଦିଆମାଙ୍କ ପୂଜା



ବୈଦ୍ୟ

ଗୃହ କରିଲେଣି । ଏତଦ୍‌ଭିନ୍ନ କେତେକ ଗ୍ରାମରେ ସରକାରଙ୍କର ଅନୁଦାନକ୍ରମେ ଇନ୍ଦିରା ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଇଛି । ତେଣୁ ଗ୍ରାମରେ ଝାଟିମାଟିରେ ନିର୍ମିତ ଚାଳଘର, ଇଟାକାନ୍ଥ ଓ ଟିଣ ଛପରଘର, କଂକ୍ରିଟ ଗୃହ ମଧ୍ୟ ଦେଖାଦେଲାଣି ।

ତେଣୁ ଯେଉଁ ଗ୍ରାମରେ କଂକ୍ରିଟ ଗୃହ କିମ୍ବା ବଡ଼ ଧରଣର ଟିଣ ଛପର ଘର ଥାଏ । ତାକୁ ଧନୀ ଘର ବୋଲି ଅନୁମାନ କରାଯାଇପାରେ । ଗରିବଲୋକମାନେ ଅର୍ଥଅଭାବରେ ମୁଖ୍ୟତଃ ଝାଟିଗାଁରେ ନିର୍ମିତ ଚାଳ ଘରେ ବସବାସ କରିଥା'ନ୍ତି କିମ୍ବା ସରକାରଙ୍କର ସାହାଯ୍ୟରେ ଇନ୍ଦିରା ଆବାସ ଯୋଜନାରେ ଛୋଟ ଘରଟିଏ ତିଆରି କରିଥାନ୍ତି ।

ଦେବାଦେବୀଙ୍କ ପାଇଁ ଗାଁ ମୁଣ୍ଡରେ କିମ୍ବା ଗାଁ ମୁଣ୍ଡରୁ ୫୦୦ ମିଟର ଦୂର ଭିତରେ ଠାକୁରାଣୀ ମାଆଙ୍କ ପାଇଁ ଗୃହ ନିର୍ମାଣ କରାଯାଇଥାଏ । କେତେକ ଗ୍ରାମ ନିକଟରେ ଶକ୍ତି ମନ୍ଦିରମାନ ନିର୍ମାଣ କରାଯାଇଥିବାର ଦେଖାଯାଏ ।

ଗ୍ରାମ ମୁଖିଆ ବା ଗ୍ରାମର କୌଣସି ପ୍ରଧାନ ବ୍ୟକ୍ତିମାନଙ୍କର ସ୍ୱତନ୍ତ୍ର ଗୃହ ନଥାଏ କିମ୍ବା ସେମାନେ ସ୍ୱତନ୍ତ୍ର ଭାବରେ ଘର ତିଆରି ନକରି ସାଧାରଣ ଭାବରେ ଧାଡ଼ି ମଧ୍ୟରେ କୌଣସି ସ୍ଥାନରେ ଘର ତିଆରି କରିଥାନ୍ତି । ସମଗୋତ୍ର, ବଂଶ ଇତ୍ୟାଦିର ଗୃହଗୁଡ଼ିକ ଏକାଠି ହେବ ବୋଲି କିଛି ନିୟମ ନଥାଏ । ଯେ କୌଣସି ଗୋତ୍ରର ଲୋକ ପାଖରେ ଅନ୍ୟ ଗୋତ୍ରର ଲୋକ ବସବାସ କରି ରହିଥା'ନ୍ତି । ତେବେ ଅନ୍ୟାନ୍ୟ ଜାତି ଓ ସମ୍ପ୍ରଦାୟର ଲୋକେ ଜାତାପୁମାନଙ୍କଠାରୁ ଟିକିଏ ଦୂରରେ ଅଲଗା ବାସ କରିଥାନ୍ତି । ଏମାନେ ମୁଖ୍ୟତଃ ଧାଡ଼ି ମଧ୍ୟରେ ଘର ନକରି ଅନ୍ୟତ୍ର ଘରକରି ରହିଥାନ୍ତି । କିନ୍ତୁ କାଁଭାଁ ଅଣଆଦିବାସୀ ଲୋକମାନେ ଜାତାପୁମାନଙ୍କ ସହ ମିଶି ଗୋଟିଏ ଧାଡ଼ିରେ ଘରକରି ରହିଥା'ନ୍ତି ।

ଖରା, ବର୍ଷା, ଶୀତ, କାକରରୁ ରକ୍ଷା ପାଇବା, ବନ୍ୟ ହିଂସ୍ର ଜନ୍ତୁଙ୍କ ଆକ୍ରମଣରୁ ନିଜକୁ ଏବଂ ଗୃହପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷା ଦେବା, ଚୋର ଇତ୍ୟାଦିମାନଙ୍କ କବଳରୁ ଧନ ସଂପତ୍ତିକୁ ବଞ୍ଚାଇ ରଖିବା ସର୍ବୋପରି ସ୍ଥାୟୀ ଭାବରେ ରହିବା ପାଇଁ ଏହି ଗୋଷ୍ଠୀର ଆଦିବାସୀମାନେ ପାରମ୍ପରିକ ଶୈଳୀରେ ଗୃହ ନିର୍ମାଣ କରିଥାନ୍ତି । କାଠ, ବାଉଁଶ, ଦଉଡ଼ି, କାଦୁଅ, ଝାଟି ଇତ୍ୟାଦି ସାହାଯ୍ୟରେ ପାରମ୍ପରିକ ଜାତାପୁ ଗୃହ ନିର୍ମିତ ।

ଜାତାପୁ ସଂପ୍ରଦାୟ ଲୋକମାନେ ଗୃହନିର୍ମାଣ ପାଇଁ କେତେକ ଉପରକଣ ଦରକାର କରିଥାନ୍ତି । ସେଥି ମଧ୍ୟରେ କାଠ (କାଗ୍ରା), ଛଣ (ଗାଡ୍ରି), ଡାବୁଛଣ(ଡାବାଗାଡ୍ରି), ଝାଟି (କାମ୍ପା), ମାଟି କାଦୁଅ (ବୁରଦା), ଖୁଣ୍ଟ (ରା'ଟା), ଦଉଡ଼ି (ତା'ଡ୍ରୁ), ଶିଆଳୀ ଦଉଡ଼ି(ଆଡ୍ରୁନାରା), ପାଟିଆ (ପାଟେ), ମଥାନ(ଦୁଲାମ୍), ପଟା (ବାଲ୍ଲୁ), ରୁଅ (ୱାସାଗାରାଲୁ), ବତା (ବାଦା /ବାଦାଲୁ) ଇତ୍ୟାଦି ପ୍ରଧାନ । ସାଧାରଣତଃ ଏହି ସବୁ ଉପକରଣଗୁଡ଼ିକୁ ନିକଟସ୍ଥ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି ।

କୌଣସି ସ୍ଥାନରେ ନୂଆ ଘରଟିଏ ନିର୍ମାଣ କରିବାକୁ ମନସ୍ତ କଲେ ଉକ୍ତ ସ୍ଥାନଟି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଇଁ ଅନୁକୂଳ ହେବକି ନାହିଁ ସେଥିପାଇଁ ଏକ ପରୀକ୍ଷା କରାଯାଇଥାଏ । ପ୍ରଥମେ ଘର କରିବା ପାଇଁ ମନାସି ଥିବା ସ୍ଥାନରେ ଗୋଟିଏ ହାତରେ ଛଡ଼ା ଯାଇଥିବା କେତେକ ଅରୁଆ ଚାଉଳକୁ ରଖିଦିଆଯାଏ । ଚାଉଳକୁ ସଜାଇ ରଖି ତା' ଉପରେ ଗୋଟାଏ ପତ୍ର ଦନା କିମ୍ବା ବାଉଁଶ ନିର୍ମିତ ଝୁଡ଼ି ଘୋଡ଼ାଇ ଦିଆଯାଏ । ପରଦିନ ସକାଳୁ ଘୋଡ଼ା ଯାଇଥିବା ସେହି ପତ୍ର ଦନା ବା ଝୁଡ଼ିକୁ ଆସ୍ତେ ଉଠାଇ ଦିଆଯାଏ । ଯଦି ଚାଉଳଗୁଡ଼ିକ ପୂର୍ବପରି ସୁରକ୍ଷିତ ଥାଏ ଏବଂ ଏଣେ ତେଣେ ଖେଳାଇ ହୋଇ ପଡ଼ି ନଥାଏ, ତେବେ ନିର୍ଦ୍ଦିଷ୍ଟ ସ୍ଥାନଟି ଉକ୍ତ ବ୍ୟକ୍ତିଙ୍କ ପାଇଁ ଶୁଭପ୍ରଦ ବୋଲି ବିବେଚନା କରାଯାଏ । ସେଠାରେ ଘର କଲେ ସେହି ବ୍ୟକ୍ତିଙ୍କ ଉନ୍ନତି ହେବ ବୋଲି ଜାତପୁମାନଙ୍କର ଧାରଣା ରହିଛି ।

ଏହାପରେ ଘରର ଶୁଭ ଦେବା ପାଇଁ ଶୁଭସମୟ ନିର୍ଣ୍ଣୟ କରିବାକୁ ଦିଶାରୀଙ୍କୁ ଅନୁରୋଧ କରାଯାଏ । ଦିଶାରୀ ଗ୍ରହ ନକ୍ଷେତ୍ରମାନଙ୍କୁ ଅନୁଧାନ କରି ନିର୍ଣ୍ଣୟ କରନ୍ତି । ଦିଶାରି ନିର୍ଣ୍ଣୟ କରିଥିବା ସମୟରେ ଶୁଭଦିଆଯାଏ । ଏଥିପାଇଁ ଜାମ୍ବୁ, ମହୁଲ, ସର୍ଗି (ଶାଳ) ଗଛର ଖୁଣ୍ଟ କିମ୍ବା ବହିଯାଉଥିବା ପାଣିରୁ ଏକା ଥରେ ହାତ ମାରି ସଂଗ୍ରହ କରିଥିବା ଜୀଅନ୍ତା ପଥର ଆଣି ଶୁଭ ଦିଆଯାଏ । ଶୁଭ ଖୁଣ୍ଟରେ କଞ୍ଚା ହଳଦୀ, ଦୁବଘାସ ଓ ତମ୍ବା ପଇସା ବନ୍ଧା ଯାଇଥାଏ । ଏହାପରେ ସମୟ ସୁବିଧା ଦେଖି ଗୃହ କାର୍ଯ୍ୟ ଆରମ୍ଭ କରାଯାଇଥାଏ । ପ୍ରଥମେ ଗୋଟିଏ ସ୍ଥାନର ମାଟି ହାଣି, ପାଣି ଢ଼ାଳି ଗୋଡ଼ରେ ଚକଟି କିମ୍ବା ବଳଦ ଗଡ଼ାଇ କାଦୁଅ ପ୍ରସ୍ତୁତ କରାଯାଏ । ଏହାକୁ ଏହିପରି ଅବସ୍ଥାରେ ପ୍ରାୟ ୭ ଦିନ ଛାଡ଼ି ଦିଆଯାଏ । ପରେ ପୁଣି କାଦୁଅକୁ ଚକଟା ଯାଏ । କାନ୍ଥ ବସାଇବା ଜାଗାରେ ଟିକିଏ ହାଣି ପାଣି ପକାଇ ଚକଟି ଦିଆଯାଏ ଏବଂ ତା'ଉପରେ ଚକଟା ଯାଇଥିବା କାଦୁଅକୁ ଆଣି ଲଦି ଲଦି କାନ୍ଥ ତିଆରି (ଗଡ଼ା) କରାଯାଇଥାଏ । ସାଧାରଣତଃ ପୁରୁଷ

ଲୋକମାନେ କାନ୍ଥ ଦେଇଥାନ୍ତି ଏବଂ ମହିଳାମାନେ କାଦୁଅ ଆଣି ପୁରୁଷ ଲୋକଙ୍କୁ ଯୋଗାଇ ଥାଆନ୍ତି । କାଦୁଅ କାନ୍ଥଟି ଶୁଖିବା ପାଇଁ ପ୍ରାୟ ଗୋଟିଏ ସପ୍ତାହ ଲାଗେ । ପରିବାରର ସମସ୍ତେ ଝାଟି ( ମାଟି କାମ୍ବା) ରୁଆ (ଓ୍ୱାସଗାରାଲୁ) ଇତ୍ୟାଦି ସଂଗ୍ରହରେ ବ୍ୟସ୍ତ ରହନ୍ତି । ପୁଣି ସମୟ ହେଲେ କାଦୁଅ ଲଦିକାନ୍ଥ ଦେଇ କାନ୍ଥ ଉଠାଇ ଥାଆନ୍ତି । ଏହିପରି କାଦୁଅରେ ୫-୭ ଲଦି କାନ୍ଥ ଦିଆଯିବା ପରେ କାନ୍ଥ ଦେବା ବନ୍ଦ କରାଯାଇଥାଏ । ମଝିରେ କାନ୍ଥ ଉପରେ ପଟା ପକାଇ ଆଟୁ (ଆଟୁଲୁ) ବନ୍ଧା ଯାଇଥାଏ । ଇତି ମଧ୍ୟରେ ଜଙ୍ଗଲରୁ କାଠ, ଖୁଣ୍ଟ (କୋୟା), ଶେଣୀ (ପାଟି), ମଥାଣ (କୁଲାମ), ରୁଅ (ଓ୍ୱାସଗାରାଲୁ) ଇତ୍ୟାଦି ସଂଗ୍ରହ ହୋଇ ସାରିଥାଏ । ତେଣୁ ପରେ ଖୁଣ୍ଟ ପୋତି ମଥାଣ ଚଢ଼ାଯାଇ ଶେଣୀ ଲଗାହୁଏ । ପରେ ସେଥିରେ ରୁଅ ପକାଯାଏ । ରୁଅ ପକାଇ ଝାଟିରେ ବେଢରା ହୁଏ ଏବଂ ପରେ ଛଣ (ଡ଼ାବାଗାଡ଼ି) ଦ୍ୱାରା ଘର ଛପର (ଘରର ଚାଳ - ପେଣାକା) କରାଯାଇଥାଏ । ସାଧାରଣତଃ ପୁରୁଷ ଲୋକମାନେ ଘର ଛପର କରିଥାନ୍ତି । ଏଥିରେ ମହିଳାମାନେ ସାହାଯ୍ୟ କରିଥାନ୍ତି । ଛପର ସମୟରେ ମହିଳାମାନେ କାନ୍ଥକୁ ଲିପିପୋଛି ପରିଷ୍କାର କରି ଦେଇଥାନ୍ତି । ଚଟାଣକୁ ମାଟି କାଦୁଅରେ ସମତଳ କରାଯାଇଥାଏ । ଘର ଛପର ପରେ ଜାତପୂମାନେ ସଙ୍ଗେ ସଙ୍ଗେ ଚାଳରେ ଆମ୍ବପତ୍ର ଖୋସିଦିଅନ୍ତି ଏବଂ ଚାଳ ଉପରକୁ ହଳଦୀ ପାଣି ଫିଙ୍ଗି ଥାଆନ୍ତି । ଏହା ପରେ ଘର ପ୍ରତିଷ୍ଠା କରାଯାଇଥାଏ ।

ଘର ପ୍ରତିଷ୍ଠା (ଇଲୁ ପ୍ରତିଷ୍ଠାମ୍) କରିବା ପାଇଁ ଦିଶାରୀଙ୍କୁ କହି ଶୁଭ ସମୟ ନିର୍ଣ୍ଣୟ କରାଯାଇଥାଏ । ଠିକ୍ ଶୁଭସମୟରେ ବାହ୍ମଣ ବା ପୁରୋହିତଙ୍କୁ ଡ଼ାକି ଭୋଗ କରାଯାଇଥାଏ । ଯେଉଁ ଗରିବ ଲୋକମାନେ ଘିଅପୋଡ଼ି ହୋମ ନ କରିପାରନ୍ତି ସେମାନେ ଗୋଟିଏ ଛୋଟ ନୂଆ ମାଟି ହାଣ୍ଡି ସଂଗ୍ରହ କରନ୍ତି । ସେଥିରେ କିଛି ଗାଈକ୍ଷୀର ନେଇ ଅରୁଆ ଚାଉଳକୁ ଧୋଇ ପକାଇଥା'ନ୍ତି । କ୍ଷୀର ଉତୁରିବା ପର୍ଯ୍ୟନ୍ତ ତାକୁ ନିଆଁରେ ବସାଇ ରଖନ୍ତି । କ୍ଷୀର ଉତୁରି ନିଆଁରେ ଓ ଭୂମିରେ ପଡ଼ିଥାଏ । ତେବେ କ୍ଷୀର ଓ ଚାଉଳ ଖିରି ହେବାପରେ ଗୃହର ଦେବାଦେବୀ ଓ ପିତୃମାତୃଙ୍କ ଉଦ୍ଦେଶ୍ୟରେ ଗୋଷେଇ ଶାଳରେ ଦେଇ ଦେବାଦେବୀ ଓ ପିତୃପୁରୁଷମାନଙ୍କୁ ସନ୍ତୁଷ୍ଟ କରନ୍ତି ।

ଜାତାପୁ ଗୃହର ବାରଣ୍ଡାରେ ବସି ଗପସପ ହେବା, ଖଲିପତ୍ରରୁ ଖଲି ତିଆରି କରିବା, ଝାଡୁ ବାନ୍ଧିବା, ଶସ୍ୟ କୁଟିବା ଓ ପରିଷ୍କାର କରିବା କାର୍ଯ୍ୟ କରାଯାଇଥାଏ । ଏହି ବାରଣ୍ଡାର ଗୋଟିଏ ପାର୍ଶ୍ୱରେ ଉଚ୍ଚା କରି ପିଣ୍ଡା କରାଯାଇଥାଏ । ଏଠାରେ ବସାଉଠା କରାଯାଏ । ବାରଣ୍ଡାରେ ଗୋଟିଏ କୋଣରେ କୁକୁଡ଼ା ଘରଟିଏ ତିଆରି କରାଯାଇଥାଏ ।

ବାରଣ୍ଡାରୁ ଘର ଭିତରକୁ ପ୍ରବେଶ କଲେ ଗୃହର ମୁଖ୍ୟ ଓ ବଡ଼ ପ୍ରକୋଷ୍ଠ ପଡ଼େ । ଏହା ଶୋଇବା ଘର । ଏଥିରେ ଗୋଟିଏ କୋଣରେ ଶସ୍ୟ ରଖିବା ପାଇଁ କୋଠି, ଅନ୍ୟ କୋଣରେ ଠାକୁର ଥା'ନ୍ତି । ଏହି ଗୃହରେ ରାତ୍ରିରେ ଶୟନ କରାଯାଏ । ଖରାଦିନେ ବାରଣ୍ଡାରେ ମଧ୍ୟ ସେମାନେ ଶୋଇଥା'ନ୍ତି । ମୁଖ୍ୟ ପ୍ରକୋଷ୍ଠର କିଛି ଅଂଶକୁ ଗନ୍ତାଘର ହିସାବରେ ବ୍ୟବହାର କରାଯାଏ । ଏଥିରେ ବର୍ଷା ଋତୁରେ ଜାଳେଣି କାଠ, ଗୁହୋପ ଓ ଅନ୍ୟ ପାଖ କାନ୍ଥ ନିକଟରେ ଉଚ୍ଚା ପିଣ୍ଡି କରି ଭାତ ତରକାରୀ ହାଣ୍ଡି ରଖାଯାଇଥାଏ । ଏଠାରେ ଖିଆପିଆ କରଯାଏ । ଏହାପରେ ପଡ଼େ ରୋଷେଇ ଘର । ରୋଷେଇ ଘରର ଗୋଟିଏ କୋଣରେ ଚୁଲିଥାଏ ଏବଂ ଅପର ପାଖ କାନ୍ଥକୁ ଲାଗି ଗୋଟିଏ ଭାଡ଼ି କରି ତହିଁ ଉପରେ ପାଣି ହାଣ୍ଡି ଏବଂ ବାସନ କୁସନ ସାଇତା ଯାଇଥାଏ । ଏହି ଠାରେ ରୋଷେଇ କରାଯାଏ ଏବଂ ବେଳେବେଳେ ଏହି ପ୍ରକୋଷ୍ଠରେ ମଧ୍ୟ ଖିଆଯାଏ ।

**ଗୃହ ସଂପୃକ୍ତ କେତେକ ଶୁଭ ଓ ଅଶୁଭ ଲକ୍ଷଣ :**

୧. ଘର ଚାଳରେ ଶାଗୁଣା, କାପ୍ତା ବସିଲେ ଘରଟିକୁ ଏକବର୍ଷ ପାଇଁ ଛାଡ଼ିବାକୁ ପଡ଼େ । ଏହି ସମୟରେ ଅନ୍ୟମାନେ ସେହିଘରେ ରହିପାରିବେ ।

୨. ବନ୍ୟଜନ୍ତୁ ଯଦି ଗାଁ ର ମଝି ଦାଣ୍ଡକୁ ଆସନ୍ତି ତେବେ ତାହା ଅଶୁଭ ଅଟେ । ତେଣୁ ବୈଦ ବା ଗୁଣିଆକୁ ଡ଼ାକି ଗାଁକୁ ବନ୍ଧନ କରିବାକୁ ପଡ଼ିଥାଏ ।

୩. ଘରେ ସବୁବେଳେ କଳହ ଲାଗିରହୁଥିଲେ, ବାରମ୍ବାର ଗୃହର ଧନଜୀବନ ଇତ୍ୟାଦି ନଷ୍ଟ ହୋଇଯାଉଥିଲେ ଗୁଣିଆକୁ ଡ଼ାକି ଘର ବନ୍ଧନ କରି ଔଷଧ ପୋଡ଼ିବାକୁ ପଡ଼ିଥାଏ ।

୪. ଯଦି ଗାଁର ସବୁବେଳେ ଅଭାବ ଅନାଟନ ଲାଗିରହେ, ବାରମ୍ବାର ଗାଁକୁ ବିପତ୍ତି ପଡ଼େ, ଗୋରୁ ଗାଈଙ୍କୁ ବାଘ ଆଦି ହିଂସ୍ର ଜନ୍ତୁମାନେ ଖାଇଦେଉଥାନ୍ତି ତେବେ ଦିଶାରୀକୁ ଡ଼ାକି ଗାଁର ସୀମାରେଖାକୁ ମନ୍ତ୍ର ପୂର୍ବକ ଶୁଦ୍ଧିକରି ଗ୍ରାମର ସୁରକ୍ଷା କରାଯାଇଥାଏ, ଗ୍ରାମର ସୀମାରେଖାକୁ ବନ୍ଧନ କରିଦିଆଯାଏ ।

ବାସଗୃହ ବ୍ୟତୀତ ଗ୍ରାମରେ ଗୋଟିଏ ମୁଣ୍ଡରେ ରହିଥାଏ ଗୋରୁଗୁହାଳ । ଏହା ବ୍ୟତୀତ ଗ୍ରାମରେ ଅନ୍ୟ କୌଣସି ସ୍ୱତନ୍ତ୍ର ଗୃହ ନଥାଏ । କେତେକ ଗ୍ରାମରେ ଠାକୁରାଣୀଙ୍କ ପାଇଁ ଛୋଟ ଘରକରି ଆସ୍ଥାନ ତିଆରି କରାଯାଇଥାଏ । ଏଠାରେ ମଧ୍ୟ ବାସଗୃହ ପରି ସମସ୍ତ ନିୟମ ପାଳନ କରି ନିର୍ମାଣ କରାଯାଏ ।

ପଡ଼ୋଶୀ :

ଜାତାପୁ ଆଦିବାସୀଙ୍କ ସହ ବସବାସ କରୁଥିବା ଅନ୍ୟାନ୍ୟ ଜାତି, ଉପଜାତି, ଆଦିବାସୀ ଗୋଷ୍ଠୀଙ୍କର ଏକ ତାଲିକା ନିମ୍ନରେ ଦିଆଯାଉଛି ।

| କ୍ର. ନଂ. | ଗୋଷ୍ଠୀର ନାମ | ମୁଖ୍ୟ ପେଷା | ଜାତପୁଙ୍କଠାରୁ ଖାଦ୍ୟ ଓ ପାଣି ନିଅନ୍ତିକି ? | ଜାତପୁ ମାନେ ଏମାନଙ୍କଠାରୁ ଖାଦ୍ୟ ଓ ପାଣି ନିଅନ୍ତିକି ? |
|---|---|---|---|---|
| ୧. | ବ୍ରାହ୍ମଣ (ବାପନତ୍ତୁ) | ପୂଜାପାଠ | X | ✓ |
| ୨. | ପାଇକ (ଅଡ଼ିଭଲ) | ଚାଷ | X | ✓ |
| ୩. | ତେଲି (ତେଲକାଲ୍ଲୁ) | ତେଲ ବ୍ୟବସାୟ | X | X |
| ୪. | ସୁନାରୀ (ସରାବଲ୍ଲୁ) | ସୁନାକାମ | X | X |
| ୫. | କୁମ୍ଭାର (କୁମ୍ଭାର) | ହାଣ୍ଡି ତିଆରି କରିବା | X | X |
| ୬. | ମୁଣ୍ଡି (ମୁଣ୍ଡି) | ମଦ ଓ ଅନ୍ୟାନ୍ୟ ବେପାର | X | X |
| ୭. | କୁମୁଟି (କୁମୁଟି) | ବ୍ୟବସାୟ | X | X |
| ୮. | କାମ୍ପ (କାମ୍ପ) | ଚାଷ ଓ ବ୍ୟବସାୟ | X | ✓ |
| ୯. | ବାରିକ (ମାଙ୍ଗାଲତ୍ତୁ) | ବାଳକାଟିବା | ✓ | X |
| ୧୦. | ଧୋବା (ସାକାଲତ୍ତୁ) | ଲୁଗାସଫା କରିବା | ✓ | X |
| ୧୧. | ଶବର ( ଶବରଲ୍ଲୁ) | ଚାଷ | ✓ | X |
| ୧୨. | ରେଲି (ରେଲି) | ଫଳମୂଳ ବ୍ୟବସାୟ | ✓ | X |
| ୧୩. | ମୂଳୀ (ମୂଳୁତ୍ତୁ) | ବାଉଁଶ କର୍ମ | ✓ | X |
| | | ଲୁହା କର୍ମ | ✓ | X |
| ୧୪. | ଡ଼ମ୍ବ (ପାଇଡ୍ଡୁଲୁ) | ଅନ୍ୟାନ୍ୟ ବ୍ୟବସାୟ | ✓ | X |
| ୧୫. | କନ୍ଧ | ଚାଷ | ✓ | X |

ଜାତାପୁ ଆଦିବାସୀ ଗୋଷ୍ଠୀ ସହ ଗ୍ରାମରେ, ଗ୍ରାମ ବାହାରେ, ଅନ୍ୟାନ୍ୟ ପଡ଼ୋଶୀ ଗ୍ରାମରେ ରହୁଥିବା ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀଗୁଡ଼ିକ ହେଲେ କନ୍ଧ ଓ ଶବର । ଯଦିଓ ଜାତାପୁମାନଙ୍କୁ କେତେକ ସ୍ଥଳରେ କନ୍ଧ ବୋଲି ବିବେଚନା କରାଯାଏ ଯେମିତିକି ଏମାନଙ୍କୁ ଜାତାପୁ କନ୍ଧ, ବୁଢ଼ା କନ୍ଧ, ପିତା କନ୍ଧ, କନ୍ଧ ଇତ୍ୟାଦି ନାମରେ ନାମିତ କରାଯାଏ, ତଥାପି ଆଜିର ଜାତାପୁ ଓ କନ୍ଧମାନଙ୍କ ମଧ୍ୟରେ ବିଶେଷ ସଂପର୍କ ଥିବା ପରି ମନେ ହୁଏନାହିଁ । କନ୍ଧମାନଙ୍କୁ ଜାତାପୁମାନେ ଅଛୁଆଁ ବୋଲି ଭାବିଥା'ନ୍ତି ଏବଂ ସେମାନଙ୍କଠାରୁ ଖାଦ୍ୟ ଗ୍ରହଣ କରି ନଥାନ୍ତି କିନ୍ତୁ ଅପରପକ୍ଷରେ କନ୍ଧମାନେ ଏମାନଙ୍କଠାରୁ ବିନା ବ୍ୟବଧାନରେ କୌଣସି ପ୍ରକାର ଖାଦ୍ୟ ଖାଇପାରନ୍ତି । କନ୍ଧ ଖଜୁରୀଗଛ କାଟି ସଂଗ୍ରହ କରୁଥିବା ଖଜୁରୀ ରସକୁ ଜାତାପୁମାନେ ଗ୍ରହଣ କରିଥା'ନ୍ତି । କନ୍ଧମାନଙ୍କ ପରି ଶବରମାନେ ମଧ୍ୟ ଏକ ଚାଷୀ ଆଦିବାସୀ ଗୋଷ୍ଠୀ । କନ୍ଧ ଓ ଶବରମାନଙ୍କ ସହ ଜାତାପୁମାନଙ୍କର ବିଶେଷ ସଂପର୍କ ନଥାଏ ଯଦିଓ ଶବରମାନେ ଜାତାପୁମାନଙ୍କଠାରୁ ଖାଦ୍ୟ ଓ ପାନୀୟ ଗ୍ରହଣ କରିଥାନ୍ତି ଏବଂ ଜାତାପୁମାନେ ଶବରମାନଙ୍କଠାରୁ ରନ୍ଧାଖାଦ୍ୟ, ପାଣି ଇତ୍ୟାଦି ଗ୍ରହଣ କରି ନଥାନ୍ତି ।

ବ୍ରାହ୍ମଣମାନେ ଏମାନଙ୍କ ଘରେ ଯଜମାନ କାମ କରିଥାଆନ୍ତି ଅର୍ଥାତ ବିଭିନ୍ନ ବିବାହ, ଶୁଦ୍ଧିକ୍ରିୟା ଇତ୍ୟାଦିରେ ବ୍ରାହ୍ମଣମାନେ ଏମାନଙ୍କର ପୂଜାପାଠ କରିଥା'ନ୍ତି । କୌଣସି କାର୍ଯ୍ୟ ପାଇଁ ନଗଦ ଟଙ୍କା, ଶସ୍ୟ ଆଦି ଦିଆଯାଇପାରେ ଏବଂ ବର୍ଷ ଶେଷରେ ବ୍ରାହ୍ମଣ ଜଣଙ୍କ ମୁଣ୍ଡାଇ ନେଇ ପାରିବା ପରି ଗୋଟିଏ ଧାନବିଡ଼ା ଦିଆଯାଏ । ସେହିପରି ଧୋବା, ଭଣ୍ଡାରୀ ଏମାନଙ୍କର ବିଭିନ୍ନ କର୍ମକାଣ୍ଡ ଯଥା ଛୁତିକିଆ, ମୃତିକିଆ, କନ୍ୟାର ପ୍ରଥମ ରଜୋବତୀ ହେବା ସମୟରେ କର୍ମାନୁଷ୍ଠାନ, ବାର୍ଷିକ ଶ୍ରାଦ୍ଧୋତ୍ସବ, ବିବାହ ଇତ୍ୟାଦି କ୍ଷେତ୍ରରେ ଧୋବା ଲୁଗାସଫା କରେ ଏବଂ ବାରିକ ସବୁବେଳେ ବାଳ ଖିଅର କରେ ଓ ଦାଢ଼ି କାଟେ । ଆଜିକାଲି ସେମାନଙ୍କୁ କାର୍ଯ୍ୟ ସରିବା ପରେ ନଗଦ ପଇସା ଦିଆଯାଏ । ଆଗରୁ ଏମାନଙ୍କ ମଧ୍ୟରେ ମଧ୍ୟ ଜଯମାନୀ ପ୍ରଥା ଥିଲା । ଏମାନଙ୍କୁ ଏବେବି ବର୍ଷଶେଷ ଅମଳପରେ ଖୁସିରେ କିଛି ଶସ୍ୟ ଦିଆଯାଇଥାଏ ।

ଡ଼ମ୍ବର କାମ ନିଆରା । ସେ ଜାତାପୁମାନଙ୍କ ଗାଁରେ ବୁଲି ବୁଲି ଗୋରୁ ଗାଈ କିଣିଥାଏ । ବାହାରୁ ଗୋରୁଗାଈ ଆଣି ଏମାନଙ୍କ ମଧ୍ୟରେ ବିକ୍ରି କରିଥାଏ, ପନିପରିବା, ଶୁଖୁଆ ଇତ୍ୟାଦି ଆଣି ଏମାନଙ୍କ ମଧ୍ୟରେ ବ୍ୟବସାୟ କରିଥାଏ । ସବୁଠାରୁ ବଡ଼ କଥା ହେଉଛି ପାରମ୍ପରିକ ରାଜନୈତିକ ଗ୍ରାମସଭାରେ ଜଣେ ସଦସ୍ୟ ରୂପେ ଡ଼ମ୍ବମାନଙ୍କ ମଧ୍ୟରୁ ଜଣଙ୍କୁ ନିର୍ବାଚିତ କରାଯାଇଥାଏ । ଡ଼ମ୍ବ ଗୋଷ୍ଠୀର କୌଣସି ଜଣେ ଚାଲାକ,

ଚତୁର ଓ ସୁସ୍ଥସବଳ ବ୍ୟକ୍ତିଙ୍କ ବାରିକ୍ (ବାର୍ତ୍ତାବହ) ହିସାବରେ ଗ୍ରାମସଭାକୁ ନିର୍ବାଚିତ ହୋଇଥାଏ । ଡ଼ମ୍ବ ଏହି କାର୍ଯ୍ୟ କରୁଥିବାରୁ ଝାକିରିମାଆଙ୍କର ଥିବା ଜମିରୁ ତାକୁ କିଛି ଭାଗ ଭୋଗ କରିବାକୁ ଦିଆଯାଏ । ଏହି ଡ଼ମ୍ବ ବେପାରୀମାନେ ଜାତାପୁମାନଙ୍କୁ ବ୍ୟବସାୟ ଛଳରେ ଅନେକ ଉପାୟରେ ଠକି ଥାଆନ୍ତି । ଜାତାପୁମାନେ ଏମାନଙ୍କୁ ଛୁଅନ୍ତି ନାହିଁ, କିମ୍ବା ଏମାନଙ୍କଠାରୁ ଜଳମଧ୍ୟ ସ୍ପର୍ଶ କରି ନଥାନ୍ତି । ଅପରନ୍ତୁ ଡ଼ମ୍ବମାନେ ଜାତାପୁମାନଙ୍କଠାରୁ ସମସ୍ତ ପ୍ରକାର ଖାଦ୍ୟ ଖାଇପାରନ୍ତି ।

କୁମୁଟି, ସୁଣ୍ଡି ଓ ତେଲି ଏମାନେ ବ୍ୟବସାୟ କରୁଥିବା ଅଣଆଦିବାସୀ ଗୋଷ୍ଠୀ । କୁମୁଟିମାନେ ଘରେ ବସି ଦୋକାନ ଦେଇଥାନ୍ତି । ବନଜାତ ଦ୍ରବ୍ୟ ଜାତାପୁମାନଙ୍କଠାରୁ କ୍ରୟ କରିଥାନ୍ତି ଏବଂ ଜାତାପୁମାନଙ୍କୁ ଟଙ୍କା ସୁଧରେ ଦେଇଥାଆନ୍ତି ଏବଂ ଏହି ସବୁକ୍ଷେତ୍ରରେ ଅଶିକ୍ଷିତ ଜାତାପୁମାନେ ଠକାମୀର ଶିକାର ହୁଅନ୍ତି । ସେହିପରି ସୁଣ୍ଡିର ମୁଖ୍ୟ ବ୍ୟବସାୟ ମଦ । ଏହା ସହିତ ଅନ୍ୟାନ୍ୟ ବ୍ୟବସାୟ ମଧ୍ୟ ସେମାନେ କରନ୍ତି । ତେଲିମାନେ ମଧ୍ୟ ବିଭିନ୍ନ ପ୍ରକାର ବ୍ରବସାୟ କରିଥାଆନ୍ତି । ଏମାନେ ଦର, ଦାମ, ଗୁଣ ଓ ହିସାବ ଆଦିରେ ଜାତାପୁମାନଙ୍କୁ ଠକି ଥାଆନ୍ତି । ଜାତାପୁମାନଙ୍କୁ ଟଙ୍କା ପଇସା କରଜ ଦେଇ ମାତ୍ରାଧିକ ସୁଧ ଆଦାୟ କରି ନିଅନ୍ତି ଏବଂ ସେମାନଙ୍କୁ ଶୋଷଣ କରିଥାଆନ୍ତି ।

ସେହିପରି ମୂଳୀ ବାଉଁଶ ନିର୍ମିତ ଜିନିଷ ଯୋଗାଇଥାଏ । ବିଭିନ୍ନ ପ୍ରକାର ଲୁହା ନିର୍ମିତ ଶିକାର ଉପକରଣ, କୃଷି ଉପକରଣ ଇତ୍ୟାଦିର ଶାଣ ମଧ୍ୟ ମୂଳୀମାନେ ଦେଇଥାନ୍ତି । ଏମାନେ କେତେକ କ୍ଷେତ୍ରରେ ଜଯମାନୀ ରିତିରେ କାର୍ଯ୍ୟ କରିଥାନ୍ତି ଓ ବର୍ଷ ଶେଷରେ ଶସ୍ୟ ଆଦାୟ କରିଥାଆନ୍ତି । ସେହିପରି କୁମ୍ଭାର ମାଟି ହାଣ୍ଡି ଯୋଗାଏ ସୁନାରୀ ସୁନା ଅଳଙ୍କାର ଗଢ଼େ ଏବଂ ଏହିପରି ବିଭିନ୍ନ ଉପାୟରେ ବିଭିନ୍ନ ଗୋଷ୍ଠୀର ଲୋକମାନେ ଜାତାପୁମାନଙ୍କର ସଂସ୍ପର୍ଶରେ ଆସିଥା'ନ୍ତି । ବେପାର ବଣିଜ କରୁଥିବା ଲୋକେ ସାମୟିକ ଭାବରେ ଜାତାପୁମାନେ ଉତ୍ପାଦନ କରୁଥିବା ବିଭିନ୍ନ କୃଷି ଉତ୍ପାଦନଗୁଡ଼ିକୁ ଘରୁ ଆସି ଅଳ୍ପ ଦାମରେ କିଣି ନେଇଯାଆନ୍ତି ଓ ବାହାରେ ବିକ୍ରି କରି ଅଧିକ ଲାଭ କରିଥା'ନ୍ତି ।

# ଜୀବନ ଚକ୍ର

ଜୀବନକୁ ସୁସ୍ଥ, ସୁନ୍ଦର ଓ ସୁପରିକଳ୍ପିତ କରିବା ପାଇଁ ଜାତାପୁମାନେ ମଧ୍ୟ କେତେକ ଶୃଙ୍ଖଳା ଓ ଅନୁଶାସନର ଅନୁସରଣ କରନ୍ତି । ସନ୍ତାନ ଜନ୍ମ, ଶୈଶବ, ଯୌବନ ବାର୍ଦ୍ଧକ୍ୟ ଆଦି ଜୀବନର ବିଭିନ୍ନ ଅବସ୍ଥାକୁ ସାମାଜିକ ନୀତିନିୟମର ଛାଞ୍ଚରେ ପକାଇ ଜୀବନଚକ୍ରର ସୁଚାରୁ ସଂପାଦନ କରିଥାନ୍ତି । ଜାତାପୁ ଜୀବନଶୈଳୀର ପର୍ଯ୍ୟବେକ୍ଷଣ ନିମ୍ନମତେ କରାଯାଇପାରେ;-

ବିବାହ ବନ୍ଧନରେ ବାନ୍ଧି ହୋଇ ସ୍ୱାମୀ ସ୍ତ୍ରୀ ଆରମ୍ଭ କରନ୍ତି ଘର ସଂସାର । ବଂଶରକ୍ଷା, ବୃଦ୍ଧା ବସ୍ଥାରେ ପିତାମାତାଙ୍କର ଭରଣପୋଷଣ ତଥା ବୈବାହିକ ଜୀବନର ପ୍ରତୀକ ସ୍ୱରୂପ ଜାତାପୁମାନେ ସନ୍ତାନର ଆବଶ୍ୟକତା ଅନୁଭବ କରନ୍ତି । ପୁତ୍ର ସନ୍ତାନ ବଂଶରକ୍ଷା କରେ ବୋଲି ସେମାନେ ବିଶ୍ୱାସ କରନ୍ତି ।

**ଗର୍ଭାବସ୍ଥା :**

**ଗର୍ଭବତୀ ମହିଳା ପାଇଁ ବାରଣ :**

କେତେକ ସାମାଜିକ ନିୟମକାନୁନ, ଅନ୍ଧବିଶ୍ୱାସ ଓ ବ୍ୟବହାରିକ ଉପଯୋଗିତାକୁ ବିଚାରକୁ ନେଇ ଗର୍ଭବତୀ ମହିଳା ଗର୍ଭବସ୍ଥାରେ କେତେକ ବାରଣ / ନିଷେଧ ପାଳନ କରିଥାନ୍ତି । ତାହା ନିମ୍ନରେ ବର୍ଣ୍ଣନା କରାଯାଇଛି ।

- ଗର୍ଭବତୀ ମହିଳାକୁ ଅଧିକ ପରିମାଣରେ ଖାଦ୍ୟ ଖାଇବାକୁ ଦିଆଯାଏ ନାହିଁ । ଏପରିକି ଆବଶ୍ୟକଠାରୁ କମ୍ ପରିମାଣରେ ଖାଦ୍ୟ ଦିଆଯାଇଥାଏ । ଜାତାପୁମାନେ ବିଶ୍ୱାସ କରନ୍ତି ଯେ ଅଧିକ ଖାଇଲେ ଛୁଆର ପେଟ ବଢ଼ିଯିବ ।
- ଗର୍ଭବତୀ ମହିଳାଙ୍କୁ ମକା, ପଣସ, କାନ୍ଦୁଲ ଭଜା ଇତ୍ୟାଦି ଖାଇବାକୁ ଦିଆଯାଏ ନାହିଁ । ଏଗୁଡ଼ିକ ଖାଇବାକୁ ଦେଲେ ଛୁଆ ଜନ୍ମ ହେବା ପରେ ତା' ଦେହରେ ଅନାସି (ଏକ ପ୍ରକାର ଘାଆ) ହୋଇଯିବ ବୋଲି ସେମାନଙ୍କର ଧାରଣା ।
- ଭାକୁର ମାଛ ଖାଇବା ପାଇଁ ବାରଣ କରାଯାଏ ।
- ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ ଗର୍ଭବତୀ ମହିଳା କୌଣସି କାର୍ଯ୍ୟ କରନ୍ତି ନାହିଁ କିମ୍ବା କୌଣସି ପ୍ରକାର ଖାଦ୍ୟ ଖାଆନ୍ତି ନାହିଁ ।

- ଗର୍ଭବତୀ ମହିଳା ମନ୍ଦିରକୁ ଯାଆନ୍ତି ନାହିଁ, ସ୍ୱତନ୍ତ୍ର ଭାବରେ ଶିବ ମନ୍ଦିରକୁ ଯିବା ସଂପୂର୍ଣ୍ଣ ନିଷେଧ ।
- ଗର୍ଭବତୀ ମହିଳା କୌଣସି ଭାରିକାମ କରନ୍ତି ନାହିଁ ଓ ଭାରି ଜିନିଷ ଉଠାନ୍ତି ନାହିଁ ।

ଗର୍ଭଧାରଣ ସମୟରେ ଗର୍ଭବତୀ ମହିଳାଙ୍କର ସ୍ୱାମୀ ମଧ୍ୟ କେତେକ ବାରଣ ପାଳନ କରିଥାନ୍ତି । ବିଶ୍ୱାସ କରାଯାଏ, ଯଦି ସ୍ୱାମୀ କୌଣସି ପ୍ରକାର ଜୀବଜନ୍ତୁ ଶିକାର କରନ୍ତି, କିମ୍ବା ଛେଳି, କୁକୁଡ଼ା ଇତ୍ୟାଦି ମାରନ୍ତି ତେବେ ତାହାର କୁପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ପଡ଼େ । ଏପରିକି ସ୍ୱାମୀ, (ସ୍ତ୍ରୀ ଗର୍ଭବତୀ ଥିବା ସମୟରେ) ସାପ ମଧ୍ୟ ମାରି ନଥାନ୍ତି । ସ୍ୱାମୀଙ୍କ ବ୍ୟତୀତ ପରିବାରର କିମ୍ବା ପରିବାର ବାହାରେ ଅନ୍ୟ କୌଣସି ବ୍ୟକ୍ତି ଗର୍ଭବତୀ ସ୍ତ୍ରୀ ପାଇଁ କୌଣସି ପ୍ରକାର ବାରଣ ମାନି ନଥାନ୍ତି ।

ଜାତାପୁ ଆଦିବାସୀମାନେ ଅନ୍ୟ ଆଦିବାସୀଙ୍କ ପରି ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି । ସେମାନେଙ୍କ ମତ ଅନୁସାରେ ସମସ୍ତ ସନ୍ତାନ ସନ୍ତତି ଈଶ୍ୱରଙ୍କ ଦାନ । ତେଣୁ ଭର୍ଗସ୍ଥ ଶିଶୁକୁ ହତ୍ୟା କରିବାର ଅର୍ଥ ଐଶ୍ୱରିକ ଶକ୍ତି ଓ ଦାନକୁ ଅପମାନ କରିବା । ତେଣୁ ସେମାନେ ଗର୍ଭପାତ କରିନଥାନ୍ତି । କିନ୍ତୁ ସମୟକ୍ରମେ ସବୁକିଛି ବଦଳିବାରେ ଲାଗିଛି । ଜାତପୁମାନେ ମଧ୍ୟ ପରିବର୍ତ୍ତନ ସ୍ରୋତରେ ବିଭିନ୍ନ ବିଷୟରେ ଅବଗତ ହେଲେଣି । କୌଣସି କାରଣବଶତଃ ବେଳେବେଳେ ମୃତ ଶିଶୁ ଜନ୍ମ ହେବାର ଦେଖାଯାଏ । ମଲା ଶିଶୁ ଜନ୍ମ ହେବା କିମ୍ବା ଶିଶୁ ଜନ୍ମ ପରେ ହଠାତ ମରିଗଲେ କୌଣସି ଅଶରୀରି ଆତ୍ମାଙ୍କର ଅଶୁଭ ଦୃଷ୍ଟି ପଡ଼ିଛି ବୋଲି ବିଚାର ଓ ବିଶ୍ୱାସ କରାଯାଏ । ତେଣୁ ଭବିଷ୍ୟତରେ ଆଉ ଏପରି ନ ହେବା ପାଇଁ ଇଲୁକାଟାତାରୁ (ଘର ବାନ୍ଧିବା) କରାଯାଏ । ଏଥିପାଇଁ ବେଜୁଣୀ (ଜ୍ୟୋତିଷ ଓ ଗୁଣିଆ) କୁ ଡ଼ାକି ଅଣାଯାଏ । ବେଜୁଣୀ ଆସି ପରୀକ୍ଷା ନିରୀକ୍ଷା କରି ଅନିଷ୍ଟ ଶକ୍ତିକୁ ଚିହ୍ନଟ କରିଥାନ୍ତି । ଏହାପରେ ଯେତୋଟି ଦୁଆର ଥାଏ ସେତୋଟି କାଚ ବୋତଲ ଆଣି ସେଥିରେ ମନ୍ତ୍ର କରି ପାଣି ଭରି ସମସ୍ତ ଦ୍ୱାରରେ ରଖି ଦିଆଯାଏ । ବେଜୁଣୀ ସବୁ ଦିଗକୁ ଚାହିଁ ମନ୍ତ୍ର ପାଠ କରିଥାନ୍ତି । ଘର ଚାରିପାଖରେ ଗାର ଟାଣି ଘରକୁ ଭୂତପ୍ରେତ ଆଦି ଅଶରୀରି ଅନିଷ୍ଟ ଶକ୍ତିମାନେ ପଶି ନ ପାରିବା ପାଇଁ ଏକ ଶକ୍ତିର ବଳୟ ସୃଷ୍ଟି କରିଥାନ୍ତି ।

କିନ୍ତୁ ଆଧୁନିକ ସଭ୍ୟତାର ପ୍ରଭାବରେ ଆଜିକାଲି ଡ଼ାକ୍ତରୀ ପରୀକ୍ଷା ଦ୍ୱାରା କେତେକ ଗର୍ଭପାତ କରୁଛନ୍ତି । କାଟିକି ଗ୍ରାମରେ ଅଙ୍ଗନୱାଡ଼ି ଦିଦି କହନ୍ତି ସନ୍ତାନ ସନ୍ତତି

ନ ଚାହୁଁଥିବା ଦମ୍ପତିଙ୍କର ଯଦି ଗର୍ଭସଂଚାର ହୁଏ, ତେବେ ଆବଶ୍ୟକ ସ୍ଥଳେ ଡ଼ାକ୍ତରୀ ପରୀକ୍ଷା କରି ଆଧୁନିକ ଉପାୟରେ ଗର୍ଭପାତ କରାଯାଏ । ତେବେ ଏହା କ୍ୱଚିତ ଦେଖାଯାଏ ।

ଗର୍ଭଧାରଣର ୭ମ ମାସ ଉପସ୍ଥିତ ହେଲେ, ଜାତାପୁମାନେ ବିଶ୍ୱାସ କରନ୍ତି ଯେ ଶିଶୁର ଆବଶ୍ୟକତା ଅନୁଯାୟୀ ଗର୍ଭଧାରିଣୀ ବିଭିନ୍ନ ଜିନିଷ ଖାଇବାକୁ ଇଛା ପ୍ରକାଶ କରିଥାଏ । ତେଣୁ ସାଇ ପଡ଼ିଶାଠାରୁ ଆରମ୍ଭ କରି ସ୍ୱାମୀ, ଶ୍ୱଶୁର, ଦିଅର ପର୍ଯ୍ୟନ୍ତ ସମସ୍ତେ ଗର୍ଭଧାରିଣୀର ମନ ଜାଣି ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ଯୋଗାଇ ଦେଉଥାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ସମୟରେ ସ୍ତ୍ରୀର ବାପାଘରୁ ସାଲମିରି (ସାଦ) ଆସେ । ବିଭିନ୍ନ ପ୍ରକାର ପିଠା, ମିଠା, ଫଳ ଓ ଅନ୍ୟାନ୍ୟ ସୁସ୍ୱାଦ୍ୟ ଖାଦ୍ୟ ଦେଇ ବାପା, ଭାଇ କିମ୍ୱା ମାଆ ଝିଅଘରେ ଉପସ୍ଥିତ ରହିଥାନ୍ତି । ଏହିଦିନ ଝିଅ, ଜ୍ୱାଇଁ ଆନନ୍ଦିତ ହୋଇ ଝିଅର ବାପାଘରୁ ଆସିଥିବା ସୁଖାଦ୍ୟକୁ କିଛି ସାଇ ପଡ଼ିଶାଙ୍କ ମଧ୍ୟରେ ବଣ୍ଟନ କରିଥାନ୍ତି । ଗର୍ଭବତୀ ମହିଳାକୁ ମନଇଛା ଖାଇବାକୁ ଦିଆଯାଇଥାଏ । ଏଥିନିମନ୍ତେ ଗ୍ରାମର କେତେକ ସ୍ତ୍ରୀ ଲୋକମାନଙ୍କୁ ଡ଼କାଯାଏ ଓ ସମସ୍ତ ସ୍ତ୍ରୀଲୋକ ମିଶି ଗର୍ଭବତୀ ମହିଳାକୁ ଖୁଆଇ ଦିଅନ୍ତି । ଆବଶ୍ୟକ ସ୍ଥଳେ ଉକ୍ତ ରାତ୍ରରେ ଏକ ଛୋଟକାଟିଆ ଭୋଜିର ଆୟୋଜନ ମଧ୍ୟ କରାଯାଇଥାଏ । ନିକଟସ୍ଥ ବନ୍ଧୁବାନ୍ଧବ ଓ ଆତ୍ମୀୟ ବର୍ଗଙ୍କୁ ଡ଼ାକି ଏହି ଭୋଜି ଖାଇବାକୁ ଦିଆଯାଇଥାଏ । ଗର୍ଭଧାରଣର ସପ୍ତମ (୭ମ) ମାସରେ ପ୍ରଥମ ପ୍ରସବ ନିଜ ମା' ଘରେ କରାଇବା ପାଇଁ ନିଆଯାଏ ।

## ଶିଶୁ ଜନ୍ମ ଜାତକ(ପୁଟଡ଼ମ୍):

ଗର୍ଭବସ୍ଥାରେ ୯ମ ମାସ ପରେ ଆସନ୍ନ ପ୍ରସବର ଆଶଙ୍କା କରି ଶିଶୁଜନ୍ମ ପାଇଁ ପୂର୍ବ ପ୍ରସ୍ତୁତିରେ ଘରଲୋକ ଲାଗିପଡ଼ନ୍ତି । ଘରର ଦାଣ୍ଡ ପାଖ କିମ୍ୱା ଭିତର ବାଡ଼ି ପାଖ ବାରଣ୍ଡାରେ ଡ଼ାଳପତ୍ରରେ ଏକ ଛୋଟ କୋଠରୀ ପ୍ରସ୍ତୁତ କରନ୍ତି । ଭୂଇଁକୁ ଲିପିପୋଛି ଅନେକ ଆଗରୁ ପରିଷ୍କାର କରନ୍ତି ଯେପରିକି ଛୁତିକିଆ ବେଳେ ଭୂମି ସଂପୂର୍ଣ୍ଣ ଶୁଖିଲା ଥିବ । ଆବଶ୍ୟକ ଦ୍ରବ୍ୟମାନ ସଂଗ୍ରହ କରାଯାଇ ରଖାଯାଇଥାଏ ।

ସମୟକ୍ରମେ ସନ୍ତାନ ଜନ୍ମ ହେବାର ସମୟ ଉପସ୍ଥିତ ହୁଏ । ପ୍ରସବ ବେଦନା ଆରମ୍ଭ ହେଲେ ତତ୍‌କ୍ଷଣାତ୍ ଧାଇ ବୁଢ଼ୀ (ଧାଇଆମା)କୁ ଡ଼କାଯାଏ । ଗର୍ଭଧାରିଣୀଙ୍କୁ ଉକ୍ତ କୋଠରୀକୁ  ନିଆଯାଏ । ଶିଶୁ ଭୂମିଷ୍ଠ ହେବା ପରେ ପ୍ରଥମେ ମାଣ୍ଡିଆ ଚୂନା ବା ଅଟାରେ ଛୁଆଟିକୁ ଘଷି ଦିଆଯାଏ । ପରେ ହଳଦୀ ଲଗାଇ ଟିକିଏ ଉଷୁମ ପାଣିରେ ଗାଧୋଇ ଶିଶୁକୁ ପରିଷ୍କାର କରାଯାଇଥାଏ । ସେହିପରି ମାଆ ମଧ୍ୟ ହଳଦୀ ମାରି ହୋଇ ଅଳ୍ପ ଗରମ

ପାଣିରେ ଗାଧୋଇ ପରିଷ୍କାର ହୁଅନ୍ତି । ଉକ୍ତ କୋଠରୀ ମଧ୍ୟରେ ଗୋଟିଏ କୋଣରେ ଗାତଖୋଳି ସୁରକ୍ଷିତ ଭାବେ ଫୁଲଟିକୁ ପୋତି ଦିଆଯାଏ ।

- ଶିଶୁ ଭୂମିଷ୍ଠ ହେବା ପରେ ତତ୍‌କ୍ଷଣାତ ମାଆକୁ ନାଲିଚା ପିଇବାକୁ ଦିଆଯାଏ ।
- ସୁଣ୍ଠି, ପିପଳି ଓ ରସୁଣକୁ ଗୁଣ୍ଡ କରି ସୋରିଷ ତେଲ କିମ୍ବା କୌଣସି ଖାଇବା ତେଲରେ ମିଶାଇ ଗରମ କରି ଖାଇବାକୁ ଦିଆଯାଏ । ଫଳରେ ପ୍ରସୂତିର ଦେହରୁ ବ୍ୟଥା ମରିଯାଏ ।
- ଏହି ସମୟରେ ପ୍ରସୂତିଙ୍କ ଗରମ ଭାତ, ଘିଅ ଓ ବଡ଼ି, କଞ୍ଚା କଦଳୀ ଇତ୍ୟାଦି ସିଝାଇ ଖାଇବାକୁ ଦିଆଯାଏ । ଏହି ଖାଦ୍ୟକୁ ପଥି ହିସାବରେ ଦିନକୁ ମାତ୍ର ୨ ଥର ଦିଆଯାଏ ।
- ମାଆକୁ ୨ ଥରରୁ ଅଧିକ ପଥି ଖାଇବାକୁ ଦିଆଯାଏ ନାହିଁ ।
- ବାଇଗଣ, କଖାରୁ, ଜହ୍ନି, ଭେଣ୍ଡି, ସଜନା ଶାଗ ଓ ଛୁଇଁ ଏବଂ କୌଣସି ପ୍ରକାର ଆମିଷ ଖାଦ୍ୟ ୧୦ ଦିନ ପର୍ଯ୍ୟନ୍ତ ଦିଆଯାଏ ନାହିଁ ।
- ସନ୍ତାନର ଏକୋଇଶିଆ ନ ଯିବା ପର୍ଯ୍ୟନ୍ତ ପ୍ରସୂତି ରୋଷେଇ କରିବା ମନା । ଏହି ସମୟ ପର୍ଯ୍ୟନ୍ତ ତାଙ୍କୁ କୌଣସି କାମ କରିବାକୁ ଦିଆଯାଏ ନାହିଁ ।

ପ୍ରସୂତି ମହିଳା ଯେ କେବଳ ସମସ୍ତ ପ୍ରକାର ବାରଣ / ନିଷେଧ ପାଳନ କରିଥାନ୍ତି, ତାହା ନୁହେଁ । ଅଧିକନ୍ତୁ ପରିବାର ମଧ୍ୟ ସାମୂହିକ ଭାବରେ କେତେକ ବାରଣ ପାଳନ କରିଥାନ୍ତି । ଶିଶୁଟିର ନାଭି ପଡ଼ିବା ପର୍ଯ୍ୟନ୍ତ ପରିବାରର ସମସ୍ତେ ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନ ଛୁଇଁ ଅଛୁଆଁ ରହିଥାନ୍ତି । ୧୦ ଦିନ ପର୍ଯ୍ୟନ୍ତ ଆମିଷ ଭୋଜନ କରିନଥାନ୍ତି ।

ପ୍ରତ୍ୟେକ ଗାଁରେ ଧାଇବୁଢ଼ୀ ଥାଆନ୍ତି । କେତେକ ପୁରୁଖା ବୃଦ୍ଧା ମହିଳାମାନେ ଶିଶୁ ଜନ୍ମ କରାଇବାରେ ପାରଙ୍ଗମତା ହାସଲ କରିଥାନ୍ତି । ସେହି ମହିଳାମାନଙ୍କୁ ଶିଶୁଜନ୍ମ ସମୟରେ ଡ଼ାକି ଅଣାଯାଏ । ଧାଇମା ଯତ୍ନ ସହକାରେ ସମସ୍ତ ଦ୍ରବ୍ୟ ଯୋଗାଡ଼ କରି ପାଖରେ ରଖି ଗର୍ଭଧାରିଣୀଙ୍କୁ ଶିଶୁ ଜନ୍ମ ସମୟରେ ସାହାଯ୍ୟ କରିଥାନ୍ତି । ଶିଶୁ ଜନ୍ମ କରାଯାଇ ସାରିଲା ପରେ ମଧ୍ୟ ଉକ୍ତ ମହିଳାଙ୍କର କାର୍ଯ୍ୟକଳାପ ଶେଷ ହୋଇ ନଥାଏ । ସେ ପ୍ରାୟ ୨୧ ଦିନ ପର୍ଯ୍ୟନ୍ତ ପ୍ରସୂତିର ପାଖେ ପାଖେ ରହି ସମସ୍ତ ପ୍ରକାର ସେବା ଯୋଗାଇ ଦେଉଥାନ୍ତି । ଶିଶୁଜନ୍ମ ପରେ ଶିଶୁ ଓ ମାଆକୁ ଗାଧୋଇବାରେ ଧାଇ ସମସ୍ତ ପ୍ରକାର

ସାହାଯ୍ୟ କରନ୍ତି। ଏହିପରି ଧାଈମା ଗର୍ଭଦାତ୍ରୀର ପାଖେ ପାଖେ ରହି, ତା' ସହିତ ରାତିରେ ଶୋଇ ୨୧ ଦିନ ପର୍ଯ୍ୟନ୍ତ ରହିଥାନ୍ତି । ମୁଖ୍ୟତଃ ଶିଶୁଟିର ନାଭି ପଡ଼ିବା ପର୍ଯ୍ୟନ୍ତ ସେ ପ୍ରସୂତିଙ୍କୁ ଛାଡ଼ି ଯାଆନ୍ତି ନାହିଁ । ଶିଶୁଟିର ନାଭି ଝଡ଼ି ପଡ଼ିବା ପରେ ଆଉ ଅଛୁଆଁ ପାଳନ କରାଯାଏ ନାହିଁ ।

ଏକୋଇଶିଆ ଦିନ ଧାଇବୁଢ଼ୀ ଗାଧୋଇ ପାଧୋଇ ଆମନ୍ତ୍ରିତ ହୋଇ ପ୍ରସୂତି ଘରେ ପହଞ୍ଚନ୍ତି । ଏହିଦିନ ଧାଈମାକୁ ଅନେକ ପ୍ରକାର ଖାଦ୍ୟ ପେୟ ଦେଇ ଭୋଜନରେ ସନ୍ତୁଷ୍ଟ କରାଯାଏ । ଶେଷରେ ଧାଈମାକୁ ସାଧ ଅନୁସାରେ ଟଙ୍କା ପଇସା, ଲୁଗାପଟା, ତେଲଲୁଣ, ପନିପରିବା ଦେଇ ବିଦାୟ କରାଯାଇଥାଏ ।

ଧାଈମା'ର ପରିଶ୍ରମ ପାଇଁ ଯେ କେବଳ ତାକୁ ଟଙ୍କା ପଇସା, ଧାନଚାଉଳ, ଖାଦ୍ୟପେୟ ଇତ୍ୟାଦି ଦିଆଯାଏ ତାହା ନୁହେଁ, ସବୁଠାରୁ ସେ ଯାହା ଅଧିକ ପାଇଥାଏ ତାହା ତାହାର ସମ୍ମାନ ଓ ସ୍ନେହ। ଧାଈମା' କୌଣସି ନିଜ ପର ବାଛ ବିଚାର ନକରି, କୌଣସି ଘୃଣା ନ କରି ଶିଶୁ ଓ ସେମାନଙ୍କର ମାଆମାନଙ୍କୁ ନିଜ ଖିଆପିଆ ଭୁଲି ସେବା କରିଥାନ୍ତି । ତେଣୁ ସେ ସମସ୍ତଙ୍କର ପ୍ରିୟ ପାତ୍ର ହୋଇଥାନ୍ତି ।

ଶିଶୁଟି ଜନ୍ମ ହେବାପରେ ବନ୍ଧୁବର୍ଗଙ୍କୁ ଖବର ପଠାଯାଏ । ଘରଦ୍ୱାର ଗୋବରରେ ଲିପି ପରିଷ୍କାର ଓ ମାର୍ଜନା କରାଯାଏ । ଏକୋଇଶିଆର ପୂର୍ବ ଦିନର ଦିଶାରୀ କିମ୍ବା ବ୍ରାହ୍ମଣଙ୍କୁ ଏକୋଇଶିଆ କରିବା ପାଇଁ ଅନୁରୋଧ କରାଯାଇଥାଏ । ଦିଶାରୀ ରାତିରେ ଗ୍ରହ ଓ ନକ୍ଷତ୍ରମାନଙ୍କର ଗତିବିଧିକୁ ଲକ୍ଷ୍ୟ ଶୁଭାଶୁଭ ସମୟ ନିର୍ଣ୍ଣୟ କରିଥାନ୍ତି । ପରଦିନ ସେହି ସମୟରେ ଏକୋଇଶିଆ କରିବା ପାଇଁ ସମୟ ସ୍ଥିର କରାଯାଏ ।

ଏକୋଇଶିଆ ଦିନ ସମସ୍ତ ବନ୍ଧୁବାନ୍ଧବ ଆସି ଉପସ୍ଥିତ ହୁଅନ୍ତି । ପୁରୋହିତକୁ ଡ଼ାକି ଅଣାଯାଏ । ସେ ନବଜାତକର ଘରେ ଉପସ୍ଥିତ ହୋଇ ପାଞ୍ଜି ଗଣନା କରି ପାଞ୍ଜି ଅନୁସାରେ ନାମର ମୂଳ ଅକ୍ଷର କହନ୍ତି । ସେହି ଅନୁସାରେ ଘରର ଲୋକମାନେ, ମୁଖ୍ୟତଃ ମାମୁଁ ଶିଶୁର ନାମକରଣ କରିଥାନ୍ତି । କିନ୍ତୁ ସ୍ୱତନ୍ତ୍ର ଭାବରେ ମାମୁଁଙ୍କର ଉପସ୍ଥିତି ଅନିବାର୍ଯ୍ୟ ନୁହେଁ ବା କଡ଼ା କଡ଼ି ନିୟମ ନୁହେଁ । ପୁରୋହିତ ମଧ ସଂପୂର୍ଣ୍ଣ ନାମ ନିର୍ଣ୍ଣୟ କରିପାରେ ।

ଜାତାପୁ ସମାଜରେ ଏକୋଇଶିଆର ମୁଖ୍ୟ ଆକର୍ଷଣ ହେଉଛି "ରୁବୁରାଇ" (ଦୋଳି ଖେଳ) । ଏହି ପର୍ବରେ ଗୋଟିଏ ନୂଆ ଲୁଗାକୁ ଦୋଳି ଖମ୍ବ କିମ୍ବା ଘରଚାଳରେ ଝୁଲାଇ ଦୋଳି ତିଆରି କରାଯାଏ । ଏହିପରି କଲାବେଳେ ଦିଶାରି ନିର୍ଣ୍ଣିତ ଶୁଭ ସମୟକୁ

ବିଚାରକୁ ନିଆଯାଏ । ଶୁଭ ସମୟ ଦେଖି ଦୋଳି ଖେଳ ହୁଏ । ପ୍ରଥମେ ଶିଳପୁଆକୁ ଏହି ଦୋଳିରେ ରଖି ଝୁଲାଇ ଦିଆଯାଏ । ପରେ ଏହି ଦୋଳିରେ ନବଜାତ ଶିଶୁକୁ ଶୁଆଯାଏ । ଏହି 'ରୁବୁରାଇ' ପର୍ବ ନ କରିବା ପୂର୍ବରୁ ଶିଶୁକୁ ଦୋଳିରେ ଶୁଆଯାଇପାରେ ନାହିଁ । ଛୁଆକୁ ଦୋଳି ଝୁଲାଇବା ପାଇଁ ଗ୍ରାମର ସଧବା ମହିଳାମାନଙ୍କୁ ଆମନ୍ତ୍ରଣ କରାଯାଏ । ଏହା ଭିନ୍ନ ଅନ୍ୟ ଗ୍ରାମମାନଙ୍କରୁ ଆସିଥିବା ମହିଳା ବନ୍ଧୁବର୍ଗମାନେ ଏହି ରୁବୁରାଇରେ ସ୍ୱତନ୍ତ୍ର ଭାବରେ ଭାଗ ନେଇଥାନ୍ତି । ଦୋଳି ପାଖରେ ଅରୁଆ ଚାଉଳ ଓ ଦୁବ ପକାଇ ଛୁଆଟିକୁ ଦୋଳିରେ ଝୁଲାଇଥାନ୍ତି । ଏହିପରି ଜଣଙ୍କ ପରେ ଜଣେ ଶିଶୁଟିକୁ ଦୋଳିରେ ଝୁଲାଇଥାନ୍ତି ଏବଂ ସେମାନେ ଆଣିଥିବା ଉପହାରଗୁଡ଼ିକ ଶିଶୁର ମାଆ ବାପାଙ୍କୁ ଦେଇଥାନ୍ତି । ଉକ୍ତ ଦିନରାତ୍ରରେ ଶିଶୁର ପିତାମାତା ନିଜର ସାଧ ଅନୁସାରେ ଭୋଜିର ଆୟୋଜନ କରିଥାନ୍ତି ଏବଂ ବନ୍ଧୁବର୍ଗମାନଙ୍କୁ ବସ୍ତ୍ର ଦାନ କରି ଆନନ୍ଦ ଉପଭୋଗ କରିଥାନ୍ତି ।

ଏକୋଇଶିଆ ପରେ ଶିଶୁର ଦାୟିତ୍ୱ ମୁଖ୍ୟତଃ ମାଆ ଉପରେ ପଡ଼ିଥାଏ । କିନ୍ତୁ ମାଆ ଭିନ୍ନ ପରିବାରର ଅନ୍ୟାନ୍ୟ ସଦସ୍ୟ ଯଥା - ଆଇ ମା, ବଡ଼ଭଉଣୀ ଇତ୍ୟାଦି ମଧ ଉକ୍ତ ଶିଶୁର ଯତ୍ନ ନେଇଥାନ୍ତି । ସାଇପଡ଼ିଶାର ଲୋକମାନେ ମଧ ସ୍ନେହ ଶ୍ରଦ୍ଧା କରନ୍ତି । ସାଧାରଣତଃ ଶିଶୁଟିକୁ ୧-୨ମାସ ହୋଇଗଲା ପରେ ମାଆ ପୁଣି ସାଧାରଣ ଭାବରେ ବିଭିନ୍ନ ପ୍ରକାର କାର୍ଯ୍ୟ କରିଥାଏ । ସେ ଘରୁ ବାହାରକୁ ଯିବା ସମୟରେ ଗୃହର ସଦସ୍ୟମାନେ ଛୁଆଟିର ସୁରକ୍ଷା ଓ ଯତ୍ନ ନେଇଥାନ୍ତି ।

ଶିଶୁଟିକୁ ୬ ମାସ ହେବା ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଖାଇବାକୁ ଦିଆଯାଏ । ଆଗରୁ ୧ ବର୍ଷ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଦିଆଯାଉଥିଲା । କିନ୍ତୁ ଧାଇମା, ଅଙ୍ଗନୱାଡ଼ି, ଦିଦି, ANM ଦିଦିମାନଙ୍କର ଉପଦେଶ କ୍ରମେ ଏବେ ୬ ମାସ ପରେ ଛୁଆକୁ କାଙ୍ଗୁ କରି, ଚାଉଳ, ମୁଆଁ, ଇତ୍ୟାଦିକୁ ଭାବି ଗୁଣ୍ଡକରି ସେଥିରେ ମିଶ୍ରି ଓ ଲୁଣ ମିଶାଇ କ୍ଷୀରି କରି ଶିଶୁକୁ ଖାଇବାକୁ ଦିଆଯାଏ । ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ନଥାଏ ।

କାନ ଫୋଡ଼ାଇବା କିମ୍ବା ଚିତାକୁଟାଇବା ପାଇଁ କୌଣସି ପ୍ରକାର ଉତ୍ସବ ପାଳନ କରାଯାଇଥାଏ । ୨ ବର୍ଷ ମଧରେ ସପ୍ତଫେଣୀ କଣ୍ଟାକୁ କାନରେ ଫୋଡ଼ି ଦିଆଯାଏ ଓ କିଛିଦିନ ପର୍ଯ୍ୟନ୍ତ କଣ୍ଟାଟିକୁ କାନରେ ରହିବାକୁ ଦିଆଯାଏ । କାନଫୋଡ଼ା କ୍ଷତି ଶୁଖିଗଲେ କଣ୍ଟାଟିକୁ କାଢ଼ି ଲିମ୍ବ କାଠି ଲଗାଇ ଦିଆଯାଏ । ଧନୀ ଶ୍ରେଣୀର ଲୋକମାନେ ସପ୍ତଫେଣୀ କଣ୍ଟା ପରିବର୍ତ୍ତେ ସୁନା ଫାଶିଆରେ ମଧ କାନ ଫୋଡ଼ାଇଥାନ୍ତି । କାନ ଫୋଡ଼ାଇବା ପରି ମଧ ନାକ ଫୋଡ଼ା ଯାଇଥାଏ ।

ଏମାନଙ୍କ ମଧ୍ୟରେ କ୍ୱଚିତ କେତେକ ପୁରୁଖା ବୃଦ୍ଧା ଚିତା କୁଟାଇଥିବାର (ନାଲା ମୁଗ୍ଲୁ) ଦେଖାଯାଏ । ନୂଆ ପିଢ଼ୀରେ ପୁଅଝିଅଙ୍କ ମଧ୍ୟରେ ଚିତା କୁଟାଇବାର ସଉକ ପରିଲକ୍ଷିତ ହୋଇନଥାଏ । ଚିତାକୁଟାରେ କେତେଜଣ ମହିଳା ସ୍ୱତନ୍ତ୍ର ସ୍ଥାନ ଧାରଣ କରିଥାନ୍ତି । ଚିତା କୁଟାଇବା ଅଙ୍ଗକୁ ପରିଷ୍କାର ଭାବେ ଧୋଇ ଦିଆଯାଏ । ତା'ପରେ କଞ୍ଚା ହଳଦି ଘଷି ଦିଆଯାଏ । କାଳି ସାହାଯ୍ୟରେ ସୁନ୍ଦର ଭାବରେ ଅଙ୍ଗ ଉପରେ ଚିତ୍ର, ନାମ ଇତ୍ୟାଦି ଅଙ୍କନ କରାଯାଏ । ସେହି ଚିତ୍ର ଉପରେ ତିନୋଟି ଛୁଞ୍ଚି ଏକତ୍ର ବନ୍ଧା ହୋଇଥିବା ଏକ କଣ୍ଟାଦ୍ୱାରା ଚିତା କୁଟାଯାଏ । ଏଥିରେ ପ୍ରଚୁର ରକ୍ତସ୍ରାବ ହୁଏ । ଚିତା କୁଟାଇ ସାରିବା ପରେ ମାଟି ହାଣ୍ଡି କଳା କିମ୍ବା କଜଳ କଳାରେ ଏକ ପ୍ରଲେପ ଦେଇ ଘସି ଦିଆଯାଏ । ଫଳରେ ଏହି କଳା ଚୁଞ୍ଚିମୁନ କଣାରେ ଭିତରକୁ ଯାଏ ଓ କଳା ଦେଖାଯାଏ ଓ ଚିତାଟି ସବୁଦିନ ପାଇଁ ରହିଯାଏ ।

### ଶୈଶବାବସ୍ଥା (ଚିନ୍ନାତନମ୍):

ପିଲାଟି ଗୁରୁଣ୍ଡିବା ଛାଡ଼ି ଆସ୍ତେ ଆସ୍ତେ ଠିଆ ହୁଏ ଓ ପରେ ଅଣ୍ଟା ସଳଖ କରି ଚାଲି ଶିଖେ । ପିଲାଟି ଚାଲିବା ଶିଖିଲେ ଶୈଶବ ଅବସ୍ଥାରେ ପଦାର୍ପଣ କଲା ବୋଲି ବିଚାର କରାଯାଏ । କିନ୍ତୁ ପିଲାଟି ନିଜେ କିଛି କାର୍ଯ୍ୟ କରିବା ପାଇଁ ସକ୍ଷମ ହୋଇ ନଥାଏ । ମାଆ ପ୍ରାୟ ସମସ୍ତ ପ୍ରକାର ଭାର ବହନ କରିଥାନ୍ତି । ପରିବାରର ଧାଇମା, ବଡ଼ ଭଉଣୀମାନେ ମଧ୍ୟ ପିଲାଟିର ଦୈନନ୍ଦିନ କାର୍ଯ୍ୟରେ ତାକୁ ସାହାଯ୍ୟ କରିଥାନ୍ତି ।

### କୈଶୋର ଅବସ୍ଥା (କୁରାତନମ୍) :

ପିଲାଟି ୫-୬ ବର୍ଷର ହୋଇଗଲେ ଓ ସ୍କୁଲ ଯିବାର ସମୟ ହେଲେ ତାର କୈଶୋର ଅବସ୍ଥାରେ ପହଞ୍ଚିଛି ବୋଲି ବିବେଚନା କରାଯାଏ । ଏଥର ଗାଧୁଆ ପାଧୁଆ ଓ ଶୌଚ ଇତ୍ୟାଦି ସେ ନିଜେ ହୋଇଥାଏ । ଅନେକ ସମୟରେ ବାପାମାଆ ଓ ଭାଇ ଭଉଣୀଙ୍କ ସହ ମିଶି ଖାଦ୍ୟ ଗ୍ରହଣ କରିଥାଏ । କେତେକ ସମୟରେ ଏକୁଟିଆ ମଧ୍ୟ ଖାଇଥାଏ । କେତେକ ପିଲା ବଡ଼ ଭାଇ ଭଉଣୀଙ୍କ ପାଖରେ ଶୋଉଥିବା ବେଳେ ବେଳେ ବାପାମାଆଙ୍କ ପାଖରେ ଓ କେତେକ ଜେଜେ ଜେଜେମା ଇତ୍ୟାଦିଙ୍କ ପାଖରେ ଶୋଇଥାନ୍ତି ।

ଏହି ଅବସ୍ଥାରେ ଜାତାପୁ ପିଲାମାନେ ଖୁବ ଖେଳପ୍ରିୟ ହୋଇଥାନ୍ତି । ଅନେକ ସମୟରେ ସେମାନେ ଖେଳକୁଦରେ ମାତିଥିବାର ଦେଖାଯାଏ । ସ୍କୁଲଯିବା, ଘରେ କୁନି ଭାଇ ଭଉଣୀଙ୍କୁ ଧରିବା ପରି ଅଳ୍ପ କେତେକ କାର୍ଯ୍ୟ ମଧ୍ୟ ସେମାନେ କରିଥାନ୍ତି । ପିଲାଟି ୮-୧୦ ବର୍ଷର ହୋଇଥିବା ପରେ ଗାଈଛେଳି ଜଗିବା, ଜଙ୍ଗଲରୁ ଫଳମୂଳ,

କନ୍ଦା, କାଠ ଇତ୍ୟାଦି ସଂଗ୍ରହ କରିବା, ଶିକାର କରିବା, ନଈନାଳରୁ ମାଛ, କଙ୍କଡ଼ା ଧରିବା, ଯନ୍ତା ବସାଇ ପଶୁପକ୍ଷୀ ଧରିବା ଇତ୍ୟାଦି କାର୍ଯ୍ୟମାନ କରିଥାନ୍ତି । ଏମାନେ ବେଳେବେଳେ ବାପା ଭାଇ ଇତ୍ୟାଦିଙ୍କୁ ଚାଷକାମ, ଗୋରୁ ଜଗିବା, ଫସଲ ଜଗିବା, ଜଙ୍ଗଲରୁ କୌଣସି ଦ୍ରବ୍ୟ ସଂଗ୍ରହ କରିବା ଇତ୍ୟାଦିର ସାହାଯ୍ୟ କରିଥାନ୍ତି । ଝିଅପିଲାମାନେ ମୁଖ୍ୟତଃ ମାଆକୁ ସାହାଯ୍ୟ କରିଥାନ୍ତି । ସ୍କୁଲ ଯିବା, ଜଙ୍ଗଲରୁ କାଠ, ପତ୍ର, ଫଳମୂଳ, କନ୍ଦା ଇତ୍ୟାଦି ସଂଗ୍ରହ କରିବା, ଆବଶ୍ୟକ ସ୍ଥଳେ ବାପାମାଆଙ୍କୁ ଚାଷରେ ମଧ୍ୟ ଏମାନେ ସାହାଯ୍ୟ କରିଥାନ୍ତି ।

ଏହି ଅବସ୍ଥାରେ ଏମାନେ ପୋଷାକ, ଅଳଙ୍କାର ପିନ୍ଧିବାରେ ମଧ୍ୟ ଆଗ୍ରହ ଦେଖାଇଥାନ୍ତି ।

## ଯୌବନ ଅବସ୍ଥା (ୱାଇସୁତାନମ୍):

ପୁଅମାନେ ଯୌବନ ପ୍ରାପ୍ତି ସମୟରେ କୌଣସି ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଏ ନାହିଁ । କିନ୍ତୁ ବାଳିକାମାନେ ପ୍ରଥମ ରଜୋବତୀ ହେବା ସମୟରେ ସ୍ୱତନ୍ତ୍ର ଭାବେ ଏକ ପୂଜାପାଠର ଆୟୋଜନ କରି ଶେଷରେ ଭୋଜିଭାତ ମଧ୍ୟ ଦିଆଯାଏ । ଜାତାପୁମାନଙ୍କର ପ୍ରଥମ ରଜୋବତୀ ଉତ୍ସବକୁ ବିବାହ ଉତ୍ସବ ପରି ବଡ଼ ଧୁମଧାମରେ ମଧ୍ୟ ପାଳନ କରିବାର ଦେଖାଯାଏ । ଝିଅଟି ପ୍ରଥମ ରଜୋବତୀ ହେବାକୁ ଜାତାପୁ ଭାଷାରେ 'ସମର୍ତ୍ତା' (ରଜୋବତୀ) ଓ ଏଥି ନିମନ୍ତେ ଆୟୋଜିତ ଉତ୍ସବ ବା ଭୋଜିକୁ (ସମର୍ତ୍ତାମାଡ଼ିନ୍ଦି / ସାମାର୍ତ୍ତମ୍ ଆଡ଼ିଲି) କୁହାଯାଏ ।

ଘରର କୌଣସି ବ୍ୟକ୍ତି ଦିଶାରୀ ପାଖରେ ପହଞ୍ଚି ପ୍ରଥମ ରଜସ୍ୱଳା କନ୍ୟାପାଇଁ ଗୋଟିଏ ଦିନର ଶୁଭ ସମୟ ବୁଝିଆସନ୍ତି । ସେହି ଦିନ ମଧ୍ୟ ମାଇଁଙ୍କୁ ଡ଼କାଇ ପଠାଯାଏ । ଅନ୍ୟ ବନ୍ଧୁବାନ୍ଧବଙ୍କୁ ଖବର ଦିଆଯାଏ । ଏହି ଦିନ ପାଇଁ ଆବଶ୍ୟକ ଦ୍ରବ୍ୟ ଯଥା ପଟି (Mat) ଦୀପ ଇତ୍ୟାଦି ସଂଗ୍ରହ କରାଯାଏ ।

ସଂଧ୍ୟା ପୂର୍ବରୁ ମାଇଁ ଆସିଯାଇଥାନ୍ତି । ଗ୍ରାମର ସଧବା ମହିଳାମାନଙ୍କୁ ଆମନ୍ତ୍ରଣ କରି ଅଣାଯାଏ । ରଜୋସ୍ୱଳା ଝିଅ ରହିବା ପାଇଁ ଘରେ ଏକ ସ୍ଥାନ ନିରୂପଣ କରାଯାଏ ଯେଉଁଠି ସମସ୍ତେ ବେଶୀ ଚଳପ୍ରଚଳ କରୁନଥାନ୍ତି । ଝିଅଟି ଚଳିବା ପାଇଁ ସମସ୍ତ ଆବଶ୍ୟକୀୟ ଦ୍ରବ୍ୟ ଓ ଜିନିଷ ସେଠାରେ ଯୋଗାଇ ଦିଆଯାଏ । ଗୋଟିଏ ନୂଆ ପଟି /ସପ ଅଣାଯାଏ । ସେହି ସପକୁ ତଳେ ବିଛାଇ ଦେଇ ଟିକିଏ ପୂଜାପାଠ ପୂର୍ବକ ଝିଅକୁ ମାଇଁ ସମେତ ଅନ୍ୟ

ସଧବା ମହିଳାମାନେ ଧରି ପଟି ଉପରେ ବସାଇ ଦିଅନ୍ତି । ଏହି ପଟିର ଚାରି କୋଣରେ ୪ଟି ଦୀପ ଲଗାଇ ଜଳାଇ ରଖାଯାଏ । ଝିଅଟି ଏହା ପରେ ୭ ଦିନ ପର୍ଯ୍ୟନ୍ତ ସେହି କୋଠରୀରେ ରହେ ଓ ସମସ୍ତ ପ୍ରକାର ଖାଇବା, ପିଇବା, ଶୋଇବା ଇତ୍ୟାଦି କେବଳ ସେହି କୋଠରୀରେ କରେ ।

୭ ଦିନରେ ଉଠିଆରି ହୁଏ । ଏହି ଦିନରେ ସମସ୍ତ ବନ୍ଧୁବାନ୍ଧବ ଆମନ୍ତ୍ରଣ କ୍ରମେ ବିଭିନ୍ନ ପ୍ରକାର ଉପହାର ଧରି ଉପସ୍ଥିତ ହୁଅନ୍ତି । ମାମୁଁ, ମାଇଁ ନିଶ୍ଚିତ ଭାବରେ ଆସି ଉପସ୍ଥିତ ହୋଇଥାନ୍ତି । ଭୋଜି କରିବା ପାଇଁ ଚାଉଳ, ପନିପରିବା, ମାଂସ ଇତ୍ୟାଦିର ଆୟୋଜନ ସରିଥାଏ । ଆମନ୍ତ୍ରୀତ ଗ୍ରାମର ସଧବା ମହିଳା ଓ ମାଇଁ ଝିଅପାଖକୁ ଯାଇ ସେ ବସିଥିବା ସ୍ଥାନରେ ଝିଅ ଉପରେ ୩-୫-୭ ଢ଼ାଳ ପାଣି ଢ଼ାଳନ୍ତି । ମାଇଁ ଆଣିଥିବା ପୋଷାକ ବା ଶାଢ଼ୀକୁ ଝିଅଟି ପିନ୍ଧିଥାଏ । ମାଇଁଙ୍କୁ ପ୍ରତିବଦଳରେ ସମ୍ମାନ ସହ ଶାଢ଼ୀ ଦିଆଯାଏ । ଝିଅଟି ମନ୍ଦିରକୁ ଯାଇ ଦେବ ଦର୍ଶନ କରି ଆସେ । ପରେ ପାନପତ୍ର, ଗୁଆ, କଦଳୀ ଓ ଟଙ୍କା ସାତ ଜଣକୁ ଦାନ କରେ ଓ ଦାନ ପୂର୍ବରୁ ପ୍ରଥମେ ଏସବୁ ଠାକୁରଙ୍କ ପାଖରେ ରଖି ପୂଜା କରେ ।

ଉକ୍ତ ଦିନ ରାତ୍ରରେ ଖୁବ୍ ଧୁମ୍‌ଧାମରେ ଭୋଜି କରାଯାଏ । ଏହି ଭୋଜି ଭାତ ଦେଇ କନ୍ୟାପିତା ସମାଜକୁ ତା'ର ଝିଅର ପ୍ରଥମ ପୁଷ୍ପୋବତୀ ହେବାର ଖବର ଜଣାଇଥା'ନ୍ତି ଏବଂ ଭୋଜିଖାଇ ସମସ୍ତଙ୍କଠାରୁ ସାମାଜିକ ସ୍ୱୀକୃତି ଲାଭ କରନ୍ତି ।

ଜାତାପୁ ସମାଜରେ ଯୁବକ ଯୁବତୀମାନଙ୍କୁ ମିଳାମିଶା କରିବାକୁ ନାପସନ୍ଦ କରାଯାଏ । କିନ୍ତୁ କେତେକ ସ୍ଥଳେ ଏହି ସମୟରେ ପୁଅଝିଅମାନେ ପରସ୍ପରକୁ ଭଲ ପାଇଥାନ୍ତି ଏବଂ ଏହା ପରେ ପରସ୍ପରକୁ ବିବାହ କରିଥାନ୍ତି । ଏପରିକି ନିଜ ସମ୍ପର୍କୀୟ ପରିବାର ହୋଇଥିଲେ ମଧ୍ୟ ନିର୍ବନ୍ଧ ପ୍ରକ୍ରିୟା ଆରମ୍ଭ ହେବା ପରେ ଉଭୟ ପୁଅ ଓ ଝିଅଙ୍କୁ ପରସ୍ପର ସହ କଥାବାର୍ତ୍ତା ମିଳାମିଶା କରିବାକୁ ମଧ୍ୟ କଟକଣା ଥାଏ ।

## ବିବାହ (ପେଲ୍ଲି) :

ବିବାହ ଜୀବନର ଏକ ମୁଖ୍ୟ ଘଟଣା । ପୁଅଟିଏ କାମଦାମ କରିବାକୁ ସକ୍ଷମ ହେବା ପରେ ଜାତାପୁ ବାପାମାଆ ପୁଅର ବିବାହ କରିବା ପାଇଁ ବ୍ୟସ୍ତ ହୋଇପଡ଼ନ୍ତି । ସେହିପରି ଝିଅଟିଏ ପୁଷ୍ପବତୀ ହେବା ପରେ ପିତାମାତା ମଧ୍ୟ ବରପାତ୍ରଟିଏ ପାଇବା ପାଇଁ ଲାଗି ପଡ଼ନ୍ତି ।

ଜାତାପୁ ସମାଜରେ ନିର୍ବନ୍ଧ କାର୍ଯ୍ୟକ୍ରମ ତିନୋଟି ପର୍ଯ୍ୟାୟ ଅତିକ୍ରମ କରିବା ପରେ ଶେଷ ହୁଏ । ଯଥା- କନ୍ୟା ଦେଖା (ପିଲା ଚୂପୁଲୁ), ଘର ଦେଖା (ଇଲ୍ଲୁ ଚୂପୁଲୁ) ଓ ନିର୍ବନ୍ଧ (ସାମାଦମ୍) । ପ୍ରଥମ ପର୍ଯ୍ୟାୟରେ ପୁଅଟି ଝିଅକୁ ଦେଖି ପସନ୍ଦ କରିବା ପରେ ନିଜ ପରିବାର ତଥା ସଂପର୍କୀୟ ଗୁରୁଜନ ବନ୍ଧୁବାନ୍ଧବମାନେ କନ୍ୟା ମାଗିବା ଉଦ୍ଦେଶ୍ୟରେ କନ୍ୟାଘରକୁ ଯାଇଥାନ୍ତି । ଏମାନେ ତିନିଜଣ କିମ୍ବା ପାଞ୍ଚ ଜଣ ଆବଶ୍ୟକ ହେଲେ ସାତ ଏପରି ଭାବରେ ଅଯୁଗ୍ମ ସଂଖ୍ୟାରେ ଯାଆନ୍ତି । ଏହାକୁ "ପିଲ୍ଲା ଚୂପୁଲୁ" କୁହାଯାଏ । ପରବର୍ତ୍ତୀ ପର୍ଯ୍ୟାୟରେ ଭାବୀ ସମୁଦି ବା ପୁଅ ଘରକୁ କନ୍ୟାପକ୍ଷର ବନ୍ଧୁବାନ୍ଧବମାନେ ଯାଇଥାନ୍ତି । ଏହାକୁ "ଇଲ୍ଲୁ ଚୂପୁଲୁ" କୁହାଯାଏ । ଅନ୍ତିମ ପର୍ଯ୍ୟାୟରେ ନିର୍ବନ୍ଧ କାର୍ଯ୍ୟକ୍ରମ କନ୍ୟା ଘରେ ସମାପନ ହୋଇ ଥାଏ । ପ୍ରତ୍ୟେକ କାର୍ଯ୍ୟକ୍ରମ ଏକ ଶୁଭଦିନ ଧାର୍ଯ୍ୟକରି ଅନ୍ତତଃ ପାଞ୍ଚ ସାତ ଦିନ ପୂର୍ବରୁ ସୂଚନା ଦେଇ ଅପର ଘରକୁ ଯାଇଥାନ୍ତି ।

ଏ ସମସ୍ତ କାର୍ଯ୍ୟକ୍ରମରେ ଉଭୟ ବନ୍ଧୁବାନ୍ଧବଙ୍କ ମଧ୍ୟରେ ଉତ୍ତମଭାବ, ସମ୍ମାନ, ସତ୍କାର, ଆପ୍ୟାୟିତ ଓ ଚର୍ଚ୍ଚା ଆଦାନ ପ୍ରଦାନ ଲକ୍ଷ୍ୟ କରାଯାଇଥାଏ । ଜାତାପୁ ସମାଜରେ କନ୍ୟାପକ୍ଷରେ ଗୁରୁତ୍ୱ ଟିକିଏ ଅଧିକା । ଜାତାପୁ ସଂପ୍ରଦାୟରେ ଯୌତୁକ ପ୍ରଥା ପ୍ରଚଳିତ ନାହିଁ । ଯଦି କନ୍ୟା ପକ୍ଷ ଉକ୍ତ ବରପକ୍ଷର ପ୍ରସ୍ତାବରେ ରାଜି ନଥାନ୍ତି ତେବେ ପ୍ରଥମ ପର୍ଯ୍ୟାୟରେ (ପିଲ୍ଲୁ ଚୂପୁଲୁ) ବର ପକ୍ଷର ବନ୍ଧୁବାନ୍ଧବଙ୍କୁ ଲେମ୍ବୁପାଣି ଦିଅନ୍ତି । ଏହା ଏକ ନାସ୍ତି ସୂଚନା । ଏଥିରୁ ସେମାନେ ଅନୁମାନ କରିପାରନ୍ତି ଯେ, ଉକ୍ତ ସମ୍ବନ୍ଧ ହେବା ସମ୍ଭାବନା ନାହିଁ । ତଥାପି ସେମାନେ ନିଜ ପକ୍ଷରୁ ପ୍ରସ୍ତାବ ଦେବାକୁ ଇଚ୍ଛା କରିବା ଉଦ୍ଦେଶ୍ୟରେ ରହନ୍ତି ତେବେ କନ୍ୟା ଗୃହ ପକ୍ଷରୁ ଭୋଜନର ବ୍ୟବସ୍ଥା କରଯାଏ । ଭୋଜନରେ ଆମିଷ ତରକାରୀ ପରିବେଷଣ କରାଯାଏ । ଏଥିରୁ ବରପକ୍ଷ ନିଶ୍ଚିତ ହୋଇଯାଆନ୍ତି ଯେ କନ୍ୟାପକ୍ଷ ଆମକୁ ବନ୍ଧୁ କରିବାକୁ ଅନିଚ୍ଛୁକ ।

ଜାତାପୁ ସମାଜରେ ପ୍ରଥମେ ସିଧାସଳଖ କୌଣସି ବରଘର କନ୍ୟା ଦେଖିବାକୁ ଯାଇନଥାନ୍ତି । ବିବାହ ଉତ୍ସବ, ହାଟ ବଜାର, ମେଳା ମହୋତ୍ସବ, କୃଷିକ୍ଷେତ୍ର ଇତ୍ୟାଦି କୌଣସିଠାରେ ଗୋଟିଏ ମନପସନ୍ଦର ଝିଅ ଦେଖିବା ପରେ ପୁଅଘର ଉକ୍ତ ଝିଅର ଠିକଣା ଖୋଜି ବାହାର କରିନ୍ତି । ଉକ୍ତ ଝିଅର ସାଙ୍ଗିଆ ଜାଣିବାକୁ ଇଚ୍ଛା କରନ୍ତି । ଯଦି ଝିଅଟି ଅନ୍ୟ ଜାତିର (ସଂସ୍କାର) ହୋଇଥାଏ ତେବେ ସେ ଝିଅଟି ବିବାହ ଯୋଗ୍ୟ ବୋଲି ବିଚାର କରାଯାଏ । ବନ୍ଧୁବାନ୍ଧବ କିମ୍ବା ମଧ୍ୟସ୍ଥିଙ୍କ ମାଧ୍ୟମରେ ଉକ୍ତ ଝିଅଘର କିପରି ବରପାତ୍ର ଚାହୁଁଛନ୍ତି କିମ୍ବା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ବନ୍ଧୁତା ସ୍ଥାପନ କରିବାକୁ ଚାହୁଁଛନ୍ତି କି ନାହିଁ

ପଚାରି ବୁଝି ନିଅନ୍ତି । କେତେକ ସ୍ଥଳେ ମଧ୍ୟସ୍ଥି କିଛିନା କିଛି ବାହାନା କରି ଝିଅଘରେ ପହଞ୍ଚିଯାଏ । କଥା ବାହାନରେ ଅମୁକ ଘରେ ଗୋଟିଏ ପୁଅ ଅଛି ଓ ଉକ୍ତ ପୁଅ ଘର ସହିତ ଯଦି ଆପଣଙ୍କର ବନ୍ଧୁତା କରାଯାଏ ତେବେ ଭଲ ହୁଅନ୍ତା ବୋଲି କହେ । ଏହିପରି କହି ମଧ୍ୟସ୍ଥି ଜଣଙ୍କ ଝିଅଘରର ଉକ୍ତ ପୁଅଘର ସହିତ ବନ୍ଧୁତା କରିବାକୁ ଚାହାନ୍ତି କି ନାହିଁ ଜାଣିପାରନ୍ତି । ଯଦି ଏଥିରୁ କୌଣସି ପ୍ରକାର ଶୁଭ ଖବର ମିଳେ ତେବେ ପୁଅଘର ଝିଅଘରକୁ ବିବାହ ସଂକ୍ରାନ୍ତୀୟ ଖବର ପଠାଇଥାନ୍ତି । ଯଦି କନ୍ୟାପକ୍ଷ ଉକ୍ତ ପରିବାର ସହ ବନ୍ଧୁତା ସ୍ଥାପନ କରିବାକୁ ରାଜି ହୁଅନ୍ତି ତେବେ ସେମାନେ ପୁଅପକ୍ଷଙ୍କୁ ଝିଅ ଦେଖି ଆସିବା ପାଇଁ ଖବର ପଠାଇଥାନ୍ତି ।

ଏହାପରେ ପୁଅ ନିଜେ ଓ ତାଙ୍କର କେତେକ ସାଙ୍ଗସାଥୀ ପ୍ରଥମ ଥର ଝିଅଘରେ ପହଞ୍ଚି ଯାଆନ୍ତି । ଝିଅକୁ ଦେଖାଦେଖି କରି ଫେରି ଆସନ୍ତି । କେତେକ ସମୟରେ ପୁଅ ନିଜେ ଦେଖିବାକୁ ନ ଗଲେ ତାଙ୍କର ସାଙ୍ଗସାଥୀ ମଧ୍ୟ ଦେଖି ଆସିଥାନ୍ତି । ପୁଅ ଓ ତାଙ୍କର ସାଙ୍ଗସାଥୀ ଯଦି ଝିଅଟିକୁ ଦେଖି ପସନ୍ଦ କରନ୍ତି ତେବେ ତା'ପରେ ପୁଅର ବାପାମାଆ ଓ ବନ୍ଧୁବାନ୍ଧବ ସମସ୍ତେ ଝିଅ ଦେଖିଯିବାକୁ ଦିନ ସ୍ଥିର କରାଯାଏ । ସ୍ଥିରୀକୃତ ଦିନ ପୁଅର ବାପାମାଆ ଓ ବନ୍ଧୁବର୍ଗ ଝିଅଘରେ ପହଞ୍ଚି ଝିଅକୁ ଦେଖନ୍ତି । ଝିଅର ଘର ଦେଖାଦେଖି କରିବା ପରେ ଏକ ଶୁଭଦିନ ଦେଖି କନ୍ୟାପକ୍ଷ ବର ପକ୍ଷର ଘରକୁ ଯାଇଥାନ୍ତି । ଧାର୍ଯ୍ୟଦିନ ଝିଅର ବାପାମାଆ ଓ ବନ୍ଧୁବର୍ଗଙ୍କ ସହ ପୁଅଘରକୁ ବୁଲି ଯାଆନ୍ତି । ଝିଅଘର ପୁଅଘର ଦେଖିବା ବ୍ୟତୀତ ପୁଅ ଓ ତା'ର ପାରିପାର୍ଶ୍ୱିକ ଅବସ୍ଥା ଦେଖିଥାନ୍ତି । ଏହାପରେ କିଛି ଦିନ ବିତିଯାଏ । ଉଭୟ ପକ୍ଷ ପୁଅ ଓ ଝିଅ ବିଷୟରେ ବାହାର ସୂତ୍ରରୁ ଜାଣିବାକୁ ଚେଷ୍ଟା କରିଥାନ୍ତି । ଏହାର କିଛି ଦିନ ପରେ ଉଭୟ ପକ୍ଷର ସାଲିସ କ୍ରମେ ନିର୍ବନ୍ଧ (ନିର୍ବନ୍ଧମ୍) ପାଇଁ ଦିନ ସ୍ଥିର କରାଯାଏ । ନିର୍ଦ୍ଦିଷ୍ଟ ଦିନ ଉଭୟ ପକ୍ଷ ଏକାଠି ହୁଅନ୍ତି । ସେହିଦିନ ଦିଶାରୀକୁ ଡ଼କାଯାଏ । ସେ ଦିନ ସ୍ଥିର କରିବା ପାଇଁ ଗ୍ରହ ନକ୍ଷେତ୍ର ଦେଖିବା ସହିତ ପାଞ୍ଜି ମଧ୍ୟ ଦେଖି ଦିନ ସ୍ଥିର କରିଥାଏ । ଏହି ଦିନ ପୁଅଘର କୌଣସି ପ୍ରକାର ଅଳଙ୍କାର ପିନ୍ଧାଇ ଝିଅକୁ ବୋହୂ କରିବା ପାଇଁ ଶେଷ ନିଷ୍ପତ୍ତି ଦେଇଥାନ୍ତି ।

## କନ୍ୟାସୁନା (ଓ୍ୱଲି):

ଜାତାପୁ ସଂପ୍ରଦାୟ ଅନ୍ୟ ଜନଜାତି ସଂପ୍ରଦାୟଠାରୁ ସଭ୍ୟ ଓ ଉନ୍ନତ । କନ୍ୟାକୁ କିଣା ଯାଉଥିବାରୁ ଯୌତୁକ ଦାବୀର ଆବଶ୍ୟକତା ନାହିଁ । ନିର୍ବନ୍ଧର ଅନ୍ତିମ ପର୍ଯ୍ୟାୟରେ

କନ୍ୟା ପକ୍ଷର ପରିବାର ଓ ବନ୍ଧୁବାନ୍ଧବମାନଙ୍କ ପକ୍ଷରୁ ଭୋଜି ନିମନ୍ତେ ଦାବୀ କରାଯାଉଥିବା ଜିନିଷକୁ ବରପକ୍ଷ ଦେବାକୁ ରାଜି ହୁଅନ୍ତି । ଏହାକୁ "ଓ୍ୱଲି" କୁହାଯାଏ । ଓ୍ୱଲି ନିମନ୍ତେ କନ୍ୟା ପକ୍ଷରୁ ଚାଉଳ, ଡାଲି (ମାପ ହିସାବରେ) ଦାବୀ କରାଯାଏ । କନ୍ୟାପକ୍ଷର ପରିବାର ତଥା କୁଟୁମ୍ବ ବନ୍ଧୁବାନ୍ଧବ ଯେତେ ବେଶୀ (ସଂଖ୍ୟା) ଓ୍ୱଲି ପରିମାଣ ସେତେ ଅଧିକ ହୋଇଥାଏ । ଏତଦ୍‌ବ୍ୟତୀତ "ପାଦିରି ଖାର୍ଚ୍ଚୁ" ଛାଉଁଡ଼ିଆ ଖର୍ଚ୍ଚ ଓ କେବଳ କନ୍ୟା ନିମନ୍ତେ "ଗାଲୁ ପୁଷାଲୁ" ଚୁଡ଼ି ଓ ମାଳି ଖର୍ଚ୍ଚ ମଧ୍ୟ ମଗାଯାଏ । କନ୍ୟା ପକ୍ଷରୁ କୁହାଯାଉଥିବା କଥା ଉପରେ ମୂଲଚାଲ ହୋଇଥାଏ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଆକର୍ଷଣୀୟ ମୁହୂର୍ତ୍ତ । ପରିଶେଷରେ ଏକ ନିର୍ଦ୍ଦିଷ୍ଟ ପରିମାଣ ଉପରେ ଉଭୟ ପକ୍ଷ ରାଜି ବା ସମ୍ମତି ହୁଅନ୍ତି । ଉଦାହରଣ– ଯଦି କନ୍ୟା ପକ୍ଷରୁ ତିନିପୁଟି ଚାଉଳ (୫୦ମାଣ), ଏକ ପୁଟି ଡାଲି ଏବଂ ପାଞ୍ଚ ହଜାର ଟଙ୍କା ଦାବୀ କରାଯାଏ ତେବେ ମୂଲଚାଲ ପରେ ଏହା ଏକ ପୁଟି ଚାଉଳ, ପାଞ୍ଚ ମାଣ ଡାଲି ଏବଂ ପାଞ୍ଚଶହ ଟଙ୍କାରେ ଧାର୍ଯ୍ୟ ହୋଇପାରେ। ଏହି ସମସ୍ତ ଜିନିଷ ଓ ଅର୍ଥକୁ କନ୍ୟା ଡକରା ଦିନ ପୈଠ କରାଯାଏ । କିନ୍ତୁ "ଗାଲୁ ପୁଷାଲୁ" ନିମନ୍ତେ ବରପକ୍ଷରୁ ନିଜର ସାମର୍ଥ୍ୟ ଓ ସମ୍ମାନ ଅନୁସାରେ ଯାହା ଦେବାକୁ ନିଷ୍ପତ୍ତି ନିଆଯାଏ । ତାହା ସେହି କାର୍ଯ୍ୟକ୍ରମ ସମୟରେ ପ୍ରଦାନ କରାଯାଇଥାଏ । ପରବର୍ତ୍ତୀ ସମୟରେ ସଭା ସାଙ୍ଗ କରିବା ନିମନ୍ତେ ଉଭୟ ବର ଓ କନ୍ୟା ପକ୍ଷରୁ ଗ୍ରାମ ପାଣ୍ଠି ବା କନ୍ୟାର ଗ୍ରାମ କୂଳ ନିମନ୍ତେ କିଛି "ସଭାସାଂଗ ଅର୍ଥ" ପ୍ରଦାନ କରାଯାଏ । ଏଥିରେ ବରପକ୍ଷ ଯାହା ଦିଅନ୍ତି କନ୍ୟାପକ୍ଷ ତା'ର ଅର୍ଦ୍ଧାଂଶ ଅର୍ଥ ପଇଠ କରିଥାନ୍ତି । ପରବର୍ତ୍ତୀ ସମୟରେ ଗ୍ରାମର "କୁଳ ମୁଖିଆ" (ପେଦ୍ଦା ମାନିଷି) ଘୋଷଣା କରନ୍ତି ଯେ, ଆଜିଠାରୁ ଉଭୟ ପକ୍ଷ ମଧ୍ୟରେ ସମ୍ବନ୍ଧ ସ୍ଥାପନ ହୋଇ ଉଭୟ ଏକ ନୂତନ ବନ୍ଧୁ ପାଇଲେ । ସଭା ସାଙ୍ଗ ପରେ ଯେଉଁ କାର୍ଯ୍ୟକ୍ରମ ହୁଏ ତାହା ସଂପୂର୍ଣ୍ଣ ମହିଳା କୈନ୍ଦ୍ରିକ । ଏହି ସମୟରେ ସେଠାରେ କୌଣସି ପୁରୁଷ ଉପସ୍ଥିତ ରହନ୍ତି ନାହିଁ । ଘର କୁଠା (ମଧ୍ୟ ଭାଗରେ) କନ୍ୟା ପିଲାକୁ ଚୁଡ଼ି, ତେଲ, ହଳଦୀ, ସିନ୍ଦୁର, କଳା କଳାମାଳୀ, ନୂଆ ଲୁଗା ଓ ଗହଣା ଦ୍ୱାରା ସଜାଇ ଦିଅନ୍ତି ଏହାକୁ "ପ୍ରାଦାନାମ୍" କୁହାଯାଏ । ପ୍ରାଦାନାମ୍ ନିମନ୍ତେ ଆବଶ୍ୟକ ସାମଗ୍ରୀ ବରଘର ପକ୍ଷରୁ ଦିଆଯାଏ । ପ୍ରାଦାନାମ୍ ପରେ କନ୍ୟାପିଲା ଉପସ୍ଥିତ ଗୁରୁଜନମାନଙ୍କୁ ମୁଣ୍ଡିଆ ମାରି କଲ୍ୟାଣ କାମନା କରେ ।

### "ପେଦ୍ଦା ମାନିଷି"ର ଭୂମିକା :

ଏକ ଶୁଭଦିନ ଧାର୍ଯ୍ୟକରି ବରପକ୍ଷ ବନ୍ଧୁମାନଙ୍କ ସହ କନ୍ୟାପିଲାଙ୍କ ଘରକୁ ଯାଇଥାନ୍ତି । ଉକ୍ତ ସଭାରେ ବରପକ୍ଷ ବାପା, ମା', ବନ୍ଧୁବାନ୍ଧବ ଓ ବାୟୋଜେଷ୍ଠ ଲୋକମାନେ

ଉପସ୍ଥିତ ଥାଆନ୍ତି । ଜାତାପୁ ସମାଜରେ ନିର୍ବନ୍ଧ କାର୍ଯ୍ୟକ୍ରମ ସାଧାରଣତଃ ସନ୍ଧ୍ୟା ସମୟରେ ଆରମ୍ଭ ହୋଇଥାଏ । ସଭା ପୂର୍ବରୁ କନ୍ୟା ପିତା ଗ୍ରାମର କୂଳ ମୁଖିଆ ଓ କୁଟୁମ୍ବ ବର୍ଗଙ୍କୁ ସଭାକୁ ଆମନ୍ତ୍ରଣ କରିଥାଏ । ଆବଶ୍ୟକ ସ୍ଥଳେ ଗ୍ରାମରେ ରହୁଥିବା ଅନ୍ୟ ବର୍ଗ / ଜାତିର ବରିଷ୍ଠ ଲୋକଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଥାଏ । ଏଇ ମୁଖ୍ୟ ବ୍ୟକ୍ତିମାନଙ୍କୁ "ପେଦା ମାନିଷୀ" କୁହାଯାଏ । ନିର୍ଦ୍ଧାରିତ ସମୟରେ କୁଠାରେ (ମଝିରେ) କୂଳଦୀପ ପ୍ରଜଳନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଏ । ପ୍ରଥମେ ପେଦା ମାନିଷୀମାନେ କନ୍ୟା ପିତାଙ୍କୁ ବା କନ୍ୟାପକ୍ଷର ମୁଖ୍ୟଙ୍କୁ ପଚାରନ୍ତି, "ତୁମ୍ଭେ ଆମ୍ଭଙ୍କୁ କାହିଁକି ଡକାଇଲ" ତା'ର ଉତ୍ତର କନ୍ୟାପିତା କହିବେ ଯେ ଆମକୁ ଗ୍ରାମର କୂଳ ବନ୍ଧୁସ୍ଥାପନ କରିବା ପାଇଁ ଆସିଛନ୍ତି । ଏଥି ସକାଶେ ଆପଣମାନଙ୍କୁ ଡକାହେଲା । ଏହି ନିଷ୍ପତ୍ତିର ଦାୟୀତ୍ୱ ଆପଣମାନଙ୍କୁ ଅର୍ପଣ କଲି । ଯାହା ନିଷ୍ପତ୍ତି ନେବେ ମୋର ସମ୍ମତ । ପରବର୍ତ୍ତୀ ସମୟରେ ମୁଖିଆମାନେ ବରପକ୍ଷର ବନ୍ଧୁମାନଙ୍କୁ ପଚାରିବେ "ଆପଣମାନେ ପରିବାରର ନୂଆ ବନ୍ଧୁ କରିବାକୁ ଚାହୁଁଛନ୍ତି କି ?" ଉତ୍ତରରେ ସେମାନେ କହିବେ, "ଆମକୁ ପସନ୍ଦ ହେବା ଯୋଗୁଁ ହିଁ ଆମ୍ଭେମାନେ ଆସିଅଛୁ ।" ପରିଶେଷରେ କନ୍ୟା ପିଲାର ମତାମତ ଲୋଡ଼ାଯାଏ । କନ୍ୟା ପିଲାକୁ ସଭା ମଧ୍ୟକୁ ଡାକି ଉକ୍ତ ପ୍ରସ୍ତାବରେ ରାଜି ଅଛ କି ପଚାରିଲେ ସେ ଉତ୍ତର ଦିଏ ଯେ ଯଦି ସମସ୍ତେ ଏଥିରେ ରାଜି ଅଛନ୍ତି ମୁଁ ମଧ୍ୟ ସେଥିରେ ସମ୍ମତ । ଏହା ପରେ "ଓ୍ୱଲି" ନିର୍ଦ୍ଧାରଣ କରାଯାଏ ।

### ଓ୍ୱଲି ଚାଉଳ ଗ୍ରହଣ :

ବିବାହ ପୂର୍ବରୁ ବରପକ୍ଷରୁ କନ୍ୟା ଡକରା କରାଯାଏ । ବରପକ୍ଷର କିଛି ମୁଖ୍ୟ ବ୍ୟକ୍ତିଙ୍କ ସହ ବନ୍ଧୁବାନ୍ଧବ, ବରର ସାଙ୍ଗସାଥି, ଗାଁ ଲୋକ ଛୋଟ ବଡ଼ ସମସ୍ତେ ସାମିଲ ହୋଇଥାନ୍ତି । ସାଙ୍ଗରେ ଧୋବା ଏବଂ ଶଙ୍ଖୁଆ ଯାଇଥାନ୍ତି । ଶଙ୍ଖୁଆ (ଓ୍ୱଲି) କାର୍ଯ୍ୟକ୍ରମରେ ଶଙ୍ଖ ବଜାଏ ଏବଂ ଧୋବା 'ଓ୍ୱଲି'ର ଚାଉଳ, ଡାଲି କନ୍ୟା ପିଲା ନିମନ୍ତେ ପାଟ ଶାଢୀ, ଚୁଡ଼ି ପ୍ରସାଧନ ସାମଗ୍ରୀ ମିଠେଇ, ପାଚିଲା ଫଳ ଇତ୍ୟାଦିକୁ ଗୋଟିଏ ଭାରରେ ସଜେଇ ବୋହିଥାଏ । ପ୍ରଥମେ ଗ୍ରାମ ପରିକ୍ରମା କରି କନ୍ୟାଘରେ ଉପସ୍ଥିତ ହୁଅନ୍ତି । ଓଳିତଳେ 'ଓ୍ୱଲି' ଭାରକୁ ଧୋବା ଧରି ଠିଆ ହୋଇ ରହିଥାଏ କନ୍ୟା ପିଲା ହାତରେ ପିତଳ ଥାଳି (ପଞ୍ଚଭୂତ ସହ) ନିଜ ସାଙ୍ଗ ସାଥୀମାନଙ୍କ ସହିତ ଆସେ ଏବଂ ଓ୍ୱଲିଭାରରୁ ନିଜ ଆଞ୍ଜୁଳାରେ (ଯେତେ ଅଧିକ ସମ୍ଭବ) ତିନିଥର ବାହାର କରି ଥାଳିଆରେ ଢାଳି ନିଜ ଘର କୁଠାରେ

ଇଷ୍ଟ ଦେବୀଙ୍କ ପାଖରେ ସମର୍ପଣ କରେ । ଏହିପରି ତିନିଥର ନିଏ । ଏହାକୁ "ଓ୍ୱାଡ଼ାଓ୍ୱାଲି" କୁହାଯାଏ । ଏହା ପରେ କନ୍ୟା ପକ୍ଷର କୂଳ କୁଟୁମ୍ବଙ୍କର ଉପସ୍ଥିତିରେ ଓ୍ୱଲି ଚାଉଳ, ଡାଲି (ପୂର୍ବରୁ ସ୍ଥିର ହୋଇଥିବା ପରିମାଣ) ମପାଯାଏ । ମାପକାର ମଧ୍ୟ ବିନା ମୂଲ୍ୟରେ ମାପିନଥାଏ । ତା'ର ଦାବୀ ମୁତାବକ ଅର୍ଥକୁ ମାମୁଲି ସ୍ୱରୂପ କିଛି ଦିଆଯାଏ । ପରବର୍ତ୍ତୀ ସମୟରେ (ନିର୍ଦ୍ଧାରିତ ଶୁଭ ସମୟ) ରେ କନ୍ୟା ପିଲାକୁ ତେଲ ହଳଦୀ ଲଗାଇ ନବବଧୂ ରୂପେ ସଜାଯାଏ । ପ୍ରକାଶ ଥାଉକି ପୂର୍ବରୁ ବର ପିଲାକୁ ତେଲ ଓ ହଳଦୀ ଲଗାଇ ସାରିବା ପରେ (ବର ଗୃହରେ) ବଳକା ତେଲ, ହଳଦୀକୁ ଉକ୍ତ କାର୍ଯ୍ୟକ୍ରମରେ କନ୍ୟାପିଲାକୁ ଲଗାଯାଇଥାଏ । ଏହାକୁ ଜାତାପୁ ସମ୍ପ୍ରଦାୟରେ "ପାସୁପୁ କୁଙ୍କମ" କହନ୍ତି । ଏହା ପରେ ପରେ କନ୍ୟା ପିଲା ଘରୁ ବାହାରି ଓଳି ତଳେ ଘରମୁହାଁ ହୋଇ ଠିଆ ହୁଏ । ପୂର୍ବରୁ ନିଜ ପଣତକାନିରେ ଧରିଥିବା ନଡ଼ିଆ, କଦଳୀ, ଚାଉଳ, ଆମ୍ବପତ୍ରକୁ ନିଜ ଜନ୍ମଦାତ୍ରୀଙ୍କୁ ସମର୍ପଣ କରିବା ପାଇଁ ଅପେକ୍ଷା କରିଥାଏ । ମା' ଅଶ୍ରୁଳ ଆଖିରେ ଘରୁ ବାହାରି ଝିଅ ସାମନାରେ ଠିଆ ହୁଏ । ଝିଅ ନିଜ ପଣତକାନିରେ ଥିବା ସାମଗ୍ରୀଗୁଡ଼ିକୁ ମାଆ ପଣତକାନିରେ ଢାଳେ ଏଇପରି ମା' ଓ ଝିଅ ତିନିଥର ପରସ୍ପରକୁ ଦିଆନିଆ କରନ୍ତି । ପରେ ଝିଅ ମା' ଗୋଡ଼ତଳେ ମୁଣ୍ଡିଆ ମାରି କଲ୍ୟାଣ କାମନା କରେ । ମା' ଝିଅଠାରୁ ପାଇଥିବା ସାମଗ୍ରୀ ସବୁ ଧରି ଘରକୁ ଚାଲିଆସେ । ଏଇ କାର୍ଯ୍ୟକ୍ରମକୁ ଜାତାପୁ ସମାଜରେ "ଓ୍ୱଡ଼ିଓ୍ୱାଲୁ" କୁହାଯାଏ । ପ୍ରକାଶ ଯୋଗ୍ୟ ଯେ ମା' ଯେଉଁ ଲୁଗାରେ ଝିଅଠାରୁ 'ଓ୍ୱଡ଼ିଓ୍ୱାଲୁ' ଗ୍ରହଣ କରିଥାଏ ତାହା ନିଜ ମା' ଘରରୁ ଆସିଥାଏ । ଏହି ବଳିଷ୍ଠ ତଥା ବିରଳ ପରମ୍ପରା ଅନ୍ୟ ଜନଜାତି ଗୋଷ୍ଠିରେ ଥିବାର ଲକ୍ଷ୍ୟ କରାଯାଏ ନାହିଁ ।

ବିବାହ ପୁଅ ଘରେ କିମ୍ବା ଝିଅ ଘରେ ହୋଇପାରେ । ସାଧାରଣତଃ ବିବାହ ପୁଅଘରେ ହୋଇଥାଏ । କିନ୍ତୁ କେତେକ ସ୍ଥଳେ ପୁଅକୁ ବାପାଘରୁ ଝିଅ ଘରକୁ ନେଇଆସି ଝିଅଘରେ ବିବାହ କରାଯାଏ । ଯଦି ବିବାହ ଝିଅ ଘରେ ହୁଏ ତେବେ ପୁଅଘରୁ ପୁଅ, ବାପାମାଆ, ମାମୁମାଇଁ, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ସାଇପଡ଼ିଶା ଧରି ଆନନ୍ଦ ଉଲ୍ଲାସ ସହ ଝିଅଘରେ ପହଞ୍ଚିଥାନ୍ତି । ଝିଅଘରକୁ ଯିବା ପାଇଁ ପୂର୍ବଦିନରୁ ଦିଶାରୀ ଦ୍ୱାରା ସମୟ ଧାର୍ଯ୍ୟ କରାଯାଇଥାଏ । କାରଣ ଦିଶାରୀ ଗ୍ରହ ନକ୍ଷେତ୍ର ଦେଖି କେଉଁ ସମୟରୁ କେଉଁ ସମୟ ପର୍ଯ୍ୟନ୍ତ ଶୁଭଲଗ୍ନ ଅଛି କହିଥାଏ । ଠିକ୍ ସେହି ସମୟ ମଧ୍ୟରେ ପୁଅ ଓ ଅନ୍ୟାନ୍ୟ ବରଯାତ୍ରୀମାନେ ଘରୁ ବାହାରି ଝିଅଘର ଅଭିମୁଖେ ଯାଇଥାନ୍ତି । ଯିବାବେଳେ ବାଟରେ ବା ଘରୁ ବାହାରିବା ବେଳେ ନିମ୍ନଲିଖିତ ଶକୁନମାନଙ୍କ ଦେଖି ଶୁଭାଶୁଭ ନିର୍ଣ୍ଣୟ କରାଯାଏ ।

- ଘରୁ ବାହାରିବା ସମୟରେ ଧଳା ଗାଈ ଦେଖିବା ବା କୌଣସି ପ୍ରକାର ଧଳା ବସ୍ତୁ ଦେଖିଲେ ଶୁଭ ବୋଲି ବିଚାର କରାଯାଏ ।
- ଘରୁ ବାହାରିବା ସମୟରେ ଗାଁରେ କେହି ମରିଥିଲେ କିମ୍ବା ଗାଁରେ ଶବ ଥିଲେ ସମୟ ଅନୁକୂଳ ବୋଲି ବିଚାର କରାଯାଏ ।
- ଘରୁ ବାହାରିବା ସମୟରେ ରଢ଼ ନିଆଁ ଦେଖିଲେ ଶୁଭ ବୋଲି ମନେ କରାଯାଏ ।
- ଘରୁ ବାହାରିବା ସମୟରେ କିମ୍ବା ବାଟରେ ଧୋବା ଲୁଗାପଟା ସଫାକରି ଫେରୁଥିଲେ କିମ୍ବା ସଫଲୁଗା ନେଇ ଫେରୁଥିଲେ ସମୟ ଖୁବ୍ ଅନୁକୂଳ ବୋଲି ବିଚାର କରାଯାଏ ।
- ରାସ୍ତାର ଯିବାବେଳେ ଯଦି ବାମପାର୍ଶ୍ୱରେ ଶିଆଳ / ବିଲୁଆ ଦେଖିଲେ ଶୁଭ ବୋଲି ବିଚାର କରାଯାଏ ।
- ଘରୁ ବାହାରିବା ସମୟରେ ଗୋଟିଏ ବ୍ରାହ୍ମଣ ଦେଖିଲେ ଅଶୁଭ ।
- ଧୋବା ମଇଳା ଲୁଗା ନେଇ ଫେରୁଥିଲେ କିମ୍ବା ମଇଳା ଲୁଗା ନେଇ ତୁଠକୁ ଯାଉଥିବା ଦେଖିଲେ ଅଶୁଭ ।
- କୌଣସି ଲୋକ କାଠବୋଝ ନେଇ ଫେରୁଥିବାର ଦେଖିଲେ ଅଶୁଭ ।
- ବାହାରିବା ସମୟରେ ବିଧବା (ମୁଣ୍ଡଦେଇ) ଦେଖିଲେ ଅଶୁଭ ।
- ବାଟରେ କଣା (ଗୁଡ୍ଡି) ଦେଖିଲେ ଅଶୁଭ ।
- ଜଳନ୍ତା ନିଆଁ ଦେଖିଲେ ଅଶୁଭ ।
- ଅପର ପକ୍ଷରେ କୌଣସି ଦଳ ଅନ୍ୟ ଘରେ ପହିଞ୍ଚିବା ବେଳେ ଯଦି ତାଙ୍କର ଆମିଷ ରାନ୍ଧୁଥିଲେ କିମ୍ବା ଆମିଷ ରାନ୍ଧିଥିଲେ ଅଶୁଭ ବୋଲି ବିଚାର କରାଯାଏ ।

ଏହିପରି ଶୁଭ ଅଶୁଭକୁ ବିଚାରକୁ ନେଇ ବେଢୁଣୀ ଦ୍ୱାରା ଶୁଭ ସମୟ ନିର୍ଣ୍ଣୟ କରି ବରଯାତ୍ରୀ କନ୍ୟା ଘରେ ପହଞ୍ଚିଥାନ୍ତି । କନ୍ୟା ଘରେ ହିନ୍ଦୁ ପରମ୍ପରା ଅନୁସାରେ ବେଦିରେ ବିବାହ ହୁଏ । ଏହି ସମୟରେ ପୁଅ ଧୋତି, ପଞ୍ଜାବୀ ଓ ମୁଣ୍ଡରେ ମୁକୁଟ ପିନ୍ଧିଥା'ନ୍ତି । ଝିଅ ଶାଢ଼ୀ ପିନ୍ଧିଥାନ୍ତି ଓ ମୁଣ୍ଡରେ ମୁକୁଟ ପିନ୍ଧିଥାଏ । ବିବାହ ପରେ ବରକନ୍ୟାଙ୍କୁ ରିକ୍ସାରେ ବସାଇ ଗାଁରେ ବୁଲାଇଥାନ୍ତି । ଏହାପରେ ନାଚଗୀତ କରି କରି ପୁଅଝିଅକୁ ପୁଅଘରକୁ ଅଣାଯାଏ । ଉକ୍ତ ସନ୍ଧ୍ୟାରେ ପୁଅ ଘରେ ଭୋଜି ହୁଏ ।

ବରକନ୍ୟା ପୁଅ ଘରେ ପହଞ୍ଚିଲେ ସେମାନଙ୍କୁ ଦ୍ୱୀପ ଲଗାଇ ବନ୍ଦାଇ ଘରକୁ ନିଆଯାଏ ଏବଂ ଯତ୍‌କିଞ୍ଚିତ ପୂଜାପାଠ କରାଯାଏ । ସେହି ଦିନ ସନ୍ଧ୍ୟାରେ ଝିଅ ନୂଆ ହାଣ୍ଡିରେ ଭାତ ରାନ୍ଧି ଘର ଈଶାଣରେ ଦେଇ ଘରର ପରିବାର ଲୋକଙ୍କୁ ଖାଇବାକୁ ଦେଇଥାନ୍ତି । ଏହାପରେ ବିବାହର ୧୮ ଦିନ ପରେ ଝିଅ ଓ ଜ୍ୱାଇଁ ଝିଅର ବାପାଘରକୁ ଯାଆନ୍ତି । ଏହାକୁ କୋଠ ମଡ଼ାଣୀ (ଏନାଲୁ) କହନ୍ତି । ଏଥିପାଇଁ ମଧ୍ୟ ବେଜୁଣୀକୁ କହି ଶୁଭ ବେଳା ନିର୍ଣ୍ଣୟ କରି ଶୁଭବେଳରେ ଘରୁ ବାହାରି ଝିଅର ବାପାଘରକୁ ଯାଆନ୍ତି । ଏନାଲୁ ନହେବା ପର୍ଯ୍ୟନ୍ତ ଝିଅ ବାପାଘରକୁ ଯାଇପାରେ ନାହିଁ ।

**ବିବାହର ପ୍ରକାରଭେଦ :**

**ପ୍ରେମ ବିବାହ (ପ୍ରେମା ପେଲ୍ଲି) :** ସମୟ ବଦଳିଗଲାଣି । ଆଧୁନିକତାର ଛାପ ଦେଖାଦେଲାଣି ଜାତପୁ ଆଦିବାସୀଙ୍କ ମଧ୍ୟରେ । ସମୟକ୍ରମେ ପାରମ୍ପରିକ ରୀତି ନୀତି ଅନୁସରଣ କରି ଆୟୋଜିତ ବିବାହର ଗୁରୁତ୍ୱ କମିଗଲାଣି । ପିତୃକୈନ୍ଦ୍ରିକ ପରିବାର ଏବେ ସୁଦ୍ଧା ପ୍ରଚଳନ ଥିଲେ ମଧ୍ୟ ବିବାହ ଇତ୍ୟାଦି ବେଳେ କନ୍ୟା ମନୋନୟନ, ନିର୍ବାଚନ ଇତ୍ୟାଦି କ୍ଷେତ୍ରରେ ପିତାମାତା ଓ ବନ୍ଧୁବର୍ଗମାନଙ୍କର ଗୁରୁତ୍ୱପୂର୍ଣ୍ଣତା କମିଗଲାଣି । କୌଣସି ପୁଅ ସ ଝିଅଙ୍କ ପ୍ରେମ ସଂପର୍କ ନିବିଡ଼ ହେଲେ ସେମାନେ ବିବାହ କରିବାକୁ ସ୍ଥିର କରନ୍ତି । ଯଦି କୌଣସି ପକ୍ଷକୁ କୌଣସି ପ୍ରକାର ପ୍ରତିବନ୍ଧକ ଥାଏ ତେବେ ପୁଅ ଝିଅ ସୁଯୋଗ ଦେଖି ଘର ଛାଡ଼ି ଅନ୍ୟତ୍ର ଚାଲିଯାଆନ୍ତି । ଅନ୍ୟଯାଗାରେ କିଛିଦିନ ରହିବା ପରେ ପୁଣି ପୁଅଘରକୁ ଫେରି ଆସନ୍ତି । ଏହି ସମୟ ମଧ୍ୟରେ ପୁଅଘର ଓ ଝିଅଘର ମଧ୍ୟରେ କଳହର ଅନ୍ତ ପ୍ରାୟ ହୋଇସାରିଥାଏ ଏବଂ ପୁଅଘର ଲୋକମାନଙ୍କ ପରେ ବିନା ଦ୍ୱିଧାରେ ଝିଅଟିକୁ ନିଜର ବୋହୂ ରୂପେ ଗ୍ରହଣ କରିନେଇଥାନ୍ତି । ଜାତପୁ ପୁଅଝିଅମାନେ ଯେ କେବଳ ନିଜ ଜାତିରେ ଏବେ ପ୍ରେମ ବିବାହ କରୁଛନ୍ତି ତାହା ନୁହେଁ । ଏପରିକି ଜାତପୁ ପୁଅମାନେ ବଣିଆ, ମୁଣ୍ଡି ଇତ୍ୟାଦି ଜାତିର ଝିଅମାନଙ୍କୁ ବିବାହ କରିଥିବାର ଉଦାହରଣ ରହିଛି । ଅନ୍ୟ ଜାତିଙ୍କ ବ୍ୟତୀତ ନିଜ ଗୋଷ୍ଠୀ ମଧ୍ୟରେ ମଧ୍ୟ ପ୍ରେମ ବିବାହ ହୋଇଥାଏ । ଏହି ବିବାହରେ କୌଣସି ପ୍ରକାର ଦ୍ରବ୍ୟର ଅଦଳ ବଦଳ ହୋଇ ନଥାଏ । କେତେକ କ୍ଷେତ୍ରରେ ମନ୍ଦିରରେ କିମ୍ବା ଅନ୍ୟକ୍ଷେତ୍ରରେ ପୁଅଘରେ ବିବାହ ହୋଇଥାଏ ।

**ପ୍ରତିବଦଳ ବିବାହ (କୁଣ୍ଡା ମାରୁପୁଲୁ ପେଲ୍ଲି):** ଏପରି ବିବାହ ୨ଟି ପରିବାରର ବୁଝାମଣା ଯୋଗୁଁ ସମ୍ଭବ ହୋଇପାରିଥାଏ । ୨ଟି ପରିବାର ମଧ୍ୟରେ ଝିଅ ଅଦଳ ବଦଳ

କରାଯାଇଥାଏ । ଏହାକୁ ହାଣ୍ଡି ବଦଳ ବିବାହ ମଧ୍ୟ କୁହାଯାଏ । ଏହି ବିବାହରେ ମଧ୍ୟ ବର ପକ୍ଷକୁ କୌଣସି ପ୍ରକାର ଯୌତୁକ ଦିଆଯାଇ ନଥାଏ ।

**ଶାଳୀ ବିବାହ (ମାରଦାଲୁ ପେଲ୍ଲି) :** ଯଦି କୌଣସି କାରଣବଶତଃ କୌଣସି ବ୍ୟକ୍ତିର ବିବାହିତା ପତ୍ନୀର ମୃତ୍ୟୁ ଘଟେ ଏବଂ ଉକ୍ତ ସ୍ତ୍ରୀର ସାନ ଭଉଣୀ ଥାଏ ତେବେ ଶାଳୀ ବିବାହର ପ୍ରଶ୍ନ ଉଠିଥାଏ । ଯଦି ବର ଜଣଙ୍କ ଯୁବକ ଥାଆନ୍ତି ତେବେ ଶାଳୀକୁ ବିବାହ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥାଏ, ଏଥିରେ ଯଦି ଶାଳୀ ରାଜିହୁଏ ତେବେ ବିବାହ ସଙ୍ଗଠିତ ହୋଇଥାଏ । ଏହି କ୍ଷେତ୍ରରେ ଶାଳୀ ପରିସ୍ଥିତିକୁ ପ୍ରଥମେ ଅନୁଧ୍ୟାନ କରିଥାଏ ଓ ସେ ପରିସ୍ଥିତିର ଗୁରୁତ୍ୱ ବିଚାରି ବିବାହ ପାଇଁ ରାଜି ହୋଇଥାଏ । ଏ କ୍ଷେତ୍ରରେ ମଧ୍ୟ ବର ପକ୍ଷକୁ କୌଣସି ପ୍ରକାର ଯୌତୁକ ଦିଆଯାଏ ନାହିଁ । ସକ୍ଷମ ଅନୁସାରେ ଶାଳୀର ବାପାମାଆ ଝିଅକୁ ଅଳଙ୍କାର ଓ ବାସନକୁସନ ଇତ୍ୟାଦି ଦେଇଥାନ୍ତି ।

**ଛାଡ଼ପତ୍ର ବିବାହ (ମଗୁଡୁଦିଲିନ୍ଧି ପେଲ୍ଲି) :** ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗୁରୁତର ମତାନ୍ତର ଘଟିଲେ ଛାଡ଼ପତ୍ରର ପ୍ରଶ୍ନ ଉଠେ । ମୁଖ୍ୟତଃ ପୁରୁଷ ଜଣକ ସ୍ତ୍ରୀକୁ ଛାଡ଼ପତ୍ର ଦେଇଥାନ୍ତି କିନ୍ତୁ ସ୍ତ୍ରୀମାନେ କ୍ୱଚିତ୍ ସ୍ୱାମୀଙ୍କୁ ଛାଡ଼ପତ୍ର ଦିଅନ୍ତି । ଯଦି ସ୍ତ୍ରୀଟି ଘରେ କାମଦାମ ନ କରେ, କର୍ମକ୍ଷେତ୍ରରେ ଅଳସୁଆମି କରେ, ସ୍ୱାମୀକୁ ସହବାସ ସୁଖ ଦେଇ ନପାରେ, କୌଣସି ପ୍ରକାର ଦୁରାରୋଗ୍ୟ ରୋଗ ଭୋଗୁଥାଏ, ଯଦି ତା'ର କୌଣସି ସନ୍ତାନସନ୍ତତି ନହୁଅନ୍ତୁ, ସେ ଯଦି ପର ପୁରୁଷ ସହ ଅବୈଧ ସଂପର୍କ ରଖେ, ସ୍ୱାମୀର ଅଜ୍ଞାତରେ ସ୍ତ୍ରୀଟିର ଗର୍ଭବାସ ହେଲେ, ସ୍ୱାମୀର ଜ୍ଞାତିକୁଟୁମ୍ବମାନଙ୍କୁ ସ୍ତ୍ରୀ ଅବହେଳା କଲେ ସ୍ୱାମୀ ସ୍ତ୍ରୀକୁ ଛାଡ଼ପତ୍ର ଦେଇଥାଏ । ସେହିପରି ସ୍ୱାମୀ ଅତ୍ୟଧିକ ମଦ୍ୟପ ହୋଇଥିଲେ, କାମଧନ୍ଦା ନକରି ସବୁବେଳେ ଅଳସୁଆ ହୋଇ ବସି ରହୁଥିଲେ, କୌଣସି ଦୁରାରୋଗ୍ୟ ବ୍ୟାଧି ଭୋଗୁଥିଲେ, ପର ସ୍ତ୍ରୀ ସହିତ ଅବୈଧ ସଂପର୍କ ରଖିଲେ, ସ୍ତ୍ରୀର ବିନା ପରାମର୍ଶରେ ଅନ୍ୟ ଗୋଟିଏ ସ୍ତ୍ରୀକୁ ବିବାହ କଲେ, ଇତ୍ୟାଦି ବିଭିନ୍ନ କାରଣ ଯୋଗୁଁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଦିର୍ଘଦିନ ଧରି ମତାନ୍ତର ହୁଏ । ମନୋମାଳିନ୍ୟ ଓ ତିକ୍ତତା ବଢ଼ିବାରେ ଲାଗେ । ସ୍ୱାମୀ ସ୍ତ୍ରୀ ଏକାଠି ରହିପାରିବେ ନାହିଁ ବୋଲି ଉଭୟ ଅନୁଭବ କରନ୍ତି । ତେବେ ସ୍ୱାମୀ ସ୍ତ୍ରୀକୁ ଘରୁ କାଢ଼ିଦିଏ । ସ୍ତ୍ରୀ ଲୋକଟି ନିରୁପାୟ ହୋଇ ନିଜର ବାପାଘରକୁ ପଳାଇ ଯାଏ । ଝିଅର ବାପା ଜ୍ୱାଇଁ ପାଖରେ ଉପସ୍ଥିତ ହୋଇ ଛାଡ଼ପତ୍ରର ବିଭିନ୍ନ କାରଣ ପଚାରିଥାଏ । ଜ୍ୱାଇଁ ଗ୍ରାମରେ ପଞ୍ଚାୟତ ଡ଼କାଯାଏ ଓ ଆବଶ୍ୟକସ୍ଥଳେ ଲେଖାପଢ଼ା ହୋଇଯାଏ । ସେହିଦିନଠାରୁ ଉଭୟ ଛାଡ଼ପତ୍ରକୁ ଗ୍ରହଣ କରିଥାନ୍ତି ଏବଂ ଉଭୟ ପୁନଃବିବାହ ପାଇଁ ସାମାଜିକ ସ୍ୱୀକୃତି ପାଇଥାନ୍ତି ।

ଜାତାପୁମାନଙ୍କ ମଧ୍ୟରେ ଛାଡ଼ପତ୍ର ବିବାହ ଖୁବ୍ କ୍ୱଚିତ୍ ଦେଖାଯାଏ । ଛାଡ଼ପତ୍ର ପରିତ୍ୟକ୍ତା ସ୍ତ୍ରୀକୁ ସାଧାରଣତଃ ସମସ୍ତେ ବିବାହ କରିବା ପାଇଁ ପସନ୍ଦ କରିନଥାନ୍ତି । ଏହି ଗୋଷ୍ଠୀମଧ୍ୟରେ ମଧ୍ୟ କ୍ୱଚିତ୍ ପୁନଃବିବାହ ହୁଏ । କୌଣସି ପୁରୁଷ ଲୋକର ସ୍ତ୍ରୀ ମରିଗଲେ କିମ୍ବା ଛାଡ଼ପତ୍ର ଦେଇ ଦେଲେ ସେମାନେ କ୍ୱଚିତ ବିବାହ କରିଥାନ୍ତି । ଏହି ସମାଜରେ ପୁନଃବିବାହ, ୨ୟବିବାହ ଓ ବହୁପତ୍ନୀ ବିବାହ ସାଧାରଣରେ ଗୃହିତ ନୁହେଁ ।

**ସମାଜରେ ବିଧବା ନାରୀର ସ୍ଥାନ :** ବିଧବା ସ୍ତ୍ରୀକୁ ଜାତାପୁମାନେ ତେଲୁଗୁ ଭାଷାରେ "ମୁଣ୍ଡଦାଇ" କହନ୍ତି । ପ୍ରଥମତଃ 'ମୁଣ୍ଡଦାଇ' ଶବ୍ଦର ଅର୍ଥକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ସ୍ତ୍ରୀ ଲୋକଟି ଥାଉ ଥାଉ ସ୍ୱାମୀର ମୃତ୍ୟୁ ହୋଇଥିବାରୁ, ବିଶ୍ୱାସ କରାଯାଏ ଯେ ସ୍ତ୍ରୀ ଲୋକଟି ସ୍ୱାମୀର ମୁଣ୍ଡ ହୋଇଥିବାରୁ, ବିଶ୍ୱାସ କରାଯାଏ ଯେ ସ୍ତ୍ରୀଲୋକଟି ସ୍ୱାମୀର ମୁଣ୍ଡ ଖାଇଲା । ତେଣୁ ତାକୁ ମୁଣ୍ଡଦାଇ ବୋଲି କହିଥାନ୍ତି । ଏହିପରି ସ୍ତ୍ରୀ ଲୋକଙ୍କୁ ସମାଜରେ ଟିକିଏ ନୀଚ ସ୍ଥାନ ଦିଆଯାଏ । କୌଣସି ପ୍ରକାର ଶୁଭକାମରେ ଏମାନେ ଉପସ୍ଥିତ ହେଲେ କାର୍ଯ୍ୟ ଅଶୁଦ୍ଧି ହୁଏ ବୋଲି ଏମାନେ ବିଚାର କରନ୍ତି । ତେଣୁ ଏମାନଙ୍କୁ କେତେକ ଶୁଭ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରୁ ବଞ୍ଚିତ କରାଯାଇ ଥାଏ । ଉଦାହରଣ ସ୍ୱରୂପ ଝିଅଟିଏ ପ୍ରଥମ ପୁଷ୍ପବତୀ ହେବା ବେଳେ ପଟିରେ ବସିବା, ତା'ର ଉଠିଆରି କରିବା, ନବବିବାହିତ ଦମ୍ପତିଙ୍କୁ ମଙ୍ଗୁଳେଇ ଗୃହମଧ୍ୟକୁ ନେବା, ବିବାହର ଅନ୍ୟାନ୍ୟ କାର୍ଯ୍ୟରେ ସାହାଯ୍ୟ କରିବା, ନନ୍ଦିଆମା ପୂଜାରେ କୌଣସି କାର୍ଯ୍ୟ କରିବା ଓ ଅନ୍ୟାନ୍ୟ ପୂଜାପର୍ବାଣୀରେ ବିଧବା ସ୍ତ୍ରୀମାନଙ୍କର ଉପସ୍ଥିତିକୁ ସମସ୍ତେ ବାରଣ କରିଥାନ୍ତି । ବିଧବା ସ୍ତ୍ରୀକୁ ଦେଖି କୌଣସି ଆଡ଼େ ଯିବା ଅଶୁଭ ବୋଲି ବିଚାର କରାଯାଏ । ଏହି ସବୁ ଉଦାହରଣକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବିଧବା ସ୍ତ୍ରୀକୁ ସମାଜରେ ଖୁବ୍ ନୀଚ ସ୍ଥାନ ଦିଆଯାଏ ଓ ଅଶୁଭ ବୋଲି ବିବେଚନା କରାଯାଏ ।

କିନ୍ତୁ ଅପରପକ୍ଷରେ ଜଣେ ଅସହାୟ ମହିଳା ହିସାବରେ ତାକୁ କେତେକ କ୍ଷେତ୍ରରେ ଆର୍ଥିକ ସାହାଯ୍ୟ ସହଯୋଗ ଇତ୍ୟାଦି କରାଯାଇଥାଏ । ଉଦାହରଣସ୍ୱରୂପ ବଡ଼ ବଡ଼ ପୂଜା ପାର୍ବଣ ସମୟରେ ବିଧବା ସ୍ତ୍ରୀକୁ ପୂଜାପାଇଁ ନିର୍ଦ୍ଧାରିତ ପରିମାଣର ଚାନ୍ଦା ଦେବାକୁ କୁହାଯାଏ ନାହିଁ, ବିଧବାର ସକ୍ଷମ ଅନୁସାରେ ସେ ଚାନ୍ଦା ଦେଇଥାଏ । ଗାଁରେ ସମସ୍ତ ଲୋକେ ଏକତ୍ର ମିଶି ବିଧବା ମହିଳାର ଘର ଛପର କରିଦିଅନ୍ତି ଇତ୍ୟାଦି ।

**ସମାଜରେ ସଧବା ସ୍ତ୍ରୀର ସ୍ଥାନ ଓ ଭୂମିକା :** ଜାତାପୁ ସମାଜର ବିଶ୍ୱାସ ଅନୁସାରେ ବିବାହ ପରେ ନାରୀ ଜୀବନରେ ପୂର୍ଣ୍ଣତା ଆସିଥାଏ । ଜଣେ ଅବିବାହିତ ଝିଅ ଓ ଜଣେ

ବିଧବା ମହିଳାଙ୍କ ଅପେକ୍ଷା ଜଣେ ବିବାହିତ ମହିଳାଙ୍କୁ ଜାତପୁ ସମାଜରେ ଅଧିକ ଗୁରୁତ୍ୱ ଦିଆଯାଏ ଥାଏ । ଜଣେ ସଧବା ମହିଳା ସମସ୍ତ କାର୍ଯ୍ୟ କରିବାକୁ ସକ୍ଷମ ବୋଲି ସେମାନେ ବିବେଚନା କରିଥାନ୍ତି । କେତେକ କ୍ଷେତ୍ରରେ ସ୍ୱତନ୍ତ୍ର ଭାବରେ ସଧବା ମହିଳାମାନଙ୍କୁ ଆମନ୍ତ୍ରଣ କରି ସେହି କାର୍ଯ୍ୟମାନ କରାଯାଇଥାଏ । ସଧବା ମହିଳାମାନେ ସମସ୍ତ ପ୍ରକାର ପୂଜାପର୍ବାଣୀ ଓ ଧର୍ମୀୟ କର୍ମକାଣ୍ଡରେ ଯୋଗ ଦେଇପାରିନ୍ତି ।

**ପରିବାରରେ ସ୍ତ୍ରୀର ଭୂମିକା ଓ ଅନ୍ୟମାନଙ୍କ ସହ ସମ୍ପର୍କ :** ପରିବାରର ସ୍ୱାମୀ ଯଦିଓ ମୁଖ୍ୟ ତଥାପି ପରିବାରର ସମସ୍ତ ଦାୟୀତ୍ୱ ବହନ କରିଥାନ୍ତି ସ୍ତ୍ରୀ । ସେ ସମସ୍ତ ପ୍ରକାର ସୁବିଧା ଅସୁବିଧାର ସମ୍ମୁଖୀନ ହୋଇ ପରିବାରର ସୁଖ ଓ ଶାନ୍ତି ପାଇଁ ଲାଗିପଡ଼ନ୍ତି । ଘରର ସମସ୍ତ କଥାରେ ସ୍ୱାମୀ ପ୍ରାୟ ସ୍ତ୍ରୀଙ୍କର ମତାମତ ଦେଇଥାନ୍ତି । ପିତୃକୈନ୍ଦ୍ରୀକ ପରିବାର ହେଲେ ମଧ୍ୟ ସ୍ତ୍ରୀଙ୍କର କଥାକୁ ଗୁରୁତ୍ୱ ଦିଆଯାଏ । କନ୍ୟା ପ୍ରଥମ ପୁଷ୍ପବତୀ ହେବା, କୌଣସି ଲୋକଙ୍କର ବିବାହରେ ଯୋଗ ଦେବା, କେଉଁ ବନ୍ଧୁଙ୍କୁ କେତେ ପରିମାଣରେ ଉପହାର ଦିଆଯିବ, ଝିଅକୁ କିପରି ବରପାତ୍ରଙ୍କ ସହ ବିବାହ କରାଯିବ, ଘରକୁ କିପରି ବୋହୂଟିଏ ଆସିବ, ଘରେ ସମସ୍ତେ କିପରି ମିଳିମିଶି ଚଳିବେ ଇତ୍ୟାଦି କ୍ଷେତ୍ରରେ ସ୍ତ୍ରୀଙ୍କର ପ୍ରଚ୍ଛନ୍ନ ହାତ ରହିଥାଏ ।

ସ୍ୱାମୀ ଦ୍ୱାରା ଉପାର୍ଜିତ ସମସ୍ତ ଟଙ୍କା ପଇସା, ଧାନ ଚାଉଳ ଓ ଧନ ସଂପତ୍ତିର ରକ୍ଷଣାବେକ୍ଷଣା ଓ କାରବାର ସ୍ତ୍ରୀ କରିଥାନ୍ତି । ଜାତପୁ ସ୍ତ୍ରୀ ଲୋକମାନେ ସ୍ୱାମୀଙ୍କୁ ଘରଠାରୁ ଆରମ୍ଭ କରି କୃଷିକାର୍ଯ୍ୟ ପର୍ଯ୍ୟନ୍ତ ସବୁଠାରେ ସାହାଯ୍ୟ କରିଥାନ୍ତି । କେଉଁ ସମୟରେ କେତେ ଅର୍ଥ ବିନିଯୋଗ ହେବ ତାହା ମଧ୍ୟ ସ୍ୱାମୀ ସ୍ତ୍ରୀ ଦୁଇଜଣ ନିଷ୍ପତ୍ତି ନେଇଥାନ୍ତି । କୌଣସି ସଂପତ୍ତି କ୍ରୟ ବିକ୍ରୟ ବେଳେ ସ୍ତ୍ରୀର ମତାମତ ମଧ୍ୟ ବିଚାରକୁ ନିଆଯାଇଥାଏ ।

ଏହା ବ୍ୟତୀତ ଦୈନନ୍ଦିନ ଜୀବନରେ ଅର୍ଥନୈତିକ ବ୍ୟବସ୍ଥା ସ୍ତ୍ରୀ ହସ୍ତରେ ନ୍ୟସ୍ତ ଥାଏ । ହାଟ ବଜାରରୁ ସଉଦା, ପନିପରିବା ଇତ୍ୟାଦି ଆଣିବା, ଘରର ଉତ୍ପନ୍ନ ଦ୍ରବ୍ୟ ବା କୃଷି ଉତ୍ପାଦିତ ଦ୍ରବ୍ୟ ହାଟରେ ବିକ୍ରି କରିବା ଇତ୍ୟାଦି ମହିଳାଙ୍କ ଦ୍ୱାରା ସଂପାଦିତ ହୋଇଥାଏ । ରାଜନୈତିକ କ୍ଷେତ୍ରରେ ସ୍ତ୍ରୀଙ୍କର କୌଣସି ଭୂମିକା ପ୍ରାୟ ନଥାଏ କହିଲେ ଚଳେ ।

ଗୃହକର୍ତ୍ତୀ ହିସାବରେ ସ୍ତ୍ରୀ ଗୃହ ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କରି ସନ୍ତୁଷ୍ଟ କରିଥାଏ । ବିଭିନ୍ନ ପ୍ରକାର ବ୍ରତ କରି ଘରର ଓ ପରିବାର ବର୍ଗଙ୍କର ଶୁଭ ମନାସିଥାଏ । ନନ୍ଦି ଆମା ଆଦି କେତେକ ମୁଖ୍ୟ ପର୍ବତରେ ସ୍ତ୍ରୀଲୋକମାନଙ୍କର ମୁଖ୍ୟ ଭୂମିକା ଥାଏ ।

ଜାତାପୁକୁ ନବଦମ୍ପତି ବିବାହ ପରେ ପ୍ରାୟ ନୂଆଘର କରି ରହିଥାନ୍ତି । ତେଣୁ ସମସ୍ତଙ୍କର ଜଞ୍ଜାଳ ସବୁବେଳେ ଉଠାଇବାକୁ ପଡ଼ିନଥାଏ । ତଥାପି ଶାଶୁ, ଶ୍ୱଶୁର, ଦିଅର, ନଣନ୍ଦଙ୍କ ସହ ମନ ମିଳାଇ, ତାଙ୍କ ଦୁଃଖ ସୁଖରେ ସାଥୀ ହୋଇ ସ୍ୱାମୀଙ୍କୁ ଚଳିବାକୁ ପଡ଼ିଥାଏ । ଅନ୍ୟ ଗୁରୁଜନମାନଙ୍କୁ ସମ୍ମାନ କରିବା ଓ ଛୋଟମାନଙ୍କୁ ସ୍ନେହ ଦେଇ ସ୍ତ୍ରୀ ସମସ୍ତଙ୍କର ଆଦରଣୀୟ ହୋଇଥାଏ ।

**ପିତାମାତା ହିସାବରେ ସ୍ୱାମୀ ସ୍ତ୍ରୀଙ୍କର ଭୂମିକା :** ସନ୍ତାନମାନଙ୍କ ଜନ୍ମଠାରୁ ସେମାନଙ୍କର ଲାଳନ ପାଳନରେ ପିତାମାତାଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଥାଏ । ମୁଖ୍ୟତଃ ମାଆ ଲାଳନପାଳନର ବେଶୀ ଦାୟିତ୍ୱ ନେଇଥାନ୍ତି । ଛୁଆପିଲାଙ୍କର ଘରେ ଦାୟିତ୍ୱ ମୁଖ୍ୟତଃ ମାଆ ନେଇଥିବା ବେଳେ ବାହାର ଦାୟିତ୍ୱ କଥା ବୁଝିଥାନ୍ତି ବାପା । ପିଲାମାନେ ୧୦-୧୫ ବର୍ଷର ହୋଇଗଲେ ଝିଅମାନେ ମାଆଙ୍କୁ ଘରକାମରେ ସାହାଯ୍ୟ କରିଥାନ୍ତି । ପୁଅମାନେ ଚାଷକାମ କରିବା, ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳମୂଳ, କନ୍ଦା, କାଠ, ପତ୍ର, ବାଉଁଶ ଇତ୍ୟାଦି ସଂଗ୍ରହ ଇତ୍ୟାଦି ଅବସରରେ ବାପାମାଆଙ୍କର ଗୁରୁଦାୟିତ୍ୱ ରହିଥାଏ । ସର୍ବୋପରି କହିବାକୁ ଗଲେ ପିଲାମାନେ କିପରି ସୁଖଶାନ୍ତିରେ ଜୀବନ ଗଢ଼ିବେ ସେଥିପାଇଁ ବାପାମାଆମାନେ ଶିକ୍ଷା ଦେବା ସହିତ ସେମାନଙ୍କ ପାଇଁ ସମ୍ବଳ ମଧ୍ୟ ଛାଡ଼ି ଯାଇଥାନ୍ତି ।

ପିତୃକୈନ୍ଦ୍ରିକ ପରିବାର ମୁଖିଆ କହିଲେ ଯଦିଓ ବାପାଙ୍କୁ ବୁଝାଏ କିନ୍ତୁ ବାପାର ଉପରେ ଥାଆନ୍ତି ଜେଜେବାପା । ସେ ସବୁଥିରେ ମୁଖିଆ ହିସାବରେ ମାନ୍ୟତା ପାଇଥାନ୍ତି । ସାମାଜିକ ଦୃଷ୍ଟି କୋଣରୁ ଜେଜେବାପା ହିଁ ପରିବାରର ମୁଖ୍ୟ । ଜେଜେବାପା ଓ ଜେଜେମା' ପରିହାସ ଛଳରେ ନାତୀ ନାତୁଣୀମାନଙ୍କୁ ଶିକ୍ଷା ଦେଇଥାନ୍ତି ଯାହା ତାଙ୍କର ଉତ୍ତରୋତ୍ତର ଉନ୍ନତି ପାଇଁ ଭବିଷ୍ୟତ ଜୀବନରେ ସହାୟକ ହୋଇଥାଏ ।

**ବାର୍ଦ୍ଧକ୍ୟ ଅବସ୍ଥା (ମୁଷିଲତ୍ତୁ) :** ବୟସ ଭାରରେ ନଇଁ ପଡ଼ିଥିବା ଲୋକମାନଙ୍କୁ ବୃଦ୍ଧ କୁହାଯାଏ ଯେଉଁମାନେ ଆଉ ସାଧାରଣ ଲୋକଙ୍କ ପରି ଶକ୍ତ କାର୍ଯ୍ୟ କରିପାରି ନଥାନ୍ତି । ଏମାନେ ସାଧାରଣତଃ ୬୦ ବର୍ଷରୁ ଅଧିକ ବୟସର ହୋଇଥାନ୍ତି । ଯୌବନରେ ବଣ ଜଙ୍ଗଲରେ ବୁଲି ପଳମୂଳ, କନ୍ଦା ସଂଗ୍ରହ କରିବା, ଜୀବଜନ୍ତୁ ଶିକାର କରି ମାଂସ ସଂଗ୍ରହ କରିବା, ଜଙ୍ଗଲ କାଟି ପୋଡୁ ଚାଷ କରିବା, ପଦାଜମି ସଫାକରି ଚାଷ କରିବା ଓ ଧାନ ଜମି ତିଆରି କରି ଧାନଚାଷ କରିବା ଇତ୍ୟାଦି କାମରେ ମାତିଥାନ୍ତି । ବୟସର ଚାପରେ ନଇଁ ଯାଇଥାନ୍ତି । କିନ୍ତୁ ଦେଖାଯାଏ ଜାତାପୁ ଗୋଷ୍ଠୀର ବୃଦ୍ଧମାନେ ମଧ୍ୟ ଜଙ୍ଗଲରୁ କାଠ,

ଫଳ, ମୂଳ, କନ୍ଦା ଇତ୍ୟାଦି ସଂଗ୍ରହ କରନ୍ତି ଓ ନଇନାଳରୁ ମାଛ କଙ୍କଡ଼ା ଧରନ୍ତି । ଏମାନେ ଖୁବ୍ ପରିଶ୍ରମ ହୋଇଥିବାରୁ କେତେବେଳେ ଏମାନେ ଆଳସ୍ୟରେ ବସିପାରନ୍ତି ନାହିଁ । ଏମାନେ ପରିବାର ତଥା ଗ୍ରାମର ଅନ୍ୟଲୋକମାନେ ଏମାନଙ୍କୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୃଦ୍ଧ ବ୍ୟକ୍ତି ବୋଲି ସମ୍ମାନ ଦେଇଥାନ୍ତି । ପରିବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପୂର୍ବରୁ ବୃଦ୍ଧବ୍ୟକ୍ତିମାନଙ୍କର ଉପଦେଶକୁ ମାନ୍ୟତା ଓ ଗୁରୁତ୍ୱ ଦିଆଯାଇଥାଏ ଏବଂ ସେହି ଅନୁସାରେ କାର୍ଯ୍ୟ କରାଯାଇଥାଏ ।

ବୃଦ୍ଧାଅବସ୍ଥାରେ ଅନ୍ତିମ ଅବସ୍ଥାରେ ଦେହ ପା ଠିକ୍ ରହେ ନାହିଁ । ଅନେକ ସମୟରେ ଦେହ ଅସୁସ୍ଥ ରହେ । ଏହାକୁ ଜରା ଅବସ୍ଥା କହନ୍ତି । ବୃଦ୍ଧା ଅବସ୍ଥାରେ କରୁଥିବା କାର୍ଯ୍ୟ ମଧ୍ୟ ଏହି ଅବସ୍ଥାରେ କରିହୁଏ ନାହିଁ । ହାତଗୋଡ଼ ମଧ୍ୟ ଅନେକ ସମୟରେ ଅଚଳ ହୋଇଯାଏ । ଘରର ଅନ୍ୟ ସଦସ୍ୟମାନଙ୍କ ଉପରେ ସବୁବେଳେ ନିର୍ଭର କରିବାକୁ ପଡ଼େ । ଏହି ସମୟରେ ଅନେକଙ୍କୁ ମଧ୍ୟ ଉପଯୁକ୍ତ ଯତ୍ନ ମିଳିନଥାଏ । ଜରାର ଅନ୍ତ ହୁଏ ମୃତ୍ୟୁରେ ।
**ମୃତିକିଆ (ସା'ଉ):** ସବୁ ଜରାବ୍ୟାଧି, ଦୁଃଖ ସୁଖ, ହସକାନ୍ଦରେ ଅନ୍ତ କରି ଡ଼ାକରା ଆସେ ମୃତ୍ୟୁର । ବିଶ୍ୱାସ କରାଯାଏ ଯେ କୌଣସି କୌଣସି ଲୋକର ଆୟୁଷ ପୂରି ଗଲେ ଅପର ପୁରର ମୃତ୍ୟୁ ଦେବତା ଯମ ଆସି ଆତ୍ମାକୁ ଧରି ନେଇଯାଏ ଫଳରେ ମନୁଷ୍ୟର ମୃତ୍ୟୁ ହୁଏ ।

ଜାତାପୁ ସମାଜରେ କେହି ଜଣେ ମରିଗଲେ ସାଇ ପଡ଼ିଶାର ମୁଖିଆ ଲୋକମାନେ ମୃତବ୍ୟକ୍ତିର ଘରେ ଉପସ୍ଥିତ ହୁଅନ୍ତି । ଯଦି ମୃତ ବ୍ୟକ୍ତିଙ୍କର ପୁଅ ଇତ୍ୟାଦି ଅତି ନିଜର ଲୋକେ ବାହାରେ ରହୁଥାନ୍ତି କିମ୍ବା ବାହାରକୁ ଯାଇଥାନ୍ତି ତେବେ ତାଙ୍କୁ ଡ଼କାଇ ପଠାଯାଏ । ସେମାନେ ଆସିବା ପରେ କୋକେଇ ପ୍ରସ୍ତୁତ କରାଯାଏ । କୋକେଇ (କାଟିଲି) ବନ୍ଧାଯାଏ । ଏଥିପାଇଁ ପ୍ରଥମେ କେତେଖଣ୍ଡ କାଠ ନେଇ ସିଢ଼ି ଆକୃତିର ଏକ କୋକେଇ ବନ୍ଧାଯାଏ । ଘରର ଦୁଆର ମୁହଁ ଚାଳରୁ ତିନିମୁଠା ଛଣ ବାହାରି କରି କୋକେଇ ଉପରେ ବିଛେଇ ଦିଆଯାଏ । ତା'ପରେ ରକ୍ତ ସମ୍ପର୍କୀୟ ଲୋକଙ୍କ ସମେତ କେତେକ ସଂପର୍କୀୟ ଲୋକ ମିଶି ଶବ (ଶେବାମ୍)କୁ କୋକେଇରେ ଥୋଇଦିଅନ୍ତି । ଶବକୁ କୋକେଇରେ ରଖିବା ପୂର୍ବରୁ ହଳଦୀ, ତେଲ ଲଗାଇ ଗାଧୋଇ ଦିଆଯାଏ ଏବଂ ନୂତନ (ଧଳା)ବସ୍ତ୍ର ପିନ୍ଧାଇ ଦିଆଯାଏ । କୋକେଇ ଉପରେ ଶବକୁ ରଖି ନୂଆ ଲୁଗା (ଧଳା) ଘୋଡ଼ାଇ ଦିଅନ୍ତି । ରକ୍ତ ସଂପର୍କୀୟ, ସାଇପଡ଼ିଶା ଓ ବନ୍ଧୁବର୍ଗମିଶି ଶବକୁ କୋକେଇରେ ଶଶ୍ମାନ (ଅଲାକାଡ଼ି)କୁ

ନେଇଯାଆନ୍ତି । ଶବ ସହିତ ତା'ର ନିତ୍ୟ ବ୍ୟବହାର୍ଯ୍ୟ ଆସବାବ ପତ୍ର ଓ ଅନ୍ୟାନ୍ୟ ଜିନିଷ ଶଶ୍ମାନକୁ ନେଇଯାଆନ୍ତି ।

ଶବକୁ ଶଶ୍ମାନକୁ ନିଆଯାଏ । ଇତିମଧ୍ୟରେ ଜଙ୍ଗଲରୁ ବିଭିନ୍ନ ଗଛକାଟି କାଠର ଯୋଗାଡ଼ ସରିଥାଏ । କାଠ ଉପରେ କାଠକୁ ଖଞ୍ଜି ରଖି ଶବାଧାର ପ୍ରସ୍ତୁତ କରାଯାଏ । ଶବକୁ ପୂର୍ବ କିମ୍ବା ପଶ୍ଚିମକୁ ମୁଣ୍ଡକରି କାଠ ଉପରେ ରଖାଯାଏ । ରକ୍ତ ସଂପର୍କୀୟ କୌଣସି ବ୍ୟକ୍ତି ଯଥା ବାପା ମରିଥିଲେ ପୁଅ, ସ୍ତ୍ରୀ ମଲେ ସ୍ୱାମୀ ଇତ୍ୟାଦି, ଶବାଧାରରେ ନିଆଁ ଲଗାଇଥାନ୍ତି । ନିଆଁ ପାଖରେ ରହି କାଠକୁ ଖେଳାଇ ଖେଳାଇ ସଂପୂର୍ଣ୍ଣ ପୋଡ଼ିବା ପର୍ଯ୍ୟନ୍ତ ସେଠାରେ ରହିଥାନ୍ତି । ଶବଟି ପୋଡ଼ି ସାରିବା ପରେ ସମସ୍ତେ ହଳଦୀ, ଆମ୍ବଛାଲି ଇତ୍ୟାଦି ଲଗାଇ ମୁଣ୍ଡବୁଡ଼ାଇ ଗାଧୋଇ ଘରକୁ ଫେରନ୍ତି । ବନ୍ଧୁବାନ୍ଧବ ସମସ୍ତଙ୍କୁ ଖବର ପଠାଯାଏ ।

ସାଧାରଣତଃ ସମସ୍ତ ମୃତ୍ୟୁ ବ୍ୟକ୍ତିଙ୍କୁ ଜାତପୁ ଲୋକମାନେ ପୋଡ଼ି ଦିଅନ୍ତି । କିନ୍ତୁ ଯେଉଁ ବ୍ୟକ୍ତି ସାପ କାମୁଡ଼ାରେ, ବସନ୍ତ ରୋଗରେ କୁଷ ବ୍ୟାଧିରେ ମୃତ୍ୟୁବରଣ କରିଥାନ୍ତି କିମ୍ବା ୧ ବର୍ଷରୁ କମ୍ ଛୋଟ ଛୁଆ ମରିଥିଲେ ତାକୁ ପୋଡ଼ିବା ବଦଳରେ ପୋତି ଦିଆଯାଏ ।

ତୃତୀୟ ଦିନ ସ୍ତ୍ରୀଲୋକମାନେ ଘରଦ୍ୱାରା ଲିପାପୋଛା କରନ୍ତି । ଏହି ଦିନ ପାଉଁଶ ଟେକା ହୁଏ । କେତେକ ପୁରୁଷ ପୂର୍ବଦିନ ପୋଡ଼ା ଯାଇଥିବା ଶବପାଖରେ ଉପସ୍ଥିତ ହୁଅନ୍ତି । ପାଉଁଶକୁ ଖେଳାଇ କିଛି ପରୀକ୍ଷା କରାଯାଏ । ଯଦି ଶବ ପୋଡ଼ା ଯାଇଥିବା ପାଉଁଶରୁ ପଥର, ଟିଣ, ଲୁହା କିମ୍ବା ଅପୋଡ଼ା କୁଣ୍ଡା ପୁଡ଼ିଆ ଥିବେ ଉକ୍ତ ବ୍ୟକ୍ତିଙ୍କୁ କେହି ଗୁଣୀଗାରେଡ଼ି କରି ମାରିଛି ବୋଲି ବିଚାର ଓ ବିଶ୍ୱାସ କରାଯାଏ । ଏହି ପାଉଁଶକୁ ପାରମ୍ପରିକ ପ୍ରଥାନୁସାରେ ପୁଣ୍ୟତୀର୍ଥକୁ ନିଆଯାଏ । ରକ୍ତ ସଂପର୍କୀୟ ବ୍ୟକ୍ତିମାନେ ଏହି ପାଉଁଶରୁ କୁଲାଏ କୁଲାଏ ନିଅନ୍ତି । ପ୍ରଥମ ଜଣଙ୍କ ପାଉଁଶ କୁଲା ଧରି ଉଠିବା ବେଳେ ଉପସ୍ଥିତ ଅନ୍ୟଲୋକମାନେ ପ୍ରଶ୍ନ କରନ୍ତି ତୁ ପାଉଁଶ ନେଇ କୁଆଡ଼େ ଯାଉଛୁ । ପାଉଁଶ ଧରି ଯାଉଥିବା ବ୍ୟକ୍ତି ଉତ୍ତରରେ କହେ ଯେ ସେ କାଶି ଯାଉଛି । ସେହିପରି ଦ୍ୱିତୀୟ ପାଉଁଶ କୁଲା ନେଇଥିବା ବ୍ୟକ୍ତିକୁ ସମାନ ପ୍ରଶ୍ନ ପଚାରିଲେ ସେ କହେ ସେ ଗୟା ଯାଉଛି ପାଉଁଶକୁ ବସର୍ଜନ କରିବା ପାଇଁ ଏବଂ ତୃତୀୟ ବ୍ୟକ୍ତି ଗଙ୍ଗା ଯାଉଛି ବୋଲି କହିଥାନ୍ତି । ଏହିପରି ତିନିଜଣ ତିନିକୁଲା ପାଉଁଶ ନେଇ ବିଭିନ୍ନ ତୀର୍ଥରେ ପକାନ୍ତି କହି ନେଇ ନିକଟସ୍ଥ ପାଣି ପାଖରେ ଢ଼ାଳି ଆସନ୍ତି । ପରେ ତେଲ ଓ ହଳଦୀ ଲଗାଇ ଗାଧୋଇ ଘରକୁ ଫେରନ୍ତି ।

୩ୟ ଦିନକୁ 'ମୃତ୍ରୁ ରୋଙ୍ଗୁଲୁ' ବା 'ମାଡ଼ହେଟନେଲୁ' କୁହାଯାଏ । ଏହି ଦିନ ସକାଳୁ ବେଜୁଣୀକୁ ଡ଼ାକି 'ପୁଚୁଣୀ' ଦେଖାଯାଏ । କୌଣସି ଗୋଟିଏ ଆମ୍ବଗଛ ମୂଳକୁ ବେଜୁଣୀ ସମେତ ଅନ୍ୟ କେତେକ ଲୋକ ଯାଆନ୍ତି । ଗୋଟିଏ କୁଲାରେ କିଛି ଅରୁଆ ଚାଉଳ ନେଇ ସେଥିରେ ଅଳ୍ପ ହଳଦୀ ମିଶାଇ ବେଜୁଣୀ ମନ୍ତ୍ର ପାଠକରି ମହାପ୍ରଭୁଙ୍କୁ ସ୍ମରଣ କରେ । କୌଣସି ଏକ ଅଶରିରୀ ଶକ୍ତି ତା ଦେହରେ ପ୍ରବେଶ କଲାପରେ ପାଗଳ ପରି କିଛି ଗପିବାକୁ ଲାଗେ । ଏହି ସମୟରେ ମୃତ ବ୍ୟକ୍ତିଙ୍କର ବନ୍ଧୁବର୍ଗ ଓ ରକ୍ତ ସଂପର୍କୀୟମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ବେଜୁଣୀ ଦେଇଥାଏ । ଏହାଦ୍ୱାରା ବ୍ୟକ୍ତିଟି କିପରି ମଲା ତାର କାରଣ ଜଣା ପଡ଼ିଥାଏ । ତା'ପରେ ବେଜୁଣୀ କିଛି ପାଣି ନେଇ ତାକୁ ମନ୍ତ୍ର ପଢ଼ି ସମସ୍ତଙ୍କ ଉପରେ ଛିଞ୍ଚିବେ । ସେହିପାଣିକୁ ନେଇ ଗାଁର ସମସ୍ତ ଘର ଉପରେ ଟିକିଏ ଟିକିଏ ପକାଯାଏ । ଫଳରେ ଭୂତପ୍ରେତ ଓ ସମସ୍ତ ଅଶୁଦ୍ଧି ଦୂରହୋଇଯାଏ । ଏହାପରେ ଗୋଟିଏ କେରାଣ୍ଡୀ ମାଛ (ପିତ ପାରଗି) ଓ କଙ୍କଡ଼ା (ଏଣ୍ଡ୍ରକାଇ) ଅଣାଯାଏ । କିଛି ଅରୁଆ ଚାଉଳ, କ୍ଷୀର ଓ ମାଛ କଙ୍କଡ଼ା ମିଶାଇ ଖିରି ପ୍ରସ୍ତୁତି କରାଯାଏ । ସେଥିରେ ଅଳ୍ପ ଲିମ୍ବ ପିତା ମିଶାଇ ଦିଆଯାଏ । ଏହି ଖିରୀକୁ କେବଳ ପ୍ରେତମାନଙ୍କୁ ଦିଆଯାଏ ।

ବେଜୁଣୀ ଏହି ଦିନ ପ୍ରେତାତ୍ମାମାନଙ୍କର ଶକ୍ତି ନିମନ୍ତେ କୁକୁଡ଼ା ବଳୀ ଦେଇଥାନ୍ତି । ଏହି କୁକୁଡ଼ାର କଲିଜା ଓ ଅରୁଆ ଚାଉଳର ଭାତ ରନ୍ଧାଯାଏ । ଉକ୍ତ ଭାତରେ ଟିକିଏ ଲିମ୍ବପିତା ମିଶା ଯାଇଥାଏ । ସମସ୍ତେ ଏହି ଭାତରୁ ଟିକିଏ ଓ ମାଂସରୁ ଟିକିଏ ଖାଇ ଶୁଦ୍ଧି ହୋଇଥାନ୍ତି । ୧୦ମ ଦିନକୁ 'ପାଦି ରୋଙ୍ଗୁଲୁ' କୁହାଯାଏ । ଏହି ଦିନ ସକାଳୁ ବା ୯ମ ଦିନ ସନ୍ଧ୍ୟାରେ ବନ୍ଧୁବର୍ଗମାନେ ରୁଣ୍ଡ ହୋଇଯାଆନ୍ତି । ବନ୍ଧୁମାନଙ୍କର ସାଧ ଅନୁସାରେ ପନିପରିବା, ଚାଉଳ, ଲୁଗାପଟା, ଟଙ୍କା ପଇସା ଧରି ଉପସ୍ଥିତ ହୁଅନ୍ତି । ସକାଳୁ ସମସ୍ତେ ଭୋଜି ପ୍ରସ୍ତୁତ କରିବାରେ ଲାଗିପଡନ୍ତି । ଗାଁର ଅନେକ ଲୋକ ଏହି କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି । ଏହି ଭୋଜିରେ ଆମିଷ ହୋଇଥାଏ । ଯତ୍‌କିଞ୍ଚିତ ମନ୍ତ୍ରପାଠ ପୂର୍ବକ ସମସ୍ତେ ଶୁଦ୍ଧ ପୂତ ହୋଇଥାନ୍ତି । ଶେଷରେ ଦିନ ବାରଟା ବେଳେ ଭୋଜି ଦିଆଯାଏ । ଗାଁର ସମସ୍ତଙ୍କୁ ଏହି ଭୋଜିରେ ନିମନ୍ତ୍ରଣ କରାଯାଇ ଭୋଜି ଖାଇବାକୁ ଦିଆଯାଏ । ଧନୀ ଲୋକମାନେ ନିକଟସ୍ଥ ଗ୍ରାମର ଲୋକଙ୍କୁ ମଧ୍ୟ ଡ଼କାଇ ଭୋଜି ଦେଇଥାନ୍ତି ।

ଯଦି ମୃତ୍ୟୁ ବ୍ୟକ୍ତି ବିବାହିତ ହୋଇଥାନ୍ତି ଓ ଦମ୍ପତିଙ୍କ ମଧ୍ୟରୁ କେହି ଜଣେ ବଞ୍ଚିଥାନ୍ତି ତେବେ କର୍ମକାଣ୍ଡ ଟିକିଏ ବଢ଼ିଯାଏ । ଭୋଜି ପରେ ବଞ୍ଚିଥିବା ସ୍ୱାମୀ ବା ସ୍ତ୍ରୀ ଗୋଟିଏ ସ୍ଥାନରେ ମୁହଁ ପୋତି ବସନ୍ତି । ପାଖରେ ଗୋଟିଏ ଗୁଡ଼ ପାତ୍ର ଥାଏ ଓ ଗୋଟିଏ

ପାଣି ପାତ୍ର ଥାଏ । ସମସ୍ତ ବନ୍ଧୁ ଜଣଙ୍କ ପରେ ଜଣେ ଆସି ବସିଥିବା ଲୋକଙ୍କର ମୁହଁରେ ଟିକିଏ ଗୁଡ଼ ଖୁଆଇ ଦେଇ ପାଣିରେ ହାତ ଧୋଇ ଦିଅନ୍ତି । ତା'ଉପରେ ଆଣିଥିବା ଉପହାର ଶାଢ଼ୀ / ଧୋତି ଇତ୍ୟାଦି ଘୋଡ଼ାଇ ଦିଅନ୍ତି ଓ ତା ଆଗରେ ଥିବା ଥାଳୀରେ କିଛି ଟଙ୍କା ପଇସା ଓ ଲୁଗାପଟା ଉପହାର ଦେଇଯାଆନ୍ତି । ଉକ୍ତ ବ୍ୟକ୍ତିଙ୍କୁ ଘୋଡ଼ାଇ ଦେଇଥିବା ଲୁଗାଟି କେବଳ ସେହି ବ୍ୟକ୍ତି ବ୍ୟବହାର କରିଥାନ୍ତି । ଥାଳୀରେ ଥିବା ବସ୍ତ୍ରକୁ ଅନ୍ୟମାନେ ବ୍ୟବହାର କରିପାରନ୍ତି ।

କୌଣସି ବ୍ୟକ୍ତି ମରିଥିଲେ ଭୋଜି ପରେ ଶବ ବୋହି ନେଇଥିବା ବ୍ୟକ୍ତିମାନେ ଶୁଦ୍ଧି ହେବା ପାଇଁ ଗୋଟିଏ କର୍ମକାଣ୍ଡ ରହିଥାଏ । ଖଣ୍ଡିଏ କୁକୁଡ଼ା ମାଂସ, ଦୁବଘାସ, ବକାଚିକି କନ୍ଦା ଗୋଟିଏ ପାତ୍ରରେ ରଖାଯାଇଥାଏ । ନିକଟରେ ଗୋଟିଏ କୁଲାରେ କିଛି ଅରୁଆ ଚାଉଳ ରଖାଯାଇ ତା'ଉପରେ ଗୋଟିଏ ଦ୍ୱୀପ, ଜଳାଇ ରଖାଯାଇଥାଏ । ଯେଉଁ ଲୋକମାନେ ଶବ ନେଇ ଯାଇଥିଲେ ସେମାନେ ଏହି ମାଂସ, ଦୁବଘାସ, ବକାଚିକି କନ୍ଦାକୁ ଛୁଇଁ ଦୁଇହାତକୁ ଛନ୍ଦି କୁଲାକୁ ତିନିଥର ଟେକି ତଳେ ରଖି ଦେବେ ଓ ପାଖରେ ଥିବା ପାଣିରେ ହାତ ଧୋଇ ହୋଇପଡ଼ନ୍ତି । ବିଶ୍ୱାସ କରାଯାଏ ଏପରି କଲେ ସମସ୍ତ ପ୍ରେତ ଆତ୍ମା ଗଣ ଛାଡ଼ି ପଳାଇ ଯାଇଥାନ୍ତି । ଏହିପରି ମୃତିକିଆ କାର୍ଯ୍ୟ ଶେଷ ହୋଇଥାଏ । ଶେଷରେ ବନ୍ଧୁବାନ୍ଧବଙ୍କୁ ସାଧ ଅନୁସାରେ ଲୁଗାପଟା ପିନ୍ଧାଇ (ଉପକାର ଦେଇ) ବିଦା କରାଯାଏ ।

## ପିଣ୍ଡାମ୍ :

ମୃତ ବ୍ୟକ୍ତିଙ୍କର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପ୍ରତି ବର୍ଷ ମକରର ୨ୟ ଦିନ ପୂର୍ବରୁ ବାର୍ଷିକ ଶ୍ରାଦ୍ଧୋତ୍ସବ (ପିଣ୍ଡାମ / ପାଣ୍ଡୁଲୁ) ପାଳନ କରାଯାଏ । ଏହି ଦିନର ୨ ଦିନ ପୂର୍ବରୁ ଘରଦ୍ୱାରା ଲିପାଯାଏ ଓ ଲୁଗାପଟା ସଫାକରାଯାଏ । ପୂର୍ବଦିନ ବେଜୁଣୀକୁ ପଚାରି ମକର କେତେବେଳେ ଲାଗିବ ନିର୍ଣ୍ଣୟ କରାଯାଏ । ଠିକ୍ ମକର ଲାଗିବା ପୂର୍ବରୁ ଭୋଜି ପାଇଁ ରୋଷେଇ ସରିଥାଏ । ଆମନ୍ତ୍ରିତ ବନ୍ଧୁବର୍ଗ ଆଗରୁ ପହଞ୍ଚି ସାରିଥାନ୍ତି । ସେମାନେ ପନିପରିବା, ଚାଉଳ, ବସ୍ତ୍ର ନେଇ ଆସିଥାନ୍ତି । ସେମାନେ ରୋଷେଇରେ ସାହାଯ୍ୟ କରନ୍ତି ଏବଂ ଗ୍ରାମବାସୀମାନଙ୍କର ସାହାଯ୍ୟ କ୍ରମେ ରୋଷେଇ ଶୀଘ୍ର ସରିଯାଏ । ମକର ଲାଗିବା ବେଳେ ପତ୍ର ଦନାରେ ଭାତ, ତରକାରୀ, ଖୀରି ଇତ୍ୟାଦି ବାଢ଼ି (ପ୍ରତ୍ୟେକ ପିତୃ ମାତୃ ପାଇଁ ଗୋଟିଏ ଲେଖାଏଁ ଦନାରେ) ପୂର୍ବ ମୁହାଁ ହୋଇ ରୋଷେଇ ଶାଳେ (ଇଷାତା

ଘରେ) ରଖି ଦିଆଯାଏ । ନୂଆ ବସ୍ତ୍ର ଦିଆଯାଏ । ଧୂପଦୀପ ଦେଇ ବନ୍ଦାଇ ଦିଆଯାଏ । ଶେଷରେ ପାଣି ଛଡ଼ାଇ ଦେଇ ପାଞ୍ଚ ମିନିଟ ପାଇଁ କବାଟ ବନ୍ଦ କରି ଦିଆଯାଏ । ପରେ କବାଟ ଖୋଲି ବସ୍ତ୍ରଗୁଡ଼ିକୁ ଅଲଗା କରି ରଖି ଦିଆଯାଏ ଓ ଶେଷରେ ପରିବାରର ଲୋକ ବନ୍ଧୁକୁଟୁମ୍ବ ସହ ଆନନ୍ଦରେ ଭୋଜି ଖାଇଥାନ୍ତି । ସେହି ନୂତନ ବସ୍ତ୍ର ପିନ୍ଧନ୍ତି ।

## ସାମାଜିକ ବାସନ୍ଦ (ହାନ୍ଧୁ /ଜାତି ହାନ୍ଧି):

ବିଶେଷତଃ ଅନ୍ୟଜାତିରେ ବିବାହ କଲେ ଉଭୟ ପୁରୁଷ ଓ ସ୍ତ୍ରୀକୁ ସମାଜକୁ ବାସନ୍ଦ କରାଯାଏ । ସମାଜର ନିୟମ, ଜାତିର ନିୟମ, ଭିନ୍ନ ଜାତିରେ ପୁଅ ଝିଅ ସହ ଖରାପ ସଂପର୍କ ରଖିବା ଇତ୍ୟାଦି କାରଣରୁ ବାସନ୍ଦ କରାଯାଇଥାଏ । ସେମାନଙ୍କୁ ନିଆଁ, ପାଣି, ଭଲ, ମନ୍ଦ ଇତ୍ୟାଦିରେ କୌଣସି ସାହାଯ୍ୟ ଓ ସହଯୋଗ ମିଳି ନଥାଏ । ଉକ୍ତ ବ୍ୟକ୍ତି ଜାତିରେ ପୁଣି ମିଶିବାକୁ ହେଲେ ସେ "ଜାତିଯେଦା" କା "ମଣ୍ଡଳ ନାଇଡୁ"ଙ୍କ ଦ୍ୱାରସ୍ଥ ହୁଏ । ମଣ୍ଡଳ ନାଇଡୁ ଏକ ସଭା ଡାକନ୍ତି । ଏଥିରେ ବିଭିନ୍ନ ଗ୍ରାମରୁ ଜାତାପୁ ବ୍ୟକ୍ତିମାନେ ଯୋଗ ଦିଅନ୍ତି । ଜାନି, ଦିଶାରୀ ଓ କାର୍ଯ୍ୟଙ୍କ ଉପସ୍ଥିତିରେ ତା'ର ବିଚାର କରାଯାଏ। ତା'ର ଅପରାଧ ବିଚାର କରି ତା'କୁ ଦଣ୍ଡ ସ୍ୱରୂପ "ଜରିମାନା" ପକାଯାଏ । ସେହି ଜରିମାନା ଅର୍ଥରେ ଭୋଜିଭାତ, ମଦ ବ୍ୟବସ୍ଥା କରାଯାଏ। ସଭା ଶେଷରେ ଭୋଜନ ସମୟ ପୂର୍ବରୁ "ମଣ୍ଡଳ ନାଇଡୁ" ଗଛମୂଳକୁ ଯାଇ ନିଜ ଇଷ୍ଟଦେବତାକୁ ସ୍ମରଣପୂର୍ବକ ସମସ୍ତଙ୍କୁ ଜଣାଇବେ ଯେ – "ଉକ୍ତ ବ୍ୟକ୍ତି କରିଥିବା ଭୁଲଯୋଗୁଁ ତାକୁ ଜାତିରୁ ବାସନ୍ଦ କରାଯାଇଥିଲା ଏବଂ ଆଜିଠାରୁ ସେ ଆମ ଜାତିରେ ମିଶାଗଲା । ଏତିକି କହି ହାତରେ ଧରିଥିବା ଅନ୍ନକୁ ସେ ଆମ୍ବଗଛକୁ ମାରିବେ। ପରେ ଭୋଜନ କରି ସଭାକାର୍ଯ୍ୟ ଶେଷ ହେବ ।

ଜୋରିମାନା ପରିମାଣ: ଟଙ୍କା ୨୦୦୦, ଚାଉଳ ୩୦ ଗ୍ରାମ, ଡାଲି ୩ମାଣ, ପନିପରିବା ବାବଦ ୧୦୦ ଟଙ୍କା, ମଦ ୧ଡବା (୧୬ ଲିଟର), ଛେଳି /ବୋଦା ୧ଟା ଓ କୁକୁଡ଼ା ୧ଟା ଇତ୍ୟାଦି ।

■ ■

# ଅର୍ଥନୈତିକ ସଂଗଠନ

ଜନଜାତିମାନେ ସରଳ ଜୀବନଯାପନ କରିଥାନ୍ତି । ପାରମ୍ପରିକ ଢ଼ଙ୍ଗରେ ଚାଷବାସ କରି ସେମାନେ ଗୁଜୁରାଣ ମେଣ୍ଟିବା ମୁତାବକ ଉତ୍ପାଦନ କରନ୍ତି । ଚାଷବ୍ୟତୀତ ସେମାନଙ୍କର ଅର୍ଥନୀତିର ଅନ୍ୟ ଏକ ମୁଖ୍ୟ ଅଙ୍ଗ ହେଉଛି ଜଙ୍ଗଲ ଅର୍ଥନୀତି । ସେମାନେ ସମତଳ ଅଞ୍ଚଳ ଚାଷ କରିବା ପରିବର୍ତ୍ତେ ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳମୂଳ, କନ୍ଦା, ଡ଼ାଳପତ୍ର, ଶାଗ, ଛତୁ, ମହୁ, ଝୁଣା ଇତ୍ୟାଦି ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇ ଥାଆନ୍ତି । ଏତଦ୍‌ବ୍ୟତୀତ ସାମୟିକ ଭାବେ ସେମାନେ ଜଙ୍ଗଲରୁ ବିଭିନ୍ନ ଉପାୟ ଅବଲମ୍ବନ କରି ଶିକାର କରି ମାଂସ ଖାଇଥାନ୍ତି ।

**ଜାତାପୁମାନଙ୍କର ଅର୍ଥନୈତିକ ବୈଶିଷ୍ଟ୍ୟ :**

୧. ଏହି ଗୋଷ୍ଠୀର ଲୋକମାନେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରିଥାନ୍ତି । ସେମାନେ ଆଗରୁ ପୋଡୁଚାଷ କରୁଥିଲେ । କିନ୍ତୁ ଏବେ ସରକାରଙ୍କର ଅନୁଦାନ ତଥା ନିଜର ପ୍ରଚେଷ୍ଟା ବଳରେ ସେମାନେ ସମତଳ ଅଞ୍ଚଳରେ ଜମି ତିଆରି କରିପାରିଲେଣି ଓ ସେହି ଜମିରେ ଧାନ, ଧୂଆଁପତ୍ର କପା ଇତ୍ୟାଦି ଚାଷ କରି ଶିଖିଲେଣି । କିନ୍ତୁ ଏମାନେ ଏବେବି ପାରମ୍ପରିକ ରୀତିନୀତି ଅନୁସରଣ ପୂର୍ବକ ପୁରାତନ ଜ୍ଞାନ କୌଶଳ ପ୍ରୟୋଗ କରି ଚାଷ କରୁଛନ୍ତି ।

୨. ଏମାନେ ମୁଖ୍ୟତଃ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଚାଷ କରିଥାନ୍ତି । ତେଣୁ ଏମାନେ ଚାଷକୁ ବ୍ୟବସାୟିକ ଭିତ୍ତିରେ କରିବା ଶିଖି ନାହାନ୍ତି । ଏମାନେ ଲାଭ ପାଇବା ପାଇଁ ଚାଷ କରନ୍ତି ନାହିଁ, ଚାଷ କରି ନିଜର ଗୁଜୁରାଣ ମେଣ୍ଟାଇବା ଏମାନଙ୍କର ମୁଖ୍ୟ ଲକ୍ଷ୍ୟ ।

୩. କୃଷିକାର୍ଯ୍ୟରେ ଏମାନେ ଅନେକ ସମୟରେ ସାର ଓ କୀଟନାଶକ ଔଷଧର ବ୍ୟବହାର କରି ନଥାନ୍ତି ।

୪. ଉପରୋକ୍ତ ସମସ୍ତ କାରଣ ଯୋଗୁଁ ଏମାନେ ବ୍ୟୟ କରୁଥିବା ଅର୍ଥ ଓ ଶ୍ରମ ଅନୁସାରେ ଅତିକମ୍ ପରିମାଣରେ ଶସ୍ୟ ଅମଳ କରିଥାନ୍ତି ।

୫. ଚାଷବ୍ୟତୀତ ଏମାନେ ଅନେକାଂଶରେ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି ।

## ଅର୍ଥନୀତି (ଆଡ୍ଡ଼ିଓ୍ୱ) :

ଜଙ୍ଗଲ ଜନଜାତି ଅର୍ଥନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । କୃଷିରୁ ସବୁବେଳେ ସେମାନଙ୍କର ଗୁଜୁରାଣ ମେଣ୍ଟି ପାରି ନଥାଏ । ତେଣୁ ଅର୍ଥନୀତିକୁ ପୂର୍ଣ୍ଣତା ପ୍ରଦାନ କରିଥାଏ ତାଙ୍କର ଏହି ଜଙ୍ଗଲ ଅର୍ଥନୀତି । ଜଙ୍ଗଲ ସତେ ଯେପରି ସେମାନଙ୍କର ଏପରି ଏକ ସ୍ଥାନ ଯେଉଁଠାରୁ ବିଭିନ୍ନ ପ୍ରକାର ଖାଦ୍ୟଠାରୁ ଆରମ୍ଭ କରି ପାନୀୟ ପର୍ଯ୍ୟନ୍ତ ସବୁକିଛି ମିଳିଥାଏ । ସେମାନେ ଏହି ଜଙ୍ଗଲରୁ ସଂଗ୍ରହ କରୁଥିବା ଖାଦ୍ୟ ପଦାର୍ଥଗୁଡ଼ିକ ହେଲା ଛତୁ, ଫଳମୂଳ, କନ୍ଦା, ଫୁଲ, ଶାଗ, ମହୁ, ଝୁଣା, ଲାଖ, ପତ୍ର, ଡ଼ାଳ ଇତ୍ୟାଦି । ଏହାବ୍ୟତୀତ ବିଭିନ୍ନ ପ୍ରକାର ପଶୁପକ୍ଷୀ ସେମାନେ ଶିକାର କରିଥାଆନ୍ତି ।

ଜଙ୍ଗଲକୁ କାଟି ପୋଡୁଚାଷ ମଧ୍ୟ କରିଥାନ୍ତି । ଏଥିରେ ବିଭିନ୍ନ ପ୍ରକାର ମିଶ୍ର ଚାଷ, ଯଥା : ସୁଆଁ, ମାଣ୍ଡିଆ, କାଙ୍ଗୁ, କାନ୍ଦୁର, ପନିପରିବା ଇତ୍ୟାଦି ଚାଷ କରାଯାଇଥାଏ । ଗୃହଉପକରଣ, ଘର ତିଆରି, କୃଷି ଉପକରଣ, ଶିକାର ଉପକରଣ, ବାଦ୍ୟଯନ୍ତ୍ର ଇତ୍ୟାଦି ତିଆରି କରିବା ପାଇଁ ଜଙ୍ଗଲରୁ ଜାତପୁମାନେ କାଠ ସଂଗ୍ରହ କରିଥାନ୍ତି । ବିଭିନ୍ନ ପ୍ରକାର ରୋଗ ଆରୋଗ୍ୟ ଲାଭ କରିବା ପାଇଁ ଜଙ୍ଗଲ ମଧ୍ୟ ପ୍ରତ୍ୟକ୍ଷ ଭାବରେ ବିଭିନ୍ନ ଔଷଧ ଯୋଗାଇଥାଏ । ଜଙ୍ଗଲ ଦେବାଦେବୀ, ଭୂତପ୍ରେତ ଓ ଅନ୍ୟାନ୍ୟ ଅଶରୀରିମାନଙ୍କର ବାସସ୍ଥାନ ସବୁ ବିଚାରକୁ ନେଲେ ସହଜରେ ଅନୁମାନ କରାଯାଇପାରେ ଯେ ଜଙ୍ଗଲ ସହିତ ଜାତାପୁ ଜନଜାତିମାନେ ଘନିଷ୍ଠ ଭାବେ ସଂପୃକ୍ତ ।

**ଖାଦ୍ୟ ସଂଗ୍ରହ (ନେନ କାଡ଼ମ୍) :** ଯଦିଓ ଜାତାପୁ ଜନଜାତିମାନେ ଚାଷବାସ କରି ଶିଖିଲେଣି ତଥାପି ଜଙ୍ଗଲ ଉପରେ ସେମାନଙ୍କ ନିର୍ଭରଶୀଳତା ଅବ୍ୟାହତ ରହିଛି । ଚାଷ ନ କରି ପ୍ରକୃତିର ଗନ୍ତାଘରୁ ଖାଦ୍ୟ ସଂଗ୍ରହ କରିବାକୁ ଖାଦ୍ୟ ସଂଗ୍ରହ ବୋଲି ଜାତାପୁମାନେ ମତବ୍ୟକୁ କରିଥାଆନ୍ତି ।

ମନରେ ପ୍ରଶ୍ନ ଉଠେ ଜାତପୁମାନେ ଅନେକ ପ୍ରକାର ଚାଷବାସ କରୁଥିଲେ ମଧ୍ୟ ସେମାନେ କାହିଁକି ଖାଦ୍ୟ ସଂଗ୍ରହ କରନ୍ତି ? ପ୍ରଥମତଃ ସେମାନେ ଜଙ୍ଗଲ ସହିତ ମୂଳରୁ ଓତଃପ୍ରତଃ ଭାବେ ଜଡ଼ିତ । ବହୁ ପୂରାକାଳରୁ ଜଙ୍ଗଲ ସହିତ ରହିଥିବା ସଂପର୍କ ଓ ଚାଷରୁ ମିଳୁଥିବା ନିଅଣ୍ଟିଆ ଉତ୍ପାଦନ ସେମାନଙ୍କୁ ଜଙ୍ଗଲ ସହିତ ସଂପର୍କ ରଖିବାକୁ ବାଧ୍ୟ କରିଥାଏ । ଦ୍ୱିତୀୟତଃ ସାମୟିକଭାବେ ଜଙ୍ଗଲରେ ଅନେକ ପ୍ରକାର ଫଳଫୁଲ, କନ୍ଦା, ଛତୁ, ଶାଗ ଇତ୍ୟାଦି ମିଳିଥାଏ । ତେଣୁ ସେମାନେ ଏହି ଦ୍ରବ୍ୟକୁ ପାଇବା ପାଇଁ ଜଙ୍ଗଲ ଉପରେ ନିର୍ଭର

କରି ଥା'ନ୍ତି । ଜଙ୍ଗଲରେ ଅନେକ ପ୍ରକାର ଜୀବଜନ୍ତୁ ରହିଥାନ୍ତି ଓ ସେମାନଙ୍କର ମାଂସ ଆଦିବାସୀମାନଙ୍କର ପ୍ରିୟ । ତେଣୁ ଯେହେତୁ ଉକ୍ତ ପଶୁପକ୍ଷୀଙ୍କୁ ଗୃହରେ ପାଳନ କରାଯାଇପାରିବ ନାହିଁ ସେହିଦୃଷ୍ଟିରୁ ସେମାନେ ଜଙ୍ଗଲ ବୁଲି ଜୀବଜନ୍ତୁ ଶିକାର କରି ଖାଦ୍ୟ ସଂଗ୍ରହ କରିଥାନ୍ତି ।

ଜାତାପୁମାନଙ୍କର ପୂର୍ବପୁରୁଷମାନେ ଅନୁମାନ କରି ଅନେକ ଖାଦ୍ୟ ପଦାର୍ଥ ଚିହ୍ନଟ କରିଯାଇଛନ୍ତି ଓ ସେମାନଙ୍କରେ ପଦାଙ୍କ ଅନୁସରଣ କରି ଜାତପୁମାନେ ଏବେ ସେହି ଖାଦ୍ୟ ପଦାର୍ଥ ଜଙ୍ଗଲରୁ ସଂଗ୍ରହ କରିଥାଆନ୍ତି । ଖାଦ୍ୟ ସଂଗ୍ରହ ପାଇଁ କୌଣସି ପ୍ରକାର ଅଞ୍ଚଳ ଚିହ୍ନଟ କରାଯାଇନଥାଏ । ଯେ କୌଣସି ଅଞ୍ଚଳ ବା ଗ୍ରାମର ଲୋକ କୌଣସି ଜଙ୍ଗଲରେ ପଶି ଖାଦ୍ୟ ସଂଗ୍ରହ କରିବାରେ ବାଧା ନଥାଏ । କିନ୍ତୁ ବେଳେବେଳେ ଜଙ୍ଗଲ ବିଭାଗର ଅଧିକାରୀମାନେ ଜାତାପୁ ଲୋକମାନଙ୍କୁ ଖାଦ୍ୟ ସଂଗ୍ରହ ଓ ଅନ୍ୟାନ୍ୟ ଜଙ୍ଗଲ ଅଧିକାର ବେଳେ ହସ୍ତକ୍ଷେପ କରି ହଇରାଣ ହରକତ କରିଥାଆନ୍ତି ।

ଖାଦ୍ୟ ସଂଗ୍ରହ ସହିତ ମଧ୍ୟ କେତେକ ପ୍ରଥା ପ୍ରଚଳିତ ଅଛି । କେତେକ ଫଳମୂଳ ଇତ୍ୟାଦି ସଂଗ୍ରହ କରିବା ପୂର୍ବରୁ । ସାମୂହିକ ଶିକାର କରିବା ପୂର୍ବରୁ ଦେବାଦେବୀମାନଙ୍କୁ ପୂଜାର୍ଚ୍ଚନା କରି ସନ୍ତୁଷ୍ଟ କରାଯାଏ ।

ଜାତାପୁମାନେ ଜଙ୍ଗଲରୁ ସଂଗ୍ରହ କରୁଥିବା ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥର ଏକ ତାଲିକା ନିମ୍ନରେ ଦିଆଯାଇଛି ।

**ଛତୁ (କୋକୁଲୁ) :** ସାଧାରଣତଃ ବର୍ଷା ଦିନେ ଛତୁ ସଂଗ୍ରହ କରାଯାଏ । ଜଙ୍ଗଲରୁ ବର୍ଷାଦିନେ ସେମାନେ ପ୍ରଚୁର ପରିମାଣରେ ଛତୁ ସଂଗ୍ରହ କରି ତରକାରୀ କରି ଖାଇଥାନ୍ତି ଓ କ୍ୱଚିତ ବଜାରକୁ ନେଇ ବିକ୍ରି କରିଥାଆନ୍ତି । ତେବେ ଏହି ଛତୁକୁ ସଂରକ୍ଷଣ କରିବା ପ୍ରଣାଳୀ ସେମାନେ ଜାଣି ନାହାନ୍ତି । ସେମାନେ ସଂଗ୍ରହ କରୁଥିବା କେତେକ ଛତୁଗୁଡ଼ିକ ମଧ୍ୟରେ ଶ୍ରାବଣ ଛତୁ(ଆଉଟି), ବାଲି ଛତୁ(ଇସାକେ), ଦଶହରା ଛତୁ (ଦାଶରା କକୁ), ହୁଙ୍କାଛତୁ (ଫୁଟା), ପାଳ ଛତୁ(ଗାଡ଼ି କକୁ ), ଗୋବର ଛତୁ ( ପେଡା),ବାଉଁଶ ଛତୁ(ଏତ୍ରୁ), କାଠ ଛତୁ (କାରା), ଶାଳଛତୁ (ଗୁଗଲେମ), ଖୁଣ୍ଟ ଛତୁ(ମୋଗୁଡ୍ରୁ) ଓ ଡ଼ାଙ୍ଗୁ ।

**କନ୍ଦା (ତେଁଗାଲୁ) :** କନ୍ଦାକୁ ତେଲୁଗୁ ଭାଷାରେ ଜାତାପୁମାନେ 'ତେଁଗାଲୁ' କହନ୍ତି । କନ୍ଦା ମୁଖ୍ୟତଃ ମାଟି ତଳେ ଫଳିଥାଏ । ତେଣୁ ଏଗୁଡ଼ିକୁ ଶାବଳ ସାହାଯ୍ୟରେ ଖୋଳି ଅଣାଯାଏ । ସେମାନେ ସଂଗ୍ରହ କରୁଥିବା କନ୍ଦା; ଯଥା: ବେଲଗି, ଅଲଗାନ୍ଦା ଦୁମ୍ପାଲୁ



ଛେଳି ପାଳନ



ଜାଳେଣୀ ସଂଗ୍ରହ

(ଓଲକନ୍ଦା), ଆରଗି, ଶନି, ନାରେ (ଚରଗା), କୁଚି, ପନ୍ଦିମୁକ୍ତ, କାନ୍ଦମୂଳ(କନ୍ଦମୂଳ), କାଶେ, କାରା, ଉଡୁପ (ଖମ୍ବଆଳୁ), ପୁଲିଦୁମ୍ଭାଲୁ, ନୁଲ, ଶାରୁ ଦୁମ୍ଭାଲୁ (ଶାରୁ) ଓ ସେଦ ଦୁମ୍ଭାଲୁ(ଗିତାକନ୍ଦା) ଇତ୍ୟାଦି ।

ଜୁନ ମାସଠାରୁ ଅଗଷ୍ଟ ମାସ ମଧ୍ୟରେ ସଂଗ୍ରହ କରାଯାଉଥିବା କନ୍ଦାଗୁଡ଼ିକ ହେଉଛି ବଲେଗି, ଆଲଗି, ନାରେ, ପାନ୍ଦିମୁକ୍ତ, କାଷେ, ସେଦ୍‌ଦୁମ୍ଭାଲୁ, ଅଲଗାନ୍ଦା ଦୁମ୍ଭାଲୁ ଏବଂ ଶୀତଋତୁରେ ସଂଗ୍ରହ କରାଯାଉଥିବା କନ୍ଦାଗୁଡ଼ିକ ହେଉଛି ଉଡୁପ, ନୁଲ, ଶନି, କୁଚି, କାନ୍ଦମୂଳ, କାରା, ପୁଲି ଦୁମ୍ଭାଲୁ, ମୁଖ୍ୟତଃ ପ୍ରଥମ ବର୍ଷା ପରେ ପରେ କେତେକ କନ୍ଦା ସଂଗ୍ରହ କରାଯାଉଥିବା ବେଳେ ଅବଶିଷ୍ଟ କନ୍ଦାକୁ ଶୀତଦିନେ ସଂଗ୍ରହ କରାଯାଇଥାଏ ।

କେତେକ କନ୍ଦାକୁ ସିଝାଇ କିମ୍ବା ପୋଡ଼ି ସିଧାସଳଖ ଖିଆଯାଏ ଏବଂ ଅନ୍ୟ କେତେକକୁ ତରକାରୀ କରି ଖାଇଥାନ୍ତି । ଅନ୍ୟ କେତେକକୁ ଉଭୟ ପ୍ରକାରେ ଭୋଜନ କରାଯାଏ । ପୁଣି ଅନ୍ୟ କେତେକକୁ ସିଝାଇ ଚକଟି ତେନ୍ତୁଳି ପାଣିରେ ମିଶାଇ ଖଟା କରି ଖାଇଥାଆନ୍ତି ତ କେତେକକୁ ଜାଉ ପରି କରି ଖାଇଥାନ୍ତି । ବେଲଗି, କାଷେ, ଉଡୁପ, କାନ୍ଦମୂଳ, କାରା, ଇତ୍ୟାଦିକୁ ସିଝାଇ ସିଧାସଳଖ ଖିଆଯାଇପାରେ କିମ୍ବା ତରକାରୀ କରି ଖିଆଯାଏ । ଆରଗି ସେଦ ଦୁମ୍ଭାଲୁ ଓ ଗନିକୁ କେବଳ ସିଝାଇ ଖିଆଯାଏ । ପୁଲି ଦୁମ୍ଭାଲୁକୁ ପାଣିରେ ସିଝାଇ ପିତା କାଢ଼ିବା ପରେ ଚଳନ୍ତା ପାଣିରେ ବସାଇ ତିକ୍ତ ଅଂଶ ଧୋଇବା ପରେ ଜାଉପରି ଘାଣ୍ଟି ଖିରି କରି ଖିଆଯାଏ ।

ପ୍ରାୟ କୌଣସି ପ୍ରକାର କନ୍ଦମୂଳକୁ ବହୁଦିନ ପର୍ଯ୍ୟନ୍ତ ସଂରକ୍ଷଣ କରିବା ପଦ୍ଧତି ଏମାନଙ୍କୁ ଜଣାନାହିଁ । କେବଳ ୭-୮ ଦିନ ପର୍ଯ୍ୟନ୍ତ କନ୍ଦାକୁ ବାହାରେ ରଖାଯାଇପାରେ । ବେଲଗି ଓ ଆଇଗି କନ୍ଦାକୁ ମାଟିରେ ପୋଡ଼ି ୧-୨ ସପ୍ତାହ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇପାରେ ।

କନ୍ଦା କେବେ ଶେଷ ହୁଏ ନାହିଁ । ଯେଉଁ କନ୍ଦାର ପୁଆ ଥାଏ ସେହି କନ୍ଦାର ପୁଆକୁ କନ୍ଦା ଖୋଳି ଆଣିବା ପରେ ଗାତରେ ପକାଇ ମାଟି ବନ୍ଦ କରିଦିଅନ୍ତି କିମ୍ବା ଯେଉଁ କନ୍ଦାର ପୁଆ ନଥାଏ ସେଠାରେ ବେଳେବେଳେ ଗଣ୍ଡଦେଖି ଖଣ୍ଡେ କନ୍ଦାକାଟି ପକାଇ ଦିଆଯାଏ । ଫଳତଃ ସେହି ପୁଆ ବା କନ୍ଦା ଖଣ୍ଡରୁ ଗଜା ବାହାରି ପୁଣି ଗଛ ହୁଏ ଓ କନ୍ଦା ହୁଏ ।

ଜଙ୍ଗଲ ମଧ୍ୟରେ ସମସ୍ତେ ନିର୍ବିଘ୍ନରେ କନ୍ଦା ସଂଗ୍ରହ କରିପାରିନ୍ତି । କାହାରି ପାଇଁ କୌଣସି ସ୍ଥାନ ସଂରକ୍ଷଣ କରାଯାଇନଥାଏ । ଗୋତ୍ର ବା ଗ୍ରାମ ସ୍ତରରେ ମଧ୍ୟ ଏପରି ଅଞ୍ଚଳ ନିର୍ଦ୍ଧାରିତ ହୋଇ ନାହିଁ । ତେଣୁ ସଂଗ୍ରହ କ୍ଷେତ୍ରରେ କେବେ କୌଣସି ପ୍ରକାର ଗଣ୍ଡଗୋଳ, କଳିଝଗଡ଼ା ଇତ୍ୟାଦି ସୃଷ୍ଟି ହୁଏ ନାହିଁ ।

## ଶାଗ (କୂରା) :

ନିମ୍ନ ସାରଣୀରେ ଜାତାପୁମାନେ ସଂଗ୍ରହ କରୁଥିବା ଶାଗ ବିଷୟରେ ସବିଶେଷ ବିବରଣୀ ଦିଆଯାଇଛି ।

| କ୍ର. ସଂ. | ବିଭିନ୍ନ ପ୍ରକାର ଶାଗର ନାମ | ସଂଗ୍ରହ ସମୟ | ବ୍ୟବହାର | | ସଂରକ୍ଷଣ ପ୍ରଣାଳୀ |
|---|---|---|---|---|---|
| ୧. | ବଦାନ୍ୟାମ୍ (ବଦେଣ୍ଡମ୍) (ବରଡ଼ାଶାଗ) | ମାର୍ଚ୍ଚ-ଏପ୍ରିଲ | ୧.ଭାଜିକି ଶାଗ କରି ଖାଆନ୍ତି | ୨. ତେନ୍ତୁଳି ଓ ଖୁଦ ମିଶାଇ ଖଟା ତରକାରୀ କରିଖା'ନ୍ତି | ସଂରକ୍ଷଣ କରାଯାଏ ନାହିଁ |
| ୨. | ସିଟିକୁରା (ଗଣ୍ଡିଶାଗ) | ଶୀତଋତୁ ଶେଷ | " | " | " |
| ୩. | ଗୁର୍‌ଙ୍କୁରା (ଗୁଗୁଡ଼ି) | ବର୍ଷା ଋତୁର ଆରମ୍ଭ | " | " | " |
| ୪. | ବାପଙ୍ଗକୁରା | ସବୁସମୟ | " | " | " |
| ୫. | ମୁଲତହଟୀ | ମେ-ଅଗଷ୍ଟ | " | " | " |
| ୬. | ମୁଲତଅଟୀ | ମେ-ଅଗଷ୍ଟ | " | " | " |
| ୭. | ବାଟଲି କୁରା (ପୋଇ ଶାଗ) | ସବୁ ସମୟରେ | " | " | " |
| ୮. | ଇସରାସକୁରା | ଜୁନ୍ - ଅଗଷ୍ଟ | " | " | " |
| ୯. | ଏଲାକା ସେହକୁରା (ମୁଶାକାନି) | ସବୁ ସମୟରେ | ଭାଜିକି ଶାଗ ପରି ଖିଆ ଯାଏ ସଂରକ୍ଷଣ କରାଯାଇ ପାରେ | " | ଶୁଖାଇ ଗୁଣ୍ଡ କରି ଏକ ବର୍ଷ ପର୍ଯ୍ୟନ୍ତ |
| ୧୦ | ପନି ଗାଣ୍ଡିକୁରା | ଜୁନ୍-ଅଗଷ୍ଟ | - | " | ସଂରକ୍ଷଣ କରାଯାଏ ନାହିଁ |

| କ୍ର. ସଂ. | ବିଭିନ୍ନ ପ୍ରକାର ଶାଗର ନାମ | ସଂଗ୍ରହ ସମୟ | ବ୍ୟବହାର | | ସଂରକ୍ଷଣ ପ୍ରଣାଳୀ |
|---|---|---|---|---|---|
| ୧୧. | ଗେଡ଼ାସାରି (ଖଣ୍ଡାସାଗ) | ସବୁସମୟରେ | – | " | " |
| ୧୨. | ମେଟସାରି | ଶୀତ ଋତୁରେ | – | " | " |
| ୧୩. | ସତି କୁରା (ମୂଳାଶାଗ) | ଶୀତ ଋତୁ | ଶାଗପରି ଭାଜି ଖିଆ ଯାଏ | – | ସଂରକ୍ଷଣ କରାଯାଏନାହିଁ |
| ୧୪. | ଜାଳପକୁରା (କାଉଁରିଆ ଶାଗ) | ଶୀତଋତୁ | ତେନ୍ତୁଳି ଓ ଖୁଦ ଖଟା ତରକାରୀ କରି ଖିଆ ଯାଏ । | " | ସଂରକ୍ଷଣ କରାଯାଏ ନାହିଁ |
| ୧୫. | ସାରସାଡକୁରା (ସୋରିଷ ଶାଗ) | " | ଶାଗ ପରିଭାଜି ଖିଆ ଯାଏ | " | " |
| ୧୬. | ପୁଲେରୁ କୁରା | ଜୁନ୍-ଅଗଷ୍ଟ | " | – | ଶୁଖାଇ ଗୁଣ୍ଡ କରି ରଖାଯାଏ । |
| ୧୭. | ପିଲେରିକୁରା | ସବୁସମୟରେ | ତେନ୍ତୁଳି ଓ ଖୁଦ ମିଶାଇ ଖଟା କରାଯାଏ । | | ସଂରକ୍ଷଣ କରା ଯାଏ ନାହିଁ |
| ୧୮. | ସିନ୍ତାକୁ (କଅଁଳ ତେନ୍ତୁଳି ପତ୍ର) | ସବୁସମୟରେ | ଶିଝାଇ ଗୁରୁ କରାଯାଏ | | ଶୁଖାଇ ଗୁଣ୍ଡ କରି ରଖାଯାଏ ଓ ଆବଶ୍ୟକ ସମୟରେ ଗରମ ପାଣିରେ ପକାଇ ଖୁଦ ସହ ମିଶାଇ ଖଟା ତିଆରି କରାଯାଏ |
| ୧୯. | ମୁଲାକୁରା (ସଜନା ଶାଗ) | ସବୁ ସମୟରେ | ଭାଜି ଶାଗ ପରି ଖିଆଯାଏ | ଖଟା ମିଶାଇ ଓ ଖୁଦ ମିଶାଇ | ସଂରକ୍ଷଣ କରାଯାଏ ନାହିଁ ଖଟା ତିଆରି କରାଯାଏ |

ଏହି ପ୍ରକାର ଶାଗଗୁଡ଼ିକ କୌଣସି ପ୍ରକାର ରକ୍ଷଣାବେକ୍ଷଣ କରାଯାଏ ନାହିଁ କିମ୍ବା ସଂଗ୍ରହ ପାଇଁ ସ୍ଥାନ ନିରୂପିତ ହୋଇ ନଥାଏ । ତେଣୁ ସଂଗ୍ରହ ସମୟରେ କୌଣସି କରି ଝଗଡ଼ା ହୋଇ ନଥାଏ ।

**ପତ୍ର (ଆକୁଲୁ) :**

ଶାଗ ବ୍ୟତୀତ ଏମାନେ ସଂଗ୍ରହ କରୁଥିବା କେତେକ ପତ୍ରର ନାମ ନିମ୍ନରେ ଦିଆଯାଇଛି ।

| କ୍ର.ନଂ. | ପତ୍ରର ନାମ | ସଂଗ୍ରହ ସମୟ |
|---|---|---|
| ୧. | ଆଡ଼ାକାଲୁ (ସିଆଡ଼ି) | ମେ-ଜାନୁୟାରୀ |
| ୨. | ଗୁଗୁଲିମଆକୁ (ସର୍ଗି) | ଫେବୃୟାରୀ - ମାର୍ଚ୍ଚ ବ୍ୟତୀତ |
| ୩. | ମୁଡି କାଗୁଲୁ (ପଳାଶପତ୍ର) | ଜୁନ୍ - ଡ଼ିସେମ୍ବର |
| ୪. | ତାମରା ଆକୁଲୁ (ପଦ୍ମପତ୍ର) | ଶୀତଋତୁ ବ୍ୟତୀତ ଅନ୍ୟ ସବୁସମୟରେ |
| ୫. | ଆରଟି ଆକୁଲୁ (କଦଳୀ ପତ୍ର) | ସବୁ ଋତୁରେ |

ଆଡ଼ାକଲୁ, ଗୁଗୁଲିମଆକୁ ଓ ମୁଡିକାଗୁଲୁ ପ୍ରଧାନତଃ ଜଙ୍ଗଲରୁ ସଂଗ୍ରହ କରାଯାଉଥିବା ପତ୍ର । ଏହି ପତ୍ରମାନଙ୍କରୁ ଖଲି ତିଆରି କରି ଭାତ ଖିଆଯାଏ । ଦନା ତିଆରି କରି ତରକାରୀ ଖିଆଯାଏ ଓ ପୂଜା ପାଠରେ ବ୍ୟବହାର କରାଯାଏ । ବର୍ଷାତି (ଗିଡୁଗୁ) ତିଆରି କରି ବର୍ଷା ଓ ଖରାରୁ ରକ୍ଷା ପାଇବା ପାଇଁ ବ୍ୟବହାର କରାଯାଏ । ଚାଉଳ, ବିହନ ଇତ୍ୟାଦି ରଖିବା ପାଇଁ ବଡ଼ ପୁଟି ତିଆରି କରାଯାଏ । ତାମର ଆକୁଲୁରେ କେବଳ ଜଳଖିଆ ଓ ଭାତ ଖିଆଯାଏ ଏବଂ ଆରଟି ଆକୁଲୁକୁ ମଧ ଖାଦ୍ୟ ପାତ୍ର ରୂପେ ବ୍ୟବହାର କରାଯାଏ ।

ଆଡ଼ାକଲୁ, ଗୁଗୁଲିମ୍ଆକୁଲୁ, ଗୁଣିଆକୁଲୁ ଇତ୍ୟାଦିକୁ ତୋଳି ଘରେ ଶୁଖାଇ ଖଲି କରି ପଥର ଚାକି ଚଟକା କରି ଦଉଡ଼ି ସାହାଯ୍ୟରେ ବିଡ଼ା ବାନ୍ଧି ଅନେକ ଦିନ ପର୍ଯ୍ୟନ୍ତ ରଖାଯାଇପାରେ ।

ସଂଗ୍ରହ ପାଇଁ କୌଣସି ଅଞ୍ଚଳ ନିର୍ଦ୍ଧାରଣ ହୋଇ ନଥାଏ । କୌଣସି ଅଞ୍ଚଳରୁ ଯେକୌଣସି ଲୋକେ ଯାଇପତ୍ର ସଂଗ୍ରହ କରିପାରନ୍ତି ।

## ଫୁଲ (ପୁଷ୍ପ) :

ସଂଗ୍ରହ କରାଯାଉଥିବା ବିଭିନ୍ନ ପ୍ରକାର ଫୁଲର ନାମ ଓ ସଂଗ୍ରହ ସମୟ ତଳେ ଦିଆଯାଇଛି ।

| କ୍ର.ସଂ. | ଫୁଲର ନାମ | ସଂଗ୍ରହ ସମୟ | ସଂରକ୍ଷଣ ପ୍ରଣାଳୀ |
|---|---|---|---|
| ୧. | ରେଡ଼ିଫୁଲ | ମେ-ଜୁନ | ଏସମସ୍ତଫୁଲକୁ ଭବିଷତରେ |
| ୨. | ଏପାଫୁଲ (ଲିୟ) | ଗ୍ରୀଷ୍ମ ଋତୁ | ବ୍ୟବହାର ପାଇଁ ସଂରକ୍ଷଣ |
| ୩. | ମୁଲାକାଫୁଲ(ସଜନାଫୁଲ) | ସବୁ ଋତୁ | କରାଯାଏ ନାହିଁ |
| ୪. | ଟାଟି ଫୁଲ | ନଭେମ୍ବର -ଡ଼ିସେମ୍ବର | |
| ୫. | ଗୁମାଡ଼ଫୁଲ(ବୋଇତିକଖାରୁ) | ବର୍ଷା ଋତୁ | |

| କ୍ର.ସଂ. | ଫୁଲର ନାମ | ସଂଗ୍ରହ ସମୟ | ସଂରକ୍ଷଣ ପ୍ରଣାଳୀ |
|---|---|---|---|
| ୬. | ଲେଡଫୁଲ | ଡ଼ିସେମ୍ବର - ଜାନୁୟାରୀ | |
| ୭. | ମଗାଫୁଲ (ମହୁଲ) | ଡ଼ିସେମ୍ବର-ଫେବୃୟାରୀ | ଏହାକୁ ସଂଗ୍ରହ କରି ଖରାରେ ଶୁଖାଇ ବାଉଁଶ ଝୁଡ଼ି, ମାଟି ହାଣ୍ଡି କିମ୍ବା ପତ୍ର ପୁଡ଼ିଆରେ ୧ ବର୍ଷ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇପାରେ । |

ଲେଡ଼ିଫୁଲକୁ ଭାଜି ଖିଆଯାଏ କିମ୍ବା ସେଥିରେ ଆଳୁ, ଶୁଖୁଆ ଇତ୍ୟାଦି ମିଶାଇ ତରକାରୀ କରାଯାଇପାରେ । ଏମାଫୁଲକୁ କେବଳ ଭାଜି ଖିଆଯାଏ କିମ୍ବା ଖୁଦ ଇତ୍ୟାଦି ମିଶାଇ ପିଠା କରି ଖିଆଯାଏ । ମୁଲାକା ଫୁଲ ଓ ଟାଟିଫୁଲକୁ ଭାଜି ଖିଆଯାଏ କିମ୍ବା ଶୁଖୁଆ ମିଶାଇ ତରକାରୀ କରି ଖିଆଯାଏ । ଲେଡ଼ଫୁଲକୁ ଭାଜି ଖିଆ ଯାଏ । ମଗାଲୁ ସବୁ ଫୁଲଠାରୁ ଅତ୍ୟନ୍ତ ମୂଲ୍ୟବାନ । ଏହା ଅନେକ ସମୟରେ ଜାତାପୁମାନଙ୍କ ପାଇଁ ଏକ ଅର୍ଥକାରୀ ଉପାଦାନ ହିସାବରେ ବିବେଚିତ ହୋଇଥାଏ । ଏହାକୁ ସଂଗ୍ରହ କରି ଖରାରେ ଶୁଖାଇ ଭାଜି ଖିଆଯାଏ, କଞ୍ଚା ସମୟରେ ଚାଉଳ ସହ ମିଶାଇ ପିଠାକରାଯାଏ । ଶୁଖିଲା ମହୁଲରୁ ମଦ ପ୍ରସ୍ତୁତ କରାଯାଏ ଏବଂ ଚାଉଳ ସହ ମିଶାଇ ପିଠାକରାଯାଏ । ଏହାକୁ ବଜାରରେ ବିକ୍ରିକରି ଜାତାପୁମାନେ କିଛି ଅର୍ଥମଧ ରୋଜଗାର କରିଥାଆନ୍ତି ।

ଫଳ (ପାଲୁ) :

ଜାତାପୁମାନେ ଜଙ୍ଗଲରୁ ସଂଗ୍ରହ କରୁଥିବା କେତେକ ଫଳର ନାମ, ସଂଗ୍ରହ ସମୟ ଫଳର ବ୍ୟବହାର ଓ ସଂରକ୍ଷଣ ପଦ୍ଧତି ନିମ୍ନ ସାରଣୀରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ।

| କ୍ର.ନଂ | ଫଳର ନାମ | ସଂଗ୍ରହ ସମୟ | ବ୍ୟବହାର | ସଂରକ୍ଷତ ପଦ୍ଧତି |
|---|---|---|---|---|
| ୧. | ମାମିଡ଼ି (ଆମ୍ବ) | ଅପ୍ରେଲ-ଜୁନ୍ | ଏଥରୁରୁ ଖଟା, ଆମ୍ବୁଲ ଆଚାର ଓ ଆମ୍ବସଢ଼ା ଇତ୍ୟାଦି କରି ଖିଆଯାଏ | ଆମ୍ବୁଲ ଓ ଆମ୍ବସଢ଼ା କରି ଖରାରେ ଶୁଖାଇ ଏବଂଅଚାର ପ୍ରସ୍ତୁତ କରି ସଂରକ୍ଷତ କରାଯାଏ । |
| ୨. | ପାଣସା (ପଣସ) | " | କଞ୍ଚା ତରକାରୀ କରି ଓ ପାଚିଲେ ଖିଆଯାଏ । ମଞ୍ଜିକୁ ପୋଡ଼ି,ଭାଜି କିମ୍ବା ତରକାରୀ କରାଯାଏ | ମଞ୍ଜିକୁ ଶୁଖାଇ ଅନେକ ଦିନ ସଂରକ୍ଷିତ କରି ରଖାଯାଏ । |
| ୩. | ସୀତାପାଲୁ (ସୀତାଫଳ /ଆତ) | ଜୁଲାଇ-ସେପ୍ଟେମ୍ବର | ପାଚିଲେ ଖିଆଯାଏ । | ସଂରକ୍ଷଣ କରାଯାଏ ନାହିଁ । |
| ୪. | ପୁଲେରୀ (ଲୁଣିଲୁଣିକା) | ଜୁନ୍-ଅଗଷ୍ଟ | ତରକାରୀ (ଖଟା) କରି ଖିଆଯାଏ ଓ ପାଚିଲେ ଖିଆଯାଏ । | ସଂରକ୍ଷଣ କରାଯାଏ ନାହିଁ । |
| ୫. | କମରେଗି | ଏପ୍ରିଲ-ମେ | ପାଚିଲା ଖିଆଯାଏ | ସଂରକ୍ଷଣ କରାଯାଏ ନାହିଁ । |
| ୬. | କାରମାମଡ଼ି (ଚାର) | ଏପ୍ରିଲ-ମେ | " | " |
| ୭. | ନେରାଡ଼ି (ଜାମ୍ବୁ) | ମେ-ଅଗଷ୍ଟ | " | " |
| ୮. | ବଡ଼ ପଲୁ (ଡ଼ିମିରି) | ପ୍ରତି ତିନି ମାସ ଅନ୍ତରରେ ବର୍ଷସାରା ସବୁବେଳେ ମିଳେ | " | " |
| ୯. | ଆରଟିପଲୁ (କଦଳୀ) | ବର୍ଷସାରା ସବୁବେଳେ ମିଳେ | କଞ୍ଚା ତରକାରୀ କରାଯାଏ ଓ ପାଚିଲା ଖିଆଯାଏ | ସଂରକ୍ଷଣ କରାଯାଏ ନାହିଁ |
| ୧୦. | ଉସିରିକି (ଅଁଳା) | ଗ୍ରୀଷ୍ମ ଋତୁ | କଞ୍ଚା ଖିଆଯାଏ ଏବଂ ଆଚାର କରି ଖିଆଯାଏ | ଆଚାର କରି ସଂରକ୍ଷଣ କରାଯାଏ । |

| କ୍ର.ନଂ. | ଫଳର ନାମ | ସଂଗ୍ରହ ସମୟ | ବ୍ୟବହାର | ସଂରକ୍ଷତ ପଦ୍ଧତି |
|---|---|---|---|---|
| ୧୧. | ହମପାଣସା(ସପୁରୀ) | ଗ୍ରୀଷ୍ମ ଋତୁ | ପାଚିଲା ଖିଆଯାଏ | ସଂରକ୍ଷଣ କରାଯାଏ ନାହିଁ |
| ୧୨. | ସିଡ଼ିପାଲୁ (ଭାଲିଆ) | ଗ୍ରୀଷ୍ମଋତୁ | ପାଚିଲା ଫଳକୁ ପୋଡ଼ି ଖିଆଯାଏ | ଶୁଖାଇ ରଖି ଆଚାର କରାଯାଏ । |
| ୧୩. | ତୁମିକପାଲୁ (କେନ୍ଦୁ) | ଏପ୍ରିଲ-ଜୁନ | ପାଚିଲା ଖିଆଯାଏ | ସଂରକ୍ଷଣ କରାଯାଏ ନାହିଁ |
| ୧୪. | ଇଦପାଲୁ (ଖଜୁରୀ) | ମେ-ଜୁନ | ପାଚିଲା ଖିଆଯାଏ | ସୁଖାଇ ୨ ମାସ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇପାରେ । |
| ୧୫. | କଷାମପାଲୁ(କୁସୁମ) | ମେ-ଜୁନ | ପାଚିଲା ଖିଆଯାଏ ଓ ମଞ୍ଜିରୁ ତେଲ ହୁଏ | ସଂରକ୍ଷଣ କରାଯାଏ ନାହିଁ । |
| ୧୬. | ରେଗିଗାଲୁ (ବାଗକୋଳି) | ଶୀତଋତୁ | ପାଚିଲା ଖିଆଯାଏ | " |
| ୧୭. | ପାରମିକପାଲୁ (କଣ୍ଟେଇ କୋଳି) | " | " | " |
| ୧୮. | ଏଲାମ ପାଲୁ (କଇଁଥ) | ନଭେମ୍ବର - ଜାନୁଆରୀ | ପଚିଲା ଖିଆ ଯାଏ ଓ କଞ୍ଚା ମଧ ଖିଆଯାଏ । ଝାଡ଼ା ବେଳେ କଞ୍ଚା ପତ୍ର ମିଶାଇ ଖାଇଲେ ଝାଡ଼ା ବନ୍ଦ ହୁଏ । | " |
| ୧୯. | ସିମାସିନା (ସିମାକଇଁଆ) | ଗ୍ରୀଷ୍ମଋତୁ | ପାଚିଲା ଖିଆଯାଏ । | " |

**ଅନ୍ୟାନ୍ୟ ବନଜାତ ଦ୍ରବ୍ୟ :**

ଜାତାପୁମାନେ ସଂଗ୍ରହ କରୁଥିବା ଅଠା ମଧ୍ୟରୁ ତାଡ଼ିବାଙ୍କା (ବାଉାଡ଼ା ଅଠା) କଣ୍ଡତାମ୍ବାର ବାଙ୍କା ଓ ନଟଟୁମ୍ବିକ କଏଲୁ ଅଠା ପ୍ରଧାନ ଅଟେ । ପ୍ରଥମ ଦୁଇଟି ଅଠା ଗଛ ଗଣ୍ଡି କିମ୍ବା ଡ଼ାଳରୁ ସଂଗ୍ରହ କରାଯାଏ । ଡ଼ିସେମ୍ବର ମାସଠାରୁ ଜାନୁୟାରୀ ମାସ ପର୍ଯ୍ୟନ୍ତ ଏହି ଦୁଇଟି ଅଠା ସଂଗ୍ରହ କରାଯାଏ । ଗଛର ବକଳକୁ ଟାଙ୍ଗିଆରେ ହାଣି ଏହି ଅଠା ସଂଗ୍ରହ କରି ତାଡ଼ିବାଙ୍କାକୁ କି.ଗ୍ରା ପ୍ରତି ୨୦-୩୦ଟଙ୍କାରେ ବିକ୍ରି କଲାବେଳେ 'କଣ୍ଟତାମ୍ବାର ବାଙ୍କା'କୁ କି.ଗ୍ରା. ପ୍ରତି ୪୦ ଟଙ୍କାରେ ବିକ୍ରି କରିଥାନ୍ତି । ନିଟଟୁମ୍ବିକ କାଏଲୁ ଫଳରୁ ଅଠା ତିଆରି କରାଯାଏ । ଏହି ଅଠାକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରାଯାଏ ।

ଏହା ମୁଖ୍ୟତଃ ମେ ମାସ ଠାରୁ ଜୁଲାଇ ମାସ ପର୍ଯ୍ୟନ୍ତ ମିଳିଥାଏ । କୌଣସି ପ୍ରକାର ଅଠାକୁ ସଂରକ୍ଷଣ କରାଯାଏ ନାହିଁ । ତେବେ ଆଜିକାଲି ଜଙ୍ଗଲରୁ ଆଉ ଲାଖ ମିଳୁ ନାହିଁ ବୋଲି ଜାତପୁମାନେ କହନ୍ତି ।

ଶାଳ ଗଛ ଗଣ୍ଡିରେ ଥିବା ବକଳ ବା ଡ଼ାଳର ବକଳକୁ ଶକ୍ତ ଭାବରେ ଟାଙ୍ଗିଆରେ ହାଣି ଦିଆଯାଏ ଏବଂ ଏହାର ୨ ମାସ ପରେ ସେହି ନିର୍ଦ୍ଦିଷ୍ଟ ଗଛରୁ ଝୁଣା ସଂଗ୍ରହ କରାଯାଏ । ଏ କ୍ଷେତ୍ରରେ ଯିଏ ଯେଉଁ ଗଛକୁ ହାଣିଥାଏ ସିଏ ହିଁ କେବଳ ସେହିଗଛରୁ ଝୁଣାସଂଗ୍ରହ କରିଥାଆନ୍ତି । କିନ୍ତୁ ପବନ ଓ ବାତ୍ୟା ସମୟରେ ଶାଳଗଛ ପୋଡ଼ି ହୋଇ ଗଲେ ସେଥିରେ ଫାଟ ସୃଷ୍ଟି ହୁଏ ଓ ଏହି ଫାଟ ଦେଇ ଅଠା ବାହାରକୁ ବାହାରି ଆସେ ଓ ତାହା ଶୁଖିଗଲାପରେ ଝୁଣାରେ ପରିଣତ ହୁଏ । ଏହାକୁ କୌଣସି ବ୍ୟକ୍ତି କୌଣସି ସମୟରେ ସଂଗ୍ରହ କରିପାରନ୍ତି । ଏହାକୁ ଧୂପ ଦେବା ପାଇଁ ବ୍ୟବହାର କରାଯାଏ ।

ବର୍ଷାଦିନ ବ୍ୟତୀତ ପ୍ରାୟ ଅନ୍ୟ ସବୁ ସମୟରେ ମହୁ ସଂଗ୍ରହ କରାଯାଇଥାଏ । ଦଳଗତ ବା ବ୍ୟକ୍ତିଗତ ଭାବେ ସଂଗ୍ରହ କରାଯାଇଥାଏ । ମହୁମାଛିକୁ ଘଉଡ଼ାଇବା ପାଇଁ ଜାତପୁମାନେ ମନ୍ତ୍ରର ସାହାଯ୍ୟ ନିଅନ୍ତି କିମ୍ବା ଜଙ୍ଗଲରୁ ସଂଗୃହୀତ ଏକପ୍ରକାର ଚେରମୂଳି ଔଷଧକୁ ପୋଡ଼ି ମହୁଫେଣା ପାଖରେ ଦେଖାଇ ଦେଲେ ମହୁମାଛିମାନେ ଔଷଧର ବାସନାରେ ବସା ଛାଡ଼ି ପଳାଇ ଯାଇଥାନ୍ତି । ତା'ପରେ ମହୁ ସଂଗ୍ରହ କରାଯାଇଥାଏ । ପରେ ମହୁକୁ ସଂଗ୍ରହକାରୀଙ୍କ ମଧ୍ୟରେ ବଣ୍ଟାଯାଏ । ଜାତାପୁମାନେ ମହୁ ସେବନ କରିବା ସହିତ ସେଥିରୁ ଔଷଧ ପ୍ରସ୍ତୁତ କରିଥାନ୍ତି କିମ୍ବା ହାଟ ବଜାରରେ ବିକ୍ରି କରି ଦୁଇ ପଇସା ରୋଜଗାର କରିଥାନ୍ତି । ମହୁକୁ କାଠ ବୋତଲରେ ଭର୍ତ୍ତି କରି ଅନେକ ଦିନ ପର୍ଯ୍ୟନ୍ତ ସଂରକ୍ଷଣ କରି ରଖାଯାଇପାରେ ।

ମହୁ ସଂଗ୍ରହ ବେଳେ ଭବିଷ୍ୟତରେ ସେମାନେ ପୁଣି ସେହିଠାରୁ କିପରି ମହୁ ପାଇପାରିବେ ସେଥିପ୍ରତି ଯତ୍ନବାନ ରହନ୍ତି । ଏଥିପାଇଁ ମହୁ ଫେଣାକୁ କାଟିବା ବେଳେ ତା'ର ଅଗ୍ରଭାଗର ଯେଉଁ ପାଖଟି ଗଛରେ ଲାଗିଯାଏ ତାହାର କିଛି ଅଂଶ ଛାଡ଼ି ଦେଇଥାନ୍ତି । କିଛି ସମୟ ପରେ ଉଡ଼ିଯାଇଥିବା ମହୁ ମାଛିମାନେ ଫେରି ନିଜର ବସାକୁ ଖୋଜନ୍ତି ଏବଂ ବସାର ନମୂନା କେବଳ ପାଆନ୍ତି । ଏହାପରେ ପୁଣି ସେଠାରେ ଫେଣା ତିଆରି କରିବା ଆରମ୍ଭ କରନ୍ତି ।

ମହୁ ସଂଗ୍ରହ ପାଇଁ ମଧ୍ୟ କୌଣସି ପ୍ରକାର କ୍ଷେତ୍ର ନିରୂପଣ କରାଯାଇ ନଥାଏ କିମ୍ବା ଏନେଇ କୌଣସି ପ୍ରକାର କଳି ଗୋଳ ଇତ୍ୟାଦି ସୃଷ୍ଟି ହୁଏ ନାହିଁ । ଏଥି ପାଇଁ ବଂଶ,

ଗୋତ୍ର କିମ୍ବା ସଂସ୍କୃତିଗତ କୌଣସି ଅଧିକାର ନାହିଁ । ମହୁ ଫେଣାକୁ ସଂଗ୍ରହ କରି ତାକୁ ଚିପୁଡ଼ି ମହୁ ନିଷ୍କାସନ କରାଯାଏ । ଏହାକୁ ମାଣରେ ମାପି ବା କାଚ ବୋତଲରେ ମାପି ହାଟ, ବଜାରରେ କିମ୍ବା ଗାଁରେ ବିକ୍ରି କରାଯାଏ ।

### ଶିକାର (ଏଟା) :

ଶିକାର କରିବା ବ୍ୟକ୍ତିଗତ କିମ୍ବା ସାମୂହିକ ହୋଇପାରେ । ଏହା ସାମୟିକ ଭାବେ କରାଯାଏ । ପଶୁପକ୍ଷୀଙ୍କୁ ଶିକାର କରି ସେମାନଙ୍କର ମାଂସ ଖାଇବା ଓ ଚମଡ଼ା, ଦାନ୍ତ, ହାଡ଼, ନଖ ଇତ୍ୟାଦି ସଂଗ୍ରହ କରିବା ପାଇଁ ଶିକାର କରାଯାଇଥାଏ । ବାଘ ଆଦି ହିଂସଜନ୍ତୁଙ୍କ କବଳରୁ ଗୃହପାଳିତ ପଶୁକୁ ସୁରକ୍ଷା ଦେବା ଓ ମନୁଷ୍ୟ ଜୀବନକୁ ସୁରକ୍ଷା ଦେବା ପାଇଁ ହିଂସଜନ୍ତୁଙ୍କ ଶିକାର କରାଯାଇଥାଏ, ଏତଦ୍‌ବ୍ୟତୀତ ଶିକାରକୁ କ୍ରୀଡ଼ା ଭାବେ ମଧ୍ୟ ଗ୍ରହଣ କରାଯାଏ ।

ଜାତାପୁମାନେ ଶିକାର କରୁଥିବା ଜୀବଜନ୍ତୁଗୁଡ଼ିକ ହେଉଛନ୍ତି; ଆଡ଼ିବିପାନ୍ଦି (ବାରହା), ଏଡୁପାନ୍ଦି (ଝିଙ୍କ), କଣ୍ଡାମେକା (କୁଟୁରା), ଦୁପ୍ପି (ଜିଆଦ), କାଣେସୁ (ସମ୍ବର), କାରଗେଦି (ଗୟଳ), ଲେଡ଼ି (ହରିଣ), ସାଓ୍ୱାଲା ପିଲି (ଠେକୁଆ), ଆଡ଼ିବିକଅଡ଼ି (ବଣ କୁକୁଡ଼ା), ନାମିଲି ପିଟ୍ଟା (ମୟୂର), ବୁଟ୍ ପିଲ୍ଲି (ସାଲିଆପତ୍ରୀ), ମାନୁପିଲି, ବାଉରୁ ପିଲ୍ଲି (କଟାସ), ଆଲଓ୍ୱା (ବଜ୍ର କାପ୍ତା), ଗଇ (ଗୋଧି /ଉଡୁମ୍), ମୁଙ୍ଗିପଅଡୁ (ନେଉଳ), ପୁଲି (ବାଘ) ଓ ଏଲଗୁବାଣ୍ଡି (ଭାଲୁ) ଓ ଏନୁଗୁ (ହାତୀ) ଇତ୍ୟାଦି ।

ଶିକାର ବିଭିନ୍ନ ପ୍ରକାରର ହୋଇପାରେ । ବ୍ୟକ୍ତିଗତଭାବେ କୌଣସି ଲୋକ ଏକୁଟିଆ ଶିକାର କରିପାରେ । କିନ୍ତୁ ଜାତାପୁମାନଙ୍କରେ ମଧ୍ୟରେ ସାମୂହିକ ଶିକାର ଅଧିକ ପ୍ରଚଳିତ । ଗୋଷ୍ଠୀଗତ ଶିକାରୀ ଦଳକୁ ମଧ୍ୟ ଛୋଟ ଦଳ ଏବଂ ବଡ଼ ଦଳ ଏହି ପରି ଦୁଇଭାଗରେ ବିଭକ୍ତ କରାଯାଇପାରେ ।

ସାଧାରଣତଃ ମାର୍ଚ୍ଚ ମାସ ପରଠାରୁ ମେ' ମାସ ପର୍ଯ୍ୟନ୍ତ ଶିକାର କରାଯାଇଥାଏ । କାରଣ ଏହି ସମୟରେ ଅନେକ ଗଛ ପତ୍ରଝଡ଼ା ଦେଇଥାଏ ଓ ଅନେକ ଅଞ୍ଚଳ ପୋଡୁଚାଷ ପାଇଁ କାଟି ସଫା କରା ସରିଥାଏ । ଯେହେତୁ ବୁଦା ଓ ବୃକ୍ଷଲତାର ଗହଳ କମିଯାଇଥାଏ ତେଣୁ ଜନ୍ତୁମାନଙ୍କୁ ଗୋଡ଼ାଇ ଶିକାର କରିବା ସୁବିଧା ଜନକ ହୋଇଥାଏ । ବେଳେବେଳେ ବ୍ୟକ୍ତିଗତ ଶିକାର ମଧ୍ୟ କରାଯାଇଥାଏ । ଜଙ୍ଗଲରେ ବୁଲୁଥିବା ସମୟରେ କେହି ପଶୁମାନଙ୍କର ପାଦଚିହ୍ନ ଦେଖିଥାଆନ୍ତି । ଏମାନେ ଏତେ ଧୁରନ୍ଧରଯେ ପାଦଚିହ୍ନକୁ ଦେଖି ପଶୁମାନଙ୍କୁ

ଚିହ୍ନିପାରନ୍ତି ଓ ପାଦଚିହ୍ନ ଅନୁସରଣ କରି ପଶୁ ନିକଟରେ ମଧ୍ୟ ପହଞ୍ଚିଯାଇପାରନ୍ତି । ତେଣୁ ଏପରି ସ୍ଥଳରେ କୌଣସି ଜଣେବ୍ୟକ୍ତି ବା କେତେଜଣ ବ୍ୟକ୍ତି ଏକତ୍ର ହୋଇ ପଶୁର ପାଦ ଚିହ୍ନକୁ ଅନୁସରଣ କରିଥାନ୍ତି । ଶେଷରେ ଜନ୍ତୁକୁ ପାଇଲେ ବନ୍ଧୁକ, ବର୍ଛା, ତୀର ଇତ୍ୟାଦି ସାହାଯ୍ୟରେ ଶିକାର କରିଥାନ୍ତି । ଶିକାର କରିବାକୁ ଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସମାନ ଭାବରେ ମାଂସ ବଣ୍ଟନ କରାଯାଇଥାଏ । ଏହା ବ୍ୟତୀତ ବମ୍ ସାହାଯ୍ୟ, ବିଷ ଦେଇ କିମ୍ବା ରାତ୍ରରେ ଟର୍ଚ୍ଚ ମାରି ଜନ୍ତୁକୁ ଶିକାର କରାଯାଏ ।

ଗୋଷ୍ଠୀଗତ ଶିକାର ଖୁବ୍ ଆମୋଦଦାୟକ ଓ ରୋମାଞ୍ଚକ । ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ରତାପରେ ଯେତେବେଳେ ଜଙ୍ଗଲ ମଧ୍ୟସ୍ଥ ଗଛମାନେ ପତ୍ରଝଡ଼ା ଦେଇ ଲଣ୍ଡା ହୋଇଯା'ନ୍ତି ବନାଗ୍ନି ଲାଗି ଠାଏ ଠାଏ ପୋଡ଼ି ଜଙ୍ଗଲ ସଫା ହୋଇଯାଏ । ପୋଡୁଚାଷ ପାଇଁ ଜାତପୁମାନେ ଜଙ୍ଗଲ କାଟି, ଗଛକୁ ପୋଡ଼ି ପାଉଁଶ କରି ଦିଅନ୍ତି । ଏହି ସମୟରେ ଜଙ୍ଗଲ ଟିକିଏ ସଫା ଲାଗେ । ଘନତା କମିଯାଇଥାଏ । ବର୍ଷା ନଥାଏ କିମ୍ବା ଜାତପୁମାନଙ୍କର କୌଣସି କାମଧନ୍ଦା ନଥାଏ । ଠିକ୍ ଏହି ସମୟରେ ମାର୍ଚ୍ଚ ମାସଠାରୁ ମେ ମାସ ପର୍ଯ୍ୟନ୍ତ ସେମାନେ ଶିକାର କରିବାକୁ ବାହାରି ପଡ଼ନ୍ତି ।

ଶିକାରକୁ ଯିବାର କିଛି ଦିନ ଆଗରୁ ଗାଁରେ ସଭାହୁଏ । ସଭାରେ ଶିକାର ପାଇଁ ଦିନ ସ୍ଥିର କରାଯାଏ ଏବଂ ପୂଜାବିଧିପାଇଁ ଚାନ୍ଦା ଆଦାୟ କରାଯାଏ । ନିର୍ଦ୍ଦିଷ୍ଟ ଦିନ ସକାଳୁ ସମସ୍ତେ ଅସ୍ତ୍ରଶସ୍ତ୍ରଧରି ବାହାରି ପଡ଼ନ୍ତି । ଗାଁ ମୁଣ୍ଡ ଠାକୁରାଣୀ ଝାକିରି ଆମା (ଗ୍ରାମଦେବୀ)ଙ୍କ ଆସ୍ଥାନ ପାଖକୁ ଯାଆନ୍ତି । ସେଠାରେ ଭୋଗରାଗ ଦିଆଯାଏ । ନଡ଼ିଆ କଦଳୀ ପୂଜାହୁଏ । ଧୂପଝୁଣା ଦେଇ ମାଆଙ୍କୁ ସନ୍ତୁଷ୍ଟ କରାଯାଏ । ସେହିଠାରେ ସମସ୍ତେ ଧନୁତୀରକୁ ସଜାଡ଼ି ରଖିଦିଅନ୍ତି । ଝାକିରିଆମାଙ୍କ ସହ ସେଠାରେ କୋଣ୍ଡା ଦେବତା (ପାହାଡ଼ ଦେବତା)କୁ ମଧ୍ୟ ପୂଜା ଦିଆଯାଏ । ଭଲ ଶିକାର ମିଳୁ, କୌଣସି ବ୍ୟକ୍ତି ହିଂସଜନ୍ତୁଙ୍କ ଦ୍ୱାରା ଆକ୍ରାନ୍ତ ନହୁଅନ୍ତୁ । ନିଜ ଅସ୍ତ୍ର ଶସ୍ତ୍ର ଦ୍ୱାରା କହି ଆଘାତ ନ ପାଆନ୍ତୁ ଇତ୍ୟାଦି କହି ସେମାନେ ମାନସିକ କରିଥାଆନ୍ତି । ପୂଜାସରିବା ପରେ ଅସ୍ତ୍ରଶସ୍ତ୍ରକୁ ଉଠାଇ ନେଇ ଏକ ମୁହାଁହୋଇ ସେମାନେ ଜଙ୍ଗଲରେ ପଶନ୍ତି ।

କେଉଁ ସ୍ଥାନରେ ଶିକାର କରାଯିବ ଓ କେଉଁ କେଉଁ ପାହାଡ଼ ବୁଲିବାକୁ ପଡ଼ିବ ତାହା ସେମାନେ ଆଗରୁ ଆଲୋଚନା କରିଥାଆନ୍ତି । ତେଣୁ ନିର୍ଦ୍ଦିଷ୍ଟ ପାହାଡ଼ରେ ସେମାନେ ଉପସ୍ଥିତ ହୁଅନ୍ତି । ପାହାଡ଼ର ସନ୍ଧିଜାଗା ଦେଖି ଧାଡ଼ି ହୋଇ ଶିକାରୀମାନେ ଧନୁତୀର, ବର୍ଛା, ବନ୍ଧୁକ ଇତ୍ୟାଦି ଧରି ଜଗିବସନ୍ତି । ଏମାନେ ସୈନ୍ୟମାନଙ୍କ ପରି ଧାଡ଼ି ପଛକୁ ଧାଡ଼ି

କରି ସଜାଗ ହୋଇ ଗଛ କିମ୍ବା ବୁଦା ଉହାଡ଼ରେ ଛକି ବସିଥାନ୍ତି । ଏହାର ଠିକ ଅପରପାର୍ଶ୍ୱରୁ ଅନ୍ୟ ଗ୍ରାମବାସୀମାନେ ପାଟିତୁଣ୍ଡ କରି ଠେଙ୍ଗାବାଡ଼ି, ଅସ୍ତ୍ରଶସ୍ତ୍ର ଧରି ଜୀବଜନ୍ତୁଙ୍କୁ ଗୋଡ଼ାଇ ଆଣନ୍ତି । କୌଣସି ଜନ୍ତୁ ଶିକାରୀମାନଙ୍କୁ ଅତିକ୍ରମ କରି ଯିବା ବେଳେ ଏମାନେ ତତ୍‌କ୍ଷଣାତ୍ ଜୀବଟିକୁ ଅସ୍ତ୍ରଶସ୍ତ୍ର ଦ୍ୱାରା ମାରି ନିଜର କରାୟତ କରିଥାଆନ୍ତି । ଜଣେ କୌଣସି ଜୀବଜନ୍ତୁ ଶିକାର କରିବା ପରେ ସେ ବଡ଼ ପାଟିରେ ଓ ଖୁବ୍ ଆନନ୍ଦରେ ଅନ୍ୟସାଙ୍ଗସାଥୀଙ୍କୁ ଡ଼ାକି ଜଣାଇ ଦିଏ । ଯଦି ଜନ୍ତୁଟି ପ୍ରଥମ ଧାଡ଼ି ଶିକାରଙ୍କଠାରୁ ଖସି ପଳାଇଯାଏ ତେବେ ସେ ବଡ଼ ପାଟିରେ ମଧ୍ୟ ଡ଼ାକି ଜଣାଇ ଦିଏ । ଫଳତଃ ଦ୍ୱିତୀୟ ଧାଡ଼ିର ଶିକାରୀ ଖୁବ୍ ତତ୍‌ପରତାର ସହ ଜନ୍ତୁଟିକୁ ଶିକାର କରିଥାନ୍ତି ।

ଶେଷରେ ସମସ୍ତେ ଶିକାର କରାଯାଇଥିବା ପଶୁକୁ କାନ୍ଧେଇ ଗୀତ ଗାଇ ଗାଇ ଓ ଖୁବ୍ ବଡ଼ ପାଟିରେ ପାଟିତୁଣ୍ଡ କରି କରି ଗାଁକୁ ଫେରିଥାନ୍ତି । ଗାଁରେ ପହଞ୍ଚି ଜନ୍ତୁଙ୍କୁ କଟା କଟି କରାଯାଏ ଏବଂ ସମସ୍ତ ଗ୍ରାମବାସୀଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯାଏ । ଯେଉଁ ବ୍ୟକ୍ତି ଜନ୍ତୁଟିକୁ ମାରିଥାଏ ତାକୁ ସ୍ୱତନ୍ତ୍ର ଭାବରେ ଗୋଟିଏ ଛୋଟ ପୁଡ଼ିଆ ମାଂସ ବା ପଞ୍ଜରା ହାଡ଼ର ମାଂସ ଖଣ୍ଡେ ଦିଆଯାଏ । ଜାତାପୁ ପୁରୁଷମାନେ ଶିକାର କରିବାକୁ ଖୁବ ଭଲ ପାଆନ୍ତି । ତେଣୁ ସାମୂହିକ ଶିକାର ବେଳେ ଗ୍ରାମର ଏକାଧିକ ବ୍ୟକ୍ତି ଏକାଠି ହୋଇ ଶିକାର କରିବାକୁ ଯାଇଥାନ୍ତି । ଶିକାର ସେମାନଙ୍କ ପାଇଁ ଏକ କ୍ରୀଡ଼ା ତଥା ଆମୋଦ ପ୍ରମୋଦ ଓ ରୋମାଞ୍ଚକ କାର୍ଯ୍ୟ ।

ଶିକାର କରିବା ପାଇଁ ବିଭିନ୍ନ ପ୍ରକାର ଉପାୟ ମଧ୍ୟ ରହିଛି ଯଥା ଅସ୍ତ୍ରଶସ୍ତ୍ର ଦ୍ୱାରା ଶିକାର, ବମ୍ ଦ୍ୱାରା ଶିକାର, ଯନ୍ତା ଦ୍ୱାରା ଶିକାର, ଫାଶ ଦ୍ୱାରା ଶିକାର, ବିଷ ଦେଇ ଜନ୍ତୁମାରି ଶିକାର ଇତ୍ୟାଦି ।

ବ୍ୟକ୍ତିଗତ ବା ଗୋଷ୍ଠୀଗତ ଶିକାର ବେଳେ ଶିକାରୀମାନେ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଯଥା- ଧନୁତୀର, ଟାଙ୍ଗିଆ, ବର୍ଚ୍ଛା, ତେଣ୍ଟା, ବନ୍ଧୁକ ଇତ୍ୟାଦି ଦ୍ୱାରା ପଶୁପକ୍ଷୀଙ୍କୁ ଶିକାର କରିଥାନ୍ତି । ରାତ୍ରରେ ମଧ୍ୟ ଟର୍ଚ୍ଚମାରି ଜୀବଜନ୍ତୁକୁ ଦେଖିଥାନ୍ତି । ଜନ୍ତୁର ମୁହଁରେ ଟର୍ଚ୍ଚ ପଡ଼ିଗଲେ ସେ ଠିଆ ହୋଇପଡ଼େ । ଠିକ୍ ଏହି ସମୟରେ ବନ୍ଧୁକ / ତୀର ଇତ୍ୟାଦି ସାହାଯ୍ୟରେ ଜନ୍ତୁଟିକୁ ଶିକାର କରାଯାଏ ।

ବମ୍ ଉପରେ କୁକୁଡ଼ା କିମ୍ବା ଛେଳିର ଅନ୍ତବୁଜୁଳା ଗୁଡ଼ାଇ ଦିଆଯାଏ ଓ ଏହାକୁ ବାରହା ଆଦି ଜନ୍ତୁ ଆସୁଥିବା ସ୍ଥାନରେ ରଖିଦିଆଯାଏ । ଏହାକୁ କୌଣସି ମାଂସାସୀ ଜନ୍ତୁ

ଖାଇବା ବେଳେ ବମ୍‌ଟି ପାଟିରେ ଫୁଟିଥାଏ ଫଳତଃ ଜନ୍ତୁଟିର ମୃତ୍ୟୁ ଘଟିଥାଏ । ଏହି ଉପାୟରେ ବାଘ, ଭାଲୁ, ବିଲୁଆ ଆଦି ଶିକାର କରାଯାଇଥାଏ ।

ଛେଳି କିମ୍ବା କୁକୁଡ଼ା ପୁଷ୍ଟା ମଧ୍ୟରେ ବିଭିନ୍ନ ପ୍ରକାର ବିଷ ଯଥା କୀଟନାଶକ ଔଷଧ, ମୂଷା ମରା ବିଷ ଇତ୍ୟାଦି ଭର୍ତ୍ତିକରି ଦିଆଯାଏ ଏବଂ ଜୀବଜନ୍ତୁ ଆସୁଥିବା ସ୍ଥାନରେ ରଖିଦିଆଯାଏ । ଉକ୍ତ ବିଷାକ୍ତ ପୁଷ୍ଟାକୁ ଯେଉଁ ଜନ୍ତୁ ଖାଏ ସେ କିଛି ବାଟ ଯିବାପରେ ପଡ଼ି ମରିଯାଏ । ପରଦିନ ସକାଳୁ ଶିକାରୀମାନେ ଜନ୍ତୁର ପାଦଚିହ୍ନ ଅନୁସରଣ କରି ଜନ୍ତୁଟି ମରି କିମ୍ବା ହାଲିଆ ହୋଇ ପଡ଼ିଥିବା ସ୍ଥାନରେ ପହଞ୍ଚି ଜନ୍ତୁଟିକୁ ନେଇଆସିଥାନ୍ତି ।

ଏହି ଉପାୟରେ ସ୍ୱତନ୍ତ୍ରଭାବେ ବାଘ, ଭାଲୁ, ବିଲୁଆ ଆଦି ମାଂସ ଭକ୍ଷଣକାରୀ ଜନ୍ତୁଙ୍କୁ ଶିକାର କରାଯାଏ ।

ସେହିପରି ତୃଣଭୋଜୀ ପ୍ରାଣୀମାନଙ୍କୁ ମଧ୍ୟ ସେମାନେ ଖାଉଥିବା ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ, ଯଥା – ଭାତ, ଅଟା ଇତ୍ୟାଦିରେ ବିଷ ମିଶାଇ ଶିକାର କରାଯାଏ । ଏହି ଉପାୟରେ ଠେକୁଆ, କୁଟୁରା ଇତ୍ୟାଦି ପଶୁମାନଙ୍କୁ ଶିକାର କରାଯାଇପାରେ ।

କୌଣସି ଏକ ସିଧା ସଳଖ ଗଛର ଅଗ୍ରଭାଗକୁ କାଟି ଦିଆଯାଏ । ଏହି ଗଛଟିକୁ ଟାଣି ବଙ୍କାଇ ଯାଇପାରୁଥିବା ଆବଶ୍ୟକ ଏବଂ ଗଛଟି ଜୀବଜନ୍ତୁ ଆସୁଥିବା ରାସ୍ତା କଡ଼ରେ ଥିବା ଆବଶ୍ୟକ । ଏପରି ଗଛ ଅଗକୁ କାଟି ଅଗ୍ରଭାଗରୁ ଗୋଟିଏ ଶକ୍ତ ରସି (ଦଉଡ଼ି) ବାନ୍ଧି ଦିଆଯାଏ । ଏହାକୁ ରାସ୍ତା ଉପରକୁ ଟାଣି ଏପରି ଭାବରେ ଖଣ୍ଡିଏ କାଠି ସାହାଯ୍ୟରେ ତଳେ ଅଟକାଇ ରଖାଯାଇଥାଏ ଯେ କାଠିଟିକୁ ଛୁଇଁ ମାତ୍ରେ କାଠିଟି ଛୁଟିକି ପଡ଼େ ଏବଂ ଉକ୍ତ କାଠି ସହ ସଂଯୁକ୍ତ ଫାଶଟି ଚାପି ହୋଇଯାଏ । ଏହି ଫାଶର ଉଭୟ ପାର୍ଶ୍ୱକୁ ଡ଼ାଳ ପତ୍ରଦେଇ ରାସ୍ତାକୁ ବନ୍ଦ କରାଯାଇଥାଏ ଏବଂ ଠେକୁଆ ଆଦି ଜନ୍ତୁଙ୍କୁ କେବଳ ଫାଶମଧ୍ୟ ଦେଇ ଗଳି ଯିବାକୁ ପଡ଼ିଥାଏ । ଫଳତଃ ଯେତେବେଳେ ଠେକୁଆ, କୁଟୁରା କିମ୍ବା ଅନ୍ୟ କୌଣସି ଜନ୍ତୁ ଏହି ଫାଶ ମଧ୍ୟରେ ଗଳି ରାସ୍ତା ଅତିକ୍ରମ କରିବାକୁ ଚେଷ୍ଟା କରନ୍ତି କିମ୍ବା ଫାଶର ଅପର ପାର୍ଶ୍ୱରେ ରଖାଯାଇଥିବା ଖାଦ୍ୟ ପଦାର୍ଥକୁ ଖାଇବାକୁ ଚେଷ୍ଟା କରନ୍ତି । ସେତେବେଳେ ସେମାନଙ୍କର ପାଦ 'ଭରିର' କାଠି ଉପରେ ପଡ଼ିବାରୁ ଫାଶଟି ଛିଟିକି ପଡ଼େ ଓ ଜନ୍ତୁର ଗୋଡ଼ କିମ୍ବା ବେକରେ ଚାପି ହୋଇଯାଏ ଓ ଗଛଟି ଛିଟିକି ଠିଆ ହୋଇଯାଏ । ଫଳତଃ ଗଛରେ ଫାଶୀ ଦେବାପରି ଝୁଲି ଲାଗିଥାଏ ।

ଏହି ଉପାୟରେ ମୁଖ୍ୟତଃ ଠେକୁଆ ଓ କୁଟୁରା ଶିକାର କରାଯାଏ ।

ବନ୍ୟ ଜନ୍ତୁମାନେ ବିଚରଣ କରୁଥିବା ରାସ୍ତାକୁ ଅନୁଧ୍ୟାନ କରାଯାଏ । ଜନ୍ତୁମାନେ ଯିବା ଆସିବା ରାସ୍ତାରେ ଗୋଟିଏ ବଡ଼ କୂଅ ଆକୃତିର ଗାତ ଖୋଳାଯାଏ । ଏହି କୂଅର ନିମ୍ନ ଅଂଶଟି ଅଣଓସାରିଆ ହୋଇଥାଏ । ତଳ ଭାଗରେ ଶକ୍ତ କାଠର ତେଣ୍ଟାପରି ମୋଟା ମୋଟା ଗୋଜା ଉପରମୁହାଁ କରି ଯାଇଥାଏ । ଏହି କୂଅର ଉପର ମୁହଁକୁ ସରୁ ସରୁ ଡ଼ାଳପତ୍ର ଦେଇ ମୁହଁକୁ ବନ୍ଦ କରାଯାଏ ଏବଂ ଏହି ଡ଼ାଳପତ୍ର ଉପରେ ଗୁଣ୍ଡ ମାଟି ବିଛାଇ ଦିଆଯାଏ ଯେପରିକି ସେଠାରେ କୌଣସି ଗାତ ଅଛି ବୋଲି ଜଣା ପଡ଼େ ନାହିଁ । ଏହାକୁ ଗୋଇ କହନ୍ତି ।

ବାଘ, ଭାଲୁ, ହାତୀ ଇତ୍ୟାଦି ବଡ଼ ବଡ଼ ଜନ୍ତୁ ସେହି ରାସ୍ତା ଦେଇ ଯିବା ବେଳେ ସେ ଗାଡ଼ଥିବା କଥା ଜାଣିପାରନ୍ତି ନାହିଁ କାରଣ ଉପରଟା ଠିକ୍ ମାଟି ପରି ଲାଗୁଥାଏ । ଜନ୍ତୁଟି ଠିକ୍ ଏହି ଗୋଇ ଉପରେ ପାଦ ରଖିବା କ୍ଷଣି ସିଧାଳସଖ ଗୋଇ ଭିତରେ ପଡ଼େ ଓ ଗୋଜିଆ କାଠର କଳାଗୁଡ଼ିକ ଜନ୍ତୁଟିର ଦେହରେ ଗଳିଯାଏ । ଫଳତଃ ଜନ୍ତୁଟି ମରିଯାଏ କିମ୍ବା ଅଧାମରା ହୋଇରହିଥାଏ । ପରଦିନ ଶିକାରୀମାନେ ଆସି ଯଦି ଯନ୍ତୁଟି ନ ମରିଥାଏ ତେବେ ଉପରୁ ଗୁଳିକରି ତାକୁ ମାରି ଦେଇ ବାହାରକୁ ବାହାର କରି ଆଣିଥାଆନ୍ତି ।

ଏହା ପଥର ଦ୍ୱାରା ନିର୍ମିତ ଏକ ଯନ୍ତା । ଏହି ଯନ୍ତାଟି ଦୁଇ ବଖରା ବିଶିଷ୍ଟ ହୋଇଥାଏ । ପ୍ରଥମ ବଖରାଟି ଶକ୍ତ କାଠରେ ନିର୍ମାଣ କରାଯାଇଥାଏ । ଏଥିରେ ଗୋଟିଏ ଛୋଟ କବାଟ ଥାଏ । ତା'ଭିତରେ ଛେଳିଛୁଆ କିମ୍ବା ଛେଳି ରଖି ତାଲା ପକାଇ ଦିଆଯାଏ । ପ୍ରକୋଷ୍ଠଟି ଏପରି ଭାବରେ ତିଆରି କରାଯାଇଥାଏ ଯେ କାଠ ନିର୍ମିତ କାନ୍ଥ ମଧ୍ୟ ଦେଇ ସ୍ପଷ୍ଟ ଭାବରେ ଛେଳିଟି ଗୋଟିଏ ପାଖକୁ ଦେଖାଯାଉଥାଏ । ଠିକ୍ ସେହି ପାଖରେ ଅଣଓସାର କରି ଦୁଇ ପାର୍ଶ୍ୱରେ ଦୁଇଟି ପଥର କାନ୍ଥ କରାଯାଏ ଓ ଉପରେ ଶକ୍ତ କାଠର ଏକ ଛାତ କରାଯାଏ । ଛାତ ଉପରେ ବିରାଟ ବିରାଟ ପଥର ଖଣ୍ଡମାନ ଖଞ୍ଜି ରଖାଯାଇଥାଏ । ଛାତକୁ ଟେକି ଧରିବା ପାଇଁ ଖଣ୍ଡିଏ କାଠ ପଟା ତଳକୁ ଲାଗିଯାଏ ଯେପରି ପଟାଟିରେ ଟିକିଏ ଶକ୍ତ ଆଘାତ ହେବାମାତ୍ରେ ଛାତଟି ଖସିପଡ଼େ । ଉକ୍ତ କାଠ ଘରେ ଛେଳି ଭର୍ତ୍ତି କରି ଦିଆଯାଏ ଏବଂ କାଠ ଘରର କବାଟକୁ ଚାବିଦେଇ ବନ୍ଦକରି ଦିଆଯାଏ । ଛେଳିଟି ଏକୁଟିଆ ବିକଳରେ ରଡ଼ିଛାଡ଼େ । ଛେଳିର ରଡ଼ି ଶୁଣି ବାଘ ଛେଳିପାଖରେ ପହଞ୍ଚିଯାଏ । ବାଘ ଛେଳିକୁ ଖାଇବ ଭାବି ଯନ୍ତାମଧ୍ୟରେ ପ୍ରବେଶ କରିବା ପାଇଁ ପଟା ଉପରେ ପାଦେ ଦେବାମାତ୍ରେ ଛାତଟି ବାଘ ଉପରେ ଭାଙ୍ଗି ପଡ଼େ ଓ ବଡ଼ ବଡ଼ ପଥର ଆଘାତରେ ବାଘଟି ହାଲିଆ ହୋଇଯାଏ କିମ୍ବା ମରିଯାଏ ଓ ପଥରଗୁଡ଼ିକ ବାଘ ଉପରେ ଚାପି ହୋଇ ରହିଥାଏ ।

ବାଘ ପାଇଁ ଯନ୍ତାଟି ଏପରି ଭାବରେ ତିଆରି କରାଯାଇଥାଏ ଯେ ଏହା ଖୁବ୍ ଅଣଓସାରିଆ ହୋଇଥାଏ, ଫଳତଃ ବାଘଟି ଭିତରେ ବୁଲିପାରେ ନାହିଁ କିମ୍ବା ବଳ ପ୍ରୟୋଗ କରି ଯନ୍ତା ଭିତରୁ ଖସି ଆସିପାରେ ନାହିଁ ।

ଚଢ଼େଇ ଫାଶ ବିଭିନ୍ନ ପ୍ରକାରର । କେତେକ ଫାଶକୁ ରାସ୍ତାରେ ବସାଯାଏ । ଫଳତଃ ଚଢ଼େଇମାନେ ଚାଲି ଚାଲି ଯିବାସମୟରେ ତାଙ୍କ ଗୋଡ଼ରେ ଲାଗିଯିବାରୁ ସେମାନେ ଲାଗିଯାଆନ୍ତି । ଅନ୍ୟ କେତେକ ଫାଶ ମଧ୍ୟରେ ଖାଦ୍ୟଦିଆଯାଇଥାଏ ଓ ଏହି ଖାଦ୍ୟ ଖାଇଲେ ଛିଟିକାଟି ଛିଟିକି ପଡ଼େ ଓ ଫାଶଟି ପକ୍ଷୀଟିର ବେକରେ ଲାଗିଯାଏ । ଏହି ଉପାୟରେ ସମସ୍ତ ପ୍ରକାର ଚଢ଼େଇକୁ ଶିକାର କରାଯାଏ ।

ଜାତାପୁମାନେ ଶିକାର କରିବା ପାଇଁ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ଫାଶ ଓ ଯନ୍ତାର ନାମ ତଳେ ଲେଖାଯାଇଛି । ସେଗୁଡ଼ିକ ହେଲା; ଯଥା: ଧନୁ (ଇଣ୍ଡିବାଦା / ଇନ୍ତା'ବାଦା), ତୀର (କଅଲା),ଦିଟା (ଟୁଲୁ), ଏକାଧିକ ମୁନଥିବା ତୀର (ବୁଟୁ), ବର୍ଛା (ବାଲ୍ୟମ), ତେଣ୍ଟା (ତେଣ୍ଟାଗାରା), ଫାର୍ଶା (ଟାଙ୍ଗି), ଛୁରୀ (ସରୁକାତ୍ତି), କାତି (ସେକାତ୍ତି), ଖଣ୍ଡା (କଣ୍ଡାକାତ୍ତି), ଟାଙ୍ଗିଆ (ଗଡ଼ାଲି), ବନ୍ଧୁକ (ତୁପାଇକି) ଓ ଠେଙ୍ଗା (ଦୁଡ୍ଡୁ) ଇତ୍ୟାଦି ।

ଶିକାର କରିବା ପାଇଁ ବା ଶିକାର କରିବାରେ ସାହାଯ୍ୟ କରିବା ପାଇଁ ଜାତାପୁମାନେ କେବଳ କୁକୁରକୁ ପୋଷା ମନାଇଥାନ୍ତି । ଛୋଟ ବେଳୁ ସେମାନେ କୁକୁର ଘରେ ରଖିଥାନ୍ତି ଓ ବିଭିନ୍ନ ପ୍ରକାର ପଶୁପକ୍ଷୀଙ୍କୁ ଦେଖି ଗୋଡ଼ାଇବାକୁ ଶିକ୍ଷା ଦେଇଥାନ୍ତି । ସେମାନେ ବଡ଼ ହେବା ପରେ ଶିକାର କରିପାରନ୍ତି । ବେଳେବେଳେ କୁକୁର କୌଣସି ଜନ୍ତୁକୁ ନିଜେ ମାରି ଘରକୁ ଫେରି ମାଲିକ ଲୁଗା ଧରି ଟାଣି ଟାଣି ମାରିଥିବା ଜନ୍ତୁ ପାଖରେ ପହଞ୍ଚାଇ ଦିଏ । ଏହା ବ୍ୟତୀତ କୁକୁରମାନେ ଶିକାର କରିବା ପାଇଁ ସାହାଯ୍ୟ କରିଥାନ୍ତି । ରାତିରେ ଶିକାର କଲାବେଳେ ସାଥୀରେ ସେମାନେ କୁକୁରକୁ ନେଇଯାଉଥାନ୍ତି । ତାଙ୍କ ପାଦରେ ଘୁଙ୍ଗୁର ବାନ୍ଧି ଦିଆଯାଏ । ଯେହେତୁ ସେମାନେ ରାତିରେ ଘନ ଅନ୍ଧକାର ମଧ୍ୟରେ ଦେଖିପାରନ୍ତି ତେଣୁ ସେମାନେ ଜୀବଜନ୍ତୁକୁ ଦେଖି ଗୋଡ଼ାଇ ଥାଆନ୍ତି ଓ ଶିକାରୀ କୁକୁରକୁ ଅନୁସରଣ କରିଥାଏ । ଜନ୍ତୁର ପାଖକୁ ଆସିବା ମାତ୍ରେ ମୁହଁକୁ ହଠାତ ଟର୍ଚ୍ଚମାରି ଦିଆଯାଏ । ଫଳତଃ ଜନ୍ତୁଟି କିଛି କ୍ଷଣ ପାଇଁ ଅଟକି ଯାଏ ଓ ଠିକ ଏହି ସମୟରେ ଶିକାରୀ ଗୁଳି ଇତ୍ୟାଦି ମାରି ଜନ୍ତୁଟିକୁ ଶିକାର କରିଥାଏ ।

- ଘରୁ ବାହାରିବା ସମୟରେ ଯଦି ପଛରୁ କେହି ଛିଙ୍କି ଦିଏ, ତେବେ ଅଶୁଭ ଓ ଆଗରେ ଛିଙ୍କିଲେ ଶୁଭ ବୋଲି ଧରାଯାଏ ।
- ସେହି ପରି ଘରୁ ବାହାରିବା ସମୟରେ ଯଦି କେହି ପଛରୁ ସିଙ୍ଘାଣୀ କିମ୍ୱା ଥୁଥୁ କରି ଛେପ ପକାଏ ତେବେ ଅଶୁଭ ।
- ବାହାରିବା ସମୟରେ କେହି କୁଆଡ଼େ ଯାଉଛୁ ବୋଲି ପଚାରିଲେ ଅଶୁଭ କିନ୍ତୁ ମାଗାର ନାମ ଧରି ପଚାରିଲେ ଶୁଭ । ଉଦାହରଣ ସ୍ୱରୂପ "ତୁ କୁଆଡ଼େ ଯାଉଛୁ" ଅଶୁଭ କିନ୍ତୁ "ତୁ ଶିକାରକୁ ଯାଉଛୁ କି ?" କହିଲେ ଶୁଭ ।
- ଘରୁ ବାହାରିବା ସମୟରେ ଧଳାଦ୍ରବ୍ୟ କିମ୍ୱା ଜୀବ ଦେଖିଲେ ଶୁଭ ।
- ଘରୁ ବାହାରିବା ସମୟରେ ଗୋଟିକି ବ୍ରାହ୍ମଣ କିମ୍ୱା ଧୋବା ମଇଳା ଲୁଗା ନେଇ ଯାଉଥିଲେ ଅଶୁଭ କିନ୍ତୁ ଧୋବା ସଫାଲୁଗା ନେଇ ଯାଉଥିଲେ ଶୁଭ ।

ଯେଉଁ ବ୍ୟକ୍ତି ଖୁବ୍ ଭଲଭାବରେ ଲକ୍ଷ୍ୟକରି ଜୀବଜନ୍ତୁଙ୍କୁ ଶିକାର କରିପାରେ ତାକୁ ସମସ୍ତେ ପ୍ରଶଂସା କରନ୍ତି ଯିଏ ଅନେକ ଗୁଳି ମାରି ଦିଏ କିନ୍ତୁ ଜନ୍ତୁ ନମାରିପାରି ଛାଡ଼ିଦିଏ ତାକୁ ନିନ୍ଦା କରାଯାଏ । କାହାରିକୁ କେବେ ଦଣ୍ଡ ଦିଆଯାଇପାରେ ନାହିଁ । ଉତ୍ତମ ଶିକାରୀକୁ କୌଣସି ସ୍ୱତନ୍ତ୍ର ସୁବିଧା ସୁଯୋଗ ନିଆଯାଏ ନାହିଁ ।

ଏବେ ଜାତାପୁ ବସବାସ କରୁଥିବା ଅଞ୍ଚଳରେ ଜଙ୍ଗଲ କ୍ଷୟ ଯୋଗୁଁ ପଶୁ ପକ୍ଷୀଙ୍କର ସଂଖ୍ୟା ବହୁଭାବେ ହ୍ରାସ ପାଇଛି । ଅନେକ ଜୀବଜନ୍ତୁ ଜଙ୍ଗଲରୁ ନିଶ୍ଚିହ୍ନ ହୋଇଗଲେଣି । ତେଣୁ ଏମାନେ ଆଗପରି ଆଉ ଶିକାର କରୁନାହାନ୍ତି । ଏହା ଭିନ୍ନ ଜଙ୍ଗଲ ବିଭାଗ ଅଧିକାରୀଙ୍କର ନିଷେଧାଦେଶ ମଧ୍ୟ ଏମାନଙ୍କୁ ଶୀକାର ନ କରିବା ପାଇଁ ବାଧ କରିଥାଏ ।

ସାଧାରଣତଃ ଜାତାପୁ ସଂପ୍ରଦାୟର ଲୋକମାନେ ନଦୀ, ନାଳ, ଝରଣା, ପୋଖରୀ, ଚୁଆ ଓ ପାଣିଥିବା ଜମିରୁ ମାଛ ଧରାଯାଏ ।

**ଉପକରଣ :** ଧରିବା ପାଇଁ ବ୍ୟବହାର କରାଯାଉଥିବା ଉପକରଣଗୁଡ଼ିକ ହେଲା– ମୁଣ୍ଡୁଳି ଜାଲ (ଜାଲୁ-ୱାଲୁ), ମଶାରୀ (ଦମ୍‌ତେରା), ଗିଡ଼ିକିଏ କାଏଲୁ (ଗିଡ଼ିଗିଡ଼ିଫଳ) ଓ କାତପାସେକା ଓ ଖଇଞ୍ଚି (ବନ୍ତ) ଇତ୍ୟାଦି ।

## ମାଛ ଧରିବା କୌଶଳ :

ଏହି ଉପକରଣ ବ୍ୟତୀତ ବିଭିନ୍ନ ପ୍ରକାର ବିଷାକ୍ତ ଔଷଧ, ଫଳ, ଚେର, ଛାଲି ଇତ୍ୟାଦି ବ୍ୟବହାର କରି ମାଛଙ୍କୁ ମାରି ବା ଚେତାଶୂନ୍ୟ କରାଇ ଦିଆଯାଏ ଓ ସେମାନେ ପାଣି ଉପରେ ଭାସିଲେ ଏସମାନଙ୍କୁ ଧରି ଅଣାଯାଏ । ଜାତାପୁମାନେ ମୁଖ୍ୟତଃ ପାନି ମୁତୁକି ଛାଲି, ଗିଡ଼ିଗିଲି କାଏଲୁ (ଗିଡ଼ିଗିଲି ଫଳ), ଏଣ୍ଡିପିକାଏଲୁ (ଏଣ୍ଡିପି ଫଳ)କୁ ବ୍ୟବହାର କରି ମାଛ ଧରିପାରନ୍ତି ।

ଜାତାପୁମାନେ ଗୋଷ୍ଠୀଗତ ଭାବେ ମାଛ ଧରିବା ପାଇଁ ପ୍ରାୟ ଯାଇନଥାନ୍ତି । କିନ୍ତୁ ଅନେକ ସମୟରେ ୧୦-୧୫ ଜଣ ମହିଳା କିମ୍ବା ପୁରୁଷ ଏକତ୍ର ହୋଇ ମାଛ ଧରିବାକୁ ଯାଇଥାନ୍ତି । ଏହା ବ୍ୟତୀତ ବ୍ୟକ୍ତିଗତଭାବେ ମଧ୍ୟ ମାଛ ଧରାଯାଇପାରେ । ମାଛ ଧରିବାପାଇଁ କୌଣସି ପ୍ରକାର ସ୍ୱତନ୍ତ୍ର ପୂଜାପାଠ କରାଯାଏ ନାହିଁ କିମ୍ବା କୌଣସି ପ୍ରକାର ସ୍ୱତନ୍ତ୍ର ପୂଜାପାଠ ବେଳେ ମାଛ ଧରିବାର ପ୍ରଥା ଏମାନଙ୍କ ମଧ୍ୟରେ ନାହିଁ ।

ଜାତାପୁମାନେ ନଦୀ ଓ ନାଳରେ ମୁଣ୍ଡୁଲୀଜାଲ ଓ ମଶାରୀ ଲଗାଇ ମାଛ ଧରିଥାନ୍ତି । ହାତରେ ଅଣ୍ଡାଳି ମଧ୍ୟସ୍ଥଳ ବିଶେଷରେ ମାଛ ଧରାଯାଏ । ବର୍ଷାଦିନେ ବିଲମାନଙ୍କରୁ ମାଛ ଧରିବା ପାଇଁ ହିଡ଼ମାନଙ୍କରେ ଘାଇ କରି 'ବନ୍ତ' ବସାଇ ମାଛ ଧରାଯାଏ, ଝରଣା ପୋଖରୀ ଇତ୍ୟାଦିକୁ ହାତରେ ଅଣ୍ଡାଳି କିମ୍ବା ଜାଲ ମଶାରୀ ଟାଣିମାଛ ଧରାଯାଏ । ଅଳ୍ପ ପାଣିଥିବା ସ୍ଥାନରେ ବା ଝରଣା ଇତ୍ୟାଦିରୁ ପାଣି କମିଯିବା ପରେ ଦୁଇ ପଟରେ କାଦୁଅ ବନ୍ଧ ଦେଇ ମଝି ଅଂଶ ପାଣିରେ ଉପରେ ଲିଖିତ ଫଳ ଓ ଛାଲିକୁ ଅଲଗା ଗୁଣ୍ଡ କରି ପକାଇ ଦେଲେ ମାଛମାନଙ୍କର ଆଖି ଜଳାପୋଡ଼ା ହୁଏ ତେଣୁ ସେମାନେ ପାଣି ଭିତରେ ରହି ନପାରି ଉପରକୁ ଉଠିଆସନ୍ତି । ସେତେବେଳେ ମଶାରୀ ବା ଜାଲ ସାହାଯ୍ୟରେ ଛାଣି ଜାତାପୁମାନେ ମାଛ ଧରନ୍ତି । ବଡ଼ ନଦୀରୁ ମାଛ ଧରିବା ପାଇଁ ଜାତପୁମାନେ ଫିଙ୍ଗାଜାଲରେ ବ୍ୟବହାର ଜାଣନ୍ତି ନାହିଁ ।

## ପୋଡୁଚାଷ (କଣ୍ଡାପୋଡୁ) :

ଚାଷବାସ ପାଇଁ ସମତଳ ଜମିର ଅଭାବଥିବାରୁ ଜାତପୁମାନେ ପୋଡୁଚାଷ କରିଥାଆନ୍ତି । ଜଙ୍ଗଲ କାଟି ସଫାକରି, ଗଛ ବୁଦାଲତା ଆଦିକୁ ପୋଡ଼ି ସେହି ସ୍ଥାନରେ ଚାଷ କରିବାକୁ ପୋଡୁଚାଷ କୁହାଯାଏ । ତେବେ ପୋଡୁ ଜମିର ବଣ୍ଟନ କରାଯାଇ

ନଥାଏ । ଯେ କୌଣସି ସ୍ଥାନରେ ଗଛବୃଛକୁ ଯେ କୌଣସି ପରିବାର ବା ଗୋଷ୍ଠୀ କାଟି ସଫାକରି ଚାଷ କରିପାରନ୍ତି । ଏହି ଜମି ଅଧିକାର କରିଥିବା କୌଣସି ବ୍ୟକ୍ତିଙ୍କୁ ସରକାର ପଟା ଦେଇନଥାନ୍ତି ।

ଏହି ପୋଡୁ ଜମିକୁ ଚାଷ କରାଯାଇଥିବା ବଂଶ ସଂଖ୍ୟା ଅନୁସାରେ ଜାତପୁମାନେ ପ୍ରଥମ ବର୍ଷ ଜମି, ୨ୟ ବର୍ଷ ଜମି ଓ ତୃତୀୟ ବର୍ଷ ଜମି ଏହି ପରି ଭାଗ କରନ୍ତି । ପୋଡୁ ଜମିରେ ପ୍ରଥମ ବର୍ଷ କାନ୍ଦୁଲ ବୁଣାଯାଇ ଅମଳ କରାଯାଏ । ଦ୍ୱିତୀୟ ବର୍ଷ ସୁଆଁ ମାଣ୍ଡିଆ ଆଦି ସମସ୍ତ ପ୍ରକାର ଶସ୍ୟ ମିଶାଇ ସେମାନେ ବୁଣି ଥାଆନ୍ତି ଓ ତୃତୀୟବର୍ଷ ୨ୟବର୍ଷ ପରି ସମସ୍ତ ଶସ୍ୟ ଉତ୍ପାଦନ କରାଯାଇପାରେ । ପ୍ରାୟ ୩ବର୍ଷ ଚାଷ କରିବା ପରେ ଜମିକୁ ପଡ଼ିଆ ଛାଡ଼ିଦିଆଯାଏ ଏବଂ ପୁଣି ୫-୬ ବର୍ଷପରେ ଚାଷ କରାଯାଏ ।

ପୋଡୁ ଜମିରୁ ଉତ୍ପାଦନ କରାଯାଇଥିବା ଶସ୍ୟ

- କୁଣ୍ଡ ଧାନ
- ଜହ୍ନା
- ଘାଣ୍ଡିଆ
- କାଙ୍ଗୁ
- ମୁଆଁ
- କାଙ୍ଗୁ ମାଣ୍ଡିଆଁ
- ପାହାଡ଼ ସୁଆଁ
- କୋଶଲା / କୋଦ
- ଝୁଡ଼ଙ୍ଗ (ତୁମକୁଡ଼ମୁଲ)
- ଝଟା / ଶିମ୍ବ (ବିଭିନ୍ନ ପ୍ରକାର ଶିମ୍ବ ଯଥା ଶିକୁଡୁ, ଟାଲୁଶିକଡୁ, ଆଡ଼ମୁଡୁ, ବାବୁରଲୁ ଇତ୍ୟାଦି)
- କାନ୍ଦୁଲ (ସାନ ଓ ବଡ଼ /କାମ୍‌ଦୁଲ)
- ମିନିମୁଲୁ (ବିରି)
- ମୁଗ (ପେଶେରୁଲୁ)
- କୋଳଥ (ଉଲବାଲୁ)
- ହରଡ଼

ଫେବୃଆରୀ ମାସରେ ଜାତାପୁମାନେ ପ୍ରାୟ ସବୁ ପ୍ରକାର ଫସଲ ଅମଳ କରି ସାରିଥାନ୍ତି । ଶୀତରେ ପ୍ରଭାବ କମି ଆସିଥାଏ ଏବଂ ଆସ୍ତେ ଆସ୍ତେ ଖରା ବଢୁଥାଏ । ଏହି ସମୟରେ ପୋଡୁଚାଷପାଇଁ ଜମି ନିର୍ଦ୍ଧାରଣ କରାଯାଏ ଏବଂ ଜଙ୍ଗଲ କାଟିବା ଆରମ୍ଭ କରାଯାଏ ।

ଏଥିନିମନ୍ତେ ଜାନି ଗ୍ରହ ନକ୍ଷେତ୍ରଙ୍କର ଗତିବିଧି ଲକ୍ଷ୍ୟ କରି ଶୁଭାଶୁଭ ଦିନ ନିର୍ଣ୍ଣୟ କରେ । ଗାଁରେ ସଭା ହୁଏ । ନିର୍ଦ୍ଦିଷ୍ଟ ଦିନ ଚାଷ ଆରମ୍ଭ କରାଯିବ ବୋଲି ଗାଁ ସଭାରେ ନିଷ୍ପତ୍ତି ନିଆଯାଏ । ଉକ୍ତ ଦିନ ସକାଳୁ ଜାନି ବିଧିବଦ୍ଧଭାବରେ ପୂଜାପାଠକରି ଜଙ୍ଗଲକୁ ଯାଇ ଖଣ୍ଡେ ଡ଼ାଳିକାଟି ପକାଇ ଦେଇଆସେ । ଏହାପରଠାରୁ ସମସ୍ତେ ନିଜ ନିଜ



ଅମଳର ବେଳ



ଅମଳର ଆନନ୍ଦ

ଇଚ୍ଛା ଅନୁସାରେ ସ୍ଥାନ ନିରୂପଣ କରିଥାଆନ୍ତି । ଯିଏ ଯେତେ ଯାଗା ପ୍ରଥମ ସଫା କରି ପାରିଲା ସେତେକ ତାହାର ଜମି ବୋଲି ବିଚାର କରାଯାଏ । ଦେବାଦେବୀ ବସବାସ କରୁଥିବାର ବିଶ୍ୱାସ ରହିଥିବା ସ୍ଥାନମାନଙ୍କରେ ଯଦି ଚାଷ କରାଯାଏ ତେବେ ଜଙ୍ଗଲ କାଟିବା ପୂର୍ବରୁ କୁକୁଡ଼ା ଆଦି ବଳି ଦେଇ ଜାତପୁମାନେ ଗଛ କାଟିଥାଆନ୍ତି ।

ଜମି ନିର୍ଣ୍ଣୟ ପରେ ପ୍ରଥମେ ଛୋଟ ଛୋଟ ଗଛଗୁଡ଼ିକୁ କାଟି ପରିଷ୍କାର କରାଯାଏ । ଏହାକୁ ତୋପା ଲୁନାରିକନାଡୁ କୁହାଯାଏ । ଏହାପରେ ବଡ଼ ବଡ଼ ଗଛ କଟାଯାଏ ଓ ଏହାକୁ ଜାତାପୁମାନେ ଆଡ଼ୱିନାରିକିନାଡୁ କହନ୍ତି । ବଡ଼ ବୃକ୍ଷ କାଟିବା ପାଇଁ ସହଯୋଗୀ ଶ୍ରମ ବିନିଯୋଗ କରାଯାଇଥାଏ । ପାଳିକରି ଶ୍ରମର ଅଦଳ ବଦଳ କରି ସମସ୍ତେ ବୃକ୍ଷଲତା କାଟିବାରେ ସାହାଯ୍ୟ କରିଥାନ୍ତି । ଏହି ପ୍ରକାର ଶ୍ରମକୁ 'ବାଦଲି' କୁହାଯାଏ । ଜଙ୍ଗଲ କାଟିବା ବେଳେ ସ୍ୱତନ୍ତ୍ର ଭାବରେ ଫଳନ୍ତି ଗଛ: ଯଥା – ଆମ୍ବ, ପଣସ, କେନ୍ଦୁ ଇତ୍ୟାଦି ଗଛକୁ ଛାଡ଼ି ଦିଆଯାଏ । ଏହିପରି ମୂଲ୍ୟବାନ ଓ ଫଳପ୍ରଦାନକାରୀ ବୃକ୍ଷମାନଙ୍କୁ ନ କାଟିବା ପାଇଁ ସମସ୍ତ ପ୍ରକାର ଯତ୍ନ ନିଆଯାଇଥାଏ ।

ଡ଼ାଳ, ବୁଦା ଓ ବଡ଼ଗଛ କାଟି ସାରିବା ପରେ ସେହିପରି ଅବସ୍ଥାରେ ୧ ମାସ ପର୍ଯ୍ୟନ୍ତ ଗଛଗୁଡ଼ିକୁ ଖରାରେ ଶୁଖିବା ପାଇଁ ଛାଡ଼ି ଦିଆଯାଇଥାଏ । ଶୁଖିଗଲା ପରେ ସେଗୁଡ଼ିକରେ ନିଆଁ ଲଗାଇ ଦିଆଯାଏ । ଏହାକୁ ଆଗିମୁଟିଞ୍ଜାଡୁ କୁହାଯାଏ । ଏହାର କିଛି ଦିନ ପରେ ଅର୍ଥାତ ନିଆଁ ସଂପୂର୍ଣ୍ଣ ଲିଭିଯିବା ପରେ ନ ପୋଡ଼ିଥିବା କାଠଗୁଡ଼ିକୁ ପୁଣି ଏକତ୍ର କରି ନିଆଁ ଲଗାଇ ଦିଆଯାଏ । ଏହାପରେ ପାଉଁଶ ଯେଉଁଠି ପଡ଼ିଥାଏ ସେହିଠାରେ ସେହିପରି ଅବସ୍ଥାରେ ପଡ଼ି ରହିଥାଏ ଏବଂ ବର୍ଷାକୁ ଅପେକ୍ଷା କରାଯାଏ ।

ବୈଶାଖ ମାସର ଆରମ୍ଭରୁ ବର୍ଷାକୁ ଅପେକ୍ଷା କରାଯାଇଥାଏ । ପ୍ରଥମ ବର୍ଷା ପରେ ଶସ୍ୟ ବୁଣିବା ପାଇଁ ମନସ୍ତ କରାଯାଏ । ତେଣୁ ଏହା ପୂର୍ବରୁ ବିହନ ପର୍ବ ବା 'ଇତନାଲ ପାଣ୍ଡୁ' ପାଳନ କରାଯାଏ । ଏହି ପର୍ବପାଳନ କରିବା ପାଇଁ କିଛି ଦିନ ପୂର୍ବରୁ ଗ୍ରାମସଭା ଡ଼କାଯାଏ ଓ ଶୁଭଦିନ ଦେଖି ପର୍ବପାଳନ କରିବା ପାଇଁ ଦିନ ସ୍ଥିର କରାଯାଏ।

ନିର୍ଦ୍ଦିଷ୍ଟ ଦିନ ସକାଳୁ ସମସ୍ତେ ସମସ୍ତ ପ୍ରକାର ବିହନ ଆଣି ଗାଁ ମୁଖିଆ ତଥା ଜାନିକୁ ଦିଅନ୍ତି । ଜାନି ସବୁ ବିହନକୁ ନେଇ ଝାକିରି ଠାକୁରାଣୀଙ୍କଠାରେ ଗାତଖୋଳି ପୋତି ଦିଏ ଏବଂ ପରେ ବାହାର କରି ଆଣେ । ଏହି ବିହନକୁ ନେଇ ପ୍ରଥମେ ଜମିରେ ବୁଣିବା ପରେ ଅନ୍ୟ ବିହନ ବୁଣି ଯାଏ । ଏହି ପର୍ବପାଳନ ନ କରିବା ପୂର୍ବରୁ କୌଣସି ପ୍ରକାର ବିହନ କରି ବୁଣିପାରନ୍ତି ନାହିଁ ।

ପ୍ରଥମ ବର୍ଷ ଜମିରେ କାନ୍ଦୁଲ ଏବଂ ଦ୍ୱିତୀୟ ଓ ତୃତୀୟ ବର୍ଷ ଜମିରେ ଅନ୍ୟ ସମସ୍ତ ପ୍ରକାର ବିହନ ବୁଣାଯାଇପାରେ । ସଫା କରାଯାଇଥିବା ଜମିରେ ସିଧାସଳଖ ବିହନ ବୁଣାଯାଇଥାଏ ଏବଂ ଏହା ପରେ 'ବୋରିଗି' ସାହାଯ୍ୟରେ ମାଟିକୁ ରାମ୍ପୁଡ଼ି ରାମ୍ପୁଡ଼ି (ଥୁବତାଗୁ) ଶସ୍ୟକୁ ମାଟିଭିତରେ ଲୁଚାଇ ଦିଆଯାଏ । ଏହି ସମୟରେ ମଧ୍ୟ ବାଦଲି ସହଯୋଗୀ ଶ୍ରମ ବିଭାଜନ ଦ୍ୱାରା ବୁଣିବା କାର୍ଯ୍ୟ ଶେଷ କରାଯାଏ ।

ବିହନ ବୁଣିବାର ପ୍ରାୟ ୧-୨ ମାସ ପରେ ଚାରାଗଛ ସାମାନ୍ୟ ବଢ଼ିଯାଇଥାଏ । କେତେକ କଟା ଯାଇଥିବା ଗଛ ପୁଣିଥରେ କଅଁଳିଥାଏ । ଘାସ ଗଛ ମଧ୍ୟ କିଆରି ମଧ୍ୟରେ ବଢ଼ି ଯାଇଥାଏ । ତେଣୁ ଘାସ ବଛା (ଗାଡ୍ଡିତି ଏଡ଼ମ) କାର୍ଯ୍ୟ କରାଯାଏ । ପ୍ରଥମେ ଗଛ ମୂଳ ଖୁଣ୍ଟିରୁ ବଢ଼ିଥିବା ଡ଼ାଳ ଗୁଡ଼ିକୁ କାଟି (ତୁପାତି ସିନାତ୍ତୁ) ଦିଆଯାଏ । ଏହାପରେ "ବୋରିଗି" ଦ୍ୱାରା ଘାସ ବଛା ଯାଇଥାଏ ।

ଇତି ମଧ୍ୟରେ ଅକ୍ଟୋବର ମାସ ପହଞ୍ଚି ଯାଇଥାଏ । ସେତେବେଳେ ଶସ୍ୟ ପାଚିବା ଆରମ୍ଭ କରିଥାଏ । ତେଣୁ ତାହାକୁ ବନ୍ୟଜନ୍ତୁ ତଥା ଅନ୍ୟାନ୍ୟ ପଶୁପକ୍ଷୀଙ୍କଠାରୁ ରକ୍ଷା କରିବା ପାଇଁ ଜଗିବାକୁ ପଡ଼ିଥାଏ । ଏଥିନିମନ୍ତେ ପ୍ରଥମେ ଗୋଟିଏ ମଞ୍ଚା (ଆରପା) ପ୍ରସ୍ତୁତ କରାଯାଇଥାଏ, ଗଛ ଉପରେ କିମ୍ବା କାଠରେ ଉଚା କରି ମଞ୍ଚା ତିଆରି କରାଯାଏ । ପ୍ରାୟ ଦିନରାତି ଜଗିବାକୁ ପଡ଼ିଥାଏ । ମୁଖ୍ୟତଃ ପୁରୁଷ ଲୋକମାନେ ଶସ୍ୟ ଜଗିଥାଆନ୍ତି । ପଶୁପକ୍ଷୀଙ୍କୁ ଘଉଡ଼ାଇବା ପାଇଁ ବାଦ୍ୟ ବଜାଇଥାନ୍ତି ଓ ଶିକାର କରିବା ପାଇଁ ବନ୍ଧୁକ, ତୀର ଆଦି ଅସ୍ତ୍ରଶସ୍ତ୍ର ପାଖରେ ରଖିଥାଆନ୍ତି ।

କାନ୍ଦୁଲ ବ୍ୟତୀତ ଅନ୍ୟ ସମସ୍ତ ଶସ୍ୟ ନଭେମ୍ବର ଆରମ୍ଭରୁ ପାଚିବା ଆରମ୍ଭ କରିଦିଏ । ଫଳତଃ ନଭେମ୍ବର - ଡ଼ିସେମ୍ବର ଠାରୁ ଶସ୍ୟ କାଟିବା ଆରମ୍ଭ କରାଯାଏ । ଶସ୍ୟକୁ କାଟିବା ପୂର୍ବରୁ ଖଳା (କାଲସ୍ସୁ) ପ୍ରସ୍ତୁତି କରାଯାଏ । ପ୍ରଥମେ ଘାସ ଚାଞ୍ଛି ପରେ ଗୋବର ମାଟି ଦ୍ୱାରା ଲିପିପୋଛି ସ୍ଥାନଟିକୁ ପରିଷ୍କାର କରାଯାଇଥାଏ । ଶସ୍ୟ କାଟି ବୋହିଆଣି ଏହି ଖଳାରେ ଜମା କରି ରଖାଯାଏ । ଡ଼ିସେମ୍ବର ସୁଦ୍ଧା ପ୍ରାୟ ଶସ୍ୟ କାଟିବା କାର୍ଯ୍ୟ ସରିଯାଇଥାଏ ।

ଏହାପରେ ଶସ୍ୟକୁ ବେଙ୍ଗଲା (ନୁରୁସ୍ତାରୁ) ପକାଯାଇ ଗୋରୁମଡ଼ାଇ ଅମଳ କରାଯାଏ । ଶସ୍ୟକୁ ବେଙ୍ଗଲା ପକାଇ ସାରିବା ପରେ କୁଟାକୁ ଝାଡ଼ି ଅଲଗା କରି କାଣ୍ଡି କରି ଦିଆଯାଏ ଏବଂ ପରେ ଶସ୍ୟକୁ ଚାରା ପକାଇ ଧାନକୁ ସଫା କରାଯାଇଥାଏ ।

ଧାନକୁ ପବନରେ ଉଡ଼ାଇ ଚାରା ପକାଇ ସଫା କରିବାକୁ ଗାଇଗି "ଏଗରାତ" କୁହାଯାଏ । ତା'ପରେ ଖଳାରେ ଏକ ପୂଜାନୁଷ୍ଠାନକରି ଫସଲ ଘରକୁ ନିଆଯାଏ । ଏହି ପୂଜାକୁ "ରାସିପୂଜା" କୁହାଯାଏ । ଏଥିରେ ନଡ଼ିଆ, କଦଳୀ ପୂଜା କରିବା ସହିତ କୁକୁଡ଼ା, ଛେଳି ଇତ୍ୟାଦି ବଳିଦେଇ କୋଣ୍ଡା ଦେବତାମାନଙ୍କୁ ସନ୍ତୁଷ୍ଟ କରାଯାଇଥାଏ । ପରେ ସେହି ମାଂସକୁ ରାନ୍ଧି ଭୋଜି କରାଯାଇଥାଏ । ଶସ୍ୟକୁ ମାପି ଘରକୁ ଅଣାଯାଇ ସଂରକ୍ଷଣ କରାଯାଇଥାଏ ।

ଶସ୍ୟକୁ ଖରାରେ ଶୁଖାଇ ବାଉଁଶ ନିର୍ମିତ ଡ଼ୋଲି ଇତ୍ୟାଦିରେ ସଂରକ୍ଷଣ କରି ରଖାଯାଇଥାଏ । ସିଆଡ଼ି ପତ୍ର କିମ୍ବା ସର୍ଗି ପତ୍ରରେ ଡ଼ୋଲିମଧ ତିଆରି କରି ଜାତପୁମାନେ ଶସ୍ୟ ସଂରକ୍ଷଣ କରନ୍ତି । ଉତ୍ପାଦିତ ଫସଲକୁ ସେମାନେ ଖାଦ୍ୟ ରୂପେ ବ୍ୟବହାର କରନ୍ତି । ଏମାନେ ଫସଲ ବିକ୍ରୟ ପ୍ରାୟ କରିନଥାନ୍ତି । କିଛି ଅଂଶରେ ସେମାନେ ମଦ ତିଆରି କରନ୍ତି । ପର୍ବପର୍ବାଣୀରେ ପିଠା ଓ ଅନ୍ୟାନ୍ୟ ସୁଖାଦ୍ୟ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରିଥାନ୍ତି । କାନ୍ଦୁଲ ଜାତୀୟ ଫସଲରୁ କିଛି ବଜାରରେ ବିକ୍ରି କରି ତେଲଲୁଣ ସଉଦା ଆଦି ପାଇଁ ଅର୍ଥଯୋଗାଡ଼ କରନ୍ତି ।

**ଜମି / ଭୂମି :**

ଜମି ଜାତାପୁମାନଙ୍କର ଅତିପ୍ରିୟ ସ୍ଥାବର ସଂପତ୍ତି । ଏହାକୁ ପାଇବା ପାଇଁ ସମସ୍ତେ ଆପ୍ରାଣ ଚେଷ୍ଟା କରିଥାନ୍ତି । ଜମିର ଅବସ୍ଥିତି ଓ ସେଥିରେ ଉତ୍ପାଦନ କରାଯାଇଥିବା ଅମଳ ଅନୁସାରେ ଜମିକୁ ନିମ୍ନ ମତେ ବିଭାଗୀକରଣ କରାଯାଇପାରେ; ଯଥା :

ବର୍ଷସାରା ଯେଉଁ ଜମିରେ ପାଣି ଜମି ରହୁଥାଏ, ତାକୁ ପାଣି ଜମିବା "ପଲମ" କହନ୍ତି । ଏଥିରେ ମୁଖ୍ୟତଃ ଧାନ (ଧାଇନେମ୍ବୁ) ଚାଷ କରାଯାଏ । ଧାନ ଫସଲ କାଟି ସାରିବା ପରେ ଓଦା ଜମିରେ ବିରି (ମିଡୁମୋଲୁ), ମୁଗ (ପେସାରଲଉ) କୋଳଥ (ଉଲୁୱାଲୁ) ଇତ୍ୟାଦି ରବି ଫସଲ ଚାଷ କରାଯାଇଥାଏ ।

ଗୁଡ୍ଡି ମଧ ପଲମ୍ ପରି ମୂଲ୍ୟବାନ । ଏହାର ଆକାର ବଡ଼ । ଏଥିରେ ପାଣି ଜମି ରହେ ନାହିଁ । ଏହା କେବଳ ବର୍ଷା ଜଳ ଉପରେ ନିର୍ଭର କରିଥାଏ । ଏହି ଜମିରେ ଉତ୍ପନ୍ନ କରାଯାଇଥିବା ଫସଲ ହେଉଛି : କପା (ପାତ୍ତି), ଧୂଆଁପତ୍ର (ପଗାକୁ), ବିରି (ମିଡୁମୁଲୁ), ରାଶି (ନୁଉଲୁ), ମାଣ୍ଡିଆ (ସୋଲୁ), ସୁଆଁ (ସା'ମାଲୁ), ଝୁଡ଼ଙ୍ଗ (ଜୁଡୁମୁଲୁ), ବାଇଗଣ (ଓଁକାୟ), ଟମାଟୋ (ଟମାଟୋ), କାନ୍ଦୁଲ (କାନ୍ଦୁଲୁ), କନ୍ଦମୂଳ (କାନ୍ଦମୁଲୁମ୍) ।

ଏହି ଜମିଗୁଡ଼ିକ ଗୁଡ଼ି ଅପେକ୍ଷା କମ୍ ଉର୍ବର । ଉପରେ ବର୍ଣ୍ଣିତ ଦୁଇପ୍ରକାର ଜମିପରି ଏହି ଜମିଗୁଡ଼ିକ ମଧ୍ୟ ବ୍ୟକ୍ତିଗତଭାବେ ସବୁଦିନ ପାଇଁ ଅଧିକାର କରାଯାଇଥାଏ । ଏହି ଜମିରେ କାନ୍ଦୁଲ, ଜହ୍ନି, ଝୁଡ଼ଙ୍ଗ, ଖମ୍ବଆଳୁ, କନ୍ଦମୂଳ ଇତ୍ୟାଦି କରାଯାଇଥାଏ ।

ଏହି ଜମିଗୁଡ଼ିକ ପାହାଡ଼ ଢ଼ାଲୁରେ କିମ୍ବା ପାହାଡ଼ ଶୀର୍ଷରେ ରହିଥାଏ । ଏହାର ମାଟି ଖୁବ୍ ଅନୁର୍ବର । ଏଣୁ ଏଥିରୁ ଉତ୍ପାଦନ ତଥା ଆୟ କମ ମିଳେ ।

ଏହା ଗୃହ ସଂଲଗ୍ନ ହୋଇପାରେ କିମ୍ବା ଘରର ନିକଟବର୍ତ୍ତୀ ହୋଇଥାଏ । ଏହି ଜମିଗୁଡ଼ିକ ଖୁବ୍ ଉନ୍ନତ ଧରଣର । ଏଥିରେ ବିଭିନ୍ନ ପ୍ରକାର ଜୈବିକ ସାର ଆଦି ପ୍ରୟୋଗ କରି ଜାତାପୁମାନେ ମୃତ୍ତିକାର ଉର୍ବରତା ବଢ଼ାଇଥାନ୍ତି । ଏବଂ ଟମାଟୋ, ଝଟା, ବିନସ୍, ଝୁଡ଼ଙ୍ଗ, କଲରା, ପୋଟଳ ଇତ୍ୟାଦି ପନିପରିବା ଚାଷ କରନ୍ତି । ଏଠାରେ ପିଜୁଳି (ଜାମିକାୟା), ଆମ୍ବ (ମାଉଡ଼ିକାୟା) ଓ ନଡ଼ିଆ (କବର କାୟା) ଇତ୍ୟାଦି ଗଛ ମଧ୍ୟ ଲଗାଯାଇଥାଏ ।

ଏମାନେ ବାଡ଼ିବଗିଚାରେ ଅଳ୍ପ କେତୋଟି ଫଳଗଛ ଲଗାଇଥାଆନ୍ତି କିନ୍ତୁ ସ୍ୱତନ୍ତ୍ର ଭାବେ ଫଳ ବଗିଚା କରି ଫଳଚାଷ କରିନଥାନ୍ତି ।

**ଶ୍ରମ ବିଭାଜନ :**

ସବୁ ସମାଜ ପରି ମଧ୍ୟ ଜାତାପୁମାନଙ୍କ ଶ୍ରମ ବିଭାଜନ ରହିଛି । ପୁରୁଷଲୋକଙ୍କର ମୁଖ୍ୟ କାମ ଚାଷ କରିବା ଏବଂ ସ୍ତ୍ରୀଲୋକଙ୍କର ମୁଖ୍ୟ ଦାୟିତ୍ୱ ଗୃହର ଉତ୍ତମ ପରିଚାଳନା । କିନ୍ତୁ ସ୍ତ୍ରୀ ଲୋକମାନେ ମଧ୍ୟ ପ୍ରାୟ ସବୁ ସମୟରେ ପୁରୁଷମାନଙ୍କ ସହ କୃଷି କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି । ଗୃହ ମୁଖିଆ ଓ ଅନ୍ୟାନ୍ୟ ପୁରୁଷ ବ୍ୟକ୍ତିମାନେ ବିଭିନ୍ନ ପ୍ରକାର ଚାଷ କରିବା, ଗୃହନିର୍ମାଣ କରିବା, ଜଙ୍ଗଲରୁ ଖାଦ୍ୟ ସଂଗ୍ରହ କରିବା, ଶିକାର, ଗୋପାଳନ, ବ୍ୟବସାୟ ବାଣିଜ୍ୟ ଓ ଦ୍ରବ୍ୟକ୍ରୟ ବିକ୍ରୟ ଆଦି କାର୍ଯ୍ୟମାନ କରିଥାନ୍ତି । ମହିଳାମାନେ ଘରର ଦୈନନ୍ଦିନ କାର୍ଯ୍ୟ କରିବା, ଜଙ୍ଗଲରୁ ଜାଳେଣି କାଠ, ପତ୍ର, କନ୍ଦା, ଶାଗ ଇତ୍ୟାଦି ସଂଗ୍ରହ କରିବା, ପୁରୁଷଲୋକମାନଙ୍କୁ ବିଭିନ୍ନ ପ୍ରକାର ଚାଷକାର୍ଯ୍ୟରେ ସାହାଯ୍ୟ କରିବା, ଛୁଆପିଲାଙ୍କର ଲାଳନପାଳନ ଯଥା ସମାଜିକରଣ କରିବା, ଆବଶ୍ୟକ ସମୟରେ ହାଟବଜାରକୁ ଯାଇ ସଉଦା ଓ ପନିପରିବା କିଣିଆଣିବା, ସଂଗୃହୀତ ଜଙ୍ଗଲ ଜାତ ଦ୍ରବ୍ୟକୁ ବିକ୍ରୟ କରିବା ଇତ୍ୟାଦି କାର୍ଯ୍ୟ କରିଥାନ୍ତି । ସେହିପରି ଛୋଟଛୁଆମାନେ ପାଠପଢ଼ିବା, ଖେଳକୁଦରେ ମାତି ରହିବା, ଜଙ୍ଗଲବୁଲି ଫଳମୂଳ ଇତ୍ୟାଦି ସଂଗ୍ରହ କରିବା, ଗୃହପାଳିତ ପଶୁ ଚରାଇବା ଶସ୍ୟକ୍ଷେତ୍ର ଜଗିବା ଓ ପିତାମାତାଙ୍କର ଆଦେଶ ପାଳନ କରିବା, ସାନ ଭାଇଭଉଣୀମାନଙ୍କୁ ଖେଳାଇ ବୁଲାଇ ଯତ୍ନ ନେବା ଆଦି କାର୍ଯ୍ୟମାନ କରିଥାଆନ୍ତି ।

ଶ୍ରମ /ଶକ୍ତିକୁ ବ୍ୟକ୍ତିଗତ ଶ୍ରମ, ପାରିବାରିକ ଶ୍ରମ, ଗ୍ରାମ୍ୟ ଶ୍ରମଶକ୍ତି, ମୁବାଘର ଭିତ୍ତିକ ଶ୍ରମ, ବଂଶଭିତ୍ତିକ ଶ୍ରମ, ଭଡ଼ାଟିଆ ଶ୍ରମ ଇତ୍ୟାଦି ଭାବରେ ବିଭକ୍ତ କରାଯାଇପାରେ ।

କେବଳ ଜଣେ ମାତ୍ର ବ୍ୟକ୍ତି ନିଜର ଶ୍ରମ ବିନିଯୋଗ କରି ଯେଉଁ କାର୍ଯ୍ୟ କରିଥାଆନ୍ତି ତାକୁ ବ୍ୟକ୍ତିଗତ ଶ୍ରମ କୁହାଯାଇପାରେ । ମାଛ ଧରିବା, ଶିକାର କରିବା, ଇତ୍ୟାଦି ଏହି ଶ୍ରମ ପର୍ଯ୍ୟାୟଭୁକ୍ତ ।

ସମସ୍ତ ଶ୍ରମ ଅପେକ୍ଷା ପାରିବାରିକ ଶ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଏହି ଶ୍ରମ /ଶକ୍ତି ଦ୍ୱାରା ପରିବାରର ସମସ୍ତ ବ୍ୟକ୍ତି ମିଶି କୌଣସି ପ୍ରକାର କଠିନକାର୍ଯ୍ୟକୁ ସୁରୁଖୁରେ ସଂପାଦନ କରିପାରନ୍ତି । ପ୍ରତ୍ୟେକ ସଦସ୍ୟ ଅନ୍ୟର କାମ କରିବାରେ ସାହାଯ୍ୟ କରନ୍ତି ଓ ଆବଶ୍ୟକ ସ୍ଥଳେ ଜଣଙ୍କର କାର୍ଯ୍ୟ ଆଉଜଣେ କରିଦେଇ ପାରନ୍ତି । ଏହି ଶ୍ରମକୁ ମୁଖ୍ୟତଃ କୃଷି କାର୍ଯ୍ୟରେ ବ୍ୟବହାର କରାଯାଏ । ଏହାବ୍ୟତୀତ ଦୈନନ୍ଦିନ ଜୀବନର ବିଭିନ୍ନ ଘରୋଇ କାର୍ଯ୍ୟ କରିବା ପାଇଁ ଏହି ଶ୍ରମ ଶକ୍ତିକୁ ବ୍ୟବହାର କରାଯାଇଥାଏ ।

ଏହାକୁ ଅନ୍ୟ ଭାଷାରେ କହିଲେ ଗୋଷ୍ଠୀ /ସାମୁହିକ ଶ୍ରମଶକ୍ତି କୁହାଯାଇ ପାରେ । ଏକତ୍ର ହୋଇ ଶିକାର କରିବା, ଗାଁର ରାସ୍ତା ତିଆରି କରିବା, ଗାଁର ସାମୁହିକ ପର୍ବପର୍ବାଣୀ ପାଳନ କରିବା, ସହଯୋଗୀ ଶ୍ରମଦ୍ୱାରା ସମସ୍ତଙ୍କର କାର୍ଯ୍ୟ ଶେଷ କରିବା ଆଦି ଏହି ଶ୍ରମଶକ୍ତିର ଅନ୍ତର୍ଗତ । ବିବାହ ଏବଂ ଶୁଦ୍ଧିକ୍ରିୟା ଇତ୍ୟାଦିରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଜାତାପୁ ସମାଜରେ ଯୁବଶୟନାଗାର ନଥାଏ । କିନ୍ତୁ ଗାଁର ଯୁବକମାନେ ଏକତ୍ର ହୋଇ କିମ୍ବା ଯୁବତୀମାନେ ଏକତ୍ର ହୋଇ କେତେକ କାର୍ଯ୍ୟକରିଥା'ନ୍ତି । ବିଭିନ୍ନ ପର୍ବପର୍ବାଣୀର ସମସ୍ତ ଦାୟୀତ୍ୱ ବହନ କରିବା ଓ ପରିଚାଳନା କରିବା, ଗାଁରେ ସାଂସ୍କୃତି ବା ମନୋରଞ୍ଜନ କାର୍ଯ୍ୟର ଆୟୋଜନ କରିବା, କୌଣସି ବ୍ୟକ୍ତିକୁ ମିଳିତ ଭାବେ ସାହାଯ୍ୟ ଇତ୍ୟାଦି କରିବା ପାଇଁ ଯୁବକମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାଆନ୍ତି । ସେହିପରି ପୁଅଝିଅମାନେ କୌଣସି ବ୍ୟକ୍ତିର ବାହାଘର, ଶୁଦ୍ଧିକ୍ରିୟା ଇତ୍ୟାଦିରେ ସହଯୋଗ କରିଥାନ୍ତି । ନନ୍ଦିଆମା ପୂଜାବେଳେ ବାଳିକାମାନେ ଓ ମହିଳାମାନେ ସ୍ୱତନ୍ତ୍ର ଭାବରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଆନ୍ତି ।

କେତେକ ଧର୍ମୀୟ କାର୍ଯ୍ୟକଳାପ ବଂଶଭିତ୍ତିକ ସ୍ତରରେ ସଂପନ୍ନ କରାଯାଏ । ମକର ସଂକ୍ରାନ୍ତି, ବାର୍ଷିକ ଶ୍ରାଦ୍ଧୋତ୍ସବ, ବିବାହ, କନ୍ୟାର ପ୍ରଥମ ପୁଷ୍ପବତୀ ଓ ଶୁଦ୍ଧିକ୍ରିୟା ଇତ୍ୟାଦିରେ ଆବଶ୍ୟକ ଶ୍ରମମୁଖ୍ୟତଃ ବଂଶର ଲୋକମାନେ ଯୋଗାଇ ଦେଇଥାଆନ୍ତି ।

ମୁଖ୍ୟତଃ କୃଷିକ୍ଷେତ୍ରରେ ବିନିଯୋଗ କରିବା ପାଇଁ ଭଡ଼ାଟିଆ ଶ୍ରମର ଆବଶ୍ୟକତା ଅନୁଭୂତ ହୁଏ । ଏତଦ୍‌ବ୍ୟତୀତ ଗୃହ ନିର୍ମାଣ ଓଅନ୍ୟାନ୍ୟ କଠିନ କାର୍ଯ୍ୟ ଇତ୍ୟାଦିରେ ମଧ୍ୟ ଏମାନଙ୍କୁ ବିନିଯୋଗ କରାଯାଇଥାଏ ।

ସାଧାରଣତଃ ଲିଙ୍ଗଭେଦରେ ବିଭିନ୍ନ କାର୍ଯ୍ୟ କରିବା ପାଇଁ କେତେକ ନିଷେଧାଦେଶ ଜାରି କରାଯାଇଥାଏ । ପୁରୁଷ ଲୋକମାନେ କୁଟୁରୀ (ରକାଲି) ସାହାଯ୍ୟରେ ଶସ୍ୟ କିମ୍ବା ଚୂନା କୁଟିବା ଦୋଷାବହ । ମହିଳାମାନେ କାନ୍ଧରେ ଭାର ବୋହିବା, ଲଙ୍ଗଳ ଧରି ଭୂମି କର୍ଷଣ କରିବା, କୁଲା ସାହାଯ୍ୟରେ ଟାରା ପକାଇ ପବନଦ୍ୱାରା ଶସ୍ୟରୁ ଅଗାଡ଼ି ଓ ଗୁଣ୍ଡି ଇତ୍ୟାଦି ବାହାର କରିବା ଦୋଷାବହ ମହିଳାମାନଙ୍କୁ ଗାଁର ପାରମ୍ପରିକ ରାଜନୈତିକ ସ୍ତରରେ କୌଣସି ପ୍ରକାର ପଦବୀରେ ନିଯୁକ୍ତି ଦିଆଯାଏ ନାହିଁ କିମ୍ବା ନ୍ୟାୟ ନିଷ୍ପତ୍ତି ବେଳେ ସେମାନଙ୍କୁ ସଭାକୁ ଡ଼କାଯାଏ ନାହିଁ । କୋକେଇରେ ବାନ୍ଧି ଶବକୁ ଶ୍ମଶାନକୁ ନେବା ବେଳେ ସ୍ତ୍ରୀଲୋକ କୋକେଇକୁ କାନ୍ଧରେ ବୋହିପାରିବେ ନାହିଁ । ସେହିପରି ଛୋଟ ଛୁଆମାନଙ୍କୁ କଠିନ ପରିଶ୍ରମ କରିବାରୁ ବାରଣ କରାଯାଏ ଓ ବୃଦ୍ଧା ଲୋକମାନଙ୍କୁ କଠିନ କାର୍ଯ୍ୟରୁ ବିରତ କରି ବିଶ୍ରାମ ନେବା ପାଇଁ ପରାମର୍ଶ ଦିଆଯାଏ ।

କାର୍ଯ୍ୟ ଅନୁସାରେ ଶ୍ରମିକମାନଙ୍କୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ, ଯଥା : କୃଷି ଶ୍ରମିକ, ଗୃହନିର୍ମାଣ ଶ୍ରମିକ, ରାସ୍ତା ନିର୍ମାଣ ଶ୍ରମିକ, ଗଛଚଢ଼ାଳୀ, ଜମି ପ୍ରସ୍ତୁତକାରୀ, ଜଗୁଆଳ, ଇତ୍ୟାଦି ମୁଖ୍ୟତଃ କଠିନ କାର୍ଯ୍ୟପାଇଁ ଅଧିକ ମଜୁରୀ ଓ ସହଜ କାର୍ଯ୍ୟ ପାଇଁ କମ୍ ମଜୁରୀ ଦିଆଯାଏ । କୃଷି ଶ୍ରମିକ, ଗୃହ ନିର୍ମାଣ ଶ୍ରମିକ, ରାସ୍ତା ନିର୍ମାଣ ଶ୍ରମିକ, ଜମି ପ୍ରସ୍ତୁତକାରୀ ଶ୍ରମିକ ଇତ୍ୟାଦି କଠିନ କାର୍ଯ୍ୟ କରୁଥିବା ପୁରୁଷ ଶ୍ରମିକମାନଙ୍କୁ ଦୈନିକ ୪୦-୫୦ଟଙ୍କା ମଜୁରୀ ଦିଆଯିବାବେଳେ ସେହି କାର୍ଯ୍ୟ ପାଇଁ ମହିଳାମାନଙ୍କୁ ୩୦-୪୦ଟଙ୍କା ଦିଆଯାଇଥାଏ । ସହଜକାର୍ଯ୍ୟ ବା କୃଷିକ୍ଷେତ୍ରରେ କାର୍ଯ୍ୟ ନଥିବା ସମୟରେ ଶ୍ରମିକକୁ ଧାର୍ଯ୍ୟ ମଜୁରୀଠାରୁ କମ୍ ଦିଆଯାଏ ।

ଶ୍ରମ ବିନିମୟକୁ ଜାତାପୁ ଭାଷାରେ ବାଦଲି କୁହାଯାଏ । ଯଦି କୌଣସି ବ୍ୟକ୍ତି କୌଣସି କାର୍ଯ୍ୟ ପାଇଁ ଶ୍ରମ ଆବଶ୍ୟକତା କରୁଥାଏ କିନ୍ତୁ ଶ୍ରମ ପ୍ରତିବଦଳରେ ଅର୍ଥପ୍ରଦାନ କରିବାକୁ ଅକ୍ଷମ ଥାଏ ତେବେ ସେ ବାଦଲି ଶ୍ରମର ସାହାଯ୍ୟ ନିଏ । ଶ୍ରମ ଗ୍ରହଣ କରିଥିବା ବ୍ୟକ୍ତି ଶ୍ରମବିନିମୟରେ ଶ୍ରମ ପ୍ରଦାନ କରିଥାଏ ।

ଏହି ବାଦଲିରେ ଯୋଗଦେବା ପାଇଁ କେତେକ ବ୍ୟକ୍ତି ବା ଗୋଟିଏ ଗାଁର ଲୋକ ଏକାଠି କଥାବାର୍ତ୍ତା ହୋଇଥାନ୍ତି । ଆବଶ୍ୟକତା ଅନୁସାରେ ପାଳିକରି ଜଣଙ୍କ ପରେ

ଜଣଙ୍କର କାର୍ଯ୍ୟ ଶେଷ କରାଯାଇଥାଏ । ଯେତେଜଣ ବ୍ୟକ୍ତି କାର୍ଯ୍ୟ କରିଥାନ୍ତି ଶ୍ରମ ଗ୍ରହିତା ସେତେ ଜଣ ବ୍ୟକ୍ତିଙ୍କର ଆବଶ୍ୟକ ସମୟରେ ସମପରିମାଣରେ ସମୟଦାନ କରି କାର୍ଯ୍ୟ କରିଥାଆନ୍ତି । ଏହି ଶ୍ରମଦାନ ବେଳେ ଯାହାର କାର୍ଯ୍ୟ କରାଯାଇଥାଏ ସେ ଶ୍ରମିକମାନଙ୍କୁ ଖାଦ୍ୟପେୟ ଦେଇପାରେ କିମ୍ବା ନ ଦେଇପାରେ, ଏହା ତା'ର ଇଚ୍ଛା ଓ ଆର୍ଥିକ ପରିସ୍ଥିତି ଉପରେ ନିର୍ଭର କରିଥାଏ । ଜଣେ ଖାଦ୍ୟପେୟ ନ ଦେଲାବୋଲି ସମସ୍ତେ ସେପରି କରିବେ ସେପରି କିଛି ଧରାବନ୍ଧା ନିୟମ ନଥାଏ । ଗ୍ରହୀତା ଶକ୍ତି ଅନୁସାରେ ବଦଳିଆ ଶ୍ରମିକମାନଙ୍କୁ ଖାଦ୍ୟପେୟରେ ଆପ୍ୟାୟିତ କରି କାର୍ଯ୍ୟ କରାଇଥାଆନ୍ତି । କେତେକ କୃଷି କାର୍ଯ୍ୟ ଯଥା : ପୋଡୁଜମିରୁ ବଡ଼ ବଡ଼ ବୃକ୍ଷ କାଟି ସଫାକରିବା, ବିହନ ବୁଣି ଫାଉଡ଼ା ସାହାଯ୍ୟରେ ମାଟି ରାମ୍ପିରାମ୍ପି ମଞ୍ଜିକୁ ଲୁଚାଇବା, ଘରଛପର କରିବା, ଗୃହ ପାଳିତ ପଶୁଙ୍କୁ ଚରାଇବା ଓ ଅନ୍ୟାନ୍ୟ କୃଷି କାର୍ଯ୍ୟ ବେଳେ ଏହି ବାଦଲି ଶ୍ରମର ସାହାଯ୍ୟ ନିଆଯାଇଥାଏ ।

ଉପର ବର୍ଣ୍ଣିତ ସମସ୍ତ ପ୍ରକାର ଶ୍ରମବ୍ୟତୀତ କେତେକ ମୁକ୍ତ ଶ୍ରମ ମଧ୍ୟ ଜାତପୁ ସମାଜରେ ପ୍ରଚଳିତ ଯଥା : ବିବାହ ସମୟରେ ସାହାଯ୍ୟ କରିବା, ଛୁତିକିଆ, ମୃତିକିଆ, ପ୍ରଥମ ପୁଷ୍ପବତୀ ଆଜି ଭୋଜି ଭାତ ପ୍ରସ୍ତୁତ କରିବା, ବଣ୍ଟନ କରିବା ଇତ୍ୟାଦି କ୍ଷେତ୍ରରେ ମୁକ୍ତଶ୍ରମ ଦାନ କରାଯାଇଥାଏ । ସେହିପରି କୌଣସି ନିଃସହାୟ ଲୋକଙ୍କୁ ସାହାଯ୍ୟ କରିବା, ବିପତ୍ତିରେ ପଡ଼ିଥିବା କୌଣସି ଲୋକଙ୍କୁ ରକ୍ଷା କରିବା, ଯଥା : ଘରପୋଡ଼ି, ବାଘ, ସାପ ଇତ୍ୟାଦି କାମୁଡ଼ିଥିବା ଲୋକଙ୍କୁ ମେଡ଼ିକାଲ ନେବା କାର୍ଯ୍ୟ ବିନା ପାରିଶ୍ରମିକରେ କରାଯାଇଥାଏ ।

## ବସ୍ତୁ (ଉପକରଣ)ସଂସ୍କୃତି :

ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ବିବିଧ ଆବଶ୍ୟକ ଦ୍ରବ୍ୟ ସବୁ ଜାତାପୁମାନେ ନିଜେ ତିଆରି କରିଥାନ୍ତି ଏବଂ ଅନ୍ୟ କେତେକ ଗୋଷ୍ଠୀର ଲୋକଙ୍କଠାରୁ କ୍ରୟ କରି ବ୍ୟବହାର କରିଥାଆନ୍ତି । ଏହି ଦ୍ରବ୍ୟମାନ ତିଆରି କରିବା ବେଳେ ସେମାନଙ୍କର ଜ୍ଞାନ କୌଶଳ, ଦକ୍ଷତା, ବୁଦ୍ଧି, ବିବେକ, ରଚି ଇତ୍ୟାଦି ପ୍ରୟୋଗ କରି ଆବଶ୍ୟକତାକୁ ମଧ୍ୟ ଦୃଷ୍ଟିରେ ରଖିଥାନ୍ତି । ସେହିପରି କେତେକ ପଡ଼ୋଶୀ ଗୋଷ୍ଠୀର ମଧ୍ୟ ଜାତାପୁମାନେ ବ୍ୟବହାର କରୁଥିବା ଅନେକ ଜିନିଷ ତିଆରି କରି ଏମାନଙ୍କୁ ବିକ୍ରି କରିଥାଆନ୍ତି । ଆବଶ୍ୟକ ସ୍ଥଳେ ଜାତାପୁମାନେ ବାହାରୁ କେତେକ ଜିନିଷ କିଣି ତାକୁ ଆକର୍ଷଣୀୟ କରିବା ପାଇଁ ପୁନଃନିର୍ମାଣ କିମ୍ବା ସଜାଟ କରିଥାଆନ୍ତି । ଏମାନେ ମୂଳୀ (ମୂଲୁତୁ) ଠାରୁ

ବାଉଁଶ ନିର୍ମିତ ଦ୍ରବ୍ୟ, କୁମ୍ଭାରଠାରୁ ମାଟି ଦ୍ରବ୍ୟ, ସୁନାରୀଠାରୁ ଅଳଙ୍କାର, କମାରଠାରୁ ଲୁହା ଜିନିଷ ସଂଗ୍ରହ କରିଥାଆନ୍ତି । ଏହା ବ୍ୟତୀତ ସେମାନେ ନିଜେ କାଠ ନିର୍ମିତ କୃଷି ଉପକରଣ ତିଆରି କରିଥାନ୍ତି ।

ସେମାନେ ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ବିଭିନ୍ନ ପ୍ରକାର ଦ୍ରବ୍ୟ ଆବଶ୍ୟକ କରିଥାଆନ୍ତି । ସେଥି ମଧ୍ୟରୁ ଶିକାର ଓ କୃଷିଉପକରଣ, ଗୃହୋପକରଣ, ମାଛ ଧରିବା ଉପକରଣ, ବାଉଁଶ ନିର୍ମିତ ଦ୍ରବ୍ୟ, ବସ୍ତ୍ର ଓ ଅଳଙ୍କାର, ବାଦ୍ୟଯନ୍ତ୍ର, ବ୍ୟକ୍ତିଗତ ଆସବାବ ପତ୍ର, ସଂକଳିତ ଦ୍ରବ୍ୟ ଇତ୍ୟାଦି ପ୍ରଧାନ । ଏ ସମସ୍ତ କାର୍ଯ୍ୟ ପାଇଁ ଜାତପୁମାନେ ବ୍ୟବହାର କରୁଥିବା ବିଭିନ୍ନ ଉପକରଣଗୁଡ଼ିକର ଏକ ତାଲିକା ନିମ୍ନରେ ଦିଆଯାଇଛି ।

ଶିକାର ଉପକରଣ : ଇଣ୍ଡିବାଦା(ଧନୁ), ସିଲ୍‌କଅଲା(ତୀର), ଟୁବୁ (ବିଟା/ତୀର), ବୁଚୁ (ତ୍ରିଶୂଳତୀର), ବାଲ୍ୟମ୍(ବର୍ଚ୍ଛା), ତେଣ୍ଡାଗାରା(ତେଣ୍ଡା), ଟାଙ୍ଗି(ଫାର୍ଶା), ସୁରୁକାଗି(ଛୁରୀ), ସେକାଗି(କାତି/କଟୁରୀ), କାଣ୍ଡାକାଗି(ଖଣ୍ଡା), ଗଡ଼ାଲି(ଟାଙ୍ଗିଆ), ତୁପାଇକି(ବନ୍ଧୁକ), ଦୁଡୁତ(ଠେଙ୍ଗା) ଇତ୍ୟାଦି ।

ଉରି (କୁଟୁରା ଫାଶ), ମିଟା (ଚଢ଼େଇ ଫାଶ), ମିଟା (ବାଘ ଜନ୍ତା), ଗୋଇ ବାରହା ଓ ହାତୀ ଶିକାର ପାଇଁ ବ୍ୟବହୃତ କୂପ ପରି ଯନ୍ତା ଓ ବାଗିଡ଼େ (ବନ୍ୟଜନ୍ତୁ ଯନ୍ତା) ।

ଏତେଲୁ (ମୁଣ୍ଡଳି ଜାଲ), ଦମତେରା (ମଶାରୀ ଜାଲ), ଗିଡ଼ିକିଏ (ଗୋଲେଇ ଜଲ/ଗୀରା), କାଣପା ସେକା(ଉଞ୍ଚ), ବନ୍ତ (ଖଇଞ୍ଜି), ସାଲା (ବାଉଁଶକାଠି ବନ୍ତ), ଓ୍ୱାଲ୍ଲା (ଫିଙ୍ଗାଜାଲ), ତିରିରି (ଖଳେଇ) ଇତ୍ୟାଦି ।

କୃଷି ଉପକରଣ : ନାଙ୍ଗାଲି (ଲଙ୍ଗଳ), ପୁଦୁ (ଜୁଆଳି), ଇଟିଗାରା (ଇଷ), ନଲା (ମଇ), ପାରଓ୍ୱା (କୋଡ଼ି), ବୋରିଗି (ରାମ୍ଫୁଣୀ), କାଙ୍କା(କାଙ୍କ), ମଥକୁ (ଦଉଡ଼ି / ଯୋତ) ଇତ୍ୟାଦି ।

ମାଆନି (ଝୁଡ଼ି), ମାନେଲୁ (ମାନିଆ), ଗୁଲ୍ଲାଲୁ(ଟୋକେଇ), ମୁଚିକିଲୁ ( ସାନ ଟୋକେଇ), ବୁଛାଲ (କୁଞ୍ଚା ଟୋକେଇ), ପେଛି (ପେଡ଼ି), ଗାଲିତାଡ଼ାକା(ତାଟି), ତାଡ଼କା (ବାଉଁଶ ନିର୍ମିତ ତାଟି), ଡ଼ିବ୍ବା (ଡ଼ୋଲି), ସୁଲା / ସ'ଲା (ଛୋଟ ମାଣ), ବୁଡ଼ା / ତାଓ୍ୱା (ମାଣ, ୫୦୦ ଗ୍ରାମ), ଆଡ଼ା (ମାଣ, ୧କି.ଗ୍ରା.), ତୂମୁ / କୁଞ୍ଚମ୍ (ଗୌଣ / ପୁଡ଼ି, ୩ କି.ଗ୍ରା.), ପୁଟି (ପୁଟି, ୨୦ ଗୌଣ), ଡ଼ୋଲି (ଡ଼ୋଲି, ୧୫ଗୌଣ) ଇତ୍ୟାଦି ।

ଗୃହୋପକରଣ : କୁଣ୍ଡା (ହାଣ୍ଡି), କାଲାଇ (କଡେଇ), ଗିନା /ଗିନି (କଂସା /ବେଲା), କୋରାଗିନା (ଗିନା / ତାଟିଆ), ପାଲ୍ୟମ୍ (ଥାଳୀ), ଗ୍ଲାସୁ (ଗ୍ଲାସ), ଗାଣ୍ଡିଲୁ (ଚଟୁ), ଆଟଲାକାଗ୍ରା (ପିଠାଖଡ଼ିକା), ଗାରେକୁଣ୍ଡା (ଗରା), ଚେମ୍ବୁ /ମୁନ୍ତା (ଢ଼ାଳ), ପ୍ଲେଟ (ଥାଳୀଆ), ଆଟଲରେକା(ତାଓ୍ୱା),ର'କାଲି (ପାହୁରୁଣୀ), ରୋଲୁ(କୁଟୁଣୀ), ଚ଼କି (ତିରିଗାଲି), ବୁଡ଼ି (ବଡ଼ୀ/ଡ଼ିବିରି), ଜିବରେକୁ(ଘୋଡ଼ଣୀ), ତିପାକାରା / କାଓ୍ୱାମ୍ (ତାଲିଘଣ୍ଟା,ପୁରୁଣୀ), ମାଞ୍ଚମ (ଦଉଡ଼ିଆ ଖଟ), ଆଦ୍ଦାମ (ଆଇନା), ପାଇନି, ଦୁନି (ପାନିଆ), ପେଛି / ସାଜା ପେଛି (ବାକ୍ସ), କାତ୍ତି ପୀଟା / ପନକାତି(ପନିକି), ସେବା(ବାଲଟି), ସିପୁର(ଛାଞ୍ଚୁଣୀ), ପୀଟା(ପିଢା), ଗିସ୍‌କୁନ୍ନାକାତ୍ତି (କ୍ଷୁର), ଜାଲିଡି (ଚଲା /ଛଲୁଣୀ), ସାପା (ସପ /ପଟିଆ), ଆପଡାଲୁ ପିଟା (ବେଲଣା ପିଢ଼ା), ଆପଡ଼ାଲୁକାରା (ବେଲଣା ବାଡ଼ି), ସିପାଲୁ /ଚ଼ିପ୍ପାଲୁ (ମାଟି ବେଲା), ଗିନା ସିପାଲୁ / ଚ଼ିପ୍ପାଲୁ (ମାଟିର ଗିନା)ଇତ୍ୟାଦି ।

ପରିଧାନ : ଟୀରା(ଶାଢ଼ୀ), ଜେକାଟୁ (ବ୍ଲାଉଜ), ଲାଙ୍ଗାଓ୍ୱାଣୀ (ସାୟା, ଚୁନି), ମକଟ ପାଞ୍ଚି (ଧୋତି), ଲୁଙ୍ଗି (ଲୁଙ୍ଗି), ତୁଲିଆ (ତଉଲିଆ), ଗାମୁଛ(ଗାମୁଛା), ବା'ଡ଼ି (ଗଞ୍ଜି), ପେଦ ବାଡ଼ି (ପୁରାଗଞ୍ଜି), ସେରାଇ ଲାଇଚି (ସାଲଓ୍ୱାରାପଞ୍ଜାବୀ), ବୁସ୍‌କୁଟ୍ (ସାର୍ଟ), ପେଣ୍ଟୁ (ପ୍ୟାଣ୍ଟ), ଉଙ୍ଗରମ୍ (ମୁଦି), ଗୋଲସୁ (ହାର /ଚେନ୍), ତାମେଟଲୁ (କାନଫୁଲ), ରିଙ୍ଗୁ (କାନଫୁଲ), ସେରଙ୍ଗକାମୀ (ନାକଫୁଲ), ନାତୁ (ନାକ ଅଳଙ୍କାର), କାଲୁବୁନ୍ଦୁଲୁ (ପାଦଆଙ୍ଗୁଳି ମୁଦି), କାଡ଼େଲୁ (ଖଡୁ), ପାଟିଲୁ (ପାଉଁଜି), ଅଡ଼ାଣମ /ମୁଲାତାଡୁ (ଅଣ୍ଟାସୂତା), ଏଣ୍ଡିମୁଲତାଡୁ (ରୂପା) (ଅଣ୍ଟାସୂତା), ନାଡ଼ମଗୁଲୁସୁ (ରୁପା) ଅଣ୍ଟାସୂତା, ଦାଣ୍ଡାଗାଡ଼େଲ (ବାହୁଟି), କାଡ଼େଲୁ (ଚୁଡ଼ି /ଖଡୁ), ଗାଜେଲୁ (ଚୁଡ଼ି /କାଚ), ପାଟେଡ଼ି (ବେକଚିପା ହାର), ଉଙ୍ଗରମ୍ (ହାତ ଆଙ୍ଗଠି ମୁଦି), ନାନୁ (ବେକଚି ପାହାର), ତିଗା (ସରୁ ବେକଚିପାହାର), ପୂର୍ଣ୍ଣେଲୁ /କୁତ୍ତିଗାଣ୍ଡା ପୂଷାଲୁ (ବେକହାର), ପାଲକସେରୁ (ଶୋରିଷିଆ ମାଳି), ଗୋଲସୁ (ଚେନ୍), ଚନ୍ଦ୍ରାହାରମ୍ (ଚ଼ନ୍ଦ୍ର ହାର), କଣ୍ଟାପୁଲୁ (କଣ୍ଠ ଫୁଲହାର), ଦାନ୍ତକାସଲୁ (ଟଙ୍କା ହାର), ଦନ୍ତଗଲୁସୁଲୁ (ଚେନ), ପୁସାଲୁ(ମାଳି), କାଣ୍ଟପୁସାଲୁ (କଣ୍ଠମାଳି), ଆତୁକାମୀ (ନାକଦଣ୍ଡି), କାରାକାମୀ (ନାକରକାଠି), ମାତାକାମୀ (ନାକଫୁଲ), ରିଙ୍ଗୁ (ନାକଝରା), ନେଲଓ୍ୱଙ୍କା (ନାକଗୁଣା), ମୁକୁପୁତୁକା (ନୋଥ), ବେସରୀ (ନାକଫୁଲ), ନିମଗୁଡୁ (ନିମ୍ବଫୁଲ ସଦୃଶ ନାକ ଫୁଲ), ରିଙ୍ଗୁଲୁ (କାନରିଙ୍ଗ୍),

ଝୁମ୍ପିରିଙ୍ଗୁଲୁ (କାନଝରା), ସଙ୍କାର ବର୍ଣ୍ଣାଲୁ (କାନଝରା), ନାଗୁଲୁ (ନାଗସାପ କାନଫୁଲ), ତାଲୁକାଲୁ, ଲଲାକୁଲୁ (ପତ୍ରରିଙ୍ଗ୍), ଝୁମୁକା ରିଙ୍ଗୁଲୁ (କାନଝୁମୁକା), ପାପଡ଼ିସେରୀ (ମଥାମଣି), ନାଗରମ୍ (ମୁଣ୍ଡକଣ୍ଟା), ବଟାଗାଣ୍ଡାଲୁ (ବେଣି କଣ୍ଟା) ଇତ୍ୟାଦି ।

ବାଦ୍ୟଯନ୍ତ୍ର (ୱାଇଦ୍ୟମ୍) : ଡାମ୍ପୁ (ଘଙ୍ଗୁ), ଡୁଡୁମୁ (ବଡ଼ନାଗରା), ସନ୍ନେଇ (ତୁରୀ), ମୃଦଙ୍ଗମ୍ (ମୃଦଙ୍ଗ), ମାର୍ଦଲି (ମାଦଳ), ତାଳାଲୁ (ଝାଞ୍ଜ), ଗିନି (ଛୋଟ ଝାଞ୍ଜ), ପିନ୍ନାଗାରା (ବଂଶୀ), ଦୁପାଟୀ (ଝୁଣା ପୋଡ଼ିବା ପାଇଁ ଦ୍ୱୀପ), ପ୍ରାମେଦି (ଦୀପାଳୀ), ଦିଆଦାଣ୍ଡି (ଧୂପଦାନୀ) ଇତ୍ୟାଦି ।

**ପଶୁପାଳନ :**

ବିଭିନ୍ନ ପ୍ରକାର କୃଷି କାର୍ଯ୍ୟ ସହ ଜାତପୁମାନେ ପଶୁପାଳନ ମଧ୍ୟ କରିଥାନ୍ତି । କୃଷି କାର୍ଯ୍ୟରେ ପଶୁମାନଙ୍କୁ ନିୟୋଜନ କରିବା, ଉପହାର ଦେବା, ଦେବାଦେବୀଙ୍କ ନିକଟରେ ପଶୁପକ୍ଷୀ ବଳି ଦେଇ ତାଙ୍କୁ ସନ୍ତୁଷ୍ଟ କରିବା, ପଶୁପକ୍ଷୀଙ୍କୁ ମାରି ତା'ର ମାଂସ ଖାଇବା ପାଇଁ ସେମାନେ ପଶୁପକ୍ଷୀ ପାଳନ କରିଥାନ୍ତି । ଏହା ବ୍ୟତୀତ ଅଭାବ ଅନାଟନ ସମୟରେ ପଶୁପକ୍ଷୀଙ୍କୁ ବିକ୍ରି କରି କିଛି ଅର୍ଥ ପାଇଁ ପାଇଁ ମଧ୍ୟ ପଶୁପାଳନ କରାଯାଇଥାଏ ।

ଜାତାପୁମାନେ ପାଳନ କରୁଥିବା ପଶୁପକ୍ଷୀ ହେଲେ; ପୋଢ଼ (ପୋଡ଼୍), ମଇଁଷି (ଗେଦି), ଗାଈ (ବାକ୍ସ /ଆଉ), ବଳଦ (ଏଦ୍ଦୁ), ଛେଳି (ମେ'କା / ଗରୀ), ମେଣ୍ଢା (ମେଣ୍ଢା), ଘୁଷୁରୀ (ପାନ୍ଦି), କୁକୁର (ବେପି / କୁକ୍କା), ବିଲେଇ (ପିଲ୍ଲି), କୁକୁଡ଼ା (କୋ'ଡ଼ି), ଶୁଆ (ଚିଲାକା), ଶାରୀ (ବାଣ୍ଡି ମାରନାମ୍ ଗୋରା), ମୟୂର (ନାମେ ଲିପିଟ୍ଟା), ପାରା (ପାରାପିଟ୍ଟା) ଇତ୍ୟାଦି ।

ଶସ୍ୟ କ୍ଷେତ୍ରରେ ଶସ୍ୟ ବଢ଼ିଯିବା ପରଠାରୁ ଅର୍ଥାତ ଅଗଷ୍ଟ ମାସ ଆରମ୍ଭଠାରୁ ଶସ୍ୟ ଅମଳ ସରିବା ପର୍ଯ୍ୟନ୍ତ ଅର୍ଥାତ ଜାନୁୟାରୀ ମାସ ପର୍ଯ୍ୟନ୍ତ ଏହି ଛଅମାସ ଗୋରୁଙ୍କୁ ଗୋରୁଜଗୁଆଳି (ସମୁଲଡୁ / ବାକାଲ କାସିନଲୁ) ପଶୁମାନଙ୍କୁ ଆକଟ କରିଥାଆନ୍ତି । ଏହା ସାମୂହିକ କିମ୍ବା ବ୍ୟକ୍ତିଗତ ଭାବେ କରାଯାଇପାରେ । ଏହି ସମୟରେ ଜଗୁଆଳମାନେ ପଶୁମାନଙ୍କୁ ଜଙ୍ଗଲ ମଧ୍ୟକୁ ନେଇ ଡ଼ାଳପତ୍ର ଓ ଘାସ ଖୁଆଇ ଚରାଇ ଥାଆନ୍ତି । ଜଗୁଆଳ ସହିତ ମଧ୍ୟ ଏଥିରେ ଗ୍ରାମର ପ୍ରତ୍ୟେକ ଘରୁ ଜଣେ ଜଣେ ଦିନକୁ ପାଳି କରିଯିବାକୁ ପଡ଼ିଥାଏ । ଏମାନେ ଦୈନୀକ ଜଗୁଆଳଙ୍କୁ ପାଳିକରି ଖାଦ୍ୟ ଖାଇବାକୁ ଦେଇଥାଆନ୍ତି ଏବଂ ବର୍ଷଶେଷରେ ଶସ୍ୟ ଆକାରରେ ବେତନ ଦେଇଥାଆନ୍ତି । ଅଗଷ୍ଟ ମାସରୁ ଜାନୁଆରୀ

ମାସ ପର୍ଯ୍ୟନ୍ତ ଗୋରୁଙ୍କୁ ଆକଟ କରି ରଖାଯାଏ ଓ ଅନ୍ୟ ସମୟରେ କୌଣସି ଜଗୁଆଳ ବିନା ଗୋରୁଙ୍କୁ ମୁକ୍ତ ଭାବରେ ଛାଡ଼ିଦିଆଯାଏ । ଗୃହପାଳିତ ପଶୁମାନେ ମନଇଚ୍ଛାରେ ବୁଲିଚାଲି ଘାସ, ଡ଼ାଳପତ୍ର ଇତ୍ୟାଦି ଖାଇ ସନ୍ଧ୍ୟାରେ ଘରକୁ ଫେରି ଆସନ୍ତି । ବର୍ଷସାରା ସବୁଦିନେ ଗାଈଗୋରୁ ଫେରିଆସିବା ପରେ ମାଲିକ ତାକୁ ଗାଁ ମୁଣ୍ଡରେ କରିଥିବା ଗୁହାଳରେ ବାନ୍ଧିଥାଏ ଓ ରାତିରେ ପେଜତୋରାଣୀ, ଘାସ, କୁଟା ଇତ୍ୟାଦି ଖାଇବାକୁ ଦେଇଥାଆନ୍ତି । ଆବଶ୍ୟକ ସ୍ଥଳେ ସେମାନେ ପଶୁମାନଙ୍କୁ ଗାଧୋଇ ସଫା ସୁତୁରା କରିଥାଆନ୍ତି ।

କିନ୍ତୁ ଗୃହପାଳିତ ପକ୍ଷୀମାନଙ୍କର ବେଶୀ ଯତ୍ନ ନେବାକୁ ପଡ଼ିନଥାଏ । କୁକୁଡ଼ା, ମୟୂର ଓ ବତକ ଏମାନଙ୍କୁ ସକାଳୁ ଛାଡ଼ି ଦିଆଯାଏ ଓ ସନ୍ଧ୍ୟାରେ ତାଙ୍କ ପାଇଁ ତିଆରି କରାଯାଇଥିବା କୁକୁଡ଼ା ଭାଡ଼ିରେ ନେଇ ରଖାଯାଏ । ଦିନବେଳେ ବେଳେ ବିଭିନ୍ନ ପ୍ରକାର ଶସ୍ୟ, ଭାତ ଇତ୍ୟାଦି ଖାଇବାକୁ ଦେଇଥାନ୍ତି । କେତେକ ବ୍ୟକ୍ତି ଶୁଆ, ଶାରୀ, ମୟୁର ଇତ୍ୟାଦି ଆଦରରେ ଓ ସୌଖୀନରେ ପାଳନ କରିଥାଆନ୍ତି । ଶୁଆଶାରୀଙ୍କୁ ପଞ୍ଜୁରୀରେ ରଖାଯାଏ ଓ ସେଠାରେ ତାକୁ ବିଭିନ୍ନ ପ୍ରକାର ଖାଦ୍ୟ ଓ ପିଇବା ପାଇଁ ପାଣି ଯୋଗାଇ ଦିଆଯାଏ ।

ଗୃହପାଳିତ ପଶୁପକ୍ଷୀ ଜାତପ୍ରୁମାନଙ୍କର ଏକ ପ୍ରକାର ସଂପତ୍ତି । ତେଣୁ ଏମାନେ ପଶୁପକ୍ଷୀଙ୍କୁ ଯତ୍ନ ସହକାରେ ବଢ଼ାଇ ବିଭିନ୍ନ ସମୟରେ ଓ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିଥାଆନ୍ତି । ଯଥା -

୧. ପୋଢ଼, ମଇଁଷି, ଗାଈ ଓ ବଳଦକୁ ହଳକରିବା, ଶଗଡ଼ ଟାଣିବା, ଜଙ୍ଗଲରୁ କାଠ ଗଣ୍ଡି ଆଣିବା ଇତ୍ୟାଦି କାର୍ଯ୍ୟରେ ବ୍ୟବହାର କରାଯାଏ ।

୨. କୁକୁର, ବିଲେଇ ବ୍ୟତୀତ ଅନ୍ୟ ସମସ୍ତ ପ୍ରକାର ପଶୁପକ୍ଷୀଙ୍କୁ ବିକ୍ରି କରି ଅର୍ଥ ଉପାର୍ଜନ କରାଯାଇପାରେ ।

୩. ଏହା ସାମାଜିକ ଅର୍ଥନୈତିକ ସ୍ଥିତିର ନମୂନା ଅର୍ଥାତ ଯାହାର ଯେତେ ବେଶୀ ଗୋରୁଗାଈ ଅଛନ୍ତି ସେ ଗାଁରେ ସେତେ ଧନୀର ମାନ୍ୟତା ପାଇଥାଏ । ବିଭିନ୍ନ ପୂଜାପର୍ବାଣୀ ଯଥା - ଠାକୁରାଣୀ ପର୍ବ, ଝାକିରିମା ପର୍ବ, ବୁକ୍ୟାଲାମା ପର୍ବ ଇତ୍ୟାଦି ସମୟରେ ଦେବାଦେବୀଙ୍କୁ ଛେଳି, ମେଣ୍ଢା, କୁକୁଡ଼ା, ପାରା, ଇତ୍ୟାଦି ବଳି ଦିଆଯାଇଥାଏ । ଏହା ବ୍ୟତୀତ ଭୂତପ୍ରେତ ଅନ୍ୟାନ୍ୟ ଅନିଷ୍ଟକାରୀ ଶକ୍ତିଙ୍କୁ ସନ୍ତୁଷ୍ଟ କରିବା ପାଇଁ ପଶୁପକ୍ଷୀଙ୍କୁ ବଳି ଦିଆଯାଏ ।

୪. ପଶୁପକ୍ଷୀଙ୍କୁ ଉପହାର ଆକାରରେ ଦିଆଯାଇପାରେ, ଉଦାହରଣସ୍ୱରୂପ କୌଣସି ବ୍ୟକ୍ତିଙ୍କର ପ୍ରଥମ ଛୁଆଜନ୍ମ ହେଲେ ଜନ୍ମ ହୋଇଥିବା ଛୁଆର ମାମୁଁ ନବଜାତକକୁ କୁକୁଡ଼ା ଛେଳି, ଗାଈ, ମଇଁଷି ଇତ୍ୟାଦି ଦାନ କରିଥାଆନ୍ତି । ସେହିପରି ଭାଣିଜୀ ଓ ଭଣଜା ବିବାହ ସମୟରେ ମଧ୍ୟ ମାମୁଁ ଯେକୌଣସି ଭାଣିଜୀର ବିବାହ ସମୟରେ ଲୁଗାପଟା, ଜିନିଷପତ୍ର ଦେଇଥାନ୍ତି । ଭାଣିଜୀର ବିବାହ ସମୟରେ ବେଦିର ଉପକରଣଗୁଡ଼ିକ ମାମୁଁ ଯୋଗାଇଥାଏ । ଏହା ବ୍ୟତୀତ ଡ୍ରେସ, ଅଳଙ୍କାର ଉପକରଣ ମଧ୍ୟ ଦେଇଥାଏ ।

୫. ବିଭିନ୍ନପ୍ରକାର କର୍ମକାଣ୍ଡ ଯଥା ଛୁତିକିଆ, କନ୍ୟାର ପ୍ରଥମ ରଜୋବତୀ, ବିବାହ, ମୃତିକିଆ ଅବସରରେ ଛେଳି, ମେଣ୍ଢା, କୁକୁଡ଼ା ଇତ୍ୟାଦି ମାରି ବନ୍ଧୁବାନ୍ଧବ, ସାଇପଡ଼ିଶା ଓ ଗ୍ରାମବାସୀମାନଙ୍କୁ ଭୋଜି ଦିଆଯାଏ ।

୬. କୁକୁରକୁ ଶିକାର କ୍ଷେତ୍ରରେ ବ୍ୟବହାର କରାଯାଏ ।

## ଆୟ (ଆଦାୟମ୍):

ଜାତପୁମାନେ ମୁଖ୍ୟତ କୃଷିଜିବୀ । ଏମାନେ କୃଷିକାର୍ଯ୍ୟ କରି ବାର୍ଷିକ ଆୟର ପ୍ରାୟ ଅଧା କିମ୍ବା ଅର୍ଦ୍ଧାଧିକ ଆୟ କୃଷିରୁ ପାଇଥାଆନ୍ତି । କୃଷି ଭିନ୍ନ ଏମାନେ ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳମୂଳ, କନ୍ଦା, ଛତୁ, ଶାଗ, ଡ଼ାଳପତ୍ର, ଫୁଲ, ମହୁ, ଝୁଣା ଇତ୍ୟାଦି ସଂଗ୍ରହ କରିଥାନ୍ତି । ଶିକାର କରି ମାଂସ ସଂଗ୍ରହ କରିଥାନ୍ତି । ସଂଗୃହୀତ ଜଙ୍ଗଲ ଜାତ ଦ୍ରବ୍ୟ ମଧ୍ୟରୁ ଅଳ୍ପ କେତେକ ଦ୍ରବ୍ୟକୁ ବଜାରରେ ବିକ୍ରିକରି ସ୍ୱଳ୍ପ ଉପାର୍ଜନ କରନ୍ତି ଓ ଅବଶିଷ୍ଟ ଦ୍ରବ୍ୟଗୁଡ଼ିକୁ କେବଳ ନିଜର ବ୍ୟବହାରରେ ଲଗାଇ ଥାଆନ୍ତି । ଏହା ଭିନ୍ନ ପଶୁପକ୍ଷୀ ବିକ୍ରୟ ଦ୍ୱାରା ଓ ଟଙ୍କା ସୁଧ / ଋଣ ଲଗାଇଥାନ୍ତି ଓ କାଁ ଭାଁ କେହି ଅର୍ଥ ରୋଜଗାର କରିଥାନ୍ତି । ଅଧିକାଂଶ ଜାତପୁ ଗରିବ ଲୋକେମାନେ ଆନ୍ଧ୍ର ଚାଷୀ, ନିଜ ଗୋଷ୍ଠୀର ଧନୀଚାଷୀ, କଣ୍ଟ୍ରାକ୍ଟର ଇତ୍ୟାଦିମାନଙ୍କ ପାଖରେ କାମ କରି କିଛି ମଜୁରୀ ସଂଗ୍ରହ କରିଥାନ୍ତି । ଭୂମିହୀନ ଗରିବମାନଙ୍କର ମୋଟ ଆୟର ପ୍ରାୟ ଅଧା ଅଂଶ ଏହି ସୂତ୍ରରୁ ସଂଗ୍ରହ କରାଯାଇଥାଏ । ଗାଁ ମୁଖିଆ ତଥା ଗ୍ରାମର ପୂଜକ 'ଜାନୀ' ପାଇଁ ସ୍ୱତନ୍ତ୍ର ଭାବରେ ଜମି ରହିଥାଏ । ସେହି ଜମିକୁ ଝାକିରିମାଆ ଜମି କୁହାଯାଏ । ଯେହେତୁ ଜାନି ଗ୍ରାମଦେବୀ ଝାଆରିମାଆଙ୍କୁ ପୂଜା କରି ସନ୍ତୁଷ୍ଟ କରନ୍ତି ଓ ଗ୍ରାମର ମୁଖିଆ ହିସାବରେ ଦାୟିତ୍ୱ ତୁଲାଇ ଥାଆନ୍ତି ତେଣୁ ସେ ମଧ୍ୟ ଜମି ଭୋଗ କରି କିଛି ଆୟ କରିଥାଆନ୍ତି ।

କ୍ୱଚିତ କେତେକ ଧନୀ ଶ୍ରେଣୀର ଜାତପୁମାନେ ବୈବସାୟିକ ଭିତ୍ତିରେ କପା ଚାଷ ଓ ଧୂଆଁପତ୍ର ଚାଷ କରି ବାହାରେ ବିକ୍ରି କରି ଆୟର ଏକମୋଟା ଅଙ୍କ ସଂଗ୍ରହ କରିଥାଆନ୍ତି । ଏତଦ୍‌ବ୍ୟତୀତ ବର୍ଷର ଅନେକ ସମୟରେ ଜାତପୁ ସମାଜରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରନ୍ତି । ଏହି ପର୍ବପର୍ବାଣି ଓ ଅନ୍ୟାନ୍ୟ ସ୍ୱତନ୍ତ୍ର କର୍ମକାଣ୍ଡ; ଯଥା ଛୁତିକିଆ, ବିବାହ, ଶୁଦ୍ଧିକ୍ରିୟା ଓ ଅନ୍ୟାନ୍ୟ ପୂଜାପାଠ ସମୟରେ ବନ୍ଧୁବାନ୍ଧବମାନେ ବିଭିନ୍ନ ପ୍ରକାର ଶସ୍ୟ, ପନିପରିବା, ପଶୁପକ୍ଷୀ, ବେଷପୋଷାକ, ଅଳଙ୍କାର ପ୍ରଦାନ କରିଥାନ୍ତି । ଏହା ମଧ୍ୟ  ଆୟର ଏକ ଅଂଶ ଭାବେ ଗଣ୍ୟ ।

ଘରର ଛୋଟ ଛୁଆ ଓ ବୁଢ଼ାମାନଙ୍କୁ ଛାଡ଼ି ପ୍ରାୟ ସମସ୍ତ ସକ୍ଷମ ପୁରୁଷ ଓ ମହିଳାଙ୍କଠାରୁ ଆୟର ଆଶା କରାଯାଏ । ମୁଖ୍ୟତଃ ପୁରୁଷମାନଙ୍କୁ ଅର୍ଥ ଉପାର୍ଜନ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଇଥାଏ । ମହିଳାମାନେ ପୁରୁଷମାନଙ୍କ ପରି ମଧ୍ୟ ମଜୁରୀକରି ଅର୍ଥ ରୋଜଗାର କରିଥାନ୍ତି । ରୋଜଗାରକ୍ଷମ ବ୍ୟକ୍ତିକୁ ସମସ୍ତେ ଆଦର କରିଥାନ୍ତି ଓ ତା'କଥାକୁ ଗୁରୁତ୍ୱ ଦେଇଥାନ୍ତି ।

**ବ୍ୟୟ (ଖର୍ଚ୍ଚ) :**

ଜାତପୁମାନେ ଆୟର ଅଧିକାଂଶ ଅର୍ଥ ଖାଦ୍ୟରେ ବ୍ୟୟ କରିଥାନ୍ତି । ସମସ୍ତ ପ୍ରକାର ବ୍ୟୟ କରିବା ପାଇଁ ଘରର ମୁଖିଆଙ୍କ ପରାମର୍ଶ ନିଆଯାଇଥାଏ । ଖାଦ୍ୟ ବ୍ୟତୀତ ବସ୍ତ୍ର କ୍ରୟ ବାସଗୃହ ନିର୍ମାଣ ପ୍ରତିବର୍ଷ ଗୃହ ଛପର କରିବା, ବିଭିନ୍ନ ପର୍ବପର୍ବାଣୀରେ ବନ୍ଧୁବାନ୍ଧବଙ୍କୁ ଆମନ୍ତ୍ରଣକରି ଚର୍ଚ୍ଚାକରିବା, ପୂଜାପାଠରେ ବିଭିନ୍ନ ପ୍ରକାର ସୁଖାଦ୍ୟ ପ୍ରସ୍ତୁତ କରିବା, ବଳି ଓ ଭୋଗ ନୈବେଦ୍ୟ ଦେଇ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା, ଛୁତିକିଆ, କନ୍ୟା ପ୍ରଥମ ରଜୋବତୀ, ବିବାହ, ଶୁଦ୍ଧିକ୍ରିୟା ଇତ୍ୟାଦି କରିବା ବେଳେ ଅର୍ଥବ୍ୟୟ କରାଯାଇଥାଏ । ଏହା ଭିନ୍ନ ଗୃହୋପକାର ଦ୍ରବ୍ୟ କ୍ରୟ, ସଂପତ୍ତି କ୍ରୟ, ପଶୁପକ୍ଷୀ କ୍ରୟ, ଔଷଧ କ୍ରୟ, ଋଣ ଦେବା, ଛୁଆପିଲାଙ୍କୁ ପାଠ ପଢ଼ାଇବା ଇତ୍ୟାଦି ପାଇଁ ମଧ୍ୟ ଖର୍ଚ୍ଚ କରାଯାଇଥାଏ । କେତେକ ଲୋକ ପ୍ରଚୁର ପରିମାଣରେ ଅର୍ଥ ବ୍ୟୟକରି ମଦ୍ୟପାନ କରୁଥିବାର ଦେଖାଯାଏ, ବିଭିନ୍ନ ସମୟରେ ବନ୍ଧୁବାନ୍ଧବଙ୍କୁ ଉପହାର ଦେବା, କୃଷିକାର୍ଯ୍ୟ କରିବା ଇତ୍ୟାଦି ପାଇଁ ଅର୍ଥମଧ୍ୟ ବ୍ୟୟ କରିବାକୁ ପଡ଼ିଥାଏ ।

ସାଧାରଣତଃ ସମସ୍ତ ଅର୍ଥ ଘରର ମୁଖିଆଙ୍କ ସ୍ତ୍ରୀଙ୍କ ପାଖରେ ଜମାଥାଏ । ଯଦି କୌଣସି କାର୍ଯ୍ୟ ପାଇଁ ଅର୍ଥବ୍ୟୟ କରିବାକୁ ପଡ଼ିଥାଏ, ତେବେ ସେମାନେ ଗୃହକର୍ତ୍ତାଙ୍କଠାରୁ ଆଦେଶ ପାଇଥାନ୍ତି । ଅନେକ ସମୟରେ ଘରର ସମସ୍ତଙ୍କ ମତାମତ ନେଇ ମୋଟାଅଙ୍କର

ଅର୍ଥ ବ୍ୟୟ କରାଯାଇଥାଏ । ପୁଅଝିଅମାନେ ବଡ଼ ହୋଇଯାଇଥିଲେ ବ୍ୟୟ କରିବାବେଳେ ସେମାନଙ୍କର ପରାମର୍ଶ ମଧ୍ୟ ନିଆଯାଏ ।

ଯେଉଁ ବ୍ୟୟରୁ କିଛି ଲାଭ ମିଳିଥାଏ, ଯଥା କୃଷି କାର୍ଯ୍ୟରେ ଗୃହୋପକରଣ କ୍ରୟ ଖାଦ୍ୟ ଓ ବସ୍ତ୍ର କ୍ରୟ, ଗୃହନିର୍ମାଣ, ପିଲାମାନଙ୍କୁ ପାଠ ପଢ଼ାଇବା, ଇତ୍ୟାଦି ଖର୍ଚ୍ଚକୁ ଯଥୋଚିତ ମନେ କରାଯାଏ । ଏପରିକି ପୂଜାପର୍ବାଣୀରେ ବ୍ୟୟ ଓ ବିଭିନ୍ନ କର୍ମକାଣ୍ଡର ବ୍ୟୟ ମଧ୍ୟ ଯଥୋଚିତ । କିନ୍ତୁ ଜୁଆଖେଳିବା, ଏଣେତେଣେ ବୁଲି ଅର୍ଥ ବ୍ୟୟ କରିବା ଓ ଅତ୍ୟଧିକ ମଦ୍ୟପାନକରି ଅର୍ଥବ୍ୟୟ କରିବାକୁ ସେମାନେ ଖରାପ ବିମେଚନା କରିଥାଆନ୍ତି ।

**ସଂଚୟ (ଗାଣିଅଡ଼ମ୍) :**

ଭବିଷ୍ୟତରେ କୌଣସି କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଅଭାବ ଅସୁବିଧାକୁ ସହଜରେ ସମ୍ମୁଖୀନ କରିବା ପାଇଁ କିମ୍ବା ଅର୍ଥଜମା କରି ଧନୀ ହେବା ପାଇଁ ଜାତପୁମାନେ ସଂଚୟ କରିଥାନ୍ତି । ପ୍ରଥମ ଦୁଇଟି କାର୍ଯ୍ୟ ପାଇଁ ଏମାନେ ମୁଖ୍ୟତଃ ସଂଚୟ କରିଥାନ୍ତି ଏବଂ ଧନୀ ହେବାର ମନୋବୃତ୍ତି ଖୁବ୍ କୋଚିତ ଲୋକଙ୍କର ଥାଏ ।

ଏମାନେ ସାଧାରଣତଃ ସ୍ୱଳ୍ପ ଆୟକାରୀ ହୋଇଥିବାରୁ ସେମାନଙ୍କ ଆୟର ପ୍ରାୟ ସବୁ ଅଂଶ ବର୍ଷ ମଧ୍ୟରେ ଖର୍ଚ୍ଚ ହୋଇଯାଏ ଏବଂ କ୍ୱଚିତ ସ୍ୱଳ୍ପପରିମାଣର ଆୟ ବଳକା ରହେ । ଗରିବ ଶ୍ରେଣୀର ଲୋକମାନେ ପ୍ରାୟ ସଂଚୟ କରିପାରନ୍ତି ନାହିଁ । ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଭୂମି, ପଶୁପକ୍ଷୀ, ଅଳଙ୍କାର, ଗୃହୋପକରଣ ଇତ୍ୟାଦି କିଛି ଆୟର କିଞ୍ଚିତ ଅଂଶ ସଂଚୟ କରିଥାନ୍ତି । ଧନୀକ ଶ୍ରେଣୀର ଲୋକମାନେ ଏହିପରି ସଂଚୟ କରିବା ବ୍ୟତୀତ ଋଣ ଲଗାଇ ବ୍ୟାଙ୍କରେ ପଇସା ଜମା କରି ମଧ୍ୟ ସଂଚୟ କରିଥାଆନ୍ତି । ଏତଦ୍‌ବ୍ୟତୀତ ପିଲାମାନଙ୍କୁ ପାଠ ପଢ଼ାଇବା, ବନ୍ଧୁବର୍ଗଙ୍କୁ ଉପହାର ଦେଇ ବ୍ୟୟ କରାଯାଇଥିବା ଅର୍ଥ ପରବର୍ତ୍ତୀ ସମୟରେ ବନ୍ଧୁମାନେ ହେଲେ କିମ୍ବା ବଡ଼ ହେବାପରେ ପୁଅଝିଅମାନେ ଅର୍ଥଆୟ କଲେ ତାହାକୁ ଏକପ୍ରକାର ଅସଚେତନ ସଂଚୟ କୁହାଯାଇପାରେ ।

**କରଜ / ଋଣ (ଆପ୍ପୁ) :**

ସ୍ୱଳ୍ପ ଆୟହେତୁ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ କରଜ ଆଣିଥାନ୍ତି । ଖାଦ୍ୟର ଅଭାବ ମେଣ୍ଟାଇବା, ଦୈନନ୍ଦିନ ଜୀବନରେ ବ୍ୟୟ କରିବା, ପର୍ବପର୍ବାଣୀ ପାଳନ କୃଷିକାର୍ଯ୍ୟ ବିବାହ, ଶୁଦ୍ଧିକ୍ରିୟା ଇତ୍ୟାଦି କର୍ମକାଣ୍ଡର ଖର୍ଚ୍ଚ ବିଭିନ୍ନ ଲୋକଙ୍କୁ ଯଥା ବନ୍ଧୁବର୍ଗଙ୍କୁ ଉପହାର ଦେବା, ମଦ୍ୟପାନ କରିବା ଇତ୍ୟାଦି ପାଇଁ ଜାତପୁମାନେ କରଜ କରନ୍ତି ।

ସାଧାରଣତଃ ଗ୍ରାମର ସାହୁକାରଙ୍କଠାରୁ ଏମାନେ କରଜ ଆଣିଥାଆନ୍ତି । ସୁଣ୍ଡି ଅଣଆଦିବାସୀମାନଙ୍କଠାରୁ ଏମାନେ ଅଧିକ ସୁଧହାରରେ (ମାସିକ ୫-୭%) ଅର୍ଥ କରଜ ଆଣିଥାଆନ୍ତି । ଅର୍ଥ ବ୍ୟତୀତ ଶସ୍ୟ ମଧ୍ୟ ଋଣ ଆକାରରେ ଆଣି ଅମଳପରେ ମୂଳଶସ୍ୟର ୧ ୧/୨ ଗଣୁରୁ ୨ ଗୁଣ ପର୍ଯ୍ୟନ୍ତ କରାଯାଏ ।

ଅନେକ ସମୟରେ ଜମି, ଅଳଙ୍କାର, ବାସନକୁସନ ଇତ୍ୟାଦି ବନ୍ଧକ ଦେଇ ଗାଁ ସବୁକାରଙ୍କଠାରୁ ଋଣ ଅଣାଯାଏ ଏବଂ ମୂଳଧନ ସହ ସୁଧ ପରିଶୋଧ କଲାପରେ ବନ୍ଧକ ଦ୍ରବ୍ୟ ଫେରାଇ ଦିଆଯାଏ ।

ଏବେ କେତେକ ଶିକ୍ଷିତ ଓ ଚାଲକ ଶ୍ରେଣୀର ଲୋକେ ନିକଟସ୍ଥ ସହର ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍‌ରୁ ଋଣ ଆଣୁଛନ୍ତି । ସମବାୟର ସମିତିରୁ ମଧ୍ୟ ଋଣ ଆଣୁଥିବାର ଦେଖାଯାଏ । ପୁନଶ୍ଚ ଗ୍ରାମରେ ଥିବା ମହିଳା ସଂଗଠନରୁ ମଧ୍ୟ ମାସିକ ୩% ସୁଧ ହାରରେ ଲୋକମାନେ ଋଣ ଆଣିଥାଆନ୍ତି ।

ଯାହାହେଉ ସାହୁକାରଙ୍କଠାରୁ ଯେଉଁମାନେ ଋଣ ଆଣନ୍ତି ସେମାନେ ଅନେକ ସମୟରେ ସୁଧ ଦେଇ ଦେଇ ନୟାନ୍ତ ହୋଇଯାଆନ୍ତି କିନ୍ତୁ ଋଣ ପରିଶୋଧ କରି ପାରନ୍ତି ନାହିଁ । ଶେଷରେ ଜମି, ଅଳଙ୍କାର ଇତ୍ୟାଦି ଦେଇଥିବା ବନ୍ଧକ ଜିନିଷକୁ ହରାଇବାକୁ ପଡ଼ିଥାଏ କିମ୍ବା କାମକରି ପରିଶୋଧ କରିବାକୁ ପଡ଼ିଥାଏ ।

**ଖାଦ୍ୟ ଓ ଖାଦ୍ୟ ସମ୍ପାଦନର ପ୍ରକ୍ରିୟା :**

ଖାଦ୍ୟ ଜୀବନ ଧାରଣା ପାଇଁ ନିତାନ୍ତ ଆବଶ୍ୟକ । ଖାଦ୍ୟବିନା ଜୀବନ ଧାରଣ ସମ୍ଭବ ନୁହେଁ ଏହାହିଁ ଜାତପୁ ଆଦିବାସୀର ଖାଦ୍ୟ ସଂପର୍କିତ ମତ ।

ଭାତ ଜାତପୁମାନଙ୍କର ପ୍ରଧାନ ଖାଦ୍ୟ । ଭାତକୁ ସେମାନେ ଆନ୍ନାମ୍ / ବୂଆ କହନ୍ତି । ମୁଖ୍ୟତଃ ପ୍ରଭାତରେ ପଖାଳଭାତ, ମଧ୍ୟାହ୍ନ ଓ ରାତ୍ରି କାଳରେ ଗରମ ଭାତ ଖାଇଥାଆନ୍ତି । ଗ୍ରୀଷ୍ମ ଦିନେ ଭାତ ପେଜ (ତାରବାଣି) କିମ୍ବା ମାଣ୍ଡିଆ ଯାଉ (ଆମ୍ବାଲି) ପିଇଥାନ୍ତି ।

ଭାତ ସହ ଖିଆଯାଉଥିବା ବିଭିନ୍ନ ପନିପରିବା ତରକାରୀ, ଛତୁ, ଶାଗ, କରଡ଼ି, ମାଛ, ମାଂସ, ଅଣ୍ଡା ଆଦି ସରକାରୀ ଖାଦ୍ୟ, ରୂପ ଗ୍ରହଣ କରାଯାଏ ।

ଜାତାପୁମାନେ ବିଭିନ୍ନ ପନିପରିବାର ବ୍ୟବହାର ଜାଣନ୍ତି; ଯେପରି: ବାଇଗଣ (ଅଂକାଇ), ଟମାଟୋ (ଟମାଟୋ),ଭେଣ୍ଡି (ବେଣ୍ଡା କାଏ), ମୂଳା (ସତୀ ଦୁମ୍ପା), କାକୁଡ଼ି

(ଦସ୍‌କାଏ), କଞ୍ଚାକଦଳୀ (ଆର୍ଟି କାଏଲୁ), ଅମୃତଭଣ୍ଡା (ବାପାନାକାଏଲୁ / ମାଦାନାଆନାପୁକାର), ଆଳୁ (ବାଙ୍ଗାଳି ଦୁମ୍ପା), ଡ଼ାଲି (ପାପୁ), ଶିମ୍ବ (ସିକୁତୁକାଏ), ଝୁଡ଼ଙ୍ଗ (ଝୁଡ଼ଙ୍ଗୁଲୁ), ବିନ୍ (ଗୌରୀ ସିକୁଡ଼ଲୁ), ଛଞ୍ଚିଡ୍ରା (ପାମ ପୋଟଲ କାଏଲୁ), ଲାଉ (ଆଣପାକାୟା), ବୋଇତାଳୁ (ଗୁମୁତୁକାୟା),କଖାରୁ (ପୁଲ୍ଲା ଗୁମୁତୁକାୟା), କଲରା (କାକାର କାୟା), ଶଜନା ଛୁଇଁ ( ମୁଲାକକାୟା), ପଣସ (କଞ୍ଚା) (ପାଣସକାୟା), କରଡ଼ି (ଏଦୁରୁ କମ୍ପୁଲୁ), ଶାରୁ (ଶାରୁ ଦୁମ୍ପାଲୁ), ଓଲୁଅ (ଓଲଗାନ୍ଦା ଦୁମ୍ପାଲୁ), ଖମ୍ବଆଳୁ (ସିରିଗାଡ଼ି ଡେଙ୍ଗା), କୁଜି ସାରୁ (ସାରି ପିଲାକାଲୁ ତିଣ୍ଡି), ଗୁଆଁର (ଗୌରୀ ସିକୁଡଲୁ), କାଙ୍କଡ଼ (ଆଙ୍ଗାରକାଏ), ଜହ୍ନି (ବିରାକାଇ), କୁନ୍ଦୁରୀ (ଦଣ୍ଡାକଇ) ଇତ୍ୟାଦି ।

ସମସ୍ତ ପ୍ରକାର ମାଂସ (ମାଂସମ୍) ଯଥା: ଛେଳି, ମେଣ୍ଢା, ଘୁଷୁରୀ, କୁକୁଡା, ମୟୁର, ପାରା ଇତ୍ୟାଦି ଗୃହପାଳିତ ପଶୁପକ୍ଷୀ ଓ ଶିକାର କରାଯାଇ ମରାଯାଇଥିବା ପଶୁପକ୍ଷୀଙ୍କର ମାଂସ, ଅଣ୍ଡା ଓ ମାଛ ଜାତପୁମାନଙ୍କର ପ୍ରିୟ । ସେମାନେ ବିଭିନ୍ନ ପଶୁପକ୍ଷୀଙ୍କର ମାଂସ ରାନ୍ଧି ଗ୍ରହଣ କରନ୍ତି । ଯଥା : ଛେଳି, ଝିଙ୍କ, ମେଣ୍ଢା, କୁଟୁରା, ଘୁଷୁରୀ, ଢାଳ, କୁକୁଡା, କାଣେସୁ, ମୟୂର, ସମ୍ବର, ପାରା, ହରିଣ, ବରହା, ଠେକୁଆ, ବଣକୁକୁଡା, ଗୋଧି, ଅଣ୍ଡା (ବୁଲ୍ଲୁ) ଓ ମାଛ (ଚାପାଲୁ) ଇତ୍ୟାଦି ।

ସ୍ୱତନ୍ତ୍ରଭାବରେ ପଣାସଂକ୍ରାନ୍ତୀରେ ଚାଉଳ ଚୁନା / ସିମେଇ ଇତ୍ୟାଦି ସହ ଚିନି, ଗୁଡ଼ ମିଶାଇ ଖିରି (ପାସେସ୍), ଚାଉଳ ଚୁନାର ଏଣ୍ଡ୍ରି (କୁଡୁମ୍), ଟେଙ୍କା କତାରେ ଟାଙ୍କୁ ପିଠା (ଟେଙ୍କା ସାକୁଲୁ), କଣ୍ଡେମ କଣରେ ବଅନା (କୁଣ୍ଡଧାନ ଓ ଅନ୍ୟାନ ପନିପରିବା ମିଶାଇ ପ୍ରସ୍ତୁତ ସ୍ୱତନ୍ତ ଖେଚୁଡ଼ି, କୁଣ୍ଡଧାନ ଖିରି (କଣ୍ଡେମ ପାସେମ୍), କାନ୍ଦୁଲ କତାରେ ଖେଚୁଡ଼ି, ଆମୋର ପାଣ୍ଟୁର ମାଂସ, ଭାତ ଓ ମଦ ଆଦି ପ୍ରଧାନ ଅଟେ ।

ଜାତାପୁ ସମାଜରେ ଗର୍ଭବତୀ ସ୍ତ୍ରୀ ପାଇଁ କୌଣସି ପ୍ରକାର ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ନାହିଁ । କେତେକ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ ( ବିଷୟରେ ଜୀବନଚକ୍ର ଅଧ୍ୟାୟରେ ସୂଚନା ଦିଆଯାଇଛି । ଗର୍ଭାବସ୍ଥାର ୭ ମାସରେ ଗର୍ଭବତୀର ଆଶାନୁସାରେ ସାଦ ଖାଇବାକୁ ଦିଆଯାଏ ।

ଶିଶୁ ଜନ୍ମପରେ ମାଆକୁ ଅଳ୍ପ ଖାଦ୍ୟ ଖାଇବାକୁ ଦିଆଯାଏ । କେତେକ ଖାଦ୍ୟ ନଖାଇବା ପାଇ ବାରଣ କରାଯାଏ । କିନ୍ତୁ ଦୁଗ୍ଧ ବଢ଼ିବା ପାଇଁ ସେପରି କିଛି ସ୍ୱତନ୍ତ୍ର ଖାଦ୍ୟ ଦେବାର ବ୍ୟବସ୍ଥା ଜାତପୁମାନଙ୍କର ନାହିଁ ।

ସକାଳୁ ମୁଖ୍ୟତଃ ଜାତାପୁମାନେ ପଖାଳ ଖାଇଥାଆନ୍ତି । ତା'ସହିତ ତରକାରୀ, ଭଜା କିମ୍ବା ଲୁଣଲଙ୍କା ଖିଆଯାଏ । କେତେକ ଲୋକ ଚା ସହିତ ବିସ୍କୁଟ, ପାଉଁରୁଟି, ଚୁଡ଼ା, ମୁଢ଼ି ଇତ୍ୟାଦି ଖାଇବାର ଦେଖା ଦେଲାଣି । ମଧ୍ୟାହ୍ନରେ ଗରମଭାତ ସହ ତରକାରୀ ଖିଆଯାଏ ଏବଂ ରାତିରେ ଗରମଭାତ ସହ ବିଭିନ୍ନ ତରକାରୀ । କେତେକ ଲୋକ ଖାଦ୍ୟ ଗ୍ରହଣ କରି ସାରିବା ପରେ ଭାତରୁ ଗାଳି ରଖିଥିବା ପେଜ କିମ୍ବା ମାଣ୍ଡିଆ ଜାଉକୁ ପିଇଥାନ୍ତି । ଶୋଷ ବେଳେ ମଧ ଏହି ପେଜ ଓ ଜାଉ ପିଇବାକୁ ସେମାନେ ପସନ୍ଦ କରନ୍ତି ।

ଜାତାପୁମାନେ କେବଳ ବ୍ରାହ୍ମଣ ଘରୁ ରନ୍ଧା ଖାଦ୍ୟ, ପାଣି ଇତ୍ୟାଦି ଗ୍ରହଣ କରିଥାନ୍ତି ଏବଂ ଡମ୍ବ, ମୂଳୀ, ରେଲି, କନ୍ଧ ଓ ସଉରା ଇଦ୍ୟାଦି ଜାତିଙ୍କଠାରୁ ଜାତପୁମାନେ ଖାଦ୍ୟ କିମ୍ବା ପାଣି ଗ୍ରହଣ କରନ୍ତି ନାହିଁ ।

ଯଦି ଜାତାପୁମାନେ କୌଣସି ଅନୁଷ୍ଠାନରେ ତାଙ୍କଠାରୁ ଖାଦ୍ୟ ଗ୍ରହଣ କରୁନଥିବା କୌଣସି ଜାତିର ଲୋକଙ୍କୁ ଭୋଜି ଭାତ ଦେବାକୁ ଚାହାଁନ୍ତି, ତେବେ ସମସ୍ତ ପ୍ରକାର ରୋଷେଇ ଉପକରଣ, ଚାଉଳ, ଡ଼ାଲି, ପନିପରିବା, ମାଂସ କାଠ ଇତ୍ୟାଦି ସେମାନଙ୍କୁ ଯୋଗାଇ ଦିଅନ୍ତି ଏବଂ ଅଣଆଦିବାସୀ ଲୋକମାନେ ନିଜେ ରୋଷେଇ କରି ଖାଇଥାନ୍ତି । କିନ୍ତୁ ଡ଼ମ୍ବ, ମୂଳୀ, ରେଲି, କନ୍ଧ ଓ ସଉରା ଇତ୍ୟାଦି ସଂପ୍ରଦାୟର ଜାତପୁମାନଙ୍କ ଦ୍ୱାରା ରନ୍ଧା ହୋଇଥିବା ଖାଦ୍ୟ ଗ୍ରହଣ କରିନ୍ତି । ସେହିପରି ଜାତପୁମାନେ ଯଦି ଡ଼ମ୍ବ, ମୂଳୀ, ରେଲି କିମ୍ବା କନ୍ଧଙ୍କର ଉତ୍ସବାନୁଷ୍ଠାନରେ ଯୋଗ ଦିଅନ୍ତି ତେବେ ସେମାନେ ମଧ ଜାତପୁମାନଙ୍କୁ ରୋଷେଇ ଉପକରଣ, ଚାଉଳ, ପନିପରିବା ଇତ୍ୟାଦି ଅରନ୍ଧା ଖାଦ୍ୟ ପଦାର୍ଥ ଯୋଗଇ ଦିଅନ୍ତି । ତେବେ ଜାତପୁ ଲୋକମାନେ ନିଜେ ପାଣି ଆଣି ରୋଷେଇ କରି ଖାଦ୍ୟ ଗ୍ରହଣ କରନ୍ତି ।

ହାତ ଗୋଡ଼ ଧୋଇ ପ୍ରଥମେ ପିଲାମାନେ ଖାଇଥାନ୍ତି । ଭାତ ଥାଳିରେ କିମ୍ବା ପଖାଳ ଭାତ କଂସାରେ ଦିଆଯାଏ । ତରକାରୀ ତାଟିଆରେ ଦିଆଯାଏ । ଭାତର ଡ଼ାହାଣ ପାଖରେ ତରକାରୀ ରଖିନ୍ତି ଏବଂ ଆସନରେ ବସି ଭାତ ଖାଇଥାଆନ୍ତି । ଛୁଆମାନେ ଭାତ ଖାଇସାରିବା ପରେ ଘରର ପୁରୁଷଲୋକମାନେ ସେହି ପରି ଢ଼ଙ୍ଗରେ ଖାଇ ବସନ୍ତି । କେତେକ ବୟସ୍କ ଲୋକ ଖାଇସାରିବା ପରେ ପାଣି ପିଇବା ପରିବର୍ତେ ଭାତପେଜ କିମ୍ବା ମାଣ୍ଡିଆ ଜାଉ ପିଇଥାନ୍ତି । ଏହାକୁ ଦିନରାତି ସବୁବେଳେ ପିଆଯାଇପାରେ ।

ଉପଯୁକ୍ତ ଜ୍ଞାନର ଅଭାବରୁ କେଉଁ ଖାଦ୍ୟ ସୁଷମ ଖାଦ୍ୟ, ପୁଷ୍ଟି ବର୍ଦ୍ଧକ ତାହା ସେମାନେ ଜାଣିପାରନ୍ତି ନାହିଁ । କିନ୍ତୁ ମାଂସ, ଅଣ୍ଡା, ମାଛ ଓ କ୍ଷୀର ମୂଲ୍ୟଦାନ ଖାଦ୍ୟ ଏବଂ

ସୁଷମ ଖାଦ୍ୟ ବୋଲି କହିଥାନ୍ତି । ଏହା ମଧ୍ୟ ପୁଷ୍ଟିକାରକ ଖାଦ୍ୟ ବୋଲି ସେମାନେ ଭରଣ ପୋଷଣ କରିଥାନ୍ତି । ଏହା ବ୍ୟତୀତ କଞ୍ଚା ପନିପରିବା, ଜଙ୍ଗଲର କେତେକ କନ୍ଦା ପୁଷ୍ଟିକାରକ ଖାଦ୍ୟ ବୋଲି ବିବେଚନା କରାଯାଏ ।

**ପାନୀୟ :**

ସମସ୍ତ ଆଦିବାସୀଙ୍କ ପରି ଏମାନେ ମଧ୍ୟ ମଦ/ନିଶାକାରକ ପାନୀୟ ପ୍ରିୟ । ସାଧାରଣତଃ ପୁରୁଷମାନେ ମଦ୍ୟ ପାନକରିଥାନ୍ତି । ଏବଂ ଖୁବ୍ ଅଳ୍ପ ସଂଖ୍ୟକ ମହିଳା ମଦ୍ୟପାନ କରୁଥିବାର ଦେଖାଯାଏ । ପୁରୁଷଙ୍କ ତୁଳନାରେ ମଦ୍ୟପାନ କରୁଥିବା ମହିଳାଙ୍କ ସଂଖ୍ୟା ନଗଣ୍ୟ । ଏମାନେ ମୁଖ୍ୟତଃ ତିନି ପ୍ରକାର ମଦ; ଯଥା ଖଜୁରୀ ରସ, ହାଣ୍ଡିଆ ଓ ମହୁଲି ମଦ ପାନ କରନ୍ତି ଏବଂ ସୁଣ୍ଡିମାନଙ୍କ ପାଖରୁ ମଦ କିଣିଥାନ୍ତି । ଖୁବ୍ କମ୍ ସମୟରେ ସେମାନେ ନିଜେ ମଦ ପ୍ରସ୍ତୁତ କରିଥାଆନ୍ତି ।

ନିଶାକାରକ ପାନୀୟକୁ ଜାତପୁମାନେ ନିମ୍ନମତେ ବ୍ୟବହାର କରିଥାଆନ୍ତି । ସ୍ଥଳ ବିଶେଷରେ ମଧ୍ୟ ସେମାନେ ମଦ ଆବଶ୍ୟକ କରିଥାଆନ୍ତି ।

- ଭୋଜି ଭାତ; ଯଥା ଛୁଟିକିଆ, ବିବାହ ଇତ୍ୟାଦି ଭୋଜି ସରିବା ପରେ ମଦ ପିଇ ସମସ୍ତେ ମନ ଆନନ୍ଦ କରିଥାନ୍ତି । ସେହି ପରି ମକର ସଂକ୍ରାନ୍ତି ଝାକିରିମା ପୂଜା, ଟାକୁପରବ, ନନ୍ଦିଆମା ପୂଜା, ଠାକୁରାଣୀ ପୂଜା, କାନ୍ଦୁଲ ନୂଆ ଖିଆ ପର୍ବ, କୁଣ୍ଡଧାନ ନୂଆଖିଆ ଇତ୍ୟାଦି ପର୍ବପର୍ବାଣୀ ଅବସରରେ ଭୋଜି ଖାଇବା ସହ ମଦପିଇ ଖୁବ୍ ଆନନ୍ଦ ଉପଭୋଗ କରିଥାନ୍ତି ।
- ଅଧିକାଂଶ ପର୍ବପର୍ବାଣୀରେ ବନ୍ଧୁବାନ୍ଧବଙ୍କୁ ଆମନ୍ତ୍ରଣ କରି ସେମାନଙ୍କ ସହ ଭୋଜି ଓ ମଦ ପାନକରି ସେମାନଙ୍କୁ ସନ୍ତୁଷ୍ଟ କରାଯାଇଥାଏ ।
- ପରିଶ୍ରମୀ ଲୋକମାନେ ଦିନ ସାରା କାମ କରି କ୍ଳାନ୍ତ ହୋଇ ଫେରିବା ପରେ ଟିକିଏ ମଦପାନ କଲେ ଦେହରୁ ବ୍ୟଥା ଓ ଆଳସ୍ୟତା ଦୂର ହୁଏ ବୋଲି ସେମାନଙ୍କର ଧାରଣା ।
- ଶାରୀରିକ, ମାନସିକ କଷ୍ଟ ଓ ଭୟ ଇତ୍ୟାଦିକୁ ଦୂରକରିବା ପାଇଁ ମଦ ବ୍ୟବହାର କରାଯାଇଥାଏ ।
- ନାଚ ଗୀତ ଅବସରରେ ପୁରୁଷମାନେ ମଦ ସେବନ ପୂର୍ବକ ନାଚ ଗୀତ ପରିବେଷଣ କରିଥାଆନ୍ତି ।

**ଖଜୁରୀ ରସ (ଈତା କାଲୁ) :**

ସାଧାରଣତଃ ଏମାନେ ନିଜେ ଖଜୁରୀ ଗଛକାଟି ଖଜୁରୀ ରସ ସଂଗ୍ରହ କରିନଥାନ୍ତି । ଖଜୁରୀ ରସ ସଂଗ୍ରହ କରିବା ପାଇଁ ଜାତାପୁମାନଙ୍କ ଉପରେ କୌଣସି ପ୍ରକାର ନିଷେଧାଦେଶ ନଥାଏ । ତେବେ ଖୁବ୍ କମ୍ ଜାତାପୁ ଖଜୁରୀ ରସ ସଂଗ୍ରହ କରିବା ଜାଣିଥାଆନ୍ତି । ମୁଖ୍ୟତଃ କନ୍ଧ ଓ ରେଲିମାନେ ଏହା ସଂଗ୍ରହ କରିଥାନ୍ତି ଏବଂ ଏମାନଙ୍କୁ ବିକ୍ରି କରିଥାଆନ୍ତି । ପ୍ରାୟ ସବୁ ବଢ଼ିଲା ଗଛ ଖଜୁରୀ ରସ ଦେଇପାରେ । କିନ୍ତୁ ହୃଷ୍ଟପୃଷ୍ଟ ହୋଇଥିବା, ଗଛଗୁଡ଼ିକରୁ ଫଳ ଧରିବା ପୂର୍ବରୁ ରସ ସଂଗ୍ରହ କରାଯାଇଥାଏ । ପ୍ରଥମେ ଗଛର ଉପର ଭାଗର କନ୍ଦା ପାଖରେ ଚାଞ୍ଚି ଦିଆଯାଏ । ପ୍ରଥମେ କଟୁରୀ ବା ଛୁରୀରେ ବଡ଼ 'ପାଲ' (ଡ଼ାଳ)ଗୁଡ଼ିକୁ କାଟି ଦିଆଯାଏ । ପରେ ଟାଙ୍ଗିଆରେ ଚାଞ୍ଚି ଗଛ ମଧ୍ୟସ୍ଥ କନ୍ଦାକୁ ଚିହ୍ନଟ କରାଯାଏ । ଏହି କନ୍ଦାର ଠିକ ତଳକୁ ଏକ ପାତ ଲଗାଇ ଦିଆଯାଏ ଏବଂ ଏହା ତଳେ ଗୋଟିଏ ମାଟି କଳସୀକୁ ଝୁଲାଇ ଦିଆଯାଇଥାଏ । ରସ ଗାତ ଉପର ଦେଇ ଗଡ଼ିଗଡ଼ି ଆସି ଏହି ପାତ୍ରରେ ସଂଗୃହୀତ ହୁଏ । ଏଥିରେ ଖରାଦିନେ କୌଣସି ପ୍ରକାର ଚେରମୂଳ ମିଶାଯାଏ ନାହିଁ କିନ୍ତୁ ଶୀତଦିନେ କେତେକ ପିତା ଚେର ଓ ଛାଲି ଏହି ପାତ୍ରରେ ରଖିଦିଆଯାଇଥାଏ । ପରେ ସେଥିରେ ରସ ସଂଗୃହୀତ ହୋଇ, ଛାଲି ଓ ଚେର ସଂସ୍ପର୍ଶରେ ଆସିବା ଫଳରେ ରସ ନିଶାଯୁକ୍ତ ହୋଇଥାଏ ।

ଏହି ରସକୁ ସକାଳୁ ସୂର୍ଯ୍ୟ ଉଦୟ ପୂର୍ବରୁ ପିଇଲେ ପେଟଥଣ୍ଡା ରହେ ଏବଂ ଶରୀର ହୃଷ୍ଟପୃଷ୍ଟ ହୁଏ ବୋଲି ଜାତପୁମାନେ ମତ ଦିଅନ୍ତି । ଏହା ବେଶୀ ନିଶାଯୁକ୍ତ ହୋଇ ନଥାଏ ।

**ହାଣ୍ଡିଆ :**

ଏହା ଏକଦା କ୍ୱଚିତ କେହି ତିଆରି କରିଥାଆନ୍ତି । ଏହାକୁ ବେଳେବେଳେ ପର୍ବପର୍ବାଣୀ ଅବସରରେ ପ୍ରସ୍ତୁତ କରାଯାଇଥାଏ । ଏଥିପାଇଁ ଚାଉଳ ଓ ଜଙ୍ଗଲର କେତେକ ଚେରମୂଳ ଆବଶ୍ୟକ ହୋଇଥାଏ ।

ପ୍ରଥମେ ଚାଉଳକୁ ରାନ୍ଧି ଭାତ ପ୍ରସ୍ତୁତ କରି ସେଥିରେ ବଜାରରେ ମିଳୁଥିବା ହାଣ୍ଡିଆ ଔଷଧ ଆଣି ମିଶାଇ ଘାଣ୍ଟି ଦିଆଯାଏ । ଅନ୍ୟଗୋଟିଏ ହାଣ୍ଡିକୁ ନିଆଁରେ ସେକି ଗରମ କରାଯାଏ । ଔଷଧ ମିଶା ଭାତରୁ ହାଣ୍ଡିରେ ଭର୍ତ୍ତିକରି ଅଳ୍ପ ପାଣି ଦେଇ କିଛି ଦିନ ରଖିଥିବା ପରେ ଭାତଗୁଡ଼ିକ ମିଳାଇ ଯାଇ ଏକ ଦୁର୍ଗନ୍ଧ ବାହାରେ । ତାହାକୁ ଘାଣ୍ଟି ଗରମ କରି ଦେଲେ ହାଣ୍ଡିଆ ପ୍ରସ୍ତୁତି ହୋଇଯାଏ । ଏହାକୁ ଉଷୁମ ଉଷୁମ ପିଇବା ସ୍ୱାଦଯୁକ୍ତ ଏବଂ ଥଣ୍ଡା କରି ପିଇଲେ ପେଟ ଥଣ୍ଡା ରହେ ବୋଲି ଜାତାପୁମାନଙ୍କର ଧାରଣା ।

## ମହୁଲି ମଦ (ମଗାଲୁ କାଲୁ) :

ଡ଼ିସେମ୍ବରରୁ ଫେବୃଆରୀ ମଧ୍ୟରେ ଜଙ୍ଗଲରୁ ମହୁଲ ସଂଗ୍ରହ କରାଯାଏ । ଏହି ମହୁଲକୁ ଖରାରେ ଶୁଖାଇ ବର୍ଷକ ପାଇଁ ସଂରକ୍ଷଣ କରି ରଖାଯାଇପାରେ । ଜାତପୁମାନେ ଏଥିରୁ ମଦ ପ୍ରସ୍ତୁତ କରିବା ଜାଣନ୍ତି । ମହୁଲି ମଦ ସେମାନଙ୍କର ସବୁଠାରୁ ପ୍ରିୟ ।

ପ୍ରଥମେ ମହୁଲକୁ ପାଣିରେ ଭର୍ତ୍ତିକରି ଗୋଟିଏ ବଡ଼ ହାଣ୍ଡିରେ ୫-୬ ଦିନ ରଖିଦେବା ପରେ ମହୁଲଗୁଡ଼ିକ ପଚିଯାଏ । ଏହି ମହୁଲକୁ ପଚାଇବା ପାଇଁ ଅଳ୍ପକିଛି ଜଙ୍ଗଲି ଚେରମୂଳ ମିଶାଯାଇଥାଏ । ମହୁଲ ପଚି ଗଲାପରେ ମଦ ପ୍ରସ୍ତୁତ କରାଯାଏ । ଏଥିନିମନ୍ତେ ମାଟି ହାଣ୍ଡି, ବାଉଁଶ ନଳୀ, ଗରିଆ, ମାଟି, ଗୋବର, ଚୁଲି, କାଠ ଇତ୍ୟାଦି ଆବଶ୍ୟକ । ପ୍ରଥମେ ସେମାନେ ଗୋଟିଏ ହାଣ୍ଡିରେ ପଚିଯାଇଥିବା ମହୁଲକୁ ଭର୍ତ୍ତି କରି ପାଣି ମିଶାଇ ଝରଣା ଥିବା ସ୍ଥାନକୁ ନେଇ ଯାଆନ୍ତି । ସାଥୀରେ ଅନ୍ୟାନ୍ୟ ଉପକରଣ ମଧ୍ୟ ନେଇଥାଆନ୍ତି । ଝରଣାର ପାଣି କୂଳରେ ପଥର ରଖି ଗୋଟିଏ ଚୂଲି ତିଆରି କରାଯାଏ ଏବଂ ତା ଉପରେ ମହୁଲ ପାଣିଥିବା ହାଣ୍ଡିକୁ ରଖାଯାଏ । ତା ଉପରେ ଗୋଟିଏ ହାଣ୍ଡିକୁ ଓଲଟାଇ ରଖାଯାଏ । ଉପର ହାଣ୍ଡିଟି ମାଟିର ହାଣ୍ଡି ଏବଂ ଏହାର ଗୋଟିଏ ପାର୍ଶ୍ୱରେ ଏକ ରନ୍ଧ୍ର ଥାଏ । ଏହି ରନ୍ଧ୍ର ମଧ୍ୟରେ ଗୋଟିଏ ନଳୀ ବହାରକୁ ଲାଗିଥାଏ । ପାଣି ଭିତରେ ଗୋଟିଏ ଗରିଆ କିମ୍ବା ହାଣ୍ଡି ରଖାଯାଏ । ନଳୀଟି ଉପରହାଣ୍ଡି ଓ ପାଣି ଉପରେ ଥିବା ପାତ୍ରକୁ ସଂଯୋଗ କରେ । ମାଟି ହାଣ୍ଡିରେ ନଳୀ ସଂଯୋଗ ହୋଇଥିବା ସ୍ଥାନ ଏବଂ ମହୁଲ ହାଣ୍ଡି ଓ ତା'ଉପରେ ଓଲଟାଇ ଯଖାଯାଇଥିବା ହାଣ୍ଡିର ସଂଯୋଗ ସ୍ଥାନରେ ମାଟି ଗୋବର ଲଗାଇ ଦେଇ ବାୟୁ ଚଳାଚଳ ସଂପୂର୍ଣ୍ଣ ରୂପେ ବନ୍ଦ କରାଯାଏ । ପାଣି ଉପରେ ଥିବା ପାତ୍ରରେ ମୁହଁରେ ନଳୀ ଭର୍ତ୍ତି କରିବା ପରେ ପାତ୍ରର ମୁହଁକୁ ଶକ୍ତ କରି ମୋଟା ଜରି କିମ୍ବା ବଡ଼ ପତ୍ରଦ୍ୱାରା ବାନ୍ଧି ବାୟୁଚଳାଚଳ ବନ୍ଦ କରି ଦିଆଯାଏ । ଏହାପରେ ଚୁଲିରେ କାଠ ଭର୍ତ୍ତି କରି ନିଆଁ ଜାଳିବା ଦ୍ୱାରା ମହୁଲ ହାଣ୍ଡି ଗରମ ହୁଏ ଓ ସମୟକ୍ରମେ ହାଣ୍ଡିରେ ଥିବା ପାଣି ବାଷ୍ପ ହେବାକୁ ଲାଗେ । ପାଣି ବାଷ୍ପ ହୋଇ ଉପରକୁ ଉଠି ଉପର ହାଣ୍ଡିର ଗଛ ପାଖରେ ମାଡ଼ ହୋଇ ନଳୀ ମଧ୍ୟ ଦେଇ ପାଣି ଉପରେ ଥିବା ପାତ୍ରରେ ପହଞ୍ଚେ । ଯେହେତୁ ପାତ୍ରଟି ପାଣି ଉପରେ ଥାଏ ତାହା ଥଣ୍ଡା ଥାଏ । ଏହି ଥଣ୍ଡା ପାତ୍ର ସଂସ୍ପର୍ଶରେ ଆସିବା ପରେ ବାଷ୍ପ ତରଳ ହୋଇ ମଦରେ ପରିଣତ ହୁଏ । ନିର୍ଦ୍ଦିଷ୍ଟ ପରିମାଣରେ ମଦ ନିର୍ଦ୍ଦିଷ୍ଟ ସମୟରେ ସଂଗୃହିତ ହୋଇ ଗଲା ପରେ ମହୁଲି ମଦକୁ ସଂଗ୍ରହ କରାଯାଏ ଓ ସିଝା

ମହୁଲକୁ ଫୋପାଡ଼ି ଦିଆଯାଏ । ମହୁଲ ମଦକୁ କାଚ ବୋତଲରେ ଭର୍ତ୍ତି କରି ସଂରକ୍ଷଣ କରାଯାଏ । ଏହାକୁ ସେମାନେ ନିଜେ ପିଇଥାନ୍ତି, କିମ୍ବା ବନ୍ଧୁମାନଙ୍କୁ ଦେଇଥାନ୍ତି କିମ୍ବା ବିକ୍ରି କରିଥାଆନ୍ତି ।

ତେବେ ଜାତପୁମାନେ ମଦ ତିଆରି କରିବାରେ ଏତେ ଧୂରନ୍ଧର ନୁହଁନ୍ତି । ପାଖରେ ଥିବା ସୁଣ୍ଡିମାନେ ଏମାନଙ୍କଠାରୁ ମହୁଲ ଅଳ୍ପ ଦରରେ କିଣି ନିଅନ୍ତି ଓ ସେମାନେ ମଦ ପ୍ରସ୍ତୁତ କରି ସଂରକ୍ଷଣ କରି ରଖନ୍ତି ଏବଂ ଜାତପୁମାନେ ଏହି ସୁଣ୍ଡିମାନଙ୍କଠାରୁ ଅଧିକ ଦାମରେ ମଦକୁ କିଣି ପିଇଥାଆନ୍ତି ।

ଅନୁଧ୍ୟାନ ପରିସରଭୁକ୍ତ ମହୁଲ ମଦ ବ୍ୟତୀତ ବିଦେଶୀମଦ ମଧ୍ୟ ପିଇଥାଆନ୍ତି । ମଦ୍ୟପାନ ଦ୍ୱାରା ଅର୍ଥହାନୀ, ପ୍ରାଣପୀଡ଼ା, କଳିଝଗଡ଼ା, ଶତ୍ରୁଣ ଇତ୍ୟାଦିର ଶିକାର ହେବାକୁ ପଡ଼େ । ମନଫୁର୍ତ୍ତି ରହେ, ଦେହରୁ ବ୍ୟଥା ମରେ । ସାମୟିକଭାବେ ଦୁଃଖକୁ ଭୁଲି ହୋଇଥାଏ ବୋଲି ସେମାନେ କହନ୍ତି ।

**ନିଶା ଦ୍ରବ୍ୟ :**

ଜାତାପୁମାନେ ମାଦକ ପାନୀୟ ବ୍ୟତୀତ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ସେବନ କରିଥାନ୍ତି । ସେଗୁଡ଼ିକ ମଧ୍ୟରେ ଧୂଆଁପତ୍ର ପ୍ରଧାନ । ପୁରୁଷ ଓ ମହିଳା ଉଭୟ ଧୂଆଁପତ୍ରରେ ପଲା ତିଆରି କରି ପିଇଥାନ୍ତି । ଧୂଆଁପତ୍ରକୁ ଦଳି ସେଥିରେ ଚୂନ ମିଶାଇ ଖାଇଥାନ୍ତି । ଏତଦ୍‌ବ୍ୟତୀତ ସ୍ତ୍ରୀଲୋକମାନେ ଗୁଡ଼ାଖୁ, ପାନ ଖାଇଥା'ନ୍ତି । ପୁରୁଷଲୋକମାନେ ବଡ଼ି, ସିଗାରେଟ, ଗଞ୍ଜେଇ, ଧୂଆଁପତ୍ର ପିକା, ଗୁଡ଼ାଖୁ ଇତ୍ୟାଦି ଖାଇଥାଆନ୍ତି । ଏ ସମସ୍ତ ବ୍ୟତୀତ ଏବେ ବଜାରରେ ମିଳୁଥିବା ଗୁଟ୍‌ଖା ଖଇନି ଇତ୍ୟାଦି ଖାଉଛନ୍ତି ।

କେତେକ ଲୋକ ଏହାକୁ ଅଭ୍ୟାସ ବଶତଃ ଖାଇଥାନ୍ତି । କେତେକ ଲୋକ କହନ୍ତି ଏହି ନିଶାଦ୍ରବ୍ୟ ସେବନ ଦ୍ୱାରା ମନ ଚଞ୍ଚଳ ଓ ସ୍ଥିର ରହେ, ବେଶୀ ଦୁଃଶ୍ଚିନ୍ତା ହୁଏ ନାହିଁ, ପାଟିର ଦୁର୍ଗନ୍ଧ ଦୂର କରିବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଏ । ଏହି ନିଶାକାରକ ଦ୍ରବ୍ୟ ସେବନରେ କୌଣସି ଜାତି ନଥାଏ । କେହି କେହି ଅନ୍ୟ ଗୋଷ୍ଠୀର ଲୋକଠାରୁ ଏହି ନିଶା ଦ୍ରବ୍ୟ ମାଗି ଖାଇଥାନ୍ତି । ଜଣେ ଯେତେବେଳେ କୌଣସି ପ୍ରକାର ନିଶାଦ୍ରବ୍ୟ ଖାଏ ତାଙ୍କ ପାଖରେ ଥିବା ସମସ୍ତ ଲୋକଙ୍କୁ ଯାଚିଥାଏ । ଏପରି କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ସେହ୍ନଭାବ ଓ ଏକତା ମନୋବଳ ସୁଦୃଢ଼ ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

ସାଧାରଣତଃ ଏହି ଲୋକମାନେ ସୁଣ୍ଡି ବେପାରୀଙ୍କଠାରୁ ଏସମସ୍ତ ନିଶାଯୁକ୍ତ ଦ୍ରବ୍ୟ କ୍ରୟ କରିଥାଆନ୍ତି । ତେଣୁ ସେମାନେ ଏହାର ସୁଯୋଗ ନେଇ ଅଳ୍ପ ଦାମରେ କିଣି ଖୁବ୍ ଅଧିକ ଦାମରେ ଏମାନଙ୍କୁ ବିକ୍ରିକରି ଜାତପୁମାନଙ୍କୁ ଶୋଷଣ କରିଥାଆନ୍ତି ।

ଏମାନେ ଦୈନନ୍ଦିନ ଜୀବନରେ ଆବଶ୍ୟକ କରୁଥିବା ତେଲ, ଲୁଣ, କିରୋସିନ ଓ ଅନ୍ୟାନ୍ୟ ଜିନିଷ କିଣିବା ପାଇଁ ସାପ୍ତାହିକ ହାଟ ବା ନିକଟସ୍ଥ ବଜାରକୁ ଯାଇଥାନ୍ତି । ଏତଦ୍‌ବ୍ୟତୀତ ବାସନକୁସନ, ଗୃହୋପକରଣ, କୃଷିଉପକରଣ, ବସ୍ତ୍ର ଓ ଅଳଙ୍କାର, ଦେବାଦେବୀଙ୍କର ମୂର୍ତ୍ତି ଓ ସଂକଳ୍ପିତ ଦ୍ରବ୍ୟ ଶିକାର ଉପକରଣ ଇତ୍ୟାଦି ହାଟରୁ କିଣିଥାଆନ୍ତି । ଶୁଖୁଆ, ପନିପରିବା ସହିତ ଆବଶ୍ୟକ ସ୍ଥଳେ ସେମାନେ ହାଟରୁ ଧୂଆଁପତ୍ର, ଗୁଡ଼ାଖୁ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ କିଣିଥାଆନ୍ତି ।

ସେହିପରି ସେମାନେ ନିଜେ ଉତ୍ପାଦନ କରୁଥିବା ବିଭିନ୍ନପ୍ରକାର ଶସ୍ୟ, ଯଥା – ଧାନ, ମାଣ୍ଡିଆ, ଇତ୍ୟାଦି ବଳକା ହେଲେ ବିକ୍ରି କରିଥାନ୍ତି । ଜଙ୍ଗଲରୁ ସଂଗ୍ରହ କରି ଆଣୁଥିବା ଖାଦ୍ୟ ପଦାର୍ଥ ଯଥା – ଫଳମୂଳ, କନ୍ଦା, ଛତୁ, ମହୁଲ, ଝୁଣା, ମହୁ ଇତ୍ୟାଦି ନିକଟସ୍ଥ ହାଟ ବଜାରରେ ବିକ୍ରି କରନ୍ତି । ଏତଦ୍‌ବ୍ୟତୀତ ଆଜିକାଲି ବିଭିନ୍ନ ଅର୍ଥକାରୀ ଫସଲ; ଯଥା – ଧୂଆଁପତ୍ର ଓ କପା ଚାଷ କରି ବିକ୍ରି କରିବା ସେମାନେ ଶିଖିଲେଣି । ଋତୁକାଳୀନ ବିଭିନ୍ନ ପନିପରିବା କରି ଏମାନେ ବଜାରରେ ବିକ୍ରୟ କରିଥାଆନ୍ତି । କେତେକ ସ୍ଥଳେ ଗାଁରୁ ଓ ଘରୁ ବେପାରୀମାନେ ଆସି ସମସ୍ତ ଉତ୍ପାଦିତ ଦ୍ରବ୍ୟ କ୍ରୟ କରି ନେଇ ଯାଆନ୍ତି କିମ୍ବା ଏମାନେ ହାଟ ବଜାରକୁ ନେଇ ନିଜର ଦ୍ରବ୍ୟକୁ ବିକ୍ରୟ କରିଥାନ୍ତି । ଶିକ୍ଷାଗତ ଯୋଗ୍ୟତାର ଅଭାବ ସହ ଏମାନେ ସରଳ ହୋଇଥିବାରୁ ଏମାନଙ୍କୁ ସହଜରେ ଓଜନ, ଦର, ହିସାବ ଇତ୍ୟାଦିରେ ଅନ୍ୟମାନେ ଠକାଇ ଦିଅନ୍ତି ।

**ବିଭାଜନ / ବିଭାଗୀକରଣ :**

ଜାତପୁମାନେ ମଧ୍ୟ କେତେତ ସ୍ଥାବର ଅସ୍ଥାବର ସଂପତ୍ତିର ଅଧିକାରୀ ହୋଇଥାଆନ୍ତି । କେତେକ ସଂପତ୍ତି ବ୍ୟକ୍ତିଗତ ଭାବେ ଅଧିକାର କରାଯାଇଥିବା ବେଳେ ଅନ୍ୟ କେତେକ ସଂପତ୍ତି ପାରିବାରିକ ସ୍ତରରେ ତ ପୁଣି ଅନ୍ୟ କେତେକ ସଂପତ୍ତି ଗ୍ରାମ / ଗୋଷ୍ଠୀ ସ୍ତରରେ ଅଧିକୃତ ହୋଇଥାଏ ।

**ଜଙ୍ଗଲ ଓ ପାହାଡ଼ର ଭାଗ :**

ଜଙ୍ଗଲ ଏକ ପ୍ରାକୃତିକ ସ୍ଥାବର ସଂପତ୍ତି । ଏହା ଗ୍ରାମ ବା ଗୋଷ୍ଠୀଦ୍ୱାରା ଅଧିକୃତ ହୋଇଥାଏ । ତେଣୁ ଜଙ୍ଗଲକୁ ବ୍ୟକ୍ତିଗତଭାବେ ଭାଗବାଣ୍ଟ କରାଯାଇଥାଏ,

ଏହାକୁ ସମସ୍ତେ ସବୁବେଳେ ବ୍ୟବହାର କରିପାରନ୍ତି । କିନ୍ତୁ ଜଙ୍ଗଲସ୍ଥ ଗଛକୁ କାଟି ଥରେ ଜଣେ ଗୋଟିଏ ପୋଡ଼ୁଜମି ସଫା କରିବା ପରେ ସେହି ଜମିଟି ତା'ର ଅଧିକାର ଭୁକ୍ତ ହୁଏ, ଯେପର୍ଯ୍ୟନ୍ତ ସେ ଉକ୍ତ ଜମିକୁ ନଛାଡ଼ିଛି ସେ ପର୍ଯ୍ୟନ୍ତ ଅନ୍ୟ କେହି ଅଧିକାର କରିପାରନ୍ତି ନାହିଁ । ଜଙ୍ଗଲର ସମସ୍ତ ଜଙ୍ଗଲ ଜାତ ଦ୍ରବ୍ୟକୁ ସମସ୍ତ ଗୋଷ୍ଠୀର ଲୋକମାନେ ସଂଗ୍ରହ କରିବାର ସମାନ ଅଧିକାର ରହିଛି ।

**ଜମି, ବୃକ୍ଷ ଓ ବଗିଚା :**

ଜମି, ବଗିଚା ଓ ଗଛ କେତେକ ନିର୍ଦ୍ଦିଷ୍ଟ ବୃକ୍ଷ ବ୍ୟକ୍ତିଗତଭାବେ ଅଧିକାର କରାଯାଇଥାଏ । ସାଧାରଣତଃ ବାପାମାଆ ବଞ୍ଚିଥିବା ପର୍ଯ୍ୟନ୍ତ ପୁଅମାନେ ଏକାଠି ମିଶି ଚାଷ କରିଥାଆନ୍ତି ଏବଂ ସେମାନଙ୍କର ଭାଗ ସେମାନେ ନେଇଥାନ୍ତି । ସମସ୍ତେ ସମାନ ଭାଗ ପାଇଥାନ୍ତି । ଏପରିକି ବାପାମାଆ ମଧ୍ୟ ଗୋଟିଏ ସମାନ ଭାଗ ପାଇଥାଆନ୍ତି । ଜମିଗୁଡ଼ିକ ବାପାଙ୍କର ଅଧୀନରେ ଥାଏ ଏବଂ ବାପାଙ୍କର ମୃତ୍ୟୁ ପରେ ହିଁ ଭାଇମାନଙ୍କ ମଧ୍ୟରେ ଭାଗ ହୁଏ । ସମସ୍ତ ସ୍ଥାବର ସଂପତ୍ତିକୁ ସମସ୍ତ ପୁଅମାନଙ୍କ ମଧ୍ୟରେ ସମାନଭାବରେ ବାଣ୍ଟି ଦିଆଯାଏ । ଯଦି ବାପାମାଆ ବଞ୍ଚି ଥାଆନ୍ତି ତେବେ ସେମାନଙ୍କ ପାଇଁ ମଧ୍ୟ ଗୋଟିଏ ଭାଗ ଛଡ଼ା ଯାଇଥାଏ । ସେହିପରି ଘର, ବାଡ଼ି, ବଗିଚା, ଫଳଗଛ ଇତ୍ୟାଦି ଭାଗ କରାଯାଏ । ଏଥିନିମନ୍ତେ ଗ୍ରାମ ସଭା କିମ୍ବା କେତେକ ଭଦ୍ର ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଡ଼କାଯାଏ ଏବଂ ତାଙ୍କ ଆଗରେ ସଂପୂର୍ଣ୍ଣ ବିବରଣୀ ଉପସ୍ଥାପନା କରାଯାଇଥାଏ । ତା'ପରେ ବିଚାରକ ମଣ୍ଡଳୀ ସମସ୍ତ ଭାଇମାନଙ୍କ ମଧ୍ୟରେ ଜମିବାଡ଼ି, ଘରଦ୍ୱାରା ଓ ଗଛ ଇତ୍ୟାଦି ସ୍ଥାନର ସଂପତ୍ତିର ଭାଗ କରାଯାଇଥାଏ । ବାପା ମାଆ ଥିଲେ ସେମାନଙ୍କୁ ଭାଗ ଦିଆଯାଏ । ସେମାନଙ୍କର ଯତ୍ନ ଯିଏ ନିଏ ସେ ହିଁ ସେହି ଭାଗରେ ଅଧିକାରୀ ହୁଏ । କିନ୍ତୁ ଏଠାରେ ଝିଅମାନଙ୍କୁ କୌଣସି ଗୁରୁତ୍ୱ ଦିଆଯାଏ ନାହିଁ କିମ୍ବା କୌଣସି ଭାଗ ନିଆଯାଏ ନାହିଁ ।

ସ୍ଥାବର ସଂପତ୍ତି ପରି ସମସ୍ତ ଅସ୍ଥାବର ସଂପତ୍ତି ମଧ୍ୟ ପୁଅମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ । ବାପାମାଆ ବଞ୍ଚିଥିବା ପର୍ଯ୍ୟନ୍ତ ଅସ୍ଥାବର ସଂପତ୍ତିର ଭାଗ ବଣ୍ଟା ହୁଏ ନାହିଁ । ଭାଇମାନେ ସେମାନଙ୍କର ଶ୍ୱଶୁର ଘରୁ ପାଇଥିବା ସଂପତ୍ତିକୁ ପ୍ରଥମେ ନିଜର ଅଲଗା କରିନିଅନ୍ତି । ବାପାଙ୍କର ମୃତ୍ୟୁ ପରେ ଅନ୍ୟ ସବୁକୁ ଭାଗ କରାଯାଏ । ଏଥିରେ ମଧ୍ୟ ଗ୍ରାମସଭା ବା କେତେକ ଭଦ୍ର ବ୍ୟକ୍ତିଙ୍କୁ ଡ଼ାକିବାକୁ ପଡ଼ିଥାଏ । ସେମାନଙ୍କର ନିଷ୍ପତ୍ତି କ୍ରମେ ସବୁ ଠିକ୍ ଠିକ୍ ଭାଗ କରାଯାଏ । ଏହା ପୂର୍ବରୁ ମାଆ ତା'ବାପାଘରୁ ଆଣିଥିବା ଅଳଙ୍କାର ସମୂହକୁ ସେ ନିଜ ଇଚ୍ଛାନୁସାରେ ଝିଅମାନଙ୍କୁ ବାଣ୍ଟି ଦେଇଥାଏ । ଏଥିରେ ପୁଅମାନେ କୌଣସି ପ୍ରକାର ହସ୍ତକ୍ଷେପ କରିନଥାନ୍ତି ।

ଯଦି ଗୃହରେ ବିକଳାଙ୍ଗ ପୁଅଥାଏ, ତେବେ ତା' ପାଇଁ ମଧ୍ୟ ସବୁ ସଂପତ୍ତିର ଗୋଟିଏ ଭାଗ ଅଲଗା ରଖାଯାଇଥାଏ । ସେହି ଭାଗକୁ ଯିଏ ଭୋଗ କରିବାକୁ ଇଚ୍ଛା କରେ ସେ ସେହି ବିକଳାଙ୍ଗ ଭାଇ ଯତ୍ନ ନେଇଥାଏ । ଯଦି ଝିଅ ବିକଳାଙ୍ଗ ହୋଇଥାଏ ତେବେ ତା ପାଇଁ କୌଣସି ଭାଗ ଲେଖାଯାଇ ନଥାଏ । ବାପାମାଆଙ୍କର ଅନ୍ତେ ଭାଇମାନେ ମିଶି ଉକ୍ତ ବିକଳାଙ୍ଗ ଭଉଣୀର ସମସ୍ତ ଦାୟିତ୍ୱ ନେଇଥାଆନ୍ତି ।

ଉତ୍ତରାଧିକାର :

କୌଣସି ସଂପତ୍ତି ବା ପଦ ମାଲିକଙ୍କର ମୃତ୍ୟୁ ପରେ ବା ପୂର୍ବରୁ ସଂପତ୍ତି ବା ପଦକୁ ଉପଭୋଗ କରିବା ପାଇଁ ହସ୍ତାନ୍ତରୀତ କରାଯାଉଥିବା ସୁଯୋଗକୁ ଉତ୍ତରାଧିକାରୀ କୁହାଯାଏ ।

ଜଙ୍ଗଲ ପାହାଡ଼ ଆଦି ସ୍ଥାବର ସଂପତ୍ତି ବଂଶାନୁକ୍ରମେ ଗ୍ରାମ କିମ୍ୱା ଗୋଷ୍ଠୀ ଅଧୀନରେ ଥାଏ । ଉତ୍ତରାଧିକାର ସୂତ୍ରରେ ଗୋଟିଏ ଗ୍ରାମର ଅଧିବାସୀ ସେମାନଙ୍କ ପୂର୍ବପୁରୁଷଙ୍କ ମୃତ୍ୟୁପରେ ଜଙ୍ଗଲର ଅଧିକାରୀ ହୋଇଥାଆନ୍ତି ।

ଏତଦ୍‌ବ୍ୟତୀତ ଜମିଜମା, ବାଡ଼ି, ବଗିଚା ଓ ଫଳଗଛ ଇତ୍ୟାଦି ସମାନ ଭାବରେ ପୁଅମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥାଏ । ଝିଅମାନଙ୍କୁ କୌଣସି ଅଂଶ ଦିଆଯାଇଥାଏ । ମାଆଙ୍କ ଅଳଙ୍କାର ବ୍ୟତୀତ ଘରର ଅନ୍ୟ ସମସ୍ତ ଅସ୍ଥାବର ସଂପତ୍ତି ମଧ୍ୟ ପୁଅମାନଙ୍କ ମଧ୍ୟରେ ଭାଗ ହୁଏ, ଝିଅକୁ ମାଆ ନିଜର କେତେକ ଅଳଙ୍କାର ପ୍ରଦାନ କରିପାରେ ।

ଯଦି କୌଣସି ବ୍ୟକ୍ତିଙ୍କର ପୁଅ ନଥାଏ, ତେବେ ସେ ପୋଷ୍ୟ ପୁତ୍ର ଗ୍ରହଣ କରିପାରେ କିମ୍ୱା ଘରଜ୍ୱାଇଁ ରଖିପାରେ । ସେକ୍ଷେତ୍ରରେ ପୋଷ୍ୟପୁତ୍ର କିମ୍ୱା ଘରଜ୍ୱାଇଁ ଉକ୍ତ ପରିବାରର ସମସ୍ତ ଉତ୍ତରାଧିକାରୀ ହୋଇଥାନ୍ତି ।

ଜାତାପୁମାନଙ୍କ ଗ୍ରାମ ମୁଖିଆଙ୍କୁ ଜାନି କୁହାଯାଏ । ସେ ରାଜନୈତିକ ମୁଖ୍ୟ । ଏହି ଜାନି ପଦବୀ ଉତ୍ତରାଧିକାର ସୂତ୍ରରେ ଗ୍ରହଣ କରାଯାଏ । ପ୍ରଥମ ସ୍ତ୍ରୀର ପ୍ରଥମ ପୁତ୍ରଙ୍କୁ ଏହି ପଦ ପାଇବା ପାଇଁ ଅଗ୍ରାଧିକାର ଦିଆଯାଏ । ସେହି ପରି ମଣ୍ଡଳ ନାଇଡୁ ବା ଜାତି ପଦପଦବୀ ମଧ୍ୟ ଉତ୍ତରାଧିକାର ସୂତ୍ରରେ ଗ୍ରହଣ କରାଯାଏ । ଧର୍ମୀୟ କ୍ଷେତ୍ରରେ ଗ୍ରାମର ପୂଜାରୀ 'ଜାନି' ପଦ ମଧ୍ୟ ଏହି ସୂତ୍ରରେ ଉତ୍ତରାଧିକାର ଗ୍ରହଣ କରାଯାଏ ।

# ସାମାଜିକ ସଂଗଠନ

ସୁଖ, ଶାନ୍ତି ଓ ସହାବସ୍ଥାନ-ଭିତ୍ତିକ ଜୀବନ ନିର୍ବାହ ପାଇଁ ମଣିଷ ସମାଜ ଗଠନ କରେ । ଏକାକୀ କୌଣସି ମଣିଷ ଜୀବନ ନିର୍ବାହ କରିପାରେ ନାହିଁ । ପୁନଶ୍ଚ ସଭ୍ୟତାର ବିକାଶ ପାଇଁ ସମାଜ ଓ ସାମାଜିକ ବନ୍ଧନ ଅପରିହାର୍ଯ୍ୟ । ଜାତାପୁ ସମାଜ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ତେବେ ଏହାର କିଛିଟା ସ୍ୱାତନ୍ତ୍ୟ ରହିଛି ।

**ରକ୍ତ ସଂପର୍କ (ଭଗାରୀଲୁ) :**

ପିତାମାତାଙ୍କୁ ନେଇ ଯେଉଁମାନଙ୍କ ସହିତ ନିବିଡ଼ ସଂପର୍କ ଯୋଡ଼ି ହୋଇଥାଏ, ସେମାନଙ୍କୁ ରକ୍ତ ସଂପର୍କୀୟ କୁହାଯାଇଥାଏ । ଭାଇ, ଭଉଣୀ, ବାପା, ମା, ଦାଦା, ଖୁଡୀ, ଜେଜେମା, ଜେଜେବାପା, ବଡ଼ ବାପା, ବଡ଼ ମା, ସମସ୍ତେ ରକ୍ତ ସଂପର୍କୀୟ ଭାବରେ ପରିଚିତ । ଝିଅମାନେ ମଧ୍ୟ ରକ୍ତ ସଂପର୍କୀୟ କିନ୍ତୁ ଝିଅର ସନ୍ତାନସନ୍ତତି ରକ୍ତ ସଂପର୍କୀୟ ନୁହଁନ୍ତି । ରକ୍ତ ସଂପର୍କୀୟ ମଧ୍ୟରେ ବାହାଘର ହୋଇପାରିନଥାଏ ।

କେତେଜଣ ରକ୍ତସଂପର୍କୀୟ ମିଶି ଏକାଠି ରହିଲେ ପରିବାର ଗଠିତହୋଇଥାଏ । ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କୁ ପାରିବାରିକ ସଦସ୍ୟ କୁହାଯାଇଥାଏ । ପରିବାରର ସଦସ୍ୟମାନ ପରସ୍ପର ମଧ୍ୟରେ ଅତି ଉତ୍ତମ ସଂପର୍କ ରଖିଥାନ୍ତି, ପରସ୍ପରର ସୁଖ, ଦୁଃଖରେ ସାଥି ହୋଇଥାନ୍ତି । ଏବଂ ସମସ୍ତେ ମିଳିମିଶି ରହିଥାନ୍ତି ।

ବଂଶ ଏକ ବିସ୍ତୃତ ଶବ୍ଦ । ଜାତାପୁମାନେ ଏକା 'ସାଙ୍ଗିଆ' (title) ଥିବାଲୋକଙ୍କୁ ଗୋଟିଏ ବଂଶର ଲୋକ ବୋଲି ଭାବିଥାନ୍ତି । ବଂଶରେ କାହାର ଅଶୌଚ ହେଲେ, ଯଥା - ଛୁତିକିଆ, ମୃତିକିଆ ଇତ୍ୟାଦି ହେଲେ ସମସ୍ତେ ଏହାକୁ ପାଳନ କରିବାକୁ ବାଧ୍ୟ । ଏମାନଙ୍କ ମଧ୍ୟରେ ବାହାଘର ନିଷିଦ୍ଧ । କାରଣ ସମସ୍ତେ ରକ୍ତ ସଂପର୍କୀୟ ।

ପ୍ରତ୍ୟେକ ଜାତାପୁ ଲୋକ ଗୋଟିଏ ଗୋତ୍ରର ଅନ୍ତର୍ଭୁକ୍ତ ଯଥା "ନାଗେଶ" ଏହାଛଡ଼ା ସେମାନଙ୍କର ଦ୍ୱିତୀୟ ଗୋତ୍ର ଥିବାର ଜଣାଯାଇନାହିଁ ।

**ଗ୍ରାମ ବଳ :**

ଗ୍ରାମରେ କେତେଗୁଡ଼ିଏ କାର୍ଯ୍ୟ ସମ୍ପାଦନ କରିବା ଲାଗି କେତେଜଣ ବ୍ୟକ୍ତି ଏକତ୍ରିତ ହୋଇ ପାଳିକରି ଜଣଙ୍କ ଘରେ ତା'ର କାର୍ଯ୍ୟ କରିଥାନ୍ତି । କାମ କରୁଥିବା ସେହି

ଗୋଷ୍ଠୀଙ୍କୁ 'ବାଦ୍‌ଲି' କୁହାଯାଇଥାଏ । ଘରଛପର, ହଳ (ବାଡ଼ ବୁଣା) ଏହି ଦୁଇଟି କାର୍ଯ୍ୟରେ ସହଯୋଗୀ ଶ୍ରମ ଗୋଷ୍ଠୀ କାମ କରିଥାଏ । ଏପରି ବ୍ୟବସ୍ଥା ଦ୍ୱାରା ଗୋଟିଏ କାର୍ଯ୍ୟ ଅତି କମ୍ ସମୟରେ ଭଲଭାବରେ ସମ୍ପାଦିତ ହୋଇପାରିଥାଏ । ଏହାଛଡ଼ା ଏହିକାର୍ଯ୍ୟଗୁଡ଼ିକୁ ଜଣେ ଏକା ସମ୍ପାଦନ କରିବା କଷ୍ଟକର ହୋଇଥାଏ ।

ଶବଦାହ କରିବାକୁ ଯାଇଥିବା ଲୋକମାନେ ଫେରିବା ପରେ ଗ୍ରାମବାସୀମାନେ ପରସ୍ପର ଠାରୁ ଟଙ୍କାଏ / ଦୁଇଟଙ୍କା ସଂଗ୍ରହ କରି ମଦକିଣି ଏକତ୍ର ବସି ପାନ କରିଥାନ୍ତି । ଏହା ବ୍ୟତୀତ ସେମିତି କୌଣସି ମଦୁଆ ଦଳ ନଥାଏ ।

ଏହାକୁ ଖେଳ ଓ ଖେଳାଳୀ ଉଭୟଙ୍କ ପାଇଁ ବ୍ୟବହାର କରାଯାଇଥାଏ । ସେମାନେ ସାଙ୍ଗ ହୋଇ ବିଭିନ୍ନ ଖେଳଖେଳିଥାନ୍ତି । ଯେମିତିକି ବଲ୍ ଖେଳ (ବଲ୍ ଆଟଦଲମ୍) ଦଳ ବିନା ଖେଳ ଅସମ୍ଭବ ।

କେତେକ ଗ୍ରାମରେ ଛୋଟ ଛୋଟ ଶିକାରୀ ଦଳ ରହିଥାଏ । କେତେକ ଲୋକ ମିଳିମିଶି ଶିକାର କରିବାକୁ ଯାଇଥାନ୍ତି ଆଉ କେତେକ କ୍ଷେତ୍ରରେ ମଧ୍ୟ ଗାଁ ସାରା ପ୍ରତ୍ୟେକ ପରିବାରୁ ଜଣେ କରି ଯାଇ ମିଳିମିଶି ଶିକାର କରିଥାନ୍ତି । ପ୍ରାୟତଃ ଏପ୍ରିଲ-ମେ ମାସରେ ଜାତାପୁମାନେ ଦଳବଦ୍ଧ ଭାବେ ଶିକାର କରିବାକୁ ଯାନ୍ତି । ଶିକାରକୁ ଯିବା ପୂର୍ବରୁ ପୂଜାବିଧି କରିଥା'ନ୍ତି । ଶିକାରରେ ଯାହା ମିଳିଥାଏ ତାକୁ ମଧ୍ୟ ସମସ୍ତେ ଭାଗବାଣ୍ଟି କରି ନେଇଥାନ୍ତି । ଆଉ କେତେକ କ୍ଷେତ୍ରରେ ଅଳ୍ପକେତେଜଣ ମିଶି ପଶୁର ପାଦଚିହ୍ନକୁ ଲକ୍ଷ୍ୟ କରି କରିଥାନ୍ତି ।

ଜାତାପୁମାନେ ଜଙ୍ଗଲକୁ ଯାଇ ଜଙ୍ଗଲରୁ ପତ୍ର, ଫୁଲ, ଫଳ, ମୂଳ ଇତ୍ୟାଦି ସହିତ କେତେକ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରିଆଣିଥାନ୍ତି । ସେହି ପତ୍ରରୁ ସେମାନେ ଖଲି ଇତ୍ୟାଦି ତିଆରି କରିଥାନ୍ତି ଏବଂ ଅନ୍ୟାନ୍ୟ ଦ୍ରବ୍ୟ ସହିତ ଖଲିଇତ୍ୟାଦି ବିକ୍ରିକରିବା ଲାଗି ହାଟକୁ ସାଙ୍ଗ ହୋଇ ମିଳିମିଶି ଯା'ନ୍ତି । ଆଉ କେତେକ ମଧ୍ୟ ସାଙ୍ଗ ହୋଇ ହାଟକୁ ବୁଲିବାକୁ ଯାଇଥାନ୍ତି । ସାଙ୍ଗ ହୋଇ ଏକାଠି ହାଟକୁ ଯିବାରେ ସେମାନେ ଆନନ୍ଦ ଅନୁଭବ କରିନ୍ତି । ଏହା ଦ୍ୱାରା ଅନ୍ୟ ଗାଁର ଝିଅ ଦଳ ବା ଅନ୍ୟମାନଙ୍କ ସହ ମିଶି ମଜା କରିବାକୁ ସୁବିଧା ହୁଏ ବୋଲି ଜାତାପୁମାନେ ମତ ଦିଅନ୍ତି ।

ଗ୍ରାମରେ ସମ ବୟସ୍କ ବ୍ୟକ୍ତିମାନଙ୍କୁ ନେଇ ଏକ ପଞ୍ଚାୟତ ମାନମୁଲ୍ଲ ଗଠନ କରାଯାଇଥାଏ । ସେଠାରେ ବୟସ୍କ ଅବାତ ଗ୍ରାମର ସବୁଠାରୁ ବଡ଼ ବଡ଼ ଲୋକମାନଙ୍କୁ ରଖାଯାଇଥାଏ । ସେମାନେ ପଞ୍ଚାୟତରେ ଭଲମନ୍ଦ ବିଚାର କରି ବିଭିନ୍ନ ବିଷୟରେ ଫଇସଲା ଶୁଣାଇଥାନ୍ତି ।

## ପରିବାର :

ପରିବାର ସମାଜର ସର୍ବନିମ୍ନ ଅନୁଷ୍ଠାନ । ପରିବାର ମଧ୍ୟ ଏକାଧିକ ପ୍ରକାରର ଯଥା – ଏକକେନ୍ଦ୍ରିକ ବା ନିରପେକ୍ଷ ପରିବାର, ଯୌଥ ପରିବାର । ଜାତାପୁମାନେ ୩/୪ ସଦସ୍ୟ ବିଶିଷ୍ଟ ପରିବାରକୁ ସାନ ପରିବାର ବା ସନା କୁଟୁମ୍ବମ୍ ୫/୬ ସଦସ୍ୟ ବିଶିଷ୍ଟ ପରିବାରକୁ (ମାସ୍କୁଲୁ କୁଟୁମ୍ବମ୍), ୧୦-୧୨ ବ୍ୟକ୍ତି ବିଶିଷ୍ଟ ପରିବାରକୁ (ପେଦାକୁଟୁମ୍ବମ୍) ବୋଲି କହିଥାନ୍ତି । ଜାତାପୁ ସମାଜରେ ବଡ଼ ପରିବାର ବା ପେଦା କୁଟୁମ୍ବର ସଂଖ୍ୟା ଅଧିକ ।

ଜଣେ, ତା'ର ସ୍ତ୍ରୀ ମରିଗଲା ପରେ ଆଉ ଜଣଙ୍କୁ ବିବାହ କରିବ । ମାତ୍ର ସ୍ତ୍ରୀ ବଞ୍ଚିଥିବା ଅବସ୍ଥାରେ ସେ କଦାପି ଦ୍ୱିତୀୟ ବିବାହ କରିନଥାଏ । ବହୁତ କମ୍ କ୍ଷେତ୍ରରେ ଏଭଳି ପରିବାର ଦେଖାଦେଇଥାଏ ।

ବାପା ପରିବାରର ମୁଖ୍ୟ ଭାବରେ ପରିଗଣିତ ହୋଇଥାନ୍ତି । ବାପା ଚାଷବାସ ଇତ୍ୟାଦି କରିଥାନ୍ତି ତଥା ପରିବାର ଭରଣ ପୋଷଣ ଦାୟିତ୍ୱ ନେଇଥାନ୍ତି । ଘରେ କୌଣସି ପରିସ୍ଥିତିରେ କିଛି ନିଷ୍ପତ୍ତି ନେବାବେଳେ ପିତାହିଁ ମୁଖ୍ୟ ହିସାବରେ ନିଷ୍ପତ୍ତି ଦେଇଥାନ୍ତି ।

ବାପାଙ୍କ ପରେ ମା' ହେଲେ ପରିବାରର ମୁଖ୍ୟ । ସେ ଘରର ସବୁ ଦାୟିତ୍ୱ ନେଇଥାନ୍ତି । କେଉଁଠି କିପରି କେତେ ଖର୍ଚ୍ଚ ହେବ ସେ ବିଷୟରେ ମା' ନିଷ୍ପତ୍ତି ନେଇଥାନ୍ତି । କିନ୍ତୁ କେତେକ୍ଷେତ୍ରରେ ବାପାଙ୍କର ପରାମର୍ଶ ଲୋଡ଼ିଥାଏ । ଝିଅକୁ ଗୃହକାର୍ଯ୍ୟ ଶିଖାଇବା, ପିଲାମାନଙ୍କ ଲାଳନପାଳନ କରିବା ସହିତ ବିଲବାଡ଼ି ଇତ୍ୟାଦିରେ ମଧ୍ୟ ମା' କାର୍ଯ୍ୟ କରିଥାନ୍ତି ।

ବିବାହ ପରେ ପୁଅ ତା'ର ସ୍ତ୍ରୀ ଓ ସନ୍ତାନସନ୍ତତିଙ୍କ ଦାୟିତ୍ୱନେବା ସହ ମା, ବାପାଙ୍କର ଦାୟିତ୍ୱ ମଧ୍ୟ ନେଇଥାଏ । ଜାତାପୁ ସଭ୍ୟ ତା'ର ପୁଅମାନେ ବିବାହ ପରେ ବାପା, ମା'ଙ୍କଠାରୁ ଅଲଗା ଭାବରେ ପ୍ରାୟ ରହିନଥାନ୍ତି । ସେମାନେ ମିଳିମିଶି ରହିଥାନ୍ତି ।

ପରିବାରରେ ଝିଅଟିଏ ଥିଲେ ସେ ଘରର ସବୁ କାର୍ଯ୍ୟ ନ ହେଲେ ବି ଅଧାଅଧି କାମ କରିଦେଇଥାଏ । ଯେମିତିକି ଘର ଝାଡୁ କରିବା, ବାସନ ମାଜିବା, ପାଣି ଆଣିବା, ଜଙ୍ଗଲରୁ କାଠ ଆଣିବା, ଘର ଲିପିବା ବା ଲିପିବାରେ ସାହାଯ୍ୟ କରିବା, ବାପା-ମାଙ୍କର ଅନୁପସ୍ଥିତିରେ ଘରେ ଭାଇ, ଭଉଣୀଙ୍କର ଦାୟିତ୍ୱ ନେବା, ରୋଷେଇ କରିବା ଇତ୍ୟାଦି । ଏହାଛଡ଼ା ଝିଅମାନେ ମଧ୍ୟ ବିଲବାଡ଼ିରେ କାମକରିଥାନ୍ତି । ବାପାମାନଙ୍କୁ କାମରେ ସହଯୋଗ କରିଥାନ୍ତି । ସମସ୍ତଙ୍କ ମଧ୍ୟରେ ଉତ୍ତମ ସଂପର୍କ ସ୍ଥାପନ କରିବାରେ ଝିଅ ମୁଖ୍ୟ ଭୂମିକା ପାଳନ କରିଥାଏ ।

ଜଣଙ୍କର ସ୍ୱାମୀ ମରିଗଲାପରେ ସ୍ତ୍ରୀ ବିଧବା ହୋଇଯାଏ । ସେ ଦ୍ୱିତୀୟବାର ଆଉ ବିବାହ କରି ପାରେନା ବା ପ୍ରାୟ ବିବାହ ହୁଏନା । ଯଦି ସ୍ୱାମୀର ସାନଭାଇ ଥାଏ ତେବେ ବେଳେବେଳେ ସେମାନେ ତାକୁ ବିବାହ କରିଥାନ୍ତି । ବିଧବା ହେବାପରେ ଘରର ଦାୟିତ୍ୱ ସ୍ୱାମୀ ବଦଳରେ ସେ ହିଁ ନେଇଥାଏ । ତାକୁ ଅନ୍ୟମାନଙ୍କର ମନନେଇ ଚଳିବାକୁ ପଡ଼ିଥାଏ । ଛୁଆ ପିଲାଙ୍କର ଦାୟିତ୍ୱ ମଧ୍ୟ ସେ ନେଇଥାଏ ।

ସେହିପରି ଯଦି ଜଣଙ୍କର ସ୍ତ୍ରୀ ଆଗ ମରିଯାଏ ସେମାନେ ପ୍ରାୟତଃ ଆଉ ଜଣକୁ ବିବାହ କରିଥାନ୍ତି । ଯଦି ପୁଅ, ଝିଅମାନେ ଖୁବ୍ ବଡ଼ ବଡ଼ ହୋଇ ଯାଇଥାନ୍ତି, ବିଶେଷକରି ଯଦି ପୁଅ ବିବାହ କରିଥାଏ ତେବେ ସେ ଆଉ ଦ୍ୱିତୀୟ ବିବାହ କରିନଥାନ୍ତି । ସେମାନଙ୍କ ସଙ୍ଗରେ ରହି ଜୀବନଟା କଟେଇ ଦିଅନ୍ତି । ତା'ର ପୁଅଝିଅମାନେ ତଥା ବୋହୂ ତା'ର ଦାୟିତ୍ୱ ନେଇଥାଏ ।

ସେହିପରି ପରିବାରରେ ରହିଥିବା ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ସଦାସର୍ବଦା ପରିବାରର ମଙ୍ଗଳ କାମ କରିଥାନ୍ତି । ଜଣଙ୍କ ଭାବରେ ଦୁଃଖ ପଡ଼ିଲେ ସମସ୍ତେ ସେଥିରେ ଭାଗୀ ହୋଇଥାନ୍ତି । ବୁଢ଼ାବୁଢ଼ୀଙ୍କର ସେବା ମଧ୍ୟ କରିଥାନ୍ତି ।

ଆଦିବାସୀ ସମାଜରେ ପରିବାରଟି ଗୋଟିଏ ଅର୍ଥନୈତିକ ସଂଗଠନ ଭାବରେ କାମକରିଥାଏ । ପରିବାରର ସବୁ ସଦସ୍ୟ ମିଳିମିଶି କାମ କରିଥାନ୍ତି ଏବଂ କିଛି ଉପାର୍ଜନ କରିଥାନ୍ତି । ଜାତାପୁମାନେ ବିଲବାଡ଼ିରେ ସାରା ପରିବାର ଦିନତମାମ ଲାଗି ଅର୍ଥକାରୀ ଫସଲ ହିସାବରେ କଫି ଇତ୍ୟାଦି ଉତ୍ପାଦନ କରିଥାନ୍ତି । ପରିବାରରେ ବାପା ଅର୍ଥମନ୍ତ୍ରୀ ଭାବରେ କାମକରିଥାନ୍ତି । କେଉଁ ବାଟରେ କେଉଁ ପଇସା କିଭଳି ଭାବରେ ଖର୍ଚ୍ଚ ହେବ ସେ ବିଷୟରେ ସେ ଅନୁଧ୍ୟାନ କରି ନିଷ୍ପତ୍ତି ନିଅନ୍ତି ।

ସେହିଭଳି ପରିବାର ମଧ୍ୟ ଏକ ଧାର୍ମିକ ଅନୁଷ୍ଠାନର କାର୍ଯ୍ୟ କରିଥାଏ । ଗ୍ରାମ ସ୍ତରରେ ବା ଅନ୍ୟାନ୍ୟ ସ୍ତରରେ ହେଉଥିବା ପୂଜାଗୁଡ଼ିକରେ ଗ୍ରାମର ପାରମ୍ପରିକ ଦେହୁରୀ ଦିଶାରୀ, ବେଜୁଣୀ ଇତ୍ୟାଦି ପୂଜା କରିଥାନ୍ତି । ମାତ୍ର ଘରେ ହେଉଥିବା ପୂଜା ଇତ୍ୟାଦିରେ ପରିବାରର ମୁଖ୍ୟ ହିଁ ପୌରୋହିତ୍ୟ କରିଥାନ୍ତି । ପରିବାରରେ ମଧ୍ୟ ପୂର୍ବପୁରୁଷ ଇତ୍ୟାଦିଙ୍କୁ ସନ୍ତୁଷ୍ଟ କରିବା ଲାଗି ଅନେକ ପୂଜାପାଠ ଇତ୍ୟାଦି ପାଳନ କରାଯାଇଥାଏ ।

ପରିବାର ମଧ୍ୟ ଏକ ଛୋଟ ଶାସନ ଅନୁଷ୍ଠାନ ଭାବରେ କାମ କରିଥାଏ । ଯେପରି ଦେଶର ମୁଖ୍ୟ ପ୍ରଧାନମନ୍ତ୍ରୀ, ସେହିପରି ପରିବାରରେ ମଧ୍ୟ ଦେଶମୁଖ୍ୟ ଥାନ୍ତି ।

ତାଙ୍କ ନିର୍ଦ୍ଦେଶ କ୍ରମେ ପରିବାରରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ହୋଇଥାଏ । ପରିବାରରେ ମଧ୍ୟ ଅର୍ଥ ଆସିଥାଏ ଅର୍ଥ କିପରି କେମିତି ଖର୍ଚ୍ଚ ହେବ ସେଥିପାଇଁ ମଧ୍ୟ କଳନା କରାଯାଇଥାଏ । ତେଣୁ ପରିବାର ମଧ୍ୟ ଏକ ରାଜନୈତିକ ଅନୁଷ୍ଠାନ ତୁଲ୍ୟ କାର୍ଯ୍ୟ କରିଥାଏ ।

ପରିବାରର ସ୍ଥିତି ଲୋକଙ୍କର ସ୍ଥିତିକୁ ନେଇ ହିଁ କଳନା କରାଯାଇଥାଏ । ଯେମିତିକି ଜଣେ ମୁଖିଆଙ୍କର ପରିବାରକୁ ଅନ୍ୟ ପରିବାର ତୁଳନାରେ ଅଧିକ ସମ୍ମାନ ମିଳିଥାଏ ଅନ୍ୟାନ୍ୟ ସାମାଜିକ ପଦାଧିକାରୀ କହିଲେ ଗ୍ରାମରେ ଥିବା ପୂଜାରୀର ପରିବାର ସ୍ଥିତି ମଧ୍ୟ ଅପେକ୍ଷାକୃତ ଉଚ୍ଚତର ।

ପରିବାରରେ ବିଭିନ୍ନ ଲୋକ ବାସ କରନ୍ତି । ସ୍ୱାମୀ, ସ୍ତ୍ରୀ, ପିତା, ମାତା ସନ୍ତାନସନ୍ତତି, ଇତ୍ୟାଦି ଇତ୍ୟାଦି । ସମସ୍ତଙ୍କର ପରସ୍ପର ସହିତ ଏକା ସମ୍ପର୍କ ନଥାଏ । ପରିବାରରେ ଥିବା ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ ଥିବା ସଂପର୍କ ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

ସ୍ୱାମୀ – ସ୍ତ୍ରୀ ମଧ୍ୟରେ ସଂପର୍କ ମଧ୍ୟରେ ତିବ୍ରତା ନଥା । ସ୍ତ୍ରୀ ସ୍ୱାମୀକୁ ଖୁବ୍ ଭକ୍ତି ତଥା ଆଦର କରିଥାଏ । ସ୍ୱାମୀ ମଦପିଇ ମାତାରେ ହେଉଥିଲେ ମଧ୍ୟ ସ୍ତ୍ରୀ ସେଥିରେ ବାଧା ଦିଏନି ବରଂ କାମକରି ତା'ର ଭରଣପୋଷଣ କରିଥାଏ । ସ୍ୱାମୀ କମ୍ କାମ କରେ ମାତ୍ର ସ୍ତ୍ରୀ ଅଧିକ । ସେ ଯାହାବି ହେଉ ସ୍ୱାମୀକୁ ନପଚାରି ସ୍ତ୍ରୀ କୌଣସି କାମ କରିନଥାଏ ।

ଜାତାପୁ ସମାଜରେ ପିଲାମାନେ ଖୁବ୍ ଛୋଟ ଦିନରୁ ରୋଜଗାରକରିପାରିବେ । ତେଣୁ ପିତାମାତାଙ୍କ ଉପରେ ସେମାନଙ୍କର ନିର୍ଭରଶୀଳତାର ମାତ୍ରା ଖୁବ୍‌କମ୍ । ବାପା-ମା ସବୁବେଳେ କର୍ମରତ ଥିବାରୁ ପିଲାମାନଙ୍କ ଆତ୍ମ ନିର୍ଭରଶୀଳତାକୁ ସାଦରେ ଗ୍ରହଣ କରନ୍ତି । ପିତାମାତାଙ୍କ ଭକ୍ତି ଓ ଶ୍ରଦ୍ଧା କରିବା ସହିତ ପିଲାମାନେ ତାଙ୍କର ଆଦେଶ ଓ ଉପଦେଶର ପାଳନ କରିଥାନ୍ତି । ପିତାମାତା ମଧ୍ୟ ପିଲାମାନଙ୍କୁ ଭଲ ମଣିଷ ହେବାର ସୁଶିକ୍ଷା ପ୍ରଦାନ କରିଥାନ୍ତି ।

ମା ମରିଗଲା ପରେ ସାବତ 'ମା' ଘରକୁ ଆସିଥାଏ । ପିଲାମାନେ ସାବତ ମାକୁ ମା ଭଳି ଦେଖିଥାନ୍ତି । ମା ମଧ୍ୟ ପିଲାମାନଙ୍କୁ ଭଲଭାବରେ ଦେଖାଶୁଣା କରେ । କେତେକ କ୍ଷେତ୍ରରେ ଓଲଟା ଫଳମଧ୍ୟ ଦେଖାଯାଇଥାଏ ।

ଜାତାପୁ ସଭ୍ୟତାରେ ଉପପତ୍ନୀ ପରଂପରା ପ୍ରାୟତଃ ନାହିଁ । ବହୁତ କ୍ୱଚିତ କ୍ଷେତ୍ରରେ ଏପରି ଦେଖାଦେଇଥାଏ । ଉପପତ୍ନୀ ମଧ୍ୟରେ କେତେକ କ୍ଷେତ୍ରରେ

ଉଭମବୁଝାମଣା ରହୁଥିବା ବେଳେ କେତେକ କ୍ଷେତ୍ରରେ ତାହା ନ ଥାଏ ଏବଂ ସେମାନେ ଅଲଗା ଅଲଗା ରହିଥାନ୍ତି ।

ଆଦର୍ଶ ପରିବାର :

- ଯେଉଁ ପରିବାର ସଦସ୍ୟ ମାନଙ୍କ ମଧ୍ୟରେ କୁଅଭ୍ୟାସ ନଥିବା
- ସମସ୍ତେ ପରିବାର ମୁଖ୍ୟଙ୍କୁ ମାନି ଚଳୁଥିବେ ।
- ପରିବାର ସବୁ ସଦସ୍ୟ ମିଳିମିଶି ଚଳୁଥିବେ ।
- ଘରେ  କଳି କଜିଆ ନଥିବ; ସମସ୍ତଙ୍କର ମନ ସମସ୍ତଙ୍କୁ ପାଉଥିବ ।
- ସାହି ପଡ଼ିଶା ସେହି ପରିବାରକୁ ଖୁବ୍ ଭଲପାଉଥିବେ ।

କୁଟୁମ୍ବ - ବଂଶ (ୱଂଶମ୍) :

ଏକା ସାଙ୍ଗିଆ ଥିବା ଲୋକଙ୍କୁ ଗୋଟିଏ ବଂଶର ବୋଲି ଧରାଯାଇଥାଏ । ବଂଶ କହିଲେ ସେହି ସବୁ ଲୋକମାନେ ଗୋଟିଏ ଲୋକ ବା ପୂର୍ବପୁରୁଷଠାରୁ ଜାତି ଯାହା ବିଷୟରେ ସେମାନେ ଏବେବି ଅବଗତ । ଏହା ମୁଖ୍ୟତଃ ୨/୩ ବଂଶାନୁକ୍ରମିକ ଯାଏ ଧରାଯାଇଥାଏ ।

ଜାତାପୁମାନଙ୍କର ବିଭିନ୍ନ ସାଙ୍ଗିଆ ହିଁ ସେମାନଙ୍କର ବଂଶ ପରିଚୟ । ସେହି ବଂଶଗୁଡ଼ିକର ନାମ ଏହିପରି: ମାଣ୍ଡାଙ୍ଗି, ମାଣ୍ଡିଙ୍ଗି, କଣ୍ଡାଗରୀ, ନିମ୍ବାଲା, ମୂଟାକା, ମୂଟୁକା, ମୂଟିକା, କାତ୍ରାକା, ପାଲକା, କୋଲକା, ନିଶିକା, ହେଣ୍ଡିକା, ପାତିକା, ଆର୍କା, କୁନ୍ତ୍ରିକା, ଉଇକା, ତୋଇକା, ଆଇକା, ପିରିପାକା /ପିରିବାକା /ପିପ୍ପଲୀ, ବିଡ୍ଡିକା, ପୁଓ୍ଵଲୁ, ପଦାକା, ତାଡ଼ିଙ୍ଗୀ, ମୀନାକା, ହିମ୍ରିକ /ହିମିରିକା, କିଲାକା, ମେଲାକା, ପଗାକୁ, ଉଲାକା /ଉଲ୍କା, ନାଲାଦୋରା, ପାଲାକୋଣ୍ଡା, କୁଣ୍ଡିଂ/କୁଣ୍ଡିଙ୍ଗି, ବେଡ଼ା, ସୁରାକାଡୁଲା ଓ ଲିମ୍ବାକା /ନିମ୍ବାକା ଇତ୍ୟାଦି ।

ଛୁତିକା, ମୃତିକା, ଇତ୍ୟାଦି ନାମରେ ବଂଶର ଲୋକେ ଯିଏ ଯେଉଁଠି ଥିଲେବି ତାକୁ ସେ ସବୁ ପାଳନ କରିବାକୁ ପଡ଼ିଥାଏ । ସେମାନେ ଏହିସବୁ କାମରେ ଭୋଜିଭାତ ଇତ୍ୟାଦି ସାହାଯ୍ୟ କରିଥାନ୍ତି । ମୃତିକାରେ ଶୁଦ୍ଧି ହୁଅନ୍ତି । ଶବଦାହରେ ସାହାଯ୍ୟ କରନ୍ତି ଇତ୍ୟାଦି ।

ସେମାନେ ଜନ୍ମୋତ୍ସବରେ ସାହାଯ୍ୟ ସହଯୋଗ କରିଥାନ୍ତି । ଭୋଜି ଇତ୍ୟାଦି କଲେ ରନ୍ଧାବଢ଼ା କରିବା, ବଣ୍ଟା ବଣ୍ଟି କରିବାରେ ସହଯୋଗକରିଥାନ୍ତି ।

- ମୃତ୍ୟୁ ସମୟରେ ସେମାନେ ଶବ ନେଇ ବି ଯାଇଥାନ୍ତି । ଶବଦାହ କରାନ୍ତି । ପିଣ୍ଡଦାନ ବେଳେ ମଧ୍ୟ ବଂଶ ଲୋକଙ୍କର କାର୍ଯ୍ୟ ରହିଥାଏ ।
- ବଂଶଲୋକେ ଶ୍ରାଦ୍ଧ ଦେଇଥାନ୍ତି ।
- ଯଦି ଏ ସମସ୍ତ କାର୍ଯ୍ୟ ବେଳେ ବଂଶଲୋକ ନଥିବେ ତେବେ ଅନ୍ୟଲୋକମାନେ ମଧ୍ୟ ସାହାଯ୍ୟ ସହଯୋଗ କରିଥାନ୍ତି ।
- ଗୋଟିଏ ବଂଶ ଭିତରେ କେବେବି ବାହାଘର ହୋଇପାରେନା କାରଣ ଗୋଟିଏ ବଂଶର ସମସ୍ତେ ରକ୍ତ ସଂପର୍କ ମାଧମରେ ଯୋଡ଼ି ହେଇଥାନ୍ତି ।

କୁଟୁମ୍ବ ଲୋକ ପ୍ରାୟ ଗୋଟିଏ ଜାଗାରେ ପାଖାପାଖି ଘର କରି ରହିଥାନ୍ତି କାରଣ ପିତାପୁରୁଷଙ୍କର ଜାଗା ବା ସମ୍ପତ୍ତି ଭାଗ ହେଇ ଥାଏ ଆଉ ସେମାନେ ନିଜନିଜ ଭାଗରେ ଘର କରିଥାନ୍ତି ।

ଦୁଇଟି ଭିନ୍ନ କୁଟୁମ୍ବ ମଧ୍ୟରେ ସମ୍ପର୍କ ଭଲ ଥାଇପାରେ ବା ତିକ୍ତତା ବି ଦେଖାଯାଇପାରେ । କାରଣ ସେମାନେ ଭିନ୍ନ ବଂଶଧର। ପୂଜାପର୍ବରେ ମୃତିକା, ଛୁତିକାରେ ଇତ୍ୟାଦିରେ କେବଳ ପଡ଼ିଶାର ସମ୍ପର୍କ ରହିଥାଏ । ପଡ଼ିଶା ପଡ଼ିଶା ମଧ୍ୟରେ ବେଳେବେଳେ ଜାଗା, ଇତ୍ୟାଦିକୁ ନେଇ ଗଣ୍ଡଗୋଳ ଲାଗିଥାଏ । ଆଉ ବେଳେବେଳେ ପଡ଼ୋଶୀ ହିସାବରେ ଭଲ ସମ୍ପର୍କ ବି ଥାଏ ।

ଅନେକ ସମୟରେ କୁଟୁମ୍ବ ଲୋକଙ୍କ ମଧ୍ୟରେ ଟିକିଏ ଟିକିଏ କଥାକୁ ନେଇ କଳିଝଗଡ଼ା ଇତ୍ୟାଦି ହେଇଥାଏ । ବେଳେବେଳେ କଥା ମାଡ଼ପିଟ୍ ଯାଏ ମଧ୍ୟ ଚାଲିଯାଇଥାଏ । ଗର କରିବା, ମାଛ ଧରିବା, ଖାଦ୍ୟ ସଂଗ୍ରହ କରିବାରେ ସେମାନେ ସେମିତି କୌଣସି କୁଟୁମ୍ବ ଲୋକଙ୍କର ସାହାଯ୍ୟ ନେଇଥାନ୍ତି ।

## ଗୋତ୍ର (ଗୋତ୍ରମ) :

ଜାତାପୁମାନେ କହନ୍ତି, ସେମାନେ ସମସ୍ତେ ଗୋଟିଏ ଗୋତ୍ରର ତାହା ହେଲା 'ନାଗେଶ' । ଏତଦ୍‌ବ୍ୟତୀତ କେତେକ ଗାଙ୍ଗେୟ କ୍ଷେତ୍ରର ଥିବା ଜଣାଯାଏ । ଜାତାପୁମାନେ ଗୋତ୍ରକୁ ଗୋତ୍ରମ୍ ବୋଲି କହିଥାନ୍ତି । କାର୍ତ୍ତିକ ମାସରେ ଈଶ୍ୱର ମନ୍ଦିର ଗଲାବେଳେ ସେଠାରେ ଗୋତ୍ର ପଚରାଯାଏ । ଶ୍ରାଦ୍ଧଦେବା ସମୟରେ ପୁରୋହିତ ଆଣି ପିଣ୍ଡଦେବା ସମୟରେ ଗୋତ୍ରର ଆକଳନ କରାଯାଇଥାଏ । ଗୋତ୍ର ପରେ ବଂଶ । ବଂଶରେ ୨/୩

ପିଢ଼ି ଯାଏ କଳନା କରାଯାଉଥିବା ବେଳେ ଗୋତ୍ରରେ ସେହି ପିଢ଼ିମାନଙ୍କର କଳନା କରାଯାଇଥାଏ ଯାହାର ହିସାବ ଜଣାନଥାଏ ।

ଗୋତ୍ରଲୋକଙ୍କର କାନଫୋଡ଼ା, ଜନ୍ମ, ମୃତ୍ୟୁ ଇତ୍ୟାଦି ସମୟରେ କୌଣସି ସ୍ୱତନ୍ତ୍ର ଧରଣର କାର୍ଯ୍ୟ ନଥାଏ । ଏହାର କାର୍ଯ୍ୟ ସ୍ଥଳବିଶେଷ ପରେ ବହୁତକମ୍ ।

## ଗ୍ରାମ (ଊ'ରି):

ଜାତାପୁମାନେ ରାୟଗଡ଼ାର ବିଭିନ୍ନ ଗ୍ରାମରେ ବସବାସ କରିଥାଆନ୍ତି । ସେମାନେ ବସବାସକରୁଥିବା ଗ୍ରାମଗୁଡ଼ିକର ବୈଶିଷ୍ଟ୍ୟ ହେଲା ସେହିଗ୍ରାମଗୁଡ଼ିକରେ ଜାତାପୁମାନେ ସଂଖ୍ୟାଗରିଷ୍ଠ । ସେମାନଙ୍କ ସହିତ ଡ଼ମ୍ବ(ପାଇଣ୍ଡତ୍ରୁ), କୁମୁଟି (କୋମଟତ୍ରୁ), କନ୍ଧ (କୋନ୍ଦତ୍ରୁ), ମୂଳୀ (ମୁଲତ୍ରୁ /ପାନିଅତ୍ରୁ), ପାଇକ (ଓଡ଼ିଓତ୍ରୁ), ଶବର(ସାଓ୍ୱାରତ୍ରୁ), ତେଲ(ତେଲାକତ୍ରୁ), କୁମ୍ଭାର (କୁମ୍ଭରତ୍ରୁ), ସୁନାରୀ(କାମସାଲଡ /ସାରାବତ୍ରୁ), ବ୍ରାହ୍ମଣ(ବାପାନତ୍ରୁ) ଓ ବାରିକ(ମାଙ୍ଗାଲତ୍ରୁ) ଇତ୍ୟାଦି ଗୋଷ୍ଠୀର ଲୋକମାନେ ଏକତ୍ର ବାସ କରନ୍ତି । ବହୁତକମ୍ ଗ୍ରାମରେ କେବଳ ଜାତାପୁମାନେ ବାସ କରିଥାନ୍ତି ।

ଗ୍ରାମଗୁଡ଼ିକରେ ନୂତନ ବସତିସ୍ଥାପନ କରିବା ପାଇଁ ହେଲେ ପ୍ରଥମେ ଜାଗାର ଶୁଭାଶୁଭ ନିର୍ଣ୍ଣୟ କରିବା ଦରକାର । ସେଥିପାଇଁ ପ୍ରଥମେ ସେମାନେ କେବଳ ଗୋଟିଏ ହାତରେ ଧାନରୁ ଅରୁଆ ଚାଉଳ କିଛି ବାହାର କରିଥାନ୍ତି । ସେହି ଚାଉଳକୁ ସଂଗ୍ରହ କରି ରଖାଯାଏ । ବେଜୁଣୀକୁ କହି ଶୁଭ ସମୟ ସ୍ଥିର କରାଯାଏ । ଉଦ୍ଦିଷ୍ଟ ସ୍ଥାନରେ ଲିପାପୋଛାକରି ସେହି ଚାଉଳକୁ ଗୋଲାକାର କରି ତଳେ ସଜାଇ ରଖାଯାଇଥାଏ ଏବଂ ତା'ଉପରେ ଦନାଟିଏ ଘୋଡ଼ାଇ ଦିଆଯାଏ । ପରଦିନ ସକାଳୁ ସେହି ଯାଗାକୁ ପାଇଁ ଦନା ଖୋଲି ଚାଉଳକୁ ପରୀକ୍ଷା କରାଯାଏ । ଯଦି ଚାଉ ପୂର୍ବପରି ଅକ୍ଷତ ଥାଏ, ତେବେ ଶୁଭ ବୋଲି ବିଚାର କରାଯାଏ । ଯଦି ଶୁଭ ହୁଏ ତେବେ ବେଜୁଣୀକୁ ପୁଣିଶୁଭ ସମୟ ନିର୍ଣ୍ଣୟ କରାଯାଏ । ତାପରେ ପୁଣି ଗାଁର ଚାରି କଡ଼ରେ ପଥର ପୋତି । ଗୋଟିଏ ପାଚେରୀ ନିର୍ମାଣ କରିଥାନ୍ତି । ଏହି ପାଚେରୀ ଡେଇଁ ଅନିଷ୍ଟକାରୀ ଶକ୍ତି ଗ୍ରାମଭିତରକୁ ପ୍ରବେଶ କରି ପାରିନଥାନ୍ତି ବୋଲି ଜାତପୁମାନଙ୍କର ବିଶ୍ୱାସ ପୁନଶ୍ଚ ପୁରୋହିତକୁ ଶାସ୍ତ୍ର ଦେଖିବାକୁ ହୁଏ । ସେଥିରେ ଶୁଭଦେଖି ନାମରଶି ବାନ୍ତ ଶୁଭ ନିର୍ଣ୍ଣୟ କରାଯାଏ । ଯେଉଁ ବ୍ୟକ୍ତି ନାମରେ ଶୁଭ ପଡ଼େ । ସେହିବ୍ୟକ୍ତି ଗୋଟିଏ ପ୍ରବାହିତ ଜଳଧାର ପାଖକୁ ଯାଏ । ଚଳନ୍ତା ନାଳରେ ପଶି ପୂର୍ବଦିଗକୁ ଚାହିଁ ପଥରକୁ ନ ଅନାଇ ଗୋଟିଏ ପଥର ପାଣିକୁ ଉଠାଇ ଆଣେ । ଯେଉଁ ପଥର ହାତ୍ରେ ଆସେ ସେହି ପଥର ସହ ଗାଧୋଇ ମୁଣ୍ଡଧୋଇ ଓଦାଲୁଗାରେ ଗାଁକୁ ଫେରିଆସେ ।

ତା'ପରେ ଯେତୋଟି ପଥର ଅଣାଯିବ ସେତେଜଣ ଯାଆନ୍ତି । ସେମାନେ ବି ଓଦାଲୁଗାରେ ଫେରି ଆସନ୍ତି ଏବଂ ଗ୍ରାମ ଚାରିପାଖରେ ନିର୍ମିତ ସ୍ଥାନରେ ଗାତ ଖୋଳନ୍ତି । ସେହି ଗାତରେ ଅରୁଆ ଚାଉଳ ଓ ହଳଦୀ ପକାଯାଏ । ପଥରକୁ ଧୋଇ ପରିଷ୍କାର କରାଯାଏ । ସେଥିରେ ହଳଦୀ ପ୍ରଲେପ ଦିଆଯାଏ, ସେଠାରେ ନଡ଼ିଆ ଫଟାଇ ଭୋଗ କରାଯାଏ ଏବଂ ତା ଉପରେ ମଧ୍ୟ ଚାଉଳ, ଦୁବଘାସ, ସିନ୍ଦୁର ଦିଆଯାଇ ଗାତରେ ପୋତି ମାଟି ଭର୍ତ୍ତି କରି ଦିଆଯାଏ ଓ ଭୋଗ ରାଗ ସହିତ ଧୂପ ଝୁଣାବି ଦିଆଯାଇଥାଏ । ଏହିପରି ଗ୍ରାମର ଚାରିଦିଗରେ ଚାରୋଟି ପଥର ପୋତି ଦିଆଯାଏ ଏବଂ ଗ୍ରାମରେ ପାଚେରୀ ତିଆରି କରାଯାଇଥାଏ । ଏହି ପାଚେରୀ ଭିତରେ ହିଁ ଗ୍ରାମର ଘରଗୁଡ଼ିକ ଧାଡ଼ି ଧାଡ଼ି କରି କରାଯାଇଥାଏ ।

କିନ୍ତୁ ସମୟ ବଦଳିବା ସହ କାର୍ଯ୍ୟକଳାପ ଦାବିଧିରେ ପରିବର୍ତ୍ତନ ଆସିଲାଣି । ଏବେ ବେଜୁଣୀ ପରିବର୍ତ୍ତେ ପୁରୋହିତର ସାହାଯ୍ୟ ବେଶୀ ନିଆଯାଉଛି । ପ୍ରଥମେ ପୁରୋହିତ ପାଖକୁ ଯାଇ ନିର୍ଦ୍ଦିଷ୍ଟ ସ୍ଥାନ ବିଷୟରେ ସୂଚନା ଦିଆଯାଏ । ପୁରୋହିତ ପୁରୁଣା ଗ୍ରାମର ଅବସ୍ଥିତି ଲେଖା ଅବସ୍ଥିତିକୁ ବିଚାରକୁ ନେଇ ତୁଳନା କରେ । ପୁରୁଣା ଗ୍ରାମରୁ ନୂଆ ଗ୍ରାମଟି କେଉଁ ଦିଗକୁ ସ୍ଥାନାନ୍ତରିତ ହୋଇପାରିବ । ନିର୍ଣ୍ଣିତ ସ୍ଥାନ ଶୁଭପ୍ରଦ ହେବନି ନାହିଁ ବୋଲି ସେ ବିଚାର କରେ ଏବଂ ପାଞ୍ଜି ଦେଖି କରି କହେ । ଯଦି ସେ ଶୁଭ ବୋଲି କହେ ତେବେ ସେହି ସ୍ଥାନର ଚାରିପାଖରେ ପୁଣି ଶୁଭ ସମୟ ଦେଖି ପଥର ଆଣି ପୋତି ଗ୍ରାମପାଇଁ ସ୍ଥାନ ନିରୂପଣ କରାଯାଏ । ନିର୍ଦ୍ଦିଷ୍ଟ ସ୍ଥାନ ଅଶୁଭ ହେଲେ କେଉଁ ସ୍ଥାନ ଶୁଭପ୍ରଦ ହେବ ତାହା ମଧ୍ୟ ପୁରୋହିତ କହିନିଏ । ଉକ୍ତ ପୁରୋହିତ ନିଜଘରେ ବସି ଏହି କାର୍ଯ୍ୟ କରିପାରେ କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନକୁ ଆସି ପରୀକ୍ଷା ଓ ଗଣନା କରି ସ୍ଥାନ ନିରୂପଣ କରିପାରେ । ତାକୁ ପାରିଶ୍ରମିକ ହିସାବରେ ପନିପରିବା । ଚାଉଳ ଓ ପଇସା ଦିଆଯାଏ । ନିର୍ଦ୍ଦିଷ୍ଟ ସ୍ଥାନକୁ ଆସି ସ୍ଥାନ ନିରୂପଣ କଲେ ଅଧିକ ପଇସା ନେଇଥାଏ ।

ଜାତାପୁମାନେ ବିଭିନ୍ନ ଗ୍ରାମରେ ବାସ କରିଥାନ୍ତି । ଏତେଗୁଡ଼ିଏ ଗ୍ରାମବିଷୟରେ ସବିଶେଷ ବର୍ଣ୍ଣନା କରିବା ସମ୍ଭବ ନୁହେଁ ତେବେ ଏଠାରେ କଟକି ଗ୍ରାମ ବିଷୟରେ ସୂଚନା ଦିଆଯାଉଛି । ଜାତାପୁ ଗ୍ରାମଭାବରେ ପ୍ରସିଦ୍ଧ । ଏହାର ୯୮% ଲୋକ ଜାତପୁ ସଂପ୍ରଦାୟ । କଟକି ଗ୍ରାମର ଚାରିପଟେ ରହିଛି ପେଦାକେଣ୍ଡା, ତେଲଗାଡୁଲୋକେଣ୍ଡ, ଲମାରକେଣ୍ଡା, ଭିତରକୁକୁଣ୍ଡା, ଇତ୍ୟାଦି ପାହାନ । ଏହି ଗ୍ରାମଟି ଆନ୍ଧ୍ରପ୍ରଦେଶର ସୀମାରେଖାରେ ଅବସ୍ଥିତି । ଏହି ଗ୍ରାମର ଉତ୍ତର ପଶ୍ଚିମରେ ରହିଛି ପେଦାକୋଣ୍ଡା, ପଶ୍ଚିମରେ ଭିତରକୁଚୁଣ୍ଡା, ପୂର୍ବରେ ରହିଛି ତେଲଗାକୁ କେଣ୍ଡା, ଦକ୍ଷିଣ ପୂର୍ବରେ ରହିଛି

ଲମାରକେଣ୍ଡା, ଉତ୍ତରରେ ଝାକିରିଆମା ଠାକୁରାଣୀ, ପଶ୍ଚିମରେ ନୂକାଲାମା, ପୂର୍ବରେ ବଡ଼ ଆମଓ୍ୱାଲୁ । ଏହି ଏକ ବଡ଼ ଗ୍ରାମ । ତେଣୁ ଏହାକୁ କେତୋଟି ସାହିରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଜଟାପୁଗ୍ରାମରେ ଘରଗୁଡ଼ିକ ରାସ୍ତାର ଦୁଇକଡ଼ରେ ଧାଡ଼ି ଧାଡ଼ି ହୋଇଥାଏ । ଘରଗୁଡ଼ିକ ମଧ୍ୟ ପରସ୍ପରକୁ ଲାଗିଲାଗିଥାଏ । ଯଦି କେହି ନୂଆଘର କରିବାକୁ ଚାହେଁ ତେବେ ଆଉ ଗୋଟିଏ ନୂଆଧାଡ଼ି ହୋଇପାରେ ବା ବାମ କିମ୍ବା ଡ଼ାହାଣ ପଟରେ ଥିବା ଫାଙ୍କା ଜାଗାରେ କଡ଼ରେ ଘର ବଢ଼ିପାରେ । ଗାଁର ବାହାର ମୁଣ୍ଡରେ ସବୁଲୋକଙ୍କର ଗୁହାଘର (ଗୁହାଳ) ଏକାଠି ଗୋଟିଏ ଜାଗାରେ ଥାଏ । ଗାଁର ଗୋଟିଏ ମୁଣ୍ଡରେ ଅର୍ଦ୍ଧା ପୂର୍ବପଟରେ ଯେଉଁ ଠାରେ ଘରଶେଷ ହୋଇଛି ସେହି ରାସ୍ତା ଉପରେ ଏକ ନଳକୂପ ରହିଛି । ଗ୍ରାମର ଉତ୍ତର ପଟରେ ତେଲରାତୁକେଣ୍ଡା ପାହାଡ଼ ପାଖାପାଖି ଥିବା ଜାଗାକୁ ସେମାନେ ଶଶ୍ମାନଭାବରେ ବ୍ୟବହାର କରିଥାନ୍ତି । ତାଙ୍କ ଭାଷାରେ ଏହାକୁ 'ଅଲବାଡ଼ି' କୁହାଯାଇଥାଏ । ଘରକୁ ଲାଗି ଦୁଇଧାଡ଼ି ଘରର ପଛପଟେ ରହିଛି ଚାଷଜମି ।

ବହୁ ଆଗରୁ ଜାତପୁଗ୍ରାମରେ ପଞ୍ଚାୟତ ବ୍ୟବସ୍ଥା ରହିଥିଲା । ତାର ମୁଖ୍ୟଥିଲେ ଦାବି ମାତ୍ର ଏବେ କୌଣସି ଜାତପୁ ଗ୍ରାମରେ ସେହି ପାରମ୍ପାରିକ ପରିଷଦ ଦେଖିବାକୁ ମିଳିନଥାଏ ତା'ର ଚିହ୍ନବର୍ଣ୍ଣ ମଧ୍ୟ ନାହିଁ ।

ଗ୍ରାମରେ ବାସ କରୁଥିବା ବିଭିନ୍ନ ଲୋକଙ୍କର କାର୍ଯ୍ୟ ପନ୍ଥା ଅଲଗା ଅଲଗା । ଡ଼ମମାନେ ଗାଈଗୋରୁ ବେପାର, ପନିପରିବା, ଶୁଖୁଆ ବେପାର, ଚାପ ଇତ୍ୟାଦି କରିଥାନ୍ତି । ମୁଣ୍ଡିମାନେ ମଦବେପାର କରିଥାନ୍ତି ।

ଗ୍ରାମର ୪ ଦିଗରେ ୪ଜଣ ଠାକୁରାଣୀ ରହିଥାନ୍ତି । ସେମାନେ ସଶସ୍ତ୍ର ପ୍ରହରୀ ପରି ଗ୍ରାମର ଚତୁଃ ସୀମାରେ ରହି ଗ୍ରାମକୁ ସୁରକ୍ଷା ପ୍ରଦାନ କରିଥାନ୍ତି । ଗ୍ରାମ ସୁରକ୍ଷା ତଥା ବାହ୍ୟ ଶତ୍ରୁର ଆକ୍ରମଣରୁ ଗ୍ରାମକୁ ରକ୍ଷା କରିବା ପାଇଁ ଏବଂ ରୋଗରୋଗ୍ୟ କବଳରୁ ମୁକ୍ତି ଦେବା ପାଇଁ ଗ୍ରାମ ଦେବତୀଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିଥାଏ । ସେଥିପାଇଁ ଜାତପୁମାନେ ସ୍ୱତନ୍ତ୍ର ଧରଣର ପୂଜାପାଠ ଇତ୍ୟାଦି କରିଥାନ୍ତି ।

ବିଭିନ୍ନ ପ୍ରକାର ପର୍ବପର୍ବାଣି ତଥା ବାହାଘର, ଛୁଟିକିଆ, ମୃତିକିଆ ଇତ୍ୟାଦିରେ ବାହାର ଗ୍ରାମର ଲୋକମାନଙ୍କୁ ଡ଼କାଯାଏ । ପୂଜାପାଠ ସମୟରେ ମଧ୍ୟ ଅନ୍ୟ ଗ୍ରାମକୁ ଲୋକମାନେ ବୁଲିଯାଇଥାନ୍ତି ।

ବେଳେ ବେଳେ ଗ୍ରାମର ସୀମା ଇତ୍ୟାଦିକୁ ନେଇ ଅନ୍ତଃଗ୍ରାମ ଦ୍ୱନ୍ଦ ହୋଇଥାଏ । ବେଳେବେଳେ ଛୋଟ କଳିରୁ ବଡ଼ କଳିହୁଏ ।

ଚାନ୍ଦା ଆଦାୟକରି ଗ୍ରାମବାସୀମାନେ ପୋଷ୍ଟ ଅଫିସ୍ କିମ୍ବା ବ୍ୟାଙ୍କରେ ରଖନ୍ତି । ଅଧିକ ଟଙ୍କା ହେଲେ (୨୫୦୦-୩୦୦୦/-) ଠାକୁରାଣୀ ପର୍ବରେ ଉଠାଇ ଖର୍ଚ୍ଚ କରନ୍ତି । ଅନ୍ୟଗ୍ରାମରୁ ବ୍ୟବସାୟୀମାନେ ଆସି ଗ୍ରାମରୁ କୌଣସି ଜିନିଷ କିଣିନେଲେ ବସ୍ତା ପିଛା ତାଙ୍କଠାରୁ ଟଙ୍କାଟେ ଆଦାୟ କରାଯାଏ । ମଦବିକ୍ରୀ କରୁଥିବା ବ୍ୟକ୍ତି ମାସକୁ ୨୦-୩୦ ଟଙ୍କା ଲେଖାଏଁ ସଂଗ୍ରହ କରୁଥିଲେ । ପ୍ରତ୍ୟେକ ଘରୁ ଚାନ୍ଦାକରି ମଧ୍ୟ କାର୍ଯ୍ୟ ସଂପାଦନ କରାଯାଏ ଓ ବଳକା ଟଙ୍କାକୁ ପାଣ୍ଠିରେ ରଖାଯାଏ । ଦଣ୍ଡ ବିଧାନ ସ୍ୱରୂପ ଜୋରିମାନା ଟଙ୍କାକୁ ପାଣ୍ଠିରେ ଜମା କରାଯାଏ । ପାଣ୍ଠିରୁ ମଧ୍ୟ ଅଳ୍ପ ସୁଧହାରରେ (୨/୩%) ସାହୁକାରମାନେ ଋଣ ନିଅନ୍ତି କିମ୍ବା ଗ୍ରାମର ଅନ୍ୟ କେହି ଋଣନିଅନ୍ତି । ଉପଯୁକ୍ତ ସମୟରେ ସମୂଳସୁଧ ପରିଶୋଧ କରନ୍ତି । ଏହି ସୁଧ ମଧ୍ୟ ପାଣ୍ଠିକୁ ଯାଏ ଓ ପାଣ୍ଠିର ବୃଦ୍ଧିରେ ସହାୟକ ହୁଏ ।

ଅନ୍ୟଗ୍ରାମର ବ୍ୟବସାୟୀମାନେ ଗ୍ରାମକୁ ମହୁଲ, କାଠ ଇତ୍ୟାଦି ଜିନିଷ ନେଇଥାନ୍ତି, ଲୋକଙ୍କ କହିବା ଅନୁସାରେ ଗ୍ରାମବାସୀଙ୍କ ନିମନ୍ତେ କିଛି ଟଙ୍କା ଦେଇଥାନ୍ତି ।

**କୁଟୁମ୍ବିତା ସଂପର୍କ :**

ସଂପର୍କ ଦୁଇପ୍ରକାରର (୧) ରକ୍ତ ସଂପର୍କ (୨) ବୈବାହିକ ସଂପର୍କ

ରକ୍ତଗତ : ରକ୍ତଗତ ସଂପର୍କ କହିଲେ ଯେଉଁ ସଂପର୍କ ଜନ୍ମରୁ ହିଁ ଯୋଡ଼ି ହାଇଯାଇଥାଏ ଏହାକୁ ଜାତାପୁମାନେ କୁଟୁମ୍ବ କହନ୍ତି ଯେମିତିକି ବାପା, ବାପାର ଭାଇ, ବାପାର ଭାଇର ପୁଅ, ଇତ୍ୟାଦି ।

ନିଜ ସାଙ୍ଗିଆ ବ୍ୟତୀତ ଅନ୍ୟ ସମସ୍ତ ସାଙ୍ଗିଆର ଲୋକମାନଙ୍କୁ ବିବାହ କରିଥାଏ । ସେମାନଙ୍କ ମଧ୍ୟରେ ମାମୁଁ ପୁଅ ବା ପିଉସୀ ପୁଅକୁ ବିବାହ କରିବାର ପ୍ରଥା ରହିଛି ଏହାକୁ ମଧ୍ୟ ଅଧିକଗୁରୁତ୍ୱ ଦିଆଯାଇଥାଏ । ଜଣେ ପ୍ରଥମ ପସନ୍ଦରେ ଏହି ପରି ବାହାଘର ପାଇଁ ପ୍ରାର୍ଥୀ ମନୋନୟନ କରିଥାଏ ।

ପୁରୁଷ ପୁରୁଷ, ସ୍ତ୍ରୀ ସ୍ତ୍ରୀ ଓ ପ୍ରାୟତଃ ସମଲିଙ୍ଗୀ ଲୋକମାନେ ସଂଗାତ, ମୈତ୍ର ହୋଇଥାନ୍ତି । ବିବାହ ବେଦୀରେ ସଂଗାତ ଓ ମୈତ୍ର ବସନ୍ତି । ଏଥିପାଇଁ ପରସ୍ପର ମଧ୍ୟରେ ପୋଷାକ ମିଠା ଇତ୍ୟାଦି ଅଦଳବଦଳ କରାଯାଏ । ସେମାନେ ପ୍ରତିଜ୍ଞା କରିଥାନ୍ତି । ଭବିଷ୍ୟତରେ କେବେ କେହିବି କାହାଠାରୁ ଦୂରେଇ ଯିବେନି । ପରିବାର ମଧ୍ୟରେ ମଧ୍ୟ

ପୋଷାକ ଅଦଳବଦଳ ହୁଏ । ଏହି ପୂଜାବିଧିଗତ ସମ୍ପର୍କସ୍ଥାପନ ହେବାପରେ ସେହି ଦୁଇ ପରିବାର ମଧ୍ୟରେ ବିବାହ ବିଧିଗତ ଭାବରେ ନିଷେଧ ହୋଇଥାଏ । କେତେଗୁଡ଼ିଏ କୁଟୁମ୍ବିତା ପରିଭାଷା ନିମ୍ନରେ ପ୍ରଦତ୍ତ :

ବାପା - ନାନା / ଆୟା

ମା - ଆମ୍ମା

ପୁଅ - କତ୍ତୁକୁ

ଝିଅ - କୂ'ତୁରୁ

ଭାଇ - ଆନାଦାମୁତ୍ତୁ

ବଡ଼ ଭାଇ - ପେଦା ଆନ୍ନା / ଆନ୍ନେୟା

ସାନଭାଇ - ତାମ୍ମୁଡ୍ଡୁ

ଭଉଣୀ - ଆକ୍କାଚେଲ୍ଲି

ବଡ଼ଭଉଣୀ - ଆପ୍ପା

ସାନଭଉଣୀ - ଚେଲ୍ଲି

ବୁଢ଼ାବାପା - ମୁଚିଆନ୍ନା

ବାପାଙ୍କ ମା' (ବୁଢ଼ୀମା) - ନାନାମ୍ମା

ବଡ଼ବାପା - ପେଦାନାନ୍ନା

ଦାଦା - ଚିନାନା

ପିଉସୀ - ମେନାତ୍ତା

ଅଜା - ତାତା /ତାଆତା

ଆଈ - ଆମ୍ମା ମା (ଆମ୍ମାମ୍ମା)

ମାମୁଁ - ମେ'ନାମ /ମାମା / ମାମ୍ମେୟା

ମା'ର ଭଉଣୀ (ମାଉସୀ) -ପିନ୍ନି

ନାତି - ମାନାଓ୍ୱାଡ୍ଡୁ

ନାତୁଣୀ - ମାନଓ୍ୱାରାଲୁ

ଝିଅର ପୁଅ (ନାତି) - ମାନଓ୍ୱାଡ୍ଡୁ

ଝିଅର ଝିଅ (ନାତୁଣୀ) - ମାନଓ୍ୱାରାଲୁ

ଜ୍ୱାଇଁ - ଆଲୁଡୁ

ପୁତୁରା- ପୁତ୍ରକୋଡ଼କୁ

ଝିଆରୀ - ଆନାକୁତୁ(ଆନ୍ନାକୂତୁରୁ)

ଭାଉଜ - ଓ୍ୱଦିନା

ଭାଇବୋହୂ - ମାରାଦାଲୁ

ଭଣଜା - ମେନା'ଲ୍ଲୁଡୁ

ଭାଣିଜୀ - ମେନାଗଡଲ୍ଲୁ

ଭିଣୋଇ (ବଡ଼ଭଉଣୀ) - ବାଓ୍ୱା

ଦିଅର - ମାରିଦି

ସାନଭଉଣୀର ସ୍ୱାମୀ - ମାରିବି

ଶ୍ୱଶୁର - ମାୟୋ / ମାମା

ଶାଶୂ - ଆତ୍ତା / ଆତ୍ତା ମ୍ମା

ଦେଢ଼ଶୂର - ମାନାମା ବାଓ୍ୱା

ବଡ଼ ନଣନ୍ଦ - ପେଦାଆଡ଼ାବଚ୍ଚି

ସ୍ୱାମୀର ସାନ ଭଉଣୀ - ଆଡ଼ାବଚ୍ଚି

ସ୍ତ୍ରୀର ବାପା - ମାୟୋ / ମାମ୍ମା

ସ୍ତ୍ରୀର ମା - ଆତା /ଆତାମ୍ମା

ସ୍ତ୍ରୀର ବଡ଼ ଭାଇ - ବାଓ୍ୱା

ସ୍ତ୍ରୀର ସାନ ଭାଇ - ବାଓ୍ୱା ମାର୍‌ଦି ବା ବାବୁ

| | |
|---|---|
| ବୋହୂ – କୋଡ଼ାଲୁ | ଦେଢ଼ଶାଶୁ – ଓଦିନା |
| ଶାଳୀ – ମାରାଦାଲୁ | ବାପାର ବାପାର ବାପା – ମୁସିଲାନ୍ନା |

ବାପାର ବାପାର ମାଆ – ଢେଢିଆମ୍ମା / ନାଇନା ଆମ୍ମା

| | |
|---|---|
| ବାପାର ବାପାର ଭାଇ – ମୁସିଲାନ୍ନା | ବାପାର ବାପାର ଭାଇର ସ୍ତ୍ରୀ – ଢେଢିଆମ୍ମା |
| ବାପାର ବାପାର ଭଉଣୀ – ଆପ୍ପା | ବାପାର ବାପାର ଭଉଣୀର ସ୍ୱାମୀ – ବାଓ୍ୱା |
| ମାଆର ମାଆର ବାପା – ପେଦ୍ଦେୟା | ମାଆର ମାଆର ମା' – ପେଦାଆମା |
| ମାଆର ମାଆର ଭାଇ – ତାତା | ମାଆର ମାଆର ଭାଇର ସ୍ତ୍ରୀ – ଆମାମ୍ମା |
| ମା'ର ମା'ର ଭଉଣୀ – ଆମାମ୍ମା | ମା'ର ମା'ର ଭଉଣୀର ସ୍ୱାମୀ – ତାତା |
| ନାତୁଣୀ ବୋହୂ – ମାରଦାଲୁ | ନାତୁଣୀ ଜ୍ୱାଇଁ – ବାଓ୍ୱା ମାରଦି |
| ବୋହୂର ବାପା (ସମୁଦି) – ଇରାକାଡୁ | ବୋହୂର ମା' (ସମୁଦୁଣୀ) – ଏରକାରି |
| ଝିଅର ସ୍ୱାମୀର ମା – ଇରାକାତା | ଝିଅର ସ୍ୱାମୀର ଭାଇ – ଆଲ୍ଲୁଡୁ |
| ଝିଅର ସ୍ୱାମୀର ଭଉଣୀ – କଡ଼ାଲୁ | ମାର ଭାଇର ସ୍ତ୍ରୀ – ଆତା |

ମା'ର ଭଉଣୀର ସ୍ୱାମୀ – ଦାଦା / ସିନେୟା / ଚିନାନା

ଯେଉଁ ସମ୍ପର୍କରେ ଜଣେ ଅନ୍ୟଜଣଙ୍କଠାରୁ ଦୂରେଇ ରହେ ତାକୁ ଛିନ୍ନ ସଂପର୍କ କୁହାଯାଏ । ଜାତାପୁମାନେ ଦେଢ଼ଶୂର, ଭାଇବୋହୂ, ଦେଢ଼ଶାଶୁସହିତ, ଶାଶୂଜୋଇଁ ମଧ୍ୟରେ ଛିନ୍ନ ସଂପର୍କ ଥାଏ । ସେମାନେ ପରସ୍ପରକୁ ଛୁଅଁନ୍ତି ନାହିଁ । କେହିକାହା ଅଇଁଠା ଖାଆନ୍ତି ନାହିଁ ? କଥା ମଧ୍ୟ ହୁଅନ୍ତି ।

ପରିହାସ ବା ଥଟ୍ଟା କହିଲେ ଜଣଙ୍କର ଅନ୍ୟଜଣଙ୍କ ସହିତ ଥିବା ମଜ୍ଜାଳିଆ ସଂପର୍କ । ଶାଳୀ, ଭିଣୋଇ, ଭାଉଜ, ନଣନ୍ଦ, ଜେଜେବାପା, ନାତି-ନାତୁଣୀ ମଧ୍ୟରେ ଏପରି ସମ୍ପର୍କ ରହିଥାଏ । ନିଜ ଭାଉଜ ଓ ଦିଅର ମଧ୍ୟ ଥଟ୍ଟା ବା ମଜାଗତ ସମ୍ପର୍କ ରହିଥାଏ ହେଲେ ଖୁବ୍ କମ୍ ପରିମାଣରେ ।

ପୋଷ୍ୟପୁତ୍ର ସେହି କ୍ଷେତ୍ରରେ ଗ୍ରହଣ କମ୍ ଯାଇଥାଏ । ଯେତେବେଳେ ନିଜର କୌଣସି ପୁତ୍ର ସନ୍ତାନ ନଥାଏ । ପ୍ରାୟତଃ ସେମାନେ ପୋଷ୍ୟପୁତ୍ର ହିସାବରେ ନିଜର ସମ୍ପର୍କୀୟଙ୍କଠାରୁ ପୁତ୍ର ଗ୍ରହଣ କରିଥାନ୍ତି । ଏହାଭିନ୍ନ ଅନ୍ୟ ବଂଶରୁ ମଧ୍ୟ ସେମାନେ

ପୋଷ୍ୟପୁତ୍ର ଗ୍ରହଣ କରିପାରିବେ କେତେକ ସମ୍ପତ୍ତି ଲାଭରେ ପୋଷ୍ୟପୁତ୍ର ହୋଇଥାନ୍ତି । ଯେଉଁ ପୋଷ୍ୟପୁତ୍ର ଜୀବନସାର ପୋଷ୍ୟପୁତ୍ର ଗ୍ରହଣ କରିଥିବା ବାପା ମା'ଙ୍କୁ ନିଜର ବାପା ମା' ଭାବି ସେବା କରିଥାଏ । ପୁଅପରି ସବୁ ଦାୟିତ୍ୱ ତୁଲାଇ ଥାଏ ସେ ଯାଇ ସମ୍ପତ୍ତିର ଅଧିକାରୀ ହୋଇଥାଏ । ସେହିପରି ପୋଷ୍ୟପୁତ୍ର ମଧ୍ୟ ବିଭିନ୍ନ ପଦପଦବୀର ଉତ୍ତରାଧିକାରୀ ଭାବରେ ପରିଗଣିତ ହୋଇଥାଏ । ବାପା, ମା ମଲାପରେ ସେମାନଙ୍କର ଶୁଦ୍ଧିକ୍ରିୟା । ମଧ୍ୟ ସେ ସଂପାଦନ କରିଥାଏ ।

ମାମୁଁ ସହିତ ସେମାନଙ୍କର ଖୁବ୍ ଭଲ ସଂପର୍କ ଥାଏ । ମାମୁଁର ଝିଅ ବା ପୁଅକୁ ବାହାହେବାର ବିଧି ଜାତାପୁମାନଙ୍କ ମଧ୍ୟରେ ପ୍ରଚଳିତ ରହିଛି । ତେଣୁ ସେମାନେ ମାମୁଁ ଘରକୁ ବହୁତ ବହୁତ ଯିବା ଆସିବା କରିଥାନ୍ତି । ମାମୁଁ ମଧ୍ୟ ବାହାଘର କିମ୍ବା ପ୍ରଥମ ପିଲା ଜନ୍ମହେବା ବେଳେ ବିଭିନ୍ନ ପ୍ରକାରର ଉପହାର ଭେଟି ଦେଇଥାନ୍ତି ।

ପିଉସୀର ପୁଅ ବା ଝିଅ ସହିତ ମଧ୍ୟ ବାହାଘର ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ଆନନ୍ଦ ଉତ୍ସବରେ ବା କାମରେ ପିଉସୀଙ୍କୁ ଡ଼କାଯାଇଥାଏ ।

ଜମିଜମା ଇତ୍ୟାଦିକୁ ନେଇ ଭାଇ ଭାଇ ମଧ୍ୟରେ କଳି ହେଇଥାଏ । ସତ ହେଲେ ତାହା ଚିରସ୍ଥାୟୀ ନୁହଁ । ଜାତପୁ ସମାଜରେ ଦାଦା / କକାଙ୍କ ସହ ପୁତୁରା ଝିଆରୀର ସମ୍ପର୍କ ଖୁବ୍ ଭଲ ।

ଜ୍ଞାତି ସଂପର୍କୀୟମାନେ ବିଭିନ୍ନ ପର୍ବପର୍ବାଣି ଇତ୍ୟାଦିରେ ଉପହାର ନେଇ ଆସିଥାନ୍ତି । ଝିଅର ବାହାଘରରେ ମାମୁଁ, ଗାଈ, ଛେଳି, କୁକୁଡ଼ା ଇତ୍ୟାଦି ଦେଇଥାଏ । ଏହା ଶାଶୁ ଘର ଲୋକମାନେ ନେଇ ପାଳିଥାନ୍ତି ବା ବାପାଘରର ଲୋକେ ରଖିଲେ ତା'ର ପ୍ରଥମ ପ୍ରସବଟିକୁ ଝିଅକୁ ପ୍ରଦାନ କରିଥାନ୍ତି । ସେ ଚାହିଁଲେ ସବୁନେଇ ଯାଇପାରେ ବା ବାପାଘରକୁ କିଛି ଦେଇ ଯାଇପାରେ ।

ଜ୍ଞାତିକୁଟୁମ୍ବ ଲୋକଙ୍କ ମଧ୍ୟରେ ଅନେକ କାରଣକୁ ନେଇ କଳିଝଗଡ଼ା ଜମିଜମା, ବାପା ସମ୍ପତିର ଭାଗ ଇତ୍ୟାଦି ଏ ସବୁର ମୁଖ୍ୟ କାରଣ । ବେଳେବେଳେ ମଧ୍ୟ ଦେବାନେବାକୁ ନେଇ ତଥା କାମ କାର୍ଯ୍ୟରେ ସାହାଯ୍ୟ ନ କରିବାରୁ କଳି ଉପୁଜିଥାଏ ।

ଜଣେ ଅନ୍ୟଜଣଙ୍କ ସହିତ ସମ୍ପର୍କ ତୁଲାଇବା ପାଇଁ ହେଲେ ସେ ବିଭିନ୍ନ ପୂଜାପର୍ବରେ ତା'ର ଅନୁରୋଧ ଇତ୍ୟାଦିକୁ ରକ୍ଷା କରିନଥାଏ ବା ଉତ୍ସବାଦିରେ ଯୋଗ ଦେଇନଥାଏ । ଧିରେ ଧିରେ ଯିବା ଆସିବା ବନ୍ଦ ହୋଇଯିବା ଫଳରେ ସମ୍ପର୍କ କଟି

ଯାଇଥାଏ, ତେବେ ଗୋଟିଏ ବଂଶ ଭିତରେ ଜ୍ଞାତିକୁଟୁମ୍ବ ମଧ୍ୟରେ ସମ୍ପର୍କ ଏତେ ଶୀଘ୍ର ଛିନ୍ନ ହୋଇପାରେନି । ସଂପର୍କ ତୁଟାଇବା ପାଇଁ ସେମିତି କୌଣସି ସ୍ୱତନ୍ତ୍ର ନିୟମ ବା ପୂଜାବିଧି ନଥାଏ ।

**ସଂପର୍କର ବିଭିନ୍ନ ସ୍ତର / ଅଂଚଳ :**

ବୈବାହିକ ସଂପର୍କର ଏକ ସ୍ୱତନ୍ତ୍ର ସ୍ତର ରହିଥାଏ । ଗୋଟିଏ ସାଙ୍ଗିଆଥିବା ଲୋକେ ଗୋଟିଏ ବଂଶର ଲୋକଭାବରେ ପରିଗଣିତ ହୋଇଥାନ୍ତି ତେଣୁ ସେମାନଙ୍କ ମଧ୍ୟରେ ବିବାହ ହୋଇ ପାରିନଥାଏ । ସେହିପରି ସେମାନେ ମଧ୍ୟ କେବଳ ନିଜ ଜାତିର ଲୋକ ବିବାହ କରିଥାନ୍ତି ମାତ୍ର ନିଜଜାତି ଭିନ୍ନ ଅନ୍ୟଜାତିର ଲୋକଙ୍କୁ ସେମାନେ ବିବାହ କରିନଥାନ୍ତି ।

ସେହିଭଳି ଆର୍ଥିକ ସଂପର୍କର ମଧ୍ୟ ଏକ ସ୍ତର ରହିଥାଏ । ସବୁଲୋକ ସବୁ ଲୋକଙ୍କ ସହ ଆର୍ଥିକ ସମ୍ପର୍କ ରଖିନଥାନ୍ତି କିମ୍ବା ସମସ୍ତଙ୍କଠାରୁ ସେମାନେ ଦାର, କରଜ ଇତ୍ୟାଦି ଆଣିନଥାନ୍ତି । କିଏ କାହାଠାରୁ କିପରି ଋଣ ଆଣିବ ସେଇଟା ମଧ୍ୟ ନୀତିନିୟମ ଦ୍ୱାରା ସ୍ଥିରୀକୃତ । ଜଣେ ଉଚ୍ଚ ଖ୍ୟାତି ସଂପନ୍ନ ବ୍ୟକ୍ତି ମଧ୍ୟ କେବେବି ନୀଚ ଜାତିର ଲୋକଙ୍କଠାରୁ ଋଣ ଆଣିବାକୁ ମନକରିନଥାଏ ।

ରାଜନୈତିକ ସଂପର୍କରେ ସେମିତି କୌଣସି ସ୍ତର ନଥାଏ ।

**କଳିଝଗଡ଼ା ଦ୍ୱନ୍ଦ ଏବଂ ସମାଜରେ ମାନସିକ ଚାପ :**

କଥାରେ ଅଛି 'ଘର କରି ବାହାଘରେ କଳି ନାହିଁ' ଅର୍ଥାତ ସବୁବେଳେଯେ ସବୁ ଭଲଥିବ ତାହା ନୁହଁ କାହା ଜୀବନରେ କେତେବେଳେ କ'ଣ ଆସେ କହିହେବନି । ତେଣୁ ଅନେକ କଥାକୁ ନେଇ ମଣିଷ ମଣିଷ ମଧ୍ୟରେ କଳିଝଗଡ଼ା ଇତ୍ୟାଦି ହୋଇଥାଏ । ତେବେ ଜାତାପୁମାନେ ସେଥିରୁ ବା ବାଦ୍‌ଯିବେ କିପରି, ହେଲେ ତୁଳନାତ୍ମକ ଭାବରେ ଦେଖିବାକୁ ଗଲେ ଲାଗିନଥାନ୍ତି । ସେମାନେ ପ୍ରାୟ ଶାନ୍ତିରେ ଜୀବନଯାପନ କରିଥାନ୍ତି । ସେମାନେ ସବୁବେଳେ କର୍ମବ୍ୟସ୍ତ ରହିଥାନ୍ତି । ନିଜ କାମରେ ନିଜେ ବ୍ୟସ୍ତ ତେଣୁ ଅନ୍ୟକଥା ଦେଖୁଛି କିଏ । ଯେତେବେଳେ ବି ସେମାନେ କଳି ଝଗଡ଼ା ଲାଗନ୍ତି ତା'ର ମୁଖ୍ୟକାରଣ ହେଉଛି ଜମିଜମା ନହେଲେ ଫସଲ ଯଦି କାହାରି ଫସରେ ଅନ୍ୟଜଣଙ୍କର ଗୋରୁ ବାରଣ ସତ୍ତ୍ୱେ ଖାଇଯାଏ ଏବଂ ବାରମ୍ବାର ମନା କରିବା ବା ଜଣାଇବା ସତ୍ତ୍ୱେ ତା'ର ମାଲିକ କୌଣସି ପଦକ୍ଷେପ ନିଏ ନାହିଁ ତେବେ ସେହିକଥାକୁ ନେଇ ପ୍ରବଳ ଗଣ୍ଡଗୋଳ ହୋଇଥାଏ ।

ନହେଲେ କିଏ କାହା ଜମିରୁ ପାଣି ନେଇଗଲା, ବି ସେହିପରି ଏକ କାରଣ, ଏହି କଳିଝଗଡ଼ା ବା ଦ୍ୱନ୍ଦ୍ୱ ବିଭିନ୍ନ ପ୍ରକାରର ହୋଇପାରେ ଯେମିତିକି ପାରିବାରିକ, ରକ୍ତଗତ ଗାଁ ଗାଁ ମଧ୍ୟରେ, ଭାଇ ଭାଇ ମଧ୍ୟରେ ଇତ୍ୟାଦି ।

ବେଳେବେଳେ ପରିବାରରେ ଭାଇ ଭାଇ ମଧ୍ୟରେ ବା ପରିବାରର ବିଭିନ୍ନ ସଦସ୍ୟମାନଙ୍କ ମଧ୍ୟରେ ଅନେକକାରଣକୁ ନେଇ କଳିଗୋଳ, ଦ୍ୱନ୍ଦ ଇତ୍ୟାଦି ଉପୁଜିଥାଏ । ବାପା ମରିଗଲା ପରେ ଜମି ବା ବାପାଙ୍କର ସମ୍ପତ୍ତି ଇତ୍ୟାଦିର ବଣ୍ଟନକୁ ନେଇ ଭାଇ ଭାଇ ମଧ୍ୟରେ କଳି ହୋଇଥାଏ । ଏହାଛଡ଼ା ପରିବାରରେ ମଧ୍ୟ ବେଳେବେଳେ ଛୋଟ ଛୋଟ କଥାକୁ ନେଇ ଗଣ୍ଡଗୋଳ ହୋଇଥାଏ । ଟିକେଟିକେ କଥାକୁ ନେଇ ମାଡ଼ପିଟ ଇତ୍ୟାଦି ମଧ୍ୟ ହୋଇଯାଇଥାଏ । କୋର୍ଟ, କଚେରୀ ପର୍ଯ୍ୟନ୍ତ କଥା ଯାଇଥାଏ ।

ପ୍ରତିଶୋଧ ନେବାବେଳେ ସେମାନେ ଗାଳିଗୁଲଜ କରିଥାନ୍ତି । ହାତ ଏବଂ ମୁହଁର ଖୁବ୍ ବ୍ୟବହାର କରିଥାନ୍ତି । ସେମାନେ ପ୍ରତିଶୋଧ ନେବା ବେଳେ ମାଡ଼ଗୋଳ କରିଥାନ୍ତି ସେଥିପାଇଁ ବାଡ଼ି ଇତ୍ୟାଦିର ବ୍ୟବହାର ମଧ୍ୟ କରିଥାନ୍ତି ।

ଯେତେବେଳେ ସମାଜରେ ଥିବା ବିଭିନ୍ନ ନୀତି ନିୟମର ଭଙ୍ଗ କରାଯାଏ ଏବଂ ସମାଜର ଅନୁଷ୍ଠାନଗୁଡ଼ିକ ଭାବରେ କାମ ନକରେ ସେତେବେଳେ ସାମାଜିକ ବିଶୃଙ୍ଖଳା ଦେଖାଦେଲା ବୋଲି କୁହାଯାଇଥାଏ । ଜାତପୁମାନଙ୍କ ମଧ୍ୟରେ ଦେଖାଦେଉଥିବା ସାମାଜିକ ବିଶୃଙ୍ଖଳାର ମୁଖ୍ୟ କାରଣ ହେଉଛି ନୂତନପିଢ଼ି ଏବଂ ପୁରାତନ ପିଢ଼ିର ଲୋକଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟର ନାନାବିଧ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପରିବର୍ତ୍ତନ, ଜନସଂଖ୍ୟା ବୃଦ୍ଧି ଜମିତ ସ୍ଥାନ ପରିବର୍ତ୍ତନ ।

ମନେକରେ ଜାତପୁ ସମାଜରେ ପାରମ୍ପରିକ ରୀତିନୀତି ଇତ୍ୟାଦି ଉପରେ ଖୁବ୍ ଗୁରୁତ୍ୱ ଦେଇଥାନ୍ତି । ସେମାନେ ସେଗୁଡ଼ିକ ମାନି ଅତିଖୁସିରେ ଚଳିଥାନ୍ତି ଏବଂ ନୂତନପିଢ଼ିକୁ ମଧ୍ୟ ସେହି ପାରମ୍ପରିକ ଢ଼ାଞ୍ଚାରେ ଚାଲିବାକୁ ପ୍ରବର୍ତ୍ତାଇ ଥାଆନ୍ତି । ମାତ୍ର ନୂତନ ପିଢ଼ି ସେସବୁକୁ ମାନିବାକୁ ରାଜିହୋଇନଥାନ୍ତି । ସେମାନେ ଏହିଭଳି ଭାବରେ ଦୁଇଦିନରେ ବିଭକ୍ତ ହୋଇ ପାଇଥାନ୍ତି ଏବଂ ଦୁଇଦଳମଧ୍ୟରେ ମତବାଦର ଭାରସାମ୍ୟ ରହେ ନାହିଁ । ଫଳରେ ସାମାଜିକ ବିଶୃଙ୍ଖଳା ଦେଖାଦେଇଥାଏ ।

ପାରମ୍ପରିକ ଯୌଥ ପରିବାରରେ ବର୍ତ୍ତମାନ ପରିବର୍ତ୍ତନ ଦେଖା ଦେଇଛି । ଜାତାପୁମାନେ ମଧ୍ୟ ଏକକୈନ୍ଦ୍ରିକ ପରିବାରକୁ ଅଧିକ ପସନ୍ଦ କରୁଥିବାର ଦେଖାଯାଉଛି ।

## ସାମାଜିକ ମୂଲ୍ୟବୋଧ :

ସବୁ ଜାତିର, ସବୁ ଗୋଷ୍ଠୀର ସବୁ ସମାଜର ରହିଥାଏ ଏକ ସ୍ୱତନ୍ତ୍ର ଧରଣର ମୂଲ୍ୟବୋଧ, ଆଦର୍ଶ, ଆଚରଣ, ଗ୍ରହଣ ଶୀଳତା ପରିତ୍ୟାଗ ଇତ୍ୟାଦି । ଜାତପୁ ମାନେ ଦୟାଳୁ, ପରୋପକାରୀ ଓ ସରଳବିଶ୍ୱାସୀ । ଆଚରଣରେ ଖୁବ୍ ଭଦ୍ର ଓ ନମ୍ର ଗ୍ରହଣଶୀଳତା, ପରିତ୍ୟାଗ ଓ ରୁଚିକା ଶୀଳତାରେ ସେମାନେ ହିନ୍ଦୁ ସମାଜର ମୂଲ୍ୟବୋଧ ରୀତିନୀତି ତଥା ପ୍ରଥା ଓ ପରମ୍ପରାର ବିଶ୍ୱାସୀ ଅଟନ୍ତି ।

ବିଧବା, ବିବାହିତା, ସନ୍ତାନହୀନା, ଅବିବାହିତ ଝିଅ ଇତ୍ୟାଦିଙ୍କର ସାମାଜିକ ସ୍ଥିତି ବିଷୟରେ ପୂର୍ବରୁ ସୂଚନା ପ୍ରଦାନ କରାଯାଇଛି । ଜାତାପୁ ସମାଜରେ ଗୁଣିଆର ସ୍ଥିତି ବଡ଼ ବିଚିତ୍ର ! ଯେତିକି ଉଚ୍ଚତର ସେତିକି ନମ୍ର । ଜନସମାଜର ଉପକାର କରିବା ସହିତ ଗୁଣି ଗାରେଡ଼ି ଦ୍ୱାରା ଲୋକଙ୍କର ଅନିଷ୍ଟ କରିପାରେ ବୋଲି ଧାରଣା ରହିଛି ।

ଜାତାପୁ ସମାଜରେ ବିକଳାଙ୍ଗ ବ୍ୟକ୍ତି ପ୍ରତି ସମସ୍ତେ ମନୁଷ୍ୟୋଚିତ ବ୍ୟବହାର କରନ୍ତି । ମଣିଷ ହିସାବରେ ସେମାନେ ତାକୁ ସ୍ନେହ, ଶ୍ରଦ୍ଧା ଦେଇଥାନ୍ତି ଏବଂ ଭଲ ପାଇଥାନ୍ତି । ତାଙ୍କ ପ୍ରତି ଦୟାଶୀଳ ହୋଇ ତାକୁ ସାହାଯ୍ୟ ସହଯୋଗ କରିଥାନ୍ତି । ବୟସ୍କ ବ୍ୟକ୍ତିମାନଙ୍କୁ ଜାତାପୁ ସମାଜରେ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଆଯାଏ । ସେମାନଙ୍କ ଆଦେଶ, ଉପଦେଶକୁ ସମସ୍ତେ ପାଳନ କରିବାକୁ ଚେଷ୍ଟା କରନ୍ତି ।

ଶତ୍ରୁକୁ ସେମାନେ ଖୁବ୍ ଘୃଣା କରିଥାନ୍ତି । ଜଣେ ଯଦି ଅଧିକ ଶତୃତା କରେ ବା ସବୁବେଳେ ପ୍ରତିଯୋଗ ପରାୟଣ ହୋଇ ଅନ୍ୟର ଉନ୍ନତି ସହ୍ୟ କରି ନପାରି ହଇରାଣ ହରକତ କରେ ତାକୁ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି ।

ତେବେ ସାମାଜିକ ଅବସ୍ଥାର ବିକାଶ ନିମିତ୍ତ ଜାତପୁମାନେ ବିଶେଷ ମନୋଭାବ ପୋଷଣ କରନ୍ତି ନାହିଁ । ସମୟ ଚକ୍ରରେ ସେମାନେ ଗଡ଼ି ଚାଲିଥାନ୍ତି ଏବଂ ଏହାକୁ ସ୍ୱାଭାବିକ ଧରି ନିଅନ୍ତି ।

# ରାଜନୈତିକ ସଂଗଠନ

ସମାଜର ଶାନ୍ତି, ଶୃଙ୍ଖଳା ରକ୍ଷା କରିବା ତଥା ସମାଜର ସୁପରିଚାଳନା ପାଇଁ ଏକ ପ୍ରଶାସନ ବ୍ୟବସ୍ଥାର ଆବଶ୍ୟକତା ଥାଏ । ନିରାପତ୍ତା, ନିର୍ଣ୍ଣୟ ତଥା ଜୀବନରେ ସରସତା ଓ ଶାନ୍ତି ଲାଭ ପାଇଁ ଏହି ବ୍ୟବସ୍ଥା ବିଧି ବିଧାନର ପ୍ରଣୟନ କରିଥାଏ । ଏସବୁର ସୁପରିଚାଳନା ନିମିତ୍ତ ବ୍ୟବସ୍ଥାପକ ସଭା କେତେକ ସଦସ୍ୟ ମନୋନୀତ କରି ସେମାନଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରିଥାଏ । ଜାତାପୁ ସମାଜ ମଧ୍ୟ ଏହା ସଂପର୍କରେ ଉତ୍ତମରୂପେ ଅବଗତ । ଆଜିକାଲିର ପଞ୍ଚାୟତି ରାଜ ବ୍ୟବସ୍ଥାରେ ସେମାନଙ୍କ ପାରମ୍ପରିକ ଗ୍ରାମସଭାର ଭୂମିକା ଯଦିଓ ମଳିନ, ତଥାପି ଏହା ସ୍ୱତନ୍ତ୍ର ଆଲୋଚନା ସାପେକ୍ଷ ।

**'ପଞ୍ଚେୟିତି' :**

ଜାତାପୁମାନଙ୍କର ଦେଶୀୟ ରାଜନୈତିକ ପରିଷଦକୁ 'ପଞ୍ଚେୟିତି' କୁହାଯାଇଥାଏ । ପୂର୍ବେ ଏହା ପ୍ରାୟ ପ୍ରତ୍ୟେକ ଜାତାପୁ ଗ୍ରାମରେ ରହୁଥିଲା ।

ପାରମ୍ପରିକ ରାଜନୈତିକ ପରିଷଦ 'ପଞ୍ଚେୟିତି' ର ମୁଖ୍ୟ ଥିଲେ । 'ଜାନୀ' ସେ ଗ୍ରାମର ମୁଖ୍ୟ ଏବଂ ଜଣେ ପୁରୋହିତ ହିସାବରେ ପରିଚିତ ହେଉଥିଲେ । ତାଙ୍କ ପରେ ଥାନ୍ତି 'କାର୍ଯୀ' ସେ ଜଣେ ଡ଼ମ୍ବ ସମ୍ପ୍ରଦାୟର ଲୋକ ହୋଇଥିବା ଦରକାର । ସେ ବାର୍ତ୍ତାବାହକ ଭାବରେ କାର୍ଯ୍ୟ କରନ୍ତି । ପଞ୍ଚେୟିତିରେ ଗ୍ରାମବାସୀମାନେ ଅଂଶଗ୍ରହଣ କରିଥିଲେ । ସେମାନେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଆସି ଉପସ୍ଥିତ ରହୁଥିଲେ । ଏମାନଙ୍କର ଉର୍ଦ୍ଧ୍ୱରେ ରହିଥିଲେ 'ଜାତି ପେଦା' ବା ମଣ୍ଡଳ ନାଇଡୁ । ସେ ଗୋଟିଏ ଅଞ୍ଚଳର ମୁଖିଆ ଭାବରେ ପରିଗଣିତ ହେଉଥିଲେ । ତାଙ୍କ ଅଧିନରେ କେତୋଟି ଗ୍ରାମ ରହୁଥିଲା ।

'ଜାନୀ' ଥିଲେ ଗ୍ରାମର ରାଜନୈତିକ ମୁଖ୍ୟ ତଥା ପୁରୋହିତ । ସେ ଗ୍ରାମସଭାରେ ସଭାପତିତ୍ୱ କରିଥାନ୍ତି । ସବୁ ମାଲିମୋକଦମା ଶୁଣିବା ପରେ ତା'ର ନିଷ୍ପତ୍ତି ଶୁଣାଇଥାନ୍ତି । ସେ ହିଁ ଗ୍ରାମର ସର୍ବେ ସର୍ବା । ତାଙ୍କ ନିଷ୍ପତ୍ତିକୁ ଶେଷ ନିଷ୍ପତ୍ତି ଭାବରେ ଧରାଯାଇଥାଏ ।

କାର୍ଯ୍ୟୀ ସଭା ଡ଼କାହେବା ପୂର୍ବରୁ ସବୁଲୋକଙ୍କୁ ଜଣାଇବା ପାଇଁ ଢ଼ୋଲ ବାଡ଼େଇ ବଡ଼ ପାଟିରେ ଗାଁର ଏମୁଣ୍ଡରୁ ସେମୁଣ୍ଡ ବୁଲିଆସିଥାଏ । ସଭା ଭଙ୍ଗ ହେବା ପରେ ସଭାରେ ନିଆଯାଇଥିବା ନିଷ୍ପତ୍ତି ବିଷୟରେ ମଧ୍ୟ ଗ୍ରାମବାସୀଙ୍କୁ ଅବଗତ କରାଇଥାଏ ।

ଯେଉଁ ସମସ୍ୟାର ସମାଧାନ ଗ୍ରାମସ୍ତରରେ ହୋଇ ନପାରେ ବା ଜଟିଳ ରୂପ ଧାରଣ କରେ ବା କେହି ଜଣେ ଗ୍ରାମମୁଖିଆଙ୍କର ନିଷ୍ପତ୍ତିକୁ ଅବମାନନା କରେ ତେବେ ସେହି ମାମଲାଟି 'ମଣ୍ଡଳନାଇଡୁ' (ଜାତି ପେଦା) ପାଖକୁ ଯାଇଥାଏ ଏବଂ ସେ ହିଁ ତା'ର ସମାଧାନ କରିଥାନ୍ତି । ମଣ୍ଡଳ ନାଇଡୁ ମଧ୍ୟ କାର୍ଯ୍ୟୀ ଏବଂ ଜାନିଙ୍କର କାର୍ଯ୍ୟର ତଦାରଖ କରିଥାନ୍ତି । ସେ ସେହି ଅଞ୍ଚଳର ସବୁଠାରୁ ମାନ୍ୟଗଣ୍ୟ ବ୍ୟକ୍ତି ଭାବରେ ପରିଗଣିତ ହୋଇଥାନ୍ତି ଏବଂ ସମସ୍ତେ ତାଙ୍କର କଥାକୁ ସମ୍ମାନ ପୂର୍ବକ ଶିରୋଧାର୍ଯ୍ୟ କରିଥାନ୍ତି । ଜାତାପୁମାନଙ୍କର ସଂପ୍ରଦାୟ ସ୍ତରରେ, ବଂଶ ବା ଗୋତ୍ର ସ୍ତରରେ କୌଣସି ରାଜନୈତିକ ମୁଖ ନଥାନ୍ତି । ଅନ୍ୟ ମଣ୍ଡଳ ନାଇଡୁ (ଜାତି ପେଦା) ଓ ଜାନି ସର୍ବଦା ଜାତପୁ ସଂପ୍ରଦାୟର ହୋଇଥିବା ଆବଶ୍ୟକ । କାର୍ଯ୍ୟୀ ହିସାବରେ ଥିବା ଲୋକ କେବଳ "ଡ଼ମ୍ବ" ସଂପ୍ରଦାୟର ହୋଇଥାଏ, ଏହାଛଡ଼ା ଯଦି ସେହି ଗ୍ରାମରେ ଅନ୍ୟ ସଂପ୍ରଦାୟର ଲୋକେ ବସବାସ କରୁଥାନ୍ତି ତେବେ ସେମାନେ ମଧ୍ୟ ସେହି ଗ୍ରାମସଭାରେ ଯୋଗ ଦିଅନ୍ତି ବା ସେହି ସଭାର ସଦସ୍ୟ ହୋଇପାରନ୍ତି ।

ଗ୍ରାମରେ ବିଭିନ୍ନ କଥାକୁ କେନ୍ଦ୍ରକରି ଉପୁଜୁଥିବା ଗଣ୍ଡଗୋଳ ଯଥା ଜମିଜମା, ସମ୍ପତ୍ତିବଣ୍ଟନ, ଇତ୍ୟାଦିକୁ ନେଇ ହେଉଥିବା ସମସ୍ୟା ଇତ୍ୟାଦିର ସମାଧାନ ଏହିଠାରେ ହିଁ ହୋଇଥାଏ । ଦୋଷୀକୁ ଦଣ୍ଡମିଳେ ଆଉ ନିର୍ଦ୍ଦୋଷକୁ ନ୍ୟାୟ । ପାରମ୍ପରିକ ପରିଷଦରେ ମଧ୍ୟ ବିଭିନ୍ନ ପ୍ରକାର ପର୍ବପର୍ବାଣୀ ପୂର୍ବରୁ ଚାନ୍ଦା ଆଦାୟ କିପରି ହେବ, ପୂଜାପର୍ବ କିପରି ପାଳନ କରାଯିବ ସେଥିରେ କିଏ କିପରି ଦାୟିତ୍ୱନେବ ସେ ବିଷୟରେ ନିଷ୍ପତ୍ତି ନିଆଯାଇଥାଏ । ଗାଁରେ କୌଣସି ମାରାତ୍ମକ ରୋଗ ବ୍ୟାପିଲେ ସେହି ରୋଗ କାହିଁକି ହେଲା ତା'ର ସମାଧାନ ପାଇଁ କ'ଣ ପଦକ୍ଷେପ ନିଆଯିବା ଉଚିତ୍ ସେ ବିଷୟରେ ନିଷ୍ପତ୍ତି ନିଆଯାଇଥାଏ । ସେହିପରି ସାମାଜିକ କ୍ଷେତ୍ରରେ ଯଦି ଜଣେ ନିଜ ଜାତି ବା ଗୋଷ୍ଠୀ ବ୍ୟତୀତ ଅନ୍ୟ ଗୋଷ୍ଠୀରେ ବିବାହ କରେ ବା ଯଦି ସେ ସମାଜବିରୋଧୀ କାର୍ଯ୍ୟ କରେ ତେବେ ତା'ର ମଧ୍ୟ ସମାଧାନ ଗ୍ରାମସଭାରେ କରାଯାଇଥାଏ । ସବୁ ସମସ୍ୟାର ସମାଧାନ ଆପୋଷ ଆଲୋଚନା ଦ୍ୱାରା କରାଯାଏ, ବ୍ୟକ୍ତିସ୍ତରରେ କୌଣସି ନିଷ୍ପତ୍ତି ନିଆଯାଏ ନାହିଁ ।

ପାରମ୍ପରିକ ପରିଷଦପାଇଁ ଜାତପୁ ସମାଜରେ କୌଣସି ସ୍ୱତନ୍ତ୍ର ସ୍ଥାନ ଘର ନଥାଏ । ଯେତେବେଳେ ଗ୍ରାମସଭା ବସିବାର ଦରକାର ପଡ଼େ, ସେମାନେ ଏହାକୁ ଗାଁର ମଝି ଦାଣ୍ଡରେ ଆୟୋଜନ କରିଥାନ୍ତି । କାରଣ ଜାତାପୁ ଗ୍ରାମଗୁଡ଼ିକରେ ଘରଗୁଡ଼ିକ

ଦୁଇଧାଡ଼ିରେ ଏମୁଣ୍ଡରୁ ସେମୁଣ୍ଡ ହୋଇ ରାସ୍ତାର ଦୁଇକଡ଼ରେ ଥାଏ । ତେଣୁ ରାସ୍ତାର ମଝିରେ ସଭା ହେଲେ ସମସ୍ତେ ପ୍ରାୟ ସଭା ବିଷୟରେ ବା ସଭାର ଦଣ୍ଡବିଧାନ ବିଷୟରେ ଭଲଭାବରେ ଅବଗତ ହୋଇଥାନ୍ତି ।

ଯେତେବେଳେ ଗାଁରେ କୌଣସି ଗଣ୍ଡଗୋଳ ହୁଏ, ସେ ବିଷୟରେ ମୁଦେଲ ବା ମୁଦାଲା ଗ୍ରାମର ମୁଖିଆଙ୍କୁ ଏ ବିଷୟରେ ଜଣାଇବା ଲାଗି 'କାର୍ଯ୍ୟୀ' ର ଦ୍ୱାରସ୍ଥ ହୋଇଥାଏ ବା କାର୍ଯ୍ୟୀ ନିଜେ ତରଫରୁ ମଧ୍ୟ ଏ ବିଷୟରେ ଗାଁର ମୁଖିଆ ଜାନିଙ୍କୁ ଜଣାଇଥାଏ । ତା'ପରେ ଜାନି କାର୍ଯ୍ୟୀ ମାଧ୍ୟମରେ ସଭାର ଆୟୋଜନ କେତେବେଳେ ହେବ ସେ ବିଷୟରେ ଗ୍ରାମବାସୀଙ୍କୁ ଜଣାଇ ଦେଇଥାନ୍ତି ଏବଂ ଉଭୟ ମୁଦେଲ, ମୁଦାଲାଙ୍କୁ ସେଠାରେ ଉପସ୍ଥିତ ହେବାକୁ କହିଥାନ୍ତି । ଉପଯୁକ୍ତ ସମୟରେ କାର୍ଯ୍ୟୀ ସଭାର ଆୟୋଜନ କରିଥାଏ । ଜାନି ମୁଖ୍ୟ ଭାବରେ କୌଣସି ଆସନରେ ଟିକିଏ ଉଚ୍ଚରେ ବସନ୍ତି ଏବଂ ଅନ୍ୟମାନେ ତାଙ୍କ ଚାରିପଟେ କିମ୍ବା ସାମନାରେ ବସନ୍ତି । ମୁଦେଲ, ମୁଦାଲା ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥାନ୍ତି । ଜାନି ସେ ସବୁ ଶୁଣିବା ପରେ ଉଭୟଙ୍କ ବିଷୟରେ କାହାର କ'ଣ ମତାମତ ଅଛି ଶୁଣାଇବାକୁ ସାକ୍ଷୀ ଏବଂ ସଭାରେ ଉପସ୍ଥିତି ଲୋକଙ୍କୁ ଅନୁରୋଧ କରିଥାନ୍ତି । ସମସ୍ତେ କହିବା ପରେ  ଯିଏ ଦୋଷୀ ତା'ର ଦୋଷକୁ ବିଚାରକରି ସେ ଦୋଷୀ ବୋଲି ଘୋଷଣା କରାଯାଏ । ଯେଉଁ କ୍ଷେତ୍ରରେ ଦୋଷୀ ତା'ର ଦୋଷ ସ୍ୱୀକାର ନକରେ ସେ କ୍ଷେତ୍ରରେ  ଶପଥ ପାଠ ଇତ୍ୟାଦିରେ ବ୍ୟବସ୍ଥା ମଧ୍ୟ ରହିଥାଏ । ଶପଥ ପାଠ କରିବା ପାଇଁ ତାକୁ ଗୋରୁ ଲାଙ୍ଗୁଡ଼ ଧରାଇ ଶପଥ କରାଯାଏ ବା ମାଟି ଛୁଇଁ, ଠାକୁରାଣୀକୁ ଛୁଇଁ, ପିଲାଙ୍କ ମୁଣ୍ଡ ଛୁଇଁ, ଦୀପ ଲିଭାଇବ ଆଦି ଶପଥ କରିବାକୁ କୁହାଯାଇଥାଏ । ଗାଈକୁ ସେମାନେ ଦେବତା ହିସାବରେ ମାନିଥିବା ବେଳେ, ମାଟିରୁ ସେମାନେ ସୃଷ୍ଟି ବୋଲି ମନେ କରିଥାନ୍ତି ତେଣୁ ଏଗୁଡ଼ିକୁ ଛୁଇଁ ଶପଥ କଲେ ଯିଏ ମିଛ କହିବ ସେ କେବେବି ଭଲରେ ରହିପାରିବନି । ଶେଷରେ ତା'ର ମୃତ୍ୟୁ ସୁନିଶ୍ଚିତ ବା ତା'ର ଅନେକ କ୍ଷତି ହେବ ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ତେଣୁ ଶପଥପାଠରେ ସେମାନେ ପ୍ରାୟ ସତ କହିଥାନ୍ତି । ସେମିତି କିଛି କଠୋର ପରୀକ୍ଷା କରିବାର ବ୍ୟବସ୍ଥା ସେମାନଙ୍କ ସମାଜରେ ନାହିଁ । ଦୋଷୀ ଦୋଷ ସ୍ୱୀକାର କରିବା ପରେ ବା ତାକୁ ସ୍ୱୀକାର କରାଇବା ପରେ ତା'ର ଦୋଷ ଅନୁସାରେ ତାକୁ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି । ଶାରୀରିକ ଦଣ୍ଡ ହିସାବରେ ଗ୍ରାମର ମୁଖିଆ ବା ଜାନି ଗ୍ରାମସଭା ମଧ୍ୟରେ ଦୋଷୀକୁ ସମସ୍ତଙ୍କ ସାମ୍ନାରେ ଚାପୁଡ଼ା ବି ମାରିଯାରେ ଏହାଛଡ଼ା ଅନ୍ୟକ୍ଷେତ୍ରରେ ତାକୁ ଜୋରିମାନା କରାଯାଇଥାଏ । ଦୋଷ ଅନୁସାରେ ଜୋରିମାନାର ପରିମାଣ ଅଲଗା ଅଲଗା ଥାଏ । ଯେମିତିକି ଜଣେ ଯଦି ଜଣଙ୍କ ଘରୁ

ଚୋରିକରିଥାଏ ତାକୁ ଅଳ୍ପ ଜୋରିମାନା ଦେବାକୁ ପଡୁଥିବା ବେଳେ ଜଣେ ଯଦି କାହାର ପଶୁକୁ ବାଡ଼େଇକି ମାରିଦେଇଥାଏ ବା ସ୍ତ୍ରୀକୁ ଡ଼ାକି ସ୍ତ୍ରୀ ଥାଉ ଥାଉ ଅନ୍ୟ ସ୍ତ୍ରୀ ସହ ସମ୍ପର୍କ ରଖିଲେ ଅଧିକ ଜୋରିମାନା ଦେବାକୁ ପଡ଼େ ।

ଯଦି ଜଣେ ଜାତାପୁ ପୁଅ ବା ଝିଅ ଅନ୍ୟ ଗୋଷ୍ଠୀର ପୁଅ ବା ଝିଅକୁ ବିବାହ କରେ ତେବେ ଜାତାପୁ ସମାଜରେ ତା'ର ଆଉ ସ୍ଥାନ ନଥାଏ । ତାକୁ ସମାଜରୁ ବାସନ୍ଦ କରିଦିଆଯାଏ ତାକୁ 'ଜାତି ହାନ୍ଦୁ' ବା ଏକଘରକିଆ କରି ଦିଆଯାଏ । ତାକୁ ନିଆଁ, ପାଣି ବା କୌଣସି ସାଧାରଣ ସମ୍ପତ୍ତି ବ୍ୟବହାର କରିବାକୁ ଦିଆଯାଏନି, ସେ ଏକା ରହେ । ତା'ର କୌଣସି ଭଲମନ୍ଦ କାମରେ ଯଥା ବାହାଘର, ବିବାହ, ଛୁଆର ଏକୋଇଶିଆ ଇତ୍ୟାଦି ଯେକୌଣସି ସାମାଜିକ କାର୍ଯ୍ୟରେ କେହିବି ଗ୍ରାମବାସୀ ଯୋଗ ଦେଇନଥାନ୍ତି ବା ତା' ଘରରୁ କେହିବି କୌଣସି ଜିନିଷ ଗ୍ରହଣ କରିନଥାନ୍ତି ବା ତାକୁ କେହି କିଛି ଦେଇନଥାନ୍ତି । ସେ ସମାଜରେ ବାସନ୍ଦ ହୋଇ ରହେ ।

ଯେତେବେଳେ ଗ୍ରାମରେ ଦୁଇଜଣଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଇତ୍ୟାଦି ହୋଇଥାଏ, ପ୍ରଥମେ ଜାନିଦ୍ୱାରା ଏହି ବିଚାରର ଆଲୋଚନା କରାଯାଇ ତା'ର ନିଷ୍ପତ୍ତି ଶୁଣାଯାଏ । ଯାହାକୁ ଯାହା ଜୋରିମାନା ହେବା କଥା ଦୋଷ ଅନୁସାରେ ତାହା ଆଦାୟ ମଧ୍ୟ କରାଯାଇଥାଏ । ତା'ପରେ କିନ୍ତୁ ଗ୍ରାମବାସୀ ତଥା ଜାନି ଇତ୍ୟାଦି ଚାହିଁଥାନ୍ତି, ସେମାନଙ୍କ ମଧ୍ୟରେ ଆପୋଷ ମିଳାମିଶା ହୋଇଯାଉ । ଗାଁରେ ସେମାନେ ଦୁଇଭାଇ ଭଳି ବା ପୂର୍ବ ଭଳି ରୁହନ୍ତୁ । ସେମାନଙ୍କ ମଧ୍ୟରେ ଥିବା ଶତ୍ରୁତାର ଅନ୍ତହେଉ । ସେଥିପାଇଁ ସେ ଦୁଇଜଣଙ୍କୁ ବସାଇ କଥାବାର୍ତ୍ତା କରାଇ ଦିଆଯାଏ । ସେମାନେ ଦେଇଥିବା ଜୋରିମାନା ଇତ୍ୟାଦିରେ ଭୋଜିର ଆୟୋଜନ କରାଯାଇଥାଏ । ଭୋଜିରେ ମିଳିମିଶି ଖାଇବା ଫଳରେ ସେମାନଙ୍କ ମଧ୍ୟରେ ଭାତୃଭାବର ଉଦ୍ରେକ ହୁଏ ।

ସେହିପରି ସମାଜରୁ ବାସନ୍ଦ କରାଯାଇଥିବା ଲୋକ ମଧ୍ୟ ପୁଣି ସମାଜରେ ମିଶି ପାରିବ ହେଲେ ସେଥିପାଇଁ ମଧ୍ୟ ରହିନି କେତେକ ସ୍ୱତନ୍ତ୍ର ନୀତିନିୟମ । ପ୍ରଥମେ ଏହି ବାସନ୍ଦ ଲୋକକୁ ଲଣ୍ଡା କରିଦିଆଯାଏ । ତାକୁ ଯେମିତି ହେଲେ ଯେଉଁ ଉପାୟରେ ହେଉ ନ ଲିଭିବା ପରି ଏକଚିହ୍ନ ଦିଆଯାଇ ଥାଏ ଏବଂ ତା'ପରେ ପୁରୋହିତ ଡ଼ାକି ତାକୁ ପବିତ୍ର କରାଯାଇଥାଏ । ଶେଷରେ ଭୋଜିଭାତର ଆୟୋଜନ ହୁଏ ଯାହାର ସମସ୍ତ ଖର୍ଚ୍ଚ ସେହି ଲୋକହିଁ ବହନ କରିଥାଏ । ତା'ପରେ ତା ଘରେ ସମସ୍ତେ ଖାଇଥାନ୍ତି ଏବଂ ସେ ଜାତିରେ ମିଶିଥାଏ ।

## ରାଜନୈତିକ ସଭ୍ୟଙ୍କ ବିଷୟରେ ଧାରାଣା :

ରାଜନୈତିକ ସଭ୍ୟ କହିଲେ ଜାତପୁ ସମାଜରେ ମୁଖ୍ୟତଃ ୨ ଜଣଙ୍କୁ ବୁଝାଇଥାଏ
(୧) ଜାତି ପେଦ୍‌ଦା /ଜାତିପେଦା ବା ମଣ୍ଡଳ ନାଇଡୁ (ଅଞ୍ଚଳ ମୁଖ୍ୟ)

(୨) ଜାନି – ମୁଖିଆ ତଥା ପୁରୋହିତ (ଗ୍ରାମର)ମୁଖ୍ୟ

(୩) କାର୍ଯ୍ୟୀ – ସମ୍ବାଦବାହାକ /ବାର୍ତ୍ତାବାହକ

ଏବେ ସେ ପାରମ୍ପାରିକ ଗ୍ରାମସଭା ନାହାଁନ୍ତି । ଜାନି ନାମକୁ ମାତ୍ର ମୁଖିଆ ହେଇରହିଛି ।

## ଜାନି (ଗ୍ରାମ ମୁଖିଆ ଓ ପୁରୋହିତ) :

ଜାତାପୁମାନଙ୍କର ପ୍ରତ୍ୟେକ ଗ୍ରାମରେ ଜଣେ ମୁଖିଆ ରହିଥାନ୍ତି । ସେ ଗ୍ରାମର ଦେବଦେବୀଙ୍କୁ ପୂଜା କରିବା ସହିତ ଗ୍ରାମରେ ଅନୁଷ୍ଠିତ ହେଉଥିବା ପାରମ୍ପାରିକ ଗ୍ରାମସଭାରେ ସଭାପତିତ୍ୱ କରିଥାନ୍ତି । ତେବେ ଜାନି ହେବା ପାଇଁ କେତୋଟି ଯୋଗ୍ୟତାର ବିଚାର କରାଯାଏ, ଯଦି ଓ ଏହା ଏକ ବଂଶାନୁକ୍ରମିକ ପଦ ଅଟେ । ଜାନି ମୁଖ୍ୟତଃ ଗ୍ରାମଦେବତୀ ତଥା ଝାକିରିଆମାଙ୍କର ପୂଜା ଏବଂ ନୂଆଖିଆ ପୂଜା କରିଥାଏ । ଜାନି ହେବା ଲାଗି ନିମ୍ନଲିଖିତ ଯୋଗ୍ୟତା ରହିଥିବା ଦରକାର ।

(୧) ସେ ଜାତପୁ ସଂପ୍ରଦାୟର ହୋଇଥିବେ ।

(୨) ସେ ସେହି ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ହୋଇଥିବେ ।

(୩) ସେ ଧର୍ମପରାୟଣ ହୋଇଥିବା ଏବଂ ଗ୍ରାମଦେବଦେବୀଙ୍କର ପୂଜା ଇତ୍ୟାଦି ବିଷୟରେ ତାଙ୍କର ଧାରଣା ରହିଥିବା ଦରକାର ।

(୪) ସେ ଉତ୍ତମ ବୁଦ୍ଧି ସମ୍ପନ୍ନ ଓ ବିଚାରଶୀଳ ବ୍ୟକ୍ତି ହୋଇଥିବେ । ସବୁ ଲୋକଙ୍କର ସେ ପ୍ରିୟପାତ୍ର ହୋଇଥିବେ ।

(୫) ସେ ପୂର୍ବରୁ କୌଣସି ବଡ଼ ଧରଣର ଗଣ୍ଡଗୋଳରେ ସାମିଲ୍ ନଥିବେ ।

(୬) ଉପସ୍ଥିତ ବୁଦ୍ଧି ସମ୍ପନ୍ନ ହୋଇଥିବେ ।

(୭) ସେ ବିକୃତ ମସ୍ତିଷ୍କ ହୋଇ ନଥିବେ ।

(୮) ସେ ଜାନି ପରିବାରର ହୋଇଥିବେ ।

ଯେଉଁ ଜାନିର ପୁଅ ନଥିବେ ସେ ପୋଷ୍ୟ ପୁତ୍ରକରି ଆଣିଥିବା ପୁତ୍ର ହିଁ ତାଙ୍କ ପଦର ଉତ୍ତରାଧିକାରୀ ହୋଇଥାଏ । ସେମାନେ ସାଧାରଣତଃ ପୋଷ୍ୟପୁତ୍ର ରକ୍ତ ସମ୍ପର୍କୀୟଙ୍କ ଠାରୁ ହିଁ ଗ୍ରହଣ କରିଥାନ୍ତି । ପ୍ରାୟତଃ ଜାନିର ବଡ଼ ପୁଅ ହିଁ ପରବର୍ତ୍ତୀ ଜାନି ହୋଇଥାଏ । ମନୋନୟନ ପାଇଁ କୌଣସି ସ୍ୱତନ୍ତ୍ର ପଦ୍ଧତି ନଥାଏ ଏବଂ ସେମାନେ ସାଧାରଣ ଲୋକପରି ପୋଷାକ ପରିଧାନ କରିଥାନ୍ତି ।

ସମସ୍ତେ ଜାନିଙ୍କୁ ଭକ୍ତି ଏବଂ ସମ୍ମାନ କରିଥାନ୍ତି ଯେହେତୁ ସେ ଗ୍ରାମଦେବତୀ ଉତ୍ୟାଦିରେ ପୂଜା କରନ୍ତି । ସେମାନେ ଭାବନ୍ତି ଯେ ଜାନି ହିଁ ଭଗବାନଙ୍କର ନିକଟବର୍ତ୍ତୀ ହେବାର ଏକପାତ୍ର ମାଧମା, ତାଛଡ଼ା ଯେହେତୁ ଜାନି ଗ୍ରାମର ମୁଖ୍ୟ ଏବଂ ସେ ବିଭିନ୍ନ ମାଲିମୋକଦ୍ଦମାରେ ନିଷ୍ପତ୍ତି ନେଇଥାନ୍ତି । ତେଣୁ ମୁଖିଆ ହିସାବରେ ତାଙ୍କୁ ଲୋକେ ସମ୍ମାନ ମଧ ଦେଇଥାନ୍ତି । ଜାନି ସଦାସର୍ବଦା ଲୋକଙ୍କର ମଙ୍ଗଳକାମନା କରିଥାନ୍ତି ସବୁବେଳେ ଅନ୍ୟ ପାଇଁ ନିଜକୁ ଉତ୍ସର୍ଗ କରି ଦେଇଥାନ୍ତି ତେଣୁ ସେ ଲୋକମାନଙ୍କର ପ୍ରିୟପାତ୍ର ହୋଇଥାନ୍ତି । ଜାନିର ପୂଜାବିଧି ସମ୍ପାଦନ କରିବା ସମୟରେ ତାଙ୍କୁ ଖୁସିରେ ସେମାନେ ଚାଉଳ, ପଇସା, ବିହନ ଇତ୍ୟାଦି ଦେଇଥାନ୍ତି । ଯେହେତୁ ସେ ଗ୍ରାମର ମୁଖିଆ ଏବଂ ପୁରୋହିତ ତେଣୁ ତାଙ୍କର ସମ୍ମାନାର୍ଥେ ତଥା ତା'ର ଭରଣ ପୋଷଣ ପାଇଁ ଗ୍ରାମ ଦେବତୀଙ୍କ ନାମରେ ଥିବା ଜମିରୁ ପ୍ରାୟ ୧୦ ଏକର ଜମି ଏହି ପୁରୋହିତ ନାମରେ ହିଁ କରିଦିଆଯାଇଥାଏ । ସେହି ଜମିରୁ ଉତ୍ପାଦିତ ଫସଲରେ ଇତ୍ୟାଦିକୁ ଜାନି ହିଁ ନେଇଥାନ୍ତି । ଏହାଛଡ଼ା ଅମଳ ହେବାପରେ ମଧ ଲୋକମାନେ ନିଜ ନିଜର ଅମଳ ଦେଖି ଜାନିଙ୍କୁ ଫସଲରୁ କିଛି ଶସ୍ୟ ଦାନ କରିଥାନ୍ତି ।

ଜାନୀର ପୂଜାପର୍ବଦିନ ଗ୍ରାମଦେବତୀଙ୍କର ପୂଜା କରିଥାନ୍ତି । ଏହାକୁ "ଝାକରୀ ଆମ୍ମା" କୁହାଯାଇଥାଏ ।

ତେବେ ଯେଉଁ ଲୋକ ଜାନୀ ହୋଇଥାଏ ସେ ମଧ କେତେକ ନିଷେଧାଦେଶ ପାଳନ କରିଥାଏ ଯେମିତିକି ଜାନୀ କେବେବି ମହୁକାଢ଼ିବନି, ସେ ସିଆଳି କାଟିକି ଆଣିବନି, ଫୁଲଝାଡୁ ତିଆରି ହେଉଥିବା ଗଛ (ସିପ୍ରୁ) ଆଣିବ ନାହିଁ, ଛଣ କାଟିବ ନାହିଁ (ଢ଼େବା ଗାଡ଼ିରୁଣ), ମାଛ କଙ୍କଡ଼ାଥିବା ଗାତରେ ହାତପୁରାଇ ମାଛ କଙ୍କଡ଼ା ଇତ୍ୟାଦି ଖୋଳିବ ନାହିଁ । କାହାରି ଛୁତିକିଆ, ମୃତିକିଆ ଇତ୍ୟାଦି ହୋଇଥିଲେ ତାଘରେ ସେ ଖାଇବ ନାହିଁ ଇତ୍ୟାଦି ।

ସେ ପଣା ସଂକ୍ରାନ୍ତି (କଡ଼ା ଆନାସା), ଟେଙ୍କା କରା ( ଟାଂକୁ ନୂଆ, କଣ୍ଡେସ୍ କରା (କୁଣ୍ଡଧାନ ନୂଆ), କାଣ୍ଡୁଲ କରା (କାନ୍ଦୁଲ ନୂଆ) ଇତ୍ୟାଦିରେ ମଧ୍ୟ ପୂଜା କରିଥାନ୍ତି । ଆଗରୁ ଲୋକେ ଜାନୀ ଉପରେ ଏବଂ ଜାନିର କାମ ଉପରେ ବିଶ୍ୱାସ ରଖୁଥିଲେ ମାତ୍ର ଏବେ ସେମାନଙ୍କର ଏସବୁରେ ଆଦୌ ବିଶ୍ୱାସ ନାହିଁ ।

## କାର୍ଯ୍ୟୀ (ବାର୍ତ୍ତାବାହାକ):

ଜାନୀଙ୍କ ପରେ ଜାତାପୁମାନଙ୍କର ପାରମ୍ପାରିକ ରାଜନୈତିକ ପରିଷଦରେ ଥାନ୍ତି । 'କାର୍‌ଜି' । 'କାର୍‌ଜି' ସାଧାରଣତଃ ବାର୍ତ୍ତା ବାହକ ଭାବରେ କାମକରିଥାଏ । କାର୍‌ଜି ପଦବୀ ମଧ୍ୟ ବଂଶାନୁକ୍ରମିକ । ଜଣେ କାର୍‌ଜି ହେବା ପାଇଁ ନିମ୍ନଲିଖିତ ଯୋଗ୍ୟତାଥିବା ଦରକାର :

(୧) ସେ ଜଣେ ଡ଼ମ୍ବ ସଂପ୍ରାଦାୟର ଲୋକ ହୋଇଥିବ । (ଆଜିକାଲି ନିଜ ଜାତିରେ ମଧ୍ୟ ରହୁଛନ୍ତି)

(୨) ସେ ସେହି ଅଞ୍ଚଳର ବାସିନ୍ଦା ଥିବେ ।

(୩) ସେ ବେଶୀ ବୃଦ୍ଧ ବା ଅକର୍ମଣ୍ୟ ନହୋଇଥିବା ଦରକାର ।

(୪) ସେ ସୁସ୍ଥ ସବଳ ହୋଇଥିବା ଦରକାର, ଦଉଡ଼ାଦଉଡ଼ି କରି କାମ କରିପାରୁଥିବା ଭଳି ପରିସ୍ଥିତି ତାଙ୍କର ଥିବା ଦରକାର ।

(୫) ସେ ମଧ୍ୟ ଜଣେ ଉତ୍ତମଗୁଣ ସମ୍ପନ୍ନ ବ୍ୟକ୍ତି ହୋଇଥିବା ଦରକାର ।

(୬) ସେ ଠିକ ବା ଅଳସୁଆ ନହୋଇଥିବା ଦରକାର ଅର୍ଥାତ ବିଶ୍ୱାସୀ ହୋଇଥିବା ଦରକାର ।

(୭) ସେ ବାଗିନକକୁଦାର ହୋଇଥିବା ଦରକାର ।

(୮) ସେ ଭଦ୍ର, ଅମାୟିକ, ନ୍ୟାୟବାନ, ଉତ୍ତମ ବିଚାରଶୀଳ ହୋଇଥିବା ଆବଶ୍ୟକ ।

(୯) ସେ ସେହି ଜାତପୁମାନଙ୍କର ଭାଷା କହିପାରୁଥିବା ଦରକାର ।

(୧୦) ସେ ମଦ୍ୟପ ହୋଇନଥିବ କିମ୍ବା ବିକୃତ ମସ୍ତିଷ୍କ ମଧ୍ୟ ନହୋଇଥିବା ଦରକାର ।

ଏହିପରି ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତିଙ୍କୁ କାର୍‌ଜି ହିସାବରେ ବଛା ଯାଇଥାଏ । ସେ ଜାନିଙ୍କର ସହାୟକ ଭାବରେ କାମ କରିଥାଏ ।

ଗ୍ରାମରେ କୌଣସି କାରଣରୁ ଗଣ୍ଡଗୋଳ ସୃଷ୍ଟି ହେଲେ ଗ୍ରାମ ସଭାର ଆୟୋଜନ କରାଯାଇ ଉକ୍ତ ମୋକଦ୍ଦମାର ସମାଧାନ କରାଯାଇଥାଏ । ସେତେବେଳେ କାରଜି ସ୍ଥାନ, ସମୟ ଓ କାରଣ ସଂପର୍କରେ ଗାଁରେ ଢ଼େଙ୍ଗୁର ପିଟି ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ବୁଲି ଗ୍ରାମବାସୀଙ୍କୁ ଅବଗତ କରାଇଥାଏ । ଏହାଛଡ଼ା କୌଣସି ମୋକଦ୍ଦମାର ସମାଧାନ ଗ୍ରାମରେ କରାଯାଇନପାରିଲେ ତାହା ମଣ୍ଡଳନାଇଡ୍ରୁଙ୍କ ପାଖକୁ ଯିବା ଦରକାର ପଡ଼ିଥାଏ, ସେତେବେଳେ ସେହି ଖବର 'ଜାନି'ଙ୍କଠାରୁ ନେଇ ସେ ମଣ୍ଡଳନାଇଡ୍ରୁଙ୍କୁ ଜଣାଇଥାଏ ।

କାରଜିର ମଧ୍ୟ କୌଣସି ସ୍ୱତନ୍ତ୍ର ଧରଣର ବେଶ ପୋଷାକ ଇତ୍ୟାଦି ନଥାଏ । ସେ ସାଧାରଣ ଗ୍ରାମବାସୀ ପରି ଚଳିଥାଏ । କାରଜି ମଧ୍ୟ ସବୁ ଲୋକଙ୍କର ପ୍ରିୟ । ସେ ଅତ୍ୟନ୍ତ ବିଶ୍ୱସ୍ତ ଓ ନିରପେକ୍ଷ ହୋଇଥିବାରୁ ସମସ୍ତଙ୍କର ଶ୍ରଦ୍ଧା ଓ ଆଦର ପାତ୍ର ହୋଇଥାଏ ।

ଯେହେତୁ କାରଜି ଗ୍ରାମବାସୀଙ୍କ ପାଇଁ ଏତେକାମ କରିଥାଏ ତା'ର ସେବାର ପ୍ରତି ବଦଳରେ ତାକୁ ମଧ୍ୟ ସେମାନେ କିଛି ପାରିଶ୍ରମିକ ପ୍ରଦାନକରିବାକୁ କରିଥାନ୍ତି । ଯେପରି ଜାନି ନାମରେ ୧୦ ଏକର ଜମି ରହିଥାଏ ସେହିପରି କାରଜି ନାମରେ ପ୍ରାୟ ୫ ଏକର ଜମି  ଥାଏ । ସେହି ଜମିରୁ ଉତ୍ପାଦିତ ଖାଦ୍ୟ ଶସ୍ୟ କାରଜି ହିଁ ବ୍ୟବହାର କରିଥାଏ । ମାତ୍ର ଅନ୍ୟ କୌଣସି ସୁବିଧା ସୁଯୋଗ ତା'କୁ ଦିଆଯାଇନଥାଏ ।

ମଣ୍ଡଳନାଇଡ୍ରୁ - କେତୋଟି ଅଞ୍ଚଳର ମୁଖ୍ୟ ଭାବରେ ମଣ୍ଡଳନାଇଡ୍ରୁ କାର୍ଯ୍ୟ କରନ୍ତି । ତାଙ୍କ ଅଧୀନରେ ଗୋଟିଏ ଅଞ୍ଚଳର ଅର୍ଥାତ କେତୋଟି ଗ୍ରାମ ତାଙ୍କ ଅଧୀନରେ ଥାଏ । ଯେତେବେଳେ କୌଣସି ସମସ୍ୟାର ସମାଧାନ ଗ୍ରାମରେ ହୋଇ ନପାରେ ସେତେବେଳେ ତାହାକୁ ମଣ୍ଡଳନାଇଡ୍ରୁଙ୍କ ପାଖକୁ ପଠାଇ ଦିଆଯାଇଥାଏ । ମଣ୍ଡଳନାଇଡ୍ରୁ ପଦବୀ ମଧ୍ୟ ବଂଶାନୁକ୍ରମିକ । ଜଣେ ମଣ୍ଡଳନାଇଡ୍ରୁ ବା ଜାତିପେଦା ହେବା ଲାଗି ତାଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଦରକାର :-

୧) ସେ ମଣ୍ଡଳ ନାଇଡ୍ରୁ ବଂଶର ହୋଇଥିବେ ।

୨) ସେ ଓଡ଼ିଆ କହିପାରୁଥିବେ, ଯେପରି ବାହାର ଲୋକ ଆସିଲେ ତାଙ୍କୁ ସେ ଠିକ୍‌ଭାବରେ ବୁଝି ପାରିବେ ।

୩) ସେ ଜଣେ ଅମାୟିକ, ଉତ୍ତମଗୁଣ ସଂପନ୍ନ ବ୍ୟକ୍ତି ହୋଇଥିବେ ।

୪) ତାଙ୍କର ବିଚାରଶକ୍ତି ଖୁବ୍ ପ୍ରଖର ହୋଇଥିବ ଏବଂ ସବୁକଥାକୁ ବୁଝି ପାରୁଥିବ ଏବଂ ସେ ଲୋକଙ୍କୁ ବୁଝାଇ ପାରୁଥିବା ଦରକାର ।

୫) ସେ ଜଣେ ବୟସ୍କ ତଥା ସୁସ୍ଥ ବ୍ୟକ୍ତି ହୋଇଥିବେ ।

ଯେତେବେଳେ ଗ୍ରାମରେ କୌଣସି ସମସ୍ୟାର ସମାଧାନ ହୋଇ ନପାରେ ସେତେବେଳେ ଯାଇ ତାଙ୍କ ପାଖକୁ ସେହି ମୋକଦ୍ଦମାଟି ସମାଧାନପାଇଁ ଯାଇଥାଏ । ଏହାଛଡ଼ା ଗ୍ରାମ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ମଧ୍ୟ ମଣ୍ଡଳନାଇତୁଙ୍କ ଦ୍ୱାରା ସମାଧାନ କରାଯାଇଥାଏ । ଏହା ଏକ ସମ୍ମାନସୂଚକ ପଦ ଏଥିରେ କୌଣସି ପାଉଣା ଇତ୍ୟାଦି ଦିଆଯାଇନଥାଏ । କେବଳ ଲୋକଙ୍କର ଆଦର ସମ୍ମାନ ମିଳିଥାଏ ।

ଆଧୁନିକ ପଞ୍ଚାୟତ ବ୍ୟବସ୍ଥା :

ଏବେ ଜାତପୁ ଗ୍ରାମଗୁଡ଼ିକରେ ପୁରାତନ ପାରମ୍ପରିକ ରାଜନୈତିକ ପରିଷଦଗୁଡ଼ିକ ବିଲୁପ୍ତ ପ୍ରାୟ । ତଥାପି ଜାନି ଅଛନ୍ତି, ହେଲେ ତାଙ୍କର ସେ ପୂର୍ବର ଆଧିପତ୍ୟ ଆଉ ନାହିଁ । ଜାନି ଏବେ ନାମକୁ ମାତ୍ର ଜଣେ ମୁଖିଆ ଭାବରେ ରହିଛନ୍ତି । ଜାତପୁ ସମାଜରେ ଆଧୁନିକ ପଞ୍ଚାୟତରାଜ ବ୍ୟବସ୍ଥାର ପ୍ରଚଳନ ହେବାକୁ ଲାଗିଲାଣି । ଏହାର ପ୍ରଚାର ଏବଂ ପ୍ରସାର ଖୁବ୍ ଦ୍ରୁତବେଗରେ ଚାଲିଛି । ଜାତପୁମାନେ ମଧ୍ୟ ଆଧୁନିକ ପଞ୍ଚାୟତିରାଜ ବ୍ୟବସ୍ଥା ସଂପର୍କରେ ଅବଗତ ହୋଇଗଲେଣି । ଆଧୁନିକ ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡ଼ମେମ୍ବର, ସରପଞ୍ଚ, ସମିତି ସଭ୍ୟ ଇତ୍ୟାଦି ରାଜନୈତିକ ପରିଷଦର ସଭ୍ୟଭାବରେ କାମ କରିଥାନ୍ତି ।

ଏବେ ଆମ ସମ୍ବିଧାନରେ କେତେକ ପଦପଦବୀ କେବଳ ଆଦିବାସୀମାନଙ୍କ ପାଇଁ ସଂରକ୍ଷିତ ହୋଇ ରହୁଛି ତେଣୁ ଆଦିବାସୀମାନେ ସଂପୂର୍ଣ୍ଣ ଭାବରେ ଏହି ରାଜନୈତିକ ବ୍ୟବସ୍ଥାରେ ଅଂଶ ଗ୍ରହଣ କରିପାରୁଛନ୍ତି । ଜାତପୁମାନେ ମଧ୍ୟ ଏହି ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆପଣେଇ ନେଲେଣି । ଏବେ ସେମାନଙ୍କ ମଧ୍ୟରୁ ମଧ୍ୟ କେତେକ ୱାର୍ଡ଼ମେମ୍ବର, ସରପଞ୍ଚ ପଦ ପାଇଁ ପ୍ରାର୍ଥୀ ହେଉଛନ୍ତି ।

ସେମାନେ ଉଚ୍ଚ ଶିକ୍ଷିତ ନହୋଇବି ଶିକ୍ଷିତ ହେଲେଣି । ଭୋଟ ଦେବାର ମୂଲ୍ୟ ବୁଝିଲେଣି, ତଥାପି କେତେକ ଲୋକ ଅଛନ୍ତି ଯେଉଁମାନେ କି ଏବେବି ଭୋଟ ଦେବାକୁ ନାରାଜ । ତେବେ ସେ ଯାହା ହେଉ ବର୍ତ୍ତମାନ ସେମାନଙ୍କ ମଧ୍ୟରେ ପାରମ୍ପରିକ ଗ୍ରାମସଭାର ଅନ୍ତିମ ସନ୍ତୁଷ୍ଟ ହିସାବରେ ଜାନି ରହିଥିଲେ ମଧ୍ୟ ସେମାନେ ଆଧୁନିକ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାଦରେ ଗ୍ରହଣ କରିନେଇଛନ୍ତି ।

ସେମାନେ ନୁହନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାରେ ସେମାନେ ଗ୍ରାମରେ ନୂଆ ନୂଆ ଯୋଜନା ମାନକାର୍ଯ୍ୟ କରିପାରୁଛି, ଗାଁରେ ନୂଆ ସଡ଼କ ହେଉଛି, ବିଜୁଳି ଆଲୁଅ ଜଳୁଛି ଇତ୍ୟାଦି । ତେବେ ବାହାର ଲୋକମାନଙ୍କର ପ୍ରବେଶ ସେମାନଙ୍କ ପାଇଁ କେତେକ

ଅସୁବିଧା ଆଣିଦେଇଛି ବୋଲି ମଧ୍ୟ ସେମାନେ କହିଥାନ୍ତି ଯେମିତିକି ପାର୍ଟି ବା ଦଳ ଗ୍ରାମରେ ପ୍ରବେଶ କରିବା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଦଳ ବିବାଦ ସୃଷ୍ଟି ହେଉଛି । ଅଯଥା ବିଶୃଙ୍ଖଳା ଦେଖାଦେଇଛି । ଲୋକମାନେ ଅଳ୍ପଶିକ୍ଷିତ ହୋଇଥିବାରୁ ସେମାନଙ୍କୁ ବହୁ ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ଭୋଟ ଆଦାୟକରି ନିଆଯାଉଛି ମାତ୍ର ଭୋଟ ପାଇବା ପରେ ଏହି ଅନୁନ୍ନତ ଆଦିବାସୀ ଗାଁଗୁଡ଼ିକୁ ପ୍ରାୟ ସମସ୍ତେ ଭୁଲି ଯାଇଥାନ୍ତି ବୋଲି ଜାତପୁମାନେ କହିଥାନ୍ତି । ପଞ୍ଚାୟତିରାଜ ବ୍ୟବସ୍ଥାରେ ତାଙ୍କୁ ବାହାର ଲୋକଙ୍କ ସଂସ୍ପର୍ଶରେ ଅନେକ କାମ ପାଇଁ ଆସିବାକୁ ପଡ଼ିଥାଏ । ଆଉ ସେତେବେଳେ ସେମାନଙ୍କୁ ହଇରାଣ ମଧ୍ୟ କରାଯାଇଥାଏ । ପୁରାତନ ପରିଷଦ ଫଳରେ ଗାଁରେ ଶାନ୍ତି ଶୃଙ୍ଖଳଟା ଅଧିକ ବଜାୟ ରହୁଥିଲା ଯେଉଁଟାକି ପଞ୍ଚାୟତିରାଜ ବ୍ୟବସ୍ଥା ବ୍ୟାହତ ହୋଇଥିବା ପରି ମନେହୁଏ ।

ପାରମ୍ପରିକ ଗ୍ରାମସଭା ଓ ନୂତନ ପଞ୍ଚାରାତି ବ୍ୟବସ୍ଥା ସହାବସ୍ଥାନ ପୂର୍ବକ କାର୍ଯ୍ୟରେ ତାହା ଜାତାପୁମାନଙ୍କ ପାଇଁ ମଙ୍ଗଳମୟ ଓ ଫଳପ୍ରଦ ହୋଇ ପାରନ୍ତା ।

ଅନ୍ୟପକ୍ଷରେ ଆଧୁନିକ ରାଜନୈତିକ ବ୍ୟବସ୍ଥା ସମସ୍ତଙ୍କୁ ସ୍ୱାଧୀନତା ପ୍ରଦାନ କରିଛି । ସରକାରୀ ସ୍ତରରେ ବିକାଶମୂଳକ ଅନେକ କାର୍ଯ୍ୟ ହାତକୁ ଦିଆଯାଇଛି ।

ଆଗରୁ ଜାତାପୁ ସମାଜରେ ଯାହା ଗଣ୍ଡଗୋଳ ହେଉଥିବା ତାକୁ ସେମାନେ ପ୍ରଥମେ ଗ୍ରାମ୍ୟ ସ୍ତରରେ ଜାନୀ ସାହାଯ୍ୟରେ ସମାଧାନ କରିବାକୁ ଚାହୁଁଥିଲେ ଏବଂ ଯାହା ଗ୍ରାମରେ ସମାଧାନ ହୋଇପାରୁନଥିଲା । ତାକୁ ସେମାନେ ଅଞ୍ଚଳରେ ମୁଖିଆ 'ଜାତିପେଦ୍ଦା' ବା ମଣ୍ଡଳର ନାଇଡୁଙ୍କ ପାଖକୁ ପଠାଇଦେଉଥିଲେ । ପୋଲିସ୍‌ର ସହାୟତା ନେଉନଥିଲେ । ମାତ୍ର ଏବେ ବିଶୃଙ୍ଖଳା ସୃଷ୍ଟି ହେଲେ ସେମାନେ ସିଧାସଳଖ ଭାବରେ ପୋଲିସ୍‌କୁ ଜଣାଇଥା'ନ୍ତି ଏବଂ ଏହି ଗଣ୍ଡଗୋଳର ସମାଧାନ କରିବାକୁ ଅନୁରୋଧ କରିଥାନ୍ତି । ଆବଶ୍ୟକ ହେଲେ ପୋଲିସ ମାମଲାକୁ କୋର୍ଟକଚେରୀ ଇତ୍ୟାଦି ପର୍ଯ୍ୟନ୍ତ ପଠାଇବାକୁ ବାଧ୍ୟ ହୁଏ । ଧନୀକ ଶ୍ରେଣୀର ଲୋକେ ପ୍ରାୟ କୋର୍ଟ କଚେରୀ ଯାଇଥାନ୍ତି ହେଲେ ଗରୀବ ଲୋକେ ସେମିତି ରହିଯାଆନ୍ତି । ଅତିଶୟ କ୍ଷେତ୍ରରେ ସେମାନେ ଥାନାର ଦ୍ୱାରସ୍ଥ ହୋଇ ପୋଲିସ୍‌ର ସହାୟତା ଲୋଡ଼ିଥାନ୍ତି । ପାରମ୍ପାରିକ ପରିଷଦ ଯଦିଓ ଏବେ ନାହିଁ ତଥାପି ବନ୍ୟବିଭାଗ କର୍ମଚାରୀ, ରାଜସ୍ୱ କର୍ମଚାରୀ, ଅବକାରୀ କର ଆଦାୟ କରୁଥିବା କର୍ମଚାରୀ ଏବଂ ଅନ୍ୟ କର୍ମଚାରୀ ବା କୌଣସି ସରକାରୀ ଲୋକ ଆସିଲେ ପ୍ରଥମେ ଗ୍ରାମର ମୁଖିଆ ବା ଜାନିଙ୍କୁ ଭେଟିଥାନ୍ତି । ଏବେ ମଧ୍ୟ ଜାନି ଗ୍ରାମରୁ କର ଆଦାୟ କରି ରାଜସ୍ୱ ଅଧିକାରୀଙ୍କୁ

ପ୍ରଦାନ କରିଥାଏ । ଯେକୌଣସି ବିଷୟରେ ଆଲୋଚନା କରିବାର ଥିଲେ ବା ଯେକୌଣସି ଯୋଜନାକୁ କାର୍ଯ୍ୟକାରୀ କରିବାର ଥିଲେ ପ୍ରଥମେ ଜାନି ମାଧ୍ୟମରେ ଗ୍ରାମବାସୀଙ୍କୁ ନିକଟରେ ପହଞ୍ଚିବାକୁ ହୁଏ । ଉଦାହରଣ ସ୍ୱରୂପ ଦିନ ବିଭାଗର ବୃକ୍ଷରୋପଣ କାର୍ଯ୍ୟକ୍ରମ ଗ୍ରାମ ସନ୍ନିକଟସ୍ଥ ପୁରୁଣା ଜଙ୍ଗଲର ରକ୍ଷଣାବେକ୍ଷଣ ଆଦି ଦାୟିତ୍ୱ ସେମାନେ ଜାନିଙ୍କୁ ଦେଇଥାନ୍ତି । ଜାନି ଗ୍ରାମବାସୀ ମାନଙ୍କ ଦ୍ୱାରା ଏହା କରାଇଥାଏ । କାରଣ ଜାନି ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇପାରେ ।

ବିଭିନ୍ନ ପ୍ରକାର ମୋକଦ୍ଦମା :

କଳି ଝଗଡ଼ା, ଜମିଜମା ଗଣ୍ଡଗୋଳ, ବିବାହ, ସଂପର୍କୀୟ ମୋକଦ୍ଦମା, କନ୍ୟାପଣ, ଛାଡ଼ପତ୍ର, ମଦ୍ୟପାନ ଇତ୍ୟାଦି ସମ୍ବନ୍ଧୀୟ ମୋକଦ୍ଦମାର ସମାଧାନ ପ୍ରାୟ ଗାଁରେ ହୋଇଥାଏ । ବେଳେବେଳେ ପଡ଼ୋଶୀ ପଡ଼ୋଶୀ ମଧ୍ୟରେ ବିଭିନ୍ନ କନ୍ୟାକୁ ନେଇ ବିଭାହୋଇଥାଏ ଏବଂ ବଚସାରୁ କଳି ସୃଷ୍ଟି ହୋଇଥାଏ, ଫଳରେ ଦୁହିଁଙ୍କ ମଧ୍ୟରେ ମନୋମାଳିନ୍ୟ ହୁଏ ତା'ର ସମାଧାନ ଗାଁରେ ଆପୋଷ ଆଲୋଚନା ମାଧ୍ୟମରେ ମୀମାଂସା କରାଯାଇଥାଏ ।

ସେହିପରି ଯଦି ଜଣେ ସ୍ତ୍ରୀ ବିନା ଦୋଷରେ ତା'ର ସ୍ୱାମୀଙ୍କୁ ଛାଡ଼ି ଚାଲିଯାଏ ବା ସ୍ୱାମୀ ବିନାଦୋଷରେ ସ୍ତ୍ରୀକୁ ଛାଡ଼ିଦେଲେ । ମଦପିଇ ସ୍ତ୍ରୀକୁ ସବୁବେଳେ ବାଡ଼ିଆପିଟା କଲେ ତା ନାଁରେ ମୋକଦ୍ଦମା କରାଯାଏ । ଦୁଇଗ୍ରାମ ମଧ୍ୟରେ ମଧ୍ୟ ଗ୍ରାମର ସୀମା ଇତ୍ୟାଦିକୁ ନେଇ ଗଣ୍ଡଗୋଳ ହେଲେ ତାହା ପ୍ରାୟ ଦୁଇ ଗ୍ରାମର ଜାନିଙ୍କ ଉପସ୍ଥିତିରେ ମଣ୍ଡଳନାଇତ୍ରୁ ସମାଧାନ କରିଥାନ୍ତି ।

ସେହିପରି ଜମିଜମା ଗଣ୍ଡଗୋଳ ଭାଇ ଭାଇ ମଧ୍ୟରେ ହୋଇଥାଏ । ବାପା ମରିଯିବା ପରେ ବାପାଙ୍କରଥିବା ଜମିର ଭାଗ ହୋଇଥାଏ ଏବଂ ଏହାକୁ ନେଇ ବେଳେ ବେଳେ ଭାଇ ଭାଇ ମଧ୍ୟରେ ଗଣ୍ଡଗୋଳ ମଧ୍ୟ ହୋଇଥାଏ ଏବଂ ଏହି ଗଣ୍ଡଗୋଳର ସମାଧାନ ଗ୍ରାମ ପରିଷଦ ବା ପଞ୍ଚାୟତରେ ହିଁ ହୋଇଥାଏ ।

ସେମାନେ ମଧ୍ୟ ବେଳେବେଳେ ମଦପିଇ ମାଡ଼ଗୋଳ ଲାଗିଥାନ୍ତି ଏବଂ ଏହି ଗଣ୍ଡଗୋଳର ସମାଧାନ ଗ୍ରାମପରିଷଦ କରିଥାଏ ।

ସେହିପରି ଜଣେ ଅନ୍ୟଜଣଙ୍କ ଘରୁ ଚୋରି କଲେ ଚୋରି ଜିନିଷକୁ ନେଇ ଯଦି ଗରୀବମାନଙ୍କ ମଧ୍ୟରେ ବାଣ୍ଟିଥାଏ ତାକୁ ଦୋଷ ବୋଲି ଧରଯାଇନଥାଏ ମାତ୍ର ଯଦି ଜଣେ ଗରୀବ ଲୋକର ସମ୍ପତ୍ତିକୁ ଚୋରିକରିଥାଏ ତେବେ ତାହାକୁ ଅତ୍ୟନ୍ତ ଘୃଣ୍ୟକାମ

ବୋଲି ଧରାଯାଏ ଏବଂ ସେଥିପାଇଁ ମକୋଦ୍ଦମାର ବିଚାର ପରେ ଚୋରି ଜିନିଷ ଫେରେଇ ଜୋରିମାନା ମଧ୍ୟ ଦେବାକୁ ପଡ଼ିଥାଏ ।

ଜଣେ ଜଣଙ୍କ ସହିତ ଖରାପ ସମ୍ପର୍କ ରଖିଲେ ବା ଖରାପ ବ୍ୟବହାର କଲେ ତା'ର ଅତ୍ୟନ୍ତ ଦୋଷାବହ । ଯଦି ଜଣେ ସ୍ତ୍ରୀ ତାର ସ୍ୱାମୀ ଥିବାବେଳେ ଅନ୍ୟ କାହା ସହିତ ସମ୍ପର୍କ ରଖେ ତେବେ ସେ ସ୍ତ୍ରୀକୁ ଛାଡ଼ପତ୍ର ଦିଆଯାଇଥାଏ ତାଛଡ଼ା ଯେଉଁ ଲୋକ ମଧ୍ୟ ଖରାପ ସମ୍ପର୍କ ରଖିଥାଏ ତାକୁ ଖୁବ୍ ଦଣ୍ଡଦିଆଯାଇଥାଏ ।

ଜଣେ ଯଦି ସାମାଜିକ ନୀତି, ନିୟମକୁ ଉଲଘଂନ କରିଥାଏ ଏବଂ ପୂର୍ବାର୍ଜନାର ନୀତିନିୟମକୁ ମାନିନଥାଏ ବା ନୀତିନିୟମ ଉଲଘଂନ କରିଥାଏ ସେତେବେଳେ ମଧ୍ୟ ତାଙ୍କ ନାଁ ରେ ମୋକଦ୍ଦମା ହୋଇଥାଏ । ଗ୍ରାମ ସଭାରେ ତାକୁ ଡ଼ାକି ଏ ବିଷୟରେ ଦେଇ କରାଯାଇଥାଏ ପରେ ଏପରି କରିବାକୁ ମଧ୍ୟ ଆଦେଶ ଦିଆଯାଇଥାଏ ଏବଂ ଏଭଳି କାମ କରିଥିବାରୁ ତା'ଠାରୁ ଜୋରିମାନା ଆଦାୟ କରାଯାଏ ।

ଅନ୍ୟାନ୍ୟ କେତେକକ୍ଷେତ୍ରରେ ମଧ୍ୟ ମୋକଦ୍ଦମା ହୋଇଥାଏ । ଛୋଟ ଛୋଟ କନ୍ୟା ଯଥା କାହା ବିଲରେ କାହା ପଶୁପକ୍ଷି ଧାନ ଖାଇଦେଲା କିଏ କାହାର ଆଉ କିଛି ନେଇଗଲା ଇତ୍ୟାଦି କ୍ଷେତ୍ରରେ ଗ୍ରାମରେ ହିଁ ଏସବୁ ସମାଧାନ ହୋଇଯାଇଥାଏ ଏବଂ ଯଦି କେହି ଜଣେ କାହାକୁ ମାରିଦେଲା ତେବେ ଏହି ମୋକଦ୍ଦମାକୁ ସେମାନେ ପୋଲିସ୍‌ରେ ଦେଇଥାନ୍ତି ।

■ ■

# ଯାଦୁଧର୍ମୀୟ କର୍ମକର୍ମାଣୀ

ଆଦିବାସୀମାନଙ୍କର ଧାର୍ମିକ ମନୋଭାବ ସହିତ ଯାଦୁ ବିଦ୍ୟା ଓତଃପ୍ରୋତଃ ଭାବରେ ଜଡ଼ିତ । ଯାଦୁଧର୍ମୀୟ କାର୍ଯ୍ୟକଳାପ ହିଁ ସେମାନଙ୍କର ଈଶ୍ୱର ବିଶ୍ୱାସ । ତେବେ ଏହାର ଉନ୍ମେଷକାଳ ସମ୍ପର୍କରେ ସେମାନେ କିଛି କହିପାରନ୍ତି ନାହିଁ । ବିଶ୍ୱାସ କରନ୍ତି ଯେବେଠାରୁ ଏ ସୃଷ୍ଟିଅଛି ସେବେଠାରୁ ଏହି ପୂଜାପାଠ ମଧ ରହିଛି । ଦେବାଦେବୀ ବ୍ୟତୀତ ଅତୃପ୍ତଆତ୍ମା, ପ୍ରେତାତ୍ମା ପୂର୍ବପୁରୁଷ ଇତ୍ୟାଦିଙ୍କୁ ମଧ ସେମାନେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ମତରେ ଡ଼ାହାଣୀ ଓ ପ୍ରେତାତ୍ମା ଗଣ ଅତ୍ୟନ୍ତ କ୍ଷତିକାରକ । ସେମାନଙ୍କ କବଳରୁ ରକ୍ଷା ପାଇବା ଲାଗି ବା ସେମାନଙ୍କୁ ନିୟନ୍ତ୍ରଣରେ ରଖିବାଲାଗି ସେମାନଙ୍କୁ ଆରାଧନା କରିବା ପାଇଁ ସ୍ୱତନ୍ତ୍ର ଭାବରେ ଜଣେ ବ୍ୟକ୍ତି ହିଁ ପରିଗଣିତ ହୁଅନ୍ତି । ଜାତପୁ ସମାଜରେ ତାଙ୍କୁ "ଜାନି" କୁହାଯାଏ । ସେ ପୁରୋହିତ ଭାବରେ ପୂଜା କରିବା ସହିତ ସନ୍ତୁଷ୍ଟ କରିବାର ଉପାୟ ଜାଣିଥା'ନ୍ତି ।

ଏହାଛଡ଼ା ଗୁଣିଆ ହିସାବରେ ଯିଏ କାମକରିଥାଏ ତାକୁ ବେଜୁ ଏବଂ ସ୍ତ୍ରୀଲୋକ ସେହିଭଳି କାମ କଲେ ବେଜୁଣୀ ନାମରେ ନାମିତ କରାଯାଏ । କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଜାନି ଗ୍ରାମର ଜଣେ ଅବିବାହିତ ପୁରୁଷପିଲାଙ୍କୁ ବାଛିଥାନ୍ତି । ସେମାନଙ୍କର ମଧ ବିଶ୍ୱାସ ଥାଏ ଯେ ଏହି ଅଦୃଷ୍ଟ ଶକ୍ତିମାନେ ମଣିଷ ଦେହରେ ଅନେକ ରୋଗ, ସୃଷ୍ଟି କରିଥାନ୍ତି । ସେହି ରୋଗର ନିରାକରଣ କେବଳ ପୂଜାପାଠଦ୍ୱାରା ହିଁ ସମ୍ଭବ । ତେବେ ଏହିସବୁ ଶକ୍ତିକୁ ନିଜ ଦାୟିତ୍ୱରେ ରଖିବା ସହିତ ଗ୍ରାମବାସୀ ରକ୍ଷାକରିବା ପାଇଁ ବିଭିନ୍ନ ସ୍ତରରେ ବିଭିନ୍ନ ପଦାଧିକାରୀଗଣ ରହିଥା'ନ୍ତି । ଜାତାପୁମାନଙ୍କର ଯାଦୁଧର୍ମୀୟ ଜୀବନ ଉପରେ ନିମ୍ନରେ ଆଲୋକପାତ କରାଗଲା ।

ଜାତପୁ ସମାଜରେ ଯାଦୁ ବା କୁହୁକ ଧର୍ମୀ କାର୍ଯ୍ୟ କରିବା ପାଇଁ କୌଣସି ସ୍ୱତନ୍ତ୍ର ସ୍ଥାନ ବା ଘର ଇତ୍ୟାଦି ନଥାଏ । ଏହାକୁ ସେମାନେ ଘୃଣା ଦୃଷ୍ଟିରେ ଦେଖିଥାନ୍ତି । ତେଣୁ ଏସବୁର ଉପସ୍ଥାପନା ନିମିତ୍ତ ସେମିତି କୌଣସି ଅନୁଷ୍ଠାନ ନଥାଏ । ଯିଏ ଯେଉଁଠି କରେ ଲୁଚି ଛପିକି କରେ ।

ଏବେ ଜାତାପୁମାନେ ସେମାନଙ୍କର ଗୃହରେ ବିଭିନ୍ନ ପ୍ରକାରର ଦେବଦେବୀଙ୍କର ଫଟୋ ଟଙ୍ଗିଥିବାର ଦେଖାଦେଇଥାଏ । ସେମାନେ ଫଟୋ ରଖି ପୂଜାପାଠ ଇତ୍ୟାଦି ମଧ କରିଥାନ୍ତି । ଏହାଛଡ଼ା ସେମାନେ ମଧ ରୋଷେଇ ଘର ହିସାବରେ ବ୍ୟବହାର କରୁଥିବା

ଜାଗାଟିର ଗୋଟିଏ କୋଣରେ ପୂର୍ବପୁରୁଷମାନେ ଅବସ୍ଥାନ କରନ୍ତି ବୋଲି ଧରିନେଇଥାନ୍ତି । ସେହି କୋଣରେ ଥିବା ଜାଗାରେ ସେମାନେ ଶ୍ରାଦ୍ଧ ସମୟରେ ବିଭିନ୍ନ ପର୍ବପର୍ବାଣିରେ ପୂଜାକରି ନୈବେଦ୍ୟ ବାଢ଼ିଥାଆନ୍ତି ।

ପ୍ରତ୍ୟେକ ଜାତାପୁ ଗ୍ରାମର ଚାରିଦିଗରେ ଚାରିଜଣ ଠାକୁରାଣୀ ପ୍ରହରୀ ସ୍ୱରୂପ ଅଧିଷ୍ଠିତା । ଗ୍ରାମ ମଧ୍ୟରେ ଗ୍ରାମଦେବୀ "ଝାକିରି ଆମା" ଏବଂ ଅନ୍ୟଟି ଦିଗରେ ଅନ୍ୟ ୨ଜଣ ଠାକୁରାଣୀ ଥାଆନ୍ତି । ସେ ବିଷୟରେ ପ୍ରଥମ ଅଧ୍ୟାୟରେ ସବିଶେଷ ଭାବରେ ବର୍ଣ୍ଣନା କରାଯାଇଅଛି । ଜାତାପୁମାନେ ଏହି ସ୍ଥାନଗୁଡ଼ିକରେ ଗୋଟିଏ ଗଛମୂଳେ କେତେଖଣ୍ଡ ପଥରକୁ ରଖି ପୂଜାକରିଥାନ୍ତି । ତାଙ୍କ ଠାକୁରଙ୍କର କୌଣସି ବେଶଭୂଷା ଇତ୍ୟାଦି ନଥାଏ ବା ଆକାର ଆକୃତି ନଥାଏ । ଉପସ୍ଥାପନା ଅନୁସାରେ ସେମାନେ ତା'ର ନାମକରଣ କରିଥାଆନ୍ତି ।

ସେମାନେ କେତେକ ପୂଜାରେ ଗ୍ରାମମଧ୍ୟରେ ଠାକୁରଙ୍କର ପାଦଆଣି ସ୍ଥାପନା କରି ଅସ୍ଥାୟୀ ଭାବରେ ଯାଦୁଧର୍ମୀୟ କେନ୍ଦ୍ର କରି ପୂଜା କରିଥାନ୍ତି ସେହି ପର୍ବଟି ବା ପୂଜାଟି ସରିଗଲା ପରେ ସେହି ସ୍ଥାନରୁ ଉକ୍ତ କେନ୍ଦ୍ର ଭାଙ୍ଗିଯାଇଥାଏ ।

ଗ୍ରାମ ମଧ୍ୟରେ ଥିବା ଗ୍ରାମଦେବତୀ ଝାକିରିଆମା ହୁଅନ୍ତି ଅନ୍ୟ ୩ ଜଣଙ୍କ ଭିତରୁ ଯେକୌଣସି ଦେବୀ ହୋଇଥାନ୍ତୁ ପ୍ରତ୍ୟେକଙ୍କର ସ୍ଥାପନା ଗୋଟିଏ ଗଛମୂଳେ କେତୋଟି ପଥରଖଣ୍ଡ ହିସାବରେ କରାଯାଇଥାଏ । ମାତ୍ର ସେହି ପଥର ଥିବା ଗଛ ଚାରିପଟେ କୌଣସି ଆବଦ୍ଧ କ୍ଷେତ୍ର କିମ୍ୱା ପାଚେରୀ ବା ବାଡ଼ ନଥାଏ । ସେହି କେନ୍ଦ୍ରଗୁଡ଼ିକରେ ସବୁଦିନ ପୂଜା ଆରାଧନା କରାଯାଏ ନାହିଁ କେବଳ ପର୍ବପର୍ବାଣୀ ଦିନ ହିଁ ସେହିଠାରେ ପୂଜା ହୋଇଥାଏ । ଗ୍ରାମଦେବତୀଙ୍କର ପୂଜା ତଥା ଅନ୍ୟାନ୍ୟ ଦେବଦେବୀଙ୍କର ପୂଜା ଜାନୀ ହିଁ କରିଥାନ୍ତି । ଜାତାପୁମାନେ ପୂଜାପର୍ବରେ ବଳି ଖୁବ୍ କମ୍ ଦେଇଥାଏ । ଯେଉଁ ଗଛମୂଳେ ଠାକୁର ରହିଥାନ୍ତି ସେ ଗଛରୁ କେହି ପତ୍ରଟିଏ ବି ଛିଣ୍ଡାନ୍ତି ନାହିଁ । ତା'ର ପାଖାପାଖି ଥିବା ଗଛମାନଙ୍କୁ ମଧ୍ୟ ହଣାଯାଇନଥାଏ । ସେମାନଙ୍କର ମଧ୍ୟ ଅନ୍ୟ ଆଦିବାସୀ ଗୋଷ୍ଠୀମାନଙ୍କ ପରି ବିଶ୍ୱାସ ଯେ ଅଧିକ ଘଞ୍ଚ ଗଛ ଠାକୁରଙ୍କର ଆଦରର ସ୍ଥାନ ଏବେବି ପ୍ରତ୍ୟେକ ଗ୍ରାମରେ ସେହିପରି କେନ୍ଦ୍ର ଦେଖିବାକୁ ମିଳିଥାଏ । ଏବେବି ଲୋକେ ସେ ସ୍ଥାନରେ ପୂଜା ଇତ୍ୟାଦି ଥାନ୍ତି । ସେମାନଙ୍କର ସବୁକିଛି ବଦଳି ଯାଇପାରେ ହେଲେ ଠାକୁରଙ୍କ ଅବସ୍ଥିକୁ ନେଇ ସେମାନେ କେବେବି ସନ୍ଦେହ କରିନଥାନ୍ତି ।

ସେମାନଙ୍କର ବିଶ୍ୱାସ ମଧ୍ୟ ଏଥିପାଇଁ ଅତୁଟ ରହିଛି ଓ ରହିଥିବ । ତେଣୁ ଏବେବି ସେମାନେ ଏହି ସ୍ଥାନଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ଅତି ଯତ୍ନସହକାରେ ନେଇଥାନ୍ତି।

ଯେହେତୁ ଜାତାପୁମାନଙ୍କର ମଧ୍ୟ ଅନ୍ୟ ଆଦିବାସୀ ଗୋଷ୍ଠୀ ପରି ଯାଦୁଧର୍ମ ତଥା ପୂର୍ବପୁରୁଷ, ଭୂତପ୍ରେତ ଇତ୍ୟାଦିଙ୍କ ଉପରେ ଖୁବ୍ ବିଶ୍ୱାସ ସେମାନେ ଭବିଥାନ୍ତିଯେ ଏହିସବୁ ଶକ୍ତିଗୁଡ଼ିକୁ ଶାନ୍ତିରେ ନରଖିଲେ ସେମାନଙ୍କର କୋପ ହୋଇଥାଏ ଏବଂ ଏହି କୋପ ଦୃଷ୍ଟି ପଡ଼ିଲେ ଅନେକ କ୍ଷତି ହୁଏ ଓ ରୋଗ ବୈରାଗ ସୃଷ୍ଟି ହୁଏ । ତେଣୁ ସେମାନେ ଏହିଶକ୍ତିଗୁଡ଼ିକୁ ଶାନ୍ତିରେ ରଖିବା ପାଇଁ ବିଭିନ୍ନ ପୂଜାପାଠର ଆୟୋଜନ କରିଥାନ୍ତି । ଏସବୁରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ବ୍ୟକ୍ତି ସ୍ୱତନ୍ତ୍ର; ଜାତାପୁମାନେ ସେମାନଙ୍କୁ ବିଭିନ୍ନ ନାମରେ ନାମିତ କରିଥାନ୍ତି ।

ଅନ୍ୟ ଆଦିବାସୀଙ୍କ ପରି ଜାତପୁମାନେ ମଧ୍ୟ ବିଶ୍ୱାସ କରିଥାନ୍ତି ଯେ ପୂର୍ବପୁରୁଷମାନେ ସଦାସର୍ବଦା ସେମାନଙ୍କର ପାଖେ ପାଖେ ରହିଥାନ୍ତି ସେମାନଙ୍କର କାର୍ଯ୍ୟକଳାପ ଇତ୍ୟାଦିର ନିରୀକ୍ଷଣ କରିଥାନ୍ତି । ଘରର ଖାଦ୍ୟଦ୍ରବ୍ୟରେ ସେମାନଙ୍କର ଆଶା ରହିଥାଏ । ସେମାନେ ସଦାସର୍ବଦା ଘରର ମଙ୍ଗଳ କରନ୍ତି । ଘରର ରୋଷେଇ ଘରେ ଥିବା ଇଶାଣଶାଳରେ ସେମାନେ ଅବସ୍ଥାନ କରିଥାନ୍ତି । ତେଣୁ ବିଭିନ୍ନ ପର୍ବପର୍ବାଣୀରେ ସେମାନଙ୍କୁ ପୂଜା କରାଯାଏ । ଏହି ପୂର୍ବପୁରୁଷମାନଙ୍କୁ ପରିବାର ସ୍ତରରେ ଯାଦୁଧର୍ମୀୟ ପୂଜକ ହିସାବରେ ଘରର ବଡ଼ପୁଅ ହିଁ ପୂଜା କରିଥାଏ । ଏହି ପଦବୀ ବଂଶାନୁକ୍ରମିକ ଅଟେ । ତେଣୁ ଏଥିରେ ମନୋନୟନ ପଦ୍ଧତି ନଥାଏ । ଏଥି ପାଇଁ ସେ କୌଣସି ତାଲିମ୍ ବା ପ୍ରଶିକ୍ଷଣ ନିଅନ୍ତି ନାହିଁ ବରଂ ସେ ଛୋଟ ଦିନରୁ ବଡ଼ଯାଏ ବାପାଙ୍କଠାରୁ ଦେଖି ଦେଖି ଏସବୁ ଶିଖିନେଇଥାଏ । ଯଦି କୌଣସି କାରଣବଂସତଃରୁ ତାକୁ ବାପାଙ୍କ ଅନୁପସ୍ଥିତିରେ ଏ ଦାୟିତ୍ୱ ନେବାକୁ ପଡ଼େ ବା ବାପା ମରିଯାଇଥାନ୍ତି ତେବେ ଘରର ଅନ୍ୟାନ୍ୟ ବଡ଼ ଲୋକମାନେ ତାକୁ ଏବିଷୟରେ ଶିକ୍ଷା ଦେଇଥାନ୍ତି ।

ଏମାନଙ୍କର କୌଣସି ସ୍ୱତନ୍ତ୍ର ବେଶ ପୋଷାକ ନଥାଏ । କେବଳ ପୂଜା ସମୟରେ ସେମାନେ ସଫା ଲୁଗା ଇତ୍ୟାଦି ପିନ୍ଧି ପୂଜା କରିଥାନ୍ତି । ଏଥିପାଇଁ ତାଙ୍କୁ କୌଣସି ପାଉଣା ମିଳିନଥାଏ କାରଣ ଏହା ଘରର କାମ ଆଉ ସେମାନେ ଘରଲୋକ ହିସାବରେ ଏହି ସବୁକାମ କରିବା ନିଜର କର୍ତ୍ତବ୍ୟ ବୋଲିଭାବିଥାନ୍ତି । ହେଲେ ଏସବୁ କାମ କରୁଥିବାରୁ ଘରର ବଡ଼ପୁଅ ହିସାବରେ ତାକୁ ଅନ୍ୟମାନେ ସମ୍ମାନ ଦେଇଥାନ୍ତି ଏବଂ ସେ ଦେଇଥିବା

ନିଷ୍ପତ୍ତି ଅନୁସାରେ ବିଭିନ୍ନ କାମକରିଥାନ୍ତି । ସେ ଘରର ପ୍ରିୟପାତ୍ର ହୋଇଥାନ୍ତି । ଯେହେତୁ ସେ ଘରର ବଡ଼ ତେଣୁ ଘରର ଲୋକେ ବିଭିନ୍ନ ପର୍ବପର୍ବାଣୀରେ ତାଙ୍କୁହିଁ ଅନୁରୋଧ କରିଥାନ୍ତି । ସେମାନେ ମନରେ ଯଦି ଓ ଅନ୍ୟାନ୍ୟ କେତେକ ପୂଜାରେ ଘରେ ଓ ବାହାରେ ଅନେକପୂଜା କରିଥାନ୍ତି ।

ଗ୍ରାମସ୍ତରୀୟ ଯାଦୁ ଧର୍ମୀୟ କର୍ମକର୍ତ୍ତା (ଜାନୀ) :

'ଜାନୀ' ହେଉଛନ୍ତି ଜାତାପୁ ମାନଙ୍କର ଗ୍ରାମର ମୁଖିଆ ତଥା ପୁରୋହିତ । ଗ୍ରାମଦେବତୀ ଝାକିରିଆମାଙ୍କର ପୂଜା 'ଜାନୀ' କରିଥାନ୍ତି । ଜାନୀ ପଦବୀଟି ବଂଶାନୁକ୍ରମିକ । ଜାତାପୁମାନେ ମତ ଦିଅନ୍ତି ଯେ ଜାନି ହେବା ପୂର୍ବରୁ ଠାକୁରଠାକୁରାଣୀମାନେ ବିଷୟରେ ସଂପୃକ୍ତ ବ୍ୟକ୍ତିଙ୍କ ସ୍ୱପ୍ନରେ ଆସି ତାଙ୍କୁ ଗ୍ରହନକ୍ଷତ୍ରଙ୍କ ଗତିବିଧି ବିଷୟରେ ଅବଗତ କରାଇଥାନ୍ତି । କିନ୍ତୁ ସେ ଏ ବିଷୟରେ କାହାକୁ କିଛି କହିନଥାନ୍ତି । ଏହିପରି ସ୍ୱପ୍ନ ୪/୫ ବର୍ଷଯାଏ ଆସିଥାଏ । ସେହି ଗ୍ରହ, ନକ୍ଷେତ୍ରମାନଙ୍କର ଗତିବିଧି ଲକ୍ଷ୍ୟକରି ସେ ଶୁଭାଶୁଭ ଇତ୍ୟାଦି ନିର୍ଣ୍ଣୟ କରିବା ମଧ ଦେଖିଯାଇଥାନ୍ତି । ଅନ୍ୟ କାମଗୁଡ଼ିକ ନିଜ ବାପାଙ୍କଠାରୁ ଧିରେ ଧିରେ ଗ୍ରହଣ କରିନିଅନ୍ତି ।

ଜାନୀର ଗ୍ରାମର ରାଜନୈତିକ ମୁଖ୍ୟ ହେବା ସହିତ ପୁରୋହିତ ବି, ତେଣୁ ଗ୍ରାମରେ ଯେତେବେଳେ ବିଭିନ୍ନ ପର୍ବପର୍ବାଣୀ ବା ପୂଜାପର୍ବ ଇତ୍ୟାଦି ହେବାର ଥାଏ ତା'ର କିଛିଦିନ ପୂର୍ବରୁ ସେ ଗ୍ରାମସଭା ଡ଼କାଇ କେଉଁ ପର୍ବ କେଉଁ ଦିନ, କେଉଁ ସମୟରେ ପାଳିତ ହେବ ତାହା ପାଞ୍ଜି ଦେଖି ନିର୍ଣ୍ଣୟ କରିଥାନ୍ତି ଏବଂ ଗ୍ରାମଦେବତୀଙ୍କର ପୂଜା ମଧ ଜାନି ଦ୍ୱାରା କରାଯାଇଥାଏ । ଜାନି ସାଧାରଣ ପୋଷାକ ପରିଧାନ କରନ୍ତି ମାତ୍ର ନିର୍ଦ୍ଧିଷ୍ଟ ପୂଜା ଦିନ ସେ ସଫା ଲୁଗା ପରିଧାନ କରନ୍ତି । ପୂଜା ସରିବା ପର୍ଯ୍ୟନ୍ତ ଉପବାସ ରହନ୍ତି । ତାଙ୍କ ପାଇଁ ସେଦିନ ସ୍ତ୍ରୀ ସଂଗମ ନିଷେଧ ।

ପୂଜାପାଠ କଲେ ଲୋକମାନେ ଖୁସିରେ ତାଙ୍କୁ ଧାନ, ଚାଉଳ, ବିହନ ଇତ୍ୟାଦି ଦାନ କରିଥାନ୍ତି ମାତ୍ର ସେ କିଛି ମାଗିନଥାନ୍ତି ବା ଏହାର କୌଣସି ପରିମାଣ ନଥାଏ । ଏହାଛଡ଼ା ଗ୍ରାମଦେବତୀଙ୍କ ନାମରେ ଥିବା ଜମିରୁ ୧୦ ଏକର ଜମି ଜାନିଙ୍କ ନାଁରେ ଥାଏ । ସେଥିରୁ ଯାହା ଉତ୍ପାଦନ ହୋଇଥାଏ ତାକୁ ସେ ହିଁ କେବଳ ଭୋଗ କରିଥାନ୍ତି ।

ଗ୍ରାମସ୍ତରୀୟ ପୂଜାବେଳେ ଜାନୀଙ୍କ ସେପରି କୌଣସି ସହାୟକ ପୂଜକ ନଥାନ୍ତି । ସେ ସେଥିପାଇଁ ଗ୍ରାମର ଯେକୌଣସି ଅବିବାହିତ ପିଲାକୁ ଡ଼ାକି ସହାୟତା କରିବାକୁ

କହିଥାନ୍ତି । ଅଲଗା ଅଲଗା ପୂଜା ସମୟରେ ମଧ୍ୟ ଅଲଗା ଅଲଗା ପିଲାକୁ ସହାୟକ ପୂଜକ ହିସାବରେ ନିଆଯାଇଥାଏ ।

ଜାନୀ ଗ୍ରାମସ୍ତରରେ ହେଉଥିବା ପଣା ସଂକ୍ରାନ୍ତୀ (କଡାଆମାସା) ଟାଙ୍କୁନୂଆ (ଟେଙ୍କାକତା), କୁଣ୍ଡଧାନ ନୂଆ (କଣ୍ଡେମ କତା), କାନ୍ଦୁଲ ନୂଆ (କାଣ୍ଡୁଲକତା) ଇତ୍ୟାଦି ପୂଜାରେ ପୌରୋହିତ୍ୟ କରିଥାନ୍ତି ।

ସମାଜରେ ତାଙ୍କର ସ୍ଥାନ ନିଶ୍ଚୟ ଟିକିଏ ଉଚ୍ଚରେ ଥାଏ, ମାତ୍ର ବର୍ତ୍ତମାନ ପରିପେକ୍ଷୀରେ ଜାନୀଙ୍କର ସେମିତି କୌଣସି ଗୁରୁତ୍ୱ ନାହିଁ । ତାଙ୍କର ସାମାଜିକ ସ୍ଥିତି ଜଣେ ସାଧାରଣ ଜାତାପୁ ହୋଇଯାଇଛି ।

ଡ଼ାଆଣୀ ଚିକିତ୍ସକ (ବେଜୁଣୀ) ବା ବେଜୁ:

ଜାତାପୁମାନେ ଡ଼ାଆଣୀ ଇତ୍ୟାଦି ଉପରେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ମତରେ ଡ଼ାଆଣୀମାନେ ଲଙ୍ଗଳା ହୋଇ ବିଷ୍ଠା ଖାଆନ୍ତି, ଇତ୍ୟାଦି ଦୋହା ସେମାନେ କେବେ ଦେଖି ନାହାଁନ୍ତି କିନ୍ତୁ ଡ଼ାଆଣୀ ଯେ ବେଶ ବଦଳାଏ, ବେଶ ବଦଳାଇ ସେ ମଣିଷରୁ ବାଘ ହୋଇଯାଇପାରେ ଏବଂ ବାଘ ଥିବା ଅବସ୍ଥାରେ ସେ ଛେଳି ଇତ୍ୟାଦିକୁ ମାରି ଖାଇଥାଏ । ସେମାନେ ମଧ୍ୟ ଏଭଳିକ୍ଷେତ୍ରରେ ଅନେକ ଡ଼ାହାଣୀଙ୍କୁ ଧରିଛନ୍ତି । ଡ଼ାହାଣୀ ଜାଣିବା ବା ଚିହ୍ନିବା ପାଇଁ ସେମାନଙ୍କ ମଧ୍ୟରେ ଏତେଟା ଅସୁବିଧା ହୋଇନଥାଏ । ତେବେ ଯେଉଁ ପୁରୁଷମାନେ ଡ଼ାଆଣୀ ଇତ୍ୟାଦି କବଳରୁ ରକ୍ଷା କରିବା ପାଇଁ ମନ୍ତ୍ର ଇତ୍ୟାଦି ଶିଖିଥାନ୍ତି ଏବଂ ସେହି ମନ୍ତ୍ର ମାଧ୍ୟମରେ ସେମାନେ ଡ଼ାଆଣୀଙ୍କ କବଳରୁ ମଣିଷକୁ ରକ୍ଷାକରିଥାନ୍ତି ତାଙ୍କୁ ତାଙ୍କ ଭାଷାରେ 'ବେଜୁ' କୁହାଯାଇଥାଏ ଏବଂ ସ୍ତ୍ରୀଲୋକ ଏହିକାମ କଲେ ତାକୁ 'ବେଜୁଣୀ' କୁହାଯାଇଥାଏ ।

ଏହା ଏକ ଅଲୌକିକ ସତ୍ତା ତଥା ଈଶ୍ୱରଦତ୍ତ ଗୁଣ । ସେମାନେ ସାଧନା ଓ ଭକ୍ତିବଳରେ ଏପରି ଏକ ଶକ୍ତିର ଅଧିକାରୀ ହୋଇଥାନ୍ତି ଯାହାଫଳରେ ସେମାନେ ଭୂତପ୍ରେତ, ଗୁଣି ଓ ଡ଼ାହାଣୀ ଇତ୍ୟାଦିର ସମ୍ମୁଖିନ କରିପାରିଥାନ୍ତି । ସେମାନେ ସାଧନା ବଳରେ ନିଜ ଶରୀରରେ ସେହି ଅତୃପ୍ତ ଆତ୍ମାକୁ ଆଣିପାରିଥାନ୍ତି ଏବଂ ତା ମାଧ୍ୟମରେ ବିଭିନ୍ନ କଥାର ସତ୍ୟାସତ୍ୟ ବିଷୟରେ ତନାଘନ ତଦାରଖ କରିପାରନ୍ତି ଏବଂ କହି ପାରନ୍ତି ମଧ୍ୟ । ବେଜୁଣୀ ବା ବେଜୁ ଦେହରେ ଠାକୁର ବା ଅତୃପ୍ତ ଆତ୍ମା ଆସିଥିବା ବେଳେ ତାକୁ ଗୋଟିଏ କୁଲାରେ କିଛି ଅରୁଆ ଚାଉଳ, କିଛି ହଳଦୀ ପକାଇ ଦିଆଯାଇଥାଏ । ସେ ସେହି ହଳଦୀ

ମିଶା ଚାଉଳକୁ ହାତରେ ପୂରାଉଥିବା ବେଳେ ତା ଦେହରେ କାଳିସୀ ଲାଗିଥାଏ ଏବଂ ସେତେବେଳେ ଡ଼ାହାଣୀ ବା ଭୂତ ଜଣଙ୍କ ହିଁ ତା ଦେହରେ ଆସି ଆସିବାର ଅଭିପ୍ରାୟ ଜଣାଇଥାଏ । କ'ଣ ଦେଲେ ସେ ଶାନ୍ତହେବ କେମିତି ସେ ସେ ଜାଗା ଛାଡ଼ି ଯିବ, ଇତ୍ୟାଦି ବେଜୁଣୀ କଥା ସ୍ଥଳରେ କରିଥାଏ । ବେଜୁଣୀ ମନ୍ତ୍ର ମାଧମରେ ଘର ଚାରିପଟେ ଯଦିଥାଏ ଏବଂ ମନ୍ତ୍ର ମାଧମରେ ଡ଼ାହାଣୀକୁ ଘଉଡ଼ାଇ ଦେଇଥାଏ ।

ଏହି ପଦବୀଟି ଉତ୍ତରାଧିକାର ସୂତ୍ରରେ ଜଣଙ୍କଠାରୁ ତାର ପୁତ୍ର ବା ଝିଅ ପିଲାଙ୍କ ପାଖକୁ ଆସିନଥାଏ ବରଂ ଏହା ଏକ ଈଶ୍ୱର ଦତ୍ତ ଗୁଣ ହୋଇଥିବାରୁ ସବୁଲୋକଙ୍କଠାରେ ଏହା ଦେଖାଦେଇନଥାଏ । ବେଜୁଣୀମାନେ ଚିତ୍ରକଳାରେ ଧୁରନ୍ଧର ଥାଆନ୍ତି । ଜାତାପୁମାନେ ବେଜୁଣୀ ମାନଙ୍କର ଜୀବନକାହାଣୀ ସମ୍ବନ୍ଧିତ ଚିତ୍ରକଳା କାନ୍ଥରେ ଆଙ୍କିଥାନ୍ତି । ସେମାନଙ୍କର ବିଶ୍ୱାସ ବେଜୁଣୀ ଏହିଭଳି ଚିତ୍ର କଲେ ଘର ଉପରେ କୌଣସି ଡ଼ାହାଣୀ ନିଜର ପଡ଼ିପାରି ନଥାଏ ଏବଂ ଏହାକୁ ଅତ୍ୟନ୍ତ ଭଲ ବୋଲି ସେମାନେ ଭାବିଥାନ୍ତି ।

ବେଜୁ / ବେଜୁଣୀମାନେ ସବୁ ମନ୍ତ୍ରଗୁଡ଼ିକୁ ବେଦ ପରି ଖୁବ୍ ମୁଜଗଭାବରେ ଏକା ନିଶ୍ୱାସରେ ଖାଇ ଦେଇଥାନ୍ତି । ସେମାନେ ପ୍ରତ୍ୟେକଦିନ ଏହି କାର୍ଯ୍ୟ କରିଥାନ୍ତି ବରଂ ସେମାନଙ୍କର ଜୀବିକା ବା ଜୀବନଧାର ସଂପୂର୍ଣ୍ଣ ଅଲଗାଥାଏ । ସେମାନେ ଅନ୍ୟପ୍ରକାର କାମକରିଥାନ୍ତି ଯେତେବେଳେ ଜଣେ କୌଣସି ଅସୁବିଧା ଇତ୍ୟାଦିରେ ପଡ଼େ ତାକୁ ସେମାନେ ସାହାଯ୍ୟ କରିବାପାଇଁ ଏହି କାମ କରିଥାନ୍ତି । ଏଥିପାଇଁ ସେମାନେ "ପୁଛୁଣୀ" ପୂଜା ନିଶ୍ଚୟ କରିଥାନ୍ତି ।

ଲୋକମାନଙ୍କର ଏମାନେ ଉପକାର କରିଥାନ୍ତି, ବେଳେବେଳେ ଅପକାର ମଧ୍ୟ କରିଥାନ୍ତି । ତେଣୁ ଲୋକମାନେ ଏମାନଙ୍କୁ ଶ୍ରଦ୍ଧା ତୁଳନାରେ ଅଧିକ ଭୟ ଓ ଭକ୍ତି କରିଥାନ୍ତି । ବେଜୁଣୀମାନଙ୍କର ମଧ୍ୟ ସେମିତି କୌଣସି ସ୍ୱତନ୍ତ୍ର ଧରଣର ନଥାଏ । ସେମାନେ ମଧ୍ୟ ଦୈନନ୍ଦିନ ଜୀବନରେ ସାଧାରଣ ପୋଷାକ ଇତ୍ୟାଦି ପରିଧାନ କରିଥାନ୍ତି । କେବଳ ପୂଜାପାଠ ସମୟରେ ସେମାନେ ସଫାଲୁଗା ପରିଧାନ କରିଥାନ୍ତି । ସେମାନଙ୍କର ସ୍ଥିତି ସେମିତି ଥାଏ, ସେମାନଙ୍କର ପାଉଣା କାମ ଅନୁସାରେ ହୋଇଥାଏ । ଗ୍ରାମବାସୀଙ୍କଠାରୁ ସେମାନେ କମ୍ ନେଇଥିବା ବେଳେ ବାହାର ଲୋକଙ୍କଠାରୁ ଅଧିକ ଦାବୀ କରିଥାନ୍ତି ।

ଜ୍ୟୋତିଷ ବା ଦିଶାରୀ (ଡ଼ିସାରୋତ୍ତୁ) :

ଜାତାପୁ ସମାଜରେ ବେଜୁଣୀ, ଜାନୀ ଇତ୍ୟାଦି, ବୁଢ଼ା ଦିଶାରୀମାନେ ମଧ୍ୟ ରହିଥାନ୍ତି । ଦିଶାରୀର ମୁଖ୍ୟ କାମହେଲା ଜ୍ୟୋତିଷ ବିଦ୍ୟା । ସେ ଭବିଷ୍ୟତର କଥା

କହିଦେଇ ପାରିଥାଏ ଏବଂ ଚାଉଳହଳଦୀ ଇତ୍ୟାଦି ମାଧମରେ ତଥା ଅନ୍ୟାନ୍ୟ ଗ୍ରହ ନକ୍ଷେତ୍ର ଇତ୍ୟାଦିର ଗତିବିଧି ଲକ୍ଷ୍ୟକରି କେଉଁ କାମ କେଉଁ ସମୟରେ କଲେ ଶୁଭହେବ ସେ ବିଷୟରେ ଜଣାଇ ପାରିଥାନ୍ତି । ଦିଶାରୀମାନେ ମଧ ଚେର, ମୂଳୀ ଇତ୍ୟାଦି ଦ୍ୱାରା ବିଭିନ୍ନ ରୋଗକୁ ଭଲ କରିଦେଇଥାନ୍ତି । ସେମାନେ ଏହିବିଦ୍ୟା କେତେକ କ୍ଷେତ୍ରରେ ସେମାନଙ୍କର ପୂର୍ବପୁରୁଷଙ୍କଠାରୁ ଶିକ୍ଷାଲାଭ କରିଥିବା ବେଳେ ଆଉ କେତେକକ୍ଷେତ୍ରରେ ଏହି ବିଦ୍ୟା ସେମାନଙ୍କ ପାଇଁ ଈଶ୍ୱରଦତ୍ତ ହୋଇଥାଏ । ସେ ଯାହାବି ହେଉ ଅଭିଜ୍ଞତା ବଳରେ ସେମାନଙ୍କର ଏହିକାର୍ଯ୍ୟ କରି ନିଜର ଦକ୍ଷତା ବୃଦ୍ଧି କରିଥାନ୍ତି । ସେ ବିଭିନ୍ନ ପ୍ରକାରର ଗଛ ଇତ୍ୟାଦି ମଧ ଚିହ୍ନିବାରେ ପରିମାଣ ବଢ଼ିଗଲା ପରେ ତାକୁ ରୋଗ ଉପଶମ କରିବା ଅତ୍ୟନ୍ତ ସହଜ ଏବଂ ସାବଲୀଳ ହୋଇଥାଏ । ଦିଶାରୀ ହେଉକି ଜାନି ହେଉ ସେମାନେ ପ୍ରାୟତଃ ଛୁତିକା ମୃତିକା ଇତ୍ୟାଦି ସମୟରେ ଛୁତିକା ବା ମୃତିକା ହୋଇଥିବା ଲୋକର ଘରେ ଖାଦ୍ୟ ଗ୍ରହଣ କରିନଥାନ୍ତି । ଏହାଛଡ଼ା ବେଜୁଣୀମାନେ ପ୍ରାୟତଃ ଅଲଗା ଘରେ ଅନେକ ସମୟରେ ଅବସ୍ଥାନ କରିଥାନ୍ତି । ସେମାନେ ସ୍ୱାମୀ / ସ୍ତ୍ରୀର ସମ୍ପର୍କ ଅନେକ ସମୟରେ ତ୍ୟାଗ କରିଥାନ୍ତି । ସେହିପରି ଦିଶାରୀ ମଧ ଅମାବାସ୍ୟା, ପୂର୍ଣ୍ଣମୀ ଇତ୍ୟାଦିରେ ଉପବାସ ରହି ଜଙ୍ଗଲରେ ବୁଲି ବୁଲି ଚେରମୂଳ ଇତ୍ୟାଦି ସଂଗ୍ରହ କରିଥାଏ । ଏହିଦିନ ସଂଗ୍ରହ କରାଯାଉଥିବା ଚେର, ମୂଳ ଇତ୍ୟାଦିରେ ଔଷଧୀୟ ଗୁଣ ଅଧିକ ପରିମାଣରେ ରହିଥାଏ ବୋଲି ସେମାନଙ୍କର ମତ । ସେହିଭଳି ଗୁରୁତର ରୋଗ ପାଇଁ ଔଷଧ ପ୍ରସ୍ତୁତ କରିବା ବେଳେ ମଧ ସେମାନେ ବିଭିନ୍ନ ପ୍ରକାର ବାରଣ ପାଳନ କରି ଔଷଧ ପ୍ରସ୍ତୁତ କରିଥାନ୍ତି । ଯାହାକୁ ଯେପରି ଦାୟିତ୍ୱ ଦିଆଯାଇଥାଏ ସେହି ଅନୁସାରେ ସେ ଜାଗା ସଫାକରିବା, ପୂଜା ସ୍ଥାନଙ୍କୁ ଲିପିବା ଇତ୍ୟାଦି କାର୍ଯ୍ୟ କରିଥାଏ । ଜିନିଷ କିଣା ହୋଇ ଆସି ପାରିଥାଏ ଏବଂ ପୂଜାଦିନ ସକାଳୁ ସକାଳୁ କାର୍ଯୀ ଆଉଥରେ ସମସ୍ତଙ୍କୁ ପୂଜା ବିଷୟରେ ଅବଗତ କରେଇ ଦେଇଥାଏ । ଏହାପରେ 'ଜାନି' ସହାୟକକୁ (ବିବାହିତ ଯୁବକ) ସେହି ପୂଜାସାମଗ୍ରୀଗୁଡ଼ିକ ବୋହି ଆଣିବାକୁ ନିର୍ଦ୍ଦେଶ ଦେଇଥାଏ । ପୂଜାନୁସାରେ (ପ୍ରଥମେ ଗ୍ରାମଦେବତୀଙ୍କୁ ପୂଜା କରାଯାଏ ) ଜାନି ପ୍ରଥମେ ହଳଦୀ ଲଗାଇ ଠାକୁରଙ୍କୁ ଗାଧେଇ ଦେଇଥାଏ । ତାପରେ ସିନ୍ଦୁର ଲଗାଇ ଧୂପ, ଦୀପ ବନ୍ଦାଇ ତାପରେ ନଡ଼ିଆ ଫଟେଇ ଭୋଗକରିଥାଏ ଏବଂ ଯଦି ପଶୁବଳି ଦେବାର ଥାଏ ତେବେ ପ୍ରଥମେ ପଶୁକୁ ମଧ ଗାଧୋଇ ଦିଆଯାଏ । ତାକୁ ଫୁଲ ଓ ସିନ୍ଦୁର ଲଗାଇ ଦିଆଯାଏ । ତାପରେ ତାକୁ ଖାଇବାକୁ ଦିଆଯାଇଥାଏ । ପଶୁଟି ଖାଉଥିବା ସମୟରେ ହିଁ ତାକୁ ବଳି ଦିଆଯାଇଥାଏ ।

ପୂଜାର ବା ପର୍ବର ଅବ୍ୟବହିତ ପୂର୍ବରୁ ସେମାନେ ଘରଦ୍ୱାର ଇତ୍ୟାଦିର ଲିପାପୋଛା କରି ଘର ଆଗରେ ଓ ପୂଜା ସ୍ଥାନରେ ଚାଉଳ (ଅରୁଆ) ମୁଣ୍ଡର ଝୋଟି ଦେଇଥାନ୍ତି । ବେଳେବେଳେ ଲୁଗାପଟା ଇତ୍ୟାଦି ମଧ ସଫା କରିଥାନ୍ତି ।

କେତେକ ପୂଜାପର୍ବରେ ଜାତପୁମାନେ ପିଠା ତିଆରି କରନ୍ତି, ତେଣୁ ସେମାନେ ଚୂନାକୁଟି ରଖିଥାନ୍ତି । ପୂଜାଦିନ ପିଠାପଣା ଇତ୍ୟାଦି କରି ସାହି ଭାଇ ପଡ଼ିଶା ମଧ୍ୟରେ ବଣ୍ଟନ କରିଥାନ୍ତି ।

କେତେକ ପୂଜାପର୍ବ ପାଳନକରିବାକୁ ହେଲେ ସେମାନଙ୍କୁ ଖୁବ୍‌ଖର୍ଚ୍ଚ କରିବାକୁ ପଡ଼ିଥାଏ ପୁଣି ମକର ଭଳି ପର୍ବରେ ସେମାନେ ୧୦/୧୫ ଦିନ କାମ ନକରି ଘରେ ରହିଥାନ୍ତି ବା ବନ୍ଧୁବାନ୍ଧବଙ୍କ ଘରକୁ ଯାଇଥାନ୍ତି । ତେଣୁ ସେମାନେ ଆଗରୁ କାମ କରି ପଇସା ସଞ୍ଚୟ କରିରଖିଥାନ୍ତି ଏବଂ ଏହିଦିନଗୁଡ଼ିକରେ ହାତଖୋଲା ଖର୍ଚ୍ଚ କରିଥାନ୍ତି ।

ଜାତାପୁମାନଙ୍କର ଜାନୀ ପ୍ରଥମରୁ ହିଁ ସ୍ୱପ୍ନରେ ସୂର୍ଯ୍ୟ, ଚନ୍ଦ୍ର, ତାରା,ନକ୍ଷତ୍ରଙ୍କର ଗତିବିଧି ଦେଖିଥାନ୍ତି । ଏମାନଙ୍କର ଗତିବିଧି ଦେଖି ସେମାନେ ମଧ ଶୁଭ, ଅଶୁଭ ଇତ୍ୟାଦି ନିର୍ଣ୍ଣୟ କରିଥାନ୍ତି ତେଣୁ ସେମାନେ ଆନନ୍ଦ ମନରେ ଏହି ଅଲୌକିକ ସତାମାନଙ୍କର ପୂଜା ଆରାଧନା କରିଥାନ୍ତି । ଅମାବାସ୍ୟା ଓ ପୂର୍ଣ୍ଣମା ତିଥିରେ ସୂର୍ଯ୍ୟ, ଚନ୍ଦ୍ର ପୃଥିବୀର ନିକଟରେ ରହୁଥିବାରୁ ଏହିଦିନ ଦିଶାରୀ ଔଷଧପାଇଁ ଚେରମୂଳୀ ସଂଗ୍ରହ କରନ୍ତି ବିଶ୍ୱାସ କରାଯାଏ ଯେ ସେଥିରେ ଅଧିକ ଔଷଧୀୟ ଗୁଣ ରହିଥାଏ । ଦିଶାରୀମାନଙ୍କର ମଧ ସେଭଳି କୌଣସି ବେଶଭୂଷା ବା ସ୍ୱତନ୍ତ୍ର ଧରଣର ପୋଷାକ ନଥାଏ । ସେମାନେ ଲୋକଙ୍କର ଉପକାରରେ ସବୁବେଳେ ନିଜକୁ ଉତ୍ସର୍ଗ କରି ଦେଇଥାନ୍ତି । ସେମାନେ ଦେଉଥିବା ଚେରମୂଳୀ ଔଷଧ ପାଇଁ କୌଣସି ପାଉଣା ପ୍ରାୟ ମାଗିନଥାନ୍ତି । ଲୋକଙ୍କର ରୋଗ ଇତ୍ୟାଦି ଭଲ କରୁଥିବାରୁ ଲୋକେ ଖୁସିରେ ତାଙ୍କୁ ପାଉଣା ହିସାବରେ ଟଙ୍କା ପଇସା, ଧାନ, ଚାଉଳ ଇତ୍ୟାଦି ଦେଇଥାନ୍ତି କିମ୍ବା କେହିକେହି ମଦ, ହାଣ୍ଡିଆ ଦେଇ ତାଙ୍କୁ ସନ୍ତୁଷ୍ଟ କରିଥାନ୍ତି । କିନ୍ତୁ ବାହାର ଗ୍ରାମର ଲୋକଙ୍କଠାରୁ ଦିଶାରୀ ପାଉଣା ଆଦାୟ କରିଥାଏ । ତେବେ ତାହାର ପରିମାଣ ଖୁବ୍ କମ୍ । ଏହା ସେମାନଙ୍କର ମୁଖ୍ୟ ଜୀବିକା ହୋଇନଥାଏ ବରଂ ଚାଷବାସ ସହିତ ଏହାକୁ ସେମାନେ ଗ୍ରହଣ କରିଥାନ୍ତି ।

ଯେହେତୁ ଦିଶାରୀ ସଦାସର୍ବଦା ଲୋକଙ୍କର ମଙ୍ଗଳ ଆକାଂକ୍ଷା କରୁଥିବାରୁ ସମସ୍ତେ ତାଙ୍କୁ ଭଲ ପାଇଥାନ୍ତି । ତେବେ ସେବାର ପ୍ରତିବଦଳରେ ଗ୍ରାମବାସୀଙ୍କ ତରଫରୁ

ସେମିତି କୌଣସି ସ୍ୱତନ୍ତ୍ର ସୁବିଧା ସୁଯୋଗ ତାଙ୍କୁ ଦିଆଯାଇନଥାଏ । ତଥାପି ଲୋକଙ୍କଠାରୁ ମିଳୁଥିବା ସ୍ନେହ ଶ୍ରଦ୍ଧା ସେମାନଙ୍କ ପାଇଁ ଯଥେଷ୍ଟ ବୋଲି ସେମାନେ ମତ ଦିଅନ୍ତି । ଗ୍ରାମସଭାରେ ଦିଶାରୀଙ୍କର ବିଶେଷ ଭୂମିକା ନଥାଏ ।

### ଯାଦୁଧର୍ମୀୟ କର୍ମ :

ଆଦିବାସୀ ବା ଜାତାପୁମାନଙ୍କର ପୂଜାପାଠ ଇତ୍ୟାଦି କରିବାର ଶୈଳୀ ଅନ୍ୟମାନଙ୍କଠାରୁ ଅଲଗା । ସେମାନଙ୍କର କେତେକ ପର୍ବ ପାରିବାରିକ ସ୍ତରରେ ପାଳିତ ହେଉଥିବା ବେଳେ, କେତେକ ଗ୍ରାମ୍ୟ ସ୍ତରରେ ତ ଆଉ କେତେକ ସାମୟିକ ପୂଜାବିଧି ରହିଥାଏ । ଘରେ ହେଉଥିବା ପର୍ବପର୍ବାଣୀ ଗୁଡ଼ିକରେ ସେମାନେ ପିତୃପୁରୁଷଙ୍କୁ ପୂଜାଅର୍ପଣ କରିଥାନ୍ତି । କେତେକ ପୂଜାପର୍ବରେ କୁକୁଡ଼ା ବଳି ଦେଇ, ଭୋଜିଭାତ କରିବାରେ ସେହି ଖାଦ୍ୟକୁ ପ୍ରଥମେ ପୂର୍ବପୁରୁଷଙ୍କୁ ପ୍ରଦାନ କରି ନିଜେ ଗ୍ରହଣ କରିଥାନ୍ତି । ଯେକୌଣସି ପୂଜାରେ ସେମାନେ ଧୂପ, ଦୀପ, ସିନ୍ଦୂର, କଦଳୀ, ନଡ଼ିଆ ଫୁଲ ଇତ୍ୟାଦିରେ ପୂଜାକର୍ମ ସଂପାଦନ କରିଥାନ୍ତି । ଗ୍ରାମସ୍ତରୀୟ ପୂଜାରେ ପୂଜାର ୧୦/୧୫ଦିନ ପୂର୍ବରୁ ଏକ ସଭାର ଆୟୋଜନ କରାଯାଇଥାଏ ଏବଂ ସେହିପରି ଜାନିଦ୍ୱାର ପୂଜାର ସମୟ ଓ ପରିଚାଳନା ସଂପର୍କରେ ନିଷ୍ପତ୍ତି ଗ୍ରହଣ କରାଯାଏ । ତଦନୁଯାୟୀ କାର୍ଯ୍ୟ ପ୍ରତେକ୍ୟ ଘରୁ ଚାନ୍ଦା ଆଦାୟ କରିଥାଏ । ସେହିଚାନ୍ଦା ପଇସାରେ ପୂଜା ସାମଗ୍ରୀ କିଣାହୋଇ ଆସେ । ଜାତପୁମାନେ ସୂର୍ଯ୍ୟ, ଚନ୍ଦ୍ରକୁ ଖୁବ୍ ପୂଜା କରିଥାନ୍ତି । ଏହାଛଡ଼ା ସେମାନେ ନିଜକୁ ପୃଥିବୀର ସନ୍ତାନ ଭାବରେ ପରିଚୟ ଦେଇଥିବାରୁ ପୃଥିବୀକୁ ମଧ୍ୟ ପୂଜା କରିଥାନ୍ତି ।

### ବିଭିନ୍ନ ପ୍ରେତାତ୍ମା :

ଜାତାପୁମାନେ ପ୍ରେତାତ୍ମା ଉପରେ ମଧ୍ୟ ଖୁବ୍ ବିଶ୍ୱାସ କରନ୍ତି । ସେମାନଙ୍କ ମତରେ ମୃତ୍ୟୁ ପରେ ମଧ୍ୟ କେତେକଙ୍କର ଆତ୍ମା କୌଣସି କାରଣରୁ ଶାନ୍ତି ନପାଇ ପାରିଲେ ସେ ଘୂରି ବୁଲେ । ସେମାନଙ୍କର ଧାରଣା ଯେ ଗର୍ଭବତୀ ସ୍ତ୍ରୀ ଅବିବାହିତ ପୁଅ, ଝିଅ ମୃତ୍ୟୁପରେ ପ୍ରେତ ହୋଇ ଘୂରି ବୁଲନ୍ତି । ଏହାଛଡ଼ା ପୂର୍ବପୁରୁଷଙ୍କର ଆତ୍ମା ମଧ୍ୟ ସର୍ବଦା ଘରର ଭଲମନ୍ଦ ଇତ୍ୟାଦି ବୁଝିବା ପାଇଁ ଘର ପାଖାପାଖି ରହିଥାଏ । ଜାତପୁମାନଙ୍କ ମତରେ ଦୁଇପ୍ରକାରର ପ୍ରେତାତ୍ମା ଥାଆନ୍ତି: (୧) ଦୁଷ୍ଟ (୨) ଶାନ୍ତ । ଦୁଷ୍ଟ ବା ଅନିଷ୍ଟକାରୀ ପ୍ରେତାତ୍ମା ଯେତେବେଳେ ଯେଉଁଠାରେ ସୁଯୋଗ ପାଇଥାନ୍ତି ସେତେବେଳେ ମଣିଷ, ଗୋରୁଗାଈ ଇତ୍ୟାଦିଙ୍କ ଦେହରେ ପ୍ରବେଶ କରିଥାନ୍ତି ଏବଂ ବିଭିନ୍ନ ଅତିଭୌତିକ

ଘଟାଇଥାନ୍ତି । କେତେବେଳେ ସେମାନେ ରୋଗ ବୈରାଗ୍ୟ ସୃଷ୍ଟି କରିଥାନ୍ତି ତ କେତେବେଳେ ସେମାନେ ଜୀବନ ମଧ ନେଇଥାନ୍ତି । ସେମାନେ ଯାହା ଦେହରେ ପ୍ରବେଶ କରିଥାନ୍ତି ସେହି ଲୋକର ଝାଡ଼ା, ବାନ୍ତି, ଜ୍ୱର ଇତ୍ୟାଦି ହୋଇଥାଏ । ସେ ଆଖି ଖୋଲି ପକାଏ, ଖାଇବା ପିଇବା ଏକ ପ୍ରକାର ଛାଡ଼ି ଦେଇଥାଏ । ପ୍ରଳାପ କରେ ମାତ୍ର ପୂର୍ବପୁରୁଷଙ୍କର ଆତ୍ମା ନିରପେକ୍ଷ ପ୍ରେତାତ୍ମା । ସେମାନେ କେବେବି କ୍ଷତିକରିବାକୁ ଚାହିଁ ନଥାନ୍ତି । ସେମାନଙ୍କୁ ସବୁବେଳେ ପୂଜାପାଠ ଇତ୍ୟାଦି ଦ୍ୱାରା ଶାନ୍ତ କରି ରଖାଯାଇଥାଏ । ଉପଯୁକ୍ତ ସମ୍ମାନ ନ ପାଇଲେ ସେମାନେ କ୍ଷତି ଘଟାଇ ପାରନ୍ତି ବୋଲି ଜାତପୁମାନେ ଆଶଙ୍କା ପୋଷଣ କରିଥାନ୍ତି ।

ଏହି ଅନିଷ୍ଟକାରୀ ପ୍ରେତାତ୍ମାଗଣଙ୍କୁ ଘଉଡ଼ାଇବା ଲାଗି ବେଜୁ / ବେଜୁଣୀ ଘର ଚାରିପଟେ ଗାର ପକାଇ ବଳି ଦିଏ । ପୂଜାପାଠ ଓ ବଳି ଇତ୍ୟାଦି ଦେଇ ମନ୍ତ୍ରପାଠ କଲେ ସେ ସ୍ଥାନ ଛାଡ଼ି ଚାଲିଯାଇଥାଏ ବୋଲି ବିଶ୍ୱାସ ରହିଛି ।

ବିଭିନ୍ନ ପ୍ରକାର ପର୍ବପର୍ବାଣି :

ଜାତାପୁମାନେ ବର୍ଷର ବିଭିନ୍ନ ସମୟରେ ବିଭିନ୍ନପ୍ରକାରର ପର୍ବପର୍ବାଣୀ ପାଳନ କରିଥାନ୍ତି ଯଥା : ବୈଶାଖ ମାସରେ କତା ଆମାସା, ଇଡ଼ନାଲପାଣ୍ଡୁ, ଆମତାଲ ପାଣ୍ଡୁ, ଆଷାଢ଼ରେ ରଥଯାତ୍ରା (ରାଧାଯାତ୍ରା) ଟେଙ୍କା କତା (କାକୁ ନୂଆ), ଭାଦ୍ରବରେ କଣ୍ଡେମ କତା (କାନ୍ଦୁଲ ନୂଆ) ଆଶ୍ୱିନରେ ଗୌରୀ ପୂର୍ଣ୍ଣମା, କାର୍ତ୍ତିକରେ ନନ୍ଦିଆମୀ ପୂଜା, ମାର୍ଗଶୀରରେ ଗୁରୁବାର ଓଷା, ଫାଲଗୁନ୍‌ରେ ହୋଲି (ରଙ୍ଗୋଲି ପାଣ୍ଡୁଛୁ ।) ଚୈତ୍ର ସାକ୍ରାତ (ମକର) ଚୈତ୍ର ମଙ୍ଗଳବାର (ଆଗୋର ପାଣ୍ଡୁ) ଇତ୍ୟାଦି । ସେମାନେ ଏହି ପର୍ବପର୍ବାଣୀଗୁଡ଼ିକୁ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି । ପର୍ବପର୍ବାଣୀ ପାଳନ କରିବା ପଛରେ ରହିଥିବା ଉଦ୍ଦେଶ୍ୟଗୁଡ଼ିକ ମଧରେ ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା –

(୧) ସେମାନେ ନିଜକୁ ତାଙ୍କର ସେହି କର୍ମକ୍ଲାନ୍ତ ଜୀବନରୁ ଟିକିଏ ବିରତି ନେବାକୁ ସମୟ ପାଇବେ ବା ଏହା ମନୋରଞ୍ଜନ କରିବାର ଏକ ମାଧ୍ୟମ ।

(୨) ସେମାନଙ୍କର ଧର୍ମ ବିଶ୍ୱାସ ଏହି ପର୍ବପର୍ବାଣିର ହେତୁ ।

ଜାତାପୁମାନଙ୍କର ଏବେବି ସେହିଭଳି ବିଶ୍ୱାସ ରହିଛି ଯେ ଯଦି ସେମାନେ ଏହି ପର୍ବପର୍ବାଣି ପାଳନ ନ କରିବେ, ତେବେ ଦେବାଦେବୀ, ପୂର୍ବପୁରୁଷ ତଥା ଅଦୃଷ୍ଟ ଶକ୍ତିଙ୍କର ପ୍ରଭାବ ସେମାନଙ୍କ ଉପରେ ପଡ଼ିବ ଏବଂ ସେମାନେ ନାନାଦି ରୋଗବାଧିରେ

ପୀଡ଼ିତ ହେବେ । ତେଣୁ ଜୀବନକୁ ସରସ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ଏହା ହିଁ ପ୍ରଧାନ ମାଧ୍ୟମ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ପୂଜା / ପର୍ବପର୍ବାଣି ପାଳନ କରିବାର ପଶ୍ଚାତରେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଥାଏ, ଯେପରି ସନ୍ତାନସନ୍ତିତି ନଥିଲେ ସନ୍ତାନ କାମନା କରି ମାନସିକ କରିବା ଇତ୍ୟାଦି । ବିଧବା ସ୍ତ୍ରୀଲୋକମାନେ କାର୍ତ୍ତିକ ପୂର୍ଣ୍ଣିମାରେ ନନ୍ଦିଆମା ପୂଜା କଲେ ଭଗବାନଙ୍କ ଆଶୀର୍ବାଦ ଲାଭ କରନ୍ତି । ଶ୍ରାଦ୍ଧ ଦେବା ପାଇଁ ମକର ସଂକ୍ରାନ୍ତି ପାଳିତ ହୁଏ ।

**ବିହନପର୍ବ (ଇତନାଲ୍‌ପାଣ୍ଡୁକୁ) :**

ବୈଶାଖ ମାସରେ ଏହି ପର୍ବ ପାଳିତ ହୁଏ । ପୂଜା ପୂର୍ବରୁ ଜାନି କାର୍ଯ୍ୟକୁ କହି ସଭା ଡ଼ାକିଥାନ୍ତି ଏବଂ ଏହି ପର୍ବର ଆୟୋଜନ କରାଯାଏ । ଏହିପୂଜା ଝାଙ୍କରିଆମାଠାରେ ପାଳିତ ହୋଇଥାଏ, ୭ ଦିନ ଧରି ଚାଲେ । ଏହି ସମୟରେ ଅନ୍ୟ ଗାଁ ଲୋକଙ୍କୁ ଶସ୍ୟ ଦିଆଯାଏ ନାହିଁ । ମାଟି ଖୋଳା ଯାଏ ନାହିଁ । ଲିପାପୋଛା ହୁଏ ନାହିଁ । ଧାନ ଭଙ୍ଗା ହେବା ମଧ୍ୟ ନିଷେଧ। ଏପରିକି ପୋଷାକ ପତ୍ର ସଫାସୁତୁରା ମଧ୍ୟ ହେବ ନାହିଁ । ଗ୍ରାମବାସୀଗଣ ଏକତ୍ରିତ ହୋଇ ଭୋଜନ କରନ୍ତି । ପ୍ରଥମଦିନ ଘରେ ଘରେ ମାଂସ ଭାତ ହୁଏ । ସେଦିନ ମଦ୍ୟପାନ କରି ସମସ୍ତେ ଆନନ୍ଦ ଉପଭୋଗ କରିଥାନ୍ତି । ଖେଚୁଡ଼ୀ ମଧ୍ୟ ହୋଇଥାଏ ।

**ଠାକୁରାଣୀଙ୍କ ପର୍ବ (ଆମ୍ମୋର ପାଣ୍ଡୁକୁ):**

ବୈଶାଖ ମାସରେ ପାଳିତ ଏହି ପର୍ବରେ ମଧ୍ୟ ଜାତପୁମାନେ ମାଂସଭାତ, ମିଠା ଇତ୍ୟାଦି କରିଥାନ୍ତି ।

**ମକର (ସଂକ୍ରାମାଣମ୍ ପାଣ୍ଡୁକୁ) :**

ଏହିପର୍ବ ୪ ଦିନ ଧରି ପାଳିତ ହୋଇଥାଏ । ପ୍ରଥମ ଦିନ ମକରକୁ (ଭୋଗି ପାଣ୍ଡୁଣ) କୁହାଯାଇଥାଏ । ଏହି ଦିନ ସେମାନେ ରାବଣ ପୋଡ଼ି କରିଥାନ୍ତି । ଗାଁ ମୁଣ୍ଡରେ କାଠ ପୋଡି ଏବଂ ରାବଣ ମୁକ୍ତି ପାଇଲା ବୋଲି ବିବେଚନା କରାଯାଏ । ଏହି ଦିନ ପିତୃପୁରୁଷ ଘରକୁ ଆସିଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ ।

୨ୟ ଦିନ ମକରକୁ (ଭୋଗି ତାଲା ଗାଡୁଗୁଲୁ) ମକର ସଂକ୍ରାନ୍ତି ପାଣ୍ଡୁକୁ ବା ମୁଣ୍ଡ ଗାଧୋଇବା କୁହାଯାଇଥାଏ । ଏହିଦିନ ସମସ୍ତେ ଅଙ୍ଗାର ଇତ୍ୟାଦି ମାଗି ସ୍ନାନ କରନ୍ତି । ଦ୍ୱିତୀୟ ଦିନଠାରୁ ହିଁ ପ୍ରକୃତିରେ ମକର ଆରମ୍ଭ ହୋଇଥାଏ । ପିଉସୀ, ମାମୁଁ ଏବଂ ଅନ୍ୟାନ୍ୟ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ ମକର ଲାଗିବା ପୂର୍ବରୁ ରୋଷେଇ ସାରିନେବାକୁ ହୁଏ । ସକାଳୁ ବନ୍ଧୁବାନ୍ଧବ ଆସି ପହଞ୍ଚିଯାନ୍ତି । ସେମାନେ ଚାଉଳ

ପନିପରିବା ନଡ଼ିଆ କଦଳୀ ପୋଷାକପତ୍ର ଇତ୍ୟାଦି ଆଣିଥା'ନ୍ତି । ମକର ଲାଗିବା ବେଳେ ଭାତ, ତରକାରୀ, ଖିରି ଇତ୍ୟାଦି ଦନାରେ କାଢ଼ି ପୂର୍ବ ମୁହଁ କରି ରଖି ତା ଉପରେ ପିତୃପୁରୁଷଙ୍କପାଇଁ ପୋଷାକ ଦିଅନ୍ତି । ଧୂପ, ଦୀପ ବନ୍ଦାଇ ଦେବେ ଶେଷରେ ପାଣିଗୁଡ଼ାଇ ପାଞ୍ଚ ମିନିଟ୍ ପାଇଁ କବାଟ ବନ୍ଦକରି ଦିଆଯାଏ । ପରେ କବାଟ ଖୋଲି ପୋଷାକଗୁଡ଼ିକୁ ଅଲଗା କରି କୁଲାରେ ରଖନ୍ତି । ପରେ ସମସ୍ତେ ଖାଇପିଇ ଆନନ୍ଦ କରନ୍ତି ।

ତୃତୀୟ ଦିନଟିକୁ କାତୁମୁ ବୋଲି କୁହାଯାଇଥାଏ, ଏହିଦିନ ସେମାନେ ପୂର୍ବପୁରୁଷଙ୍କୁ ଶ୍ରାଦ୍ଧ ବାଢ଼ିଥାନ୍ତି । ଏହାର ପୂର୍ବରୁ ଘର, ଲୁଗାପଟା ଇତ୍ୟାଦି ସଫା କରାଯାଇଥାଏ । ସେମାନେ ଏହିଦିନ ଆସି ପହଞ୍ଚି ଯାଇଥାନ୍ତି । ସେଦିନ ଏଣ୍ଡୁରୀ, ଇଟିଲି, ମାଛ ମାଂସ ଇତ୍ୟାଦି କରାଯାଇ ଖୁସିରେ ଖିଆ ପିଆ କରାଯାଇଥାଏ ।

୪ର୍ଥ ଦିନ - ୪ର୍ଥ ଦିନକିଛି ପୂଜାବିଧି ନଥାଏ । ସେମାନେ କେବଳ ମାଂସ, ଭାତ ଖାଇ ମଉଜମଜଲି କରିଥାନ୍ତି । ମଦ୍ୟପାନ ମଧ୍ୟ କରିଥାନ୍ତି । ଏହିଦିନ ବିଶେଷକରି ଯୁବକ ଯୁବତୀମାନେ ପେଟରେ ଦାଆରେ ଟେଙ୍କ ଦେବାର ବିଧି ରହିଛି । ପର୍ବରେ ବିଭିନ୍ନ ମାଛ, ମାଂସ ଖାଦ୍ୟ ଖାଇଥାନ୍ତି । ଖାଦ୍ୟର ସହଜ ହଜମ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ଅଛି । ଏହିଦିନ ଉପହାରର ଅଦଳବଦଳ ହୋଇଥାଏ । ଏହିପର୍ବରେ ସେମାନେ ବିହନ ନେଇ ତାକୁ ଗୋଟିଏ ପାତ୍ରରେ ରଖି ମାଟିତଳେ ପୋତିଥାନ୍ତି । ପୁଣିପରେ ତାକୁ ବାହାର କରି ସେହି ବିହନକୁ ମିଶାଇ ସେମାନେ ଜମିରେ ବିହନବୁଣା ଆରମ୍ଭ କରିଥାନ୍ତି । ଏହି ପର୍ବ ପୂର୍ବରୁ ବିହନ ବୁଣାଯାଏ ନାହିଁ ।

### ଟେଙ୍କା କଉା (ଟାଙ୍କୁ ନୂଆ) :

ଏହି ପର୍ବରେ ସେମାନେ ଆମ୍ବ ଟାଙ୍କୁରୁ ପିଠା କରି ଖାଇଥାନ୍ତି । ଏହିପିଠାକୁ 'ଟେଙ୍କା ସାକୁଲୁ' କୁହାଯାଇଥାଏ । ଯଦିଓ ଖାଦ୍ୟ ଅଭାବ ସମୟରେ ଆମ୍ବଟାଙ୍କୁ ଖିଆଯାଏ ତଥାପି ପ୍ରଥମେ ଖାଇବା ପାଇଁ ଆରମ୍ଭରେ ଏହି ପୂଜା କରାଯାଏ । ଟାଙ୍କୁକୁ ସେମାନେ ସଂଗ୍ରହ କରି ରଖିଥାନ୍ତି । ଏହିଦିନ ଟାଙ୍କୁକୁ ଛେଚି ଗୁଣ୍ଡ କରି ଦିଆଯାଏ । କଷା ନଲାଗିବା ପାଇଁ ତାକୁ ଚଳନ୍ତା ପାଣିରେ ପୂରା ଗୋଟିଏ ରଖିଦିଆଯାଏ । ପରଦିନ ସେଥିରେ ଚିନିଗୁଡ଼ ମିଶାଇ ପିଠା କରାଯାଏ । ଚିନି ଗୁଡ ନମିଶାଇ ମଧ୍ୟ ପିଠା କରାଯାଇପାରେ । ଏହି ପୂଜା ବାହୁଡ଼ା ପରଦିନ ହୋଇଥାଏ । ପିଠା ହେବା ପରେ ଘରେ ପୂଜା କରାଯାଏ ଏବଂ ପରେ ପୂର୍ବପୁରୁଷଙ୍କୁ ପ୍ରଦାନକରି ସେମାନେ ନିଜେ ଖାଇଥାନ୍ତି । ଏହା ପରଠାରୁ ସେମାନେ ଯେକୌଣସି ସମୟରେ ଟାଙ୍କୁ ଖାଇ ପାରିବେ ।

କଣ୍ଡେମକତା (କୁଣ୍ଡଧାନ ନୂଆ)ଃ ଦଶମ ମାସରେ ଏହି ପର୍ବ ପାଳନ କରାଯାଇଥାଏ । ନୂଆ ଧାନରୁ ଭାତକରି ପ୍ରଥମେ ଠାକୁରାଣୀଙ୍କ ପାଖରେ ଭୋଗ ଦିଆଯାଏ ଏହାକୁ 'ବିଅନା' କୁହାଯାଏ । ତେନ୍ତୁଳି, ସାରୁପତ୍ର, କୁଣ୍ଡଧାନ, ଖମ୍ବଆଳୁ ପୂଜାରେ ଲାଗିଥାଏ । ପୂଜାଦିନ କୁଣ୍ଡଧାନ ଚାଉଳରୁ କ୍ଷୀରି ମଧ କରାଯାଏ । ଘରେ ଘରେ ସେଦିଦ ମାଛ / ମାଂସ ରନ୍ଧାଯାଇଥାଏ ।

କୁଣ୍ଡଲକତା (କାନ୍ଦୁଲୁ କତ୍ତା) ଃ

ପର୍ବ ପାଳିତ ହେବାର ୭ ଦିନ ପୂର୍ବରୁ ଜାନି ସଭା ପର୍ବ ପାଳିତ ଯାଇଥାଏ ଏବଂ ଦିନ ସ୍ଥିର କରାଯାଏ । ଏହାପ୍ରାୟ ମାନର ସଂକ୍ରାନ୍ତିରେ ହିଁ ହୋଇଥାଏ ଏବଂ ୩ ଦିନ ଧରି ପାଳିତ ହୁଏ । କାଣ୍ଡୁଲକତା ଦିନ ସକାଳୁ ଜାନି ଝାକିରିଶାଳକୁ ଯାଇଥାଏ । ସେଠାରେ ପୂଜାକରି ଟାଙ୍ଗିଆ ଗୁଡ଼ିକୁ ତଳକୁ ଆଣି ସେଗୁଡ଼ିକୁ ଗାଁରେ ବୁଲାଯାଏ । ନାଚଗୀତ, ବାଜା ସହିତ, ଜାନୀ ମଧ ଗାଁରେ ବୁଲିଥା'ନ୍ତି । ଘରେ ଘରେ ଠାକୁର ପହଞ୍ଚିଲେ ସମସ୍ତେ ଧୂପ, ଦୀପ, ଭୋଗଦେଇ ପୂଜା କରନ୍ତି । ସେହିଦିନ ସନ୍ଧ୍ୟାରେ କାଙ୍ଗଆଲୁ ଜାନି ଚାଳରେ ରଖାଯାଏ ଏବଂ ପରଦୁଇଦିନ ଅନ୍ୟ ଗାଁରେ ବୁରାଇ ଚାଉଳ ଟେଙ୍କା ପଇସା ସଂଗ୍ରହ କରାଯାଏ । ଶେଷରେ ସେହି ଶସ୍ୟରେ ଭୋଜି କରିଥାଏ ।

ନନ୍ଦିଆମ୍ମା ପୂଜା ଃ ଏହା ଜାତାପୁ ସଂପ୍ରଦାୟର ସବୁଠାରୁ ବଡ଼ ପୂଜା । ନନ୍ଦିଆମା ସେମାନଙ୍କର ଶ୍ରେଷ୍ଠ ଓ ଆରାଧ୍ୟ ଦେବୀ । କାର୍ତ୍ତିକ ମାସରେ ଶସ୍ୟକ୍ଷେତ୍ର ସବୁଜ ଶସ୍ୟରେ ପରିପୂର୍ଣ୍ଣ ହୋଇଯାଏ । ବର୍ଷାର ପ୍ରଭାବ ବେଶୀ ନଥାଏ । ଚାରିଆଡ଼େ ସବୁଜିମାରେ ଶୋଭା । ଉତ୍ତମ ଶସ୍ୟ ପ୍ରାପ୍ତି, ଶସ୍ୟକୁ ରୋଗମୁକ୍ତ କରିବା, ଗୋରୁ ଗାଈଙ୍କ ସୁରକ୍ଷା, ଜନସାଧାରଣଙ୍କୁ ସୁଖଶାନ୍ତିରେ ରଖିବା ନିମିତ୍ତ ଏହି ପୂଜା କରାଯାଏ ।

ତେଲୁଗୁ ଭାଷାରେ ନନ୍ଦି ଅର୍ଥ 'ବୃଷଭ' ଓ ଆମାର ଅର୍ଥ 'ମାଆ' । ତେଣୁ ଏହି ପୂଜାରେ ବୃଷଭମାଆ ଅର୍ଥାତ ପାର୍ବତୀଦେବୀଙ୍କୁ ପୂଜା କରାଯାଏ । ପାର୍ବତୀଙ୍କସହ ମହାଦେବ, ଗଣେଶ, ଗଙ୍ଗା, ବୃଷଭ, ମୂଷା, ଲକ୍ଷ୍ମୀ ଓ ତୁଳସୀଙ୍କୁ ମଧ ପୂଜା କରାଯାଇଥାଏ । ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ମନୋକାମନା ପୂର୍ଣ୍ଣ ହେଲେ ମଧ ନନ୍ଦିଆମା ପୂଜା କରାଯାଏ । କାର୍ତ୍ତିକ ମାସର ଅମାବାସ୍ୟାକୁ ଏହି ପୂଜାତିଥି ରୂପେ ନିର୍ଣ୍ଣୟ କରାଯାଏ । ପୁରୋହିତ ପାଞ୍ଜି ଦେଖି ଅମାବାସ୍ୟା ଦିନର ଶୁଭ ସମୟ କହେ । ଶୁଭ ସମୟ ଉପସ୍ଥିତ ହେଲେ ମାନସିକ କରିଥିବା ମହିଳା କିମ୍ବା ଗ୍ରାମର ସ୍ତ୍ରୀଲୋକମାନେ ମୂର୍ତ୍ତି ତିଆରି ପାଇଁ ମାଟି ଆଣିବାକୁ ଯାଆନ୍ତି । ବାଜା, ହୁଳହୁଳି ଦେଇ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ହୋଇ ମାଟି ସଂଗ୍ରହ

କରାଯାଏ । ମାଟି ସଂଗ୍ରହ କରିବା ପୂର୍ବରୁ ସେହି ସ୍ଥାନରେ ପୂଜା ବିଧି କରାଯାଏ । ଧୂପଦୀପ ଓ ଭୋଗରାଗ ଦେଇ ମାଟି ଅଣାଯାଏ । ମାଟି ସଂଗ୍ରହ କଲାବେଳେ ହାତକୁ ମୁଠା କରି ମାଟି ଆଣି ବୋଝରେ ରଖାଯାଏ ଓ ମାଟିରେ ଯେପରି ନଖ ନ ବାଜେ ସେଥିପାଇଁ ସମସ୍ତ ଧ୍ୟାନ ଦିଆଯାଏ । ସେହିମାଟି ଆଣି ନନ୍ଦିଆମା ମୂର୍ତ୍ତି ତିଆରି କରି ଜାଣିଥିବା ମହିଳାକୁ ଦିଆଯାଏ । ଉକ୍ତ ମହିଳା ଜଣଙ୍କ ମନଧ୍ୟାନ ଦେଇ ନନ୍ଦିଆମା ମୂର୍ତ୍ତି ତିଆରିରେ ଲାଗି ପଡ଼ନ୍ତି । ସେ ନନ୍ଦି, ଈଶ୍ୱର, ପାର୍ବତୀ, ଗଣେଶ, ଗଙ୍ଗା, ମୂଷା ଇତ୍ୟାଦିଙ୍କର ମୂର୍ତ୍ତି ତିଆରି କରନ୍ତି । କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ତିଆରି କାର୍ଯ୍ୟ ପ୍ରାୟ ସରିଆସେ ।

କାର୍ତ୍ତିକ ପୂର୍ଣ୍ଣିମାର ଠିକ୍ ତିନିଦିନ ଆଗରୁ ପୂଜାକାର୍ଯ୍ୟ ଆରମ୍ଭ ହୁଏ । ଏହି ଶୁଭ ସମସ୍ତ ପୂର୍ବରୁ ନିର୍ଣ୍ଣୟ କରାଯାଇଥାଏ । ତଦନୁଯାୟୀ ଗ୍ରାମବାସୀଗଣ ସମସ୍ତେ ମିଶି ବାଲି ଆଣିବାକୁ ଯାଆନ୍ତି । ବାଜା ବଜାଇ, ଗୀତଗାଇ ବାଲି ଅଣାଯାଏ । ବାଲି ଆଣିବା ବେଳେ ମଧ୍ୟ ସ୍ଥାନଟି ପୂଜାକରାଯାଏ । ପୂଜାସମୟରେ ପାନ, ଗୁଆ, ଧୂପ, ଦ୍ୱୀପ, ନଡ଼ିଆ, କଦଳୀ, ଅରୁଆ ଚାଉଳ ଇତ୍ୟାଦି ଭୋଗ ଲାଗେ । ବାଲି ଆଣି ସେଥିରେ ଧାନ, ମୁଗ, ବିରି, କୋଳଥ, ମାଣ୍ଡିଆ, କାନ୍ଦୁଲ, ମୁଆଁ ଇତ୍ୟାଦି ୫ ପ୍ରକାର କିମ୍ବା ୭ ପ୍ରକାର ବିହନ ମିଶାଇ ଦିଆଯାଏ । ସେହି ମିଶ୍ରଣରେ ଗୋଟିଏ ବେଦୀ କରାଯାଇ ତା'ଉପରେ ବାରମ୍ବାର ହଳଦୀ ପାଣି ଛଞ୍ଚାହୁଏ ।

ଉକ୍ତ ସନ୍ଧ୍ୟାରେ ଜାତପୁମାନେ ବାଜା ବଜାଇ ଗୀତ ଗାଇ ଗାଇ ଧାନ କିଆରିକୁ ଯାଆନ୍ତି । ସେଠାରୁ ଗୋଟିଏ ଧାନଗଛକୁ ବିଧିବଧଭାବେ ପୂଜାକରି ଶୋଭାଯାତ୍ରାରେ ନେଇ ଆସନ୍ତି । ଧାନ ଗଛଟିକୁ ଦେବୀ ଲକ୍ଷ୍ମୀଙ୍କର ଆଖ୍ୟା ପ୍ରଦାନ କରାଯାଏ । ଏହି ଶୋଭା ଯାତ୍ରାର / ଠାକୁରାଣୀକୁ ମହିଳାମାନେ ଗୀତ ଗାଇ ଗାଇ ଆବାହନ କରିଥାନ୍ତି । ସେହି ପରି ଗୋଟିଏ ତୁଳସୀ ଗଛକୁ ଶୁଭ ସମୟ ଦେଖି ଅଣାଯାଏ । ଧାନଗଛ ଓ ତୁଳସୀ ଗଛ ଆଣିବା ପାଇଁ ଶୁଭ ସମୟ ପୂର୍ବରୁ ନିର୍ଣ୍ଣୟ କରାଯାଇଥାଏ । ଧାନଗଛ ଓ ତୁଳସୀ ଗଛକୁ ଆଣି ବାଲିରେ ତିଆରି କରାଯାଇଥିବା ବେଦୀର କୋଣରେ ରଖନ୍ତି । ବେଦୀର ମଝି ଅଂଶଟି ନନ୍ଦିଆମାଙ୍କ ପାଇଁ ଖାଲି ଥାଏ । ଏହା ପରେ ବେଦୀ ଉପରେ ନୂଆ ବାଉଁଶ ଏକ ତୋରଣ (ମଞ୍ଚା) ତିଆରି କରାଯାଏ । ତୋରଣକୁ ବିଭିନ୍ନ ସାଜସଜ୍ଜା କରାଯାଏ ଏବଂ ଫୁଲହାର ଝୁଲାଇ ଦିଆଯାଏ ।

ଏହି ପର୍ବ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ପ୍ରକାର ବାଦ୍ୟ ବ୍ୟବହାର କରାଯାଏ ଏବଂ ଏହା କେବଳ ସ୍ୱତନ୍ତ୍ର ଭାବରେ ଏହି ପୂଜା ପାଇଁ ପ୍ରସ୍ତୁତ କରାଯାଇଥାଏ । ଏହାକୁ ଗୁମୁଡ଼ିଲୁ କୁହାଯାଏ । ପ୍ରଥମେ ଗୋଟିଏ ମାଟି ହାଣ୍ଡି ଉପରେ ଗୋଟିଏ କୁଲାକୁ ଘୋଡ଼ାଇ ରଖିଦିଆଯାଏ ।

ଏହା ଉପରେ ଗୋଟିଏ ଧନୁକୁ ଏପରି ଖଞ୍ଜା ଯାଏ ଯେପରି ତାହାର ଗୋଟିଏ କୋଣ ଭୂମିରେ ଲାଗେ ଓ ଅନ୍ୟ କୋଣଟି ହାଣ୍ଡି ଓ କୁଲାର ମଧ ଭାଗରେ ଲାଗିଥାଏ । ଧନୁର ଗୁଣରେ ଘୁଙ୍ଗୁର ଓହଳାଇ ଦିଆଯାଇଥାଏ । ଧନୁର କାଠର ମଧ ଭାଗରେ ଟିକିଏ ଟିକିଏ କାଟି ଦାଗ କରାଯାଇଥାଏ । ଏହି ଦାଗ ଉପରେ ଖଣ୍ଡିଏ କୁକୁଡ଼ା ହାଡ଼ ସାହାଯ୍ୟରେ ଘଷିଲେ ଏକ ସୁନ୍ଦର ମଧୁର ଧ୍ୱନି ଉତ୍ପନ୍ନ ହୁଏ । ସେହି ମଧୁର ଧ୍ୱନିରେ ନନ୍ଦିଆମା ସନ୍ତୁଷ୍ଟ ହୁଅନ୍ତି ବୋଲି ବିଶ୍ୱାସ କରାଯାଏ ।

ଏହା ରାତ୍ରଠାରୁ ଅନବରତ ପୂଜା ଲାଗିଥାଏ । ଗୀତା ଲହରୀରେ ଆଖପାଖ ଗାଁ ମୁଖରିତ ହୋଇଉଠେ । ଜନସମାଗମ ହୁଏ । ରାତି ସାରା ଉତ୍ସବ ଚାଲେ । ପ୍ରଥମେ କେତେଜଣ ମହିଳା ଗୀତ ଗାଆନ୍ତି ଏବଂ ପରେ ବାଳିକା ଓ ମହିଳାମାନେ ପାଳି ଧରୁଥାନ୍ତି । ଦୀପ ଧୂପରେ ପରିସର ସୁବାସମୟ ହୋଇ ଉଠୁଥାଏ । ରାତି ପାହି ସକାଳ ହୁଏ । କିନ୍ତୁ ପୂଜା ବିଧି, ବାଦ୍ୟ, ଗୀତ, ନାଚ ଚାଲିଥାଏ । ଏହିପରି ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲୁ ରହେ ।

ପୂର୍ଣ୍ଣିମା ଦିନ ପୁରୋହିତଙ୍କୁ ପଚାରି ଶୁଭ ମୁହୂର୍ତ୍ତରେ (ସନ୍ଧ୍ୟା ବେଳେ) ନନ୍ଦିଆମାଙ୍କୁ ବେଦିକୁ ଅଣାଯାଏ । ମୂର୍ତ୍ତିରେ ଆଖି ଲଗାଯାଏ । ଶେଷରେ ଗ୍ରାମର କେତେକ ମହିଳା ଗୀତଗାଇ ବାଜାବଜାଇ ମୂର୍ତ୍ତି ତିଆରି କରିଥିବା ବ୍ୟକ୍ତିର ଘରକୁ ଯାଆନ୍ତି । ମୂର୍ତ୍ତି ତିଆରି କରିଥିବା ବ୍ୟକ୍ତିଙ୍କୁ (ସ୍ୱାମୀ ଓ ସ୍ତ୍ରୀ)କୁ ନନ୍ଦିଆମାଙ୍କର ମାଆ ବାପା ପରି ମାନ୍ୟ କରାଯାଏ । ଝିଅ ଆଣିବା ପରି ତା'ର ବାପାମାଆଙ୍କୁ ଶାଢ଼ି ଓ ଜୋତା ଦେଇ ନନ୍ଦିଆମାଙ୍କୁ ଗାଁ ଦାଣ୍ଡକୁ ଅଣାଯାଏ । ସେହିପରି ନନ୍ଦିଆମା ତିଆରି କରିଥିବା ପରିବାର ଝିଅକୁ ବିଦାଦେବା ପରି ଅନେକ ଆଡ଼ମ୍ବରରେ ବିଦାୟ ଦେଇଥାନ୍ତି । ସେହି ଦିନ ପ୍ରଥମେ ଗାଁ ମଝିରେ (ବେଦି ଭିନ୍ନ ଅନ୍ୟତ୍ର) ଗ୍ରାମବାସୀ ସମସ୍ତେ ପୂଜା ଆରଧନା କରିଥାନ୍ତି ।

ପରେ ନନ୍ଦିଆମାଙ୍କୁ ନିର୍ମାଣ କରାଯାଇଥିବା ବେଦୀକୁ ନିଆଯାଏ । ଇତି ମଧ୍ୟରେ ବେଦୀଟିରେ ପକାଯାଇଥିବା ମଞ୍ଜିରେ ଗଛ ଉଠି ସାରିଥାଏ । ବେଦୀର ଚତୁଃପାର୍ଶ୍ୱରେ ଓହଳା ଯାଇଥିବା ଫୁଲ ହାରରେ ବେଦୀଟି ସୁନ୍ଦର ଦିଶୁଥାଏ । ଲୋକମାନେ କହନ୍ତି ବେଦୀକୁ ଏକ ଉଦ୍ୟାନ କରି କରାଯାଇଥାଏ । ଫଳରେ ଦେବୀ ଏଠାରେ ଆନନ୍ଦରେ ରହିପାରନ୍ତି । ନନ୍ଦିଆମାଙ୍କୁ ଶୁଭସମୟ ଦେଖି ବେଦୀ ଉପରକୁ ନିଆଯାଏ । ନନ୍ଦିଆମାଙ୍କ ସହିତ ଗଣେଶ, ଗଙ୍ଗା, ଶିବ ଇତ୍ୟାଦି ଦେବୀ ଓ ଦେବାତାମାନଙ୍କୁ ମଧ ବେଦୀ ଉପରେ ସ୍ଥାନିତ କରାଯାଏ ।

ପ୍ରଥମେ ସ୍ତ୍ରୀ ଲୋକମାନେ ଗୀତ ଗାଇ ଗଣେଶଙ୍କର ବନ୍ଦନା କରନ୍ତି । ଗୀତ ମାଧ୍ୟମରେ ପ୍ରଥମେ ଗଣେଶଙ୍କୁ ଆସ୍ଥାପିତ କରାଯାଇ କୁହାଯାଏ ଯେ ଆମେ ତୁମକୁ ଅମୁକ ଫଳ, ଧୂପ, ନୈବେଦ୍ୟ, ପୁଷ୍ପ ପ୍ରଦାନ କରୁଛୁ ଆପଣ ଏହାକୁ ଆନନ୍ଦରେ ଗ୍ରହଣ କରନ୍ତୁ ଏବଂ ଆମକୁ ସୁଖଶାନ୍ତି ପ୍ରଦାନ କରନ୍ତି । ଭଲ ଅମଳ ହେଉ । ସମସ୍ତେ ରୋଗମୁକ୍ତ ହୁଅନ୍ତି, ଗୋରୁଗାଈ ଆଦି ପଶୁପକ୍ଷୀମାନେ ସମସ୍ତ ବିପତ୍ତିରୁ ରକ୍ଷାପାଆନ୍ତୁ ଇତ୍ୟାଦି ଇତ୍ୟାଦି ।

ପରେ ଶିବଙ୍କୁ ପୂଜା କରାଯାଏ । ସେହିପରି ଗୀତ ଗାଇ ଶିବଙ୍କୁ ଯଥାବିଧି ପୂଜା କରିସାରିବା ପରେ ସମସ୍ତେ ମଙ୍ଗଳରେ ରହିବା ପାଇଁ ମନାସିଥାନ୍ତି । ଶେଷରେ ପାର୍ବତୀ ଓ ଗଙ୍ଗାଙ୍କୁ ପୂଜା କରାଯାଏ ।

ନନ୍ଦିଆମାଙ୍କ ପୂଜା ରାତି ଦିନ ଧରି ଚାଲିଥାଏ । ଯଥାସମୟରେ ଯଥାବିଧି କାର୍ଯ୍ୟ କରାଯାଏ । ବେଦୀଙ୍କୁ ମନୁଷ୍ୟ ତୁଲ୍ୟ ବିବେଚନା କରାଯାଇଥାଏ । ଶୋଇବା ସମୟ ହେଲେ ଗୀତ ଗାଇ ଶୁଆଯାଏ । ସକାଳୁ ଗୀତ ଗାଇ ତାଙ୍କୁ ଉଠାଯାଏ । ମୁହଁ ଧୋଇବାକୁ ପାଣି ଦିଆଯାଏ । ଦାନ୍ତ ଘସିବାକୁ ଦାନ୍ତକାଠି ଦେଇ ଗାଧୋଇ ଦିଆଯାଏ । ପୁଣି ଖାଇବା ସମୟରେ ଖାଇବାକୁ ମଧ୍ୟ ଦିଆଯାଏ ।

ଏହିପରି ତିନିଦିନ କିମ୍ବା ୫ ଦିନ, ୭ଦିନ କିମ୍ବା ୯ଦିନ ପର୍ଯ୍ୟନ୍ତ ରଖି ଶେଷରେ ଶୁଭ ସମୟ ଦେଖି ସମସ୍ତ ଦେବଦେବୀଙ୍କୁ ନିକଟସ୍ଥ ନଦୀରେ ବିସର୍ଜନ କରାଯାଏ । ପୂର୍ଣ୍ଣମୀ ପରଦିନ ଯେଉଁ ମହିଳାମାନଙ୍କର ଛୁଆପିଲା ନଥାଏ ସେମାନେ ନନ୍ଦିଆମାଙ୍କ ପାଖରେ ଅଧିଆ ପଡ଼ନ୍ତି । ନଖାଇ ନପିଇ ଗାଧୋଇ ଓଦା ଲୁଗାରେ ନନ୍ଦିଆମାଙ୍କ ନିକଟରେ ଅଧିଆ ପଡ଼ିଲେ, ବିଶ୍ୱାସ କରାଯାଏ ଯଦି ଉକ୍ତ ମହିଳାଙ୍କର ଝିଅ ହେବାର ଥାଏ ତେବେ ତାଙ୍କ ବେଦୀରୁ କିମ୍ବା ନନ୍ଦିଆମାଙ୍କର ମୁଣ୍ଡରୁ ଫୁଲ ଖସି ଉକ୍ତ ମହିଳାଙ୍କର ଝିଅ ହେବାର ଥାଏ ତେବେ ତାଙ୍କ ବେଦୀରୁ କିମ୍ବା ନନ୍ଦିଆମାଙ୍କର ମୁଣ୍ଡରୁ ଫୁଲ ଖସି ଉକ୍ତ ମହିଳାଙ୍କ ମୁଣ୍ଡରେ ପଡ଼େ କିମ୍ବା ପୁଅ ହେବାର ଥିଲେ ଫଳ ପଡ଼େ । ଯଦି ନହେବାର ଥାଏ ତେବେ କିଛି ପଡ଼େ ନାହିଁ । ଯେଉଁ ବ୍ୟକ୍ତିଙ୍କ ମୁଣ୍ଡରେ ଫୁଲଫଳ ପଡ଼େ ଓ ପରେ ଯଦି ସେ ଲୋକଙ୍କର ଛୁଆ ପିଲା ହୁଏ ତେବେ ସେ ପରବର୍ଷ କିମ୍ବା ନିଜର ସାଧ ଅନୁସାରେ ନନ୍ଦିଆମା ଆଣିଥାନ୍ତି ।

ସେହିପରି ଅନ୍ୟକେତେକ ଲୋକ ବିଭିନ୍ନ ବିଷୟ ଦେଇ ମନାସିଥାନ୍ତି । ମାନସିକ ପୂର୍ଣ୍ଣ ହେଲେ ସେମାନେ ମାନସିକ ଅନୁସାରେ ନନ୍ଦିଆମା ଆଣିଥାନ୍ତି ।

## ବିବିଧ ପୂଜାବିଧି :

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନାବସ୍ଥା ମଧ୍ୟରେ ଜାତପୁମାନେ ଜୀବନକୁ ସରସ, ସୁନ୍ଦର ଓ ସୁଖମୟ କରିବା ଲାଗି ବିଭିନ୍ନ ପ୍ରକାରର ପୂଜାପର୍ବ ପାଳନ କରିଥାନ୍ତି । ବେଳେବେଳେ ବିଭିନ୍ନ ରୋଗରେ; ଯଥା ହଇଜା, ହାଡ଼ଫୁଟି, ମିଳିମିଳା, ବସନ୍ତ ଇତ୍ୟାଦିର ସ୍ୱୀକାର ହେଲେ ସେଥିରୁ ରକ୍ଷା ପାଇବା ପାଇଁ ମଧ୍ୟ ସେମାନେ ବିଭିନ୍ନ ଧରଣର ପୂଜାପାଠ ବେଜୁଣୀକୁ ଡ଼ାକି କରାଇଥାନ୍ତି । ଏଥିପାଇଁ ସେମାନେ ଦବାଟିରେ ବା ଅଧା ବାଟରେ କୁକୁଡ଼ା ବଳି ମଧ୍ୟ ଦେଇଥାନ୍ତି ।

ସ୍ୱତନ୍ତ୍ର ପୂଜାବିଧି – ଜମି ବିକିବା, କାରାବାରରୁ ଫେରିବା ପରେ, ଗ୍ରାମରେ ଘରପୋଡ଼ି ହେଲେ, ଗଛରୁ ପଡ଼ିଲେ, ବାଘ, ସାପ, କାମୁଡ଼ିଲେ ସେମିତି କୌଣସି ସ୍ୱତନ୍ତ୍ର ଧରଣର ପୂଜାପାଠ କରାଯାଇନଥାଏ । ଦୈବୀ ଦୁର୍ଘଟଣା ବାରମ୍ବାର ଦେଖା ଦେଲେ ସେମାନେ ଦିଶାରୀ ଜାନିକୁ ଡ଼କାଇ ବିଭିନ୍ନ ପୂଜା ଇତ୍ୟାଦି ସେସବୁର କାରଣ ଅନୁଯାୟୀ କରିଥାନ୍ତି ।

## କୃଷିକାର୍ଯ୍ୟ ସଂପର୍କୀୟ ପୂଜାବିଧି :

କୃଷି ଜାତପୁମାନଙ୍କର ମୁଖ୍ୟ ଜୀବିକା । ତେଣୁ ସେମାନେ କୃଷି ସମ୍ବନ୍ଧୀୟ ବିବିଧ ପୂଜାପାଠର ଆୟୋଜନ କରିଥାନ୍ତି । ଯେମିତିକି କାନ୍ଦୁଲ ନୂଆ (କୁଣ୍ଡଲକତା), ବିହନ ପର୍ବ (ଇତନାଲ ପାଣ୍ଡୁ) ଟେଙ୍କା କତା (ଟାଙ୍କୁ ନୂଆ), କଣ୍ଡେକତା (କୁଣ୍ଡଧାନ ନୂଆ) ଇତ୍ୟାଦି ପର୍ବ ପୋଡୁଚାଷ ସମୟରେ ମଧ୍ୟ ସେମାନେ ବିହନ ବୁଣିବା, ଗଛ ଲଗାଇବା, ହଳ କରିବା ବିହନ ବୁଣିବା, ଗଛ ଲଗାଇବା, ଫସଲ କାଟିବା ପୂର୍ବରୁ ଏବଂ ନୂଆ ଫସଲ ଖାଇବା ଅନେକ ପୂଜାବିଧି ପାଳନ କରିଥାନ୍ତି ।

## ଗୁଣୀଗାରେଡ଼ି ଏବଂ ଯାଦୁବିଦ୍ୟା :

ଜାତପୁମାନେ ଗୁଣୀଗାରେଡ଼ି କରିବାରେ ମଧ୍ୟ ପାରଙ୍ଗମ । ଗୁଣୀଗାରେଡ଼ି ମାଧ୍ୟମରେ ଲୋକଙ୍କୁ ହଇରାଣ କରିଥାନ୍ତି । ଯେଉଁମାନେ ଗୁଣି ବିଦ୍ୟା ଇତ୍ୟାଦି କରିଥାନ୍ତି ତାଙ୍କୁ ଗୁଣିଆ ବା 'ମନ୍ଦେଲତୁ' କୁହାଯାଇଥାଏ । ଗୁଣୀଗାରେଡ଼ି ଯାଦୁବିଦ୍ୟା ଇତ୍ୟାଦିକୁ ସମାଜରେ ଏକ ଘୃଣ୍ୟ କାମ ହିସାବରେ ଧରାଯାଇଥାଏ କାରଣ ଗୁଣିଆ ଅନେକ ସମୟରେ ଲୋକଙ୍କର କ୍ଷତି କରିଥାଏ । ସେ ଗୁଣିମାଧ୍ୟମରେ ଲୋକଙ୍କର ଭାଗ୍ୟ ମଧ୍ୟ ପରିବର୍ତ୍ତନ କରିଦେଇ ପାରିଥାଏ । ଜଣଙ୍କଠାରୁ ପଇସା ନେଇ ଅନ୍ୟଜଣଙ୍କୁ ଗୁଣୀ ମାଧ୍ୟମରେ ହଇରାଣ

ହରକତ କରିଦେଇଥାଏ । କେତେକ କ୍ଷେତ୍ରରେ ମଧ୍ୟ ଅନ୍ୟ ଜଣେ ଗୁଣିଆ ଦ୍ୱାରା କରାଯାଇଥିବା ଗୁଣୀକୁ ମଧ୍ୟ ଗୁଣିଆ ଦ୍ୱାରା ଭଲ କରି ଦିଆଯାଇଥାଏ ।

ଗୁଣିଆକୁ ତା'ର ପାଉଣା ହିସାବରେ ପ୍ରାୟତଃ ପଇସା ଦିଆଯାଏ । ତେବେ ଗୁଣିଆ ଧରାପଡ଼ିଲେ ତା' ପାଇଁ ଦଣ୍ଡବିଧାନ କରାଯାଏ ।

ଏହିପରି ଜାତପୁ ସମାଜରେ ଯାଦୁଧର୍ମୀୟ କର୍ମକର୍ତ୍ତାଗଣ ଆଜିକାଲି ସକ୍ରିୟ ନ ହେଲେ ମଧ୍ୟ ନିଷ୍କ୍ରିୟ ନୁହଁନ୍ତି ।

# ଜାତାପୁ ମହିଳା

ଯୁଗେ ଯୁଗେ ନାରୀ ବନ୍ଦନୀୟା । ନାରୀ ହେଉଛି ସକଳଶକ୍ତିର ଆଧାର । ସେ କେତେବେଳେ ଜାୟା ତ, ପୁଣି କେତେବେଳେ ଜନନୀ, ଆଉ କେତେବେଳେ ଭଗିନୀ, ନାରୀର ସମୃଦ୍ଧି ବିନା ସଭ୍ୟତା ଓ ସଂସ୍କୃତିର ବିକାଶ ସୁଦୂର ପରାହତ । ଆଧୁନିକ ସଭ୍ୟତାରେ କିନ୍ତୁ ନାରୀ ନିର୍ଯାତନାର ଅନେକ କାହାଣୀ ଦେଖିବାକୁ ଓ ଶୁଣିବାକୁ ମିଳେ । ଏସବୁ କିନ୍ତୁ ଆଦିବାସୀ ସମାଜରେ ବିରଳ । ଆଦିବାସୀ ରମଣୀ ଶିକ୍ଷିତା ନ ହୋଇପାରେ, ମାତ୍ର ସେ ସ୍ୱାଧୀନ, ସ୍ୱାବଲମ୍ବନଶୀଳ, ସାହସୀ, ପରିଶ୍ରମୀ, ସର୍ବୋପରି ସମାଜରେ ତାହାର ସମ୍ମାନଜନକ ସ୍ଥାନ ରହିଛି । ତେବେ ଜାତପୁ ସମାଜରେ ନାରୀର ସ୍ଥିତି କିପରି ସେ ବିଷୟରେ ନିମ୍ନରେ ବର୍ଣ୍ଣନା କରାଗଲା ।

ଜାତାପୁମାନେ ଆଦିବାସୀ ସମାଜରେ କନ୍ୟାସୁନା ପ୍ରଚଳନ ଆଦୌ ନାହିଁ । ଆଗରୁ ଝିଅମାନଙ୍କୁ ବାହାଦେବାକୁ ହେଲେ ଯୌତୁକ କିଛି ଦେବାକୁ ପଡୁନଥିଲା । ମାତ୍ର ଏବେ ଯୌତୁକ ଦେବାକୁ ପଡ଼ିଥାଏ । ଝିଅମାନେ ସବୁଦିନ ବାପଘରେ ରହିନଥାନ୍ତି । ସେମାନେ ବାହାହୋଇ ଶାଶୁଘରକୁ ଯାଇଥା'ନ୍ତି, ପୁଅମାନେ ପାଖରେ ରୁହନ୍ତି । ତଥାପି ଜାତାପୁମାନେ ପୁଅ,ଝିଅ ମଧ୍ୟରେ ପ୍ରାୟ ବିଶେଷ ପାର୍ଥକ୍ୟ ଦେଖୁନଥାନ୍ତି । ଝିଅ ହେଉକି ପୁଅ ହେଉ ତା'କୁ ଈଶ୍ୱରଙ୍କର ଦାନ ହିସାବରେ ସେମାନେ ସାନରେ ଗ୍ରହଣ କରିନେଇଥାନ୍ତି । ଯଦିଓ ପୁଅମାନଙ୍କୁ ସେମାନେ ଅଧିକ ଭଲ ପାଇଥାନ୍ତି । ଝିଅମାନେ ମଧ ଭଲକାମ କରିଥାନ୍ତି, ସେମାନେ ବି ଖୁବ୍ ପରିଶ୍ରମୀ ତେଣୁ ଝିଅମାନଙ୍କୁ ବି ଜାତାପୁମାନେ ପୁଅମାନଙ୍କ ଭଳି ଗ୍ରହଣ କରିଥା'ନ୍ତି ।

ଜାତାପୁ ମହିଳା ଗର୍ଭଧାରଣ କଲେ ସେମାନଙ୍କର ସେମିତି କୌଣସି ବ୍ୟବସ୍ଥା ନାହିଁ ଜାଣିବା ପାଇଁ ଯେ ଗର୍ଭରୁ ଶିଶୁ କନ୍ୟା କି ପୁତ୍ର । ତେଣୁ କନ୍ୟା ଗର୍ଭରେ ରହିଲେ ବି ତା'ର ସେମିତି କୌଣସି ସ୍ୱତନ୍ତ୍ର ନୀତିନିୟମ ବା ପୂଜାବିଧି ନଥାଏ । ପୁଅ ଓ ଝିଅ ଉଭୟଙ୍କ ପାଇଁ ସମାନ ପୂଜାବିଧି ପାଳନ କରାଯାଏ । ଝିଅଟିଏ ଭୂମିଷ୍ଠ ହେଲେ ତା'ର ମଧ ପୁଅଭଳି ଏକୋଇଶିଆ କରାଯାଇଥାଏ ଏବଂ ଅନ୍ୟାନ୍ୟ ପୂଜା କରାଯାଏ । ଯେତେବେଳେ ଝିଅଟି ପ୍ରଥମେ ରଜୋବତୀ ହୋଇଥାଏ ସେତେବେଳେ ତାର ସେହି ପୂର୍ଣ୍ଣତାକୁ ଅନ୍ୟମାନଙ୍କୁ ଜଣାଇବା ପାଇଁ ଏକ ଉତ୍ସବ ଖୁବ୍ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ । ଝିଅଟି ରଜୋବତୀ ହେଲେ ପ୍ରଥମେ ତା'ର ସାଙ୍ଗ କିମ୍ବା ମା'କୁ ଏ ବିଷୟରେ ଜଣାଇଥାଏ ।



ପାଣି ଆଣିବାର ବେଳ



ଚାଉଳ ପ୍ରସ୍ତୁତି



ପାଣି ଆଣିବାର ବେଳ



ଚାଉଳ ପ୍ରସ୍ତୁତି

ତାପରେ ବେଜୁଣୀ ବା ବୈଦ୍ୟ ଯିଏ ଶୁଭାଶୁଭ ବେଳା ଜାଣିପାରୁଥିବ ତାକୁ ପଚାରି ତା'ର କେଉଁ ବେଳାଟି ଶୁଭ ଅଛି ସେ ବିଷୟରେ ତଥ୍ୟ ସଂଗ୍ରହ କରାଯାଇଥାଏ । ସେ ଶୁଭ ବେଳାଟି ଜଣାଇବା ପରେ ଘରର ଆଗ କିମ୍ବା ପଛ ବାରଣ୍ଡାରେ ତା'ପାଇଁ ତାଳପତ୍ରରେ ଏକ ସ୍ୱତନ୍ତ୍ର ଧରଣର କୁଡ଼ିଆ ତିଆରି କରି ଦିଆଯାଇଥାଏ । ସେହି କୁଡ଼ିଆ ଭିତରେ ଗୋଟିଏ ସପପକାଇ ଦିଆଯାଏ, ସପର ଚାରିକୋଣରେ ୪ଟି ଦୀପ ଜାଳି ଦିଆଯାଇଥାଏ । ଝିଅର ମାଇଁ ଏବଂ ଅନ୍ୟକେତେକ ସଧବା ମହିଳା ଝିଅକୁ ନେଇ ସପ ଉପରେ ବସାଇ ଦିଅନ୍ତି । ତାପରେ ସେହି ଘରେ ସେ ୭ଦିନ ଯାଏ ରହେ । ସପରେ ବସାଇବା ପୂର୍ବରୁ ସେମାନେ ଝିଅଟିକୁ ହଳଦୀ ଇତ୍ୟାଦି ଲଗାଇ ଗାଧାଇ ଦେଇଥାନ୍ତି । ଝିଅଟି ସେହିଠାରେ ୭ଦିନ ଅଲଗା ଭାବରେ ରହେ । ସେ କାହାରିକୁ ଛୁଏଁ ନାହିଁ, ଅଲଗାବାସନରେ ଖାଏ, ଇତ୍ୟାଦି ୭ ଦିନ ଭିତରେ ତାଙ୍କର ସବୁ ବନ୍ଧୁବାନ୍ଧବଙ୍କୁ ଏବିଷୟରେ ଜଣାଇ ଦିଆଯାଏ । ୭ ଦିନ ବନ୍ଧୁବାନ୍ଧବମାନେ ବହୁତ ଜିନିଷ ନେଇ ଆସିଥାନ୍ତି । ମାମୁ, ମାଇଁ ଝିଅ ପାଇଁ ଡ୍ରେସ୍ ନେଇ ଆସିଥାନ୍ତି ତା'ପରେ ଝିଅକୁ ମାଇଁ ଏବଂ ଅନ୍ୟ ସଧବା ସ୍ତ୍ରୀଲୋକମାନେ ମିଶି ସେହି ସପଉପରେ ବସିଥିବା ଅବସ୍ଥାରେ ତା'ଉପରେ ୩/୪ ଟୋପା ପାଣି ଢ଼ାଳି ଦିଅନ୍ତି । ତାପରେ ତା'କୁ ଭଲଭାବରେ ହଳଦୀ, ତେଲ ଲଗାଇ ଦେଇ ଆଉଥରେ ଗାଧେଇ ଦିଅନ୍ତି । ତାପରେ ସେ ଝିଅ ମନ୍ଦିର ଯାଏ ଏବଂ ଭୋଜିଭାତ କରି ସମସ୍ତଙ୍କୁ ଖାଇବାକୁ ଦିଆଯାଏ । ତାପରଠାରୁ ସେ ଝିଅ ସମସ୍ତଙ୍କୁ ଛୁଏଁ ଏବଂ ସାଧାରଣ ଲୋକ ପରି ଚଳାଚଳ କରିଥାଏ । ସେହିଦିନଠାରୁ ସେ ବିବାହ ଉପଯୋଗୀ ହୋଇଗଲା ବୋଲି ଧରାଯାଇଥାଏ ।

ତା'ପରେ ଝିଅର ବାହାଘର ପାଇଁ ବାପା, ମାଆ, ବରଖୋଜା ଆରମ୍ଭ କରିଦିଅନ୍ତି । ଯଦି ବାହାଘର ନହେଇ ପାରିଲା ତେବେ ବାହାଘର ଜଲଦି ହେବା ପାଇଁ ସେମାନେ ମଧ୍ୟ ଅନେକ ପୂଜାପାଠ କରିଥାନ୍ତି । ତା'ପରେ ଝିଅର ବାହାଘର ଯଥାବିଧି କରିଥାନ୍ତି । ସେ ବିଷୟରେ ସବିଶେଷ ବର୍ଣ୍ଣନା 'ଜୀବନଚକ୍ର' ଅଧ୍ୟାୟରେ କରାଯାଇଛି । ବାହାଘର ପରେ ବୋହୂଟିଏ ଘରର ସବୁକିଛି । ସେ ଘରେ ପାଦଦେବାପରେ ଘରର ସବୁ ଦାୟିତ୍ୱ ନେଇଥାଏ । ସେ ଯେତେବେଳେ ଗର୍ଭବତୀ ହୁଏ ସେତେବେଳେ ମଧ୍ୟ ସେମିତି କୌଣସି ପୂଜାବିଧି କରାଯାଇଥାଏ । କେବଳ ସାତମାସରେ ବାପଘରୁ ସ୍ୱାଦ ଅଣାଯିବା ବେଳେ ଛୁଆଟି ଭଲରେ ଭଲରେ ଜନ୍ମ ହେବାପାଇଁ ଠାକୁରଙ୍କ ପାଖରେ ପ୍ରାର୍ଥନା କରାଯାଇଥାଏ । ପିଲାପିଲି ନହେଲେ ମଧ୍ୟ ସେମାନେ ସେଥିପାଇଁ ଅନେକ ପୂଜା କରିଥାନ୍ତି ।

ଜଣେ ସ୍ତ୍ରୀ ଲୋକଙ୍କର ଯଦି ସ୍ୱାମୀ ମରିଯାଏ ତେବେ ମଧ୍ୟ ତାପାଇଁ ଏକ ସ୍ୱତନ୍ତ୍ର ପୂଜାବିଧିର ବ୍ୟବସ୍ଥା ରହିଛି । ଯଦି ସ୍ୱାମୀ ଆମେ ମରିଯାଏ ତେବେ ଦଶାହ ଦିନ ସ୍ତ୍ରୀ ମୁଣ୍ଡରେ ଓଢ଼ଣାଦେଇ ବସେ ଏବଂ ତା ଆଗରେ ଗୋଟିଏ ଥାଳିରେ ଗୁଡ଼ ଓ ପାଣି ଦୁଇଟି ଅଲଗା ଅଲଗା ପାତ୍ରରେ ରଖାଯାଏ । ତା'ପରେ ନିମନ୍ତ୍ରିତ ଅତିଥିମାନଙ୍କ ଭିତରୁ ଯିଏଯାହା ଦବାର କଥା ଯେମିତିକି ଶାଢ଼ି ଟଙ୍କା ପଇସା ଇତ୍ୟାଦି ଯିଏ ଯାହା ସାଙ୍ଗରେ ଆଣିଥା'ନ୍ତି ତାକୁ ଦେଇ ଉକ୍ତ ସ୍ତ୍ରୀଲୋକକୁ ଟିକିଏ  ଟିକିଏ ଗୁଡ଼ ଖୁଆଇ ଦିଅନ୍ତି । ଯାହାର ଯାହା ଇଛା ସେହି ଥାଳୀରେ ପକାଇଥା'ନ୍ତି । ଥାଳିରେ ପକାଯାଇଥିବା ଜିନିଷକୁ ସମସ୍ତେ ବ୍ୟବହାର କରିପାରିବେ । ମାତ୍ର ଯେଉଁ ଶାଢ଼ି ବା ଜିନିଷ ସେହି ସ୍ତ୍ରୀ ଲୋକ ଉପରେ ପକାଯାଏ ସେ ଜିନିଷକୁ ଅନ୍ୟ କେହି ବ୍ୟବହାର କରିପାରିବେ ନାହିଁ । ସେଗୁଡ଼ିକୁ କେବଳ ସେହି ବିଧବା ସ୍ତ୍ରୀ ଲୋକହିଁ ବ୍ୟବହାର କରିବ । ଅନ୍ୟସବୁ ପୂଜାପାଠ ପ୍ରାୟ ସମାନ ଥାଏ । କେବଳ ବିଧବା ସ୍ତ୍ରୀଲୋକର ଚୂଡ଼ି, ମୁଦି ଇତ୍ୟାଦି ଖୋଲି ଦିଆଯାଏ । ବିଧବା ସ୍ତ୍ରୀଲୋକମାନେ ଗୋଡ଼ରେ ମୁଦି କେବେବି ପିନ୍ଧନ୍ତି ନାହିଁ ।

ଜାତାପୁମାନେ ଅଧିକ ନହେଲେବି ଝିଅମାନଙ୍କୁ ପୁଅମାନଙ୍କଠାରୁ କମ୍ ଭଲ ପାଇଥାନ୍ତି । ହେଲେବି ଝିଅଟି ଘରର ଅନେକକିଛି ବୁଝିଥାଏ ଯେମିତିକି ସେ ଘରର କାମଦାମ କରିଦିଏ । ବିଲବାଡ଼ିରେ ମଧ୍ୟ କାମ କରିଥାଏ । ଘରଝାଡୁ କରିବା, ବାସନ ମାଜିବା, ଘର ଲିପିବା ଇତ୍ୟାଦିରେ ମା'ଙ୍କୁ ସାହାଯ୍ୟ କରିଥାଏ । ଏହାଛଡ଼ା ଝିଅମାନେ ମଧ୍ୟ ଜଙ୍ଗଲରୁ କାଠ ଆଣିବା, ଚଉପଦି, ଖଲି ଇତ୍ୟାଦି ତିଆରି କରିବା କାର୍ଯ୍ୟ ମଧ୍ୟ କରିଥାନ୍ତି । ସେମାନେ ମଧ୍ୟ ଘରର ସମ୍ମାନ ରୂପେ ପରିଗଣିତ ହୋଇଥା'ନ୍ତି । ତେଣୁ ସେମାନେ ଘର ବା ଘରର ଲୋକ ଉପରେ କିପରି ଆଞ୍ଚ ନଆସିବ ସେଥିପାଇଁ ସର୍ବଦା ଧ୍ୟାନ ଦେଇଥାନ୍ତି । ଝିଅଟିଏ ଘରେ ନଥିଲେ ଘର ଆଦୌ ଭଲ ଲାଗେନି, ଝିଅ ଯେମିତି କାମ କରି ଦେଇଥାଏ ପୁଅବା ବୋହୂ ସେତେ ଆଜ୍ଞାଧିନ ହୋଇ କାମକରି ପାରିବେନି ବୋଲି ଜାତପୁମାନେ କହିଥାନ୍ତି ।

ଜଣେ ଝିଅ ବାହାଘର ପରେ ବୋହୂ ହୋଇଥାଏ । ଜାତାପୁ ସମାଜରେ ପ୍ରାୟ ପୁଅମାନେ ବାହାଗର ପରେ ଅଲଗା ଘର କରି ରହିଥାନ୍ତି । ପ୍ରାୟତଃ ବୋହୂ, ପୁଅ, ଶାଶୂ, ଶ୍ୱଶୁର, ନଣନ୍ଦ, ଦିଅର ମିଳିମିଶି ରହିଥାନ୍ତି । ବୋହୂ ହିସାବରେ ସେ ଘରର ସମସ୍ତଙ୍କର ମନନେଇ ଚଳିଥାଏ । ବୋହୂମାନେ ମଧ୍ୟ ଅନ୍ୟ ସମାଜର ବୋହୂମାନଙ୍କ ପରି ଲାଜ କରି

ଘରକୋଣରେ ଲୁଚି ରହିଛନ୍ତି ବରଂ ସେମାନେ ପୁରୁଷମାନଙ୍କ ଅପେକ୍ଷା ଅଧିକ କାମ କରିଥାନ୍ତି । ସ୍ଥଳବିଶେଷରେ ସେମାନେ ତାଙ୍କର ମଦୁଆ ସ୍ୱାମୀମାନଙ୍କର ଭରଣ ପୋଷଣ ମଧ୍ୟ କରିଥାନ୍ତି । ବୋହୂ ହିସାବରେ ସେ ନିଜ ବାପଘର ପରିବାରକୁ ଭୂଲି ଶାଶୂଘରକୁ ଆପଣେଇ ନେଇଥାଏ । ଶାଶୂ ଶ୍ୱଶୁରଙ୍କୁ ଭକ୍ତି କରେ ଦେଢ଼ଶୁର, ଶ୍ୱଶୁରଙ୍କୁ ସମ୍ମାନଦେବାକୁ ଯାଇ ତାଙ୍କର ନାମ ଧରିନଥାଏ ।

ମା' ହେଉଛି ପରିବାରର ମୁଖ୍ୟ ଅଂଗ । ଅବଶ୍ୟ ଆଦିବାସୀ ସମାଜରେ ଖୁବ୍ ଛୋଟ ଦିନରୁ ଛୁଆମାନେ କାମ କରିବା ଆରମ୍ଭ କରିଦିଅନ୍ତି । ହେଲେ ବି ମା'ର ପଣତକାନି ସମସ୍ତଙ୍କ ପାଇଁ ଦରକାର ହୋଇଥାଏ । ମା' ଛୋଟ ଦିନରୁ ପିଲାମାନଙ୍କୁ ବିଭିନ୍ନ କାମ ଶିଖାଇଥାଏ । ବିଶେଷ କରି ଝିଅର ଦାୟିତ୍ୱ ମା' ଉପରେ ଥାଏ । ମା' ଶିଖାଇ ଥାଏ ଝିଅକୁ କିପରି ଘରର କାମ କରିବାକୁ ପଡ଼ିବ, କ'ଣ କଲେ ଶାଶୂଘରେ ତାକୁ ଆଉ ବେଶୀ କଷ୍ଟ କରିବାକୁ ପଡ଼ିବନି ସମସ୍ତେ ଖୁବ୍ ଭଲ ପାଇବେ । ମା' ଛୁଆ ଛୋଟ ଥିବା ବେଳେ ପ୍ରଥମ ୬ ମାସ ଆଦୌ ବାହାରକୁ କାମ କରିବାକୁ ଯାଇନଥାଏ, ତାପରେ କାମ କରିବାକୁ ଗଲେବି ଛୁଆକୁ ସାଙ୍ଗରେ ନେଇଯାଇଥାଏ । ଛୁଆଟି ଟିକେ ବଡ଼ ହେଲେ ମା' ଧିରେ ଧିରେ ତାକୁ ନିଜଠାରୁ ଦୂରେଇ ବଡ଼ ଭଉଣୀ, ଆଇ, ବୁଢ଼ୀମା ଇତ୍ୟାଦିଙ୍କ ପାଖରେ ଛାଡ଼ିଥାଏ । ଛୁଆର ଦେହ ଖରାପ ହେଲେ ମା' କେବେବି ତା'ର ସ୍ନେହ ଦେବାକୁ ପଛାଇନଥାଏ । ତାର ଜ୍ଞାନ ପରିସର ଭିତରେ ସେ ଯାହା କରିପାରିଥାଏ, ତା'ର ପାରୁପର୍ଯ୍ୟନ୍ତ ସେ କରି ଚାଲେ । ମା' ବୁଢ଼ୀ ହୋଇଗଲେ ପୁଅ ବାହା ହୋଇ ବୋହୂ ଆସିଲେ ବୋହୂ ମଧ୍ୟ ପରିବାର ବିଷୟରେ ଅବଗତ କରାଇଥାଏ । ତାକୁ ମଧ୍ୟ ବିଭିନ୍ନ ଗାଁ ଠଣା ଶିଖାଇଥାଏ । ମା' ମଧ୍ୟ ବିଲ ବାଡ଼ିରେ କାମ କରେ ଜଙ୍ଗଲରୁ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରି ଆଣିଥାଏ ।

ନାତୁଣୀ ହିସାବରେ ସେମାନେ ଜେଜେମା, ଜେଜେବାପାଙ୍କୁ ସମ୍ମାନ ଭକ୍ତି କରିବା ସହ, ଜେଜେମା, ଜେଜେବାପାଙ୍କ ସହିତ ଥଟା, ତାହା ହୋଇଥାନ୍ତି । ଜେଜେମା, ଜେଜେବାପା, ଅଜା, ଆଇ, ବାପ. ମା'ଙ୍କର ଅନୁପସ୍ଥିତିରେ ସେମାନଙ୍କର ଦାୟିତ୍ୱ ନେଇଥାନ୍ତି । ସେମାନେ ମଧ୍ୟ ବିଭିନ୍ନ ଗପ, ଗୀତ, ଲୋକକଥା ମାଧ୍ୟମରେ ସେହି ଜାତିର ଗୌରବ ଇତିହାସ ବିଷୟରେ ସେମାନଙ୍କୁ ଅବଗତ କରାଇଥାନ୍ତି । ନାତୁଣୀମାନେ ସେମାନଙ୍କର କଥାକୁ ମଧ୍ୟ ଖୁବ୍ ଧ୍ୟାନସହକାରେ ଶୁଣି ପାଳନ ମଧ୍ୟ କରିଥାନ୍ତି ।

ସ୍ତ୍ରୀ ହିସାବରେ ସେମାନେ ହୋଇଥାନ୍ତି ଅତ୍ୟନ୍ତ ପତିବ୍ରତା । ସେମାନେ ସ୍ୱାମୀ ଯାହାହେଲେ ବି ତାଙ୍କୁ କେବେବି ଅବମାନନା କରିନଥାନ୍ତି । ଘରର ଦାୟିତ୍ୱ ବୁଝିବା ସହିତ ସେମାନେ ମଧ୍ୟ ବିଲବାଡ଼ିରେ କାମକରିଥାନ୍ତି ଏହାଛଡ଼ା ଜଙ୍ଗଲକୁ ଯାଇ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ସେମାନେ ସମୟ ସମୟରେ ମଧ୍ୟ ନିଜ ରୋଜଗାରରେ ସ୍ୱାମୀକୁ ପୋଷିଥାନ୍ତି । ସେମାନେ ସ୍ୱାମୀର ପାଖେ ପାଖେ ରହି ସ୍ୱାମୀର ସୁଖଦୁଃଖର ସାଥି ହୋଇଥାନ୍ତି ।

ପଡ଼ୋଶୀ ମହିଳା ହିସାବରେ ଯେତେବେଳେ ପଡ଼ୋଶୀ ଘରେ ନରହନ୍ତି ତାଙ୍କର ଛୁଆପିଲାଙ୍କୁ ଏମାନେ ଦେଖିଥାନ୍ତି । ଏହାଛଡ଼ା ଜଙ୍ଗଲକୁ ଯିବାବେଳେ ପଡ଼ୋଶୀ ମହିଳାମାନେ ସାଙ୍ଗହୋଇ ଜଙ୍ଗଲକୁ ଯାଇଥାନ୍ତି । ଜଙ୍ଗଲକୁ ଯିବାଛଡ଼ା ବିଭିନ୍ନ ସାମାଜିକ କାର୍ଯ୍ୟାନୁଷ୍ଠାନରେ ମଧ୍ୟ ମହିଳାମାନେ ପରସ୍ପରକୁ ସାହାଯ୍ୟ କରିଥାନ୍ତି ।

**ଜାତାପୁ ମହିଳାଙ୍କ ସାମାଜିକ ଅବସ୍ଥା :**

ଜାତାପୁ ସମାଜରେ ଜଣେ ମହିଳାର ସାମାଜିକ ଅବସ୍ଥାକୁ ଲକ୍ଷ୍ୟ କଲେ ଦେଖାଦେଇଥାଏ ସେମାନେ ସମାଜରେ କେତେକ କ୍ଷେତ୍ରରେ ଆଗୁଆ ଥିବାବେଳେ କେତେକ କ୍ଷେତ୍ରରେ ପଛରେ ରହିଥାନ୍ତି । ସେମାନଙ୍କର ସାମାଜିକସ୍ଥିତି ଖରାପ ନୁହେଁ । ଅନ୍ୟ ଆଦିବାସୀ ଗୋଷ୍ଠୀର ମହିଳାମାନଙ୍କ ପରି ସେମାନଙ୍କ ଝିଅ ଖୁବ୍ ସ୍ୱାଧୀନତା ଉପଭୋଗ କରିଥାନ୍ତି ।

ମହିଳାମାନଙ୍କ ପାଇଁ ଖାଦ୍ୟରେ ସେମିତି କୌଣସି ବାରଣ ନଥାଏ । କେବଳ ଗର୍ଭବତୀ ଥିବା ବେଳେ କେତେକ ଖାଦ୍ୟ ବାରଣ କରାଯାଇଥାଏ ଅନ୍ୟ ସମୟରେ ସେ ସବୁ ପ୍ରକାର ଖାଦ୍ୟ ଖୁସିରେ ଗ୍ରହଣ କରିପାରିଥାଏ । ଖାଦ୍ୟ ଗ୍ରହଣରେ ସେ ସ୍ୱାଧୀନ ।

ଜାତାପୁମାନଙ୍କର ପାରମ୍ପାରିକ ରାଜନୈତିକ ସଂଗଠନ ପ୍ରାୟ ଲୁପ୍ତ ପ୍ରାୟ; ତେବେ ପାରମ୍ପାରିକ ଗ୍ରାମସଭାରେ ବା ପାରମ୍ପାରିକ ରାଜନୈତିକ ସଂଗଠନରେ ନାରୀମାନେ ଭାଗନେଇ ନଥାନ୍ତି । ମାତ୍ର ବର୍ତ୍ତମାନ ପଞ୍ଚାୟତିରାଜ ବ୍ୟବସ୍ଥାରେ ଝିଅବୋହୂମାନେ ରାଜନୀତିରେ ଭାଗନେଲେଣି । ସେଥିରେ କୌଣସି ବାରଣ ନାହିଁ ।

ଜାତାପୁ ସମାଜରେ ଝିଅମାନେ କେବେବି ବାପା ସମ୍ପତ୍ତିର ଉତ୍ତରାଧିକାରୀ ହୋଇନଥାନ୍ତି, କେବଳ ସେହି କ୍ଷେତ୍ରରେ ସେମାନେ ବାପାର ସମ୍ପତ୍ତି ଗ୍ରହଣ କରିଥାନ୍ତି ଯେତେବେଳେ ଓସା ଲୋକର କୌଣସି ପୁଅନଥାଏ ଏବଂ ସେ ମଧ୍ୟ ପୋଷ୍ୟପୁତ୍ର ଗ୍ରହଣ ନକରି ଜ୍ୱାଇଁକୁ ଘରେ ରଖିଥାଏ । ସେହିପରି ରଜନୀତି, ଧର୍ମ ଇତ୍ୟାଦି କ୍ଷେତ୍ରରେ ମଧ୍ୟ

ସେମିତି ସେମାନଙ୍କର କୌଣସି ଅଧିକାର କନ୍ୟାର ନଥାଏ । ଝିଅମାନେ କେବଳ ମା' ବାପଘରୁ ଆଣିଥିବା ଅଳଙ୍କାର ଇତ୍ୟାଦିରୁ କିଛି ନେଇପାରନ୍ତି ବା ମା'ତାକୁ ଖୁସିରେ ଦେଇଯାରେ । କିନ୍ତୁ ମା'କୁ ବାପା ଦେଇଥିବା ଦ୍ରବ୍ୟରେ ଝିଅର ଅଧିକାର ନଥାଏ ।

ଝିଅମାନେ ରାଜନୈତିକ ସଭାସ୍ଥଳୀକୁ ଯିବା ମନା । ଏକା ଏକା ଜଙ୍ଗଲ ଯିବାକୁ ବାରଣ ଥାଏ । ବିଭିନ୍ନ ପୂଜାସ୍ଥଳୀକୁ ମାସିକ ଋତୁସ୍ରାବ ସମୟରେ ଯିବାକୁ ନିଷେଧ କରାଯାଇଥାଏ । ଗର୍ଭବତୀ ସ୍ତ୍ରୀ ପାଇଁ ମଧ ଓ କାଳୀଙ୍କ ପାଖକୁ ଯିବା ପାଇଁ ବାରଣ ଥାଏ । ସେହିଭଳି ଝିଅ ହିସାବରେ ତାକୁ ହାଟ ବଜାର ଇତ୍ୟାଦି ଯିବାକୁ ମନା ନଥାଏ । ଅବଶ୍ୟ ସେ ହାଟରେ ଜିନିଷପତ୍ର ବିକାକିଣା ନିର୍ଦ୍ଵନ୍ଦ୍ୱରେ କରିପାରେ ।

ଧର୍ମକ୍ଷେତ୍ରରେ ସେମିତି କିଛି ବାରଣ ନଥାଏ । ହେଲେ ମହିଳାମାନେ କେତେକ ପୂଜାସ୍ଥାନକୁ ଆଦୌ ଯାଇନଥାନ୍ତି ତ କେତେକ ସ୍ଥାନକୁ କେବଳ ସ୍ୱତନ୍ତ୍ର ପୂଜା ବିଧି ସମୟରେ ହିଁ ଯାଇଥାନ୍ତି ।

ମହିଳାମାନଙ୍କୁ କଥାକହିବାରେ କୌଣସି ନିଷେଧା ଦେଶ ପାଳନକରିବାକୁ ପଡ଼ିନଥାଏ । ତଥାପି ବୋହୂମାନେ ଶାଶୂଘରେ ବେଶୀ ବଡ଼ ପାଟିରେ କଥା କୁହନ୍ତିନି । ଦେଢ଼ଶୁର ବା ଶ୍ୱଶୁରଙ୍କ ଆଗରେ ମଧ ସେମାନେ ସାମ୍ନା ସାମ୍ନିଭାବରେ କଥା କହନ୍ତି ନାହିଁ । ପ୍ରଥମ ରଜବତୀ ହେବା ସମୟରେ ୭ଦିନଯାଏ ଝିଅଟିଏ କୌଣସି ପୁଅ ସାଙ୍ଗରେ କଥା ହୋଇନଥାଏ । ସେହିପରି ମହିଳା ହିସାବରେ ତାକୁ ମଧ କେତେକ କାମ କରିବାକୁ ମନା କରାଯାଇଥାଏ ଯେମିତିକି ଜଣେ ମହିଳା ହଳକରିବନି, ଘର ଉପରେ ଚଢ଼ି ଘରଛପର କରିବନି ଏବଂ ଧାନ ଉଡ଼େଇ ବନି ଇତ୍ୟାଦି । ଏହାଛଡ଼ା ଜଣେ ଝିଅ ମଧ ଗଛଚଢ଼ିବା ମନା ।

## ଅର୍ଥନୈତିକ ଭୂମିକା :

ଜାତାପୁ ମହିଳାମାନେ ଘରର କାମକରିବା ସହିତ ବିଭିନ୍ନ ପ୍ରକାରର ବାହାରର କାମକରି ସ୍ୱାମୀର ଅର୍ଥନୀତିକୁ ସୁଦୃଢ଼ କରିଥାନ୍ତି । ଯେମିତିକି ସେମାନେ ଅନ୍ୟର ମୂଲଲାଗିପଇସା ଆଣିଥାନ୍ତି । ସେମାନେ ମଧ ଘରକାମ ସହିତ ବିଲବାଡ଼ିରେ କାମ କରନ୍ତି । ବଣ, ଜଙ୍ଗଲକୁ ଯାଇ କାଠ, ପତ୍ର ବିଭିନ୍ନ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ତାକୁ ବିକ୍ରିକରି ବେଶ୍ ଦୁଇ ପଇସା ପାଇଥାନ୍ତି । ସେମାନେ ଘରର କେତେ ଜଣ, ଖର୍ଚ୍ଚ କେଉଁଠି କିପରି ହେବ ସବୁ ବିଷୟରେ ଟିକିନିଖି ବୁଝିଥାନ୍ତି, ଅବଶ୍ୟ ଏଥିପାଇଁ ସେମାନେ ସ୍ୱାମୀର ବା ଅନ୍ୟ ଗୁରୁଜନଙ୍କର ମତାମତ ନେଇଥାନ୍ତି ।

**ସାମାଜିକ ଭୂମିକା :**

ମହିଳାମାନଙ୍କ ସମାଜର ସ୍ଥିତି ଅସମ୍ଭବ । ମହିଳାମାନେ ଶିଶୁମାନଙ୍କର ଲାଳନପାଳନଠାରୁ ଆରମ୍ଭ କରି ସେମାନଙ୍କୁ ବିଭିନ୍ନ କାମଦାମ ଶିଖାଇବାରେ ସିଦ୍ଧହସ୍ତ । ସ୍ନେହ ମମତା ଓ ଆଦର ସହକାରେ ସେ ବିଭିନ୍ନ ସଂପର୍କକୁ ଦାୟିତ୍ୱରେ ସହ ନିର୍ବାହ କରିଥାଏ ।

**ରାଜନୈତିକ ଭୂମିକା :**

ରାଜନୈତିକ କ୍ଷେତ୍ରରେ ଜାତାପୁ ମହିଳାମାନେ ଭାଗ ନେବା ସଂପୂର୍ଣ୍ଣ ନିଷେଧ । ସେମାନେ କୌଣସି ନିଷ୍ପତ୍ତି ଗ୍ରହଣ ବିଷୟ ଉପରେ ଭାଗ ନେଇନଥାନ୍ତି । ସେମାନେ ରାଜନୈତିକ ସଭା ଇତ୍ୟାଦିରେ ମଧ୍ୟ ଯୋଗ ଦେଇନଥାନ୍ତି ।

**ଧର୍ମୀୟ ଭୂମିକା :**

ଧାର୍ମିକ କ୍ଷେତ୍ରରେ ସେମାନଙ୍କର ଭୂମିକା ମଧ୍ୟ ଖୁବ୍‌କମ୍ । ସେମାନେ ବିଭିନ୍ନ ପ୍ରକାରର ଧାର୍ମିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିନଥାନ୍ତି । ଜଣେ ସ୍ତ୍ରୀଲୋକ ଦିଶାରୀ ହୋଇପାରେନା, ଋତୁସ୍ରାବ ସମୟରେ ଏବଂ ଗର୍ଭବତୀ ମହିଳାଙ୍କୁ ଠାକୁରଙ୍କ ପାଖକୁ ଯିବା ମନା । କେବଳ ନନ୍ଦିଆମା ଓଷାରେ ମହିଳାମାନେ ଅଂଶ ଗ୍ରହଣ କରି ସମସ୍ତ କାର୍ଯ୍ୟ ସମ୍ପାଦନ କରିପାରନ୍ତି । ଅନ୍ୟ ସମୟରେ ଠାକୁର ପାଖକୁ ଯାଆନ୍ତି ହେଲେ ଖୁବ୍ କମ୍ ।

ପୁରୁଷମାନଙ୍କ ପରି ସ୍ତ୍ରୀ ଲୋକମାନେ ଘରର ପୂଜାପର୍ବ ଇତ୍ୟାଦି କରିନଥାନ୍ତି ସତ, ହେଲେ ପୂଜାପର୍ବରେ ସେମାନଙ୍କର ସହାୟତା ଖୁବ୍ ରହିଥାଏ । ଘରର କୌଣସି ପୂଜା ହେବା ବେଳେ ସେମାନେ ସମସ୍ତ ପୂଜା ଉପକରଣ ସଂଗ୍ରହରେ ଯଥାଶକ୍ତି ସାହାଯ୍ୟ ଓ ସହଯୋଗ କରନ୍ତି । ପୂଜାର ସଂପାଦନା ଦିଗରେ ମଧ୍ୟ ଯତ୍ନବାନ ହୁଅନ୍ତି ଏବଂ ପୂଜା ପରେ ଖାଦ୍ୟ ପ୍ରସ୍ତୁତ କରିବା ଦାୟିତ୍ୱ ସେମାନଙ୍କର, ସେମାନେ ମଧ୍ୟ ପୂର୍ବ ପରମ୍ପରା ଇତ୍ୟାଦି ରକ୍ଷା କରିବାକୁ ଯାଇ ପୂଜାପୂର୍ବରୁ ଘରଦ୍ୱାର ଲିପା ପୋଛା ଝୋଟି ଦେବାର ପରମ୍ପରା ଥିଲେ ଝୋଟି ଦେବା ଇତ୍ୟାଦି କାର୍ଯ୍ୟ କରିଥାନ୍ତି ।

ମହିଳାର ମାତୃତ୍ୱରେ ପୂର୍ଣ୍ଣତା ସେତେବେଳେ ଆସେ ଯେତେବେଳେ ସେ ସନ୍ତାନକୁ ଜନ୍ମଦେଇ ଥାଏ । ଜଣେ ନିଃସନ୍ତାନ ମହିଳାର ସ୍ଥିତି ସମାଜରେ ସାମାନ୍ୟ କମ୍ । ଜାତାପୁ ସମାଜରେ ପିଲାନହେବା କାରଣ ଯିଏ ହେଉନା କାହିଁକି (ସ୍ୱାମୀ ବା ସ୍ତ୍ରୀ), ସ୍ତ୍ରୀକୁ

ହିଁ ସବୁ ନିନ୍ଦା ଅପବାଦ ସହିବାକୁ ପଡ଼ିଥାଏ । ଜଣେ ସନ୍ତାନହୀନ ମହିଳା ପାଇଁ ସୁବିଧା ସୁଯୋଗତ କିଛି ନଥାଏ ବରଂ ତାକୁ ସମସ୍ତେ ଟିକିଏ ନୀଚ ଦୃଷ୍ଟିରେ ଦେଖିଥାନ୍ତି । ତା'ର ମୁହଁ ଚାହିଁ ଶୁଭକାଂରେ ବାହାରିଲେ ଅଶୁଭହୁଏ ବୋଲି ସେମାନେ ମତବ୍ୟକ୍ତି କରିଥାନ୍ତି । ସେ ମଧ୍ୟ ବିଭିନ୍ନ ଧାର୍ମିକ କାର୍ଯ୍ୟ ଯଥା ବାହାଘର ଏବଂ ଅନ୍ୟାନ୍ୟ ପୂଜାପର୍ବରେ ଯୋଗ ଦେଇ ପାରିନଥାଏ । ବେଳେ ବେଳେ ମଧ୍ୟ ତା'ର ଏହି ଦୋଷପାଇଁ ସ୍ୱାମୀ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥାଏ ।

ଜାତାପୁ ସମାଜରେ ଗୋଟିଏ ସ୍ତ୍ରୀକୁ ପରିତ୍ୟାଗ କରିବାଟା ଏବେ ସହଜ ନହୋଇଥିଲେ ମଧ୍ୟ ଏହା ସେମାନଙ୍କ ମଧ୍ୟରେ ପ୍ରଚଳିତ । ସ୍ତ୍ରୀର କେତେକ ଦୋଷ ରହିଲେ ସ୍ୱାମୀ ତାକୁ ପରିତ୍ୟାଗ କରିଥାଏ । ଯେମିତିକି ବିବାହ ପରେ ଅନ୍ୟ କାହା ସହ କୁସମ୍ପର୍କ ସ୍ଥାପନ କରିବାର ଜଣାଗଲେ । ବିବାହ ପରେ ସନ୍ତାନସନ୍ତିତି ନହେଲେ ଇତ୍ୟାଦି । ପରିତ୍ୟକ୍ତା ମହିଳା ପାଇଁ କୌଣସି ସୁବିଧା ସୁଯୋଗ ନାହିଁ । ଜଣେ ପରିତ୍ୟକ୍ତା ତା ବାପଘରେ ରହିପାରେ ବା ନିଜ ଇଚ୍ଛାରେ କେଉଁଟି ରହିକାମ କରିପାରେ । ସ୍ୱାମୀ ତାର ଭରଣ ପୋଷଣ ଦାୟିତ୍ୱ ମଧ୍ୟ ନେଇ ନଥାଏ । ପରିତ୍ୟକ୍ତା ସ୍ତ୍ରୀର ସ୍ଥାନ ସମାଜରେ ମଧ୍ୟ ଟିକେ ନୀଚରେ ଥାଏ, ଯଦି ସେ ଦୁର୍ନାମ ନିଜ ଦୋଷରୁ ପରିତ୍ୟକ୍ତ ହୋଇଥାଏ ।

ଜାତାପୁ ସମାଜରେ ସ୍ୱାମୀ ମରିଗଲା ପରେ ସ୍ତ୍ରୀ ବିଧବା ହୋଇଯାଏ । ସେ ତା ଶାଶୁଘରେ ବିଧବା ଅବସ୍ଥାରେ ରହିଥାଏ । ଶାଶୂଘରର ଅନ୍ୟଲୋକେ ତା'ର ଦାୟିତ୍ୱ ନେଇଥାନ୍ତି । ଜଣେ ବିଧବା ମଧ୍ୟ ସବୁକ୍ଷେତ୍ରରେ ଶୁଭ ବୋଲି ଧରାଯାଇନଥାଏ । ଯେମିତିକି ଝିଅ ପ୍ରଥମ ରଜବତୀ ହେଲେ କେବଳ ସଧବାମାନେ ହିଁ ଝିଅକୁ ଗାଧେଇ ଦେବା ତାକୁ ନେଇ କୁଡ଼ିଆ ଘରେ ସପ ଉପରେ ବସାଇବା, ଦୀପ ଜାଳିବା ଆଦିକାମ କରିଥାନ୍ତି । ମାତ୍ର ବିଧବା ନୁହଁ । ଏହି ସମାଜରେ ବିଧବା ବିବାହ ଖୁବ୍ କମ୍ ଦେଖାଦେଇଥାଏ । ସ୍ୱାମୀ ମରିଯିବା ପରେ ବିଧବା ମହିଳାଟି ଘରର ଛୁଆପିଲାଙ୍କର ସବୁ ଦାୟିତ୍ୱ ମୁଣ୍ଡେଇ ଥାଏ । ସେ ମଧ୍ୟ ବିଭିନ୍ନ ଧାର୍ମିକ କାର୍ଯ୍ୟ ଇତ୍ୟାଦିରେ ଯୋଗ ଦେଇପାରିନଥାଏ । ତା'ର ମୁହଁ ଚାହିଁଲେ ଅଶୁଭ ବୋଲି ଧରାଯାଏ ।

କୁମାର୍ଗରେ ପରିଚାଳିତ ମହିଳାକୁ ସମସ୍ତେ ଘୃଣା କରନ୍ତି । ତା'ର ସ୍ଥାନ ସମାଜରେ ନଥାଏ । କୁମାର୍ଗରେ ପରିଚାଳିତ ମହିଳାର ଦୋଷକୁ ପ୍ରଥମଥର କ୍ଷମା କରାଯାଇ ତା'କୁ ବାଟକୁ ଅଣାଯାଏ ଯଦି ସେ ଠିକ୍ ବାଟକୁ ନଆସେ ତେବେ ସ୍ୱାମୀ ତାକୁ ପରିତ୍ୟାଗ କରିଥାଏ ।

ଜାତାପୁମାନେ ମଧ୍ୟ ଡ଼ାହାଣୀ ଉପରେ ଖୁବ୍ ବିଶ୍ୱାସ କରନ୍ତି । ତେବେ ସେମାନଙ୍କୁ ମୁହଁରେ କେହିଛିନ୍ନ ନ କହିଲେବି ପଛରେ ଘୃଣା କରିଥାନ୍ତି । ପାଖରେ ପଶିବାକୁ ସମସ୍ତେ ଡ଼ରିଥାନ୍ତି । ଡ଼ାହାଣୀକୁ ଦେଖିଲେ ତା'ଠାରୁ କେମିତି ଜଲ୍‌ଦି ଜଲ୍‌ଦି ପଳେଇବେ ସେ ବାଟ କରିଥାନ୍ତି । ସେମାନଙ୍କର ବିଶ୍ୱାସ ଡ଼ାହାଣୀ ସବୁବେଳେ ଅନ୍ୟର ଅନିଷ୍ଟ କରିବାରେ ବ୍ୟସ୍ତଥାଏ । ସେ ଛୁଆ, ଗର୍ଭବତୀ ମହିଳା ଇତ୍ୟାଦିଙ୍କ ପାଇଁ ଅତ୍ୟନ୍ତ ମାରାତ୍ମକ ।

ଯେତେବେଳେ ଗୋଟିଏ ମହିଳାର ବାପା, ମା' ମରିଯାଆନ୍ତି ସେତେବେଳେ ସେ ସମାଜରେ ଏକା ହୋଇଯାଏ । ତେଣୁ ତା'ର ଯଦି କେହି ନିକଟ ସଂପର୍କୀୟ ଥାଆନ୍ତି ତେବେ ସେମାନେ ତା'ର ଦାୟିତ୍ୱ ନେଇଥାନ୍ତି ନହେଲେ ସମାଜ ତା'ର ଦାୟିତ୍ୱ ନିଏ । ସେ ସମସ୍ତଙ୍କର ଝିଅପରି ପାଳିତ ହୋଇଥାଏ । ସେ ମଧ୍ୟ ଅନ୍ୟ ଝିଅମାନଙ୍କପରି କାମଦାମ କରି ଚଳିଥାଏ, ଉପଯୁକ୍ତ ବୟସ ହେଲେ ମାମୁଁ, କାକା ଇତ୍ୟାଦି ସଂପର୍କୀୟମାନେ ତା'ର ବିବାହ କରିଦେଇଥାନ୍ତି ।

ମହିଳା ଗୋତି – ଜାତାପୁ ସମାଜରେ ଗୋତି ପ୍ରଥା ଆଦୌ ନାହିଁ ।

ଶ୍ରମ ବିଭାଜନ – ମହିଳାମାନେ ପୁରୁଷମାନଙ୍କ ପରି ବିଲରେ କାମ କରିଥାନ୍ତି । ସ୍ୱାମୀକୁ ବିଭିନ୍ନ କାମରେ ସାହାଯ୍ୟ କରିଥାନ୍ତି, ଜଙ୍ଗଲ ଯାଇଥାନ୍ତି । ଘରେ ମଧ୍ୟ କାମ କରିଥାନ୍ତି । କେବଳ ହଳ କରିପାରି ନଥା'ନ୍ତି । ସେମାନେ ମଧ୍ୟ ଧାନ ଉଡେଇ ପାରିବେନି ଗଛ କାଟି ପାରିବେନି ଘର ଉପରେ ଚଢ଼ି ଘର ଛପର କରି ପାରିବେନି । ଘରର କାନ୍ଥ ଦେଇ ପାରିବେନି । ଏସବୁ କାମ ବ୍ୟତୀତ ପ୍ରାୟ ଅନ୍ୟ ସବୁକାମରେ ପୁରୁଷ ଲୋକପରି ସ୍ତ୍ରୀମାନେ ବି କାମକରିଥାନ୍ତି ।

ସେମାନେ ବିଭିନ୍ନ ଜିନିଷର କିଣାବିକା କରିବା ପାଇଁ ହାଟ ଇତ୍ୟାଦିକୁ ବା ପାଖ ବଜାରକୁ ଯାଇଥାନ୍ତି । ଏଥିରେ କୌଣସି ବାରଣ ନଥାଏ । ସେଠାରେ ସେମାନେ ବଳକା ଜିନିଷକୁ ବିକ୍ରୀ କରି ପ୍ରତିବଦଳରେ ଆବଶ୍ୟକୀୟ ଜିନିଷ ମଧ୍ୟ କିଣିବି ଆଣିଥାନ୍ତି । ଛୁଆମାନଙ୍କ ପାଇଁ ପୋଷାକ ପତ୍ର ଘରର ସଉଦା ଇତ୍ୟାଦି କିଣିବା କାମ ପୁରୁଷ ସାଙ୍ଗରେ ଯାଇ ସ୍ତ୍ରୀମାନେ କରିଥାନ୍ତି ।

ଅମଲବେଳେ ମଧ୍ୟ ସେମାନେ ଧାନକାଟିବା, ଧାନକୁ ବୋହି ଆଣି ଘରେ ରଖିବା, ଗଦାଦେବା, ଧାନପିଟିବା ଇତ୍ୟାଦି ସବୁ କାମ କରିଥାନ୍ତି ।

ଜାତାପୁ ସମାଜରେ ପିଲାଜନ୍ମ କରାଇବାପାଇଁ ଜଣେ ଜଣ ପାରମ୍ପାରିକ ଧାଇ ବା ଧାତ୍ରୀ ରହିଥାନ୍ତି । ସେମାନଙ୍କର ଗୋଟିଏ ଅଦିନ ଥାଏ ସେଇ ଅଞ୍ଚଳ ଭିତରେ

ସେମାନେ ଗର୍ଭବତୀ ମହିଳା ଓ ପ୍ରସୂତିଙ୍କର ଯତ୍ନ ନିଅନ୍ତି । ସେଥିପାଇଁ ସେ କୌଣସି ପ୍ରଶିକ୍ଷଣ ନେଇନଥାନ୍ତି । ସତ, ହେଲେ ଅଭିଜ୍ଞତାରୁ ବହୁତକିଛି ଜାଣିଥାନ୍ତି । ଘରେ ଘରେ ସେ ପରିଚିତ । ଲୋକେ ତାଙ୍କୁ ଖୁବ୍ ଭଲ ପାଇଥାନ୍ତି କାରଣ ଜନ୍ମ ଯନ୍ତ୍ରଣାରୁ ସେ ମଣିଷକୁ ଉଦ୍ଧାର କରିଥାଏ । ପିଲାଜନ୍ମ ହେବା ପୂର୍ବରୁ ସେ ପ୍ରସବ କଷ୍ଟ ହେବାଠାରୁ ପିଲାର ଜନ୍ମ କ୍ରିୟା ସରିବା ପର୍ଯ୍ୟନ୍ତ ଉପସ୍ଥିତ ରହିଥାନ୍ତି । ତା'ର ପ୍ରତିବଦଳରେ ତାଙ୍କୁ ସେମାନେ ଲୁଗା, ଖାଦ୍ୟ ସହ କିଛି ପାରିଶ୍ରମିକ ବି ଦେଇଥାନ୍ତି ।

ପରିବାରରେ ମହିଳାମାନଙ୍କୁ କିଛି ଖରାପ ନଜରରେ ଦେଖାଯାଇନଥାଏ । ଝିଅ ଜନ୍ମ ହେଲେ ସେମାନେ ଖୁସି ମଧ୍ୟ ହୋଇଥାନ୍ତି । ପରିବାର ଝିଅର ଲାଳନ ପାଳନ ଦାୟିତ୍ୱ ନେଇଥିଲେ ମଧ୍ୟ ସାହିପଡ଼ିଶା ଝିଅଟି ଉପରେ ନଜର ରଖିଥାନ୍ତି । ବିବାହପରେ ଶାଶୂଘର ଲୋକେ ତା'ର ସମସ୍ତ ଦାୟିତ୍ୱ ବହନ କରିବା ଫଳରେ ପିତୃପକ୍ଷ ମୁକ୍ତି ପାଇଥାନ୍ତି । ବାହାର ଲୋକମାନେ ଯଦି କେବେକେହି ତାଙ୍କ ଝିଅ, ବୋହୂଙ୍କୁ ଖରାପ ନଜରରେ ଦେଖନ୍ତି ତେବେ ସେମାନେ ତା'ର ଘୋର ବିରୋଧ କରିଥାନ୍ତି ।

ଜଣେ ଉତ୍ତ ମହିଳା ବିଷୟରେ ୬୦ ବର୍ଷର ଜଣେ ଜାତାପୁ ମହିଳା କାତ୍ରାକା ସକୁନ୍ତଳା କାଟିକି (୬୦ବର୍ଷ) କହନ୍ତି । ଜଣେ ଉତ୍ତମ ମହିଳା ସମସ୍ତଙ୍କୁ ନିଜର ଭାବିନ, ତା'ର ଚରିତ୍ର ଉତ୍ତମଥିବ । ସମସ୍ତଙ୍କ ଛୁଆମାନଙ୍କୁ ନିଜର ବୋଲି ଭାବୁଥିବ, କାହାରି ସହିତ କଳିଗୋଳ ସୃଷ୍ଟି କରୁନଥିବେ, ସମସ୍ତେ ଶ୍ରଦ୍ଧାରେ ଦେଉଥିବା ଜିନିଷକୁ ସାଦରେ ଗ୍ରହଣ କରୁଥିବ ।

ଜଣେ ସୁନ୍ଦରୀ ମହିଳା କହିଲେ ସାଧାରଣତଃ କମ୍ ବୟସର ମହିଳାଙ୍କୁ ସେମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଥାନ୍ତି ଯାହାରକି ରୂପତ ସୁନ୍ଦର ଥିବ ତା'ସହିତ ଗୁଣ ମଧ୍ୟ ସୁନ୍ଦରଥିବା ଅର୍ଥାତ ଜଣେ ଉତ୍ତମ ମହିଳା ରୂପରେ ସୁନ୍ଦର ହେଲେ ସେ ଜଣେ ସୁନ୍ଦରୀ ମହିଳା ବିନା ଦ୍ୱିଧାରେ ହୋଇପାରିବ । ରୂପ ସୁନ୍ଦର ନଥାଇ ଗୁଣ ସୁନ୍ଦର ଥିଲେ ତାଙ୍କୁ ଉତ୍ତମ ମହିଳା କୁହାଯାଇଥାଏ ।

ଜଣେ ପରିଶ୍ରମୀ ମହିଳା କହିଲେ ଯେଉଁ ମହିଳା ସବୁକାମ ବିନା ଦ୍ୱିଧାରେ କରିପାରୁଥିବା ଘରକାମ, ବାହାରକାମ ସବୁଥିରେ ଧୁରନ୍ଧର ଥିବ । ମାଣ୍ଡିଙ୍ଗ୍ ପାରବତୀ, (୫୪ବର୍ଷ) ସେ ପ୍ରଥମେ ବିବାହ କରିଥିଲେ । ଗୋଟିଏ ପୁଅ ହେବା ପରେ ସ୍ୱାମୀ ମରିଗଲେ ତେଣୁ ସେ ତାଙ୍କ ଦିଅରକୁ ପୁଣିଥରେ ବିବାହ କଲେ । ଏବେ ସେ ୫୪ ବର୍ଷର ହୋଇଥିଲେ ମଧ୍ୟ ଘରର ସମସ୍ତ କାର୍ଯ୍ୟ ଖୁବ୍ ଖୁସିରେ କରିଚାଲିଥାନ୍ତି ।

ଗାୟିକା – ଆଦିବାସୀ ଗୋଷ୍ଠୀରେ ପ୍ରାୟ ପ୍ରତ୍ୟେକ ମହିଳା ଗୀତଗାଇ ପାରନ୍ତି । ତଥାପି ଜଣଜଣଙ୍କଠାରେ ଏହା ହିସାବରେ ରହିଥାଏ ଯେମିତିକି ନିମାଲା ଉର୍ମିଳା, ୪୫ ବର୍ଷ । ସେ କାଟିକି ଗ୍ରାମର ବାସିନ୍ଦା । ସେ ଜଣେ ସୁଗାୟିକା । ନନ୍ଦିଆମା ଓଷାରେ ଯେଉଁଗୀତ ବୋଲା ପାଏ ତାକୁ ସବୁଲୋକ ଗାଇପାରିବେନି । ମାତ୍ର ଉର୍ମିଳା ଏହି ଗୀତ ଗାଇବାରେ ସିଦ୍ଧହସ୍ତ । ହୁଏତ ଏହା ଭଗବାନଙ୍କର ଦାନ ହୋଇପାରେ । ତାକୁ ସମସ୍ତ ଜଣେ ଉତ୍ତମ ହିସାବରେ ସମ୍ମାନ ଦେଇଥାନ୍ତି ।

ନର୍ତ୍ତକୀ – ଜାତାପୁର ଝିଅମାନେ ମଧ୍ୟ ବିଭିନ୍ନ ପର୍ବପର୍ବାଣୀ ଇତ୍ୟାଦିରେ ପୁଅମାନଙ୍କ ସାଙ୍ଗରେ ଘୁମୁର ନାଚନାଚି ଥାନ୍ତି । ସେମାନେ ପ୍ରାୟ ନାଚି ଶିଖିଥାନ୍ତି । ତେବେ କୌଣସି ଗୁରୁଙ୍କଠାରୁ ନୁହେଁ । ସେମାନେ ପାରମ୍ପରିକ ରୀତିରେ ଏହାକୁ ଶିଖି ଚାଲିଥାନ୍ତି ନିଜର ଗୁରୁଜନ ବା ମାନଙ୍କଠାରୁ ତେବେ ଆଜିକାଲି ନୃତ୍ୟଗୁରୁଙ୍କଠାରୁ ସେମାନେ ନୃତ୍ୟ ଶିକ୍ଷା କରିଲେଣି । ଦେବକୀ କାଡ୍ରାକା (୧୪ବର୍ଷ) ସେପରି ଜଣେ ନୃତ୍ୟ ଶିକ୍ଷାକରୁଥିବା ଝିଅ ।

ଉତ୍ତମ ଦମ୍ପତି – ବିବାହ ପରେ ସ୍ୱାମୀ, ସ୍ତ୍ରୀର ଏବଂ ସ୍ତ୍ରୀ, ସ୍ୱାମୀର ହେଲେ ସବୁ ସ୍ୱାମୀ, ସ୍ତ୍ରୀଙ୍କର ଜୀବନଶୈଳୀ ଏକା ନଥାଏ । ସେହି ଦମ୍ପତିଙ୍କୁ ଉତ୍ତମ ଦମ୍ପତି କୁହାଯାଇଥାଏ । ଯେଉଁ ଦମ୍ପତିଙ୍କ ମଧ୍ୟ ରହିଥାଏ । ଉତ୍ତମ ବୁଝାମଣା ଏବଂ ସେମାନେ ଘରର ଦାୟିତ୍ୱ ସୁରୁଖୁରୁରେ ତୁଲାଇ ପାରୁଥାନ୍ତି ।

**ମହିଳାଙ୍କ ପ୍ରତି ଦଣ୍ଡବିଧାନ :**

ମହିଳାମାନେ କୌଣସି ଖରାପ କାମକଲେ ତା'ର ଦୁର୍ଗୁଣ ୫ ଲୋକ ବସିଥିବା ସଭାରେ କୁହାଯାଇ ତାକୁ ଘୋର ଅପମାନ କରାଯାଏ । ବେଳେବେଳେ ଏଥିପାଇଁ ମାଡ଼ ମଧ୍ୟ ମରାଯାଏ । ଅତିଗୁରୁତର କ୍ଷେତ୍ରରେ ସ୍ତ୍ରୀକୁ ଛାଡ଼ପତ୍ର ଦିଆଯାଏ । ସ୍ତ୍ରୀର ଦୋଷପାଇଁ ସ୍ୱାମୀକୁ ମଧ୍ୟ ଧିକ୍‌କାର କରାଯାଏ, ବେଳେ ବେଳେ ସମାଜରୁ ବାସନ୍ଦ କରାଯାଇଥାଏ ।

ଏହି ସମାଜରେ ମହିଳାମାନଙ୍କ ଉପରେ ସେମିତି କୌଣସି ଆଧୁନିକ ସମାଜର ଅତ୍ୟାଚାର ପରି ଅତ୍ୟାଚାର ହୋଇନଥାଏ । ସେମାନଙ୍କୁ ପ୍ରାୟତଃ ପୁଅମାନଙ୍କ ଭଳି ଅନ୍ୟମାନେ ଭଲପାଇଥାନ୍ତି । ତଥାପି ମଧ୍ୟ ପୁଅକୁ ସେମାନେ ଝିଅମାନଙ୍କଠାରୁ ଅଧିକ ଭଲ ପାଇଥାନ୍ତି । ତେଣୁ ପିତୃମାତୃ ସ୍ନେହ ତା ପାଇଁ କମ୍ ହୋଇଯାଏ । ଏହାଛଡା ଶାଶୂଘରକୁ

ଯିବାପରେ ସେଠାରେ ସମସ୍ତଙ୍କ ମନନେଇ ତାକୁ ଚଳିବାକୁ ପଡ଼ିଥାଏ । ବେଳେ ବେଳେ ସବୁକରି ମଧ୍ୟ ସ୍ୱାମୀ ମଦପିଇ ସ୍ତ୍ରୀକୁ ଖୁବ୍ ମାଡ଼ ମାରିଥାଏ । ଝିଅମାନଙ୍କୁ ମଧ୍ୟ ଆଗରୁ ପାଠପଢ଼ିବାକୁ ବା ବାହାରକୁ ଯିବାରେ କାରଣ ଥିଲା । ତେଣୁ ଝିଅମାନେ କୂପମଣ୍ଡୁକ ହୋଇ ନିଜର ଦୁନିଆଁକୁ ସୀମିତ କରିନେଉଥିଲେ । ଏହାଛଡ଼ା ଯେହେତୁ ମହିଳା ତେଣୁ ତାକୁ ପାଦେପାଦେ ଜଗିରଖି ଚଳିବାକୁ ପଡ଼ିଥାଏ ନହେଲେ ନିନ୍ଦା, ଅପବାଦର ଅପବୃଷ୍ଟି ହୋଇଯାଏ ତା ଉପରେ । ମହିଳା ମାନଙ୍କୁ ମଧ୍ୟ ଖୁବ୍ କାମ କରିବାକୁ ପଡ଼େ ଘରର ଯାବତୀୟ କାମ, ପିଲାଛୁଆଙ୍କ କଥା ବୁଝିବା ପରେ ବି ତା'କୁ ବିଲବାଡ଼ି ଇତ୍ୟାଦିରେ କାମକରିବାକୁ ପଡ଼ିଥାଏ ।

ପ୍ରଥମେ ଝିଅଟିଏ ଜନ୍ମ ହେବାପରେ ଛୋଟବେଳୁ ପ୍ରଥମେ ତାକୁ ଝିଅ, ପୁଅର ପ୍ରଭେଦ ଭିତରେ ଗତିକରିବାକୁ ପଡ଼ିଥାଏ । ଟିକିଏ ବଡ଼ ହୋଇଗଲେ ତାକୁ ଘରର କାମଧନ୍ଦା ସହ ବାପା'ମାଙ୍କର ଅନୁପସ୍ଥିତିରେ ସାନଭାଇ ଭଉଣୀର ଦାୟିତ୍ୱ ଇତ୍ୟାଦି ନେବାକୁ ପଡ଼ିଥାଏ ତାପରେ ପୁଣି ପୂର୍ଣ୍ଣତା ଆସିବା ପରେ ତାପାଇଁ ଥାଏ ଅନେକ ବାରଣ ଯେମିତିକି ଏଠିକି ଯିବୁନି, ଏଇଆ କରିବୁନି ସେଇଆ କରିବୁ ଇତ୍ୟାଦି । ତାପରେ ବିବାହ ସୂତ୍ରରେ ବାନ୍ଧି ହେବାପରେ ସଂପୂର୍ଣ୍ଣ ଘରର ଦାୟିତ୍ୱ ଆସିଯାଏ । ତା ଉପରେ ଘରୁ ଆସି ଅନ୍ୟ ଘରେ ସମସ୍ତଙ୍କର ମନନେଇ ଚଳିବାକୁ ପଡ଼ିଥାଏ । ସେଥିରେ ପୁଣି ଟିକିଏ ଅସୁବିଧା ହେଲେ ତାକୁ ଅନେକ କଥା ସହିବାକୁ ପଡ଼ିଥାଏ । ବେଳେବେଳେ ସ୍ୱାମୀର ନିର୍ଯ୍ୟାତନା ମଧ୍ୟ ସହିବାକୁ ପଡ଼େ । ବୋହୂ ହିସାବରେ ଅନେକ ନୀତିନିୟମ ଭିତରେ ବାନ୍ଧି ହୋଇ ରହିବାକୁ ପଡ଼େ । ସେଥିରେ ପୁଣି ଯଦି ସନ୍ତାନସନ୍ତତି ନହେଲା ବା ସ୍ୱାମୀ ମରିଗଲା ତା'ର କପାଳପାଟିଲା ଜାଣ । ସତେ ଯେମିତି ଏସବୁ ପାଇଁ ସେହି ଦାୟୀ । ସବୁ ମୁଣ୍ଡପାତି ସେ ସହିଥାଏ । ତା'ପରେ ବୋହୂଙ୍କର ନିର୍ଯ୍ୟାତନା ମଧ୍ୟ ତାକୁ ସହିବାକୁ ପଡ଼ିଥାଏ । ବୃଦ୍ଧ ଅବସ୍ଥାରେ ଯଦି ରୋଗପ୍ରପୀଡ଼ିତ ହେଲା ସେଇଟା ମଧ୍ୟ ତା ପାଇଁ ନର୍କଦଣ୍ଡ ଏସବୁକୁ ଛାଡ଼ିଦେଲେ ଦୈନନ୍ଦିନ ଜୀବନରେ ଖାଦ୍ୟରେ, ପାଠ ପଢ଼ାରେ ଓ ଅନ୍ୟାନ୍ୟ କାମରେ ମଧ୍ୟ ସେ କେତେକ ଅସୁବିଧାରେ ସମ୍ମୁଖୀନ ହୋଇଥାଏ ।

ଆଦିବାସୀ ଗୋଷ୍ଠୀରେ ଝିଅ, ପୁଅ ମଧ୍ୟରେ ଏତେଟା ପାର୍ଥକ୍ୟ ନଥିଲେ ମଧ୍ୟ ସେମାନେ ପୁଅକୁ ଅଧିକ ଚାହିଁଥାନ୍ତି କାରଣ ପୁଅ ତାଙ୍କର କୂଳରକ୍ଷା କରିବ, ପୁଅ ମଲାବେଳେ ମୁହଁରେ ନିଆଁ ଦେବ ପୁଅ ସବୁଦିନ ତାଙ୍କ ପାଖରେ ରହିବ ଇତ୍ୟାଦି । ତେଣୁ ସେମାନେ ପ୍ରଥମରୁ ହିଁ ପୁଅଟିଏ ଚାହିଁଥାନ୍ତି ।

ପ୍ରାୟ ଝିଅମାନଙ୍କୁ ସବୁପ୍ରକାର କାମ ଯଥା ବିଲବାଡ଼ି ଘରକାମ ଇତ୍ୟାଦିରେ ଲଗାଇଥାନ୍ତି । ଲିଙ୍ଗ ଭେଦରେ ଝିଅମାନେ ପୁଅମାନଙ୍କଠାରୁ ଅଧିକ ପରିଶ୍ରମୀ ଥିବାର ଦେଖାଯାଇଥାଏ । ଝିଅମାନେ କେବଳ ହଳକରିବା, ଘର ଛପର କରିବା, ଧାନ କୁଲାରେ ଧରି ଉଡ଼େଇବା କାମରୁ ନିବୃତ୍ତ ରୁହନ୍ତି । ଏହା ସେମାନଙ୍କର ପରମ୍ପରା ବାହାରେ ହେଲେ ଅନ୍ୟ ସବୁ କାମ ପ୍ରାୟ ଝିଅମାନେ କରିଥାନ୍ତି । କେହି କୌଣସି ସଂବେଦନା ପ୍ରକାଶ କରିନ୍ତି ନାହିଁ । ଝିଅମାନେ ମଧ୍ୟ ହାଟ ବଜାର ଇତ୍ରାଦିକୁ ଯାଇ କ୍ରୟ, ତଥା ବିକ୍ରୟ ଇତ୍ୟାଦି କାର୍ଯ୍ୟ କରିଥାନ୍ତି । ସେମାନେ ମଧ୍ୟ ଘରର ସମସ୍ତ ଦାୟିତ୍ୱ ନେଇଥାନ୍ତି  କାରଣ ସ୍ୱାମୀମାନେ ମଦପିଇ ଅନେକ ସମୟରେ ମାତାରେ ହୋଇ ରହିଥାନ୍ତି । ଝିଅମାନଙ୍କୁ ଯଦି ନୀଚ ଦୃଷ୍ଟିରେ ଦେଖାଯାଇଥାଏ ତେବେ, ଏହା ଘଟେ ପୁରୁଷମାନଙ୍କ ଉପରେ ତାଙ୍କର ନିର୍ଭରଶୀଳତା ଯୋଗୁଁ

■ ■

# ଲୋକ ପରମ୍ପରା

ମଣିଷ ଏକ ସାମାଜିକ ପ୍ରାଣୀ ସମାଜ ବିନା ତା'ର ଅସ୍ତିତ୍ୱ କଳ୍ପନା କରାଯାଇ ପାରେନା ତେବେ ସମାଜକୁ ସୁନ୍ଦର, ସୁସଂଗଠିତ କରି ଗଢ଼ି ତୋଳିବା ପାଇଁ ପ୍ରତ୍ୟେକ ସମାଜରେ ରହିଥାଏ କେତେକ ସ୍ୱତନ୍ତ୍ର ବିଧିବିଧାନ । ଏହି ବିଧିବିଧାନ ପାରମ୍ପାରିକରୀତିରେ ଚାଲି ଆସିଥାଏ ତାକୁ ଆମେ ପରମ୍ପରା ନାମରେ ନାମିତ କରିଥାଉ । ପରମ୍ପରାର ରୂପ ସଂସ୍କୃତି ଅନୁସରଣ କରିଥାଏ । ଅର୍ଥାତ ପ୍ରତ୍ୟେକ ସଂସ୍କୃତିର ରହିଥାଏ ଏକ ସ୍ୱତନ୍ତ୍ର ପରମ୍ପରା ବିନା ଏହା ଗୋଟିଏ ସଭ୍ୟତାକୁ ଗଢ଼ିତୋଳିଥାଏ । ସେହି ସଂସ୍କୃତିକୁ ଅନ୍ୟଠାରୁ ପୃଥକ୍ ବୋଲି ଚିହ୍ନାଇ ଦିଏ । ପରମ୍ପରା ମଧ୍ୟରେ ରହିଥାଏ ଲୋକଗୀତ, ଲୋକନୃତ୍ୟ, ସେମାନଙ୍କର ଆଚାର, ବ୍ୟବହାର ଇତ୍ୟାଦିର ସ୍ୱତନ୍ତ୍ରତା । ପୁନଶ୍ଚ କଥାକୁ ସୁନ୍ଦର କରିବା ପାଇଁ କଥା ସାଙ୍ଗରେ ରହିଥାଏ କେତେକ ଲଥା ଢ଼ଗଢ଼ମାଳିର ବ୍ୟବହାର ।

ଆଦିବାସୀ ସଂସ୍କୃତି ସଭ୍ୟତାର ଅବସ୍ଥିତ ଅନୁଯାୟୀ ପୃଥକ । ବଣ, ଜଙ୍ଗଲ, ପାହାଡ଼ ଘେରା ଅଞ୍ଚଳ ମଧ୍ୟରେ ରହି ଆଦିବାସୀମାନେ ପ୍ରକୃତିକୁ ଆପଣାର କରିଥାନ୍ତି । ଜୀବନଧାରଣ ପାଇଁ ସେମାନଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼େ । ଶ୍ରମକ୍ଳାନ୍ତ ଜୀବନର ନିତ୍ୟନୈମିତ୍ତ୍ୟ ମଧ୍ୟରେ ସେମାନେ ତଥାପି ଜୀବନକୁ କରି ପାରିଥା'ନ୍ତି ସରସ ଓ ସୁନ୍ଦର । ଉଦାହରଣ ସ୍ୱରୂପ ପ୍ରତ୍ୟେକ ଆଦିବାସୀ ସୁଖରେ ରହିଥାଏ ମଧୁର ସଂଗୀତର ମୂର୍ଚ୍ଛନା ତାହା ତାଳବିହୀନ ହୋଇ ପାରେ ମାତ୍ର ସେଥିରେ ଜୀବନର ଯେଉଁ ଛନ୍ଦ ଉକୁଟି ଉଠୁଥାଏ ତାହା ସ୍ୱତନ୍ତ୍ର । ଗୀତଗାଇବାରେ ବା ନାଚିବାରେ ସେମାନେ ତଳେ ମାତ୍ର ଦ୍ୱିଧା ପ୍ରକଟ କରି ନଥା'ନ୍ତି ।

ସେମାନଙ୍କ ସହିତ ଜଡ଼ିତ କିମ୍ବଦନ୍ତୀଗୁଡ଼ିକ ହିଁ ପ୍ରଚାର କରିଥାଏ ସେମାନଙ୍କର ଅତୀତରେ ଉତ୍ପତ୍ତି ଗାଥା, ପ୍ରଦାନ କରିଥାଏ ସେମାନଙ୍କର ସ୍ୱତନ୍ତ୍ର ପରିଚୟ । ସେହିପରି ଜାତାପୁ ଜୀବନ ଶୈଳୀର ମଧ୍ୟ ରହିଛି ଏକ ସ୍ୱତନ୍ତ୍ର ଲୋକପରମ୍ପରା ସେ ବିଷୟରେ ସବିଶେଷ ବର୍ଣ୍ଣନା କରାଗଲା ।

ଜାତାପୁମାନେ ମୁଖ୍ୟତଃ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ବାସ କରିଥାନ୍ତି । ଓଡ଼ିଶାରେ ଏମାନେ ବାସ କରୁଥିଲେ ମଧ୍ୟ ଅନ୍ୟ ଆଦିବାସୀ ଗୋଷ୍ଠୀମାନଙ୍କ ପରି ସେମାନଙ୍କର କୌଣସି ସ୍ୱତନ୍ତ୍ର ଭାଷା ନଥାଏ, ସେମାନେ ତେଲୁଗୁ ଭାଷାରେ କଥାବାର୍ତ୍ତା କରିଥାନ୍ତି । ଦେଖିବାକୁ ଗଲେ ଅନ୍ୟ ଆଦିବାସୀମାନଙ୍କ ତୁଳନାରେ ଏମାନେ ଖୁବ୍ ଉନ୍ନତ ଏବଂ

ଏମାନଙ୍କର କୋଟୋଟି ଭିନ୍ନତା ପରିଲକ୍ଷିତ ହୁଏ ଯେପରି ଏହି ସଂପ୍ରଦାୟରେ କନ୍ୟା ସୁନା ଦେବାର ପ୍ରଥା ପ୍ରାୟ ଦେଖାଯାଇ ନଥାଏ । ସେମାନଙ୍କର ଅନ୍ୟ ଆଦିବାସୀମାନଙ୍କପରି କୌଣସି ସ୍ୱତନ୍ତ୍ର ବେଶଭୂଷା, ପୋଷାକ ବା ଅଳଙ୍କାର ନଥାଏ ବା ସେମାନଙ୍କୁ ଚିହ୍ନିବା ପାଇଁ ସେମିତି କୌଣସି ଶାରୀରିକ ବୈଶିଷ୍ୟ ରହିନଥାଏ । ହେଲେ ସେମାନେ ସେମାନଙ୍କର ଉତ୍ପତ୍ତିର କାହାଣୀଙ୍କୁ ଆଖି ଆଗରେ ରଖି ନିଜକୁ ପ୍ରଥମ ଆଦିବାସୀ ସନ୍ତାନ ଏବଂ ପାଣ୍ଡୁଙ୍କର ବଂଶଧର ବୋଲି ଦାବୀ କରନ୍ତି । ସେମାନେ ମଧ୍ୟ ନିଜକୁ ଏକ ଶ୍ରେଷ୍ଠ ଆଦିମ ଅଧିବାସୀ ରୂପେ ପରିଗଣିତ କରିଥାନ୍ତି ଏବଂ ବ୍ରହ୍ମଣାଠାରୁ ମଧ୍ୟ ସେମାନେ ଉଚ୍ଚଗୋଷ୍ଠୀର ବୋଲି କହନ୍ତି । ଫଳରେ ସେମାନେ ପ୍ରାୟତଃ ଅନ୍ୟ ଆଦିବାସୀ ଗୋଷ୍ଠୀଙ୍କ ହାତର ଖାଦ୍ୟ ଦ୍ରବ୍ୟ ଗ୍ରହଣ କରି ନଥା'ନ୍ତି କି ସ୍ୱଗୃହରେ ପ୍ରବେଶ ଅଧିକାର ଦିଅନ୍ତି ନାହିଁ ।

ସେମାନଙ୍କର ଉତ୍ପତ୍ତିକୁ ନେଇ ଅନେକ ସୁନ୍ଦର ପୌରାଣିକ ଉପାଖ୍ୟାନ ରହିଛି ।

## କିମ୍ବଦନ୍ତୀ, ଲୋକକଥା, ଲୋକନୃତ୍ୟ ଓ ଲୋକଗୀତ :

ଲୋକକଥା ହେଉଛି ଅତୀତର ମୂକସାକ୍ଷୀ, ଲୋକକଥା ହିଁ ଗୋଟିଏ ଜାତିର ଉତ୍ପତ୍ତି, ଇତିହାସ ବିଷୟରେ ସୂଚନା ପ୍ରଦାନ କରିଥାଏ । ଅନ୍ୟ ଆଦିବାସୀ ଗୋଷ୍ଠୀଙ୍କ ପରି ଜାତାପୁମାନଙ୍କ ମଧ୍ୟରେ ମଧ୍ୟ ଏବେବି ମୁଖସ୍ଥ ହୋଇ ରହିଛି । କେତେକ ଲୋକକଥା ଯେଉଁ ସବୁ ସେମାନଙ୍କର ଉତ୍ପତ୍ତି କେବେ କିପରି କେଉଁଠି କାହାଦ୍ୱାରା ହୋଇପାରିଛି ସେ ବିଷୟରେ ଅନେକ ତଥ୍ୟ ମିଳିଥାଏ । ଅନ୍ୟ ଆଦିବାସୀମାନଙ୍କ ପରି ସେମାନେ ମଧ୍ୟ ବିଭିନ୍ନ ପ୍ରକାର ବାଜା ବଜାଇ (ତାମ୍ଫୁ) ବାଜା ବଜାଇ ଘୁମୁର ନାଚ କରିଥାନ୍ତି । ଏହା ତାଙ୍କର ଲୋକନୃତ୍ୟ ହିସାବରେ ଜଣାଶୁଣା । ବାହାଘର, ବିଭିନ୍ନ ପର୍ବ ପର୍ବାଣୀ ଯଥା ଘଣ୍ଟୁଆ ପର୍ବ, ଗ୍ରାମଦେବୀ ପୂଜା ଇତ୍ୟାଦି ବେଳେ ସେମାନେ ନିଶ୍ଚୟ ନୃତ୍ୟ କରିଥାନ୍ତି । ପାଦରେ ପାଦ ମିଳାଇ ତାମ୍ଫୁ ବାଜାର ତାଳେ ତାଳେ ଦୋହଲି ଦୋହଲି ପୁଅ, ଝିଅ ମିଳିମିଶି ନୃତ୍ୟ କରନ୍ତି ।

## ମାପ ପଦ୍ଧତି :

ଜାତାପୁମାନେ କୃଷିଜୀବୀ । ସେମାନେ ଅଧିକ ପରିମାଣରେ ଚାଷ କରିଥାନ୍ତି ଏବଂ ବିଭିନ୍ନ ପ୍ରକାରର ଖାଦ୍ୟଶସ୍ୟ ମଧ୍ୟ ଉତ୍ପାଦନ କରିଥାନ୍ତି । ସେଥିପାଇଁ ଅନ୍ୟ ଆଦିବାସୀମାନେ ସେମାନଙ୍କୁ ମହାଜନ ଗୋଷ୍ଠୀ ନାମରେ ନାମିତ କରିଥାନ୍ତି ।

ଯେହେତୁ ସେମାନେ ବିଭିନ୍ନ ଖାଦ୍ୟଶସ୍ୟ ଉତ୍ପାଦନ କରିଥାନ୍ତି ଏବଂ ଏହି ଖାଦ୍ୟ ଶସ୍ୟର ଅଦଳବଦଳ କରିଥାନ୍ତି ତେଣୁ ଏହାକୁ ମାପିବାର ବ୍ୟବସ୍ଥା ରହିଥାଏ । ଏଥିପାଇଁ ସେମାନେ ବିଭିନ୍ନ ଉପକରଣର ବ୍ୟବହାର କରିଥାନ୍ତି । ଶସ୍ୟ ମାପିବା ପାଇଁ ବ୍ୟବହାର କରୁଥିବା ବିଭିନ୍ନ ଉପକରଣ ଗୁଡ଼ିକହେଲା । ମୁରା / ସଲା ( ୨୫୦ ଗ୍ରାମ) ବୁଡ଼ା / ତାଓ୍ୱା (ଆଧାକେଜି) ତୁମୁ / କୁଅମ (୩କେଜି) ଓ ଆଡ଼ା ( ୧କି.ଗ୍ରା.) । ଏହାଛଡ଼ା ସେମାନେ ମଧ୍ୟ ମାଣ, ପୁଟି, ଓ ଡ଼ୋଲି, ଗଡ଼ିଶା ଇତ୍ୟାଦିର ବ୍ୟବହାର କରିଥାନ୍ତି ।

୨୦ ମାଣରେ = ୧ପୁଟି ୧୫ପୁଟି = ୧ ଡ଼ୋଲି (୧ ଶଗଡେ), ୨୦ ପୁଟି =୧ (ଗଡ଼ିଶା) ତରଳ ପଦାର୍ଥର ମାପ ମଧ୍ୟ ଏହି ସବୁ ଉପକରଣ ସାହାଯ୍ୟରେ କରିଥାନ୍ତି । ଏହାଛଡ଼ା ସେମାନେ ବିଭିନ୍ନ ସ୍ଥାନରୁ ବିଭିନ୍ନ ସ୍ଥାନକୁ ଦୂରତା ଇତ୍ୟାଦି ମାପିବା ପାଇଁ 'ଫାର୍‌ଲାଙ୍ଗ' ବ୍ୟବହାର କରିଥାନ୍ତି ।

୧ ଫାରଲାଙ୍ଗ୍ = ୨୮୦ ଗଜ / ୨୨୦ ଗଜ

୧ ଗଜ = ୨ ହାତ

୧ ହାତ = ୨ ଚାଖଣ୍ଡ

୫୦୦ ଗଜ = ୧ ମାଇଲ୍ । ୧ କୋସ୍ = ୮ ମାଇଲ୍ ,ଫୁଟ (ଆଡ଼ଗ୍ର), ଚଖଣ୍ଡ (ଜେଣ୍ଡାତ୍ରୁ), ହାତ (ମୁରତ୍ରୁ), ଗଜ (ଗାଜମ୍), ମାଇଲ(ମାଇଲ୍ରୁ) ଏହିପରି ସେମାନେ ହାତ, ଚାଖଣ୍ଡ, ଗଜ, ମାଇଲ ଇତ୍ୟାଦିର ବ୍ୟବହାର କରିଥାନ୍ତି ।

ଉଚ୍ଚତା ମାପିବା ପାଇଁ ସେମାନେ ମୁଖ୍ୟତଃ ହାତର ବ୍ୟବହାର କରିଥାନ୍ତି ଯେମିତିକି ୨ ହାତ, ୪ହାତ ଇତ୍ୟାଦି ଆଗରୁ ମଧ୍ୟ ଜମି ମାପିବା ବେଳେ ସେମାନେ ହାତର ବ୍ୟବହାର କରୁଥିଲେ ।

## ନିଆଁ ବାହାର କରିବା ପଦ୍ଧତି:

ଆଗକାଳରେ ଯେତେବେଳେ ଦିଆସିଲିର ପ୍ରଚଳନ ନଥିଲା, ସେତେବେଳେ ମଧ୍ୟ ଏହି ଜାତାପୁମାନଙ୍କୁ ନିଆଁ ବାହାର କରିବାର ପ୍ରଣାଳୀ ଜଣାଥିଲା । ନିଆଁ ବାହାର କରିବା ପାଇଁ ସେମାନେ ପଥରକୁ ପଥର ଦେହରେ ଘଷୁଥିଲେ ବା ପଥରକୁ ପଥରରେ ବାଡ଼େଇ ଝଙ୍କମକି ତିଆରି କରୁଥିଲେ । ଏହାଛଡ଼ା ସେମାନେ ମଧ୍ୟ ବାଉଁଶ କାଠକୁ ବାଉଁଶରେ ଘଷି ନିଆଁ ବାହାର କରୁଥିଲେ ।

## ଗୁଣ ଜାଣିବା :

ଜାତାପୁମାନେ ଆଦିବାସୀ ଗୋଷ୍ଠୀ ହେଲେ ମଧ୍ୟ ସେମାନେ ଖୁବ୍ ଉନ୍ନତ ଏବଂ ସେମାନଙ୍କର ଚିନ୍ତାଧାରା ମଧ୍ୟ ଖୁବ୍ ଉନ୍ନତ । ସେମାନେ ଭଲ, ମନ୍ଦ, ପାପ, ଉତ୍ତମଗୁଣ, ଶୁଭ, ଅଶୁଭ, କୃପଣ, ଲୋଭୀ ଧର୍ମପରାୟଣ ଏସବୁ ବିଷୟରେ ମତାମତ ଦେଇ ପାରିଥାନ୍ତି ।

ଜାତାପୁମାନଙ୍କ ଧାରଣାରେ ଭଲ ମଣିଷଟିଏମାନେ ଖୁବ୍ ସ୍ନେହୀ । ସେମାନେ କାହାକୁ ମନ୍ଦ କହିନଥାନ୍ତି ସମସ୍ତେ ସେମାନଙ୍କ ଆଖିରେ ଭଲ । ପରଶ୍ରୀକାତରତା, ହିଂସା, ଦ୍ୱେଷ ଇତ୍ୟାଦିକୁ ସେମାନେ ମନ୍ଦଗୁଣ ଭାବରେ ଇଙ୍ଗିତ କରିଥାନ୍ତି । ମନ୍ଦକୁ ଜାତାପୁ ଭାଷାରେ "ବାରୁଲେବୁ" କୁହାଯାଏ ।

ପାପକୁ ସେମାନେ 'ପାପମ୍' କହିଥାନ୍ତି । ସେମାନଙ୍କ ମତରେ ଜୀବହତ୍ୟା, ନିରୀହ ଲୋକଙ୍କୁ ଦଣ୍ଡ ଦେବା, ଲୋକ ବା ଜନ୍ତୁକୁ ହିଂସା କରିବା, ଚୋରିକରି ନିଜପାଇଁ ବ୍ୟବହାର କରିବା ବା ଚୋରି ଧନକୁ ନିଜକାମରେ ଲଗାଇବା ମନ୍ଦ ବା ପାପ, କିନ୍ତୁ ଯଦି ଚୋରିଧନକୁ ଦାନରେଯାଏ ତେବେ ତାହା ପାପ ନୁହଁ, ଗରୀବ ଲୋକ ପାଖରୁ ଚୋରିକରିବା ପାପ, କିନ୍ତୁ ଜଣେ ବେପାର ବାଣିଜ୍ୟ କରି ରୋଜଗାର କରିଥିବା ସଂପତ୍ତିକୁ ଚୋରିକଲେ ତାହା ପାପ ନୁହେଁ ବୋଲି ସେମାନଙ୍କର ମତ । ସେହିପରି ମିଛ କହିବା ସେମାନେଙ୍କ ମତରେ ଏକ ପାପକାମ ଅଟେ । ବିବାହ ପରେ ନିଜ ସ୍ୱାମୀ ଛଡ଼ା ଅନ୍ୟ ସହ ସଂପର୍କ ରଖିବା ମଧ୍ୟ ।

ଅନ୍ୟର ଉପକାର କରିବା ଅନ୍ୟକୁ ସାହାଯ୍ୟ କରିବା, ବିପତ୍ତିରୁ ରକ୍ଷାକରିବା, ଭୋକିଲା ଲୋକଙ୍କୁ ଖାଇବାକୁ ଦେବା, ସତ କହିବା, ଗରିବ ଲୋକଙ୍କୁ ଦୟା କରିବା, ଦୁଃଖିକୁ ଦାନ ଦେବା, ପିଲାମାନଙ୍କୁ ଦୟା କରିବା ସହିତ ସବୁ ଭଲ କାମ କରୁଥିବା ଲୋକର ଗୁଣକୁ ଉତ୍ତମଗୁଣ କୁହାଯିବା ସହ ସେହି ଲୋକକୁ ଉତ୍ତମ ଲୋକକୁହାଯାଇଥାଏ ।

ଯେଉଁ ଲକ୍ଷଣଗୁଡ଼ିକୁ ଦେଖିକରି ଘରୁ ବାହାରିଲେ କାର୍ଯ୍ୟରେ ସଫଳତା ମିଳିଥାଏ ତାକୁ ଶୁଭବୋଲି ବିଚାର କରାଯାଏ । ସେମାନେ ଏହି ଶୁଭଲକ୍ଷଣ ଉପରେ ଖୁବ୍ ଗୁରୁତ୍ୱ ଦିଅନ୍ତି । ଯେମିତିକି ବିବାହ କରି ଯିବାବେଳେ ବା ବିବାହ ପାଇଁ ଝିଅ ମନୋନୟନ କରିବାକୁ ଯିବାବେଳେ ଯଦି ଗାଁରେ କେହି ମୃତ୍ୟୁବରଣ କରିଥାଏ । ତା'ର ଶବ ଦେଖିବାକୁ ମିଳେ, ଯଦି ନିଆଁ ଜଳୁଥାଏ, ଯଦି ଧୋବା ମଇଳା ଲୁଗା ନେଇ ତୁଠକୁ ଯାଇଥାଏ ତାହାକୁ ଅଶୁଭ ସଂକେତ ବୋଲି ଧରାଯାଇଥାଏ ଏବଂ ଏହିସବୁ ଅଶୁଭ ସଂକେତ ଦେଖିଲେ

ସେମାନେ କୌଣସି ଶୁଭ କାମରେ ବାହାରି ନଥାନ୍ତି । ସେହିପରି ବିଧବାର ମୁହଁ ଚାହିଁଲେ ଅଶୁଭ ବିଚାର କରାଯାଏ । ଘର ତିଆରି ବେଳେ ମଧ୍ୟ କେତେକ ପଶୁପକ୍ଷୀଙ୍କର ଗତିବିଧି ତଥା ଲକ୍ଷଣକୁ ଅଶୁଭ ବିବେଚନା କରାଯାଏ । ସେହି ଅଶୁଭ ସଂକେତକୁ ସେମାନେ ଖୁବ୍ ପାଳନ କରିଥାନ୍ତି ।

ଯାହାଘରେ ଧନ ସମ୍ପତ୍ତି ଥାଇ ମଧ୍ୟ କାହାକୁ ବିପଦ ଆପଦରେ ସାହାଯ୍ୟ କରିବାରେ କୁଣ୍ଠାବୋଧ କରେ । ଅର୍ଥାତ ଖର୍ଚ୍ଚ କରିବାରେ ଲୋଭୀ ପଣ ଦେଖାଏ ତାହାକୁ କୃପଣ କୁହାଯାଏ । କୃପଣ ଲୋକକୁ କେହି ଭଲ ପାଆନ୍ତିନି ।

ଥିବା ଜିନିଷ ମାଗିଲେ ନାହିଁ ନକଲେ ତାକୁ ଧର୍ମ ପରାୟଣ ବ୍ୟକ୍ତି କୁହାଯାଏ । ଧର୍ମପରାୟଣ ବ୍ୟକ୍ତି ତା ଦୁଆରୁ କାହାକୁ ଖାଲି ହାତରେ ଫେରି ଯିବାକୁ ଦେଇନଥାଏ । ସବୁବେଳେ ନିଜର ମନଧନ ସବୁକିଛି ଅନ୍ୟ ପାଇଁ ଉର୍ସଗ କରିଥାଏ ।

ସେମାନେ ସୌନ୍ଦର୍ଯ୍ୟ ବା ରମଣୀୟତା କହିଲେ ସାଧାରଣତଃ ଉତ୍ତମ ସ୍ୱାସ୍ଥ୍ୟ ସଂପନ୍ନ, ଗୌର ବର୍ଣ୍ଣ ନହେଲେ ବି ଶ୍ୟାମଳ ଏବଂ ମୁଖମଣ୍ଡଳର ସୌନ୍ଦଯ୍ୟ ଉପରେ ଗୁରୁତ୍ୱ ଦିଅନ୍ତି । ଏହାଛଡ଼ା ଦୈହିକ ସୌନ୍ଦର୍ଯ୍ୟ ଅପେକ୍ଷା ମଣିଷର ଗୁଣ ଭଲଥିଲେ ତାକୁ ଅଧିକ ସୁନ୍ଦର ମନେ କରିଥାନ୍ତି । ଗୋଟିଏ ସ୍ତ୍ରୀ ଲୋକର ମନ ସବୁବେଳେ ପବିତ୍ର ତଥା ହସହସ ରହିବା ଦରକାର କାରଣ ତା'ର ମନର ପ୍ରଭାବ ଅନ୍ୟମାନଙ୍କ ଉପରେ ଅଧିକ ପଡ଼ିଥାଏ ।

ପୁରୁଷର ସୌନ୍ଦର୍ଯ୍ୟ ବୋଧ କହିଲେ ଶାରିରୀକ ସୌନ୍ଦର୍ଯ୍ୟ ଉପରେ ଏତେଟା ଧ୍ୟାନ ଦିଆଯାଇନଥାଏ । ପୁରୁଷଟି ସୌନ୍ଦର୍ଯ୍ୟ ହେବା ପାଇଁ ହେଲେ ପ୍ରଥମତଃ ସେ ସୁସ୍ଥ ସବଳ ହୋଇଥିବା ଦରକାର; ସେ ପରିଶ୍ରମ କାତର ହୋଇ ନ ଥିବେ । ସେ ସମସ୍ତଙ୍କ ସହ ମିଳିମିଶି ଚଳୁଥିବେ । ବଡ଼ମାନଙ୍କୁ ସମ୍ମାନ ଦେଉଥିବା ସହିତ ସାନମାନଙ୍କୁ ସ୍ନେହ କରୁଥିବେ ।

ଚରିତ୍ର ଉପରେ ଧାରଣା–ଚରିତ୍ର ସାଧାରଣତଃ ଗୁଣକୁ ନେଇ ନିର୍ଣ୍ଣୟ କରାଯାଇଥାଏ । ଖରାପଗୁଣ ଥିବା ଲୋକର ଚରିତ୍ର ଖରାପ ବୋଲି ଧରାଯାଇଥାଏ । ଖରାପ ଚରିତ୍ରର ଲୋକେ କାହାରି ପ୍ରିୟ ହୋଇନଥାନ୍ତି । ସମାଜରେ ସେମାନଙ୍କର ସ୍ଥାନ ନୀଚତର ।

ଜମି, ଟଙ୍କା, ଧନଧାନ୍ୟ ଥିବା ଲୋକକୁ ସେମାନେ ଧନୀ ବୋଲି କହିଥାନ୍ତି । ବିଶେଷକରି ସେମାନେ ଚାଷୀ ଶ୍ରେଣୀରେ ହୋଇଥିବାରୁ ଯାହାର ଉତ୍ପାଦନକ୍ଷମ ଜମି ଅଧିକ ଥାଏ ତାକୁ ଧନୀ ଲୋକଭାବରେ ବିବେଚନା କରନ୍ତି ।

ଯେଉଁ ଲୋକର ଜମି ନଥିବ, କୁଲି କାମକରି ପେଟ ପୋଷୁଥିବ, ପରିବାରର ଭରଣ ପୋଷଣ କରିପାରୁନଥିବ, ଖାଇବାକୁ ଠିକ୍ ଭାବରେ ପାଉନଥିବ ତାକୁ ସେମାନଙ୍କ ମତରେ ସେ ଗରିବ ।

ବଡ଼ ଲୋକ ବା ମାନ୍ୟଗଣ୍ୟ ବ୍ୟକ୍ତି କହିଲେ ଗ୍ରାମରେ ଥିବା ବ୍ୟକ୍ତି ଯିଏକି ନ୍ୟାୟ ନିଷ୍ପତ୍ତି ନେଇ ପାରୁଥିବା ବା କରୁଥିବ, ନିଜେ ନ୍ୟାୟବାନ ହୋଇଥିବ, ପଞ୍ଚାୟତରେ ସେ ମୁଖ୍ୟ ସ୍ଥାନରେ ବସୁଥିବା ବା ବଡ଼ ବଡ଼ ଲୋକଙ୍କ ମଧ୍ୟରେ ଜଣେ ହୋଇଥିବ ଯିଏକି ପଞ୍ଚାୟତରେ ହେଉଥିବା ନ୍ୟାୟ ନିଷ୍ପତ୍ତିରେ ଆଗୁଆ ରହୁଥିବେ । ସମସ୍ତଙ୍କୁ ନ୍ୟାୟଦେଇ ପାରୁଥିବେ ।

ଯେଉଁ ବ୍ୟକ୍ତି ଗରିବର ଦୁଃଖ ବୁଝୁଥିବ, ଗରିବକୁ ସାହାଯ୍ୟ ପାରୁପର୍ଯ୍ୟନ୍ତ ସାହାଯ୍ୟ କରୁଥିବ । ନିଜର ଖାଦ୍ୟ ଯିଏ ଅନ୍ୟକୁ ଦେଇ ପାରୁଥିବ, ସେ ପରମ ଦୟାଳୁ । ଦୟାଳୁ ବ୍ୟକ୍ତି ସଦାସର୍ବଦା ଅନ୍ୟର ପ୍ରିୟପାତ୍ର ହୋଇଥାଏ । ସେ ଅନ୍ୟର ଦୁଃଖରେ ଦୁଃଖି ହୋଇଥାଏ ।

**ଦକ୍ଷତା :**

ଆଦିବାସୀମାନେ ଖୁବ୍ ପରିଶ୍ରମୀ । କୌଣସି ପୁଅ ପାଇଁ ଝିଅ ଖୋଜିବାବେଳେ ବା ଝିଅ ପାଇଁ ପୁଅ ବାଛିବା ବେଳେ ସେମାନେ ମୁଖ୍ୟତଃ ଶାରୀରିକ କ୍ଷମତା ଉପରେ ଅଧିକ ଧ୍ୟାନ ଦେଇଥାନ୍ତି । ଶାରୀରିକ ଦକ୍ଷତା କହିଲେ ଜଣେ ସୁସ୍ଥସବଳ ଲୋକକୁ ବୁଝାଇଥାଏ । ସ୍ତ୍ରୀଲୋକତମାନେ ସାଧାରଣତଃ ସୁସ୍ଥସବଳ ହୋଇଥିବା ଦରକାର, ପିଲାମାନଙ୍କର ଲାଳନପାଳନ କରିପାରୁଥିବା ସଙ୍ଗେ ସଙ୍ଗେ ଘରର କାମ କରିବା ସହ ସ୍ୱାମୀଙ୍କୁ ବିଲବାଡ଼ି କାମରେ ସେମାନେ ସାହାଯ୍ୟ କରିନ୍ତି ଏବଂ ସେମାନଙ୍କ ଦେହ ସବୁବେଳେ ଭଲ ରହୁଥାଏ । ସେହିପରି ପୁରୁଷମାନେ ଚାଷବାସ ଇତ୍ୟାଦି କାମ ଠିକ୍ ଭାବରେ କରୁଥିବା ସହିତ ଶାରୀରିକ ଭାବରେ ଅକ୍ଷମ ନଥିଲେ ତା'ର ଶାରୀରିକ ଦକ୍ଷତା ଅଛି ବୋଲି କୁହାଯାଇଥାଏ ।

ଜାତାପୁ ଲୋକମାନଙ୍କର ଚେହେରା ମଧ୍ୟମ ଧରଣର, ସେମାନଙ୍କ ଦେହର ରଙ୍ଗ କଳା, ନାକ ଚେପଟା । ସେମାନଙ୍କ ଚେହେରାରେ ସେମିତି କୌଣସି ସ୍ୱାତନ୍ତ୍ରତା ନଥାଏ ଯାହା ଫଳରେ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରିହେବ ।

ଜାତାପୁମାନେ ଖୁବ୍ ସହନଶୀଳ ଅଟନ୍ତି । ସେମାନେ କେବେ କାହା ଉପରେ ଅଭିମାନ କରନ୍ତି ନାହିଁ । ଅନ୍ୟର ଦୁଃଖରେ ଦୁଃଖି ଅନ୍ୟର ସୁଖରେ ସୁଖି ହୋଇ ଚଳନ୍ତି । ପରସ୍ପରକୁ ତଥା ଅନ୍ୟମାନଙ୍କୁ ସେମାନେ ଆଦର କରନ୍ତି ।

ଜାତାପୁମାନେ ଖୁବ୍ ଉନ୍ନତଧରଣର ଆଦିବାସୀ ସେମାନେ ପ୍ରତ୍ୟେକ କଥାକୁ ଏତେଶୀଘ୍ର ଗ୍ରହଣ କରିନଥାନ୍ତି । ସେମାନେ ମଧ୍ୟରେ ଖୁବ୍ ଶିକ୍ଷିତ ବ୍ୟକ୍ତି ମଧ୍ୟ ଅଛନ୍ତି ।

ଜାତାପୁମାନେ ସଭ୍ୟ ସମାଜର ଶୀର୍ଷ ଦେଶରେ ପହଞ୍ଚି ପାରିନଥିଲେ ମଧ୍ୟ ସଭ୍ୟ ସମାଜଠାରୁ ସେମାନେ କୌଣସି ଗୁଣରେ କମ୍ ନୁହଁନ୍ତି । ସେମାନେ ଖୁବ୍ ଶାନ୍ତ ସରଳ ଜୀବନ ଯାପନ କରିଥାନ୍ତି । ସେମାନେ ପ୍ରାୟତଃ କଳିଗୋଳ କରନ୍ତି ନାହିଁ । ସେମାନଙ୍କର ଭାଷାରେ ଅଶ୍ଳୀଳତା ନଥାଏ । ସେମାନେ କଥାବାର୍ତ୍ତାରେ ଖୁବ୍ ଭଦ୍ର ।

ଆଜେବାଜେ କଥା, କପଟ କଥା, ରାଗରୁଗାକୁ ନେଇ ସେମାନେ ଝଗଡ଼ା କରିଥାନ୍ତି । ବେଳେବେଳେ ମଦ ନିଶାରେ ମଧ୍ୟ ସେମାନେ ଅଜାଣତରେ କଳି କରିଥାନ୍ତି । ଏତେବେଳେ ମରାମରି ହୁଅନ୍ତି, କଚେରୀ ପର୍ଯ୍ୟନ୍ତ ମଧ୍ୟ କଥା ଯାଇଥାଏ । ପ୍ରାୟତଃ ଧନୀ ବ୍ୟକ୍ତିମାନେ କୋର୍ଟ କଚେରୀକୁ ଯାଇଥାନ୍ତି କାରଣ ଏଥିରେ ଅଧିକ ପଇସା ଖର୍ଚ୍ଚ ହୋଇଥାଏ ।

ସେମାନଙ୍କ ମଧ୍ୟରେ ଜମିଜମା ସଂକ୍ରାନ୍ତୀୟ ଦ୍ୱନ୍ଦ୍ୱ, ଭାଇ ଭାଇ ମଧ୍ୟରେ ସମ୍ପତ୍ତି ଭାଗକୁ ନେଇ ମନାନ୍ତର, ଜଣଙ୍କର ପଶୁ ଆଉଜଣଙ୍କର ଫସଲ ଖାଇ ଦେଲେ ଦ୍ୱନ୍ଦ୍ୱ, ଅନ୍ୟଗୋଷ୍ଠୀର ଲୋକ ସେମାନଙ୍କର ଝିଅକୁ ବିବାହ କରିବା ଫଳରେ ଜାତି ସଂକ୍ରାନ୍ତୀୟ ବିବାଦ, କାହାରି ଜିନିଷ କେହି ଚୋରି କରିନେବାର ସନ୍ଦେହ ଆଦି ବିଭିନ୍ନ ପ୍ରକାର ବିବାଦ ଦେଖାଦେଇଥାଏ । ଗଣ୍ଡଗୋଳ ସୃଷ୍ଟିର କାରଣ ମଧ୍ୟ ଏହିଗୁଡ଼ିକ ହିଁ ହୋଇଥାଏ ।

**ବିଭିନ୍ନ ପ୍ରକାର କଳା :**

ସେମାନେ ଚାଉଳରୁ ତିଆରି ଚୂନାରେ ପାଣି ମିଶାଇ ପିଠଉ କରି ଝୋଟି ପକାନ୍ତି । ସେମାନେ ହାତୀ, ଫୁଲ, ଗଛ, ପତ୍ରଡ଼ାଳ ଇତ୍ୟାଦିର ଚିତ୍ର ମକର, କୁମାର ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣିମା, ଦୁର୍ଗାପୂଜା, ଆଷାଢ଼ଯାତ୍ରା, ଗ୍ରାମ ଦେବୀ ପର୍ବ, ମକର ସଂକ୍ରାନ୍ତି, ବିବାହ ସମୟରେ ଚୈତ୍ରପର୍ବ, ଅମାବାସ୍ୟା ପରଦିନ କାର୍ତ୍ତିକ ମାସରେ ପ୍ରତ୍ୟେକ ଦିନ ଦୁଆର ମୁହଁରେ, ଘର ଭିତରେ ଝୋଟି ପକାନ୍ତି । ଜାନୁଆରୀ ମାସର ପ୍ରଥମ ଦିନ ମଧ୍ୟ ସେମାନେ ଝୋଟି ପକାଇଥାନ୍ତି ।

ହସ୍ତଶିଳ୍ପ – ଚାଷରେ ବ୍ୟବହୃତ ସମସ୍ତ ଉପକରଣ ସେମାନେ ନିଜ ହାତରେ ତିଆରି କରିଥାନ୍ତି । ଏହାଛଡ଼ା ସେମାନେ ମଧ୍ୟ ବିଭିନ୍ନ ତନ୍ତୁରୁ ଦଉଡ଼ି ତିଆରି କରିଥାନ୍ତି ।

ବାହାଘର ବେଳେ ନିମନ୍ତ୍ରଣ କରିବା ପାଇଁ ସେମାନେ ଅରୁଆ ଚାଉଳକୁ ହଳଦୀ ଗୁଣ୍ଡରେ ଗୋଳାଇ ତାକୁ ଆମ୍ବପତ୍ର ଉପରେ ଥୋଇ ନିମନ୍ତ୍ରଣ କରିବାକୁ ଥିବା ବ୍ୟକ୍ତିର

ହାତରେ ଧରାଇ ଦିଅନ୍ତି । ଅନ୍ୟ କ୍ଷେତ୍ରରେ ଏବଂ ବିବାହ କ୍ଷେତ୍ରରେ ମଧ୍ୟ ସେମାନେ ଆଜିକାଲି କାର୍ଡ଼ ବା ନିମନ୍ତ୍ରଣ ପତ୍ରର ପ୍ରଚଳନ ହେଲାଣି ।

ଜାତାପୁମାନେ ଖୁବ୍ ଶାନ୍ତ ଭଦ୍ର ଏବଂ ସରଳ ପ୍ରକୃତିର ଲୋକ ସେମାନଙ୍କ ମନରେ ଛନ୍ଦ କପଟ କିଛି ନଥାଏ, ସେମାନେ ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଆପଣାର କରି ନେଇଥାନ୍ତି । ଅନ୍ୟଜଣେ ବାହାର ବ୍ୟକ୍ତି ଗଲେ ସେ ତା'କୁ ଖୁବ୍ ଶୀଘ୍ର ନିଜର କରିନେଇଥାନ୍ତି । ପ୍ରଥମେ ନିଜକୁ ତାପାଖରେ ଛୋଟ ମନେକରି ଡ଼ରି ଯାଉଥିଲେ ମଧ୍ୟ ତା'କୁ ସାଦରେ ଗ୍ରହଣ କରିଥାନ୍ତି । ନିଜପର ଭଳି ସେମାନେ ଅତିଥିର ତାକୁ ଗୋଡ଼ ଧୋଇବାକୁ ପାଣିଦେଇଥାନ୍ତି; ତାପରେ ପୋଛିହେବା ପାଇଁ ଦେଇ ଆସନରେ ବସିବାକୁ କହିଥାନ୍ତି ଏବଂ ଆସିବାର ଅଭିପ୍ରାୟ ପଚାରି ବୁଝିଥାନ୍ତି ତାପରେ ଖାଇବା ପିଇବାକୁ ନଦେଇ ସେମାନେ ଅତିଥିକୁ କେବେବି ଛାଡ଼ିନଥାନ୍ତି । ବହୁତ ସ୍ନେହ ଶ୍ରଦ୍ଧା ଯୋଡ଼ି ଦେଇ ତାଙ୍କୁ ଖାଇବାକୁ ଅନୁରୋଧ କରିଥାନ୍ତି ଆଉ ନଖାଇଲେ ମଧ୍ୟ ପ୍ରବଳ ରାଗିଯାଇଥାନ୍ତି ।

ଜାତାପୁମାନେ ମଧ୍ୟ ପାଠଶାଠ ପଢ଼ିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ରାଜନୀତିରେ ତଥା ଅନ୍ୟାନ୍ୟ କର୍ମକ୍ଷେତ୍ରରେ ଯୋଗ ଦେଇଛନ୍ତି । ସେମାନେ ବାହାର ଲୋକଙ୍କ ସଂସ୍ପର୍ଶରେ ବହୁକାମରେ ଆସିଥାନ୍ତି । ପ୍ରଥମେ ସେମାନେ ବାହାର ଲୋକଙ୍କୁ ଏତେ ସହଜରେ ଗ୍ରହଣ କରିନଥାନ୍ତି । ହେଲେ ସେମାନେ ଖୁବ୍ ସରଳ ବିଶ୍ୱାସୀ ଥରେ ଜଣଙ୍କୁ ଭଲ ପାଇଗଲେ ତା'ପାଇଁ ସବୁକିଛି କରିପାରନ୍ତି । କେତେକ ବ୍ୟକ୍ତି ସୁବିଧାସୁଯୋଗ ଯୋଗାଇ ଦେବା ନାମରେ ଜାତପୁମାନଙ୍କ ପ୍ରବଳ ଠକିଥାନ୍ତି ତେଣୁ ସେମାନେ ଏବେ ଆଉ ସେଭଳି ଠକାମୀର ଶିକାର ନହେବା ଲାଗି ବାହାର ଲୋକଙ୍କୁ ପରଖି ନିରିଖି ତାଙ୍କ ସହିତ ସଂପର୍କ ରଖିଥାନ୍ତି । ତେବେ ଅନ୍ୟକୁ ସେମାନେ ଖୁବ୍ ସମ୍ମାନ ଦେଇଥାନ୍ତି । ଥରେ ଜଣେ ବାହାର ଲୋକ ତାଙ୍କ ଦ୍ୱାରସ୍ଥ ହୋଇ ତାଙ୍କର ଶରଣାଗତ ହେବା ପରେ ସେମାନେ ତା'ର ଭଲମନ୍ଦ ଦାୟିତ୍ୱ ଖୁବ୍ ଯତ୍ନସହକାରେ ନେଇଥାନ୍ତି ।

## ରୋଗ ଏବଂ ଚିକିତ୍ସା :

କଥାରେ ଅଛି "ରୋଗମାନେ ନାହିଁ ଜାତି ଅଜାତି", ରୋଗ ଏମିତି ଏକ ଜିନିଷ ଯାହାକି ଜାତି, ବର୍ଣ୍ଣ, ବୟସ, ଲିଙ୍ଗ ଭେଦରେ ସମସ୍ତଙ୍କୁ ଆକ୍ରମଣ କରିପାରେ । ତେବେ ଜାତାପୁମାନେ ସାଧାରଣ ରୋଗ ଯଥା – ଜ୍ୱର (ଉଷ୍ଣମ୍), ମ୍ୟାଲେରିଆ ଜ୍ୱର (ମ୍ୟାଲେରିଆ ଉଷ୍ଣମ୍), କାଶ (ଦାଗଗୁ), କୁଣ୍ଡିଆ (ଶିରିଗାଜି), ହଳଦିଆ କାମଳ (ପାଚକାମଲମ୍),

ଝାଡ଼ା (ଇରୋଚେନାଲ୍), ବାନ୍ତି (ୱାନ୍ତି) ଇତ୍ୟାଦି ରୋଗରେ ପୀଡିତ ହୁଅନ୍ତି । ଏହାଛଡା ମୂର୍ଚ୍ଛା ରୋଗ (ମୂର୍ଚ୍ଛା ରୋଗମ୍), ବେଟ ବ୍ୟଥା (କାଡ଼ପୁନପପ୍ପି), ଛାତିବ୍ୟଥା (ଗୁଣ୍ଡିନପ୍ପି), ମୁଣ୍ଡବିନ୍ଧା(ବୁରରାନପ୍ପି /ବୁରାବାଦା), ବସନ୍ତ (ଆମୁହାମ୍ମା), ହାଡ଼ଫୁଟି (ଚିନ୍ନାଆମ୍ମାରୋଆମ୍ମା), ବାତରୋଗ (ୱାତା ରୋଗମ୍) ଆଣ୍ଠୁଗଣ୍ଠିବାତ (କାଲୁଓ୍ୱାତ), କୁଷରୋଗ (ପେଦାରୋଗମ୍) ଇତ୍ୟାଦି ମଧ୍ୟ ଦେଖାଯାଏ ।

ଏହି ରୋଗଗୁଡ଼ିକରେ ଚିକିତ୍ସା ପାଇଁ ସେମାନେ ଦେଶୀୟ ବା ଔଷଧ ଅପେକ୍ଷା ଡ଼ାକ୍ତରଖାନାର ଆଧୁନିକ ଔଷଧ ଉପରେ ଅଧିକ ନିର୍ଭର କରିଥାନ୍ତି । ସେମାନଙ୍କ ଉପରେ ଦେଶୀୟ ଔଷଧର ପ୍ରଭାବ ପ୍ରାୟ ଆଉ ନାହିଁ ।

ତେବେ ସେମାନଙ୍କର ଗୁଣି ଗାରେଡ଼ି ଉପରେ କିଛିଟା ବିଶ୍ୱାସ ରହିଛି । ଗୁଣିଗାରେଡ଼ି ଇତ୍ୟାଦି ମାଧ୍ୟମରେ ହେଉଥିବା କେତେକରୋଗକୁ ଝଡ଼ାଫୁଙ୍କା ମାଧ୍ୟମରେ ଭଲ କରିଥାନ୍ତି । ବୈଦ୍ୟ (ୱାଇଦୁତ୍ତୁ) ଏବେବି କେତେକ ଗ୍ରାମରେ ରହିଛନ୍ତି ଏବଂ ଚେର ମୂଳିବା ଔଷଧ ଦେଉଛନ୍ତି । ଚାରିଆଡ଼େ ସରକାର ଡ଼ାକ୍ତରଖାନା ଖୋଲିବା ଫଳରେ ଛାତପୁମାନେ ଆଉ ଚେରମୂଳୀ ଔଷଧ ବ୍ୟବହାର ନକରି ଆଧୁନିକ ଡ଼ାକ୍ତରୀ ଔଷଧର ବ୍ୟବହାର କରୁଛନ୍ତି ।

## କ୍ରୀଡ଼ା ଓ ଆମୋଦପ୍ରମୋଦ (ଧାଟା – ଖେଳ) :

ସେମାନେ ଅବସର ବିନୋଦନ ପାଇଁ ବିଭିନ୍ନ ପ୍ରକାରର ଖେଳ ଖେଳିଥାନ୍ତି । ସେମାନଙ୍କର ସେହି କର୍ମକ୍ଳାନ୍ତ ଜୀବନକୁ ସରସସୁନ୍ଦର କରିବା ସହିତ ଅକ୍ଳାନ୍ତ ପରିଶ୍ରମ ଲାଘବ କରିବା ଲାଗି ସେମାନେ ନାଚ, ଗୀତ ଇତ୍ୟାଦି କରିଥାନ୍ତି । ଖେଳ ଭିତରେ କବାଡ଼ି(ଡୁଡୁ), ବୋହୁଚୋରି (ବହୁଚୋରୀ), ବାଘ ଛେଳି(ପୁଲିମେକା), ବାଘଖେଳ(ପିଲିଆଙ୍ଗୀ), ବିଲୁଆ କୁକୁଡ଼ା(ନାକା କୋଡ଼ି), ବାଟିଖେଳ (ବାଟିଁଆଟା), ଠିକାଫୁଆ (ପୁଇଆଡ଼ାବଲ /ପଲ୍ଲିଆଙ୍ଗୀ), ନଟୁ(ବଙ୍ଗଟମ୍ ଆଟା) ଆଦି ପ୍ରଧାନ । ଏହାଛଡ଼ା ମହୁଲି ମଦପିଇ ସାଙ୍ଗସାଥି ମେଳରେ ଗପିଗପି ସମୟ କଟାଇ ଦେବା ମଧ୍ୟ ସେମାନଙ୍କ ପାଇଁ ଏକ ଆମୋଦଦାୟକ ଜିନିଷ ।

## ସାଜସଜ୍ଜା ପ୍ରକ୍ରିୟା / ବ୍ୟବସ୍ଥା :

ସେମାନେ ଘରଗୁଡ଼ିକୁ ଆଧୁନିକ ଆସବାବ ପତ୍ରରେ ସଜାଇ ନଥିଲେବି ଘରଗୁଡ଼ିକ ଖୁବ୍ ଚିକ୍କଣ ଭାବରେ ନାଲି ମାଟିରେ ଲିପିଥାନ୍ତି । ସେମାନେ ଆଧୁନିକ

ପ୍ରସାଧନ ସାମଗ୍ରୀ ବ୍ୟବହାର ନକରୁଥିଲେ ମଧ୍ୟ ସ୍ତ୍ରୀଲୋକମାନେ ରିବନ୍ ବାନ୍ଧି ଖୁବ୍ ସୁନ୍ଦର ଭାବରେ କେଶ ସଜାଡ଼ି ଥାଆନ୍ତି । ବାହାଘର ସମୟରେ ସେମାନେ ଆମ୍ବପତ୍ର ଟାଣି ବେଦି ଇତ୍ୟାଦି ସଜାଇ ଥାନ୍ତି ।

**ଧାରଣା :**

ଜାତାପୁମାନଙ୍କ ବିଷୟରେ ସେମିତି କୌଣସି ଲୋକକଥା ଥିବାର ଜଣାଯାଇନଥାଏ । ସେମାନେ ବାସ କରୁଥିବା ଅଞ୍ଚଳ ଆନ୍ଧ୍ର ସୀମାରେ ଅବସ୍ଥିତ । ସେମାନେ ତେଣୁ ଆନ୍ଧ୍ରରୁ ଆସି ଓଡ଼ିଶାରେ ବସବାସ କରୁଥିବାର ଅନୁମାନ କରାଯାଇଥାଏ । ଏହାଛଡ଼ା ଏହି ଜାତାପୁମାନେ ମଧ୍ୟ ତେଲୁଗୁ ଭାଷା କହିଥାନ୍ତି । ତେବେ ସେମାନେ ଯେଉଁ ଅଞ୍ଚଳରେ ବାସ କରନ୍ତି ସେଠାରେ ଜଳର ସୁବିଧା ଥିବା ଦରକାର । ଆଦିବାସୀ ହେଲେ ମଧ୍ୟ ସେମାନେ କୃଷିଜୀବୀ ।

ବହୁପରିବର୍ତ୍ତନ ଯୋଗୁଁ ସେମାନଙ୍କର ବିଶ୍ୱ ମତରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖାଦେଇଛି । ପୂର୍ବେ ସେମାନଙ୍କର ଦୁନିଆ ଖାଲି ସେହି ଅଞ୍ଚଳ ମଧ୍ୟରେ ସୀମିତ ହୋଇ ରହୁଥିଲା । ସେମାନଙ୍କର ଆର୍ଥିକସ୍ଥିତି ମଧ୍ୟ ଏତେ ସୁଦୃଢ଼ ନଥିଲା ସେମାନେ ପାଠଶାଠ ବେଶୀ ପଢ଼ି ନଥିଲେ । ଧିରେ ଧିରେ ପଢ଼ିବା ଫଳରେ ଶିଳ୍ପର ବିକାଶ ଫଳରେ ବହୁ ବାହାର ଲୋକଙ୍କ ସଂସ୍ପର୍ଶରେ ଆସିଲେ । ସେମାନଙ୍କର ଧ୍ୟାନ ଧାରଣରେ ଅନେକ ପରିବର୍ତ୍ତନ ଘଟିଲା । ସେମାନେ ଏବେ ବହୁ ଆଧୁନିକ ଉପକରଣ ଟିଭି, ରେଡ଼ିଓ ଇତ୍ୟାଦି ବ୍ୟବହାର କଲେଣି । ଅନେକ କଥା ଜାଣିଲେଣି ।

ସେମାନେ ପ୍ରାୟ ସବୁରଙ୍ଗ ବିଷୟରେ ଜାଣିଥାନ୍ତି । ତେବେ ଲାଲ (ଏରୁପୁ), କଳା (ନାଲୁପୁ), ଧଳା (ତେଲୁପୁ) ହଳଦିଆ (ପାଶୁପୁ), ନୀଳରଙ୍ଗ (ନୀଲମ୍), ସବୁଜ (ପାଚ୍ଚ), କଫି (କଫି), କମଳା (କମଲା), ଗୋଲାପୀ (ଗୁଲାପୀ) ମଧ୍ୟରେ ଲାଲ ସେମାନଙ୍କର ଖୁବ୍ ପ୍ରିୟ ।

ସମୟ ନିର୍ଦ୍ଧାରଣ କରିବା ପାଇଁ ସେମାନେ ସୂର୍ଯ୍ୟକୁ ହିଁ ଏକ ଉତ୍ତମମାଧ୍ୟମ ରୂପେ ଗ୍ରହଣ କରିଥାନ୍ତି । ସୂର୍ଯ୍ୟକର ଗତବିଧି ତଥା ଅବସ୍ଥିତିକୁ ଲକ୍ଷ୍ୟକରି ସେମାନେ ସମୟ ନିର୍ଦ୍ଧାରଣ କରନ୍ତି । ସୂର୍ଯ୍ୟ ମୁଣ୍ଡ ଉପରେ ଥିଲେ ଖରାବେଳେ । ସୂର୍ଯ୍ୟ ବୁଡ଼ିଗଲେ ରାତି, ସୂର୍ଯ୍ୟ ଦେଖାଦେଲେ ଦିନ ଇତ୍ୟାଦି । ଏହାଫଳରେ ମେଘୁଆ, କୁହୁଡ଼ିଆ ପାଗରେ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ ଆଉ ତାହା ନାହିଁ । ସେମାନେ ଘଣ୍ଟା ବ୍ୟବହାର ଜାଣିଲେଣି ।

ସୂର୍ଯ୍ୟ ଉଇଁ ବା ପରଠାରୁ ଅସ୍ତ ସମୟକୁ ସେମାନେ ଦିନ ଭାବରେ ଗଣନା କରିଥାନ୍ତି ଏବଂ ବାକି ସମୟକୁ ରାତ୍ରି । ସେମାନେ ଦିନକୁ ଖୁବ୍ ଗୁରୁତ୍ୱ ଦେଇଥାନ୍ତି ଏବଂ ଦିନରେ ଅକ୍ଳାନ୍ତ ପରିଶ୍ରମ କରିଚାଲନ୍ତି । ମାତ୍ର ରାତି ୭ଟା ହେଲେ ତାଙ୍କୁ ବହୁତ ରାତି ପରି ଜଣା ପଡ଼ିଥାଏ । ଖାଇ ପିଇ ଶୋଇ ପଡ଼ନ୍ତି । ମାତ୍ର ଏବେ ବିଜୁଳି ଆଲୁଅ ବ୍ୟବହାର ସେମାନଙ୍କ ପାଇଁ ରାତ୍ରକାଳର ସମୟ କମାଇ ଦେଇଛି । ରାତ୍ରିରେ ମଧ୍ୟ ସେମାନେ ବିଭିନ୍ନ କାମ କରିପାରୁଛନ୍ତି ।

ଉତ୍ସବର ଅନେକଦିନ ଆଗରୁ ସେମାନଙ୍କର ଏଥିପାଇଁ ଆୟୋଜନ ଆରମ୍ଭ କରି ଦିଅନ୍ତି । ଉତ୍ସବରେ ବିଭିନ୍ନ ପିଠାପଣା କରିଥାନ୍ତି ଏବଂ ପୂର୍ବ ପୁରୁଷଙ୍କ ଅମଳରୁ ଚାଲି ଆସୁଥିବା ପରମ୍ପରା ଅନୁସାରେ ଉତ୍ସବକୁ ପାଳନ କରିବାରେ ଲାଗି ପଡ଼ନ୍ତି । ଏହି ଉତ୍ସବରେ ଆବଶ୍ୟକ ପୂଜା ଉପକରଣ ମଧ୍ୟ ସେମାନେ ବହୁ ଆଗରୁ ସାଇତିରଖିଥାନ୍ତି । ଯେତେ ପଇସା ଖର୍ଚ୍ଚ ହେଲେବି ଆନନ୍ଦ, ଉଲ୍ଲାସ ସହିତ ଜାତାପୁମାନେ ଉତ୍ସବ ପାଳନ କରନ୍ତି ।

ଏଥିପାଇଁ ସମସ୍ତେ ସମସ୍ତଙ୍କର ସହଯୋଗ ଲୋଡ଼ିଥାନ୍ତି । କେତେକ ପର୍ବକୁ ମିଳିମିଶି ପାଳନ କରନ୍ତି ଏବଂ ନିଜର ଦାୟିତ୍ୱ ଭାବି କାର୍ଯ୍ୟ ସମ୍ପାଦନ କରନ୍ତି । ଅନ୍ୟର ଭୁଲଭଟକା ଭଲମନ୍ଦ ଇତ୍ୟାଦିକୁ ସେହି ସମୟରେ ଏତେଟା ଧ୍ୟାନ ଦିଆଯାଏ ନାହିଁ ।

■ ■

# ସମସ୍ୟା

ଜାତାପୁମାନେ ବଣଜଙ୍ଗଲ ଘେରା ପ୍ରାକୃତିକ ପରିବେଶ ମଧ୍ୟରେ ବସବାସ କରନ୍ତି । ଆଧୁନିକ ସଭ୍ୟତାର ସୁବିଧା ସୁଯୋଗ ସେମାନଙ୍କ ପାଖରେ ନଥାଏ, ତେଣୁ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଇଥାଏ । କେତେକ ସମସ୍ୟାକୁ ସାମାଜିକ ସମସ୍ୟାର ଅନ୍ତର୍ଭୁକ୍ତ କରାଗଲା ବେଳେ କେତେକକୁ ଅର୍ଥନୈତିକ, ଧାର୍ମିକ, ରାଜନୈତିକ, ନାରୀ ସମସ୍ୟା, ପାରିବାରିକ ସମସ୍ୟା ଇତ୍ୟାଦି ରୂପେ ବର୍ଣ୍ଣନା କରାଯାଇପାରେ ।

**ବସତି ସମସ୍ୟା :**

- ବସତିର ରାସ୍ତାଘାଟ ଓ ଚତୁଃପାର୍ଶ୍ୱ ସଫାସୁତୁରା ନ ରହୁ ଥିବାରୁ ଅନେକ ଅସୁବିଧା ସୃଷ୍ଟିହୁଏ । ମୁଖ୍ୟତଃ ବର୍ଷାଦିନେ ଏହି ସ୍ଥାନମାନଙ୍କରେ ମଶା ଜନ୍ମ ନିଅନ୍ତି ଏବଂ ଅନେକ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି ।
- ଅନେକ ବସତିରେ ବିଜୁଳି ଆଲୁଅର ସୁବିଧା ନାହିଁ ।
- ଗ୍ରାମର ସମସ୍ତ ବ୍ୟକ୍ତି ଇନ୍ଦିରା ଆବାସ ଯୋଜନାର ସୁଫଳ ପାଇ ପାରୁନାହାନ୍ତି । ସରକାରୀ ଯୋଜନାର ସୁଫଳ ନିମନ୍ତେ ସମସ୍ତ ଗ୍ରାମଗୁଡ଼ିକୁ ସମାନ ନଜର ଦେଲେ ଭଲ ହୁଅନ୍ତା ।
- ନିର୍ବାଚନ ସମୟରେ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ନେତାମାନେ ଭୋଟ ଆଦାୟ କରି ନିଅନ୍ତି ଏବଂ ପରେ ଭୁଲିଯାନ୍ତି । ଉଦାହରଣ ସ୍ୱରୂପ ଅନେକ ଭୂମିହୀନ ଗରିବମାନଙ୍କୁ ଅନେକ ସମୟରେ ଜମି ଦିଆଯିବ ବୋଲି କହିଥିଲେ ମଧ୍ୟ କୌଣସି ପ୍ରତିଶ୍ରୁତି ପାଳନ କରୁନାହାନ୍ତି ।
- ଅନେକ ଗ୍ରାମରେ ପାନୀୟ ଜଳର ଅସୁବିଧା ଅନୁଭୂତ ହୁଏ । ଗୋଟିଏ ଗୋଟିଏ ଗ୍ରାମ ପାଇଁ ଅନେକ ସମୟରେ ମାତ୍ର ଗୋଟିଏ ନଳକୂପ କିମ୍ବା କୂଅ ଥିବାର ଦେଖାଯାଏ । ତେଣୁ ଗ୍ରୀଷ୍ମ ଋତୁରେ ଏହି ସ୍ଥାନମାନଙ୍କରେ ପାନୀୟ ଜଳର ଅଭାବ ଦେଖା ଦିଏ ।
- କେତେକ ଜଣାଶୁଣା ପୁରୁଖା ଜାତାପୁ ଲୋକମାନେ ଅଭିଯୋଗ କରନ୍ତି ଯେ ୧୯୭୦ ମସିହା ପର୍ଯ୍ୟନ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଗୁଣୁପୁର ଦ୍ୱାରା ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିଲା ।

ଉଦାହରଣ ସ୍ୱରୂପ ପୂର୍ବେ ପ୍ରଚୁର ପରିମାଣରେ କୃଷି ଉପକରଣ, ବିହନ ଆଦି ସବ୍‌ସିଡ୍ ମୂଲ୍ୟରେ ଯୋଗାଇ ଦିଆଯାଇ ଥିଲା । ଏବେ ସେ ସବୁର କୌଣସି ପ୍ରକାର ସୁବିଧା ନାହିଁ ।

- ଅନେକ ଗ୍ରାମରେ ସ୍କୁଲ ଥିଲେ ମଧ୍ୟ ସ୍କୁଲର ସୁପରିଚାଳନାର ଅଭାବରୁ ଜାତାପୁମାନେ ପାଠପଢ଼ାର ବଞ୍ଚିତ ହୁଅନ୍ତି । କାଟିକିଠାରେ ଗୋଟିଏ ଆବାସିକ ବିଦ୍ୟାଳୟ ରହିଛି । କିନ୍ତୁ ସ୍କୁଲ ପରିଚାଳନା ତଥା ସ୍କୁଲର ପରୀକ୍ଷା ଫଳାଫଳ ନେଇ ଅନେକ ଜାତପୁମାନଙ୍କ ମନରେ ଅଶାନ୍ତି ଦେଖାଦେଲାଣି ।

- ଦେଖାଯାଏ ଅନେକ ଗ୍ରାମରେ କୌଣସି ପ୍ରକାର ଡ଼ାକ୍ତରୀ ସାହାଯ୍ୟ ସହଯୋଗ ମିଳିନଥାଏ । ଅନେକ ସ୍ଥାନରେ ଡ଼ାକ୍ତରଖାନା ନାହିଁ । ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଏହି ଲୋକମାନେ ହଠାତ କୌଣସି ଅସୁବିଧାରେ ସମ୍ମୁଖୀନ ହେଲେ ଏହାର ତୁରନ୍ତ ପ୍ରତିକାର ନିମନ୍ତେ ଏମାନଙ୍କୁ ୧୦-୧୫ କି.ମି. ଅତିକ୍ରମ କରି ଡ଼ାକ୍ତର ଖାନାରେ ପହଞ୍ଚିବାକୁ ପଡ଼ିଥାଏ ।

- ପୂର୍ବର ଶାନ୍ତି ଶୃଙ୍ଖଳା ଆଜିକାଲି ଜାତପୁ ବସତିରେ ବିରଳ । ମନୋମାଳିନ୍ୟ, ଗଣ୍ଡଗୋଳ, ହିଂସା, ରାଜନୈତିକ ଦଳୀୟ ମନୋଭାବ ଇତ୍ୟାଦି ବହୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛି ।

- ସବୁଠାରୁ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଏମାନଙ୍କର ପରିଚୟଗତ ସମସ୍ୟା । କେତେକ ନିଜକୁ ଜାତପୁ କହିଲା ବେଳେ ଅନ୍ୟ କେତେକ ଜାତାପୁ, କେତେକ ଜାତାପୁ ଜୋରା, ପିତାକନ୍ଧ, ବୁଢ଼ାକନ୍ଧ ଇତ୍ୟାଦି ବିଭିନ୍ନ ନାମରେ ନାମିତ ହୋଇଥାନ୍ତି । ସରକାରୀ କାଗଜପତ୍ରରେ ମଧ୍ୟ ଏମାନଙ୍କର ବିଭିନ୍ନ ପ୍ରକାର ପରିଚୟ ରହିଛି । ତେଣୁ ଏବେ ଯଦି ଗୋଟିଏ ଜାତାପୁ ପିଲା ନିଜର ଜାତି ସାର୍ଟିଫିକେଟ ଆଣିବାକୁ ଯାଉଛି ତେବେ ତାକୁ ଆଗରୁ ତିଆରି କରାଯାଇଥିବା କାଗଜ ପତ୍ର ଅନୁସାରେ ଜାତାପୁ ପରିଚୟପତ୍ର ନ ଦେଇ କନ୍ଧଜୋରା ଇତ୍ୟାଦି ଗୋଷ୍ଠୀର ଗୋଟିଏ ପରିଚୟ ପତ୍ର ମିଳୁଛି ।

- ଅନ୍ତୋଦୟ ଓ ଅନ୍ନପୂର୍ଣ୍ଣା ଯୋଜନାରେ ପ୍ରକୃତ ହିତାଧିକାରୀମାନଙ୍କ ପାଖରେ ପହଞ୍ଚିବାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି ।

○ ଓ.ଏ.ପି. ଏବଂ ଏନ୍.ଓ.ଏ.ପି. ଆଦି ସରକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ପାଇଁ ସରକାରଙ୍କ ତରଫରୁ ପ୍ରତ୍ୟକ୍ଷ ଦୃଷ୍ଟି ଦିଆଗଲେ ଭଲ ହୁଅନ୍ତା ।

**ପାରିବାରିକ ସମସ୍ୟା :**

ପିତୃ କୈନ୍ଦ୍ରିକ ଜାତାପୁ ପରିବାରରେ ମଧ୍ୟ ଅନେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଉପୁଜିବାର ଦେଖା ଦେଲାଣି । ପରିବାର ମଧ୍ୟରେ ଅନେକ ସମୟରେ ଅର୍ଥନୀତି ଓ ଅନ୍ୟାନ୍ୟ ଛୋଟ କଥାକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ କଳିଗୋଳ ସୃଷ୍ଟି ହୋଇଥାଏ । ଆଧୁନିକ ସମାଜର ପ୍ରଭାବ ଫଳରେ ଯୁବପିଢ଼ିର ବିଶୃଙ୍ଖଳିତ ଆଚରଣ ଅଶାନ୍ତିର କାରଣ ହେବାର ଦେଖାଯାଏ । ଅର୍ଦ୍ଧଶିକ୍ଷିତ ଜାତପୁ ପିଲାମାନେ କୌଣସି କାମଦାମ ନକରି ଘରେ ବସିରହିବା ଏବଂ ବାହାରେ ବୁଲି ସମୟ ନଷ୍ଟ କରିବା ପରିବାରରେ ଶାନ୍ତି ଭଙ୍ଗ କରିଛି । ନୂତନ ଯୁବଗୋଷ୍ଠୀଙ୍କ ମଧ୍ୟରେ ବେକାରୀ ସମସ୍ୟା ଅନ୍ୟ ଏକ ବଡ଼ ସମସ୍ୟା । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ କେତେକ ପରିବାରରେ ଖାଦ୍ୟାଭାବ ଜନିତ ସମସ୍ୟା ଦେଖାଯାଇଥାଏ । ଅଧୁନିକତା ନାମରେ ଏବେ ଯୁବକ /ଯୁବତୀ ପିତାମାତାଙ୍କୁ ବେଖାତିର କରି ନିଜ ଇଚ୍ଛାରେ କାମ କରୁଛନ୍ତି, ଉଦାହରଣ ସ୍ୱରୂପ ପରିବାର ଦ୍ୱାରା ମନୋନୀତ ହୋଇ ଆଗରୁ ପାରମ୍ପରିକ ରୀତିରେ ହେଉଥିବା ବିବାହ ପରିବର୍ତ୍ତେ ଏବେ ପ୍ରେମ ବିବାହ ଉପରେ ଗୁରୁତ୍ୱ ଦିଆଯାଉଛି ।

**ଜଳ ସମସ୍ୟା :**

ଜଙ୍ଗଲ କ୍ଷୟ ଯୋଗୁଁ ଜଳଉତ୍ସଗୁଡ଼ିକ ଆସ୍ତେ ଆସ୍ତେ ଶୁଷ୍କ ହୋଇ ଯିବାକୁ ବସିଲାଣି । ପୂର୍ବର ଚିରସ୍ରୋତା ଝରଣା ଓ ନାଳମାନଙ୍କରେ ଏବେ ପାଣି ଶୁଖିଗଲାଣି । ଭୂନିମ୍ନସ୍ଥ ଜଳସ୍ତର ତଳକୁ ଖସିଗଲାଣି । ଅନେକ ଗ୍ରାମରେ ପାନୀୟ ଜଳର ଅଭାବ ଦେଖାଯାଉଛି । ଏହା ଭିନ୍ନ ସେମାନଙ୍କୁ ସ୍ନାନ ଶୌଚ ଇତ୍ୟାଦି କରିବା ପାଇଁ ଝରଣା, ନାଳ ଇତ୍ୟାଦି ଅପରିଷ୍କାର ପାଣି ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଅଧିକନ୍ତୁ ଏହି ଜଳଉତ୍ସଗୁଡ଼ିକ ଖରାଦିନେ ଶୁଷ୍କ ହୋଇଯାଉଥିବାରୁ ଏମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଚାଷକାମ ନିମନ୍ତେ ନିକଟରେ କୌଣସି ପ୍ରକାର ଜଳସେଚନର ବ୍ୟବସ୍ଥା ନଥିବାରୁ ଅନେକ ସ୍ଥାନରେ ସେମାନେ ଗୋଟିଏ ଫସଲ ଉପରେ ନିର୍ଭର କରିଥାନ୍ତି । କେତେକ ମାଣ୍ୟଗଣ୍ୟ ଜାତାପୁ ଲୋକଙ୍କ ମତରେ ଲହରୀଗେଡ଼ା ନାଳରେ ବଡ଼ଗୁଡ଼ା ଗାଁ ପାଖରେ ଗୋଟିଏ

ଡ୍ୟାମ୍ କରାଯାଇ ପାରିଲେ ସେ ଅଞ୍ଚଳରେ ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇ ପାରନ୍ତା । ଏହି ଡ୍ୟାମରୁ ୨ଟି କେନାଲ ଗୁଣୁପୁର ଦେଇ ମାଥିଲି ପର୍ଯ୍ୟନ୍ତ ଯାଇପାରିବ ଓ ଅନ୍ୟଟି ରାମନାଗୁଡ଼ାଠାରୁ ଗୁମୁଡ଼ା ଦେଇ ଉକୁମ୍ୱା ଏବଂ ବାଭାମନି ପର୍ଯ୍ୟନ୍ତ ଯାଇପାରିବ । ତୃତୀୟ କେନାଲଟି ଆନ୍ଧ୍ରପ୍ରଦେଶକୁ ମଧ୍ୟ ଜଳଯୋଗାଇ ପାରିବ ।

**ଜଙ୍ଗଲ ସମସ୍ୟା :**

ପୁରାକାଳରୁ କରାଯାଉଥିବା ପୋଡୁଚାଷ କାଳକ୍ରମେ କମିଯିବାର ଦେଖାଦେଲାଣି । ଏହାର ଅନେକ ଭଲ ଓ ମନ୍ଦ ଦିଗ ରହିଛି । କିନ୍ତୁ ବର୍ଷାଜଳର ଅଭାବ, ଅଳ୍ପ ଆମଦାନୀ, ଜଳବାୟୁର ପରିବର୍ତ୍ତନ ଓ ଜଙ୍ଗଲ ବିଭାଗର ପ୍ରାଦୁର୍ଭାବ ପୋଡୁଚାଷ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଛି । ତଥାପି ଅନେକ ଜାତପୁମାନେ ପୋଡୁଚାଷ କରୁଥିବାର ଦେଖାଯାଏ । ଏମାନେ ଏବେ ମଧ୍ୟ କେବଳ ପାରମ୍ପରିକ ରୀତିରେ କୃଷିକାର୍ଯ୍ୟ କରନ୍ତି ।

ପୋଡୁଚାଷ କରିବା ପାଇଁ ଜାତପୁ ଭାଇମାନେ ଅନେକ ଜଙ୍ଗଲ କାଟି ସଫା କରିଦେଉଛନ୍ତି । ଦୈନନ୍ଦିନ ଜୀବନର ବ୍ୟବହାର ପାଇଁ ସେମାନେ ଅନେକ କାଠ ଆବଶ୍ୟକ କରିଥାନ୍ତି ଯଥା - ଜାଳେଣି କାଠ, ଗୃହ ଓ ବାଡ଼ ତିଆରି ପାଇଁ, କୃଷି ଉପକରଣ, ଆସବାପତ୍ର ଓ ଅନ୍ୟାନ୍ୟ ଜିନିଷ ତିଆରି ପାଇଁ କାଠର ଆବଶ୍ୟକତା ଥାଏ । ଏମାନେ ପ୍ରଚୁର ପରିମାଣରେ ଜଙ୍ଗଲକୁ ଗଛ କାଟି ଜଙ୍ଗଲ ସଫା କରିଦେବାର ଦେଖାଗଲାଣି । ଅନେକ ସମୟରେ ଏମାନେ ଜଙ୍ଗଲ ଅଧିକାରୀଙ୍କର କୋପ ଦୃଷ୍ଟିର ଶୀକାର ହୁଅନ୍ତି । ଜଙ୍ଗଲ ହେବା ଫଳରେ ପୂର୍ବ ପରି ବର୍ଷା ହେଉନାହିଁ । ବର୍ଷା ଅଭାବରୁ ଜଳଉତ୍ସଗୁଡ଼ିକ ଶୁଖିଗଲାଣି । ଜଙ୍ଗଲ ନଷ୍ଟ ହୋଇଯିବା ଫଳରେ ପୂର୍ବେ ମିଳୁଥିବା ଫଳମୂଳ, କାଠ, ଲାଖ, ଝୁଣା, ମହୁ ଇତ୍ୟାଦି ମିଳୁନାହିଁ । ଅନେକ ଉପକାରୀ ଉଦ୍ଭିଦ ଓ ପ୍ରାଣୀ ଲୋପ ପାଇଗଲେଣି । ଏବେ ଜଙ୍ଗଲରୁ ଜୀବଜନ୍ତୁ ଲୋପପାଇଯିବାରୁ ଜାତପୁମାନେ ଶୀକାର କରିବା ପ୍ରାୟ ଭୁଲି ଗଲେଣି ।

ପୋଡୁଚାଷ ପାଇଁ ଫେବୃୟାରୀ ଠାରୁ ମାର୍ଚ୍ଚମାସ ମଧ୍ୟରେ ଅନେକ ଜଙ୍ଗଲ କାଟି ସଫାକରି ସେଥିରେ ନିଆଁ ଲଗାଇ ଦିଆଯାଏ । ଫଳରେ କାଠପତ୍ର ପୋଡ଼ିବା ଯୋଗୁଁ ଅନେକ ପରିମାଣରେ ଧୂଆଁ ବାୟୁମଣ୍ଡଳରେ ମିଶି ଅଙ୍ଗାରକାମ୍ଳର ପରିମାଣର ବୃଦ୍ଧିକରି ବାୟୁ ପ୍ରଦୂଷଣ କରାଇଥାଏ । ଏହି ଗୋଷ୍ଠୀର ଲୋକମାନେ ସାଧାରଣତଃ ବସତିର

ଚତୁର୍ଃପାଶ୍ୱ ପ୍ରତି ଧ୍ୟାନ ଦେଇ ନଥାନ୍ତି । ଏଠି ସେଠି ଅଳିଆ ଆବର୍ଜନା ଜମା କରିଥା'ନ୍ତି । ତାହା ପରିବେଶର ଶୁଦ୍ଧତା ନଷ୍ଟ କରେ । ଏସବୁ ଅଞ୍ଚଳରେ ମଶାର ପ୍ରାଦୁର୍ଭାବ ଅଧିକ ହୁଏ । ମ୍ୟାଲେରିଆ ରୋଗ ସୃଷ୍ଟି ହୁଏ ଏବଂ ବସନ୍ତ, ମିଳିମିଳା, ହଇଜା, ଝାଡ଼ାବାନ୍ତି, ହାଡ଼ଫୁଟି ଇତ୍ୟାଦି ବିଭିନ୍ନ ରୋଗ ଦେଖାଯାଏ । ଏତଦ୍‌ବ୍ୟତୀତ ପେଟରୋଗ ଓ ଚର୍ମରୋଗକୁ ମଧ୍ୟ ଏଡ଼ାଇ ହୁଏ ନାହିଁ ।

ଜଳବାୟୁର ପରିବର୍ତ୍ତନ ଯୋଗୁ ଠିକ୍ ସମୟରେ ବର୍ଷା ହୁଏ ନାହିଁ । ଫଳତଃ ଚାଷବାସରୁ ବିଶେଷ ଆମଦାନି ହୋଇପାରେ ନାହିଁ । ଋତୁ ପରିବର୍ତ୍ତନ ଓ ପ୍ରକୃତିରେ ନିୟମିତା ରହୁ ନାହିଁ । କେତେବେଳେ ସେଠାରେ ଝଡ଼ ସୃଷ୍ଟି ହେଲାଣିତ କେତେବେଳେ ବର୍ଷା ଅଭାବରୁ ମରୁଡ଼ି ଦେଖାଦେଲାଣି । କେତେକ ସମୟରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଲାଣି ତ ଅନ୍ୟ କେତେବେଳେ ସବୁଆଡ଼େ କୁହୁଡ଼ି ପୂର୍ଣ୍ଣ ହୋଇଗଲାଣି । ଏହିପରି ଅନିୟମିତ ଜଳବାୟୁ ଫଳରେ ଚାଷବାସ ଓ ପଶୁପକ୍ଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।

**ପରିବେଶ ପ୍ରଦୂଷଣ ସମସ୍ୟା :**

ବିଭିନ୍ନ କାରଣରୁ ସ୍ଥାନୀୟ ଅଧିବାସୀଙ୍କ ପରିବେଶ ପ୍ରଦୂଷିତ ହୋଇଥାଏ । ଯଥା

- ପୋଡୁଚାଷ କରିବା ପାଇଁ ସେମାନଙ୍କୁ ଜଙ୍ଗଲ ସଫା କରିବାକୁ ପଡ଼ିଥାଏ । ତେଣୁ ସେମାନେ ଜଙ୍ଗଲ କାଟି ସଫା କରି ଗଛ, ବୁଦା, ଘାସ, ଡ଼ାଳପତ୍ର ଇତ୍ୟାଦିକୁ ନିଆଁ ଲଗାଇ ପୋଡ଼ି ଦିଅନ୍ତି । ଏଥିରୁ ନିର୍ଗତ ଧୂଆଁ ବାୟୁ ମଣ୍ଡଳରେ ମିଶି ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି କରିଥାଏ । ଫଳତଃ ବାୟୁମଣ୍ଡଳ ଦୂଷିତ ହୋଇଥାଏ ।
- ପରିବେଶ ସମ୍ବନ୍ଧୀୟ ପ୍ରତ୍ୟକ୍ଷ ଜ୍ଞାନ ଅଭାବରୁ ସେମାନେ ଘରର ଅଳିଆ ଆବର୍ଜନା ଏଣେତେଣେ ଫୋପାଡ଼ି ଦେଇଥାନ୍ତି । ଫଳତଃ ବର୍ଷାଦିନେ ସେଗୁଡ଼ିକ ପଚି ଦୁର୍ଗନ୍ଧ ହୁଏ ଓ ତାହା ପରିବେଶକୁ ନଷ୍ଟ କରିଥାଏ ।
- ନଳକୂପ ଓ କୂଅମୂଳେ ଅନେକ ପାଣି ଜମିବାରୁ ସେଠାରେ ଅତ୍ୟଧିକ କାଦୁଅ ହୋଇଥାଏ । ସେଠାରେ ମଶାମାଛି ବଂଶ ବିସ୍ତାର କରି ପ୍ରଦୂଷଣ କରିଥାନ୍ତି ଓ ଲୋକମାନେ ମଶାମାଛିଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ହନ୍ତସନ୍ତ ହୋଇଥାନ୍ତି ।

- ନିଜର ଖାଦ୍ୟ ପ୍ରସ୍ତୁତ କରିବା ଓ ଅନ୍ୟାନ୍ୟ କାର୍ଯ୍ୟରେ ଆବଶ୍ୟକ ହେଉଥିବା ନିଆଁ ପାଇଁ ପ୍ରଚୁର ପରିମାଣରେ କାଠ ଜାଳିଥାନ୍ତି । ସେଥିରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାଏ ।

ବହୁ ବର୍ଷ ପୂର୍ବେ ଯେତେବେଳେ ଜଙ୍ଗଲ ବୃକ୍ଷ ଲତାରେ ପୂର୍ଣ୍ଣଥିଲା ସେତେବେଳେ ବହୁ ପ୍ରକାର ଜୀବଜନ୍ତୁ ଜଙ୍ଗଲରେ ବାସ କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ ହିଂସ୍ରଜନ୍ତୁ ଥିଲେ । ଏହି ଆଦିବାସୀ ଲୋକମାନେ ଜଙ୍ଗଲକୁ କୌଣସି କାର୍ଯ୍ୟରେ ଗଲେ ତାଙ୍କୁ ଆକ୍ରମଣ କରି ମାରିଦେଉଥିଲେ ତ କେତେବେଳେ ଭୀଷଣ ଭାବରେ କ୍ଷତବିକ୍ଷତ କରିଦେଉଥିଲେ । ମୁଖ୍ୟତଃ ବାଘ, ଭାଲୁ, ହାତୀ, ସାପ ଇତ୍ୟାଦି ସିଧାସଳଖ ଭାବେ ମଣିଷକୁ ଆକ୍ରମଣ କରି କ୍ଷତବିକ୍ଷତ କରିଦେଉଥିଲେ କିମ୍ବା ମାରି ଦେଉଥିଲେ । କିନ୍ତୁ ଏବେ ଜଙ୍ଗଲ କମିଯିବାରୁ ବାଘ ଓ ହାତୀ ପ୍ରାୟ ନାହାନ୍ତି । କେବଳ ଭାଲୁ ଓ ସାପ କ୍ୱଚିତ ଦେଖାଯାଆନ୍ତି । ସେମାନେ ମଧ୍ୟ ଅନେକ ବିପତ୍ତି ସୃଷ୍ଟି କରିଥା'ନ୍ତି ।

ଏହା ଭିନ୍ନ ଭାଲୁ, ଗୋରୁଗାଈ, ଛେଳି, ମେଣ୍ଢା, ମଇଁଷି, କୁକୁଡ଼ା, ମୟୁର ପାରା ଇତ୍ୟାଦି ଜୀବଜନ୍ତୁ ପ୍ରତ୍ୟକ୍ଷ ଭାବରେ ଜାତପୁମାନେ ଚାଷ କରିଥିବା ଫସଲ ଖାଇ ବା ଦଳିଚକଟି ନଷ୍ଟ କରିଦିଅନ୍ତି । ଏହା ବ୍ୟତୀତ ମୂଷା ମଧ୍ୟ କ୍ଷେତରୁ ଫସଲ କାଟି ନେଇଯାଏ । ଘରେ ମଧ୍ୟ ମୂଷାର ପାଦୁର୍ଭାବ କିଛି କମ୍ ନଥାଏ । ଏହା ଭିନ୍ନ ବିଭିନ୍ନ ପ୍ରକାର କିଟପତଙ୍ଗ ଅନେକ ଫସଲ ନଷ୍ଟ କରିଦିଅନ୍ତି ।

ବନ୍‌ବିଭାଗର କର୍ମଚାରୀମାନେ ମଧ୍ୟ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାନ୍ତି; ଯେପରି :

- ଜଙ୍ଗଲ କାଟି ପୋଡ଼ୁଚାଷ କରୁଥିବା ଆଦିବାସୀମାନଙ୍କୁଠାରୁ, ଚାନ୍ଦା, ଜୋରିମାନା ଇତ୍ୟାଦି ଆଦାୟ କରିବା ।
- ନିରୀହ ବନଚାରୀମାନଙ୍କୁ ଜଙ୍ଗଲରେ ପଶି କୌଣସି ପ୍ରକାର ଦ୍ରବ୍ୟ ସଂଗ୍ରହ ନକରିବା ପାଇଁ ବେଳେବେଳେ ଧମକ ଦେଇଥାନ୍ତି ।
- ଆଦିବାସୀମାନଙ୍କୁ ଠକି ସେମାନଙ୍କଠାରୁ ଟଙ୍କା ପଇସା ଆକାରରେ ନହେଲେ ମଧ୍ୟ ବିଭିନ୍ନ ଦ୍ରବ୍ୟ ଆଦାୟ କରିବା ।
- ଜାତାପୁମାନଙ୍କ ସହ ନିବିଡ଼ ସମ୍ପର୍କ ରଖି ତାଙ୍କ ସହିତ ରହୁଥିବା ଅନ୍ୟ ଜାତିମାନେ ହେଲେ ସୁଣ୍ଢି, ତେଲି, ଧୋବା, ଭଣ୍ଡାରୀ, ଡ଼ମ୍ବ, ଗଉଡ଼, ବ୍ରାହ୍ମଣ ଇତ୍ୟାଦି ।

ଏମାନଙ୍କ ମଧ୍ୟରୁ ସୁଣ୍ଡି ମଦ ବିକ୍ରି କରେ ଓ ବ୍ୟବସାୟ କରେ । ଜାତପୁମାନଙ୍କୁ ସେ ଏହି ଆଳରେ ଶୋଷଣ କରିଥାଏ । ଦୋକାନରୁ ସଉଦା ପତ୍ର ଆଣିବା ସମୟରେ ଓଜନ, ଦାମ, ହିସାବ ଇତ୍ୟାଦିରେ ମଧ୍ୟ ସେ ଅଶିକ୍ଷିତ ଜାତାପୁମାନଙ୍କୁ ଠକିଦିଏ ।

ଜାତାପୁମାନେ ଏହି ଅଣ ଆଦିବାସୀମାନଙ୍କଠାରୁ ଅତ୍ୟଧିକ ସୁଧ ହାରରେ କରଜ ଆଣିଥାନ୍ତି । ଟଙ୍କା ଓ ଶସ୍ୟ ଉଭୟ କରଜ ଆକାରରେ ଅଣାଯାଇପାରେ । କାଳକ୍ରମେ ସୁଧର ହାର ବଢ଼ିଯାଏ ଓ ତାହା ମୂଳଧନ ସହ ମିଶି ଏକମୋଟା ଅଙ୍କ ସୃଷ୍ଟି କରେ ଯାହାକୁ ଜଣେ ଜାତାପୁ ଆଉ ପରିଶୋଧ କରିପାରେ ନାହିଁ । ଶେଷରେ ନିଜର ଜମି ବିକ୍ରି କରେ ବା ଉକ୍ତ ଲୋକର ସବୁଦିନ ପାଇଁ ଗୋତି ହୋଇ ରହିଯାଏ । ଡ଼ମ୍ବ ଆଦି କେତେକ ନୀଚ ଶ୍ରେଣୀର ଲୋକେ ଏମାନଙ୍କର ଧନ ସଂପତ୍ତି ଚୋରାଇ ବାହାରେ ବିକ୍ରି କରିଦିଅନ୍ତି ।

ପୁନଶ୍ଚ ଏହି ଅଞ୍ଚଳରେ ନକ୍ସଲମାନେ ଉପଦ୍ରବ କରିବାର ଶୁଣାଯାଏ । ଯଦିଓ ସେମାନେ ସିଧାସଳଖ ଜାତାପୁ ଆଦିବାସୀଙ୍କର କୌଣସି କ୍ଷୟକ୍ଷତି କରି ନଥାନ୍ତି ତଥାପି ଜାତାପୁମାନେ ନକ୍ସଲଙ୍କ ପାଇଁ ଅନେକ ସମୟରେ ଭୟ କରିଥାନ୍ତି ।

କେତେକ ଅଞ୍ଚଳରେ ଖ୍ରୀଷ୍ଟିଆନମାନେ ଆସି ଜାତପୁମାନଙ୍କୁ ଧୀରେ ଧୀରେ ଖ୍ରୀଷ୍ଟିଆନ କରିବାରେ ସଫଳତା ଅର୍ଜନ କଲେଣି ।

**ସାମାଜିକ ସମସ୍ୟା :**

ସାମାଜିକ ଜୀବନରେ ମଧ୍ୟ ଜାତାପୁମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ସେଗୁଡ଼ିକ ମଧ୍ୟରୁ କେତୋଟି ନିମ୍ନରେ ବର୍ଣ୍ଣିତ ।

ଜାତପୁ ଆଦିବାସୀ ଗୋଷ୍ଠୀ ମଧ୍ୟରେ କୌଣସି ପ୍ରକାର କନ୍ୟା ସୁନା ଦେବାର ବ୍ୟବସ୍ଥା ନାହିଁ । ଯୌତୁକ ଦେବାର ବ୍ୟବସ୍ଥା ମଧ୍ୟ ସେମାନଙ୍କ ସମାଜରେ ନଥିଲା । କିନ୍ତୁ ସମୟକ୍ରମେ ଏବେ ଜ୍ୱାଇଁକୁ କନ୍ୟାପକ୍ଷ ଟଙ୍କା ପଇସା, ସାଇକେଲ, ଗାଡ଼ି, ଘଡ଼ି, ମୁଦି, ସୁନାଚେନ ଇତ୍ୟାଦି ଯୌତୁକ ଦେବାର ଦେଖାଯାଉଛି । ତେଣୁ କନ୍ୟାସୁନା ନେଇ ଏମାନଙ୍କ ମଧ୍ୟରେ କୌଣସି ସମସ୍ୟା ନଥିଲେ ମଧ୍ୟ ଝିଅ ଘର ବିବାହ ବେଳେ ଅତ୍ୟଧିକ ଅର୍ଥ ଯୋଗାଡ଼ କରି ଜ୍ୱାଇଁ ପାଇଁ ଯୌତୁକ ଦେବା ସେମାନଙ୍କ ପାଇଁ କଷ୍ଟସାଧ ହୋଇପଡ଼େ ।

ଜାତାପୁ ସମାଜରେ ଛାଡ଼ପତ୍ର (ମଗଡୁ ଅଦଲିନ୍ଦି) ଖୁବ୍ କମ୍ ଦେଖାଯାଏ । ବିବାହ ବନ୍ଧନକୁ ଏମାନେ ଖୁବ୍ ଗୁରୁତ୍ୱ ଦେଇଥାନ୍ତି ଏବଂ ପ୍ରାୟ ମୃତ୍ୟୁ ପର୍ଯ୍ୟନ୍ତ ଏକାଠି ରହିଥାନ୍ତି । କିନ୍ତୁ କ୍ୱଚିତ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେଲେ ଛାଡ଼ପତ୍ର ହୁଏ । ଉଭୟ ଉଭୟଙ୍କୁ ଛାଡ଼ପତ୍ର ଦେଇପାରନ୍ତି । ମତାନ୍ତର ହେଲେ ପ୍ରଥମେ ସ୍ତ୍ରୀ ତା'ର ବାପାଘରକୁ ପଳାଇ ଯାଏ ଏବଂ ତା'ର ବାପାଭାଇ ସ୍ତ୍ରୀର ସ୍ୱାମୀ ଘରେ ଉପସ୍ଥିତ ହୋଇ ସ୍ତ୍ରୀକୁ ଛାଡ଼ି ଦେବାର କାରଣ ପଚାରି ଥାଆନ୍ତି । ପ୍ରଥମେ ବୁଝାସୁଝା ଦ୍ୱାରା ସେମାନେ ଏକତ୍ର ରହିବାକୁ ନାରାଜ ହେଲେ ଛାଡ଼ପତ୍ର ଦିଆଯାଏ । ଏଥି ନିମନ୍ତେ ଉଭୟ ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କର ବାପାମାଆଙ୍କୁ ଗ୍ରାମପଞ୍ଚାୟତକୁ ଡ଼କାଯାଏ । ସେଠାରେ ୧୦ ରୁ ୨୫ ଜଣ ଗାଁର ମୁଖିଆ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ରହନ୍ତି । ଦୁଇ ପକ୍ଷର ବୟାନ ଶୁଣି ସାରିବା ପରେ କାହାର କେତେ ଭୁଲ ବିଚାର କରାଯାଏ । ଯଦି ପୁଅ ବିନା ଦୋଷରେ ଝିଅକୁ ଛାଡ଼ପତ୍ର ଦେଇଥାଏ ତେବେ ବିବାହ ବେଳେ ଝିଅ ଆଣିଥିବା ସମସ୍ତ ସୁନା, ରୂପା ଓ ଅନ୍ୟାନ୍ୟ ଜିନିଷ ସ୍ୱାମୀ ଫେରାଇବାକୁ ବାଧ୍ୟ ହୋଇଥାଏ । ଏଥି ନିମନ୍ତେ ଏବେ କେତେକ ସ୍ଥଳେ ଲେଖାପଢ଼ା ହୋଇ ଗୋଟିଏ ଚୁକ୍ତିନାମା ହେଉଛି । ସମସ୍ୟା ଗୁରୁତର ହୋଇଥିଲେ ହେଲେ ଏବଂ ଗାଁ ସଭାରେ ନସରିଲେ ତାହା କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଉଛି ।

ଏମାନଙ୍କ ମଧ୍ୟରେ ଏକପତ୍ନୀ ବିବାହ ବହୁ ପ୍ରଶଂସିତ । ବହୁ ପତ୍ନୀ ବିବାହ ସମାଜରେ ବିରଳ । କିନ୍ତୁ କେତେକ କାରଣ ବଶତଃ ବାଧ୍ୟ ହୋଇ ବେଳେବେଳେ କେତେକ ଲୋକ ଉପପତ୍ନୀ (ଏରାଲୁ) ଗ୍ରହଣ କରିଥାନ୍ତି । ଜଣେ ବ୍ୟକ୍ତି କୌଣସି ସମୟରେ ଦୁଇରୁ ଅଧିକ ସ୍ତ୍ରୀ ବିବାହ କରିପାରିବ ନାହିଁ । ବେଳେବେଳେ ସ୍ତ୍ରୀ ମରିଗଲେ, କିମ୍ବା ପ୍ରଥମସ୍ତ୍ରୀର ସନ୍ତାନ ସନ୍ତତି ନହେଲେ ପ୍ରଥମ ସ୍ତ୍ରୀର ଅନୁରୋଧ କ୍ରମେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରାଯାଇଥାଏ । ଉପପତ୍ନୀ ଥିଲେ ପତ୍ନୀମାନଙ୍କ ମଧ୍ୟରେ କଳହ ସୃଷ୍ଟି ହୁଏ ଏବଂ ପରିବାରରେ ଅଶାନ୍ତି ଦେଖାଦିଏ ।

କେତେକ କାରଣଯୋଗୁ ଗୋତ୍ର, ପରିବାର, ବଂଶ ଓ ସମ୍ପ୍ରଦାୟ ମଧ୍ୟରେ କଳିଗୋଳ ହୋଇଥାଏ । ଅନେକ ସମୟରେ ଛୋଟ କଥାକୁ ନେଇ ମଧ୍ୟ ବଡ଼ ଧରଣର କଳିଗୋଳ ହୋଇଥାଏ । ପରିବାର ମଧ୍ୟରେ ସମ୍ପତ୍ତି ବଣ୍ଟନ ନେଇ ଭାଇ ଭାଇଙ୍କ ମଧ୍ୟରେ କଳିଗୋଳ ହୁଏ । ଗୋତ୍ର ଗୋତ୍ର ମଧ୍ୟରେ ମଧ୍ୟ ଅନେକ ସମୟରେ କଳହ ସୃଷ୍ଟି ହୋଇଥାଏ । ଗୋତ୍ର ମଧ୍ୟରେ ବିବାହ, ଛାଡ଼ପତ୍ର, ଯୌତୁକ ଇତ୍ୟାଦି ଘଟଣାକୁ ନେଇ ବିବାଦ

ଦେଖାଦେଇଥାଏ । ସେହିପରି ଜାତାପୁ ଲୋକଙ୍କର ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କ ସହ ମଧ୍ଯ ଦ୍ୱନ୍ଦ୍ୱ ଉପୁଜିଥାଏ । ଠକାମି, ଶୋଷଣ ଇତ୍ୟାଦିକୁ ନେଇ ଏହି ଝଡ଼ ଆରମ୍ଭ ହୋଇଥାଏ । ଗ୍ରାମସୀମା, ଅଧିକୃତ ଜଙ୍ଗଲ ଅଞ୍ଚଳ ଇତ୍ୟାଦିକୁ ନେଇ ମଧ୍ୟ ସମ୍ପ୍ରଦାୟ ସମ୍ପ୍ରଦାୟ, ଗୋତ୍ର ଗୋତ୍ର ଓ ଗ୍ରାମ ଗ୍ରାମ ମଧ୍ୟରେ କଳିଗୋଳ ଭୀଷଣ ରୂପଧାରଣ କରିଥାଏ ।

ଅଧିକାଂଶ ଜାତାପୁ ଅନ୍ୟ ଆଦିବାସୀଙ୍କ ପରି ଅନେକ ସମୟରେ ମଦ ପିଇଥାଆନ୍ତି । ଏଥିରେ ପ୍ରଚୁର ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ । ଅଳ୍ପ ଅର୍ଥ ଆୟ କରୁଥିବା ଏହି ଲୋକମାନେ ବେଳେବେଳେ ଉପାର୍ଜିତ ଅର୍ଥକୁ ମଦପିଇ ଖର୍ଚ୍ଚକରି ଦେବାକୁ ପଛେଇ ନଥାନ୍ତି । ତେଣୁ ଅନେକ ସମୟରେ ଉପଯୁକ୍ତ ଖାଦ୍ୟ ସେମାନେ ପାଆନ୍ତି ନାହିଁ । କେତେକ ଋଣ କରି ମଦ୍ୟପାନ କରୁଥିବାର ଦେଖାଯାଏ । ଏମାନେ ମୁଖ୍ୟତଃ ଗ୍ରାମରେ ରହୁଥିବା ସୁଣ୍ଡି ଘରୁ ବାକି (ଋଣ)ରେ ମଦ ପିଇଥାନ୍ତି । ସୁଣ୍ଡି ମଧ୍ଯ ଅନେକ ସମୟରେ ସେମାନଙ୍କୁ ଠକି ଅଧିକ ଟଙ୍କା ଆଦାୟ କରିନେଇଯାଏ । କେତେବେଳେ ଟଙ୍କା ନ ଦେଇ ପାରିଲେ ଶେଷରେ ଜମିବାଡ଼ି ବନ୍ଧା ବା ବିକ୍ରି କରିବାକୁ ପଡ଼ିଥାଏ । ଏତଦ୍‌ବ୍ୟତୀତ ମଦ୍ୟପମାନଙ୍କ ହିତାହିତ ଜ୍ଞାନ ନଥାଏ । ତେଣୁ ସେମାନେ ଭାଷାରେ ସଂଯମତା ରକ୍ଷା କରି ପାରନ୍ତି ନାହିଁ ଏବଂ ତାହା ସେମାନଙ୍କୁ ଅପ୍ରିୟ ଭାଜନ କରାଏ, ବେଳେବେଳେ ହାତାହାତି ଯାଏ କଥାଯାଏ । ଗଣ୍ଡଗୋଳ, ଗାଳିଗୁଲଜ କରିଥିବାରୁ ପଞ୍ଚାୟତ ବସି ଉକ୍ତ ମଦ୍ୟପଠାରୁ ଜୋରିମନା ଆଦାୟ କରାଯାଏ । ଅତ୍ୟଧିକ ମଦ୍ୟପାନ ଦ୍ୱାରା ସେମାନେ ବିଭିନ୍ନ ପ୍ରକାର ରୋଗର ଶିକାର ହୁଅନ୍ତି ଏବଂ ଏହାର ପ୍ରତିକାର ନିମନ୍ତେ ଅନେକ ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ ।

ବିଶ୍ୱାସ କରାଯାଏ ଯେ ଦେବାଦେବୀମାନେ ଅସନ୍ତୁଷ୍ଟ ହେଲେ ସେମାନଙ୍କ କୋପରୁ ଅନିଷ୍ଟ ଘଟିଥାଏ । ଜାତପୁମାନେ ଏହି ପରି ବିଭିନ୍ନ ଧାରଣା ପୋଷଣ କରିଥାନ୍ତି ।

- ଆମତାଲି ଠାକୁରାଣୀଙ୍କ କୋପଦୃଷ୍ଟି ଫଳରେ ବସନ୍ତ ରୋଗ ଦେଖାଦିଏ ।
- ନନ୍ଦିଆମାଙ୍କୁ ଉପଯୁକ୍ତ ଭାବରେ ପୂଜା କରି ସନ୍ତୁଷ୍ଟ ନକରି ପାରିଲେ ଗ୍ରାମରେ ଫସଲ ନଷ୍ଟ ହେବା, ଗୋରୁଗାଈଙ୍କୁ ବାଘ ଆକ୍ରମଣ କରି ମାରିଦେବା, ଧନଜୀବନ ନଷ୍ଟ ହେବା ପରି କେତେକ ସମସ୍ୟା ସୃଷ୍ଟି ହୋଇଥାଏ ।
- ଶିକାରକୁ ଗଲାବେଳେ ଯଦି କୋଣ୍ଡା ଦେଓ୍ୱତାକୁ ପୂଜା ନ କରାଯାଏ, ତେବେ ଶିକାର ମିଳନ୍ତି ନାହିଁ, ହିଂସ୍ରଜନ୍ତୁ ଆକ୍ରମଣରୁ କିମ୍ବା ନିଜ ଅସ୍ତ୍ର ଘାତରେ ଶିକାରୀମାନଙ୍କର କ୍ଷତି ପହଞ୍ଚି ପାରେ ।

- ଠାକୁରାଣୀ ମାଆଙ୍କର ପାଦ ଆଣି ପୂଜା କରିବା ବେଳେ କୌଣସି ପ୍ରକାର ଅବହେଳା କଲେ ଘରପୋଡ଼ି, ଫସଲ ନଷ୍ଟ, ଝାଡ଼ାବାନ୍ତି, ବେମାର ଆଦି ଅନେକ ସମସ୍ୟା ଦେଖାଦେଇଥାଏ ।
- ଝାକିରିଆମା ଗ୍ରାମ ଦେବୀଙ୍କର କୋପଦୃଷ୍ଟି ହେଲେ ଗ୍ରାମକୁ ବିଭିନ୍ନ ଭୂତ ପ୍ରେତଙ୍କର ପ୍ରବେଶ ଘଟେ, ରୋଗବ୍ୟାଧି ହୁଏ ଓ ବାହାର ଶତ୍ରୁ, ଆତ୍ମାମାନେ ଆସି ଗ୍ରାମବାସୀଙ୍କର ଘୋର ଅନିଷ୍ଟ କରିଥାନ୍ତି ।

କୌଣସି ଗୋଟିଏ ପରିବାରକୁ ବାସନ୍ଦ କରିବା ବା ଏକ ଘରକିଆ କରିବାକୁ ଜାତପୁମାନେ 'ଜାତି ଭାଦୁ' କହନ୍ତି । ଯଦି କୌଣସି ପରିବାର ବା ବ୍ୟକ୍ତି ସମାଜର ନୀତିନିୟମ ଉଲ୍ଲଘଂନ କରେ ବା ପଞ୍ଚାୟତ କହୁଥିବା କଥାକୁ ଅମାନ୍ୟ କରେ ତେବେ ତାକୁ ପଞ୍ଚାୟତର ନିଷ୍ପତ୍ତି କ୍ରମେ ଏକ ଘରକିଆ ବା କୁଳରୁ ଭିନ୍ନ କରିଦିଆଯାଏ । ଫଳରେ ଗ୍ରାମର ଅନ୍ୟ କୌଣସି ବ୍ୟକ୍ତି ବା ପରିବାର ଏହି ପରିବାର ସହ କଥାବାର୍ତ୍ତା ଓ ମିଳାମିଶା କରିପାରନ୍ତି ନାହିଁ । ବାସନ୍ଦ କରାଯାଇଥିବା ପରିବାରଟି କୌଣସି ସାମୂହିକ ସଂପତ୍ତିରୁ ଭାଗପାଇ ନାହିଁ । ଏପରିକି ତାକୁ ନଈ, ପୋଖରୀ, କୂଅ ଓ ନଳକୂଅରୁ ପାଣି ଦେବା ପାଇଁ ବାରଣ କରାଯାଇପାରେ । ସର୍ବସାଧାରଣ ମନ୍ଦିରକୁ ସେ ଯାଇ ପାରେ ନାହିଁ । କାମଧନ୍ଦାରେ ତାକୁ କେହି ସାହାଯ୍ୟ କରନ୍ତି ନାହିଁ ।

ପଡ଼ୋଶୀ ଗୋଷ୍ଠୀମାନଙ୍କ ସହ ବେଳେବେଳେ ମଧ୍ୟ ଜାତପୁମାନଙ୍କର କଳହ ସୃଷ୍ଟି ହୋଇଥାଏ । ଗ୍ରାମସୀମା ରେଖା, ଗୋଚର ଜମି, ଅଧିକୃତ ଜଙ୍ଗଲ ଅଞ୍ଚଳ ଇତ୍ୟାଦି ବିଷୟ ନେଇ ପଡ଼ୋଶୀ ଗ୍ରାମବାସୀମାନଙ୍କ ସହ ବେଳେବେଳେ ଗଣ୍ଡଗୋଳ ସୃଷ୍ଟି ହୋଇଥାଏ । ଚୋରି ଓ ଶତ୍ରୁତାକୁ ନେଇ ମଧ୍ୟ ଏମାନଙ୍କ ମଧ୍ୟରେ କଳିଗୋଳ ଉପୁଜିଥାଏ । ପଡ଼ୋଶୀ ଗୋଷ୍ଠୀମାନେ ବ୍ୟବସାୟ ବାଣିଜ୍ୟ ଛଳରେ ଅନେକ ସମୟରେ ଜାତପୁମାନଙ୍କୁ ଶୋଷଣ କରିଥାନ୍ତି । ଫଳତଃ ଏମାନଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥାଏ ।

ଜାତାପୁ ଅଞ୍ଚଳରେ ନକ୍ସଲପନ୍ଥିମାନଙ୍କର ପ୍ରଭାବ ଖୁବ ବେଶୀ । ଯଦିଓ ଏହି ନକ୍ସଲମାନେ ସିଧାସଳଖ ଜାତାପୁମାନଙ୍କର କୌଣସି କ୍ଷତି କରିନଥାନ୍ତି ତେବେ ସେମାନେ ଏହି ନକ୍ସଲମାନଙ୍କର ବିଭିନ୍ନ ଭୟାବହ କାର୍ଯ୍ୟ ଯୋଗୁଁ ଆତଙ୍କିତ ହୋଇ ପଡ଼ନ୍ତି ।

### ଅର୍ଥନୈତିକ ସମସ୍ୟା :

ଏହି ଗୋଷ୍ଠୀର ଆଦିବାସୀମାନେ ଅସୁବିଧା ସମୟରେ କୁମୁଟି, ବଣିଆ, ସୁଣ୍ଡି ଇତ୍ୟାଦି ବ୍ୟବସାୟୀ ଗୋଷ୍ଠୀଙ୍କଠାରୁ ଉଚ୍ଚ ସୁଧ ହାରରେ ଋଣ ଆଣିଥାନ୍ତି । ଋଣ ଦାତାକୁ

ସାହୁକାର କହନ୍ତି । ଏହି ସାହୁକାରମାନେ ମାସକୁ ଶତକଡ଼ା ୫-୭ ଟଙ୍କା ହାରରେ ସୁଧ ନିଅନ୍ତି ଏବଂ ଶସ୍ୟ ଋଣ ଆକାରରେ ଆଣିଲେ ଅମଳ ବେଳେ ମୂଳ ଶସ୍ୟର ୧½ ଗୁଣ କିମ୍ୱା ୨ ଗୁଣ ଦିଆଯାଏ । ମାତ୍ର ଆଜିକାଲି ସେମାନେ ବ୍ୟାଙ୍କରୁ ଋଣ ଆଣୁଛନ୍ତି । ମହିଳା ସଂଘ (ସ୍ୱୟଂ ସହାୟକ ଗୋଷ୍ଠୀ) କରି ମହିଳାମାନେ ମଧ୍ୟ ବ୍ୟାଙ୍କରୁ ଟଙ୍କା ଆଣି ବେପାର ବାଣିଜ୍ୟ କରୁଛନ୍ତି । ଏହି ସଙ୍ଘରୁ କୌଣସି ବ୍ୟକ୍ତି ଟଙ୍କା ଋଣ ନେଲେ ତାକୁ ମାସିକ ୩% ସୁଧ ହାରରେ ସମୂଳସୁଧ ପରିଶୋଧ କରିବାକୁ ପଡ଼ିଥାଏ । ଏମାନେ ମଧ୍ୟ ବହୁମୁଖୀ ବୃହତାକାର ସମବାୟ ସମତି ଲି.ସମବାୟ ସମିତି ଇତ୍ୟାଦିରୁ ବିଭିନ୍ନ ପ୍ରକାର ଋଣ ଆଣିବାର ଦେଖାଯାଏ ।

ସରକାରଙ୍କର ଅନୁଦାନ କ୍ରମେ କେତେକ ପରିବାରଙ୍କୁ ଜମି ଯୋଗାଇ ଦିଆଯାଇଛି କିନ୍ତୁ ଅନ୍ୟ କେତେକ ପରିବାର ଏହି ସୁଯୋଗରୁ ବଞ୍ଚିତ ହୋଇଛନ୍ତି । ଏମାନଙ୍କର ଧାନ ଜମି ନଥାଏ । ଏହି ଜମି ବଣ୍ଟନରେ ମଧ୍ୟ ପାତର ଅନ୍ତର ନୀତି ଓ ପ୍ରିୟା ପ୍ରୀତି ଘୋଷଣା ଚାଲିଛି ବୋଲି କେତେକ ମତ ଦିଅନ୍ତି ।

ପୂର୍ବପରିରୁ ଆଉ ସବସିଡ଼୍ ମିଳୁ ନଥିବାର ଏମାନେ ଅଭିଯୋଗ କରନ୍ତି । ବର୍ଷା ଜଳର ଓ ଜଳ ସେଚନର ଅଭାବରୁ ଜାତପୁ ଚାଷୀଙ୍କୁ କେବଳ ପ୍ରକୃତି ଉପରେ ନିର୍ଭର କରିବାକୁ ପଡ଼ିଥାଏ ।

ଜଙ୍ଗଲ ଉଚ୍ଛେଦ ଯୋଗୁ ପଶୁପକ୍ଷୀଙ୍କର ସଂଖ୍ୟା କମିଗଲାଣି ଅଧିକନ୍ତୁ କେତେକ ଜୀବଜନ୍ତୁ ଜଙ୍ଗଲରୁ ଲୋପ ପାଇଗଲେଣି । ତେଣୁ ପୂର୍ବ ପରି ଆଉ ଶିକାର ମିଳୁ ନଥିବାରୁ ଜାତପୁମାନେ ଶିକାର ଛାଡ଼ି ଦେଲେଣି । ଦ୍ୱିତୀୟତଃ, ଜଙ୍ଗଲର ଅଧିକାରୀମାନେ ଶିକାରୀମାନଙ୍କୁ ଜଙ୍ଗଲରେ ପଶି ଶିକାର କରିବାକୁ ବାରଣ କରିଥାଆନ୍ତି । କିନ୍ତୁ ଏବେ ବି କେତେକ ସ୍ଥାନରେ ଫେବୃୟାରୀରୁ ମାର୍ଚ୍ଚ ମାସ ମଧ୍ୟରେ ଜନ୍ତୁ ଶୀକାର କରା ଯିବାର ଦେଖାଯାଏ । କୌଣସି ଜୀବଜନ୍ତୁ ଶିକାର କରିବା ବେଳେ ଅନେକ ଶିକାରୀ ଖଣ୍ଡିଆ ଖାବରା ହୋଇଥାନ୍ତି । କେତେକ ହିଂସ୍ର ଜୀବଙ୍କ ଆକ୍ରମଣରେ କ୍ଷତବିକ୍ଷତ ହୋଇଥାଆନ୍ତି ।

ଜଙ୍ଗଲ ଜାତଲପୁ ଆଦିବାସୀଙ୍କର ଏକ ଖାଦ୍ୟର ଭଣ୍ଡାର କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ କାଳକ୍ରମେ ଜଙ୍ଗଲ ନଷ୍ଟ ହୋଇଯିବା ପରେ ଆଗରୁ ଜଙ୍ଗଲରୁ ସଂଗ୍ରହ କରାଯାଉଥିବା ଫୁଲ, ଫଳ, କନ୍ଦା, ମୂଳ, ଚେର, ଡ଼ାଳ, ପତ୍ର ଇତ୍ୟାଦି ଯଥେଷ୍ଟ ପରିମାଣରେ ମିଳୁନାହିଁ । ଏପରି କେତେକ ବୃକ୍ଷ ସଂପୂର୍ଣ୍ଣ ଲୋପ ପାଇଯିବା କଥା ଜାତପୁମାନେ ପ୍ରକାଶ କରନ୍ତି ।

ଏମାନେ ଯେତେବେଳେ ଯାହା ପାଆନ୍ତି ତାହା ଖାଇ ବଞ୍ଚିଯାଆନ୍ତି । ପୁଷ୍ଟିକର ଖାଦ୍ୟ ବିଷୟରେ ଜ୍ଞାନର ଅଭାବ ତଥା ଆର୍ଥିକ ଅସ୍ୱଚ୍ଛଳତା ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ କରିଥାଏ ।

ବହୁବର୍ଷ ପୂର୍ବେ ଜାତାପୁମାନେ କେବଳ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଓ ପୋଡୁଚାଷ କରି ଯାହା ଉତ୍ପାଦନ କରୁଥିଲେ ସେଥିରେ ଦୁଃଖ କଷ୍ଟ ଚଳିଯାଉଥିଲେ । ସେତେବେଳେ ଖାଦ୍ୟର ଘୋର ଅଭାବ ଥିଲା । ମୁଖ୍ୟତଃ ବର୍ଷାଦିନେ ସେମାନେ ଜଙ୍ଗଲରୁ ଖାଦ୍ୟ ସଂଗ୍ରହ ନ କରିପାରି ଅନେକ ସମୟରେ ଉପାସ ରହୁଥିଲେ । କିନ୍ତୁ କାଳକ୍ରମେ ସେମାନେ ଧାନଚାଷ, କପା, ଚାଷ, ଧୂଆଁପତ୍ର ଚାଷ ଇତ୍ୟାଦି କରିବା ଦ୍ୱାରା ଅଭାବ କିଛି ମାତ୍ରାରେ ଦୂର ହୋଇଛି ଏବଂ ପୂର୍ବ ଅପେକ୍ଷା ସେମାନେ ଅଧିକ ଓ ଯଥେଷ୍ଟ ପରିମାଣରେ ଖାଦ୍ୟ ପାଇପାରୁଛନ୍ତି । ତଥାପି ସେମାନେ ଖାଉଥିବା ଖାଦ୍ୟ ପଦାର୍ଥ ସେମାନଙ୍କ ଶାରୀରିକ ଦକ୍ଷତା ଯୋଗାଇବା ପାଇଁ ତଥା ପୁଷ୍ଟି ବର୍ଦ୍ଧନ ପାଇଁ ଯଥେଷ୍ଟ ନୁହେଁ ।

ଜଳସେଚନର ଅଭାବରୁ ସେମାନେ ଗ୍ରୀଷ୍ମ ଋତୁରେ କୌଣସି ପ୍ରକାର ପନିପରିବା ଚାଷ କରିପାରନ୍ତି ନାହିଁ ଫଳତଃ ସେହି ସମୟରେ ହାଟବଜାରରୁ ପନିପରିବା କିଣି ଖାଇବାକୁ ପଡ଼ିଥାଏ । କିନ୍ତୁ ସମସ୍ତେ ପନିପରିବା କିଣି ଖାଇବା ପାଇଁ ଅର୍ଥପାଇନଥାନ୍ତି । ତେଣୁ ଗ୍ରୀଷ୍ମ ଦିନେ ପନିପରିବା ପାଇଁ ଅନେକ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଥାଏ ।

ପ୍ରଥାନୁସାରେ ବାପାଙ୍କ ଅନ୍ତେ ସମସ୍ତ ପୁତ୍ରମାନଙ୍କ ମଧ୍ୟରେ ଜମିଜମା ଓ ଅସ୍ଥାବର ସମ୍ପତ୍ତିକୁ ସମାନ ଭାବରେ ବଣ୍ଟନ କରାଯାଇଥାଏ । କିନ୍ତୁ ପିତାମାତା ବଞ୍ଚିଥିବା ବେଳେ ଯଦି ଭାଗବାଣ୍ଟ କରାଯାଏ ତେବେ ସେମାନଙ୍କ ପାଇଁ ଗୋଟିଏ ଭାଗ ଛାଡ଼ି ଦିଆଯାଇଥାଏ । ଯେଉଁ ପୁଅ ପିତାମାତାଙ୍କର ଯତ୍ନ ନେଇ ଥାଆନ୍ତି ସିଏ ବାପାମାଆଙ୍କର ଭାଗ ସଂପତ୍ତିକୁ ଭୋଗ କରିଥାନ୍ତି । ଝିଅମାନଙ୍କୁ କୌଣସି ସ୍ଥାବର ସମ୍ପତ୍ତିରୁ ଭାଗ ଦିଆଯାଏ ନାହିଁ । ଝିଅ ବିବାହ ବେଳେ ମାଆ ତାଙ୍କର ଗହଣାରୁ କିଛି ଅଂଶ ନିଜ ଇଚ୍ଛାରେ ଝିଅକୁ ଦେବାର ଅଧିକାର ମାଆର ଥାଏ । ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଭାଗବଣ୍ଟା ବେଳେ ଭାଇଭାଇଙ୍କ ମଧ୍ୟରେ ଅନେକ ସମୟରେ କଳିଗୋଳ ହୋଇଥାଏ ।

କେତେକ ନିମ୍ନ ଶ୍ରେଣୀର ଲୋକେ ଅନେକ ସମୟରେ ଫସଲ, ଧନ ସଂପତ୍ତି ଚୋରି କରିଥାନ୍ତି । ସାଧାରଣତଃ ଚୋରି କରିବା ସେମାନେ ପାପ ବୋଲି ବିଚାର କରିଥାନ୍ତି । ଫଳତଃ ଏମାନଙ୍କ ସମାଜରେ ଚୋରିର ପ୍ରାଦୁର୍ଭାବ କମ୍ ।

ଜାତାପୁମାନେ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭର କରି କୃଷି କାର୍ଯ୍ୟ କରିଥାନ୍ତି । ସେମାନଙ୍କ ଅଞ୍ଚଳରେ ଜଳ ସେଚନର କୌଣସି ସୁବିଧା ନାହିଁ । ତେଣୁ ଅନେକ ସମୟରେ ବର୍ଷାଭାବ ଯୋଗୁଁ ଉତ୍ପାଦନ ଠିକ ରୂପେ ହୋଇପାରେ ନାହିଁ । ଦ୍ୱିତୀୟରେ ସେମାନେ ପାରମ୍ପାରିକ ରୀତିରେ ଚାଷକାମ କରୁଥିବାରୁ ଉତ୍ପାଦନ ଖୁବ୍ କମ୍ ହୋଇଥାଏ । ବର୍ଷା ଅଭାବରୁ ବେଳେବେଳେ ମରୁଡ଼ି ଦେଖାଯାଏ । ବୈଜ୍ଞାନିକ ଜ୍ଞାନ କୌଶଳ ଅଭାବ, ତଥା ପ୍ରୟୋଗ କରିବାର ଅଜ୍ଞାତା ତଥା ଅକ୍ଷମତା ହେତୁ ସେମାନେ ଅର୍ଥ ବ୍ୟୟ ଓ ପରିଶ୍ରମ ତୁଳନାରେ ଖୁବ୍ କମ ଉତ୍ପାଦନ କରିଥାନ୍ତି ।

କେତେକ ଜାତାପୁ ଧୂଆଁପତ୍ର, କପା ଆଦି ଅର୍ଥକାରୀ ଫସଲ ଚାଷ କରିଥାଆନ୍ତି । କିନ୍ତୁ ସେମାନେ ଏହି ଉତ୍ପାଦନକୁ ବିକ୍ରି କରିବା ବେଳେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଧୂଆଁପତ୍ର ଓ କପାବେପାରୀମାନେ ଘରକୁ ଆସି ଘରୁ ଏସବୁ କ୍ରୟ କଲାବେଳେ ସେମାନଙ୍କୁ ଅଳ୍ପଦାମରେ ଦେଇଥା'ନ୍ତି ଏବଂ ଓଜନ, ହସାବ ଇତ୍ୟାଦିରେ ଠକିଥାଆନ୍ତି । ଯଦି ଏମାନେ ବାହାରକୁ ନିଜର ଉତ୍ପାଦିତ ଦ୍ରବ୍ୟ ନେଇ ବିକ୍ରି କରିବାରେ ଚେଷ୍ଟା କରନ୍ତି ତେବେ କିଣିବା ଲୋକମାନେ ଏମାନଙ୍କୁ ମଧ୍ୟ ଠକିଥାଆନ୍ତି ବା ଶୋଷଣ କରିଥାନ୍ତି ।

ସେହିପରି ଦୈନନ୍ଦିନ ଜୀବନରେ ସୁଣ୍ଡି, ବଣିଆ, ତେଲି ଇତ୍ୟାଦି ବେପାରୀମାନଙ୍କଠାରୁ କୌଣସି ଦ୍ରବ୍ୟ କ୍ରୟ ବିକ୍ରୟ କଲାବେଳେ ଜାତପୁମାନେ ଶୋଷିତ ହୋଇଥାଆନ୍ତି । ହାଟରେ ଏମାନଙ୍କ ଦ୍ରବ୍ୟକୁ କମ୍ ଦାମରେ ସମସ୍ତେ କିଣିଥାଆନ୍ତି କାରଣ ଏମାନେ ଦ୍ରବ୍ୟର ସଠିକ ମୂଲ୍ୟ ନିର୍ଦ୍ଧାରଣ କରିପାରନ୍ତି ନାହିଁ ।

**ବେକାର ସମସ୍ୟା :**

ଜାତାପୁମାନଙ୍କ ମଧ୍ୟରେ ଅନେକ ଅର୍ଦ୍ଧଶିକ୍ଷିତ ବେକାର ଥିବାର ଦେଖାଯାଏ । ପ୍ରଥମତଃ ଉପଯୁକ୍ତ ତାଲିମ ଓ ଶିକ୍ଷା ବ୍ୟବସ୍ଥାର ସୁପରିଚାଳନାର ଅଭାବ ହେତୁ ଅଧିକାଂଶ ୧୦ମ ଶ୍ରେଣୀରେ ଅକୃତକାର୍ଯ୍ୟ ହୁଅନ୍ତି । ଯେଉଁମାନେ ୧୦ମ ଶ୍ରେଣୀରେ ପାସ କରନ୍ତି ଆର୍ଥିକ ଅସ୍ୱଚ୍ଛଳତା ଯୋଗୁଁ ସେମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଥାଆନ୍ତି । ତେବେ ଅଳ୍ପ କେତେଜଣ କଲେଜ ଶିକ୍ଷା ଶେଷ କରିଛନ୍ତି । କିନ୍ତୁ ଏମାନେ ଉପଯୁକ୍ତ ଶିକ୍ଷା ନ ପାଇବାରୁ ବା ଶିକ୍ଷା ପାଇବାର ସୁଯୋଗ ନ ପାଇବାରୁ ଏମାନେ ମେଧାବୀ ହୋଇ ନଥାନ୍ତି । ତେଣୁ ଏହି ଅର୍ଦ୍ଧଶିକ୍ଷିତ ଓ ଶିକ୍ଷିତ ଗୋଷ୍ଠୀମାନେ ରାଜ୍ୟସ୍ତରୀୟ ବା ସର୍ବଭାରତୀୟ ସ୍ତରରେ

କୌଣସି ଆଖିଦୃଷ୍ଟିଆ ପଦ ଅଧିକାର କରିପାରନ୍ତି ନାହିଁ । ଅର୍ଦ୍ଧଶିକ୍ଷିତ ହେବା ଫଳରେ ଏମାନେ ମଧ୍ୟ ନିଜର କୌଳିକ ବୃତ୍ତି କୃଷିକାର୍ଯ୍ୟ ଠିକ୍ ରୂପେ କରିପାରନ୍ତି ନାହିଁ । ତେଣୁ ଏମାନଙ୍କ ମଧ୍ୟରେ ଅଧିକ ମାତ୍ରାରେ ବେକାରୀ ସମସ୍ୟା ଦେଖାଯାଏ ।

## ଧର୍ମ ସଂକ୍ରାନ୍ତୀୟ ସମସ୍ୟା :

ଚୈତ୍ର ପର୍ବ, କୋଣ୍ଡେଙ୍ଗ କତା (କୁଣ୍ଡ ଧାନ ନୂଆଖିଆ ପର୍ବ), ଗ୍ରାମଦେବୀ ପର୍ବ, ମକର ଇତ୍ୟାଦି ସେମାନଙ୍କର କେତେକ ବାର୍ଷିକ ପର୍ବ । ଏହା ବ୍ୟତୀତ ନନ୍ଦିଆମା ପର୍ବ, ଘଣ୍ଟପର୍ବ ଆଦି ବ୍ୟୟ ବହୁଳ ପର୍ବ ୨-୩ ବର୍ଷରେ ଥରେ ଲେଖାଁଏ ପାଳନ କରାଯାଇଥାଏ । ସେମାନେ କେତେକ ହିନ୍ଦୁ ପର୍ବପର୍ବାଣୀ ଯଥା - ରଥଯାତ୍ରା, କାର୍ତ୍ତିକ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଦିପାବଳୀ ଆଦି ଆଡ଼ମ୍ବର ସହକାରେ ପାଳନ କରିଥାନ୍ତି । ଏଥି ନିମନ୍ତେ ତାଙ୍କୁ ବନ୍ଧୁବର୍ଗ, ସାଇପଡ଼ିଶା, ସାଙ୍ଗ ସାଥୀମାନଙ୍କୁ ଆମନ୍ତ୍ରଣ କରି ଖାଦ୍ୟ ପେୟ ସହିତ ଉପହାର ଦେବାକୁ ପଡ଼ିଥାଏ । ସେହିପରି ଛୁତିକିଆ, କନ୍ୟାର ପ୍ରଥମ ରଜୋବତୀ, ବିବାହ ଉତ୍ସବ ଏବଂ ମୃତିକିଆ ବେଳେ ଯଥେଷ୍ଟ ପରିମାଣରେ ଅର୍ଥବ୍ୟୟ କରାଯାଇଥାଏ । ତେଣୁ ବର୍ଷସାରା ପର୍ବପର୍ବାଣୀ ପାଳନ କରି ସେମାନେ ଅନେକ ସମୟରେ ଋଣଗ୍ରସ୍ତ ହୋଇପଡ଼ନ୍ତି ଏବଂ ଜୀବନସାରା ମଧ୍ୟ ଶୁଝି ପାରିନଥାନ୍ତି । ଶେଷରେ ନିଜର ସ୍ଥାବର ସଂପତ୍ତି ଦେବାକୁ ପଡ଼ିଥାଏ କିମ୍ବା ଗୋତି ଖଟିବାକୁ ପଡ଼ିଥାଏ ।

ବିଭିନ୍ନ ପ୍ରକାର ରୋଗରୁ ଉପଶମ ପାଇଁ ସେମାନେ ପାରମ୍ପରିକ ରୀତିରେ ବିଭିନ୍ନ ପୂଜାପାଠ କରିଥାନ୍ତି । ଉଦାହରଣସ୍ୱରୂପ ବସନ୍ତ ରୋଗରୁ ରକ୍ଷାପାଇବା ପାଇଁ 'ଆମାତାଲି' ନାମକ ଗ୍ରାମ ଦେବୀକୁ ଭୋଗରାଗ, ବଳି ଦେଇ ସନ୍ତୁଷ୍ଟ କରିବାକୁ ପଡ଼ିଥାଏ । ସେହିପରି ହଇଜା, ଝାଡ଼ାବାନ୍ତି, ବେମାର, କୁଷ୍ଠରୋଗ ଇତ୍ୟାଦି ଦୁରାରୋଗ୍ୟ ରୋଗ ଯେ ଅଶରୀର ଶକ୍ତିଙ୍କର କୋପଦୃଷ୍ଟିରୁ ହୋଇଛି ବୋଲି ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥାଏ । ତେଣୁ ସେମାନେ ବେଜୁଣୀକୁ ଡ଼ାକି 'ପୁଚୁଣୀ' ଦେଖାନ୍ତି । ବେଜୁଣୀ ବା ଜାନିର କହିବା କଥା ଅନୁସାରେ ଘୁଷୁରୀ, ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ପାରା ଇତ୍ୟାଦି ପଶୁପକ୍ଷୀ ବଳି ଦେଇଥାନ୍ତି । ଅନେକ ପ୍ରକାର ଭୋଗରାଗ ମଧ୍ୟ ଦେଇଥାନ୍ତି । ତେଣୁ ଏପରି କରି ଗରିବ ରୋଗୀ ନୟାନ୍ତ ହୋଇଯାଏ । ଋଣରେ ବୁଡ଼ିଯାଏ କିନ୍ତୁ ରୋଗରୁ ମୁକ୍ତି ମିଳେ ନାହିଁ । ଶେଷରେ ମୃତ୍ୟୁ ବରଣ କରେ । ବିଶ୍ୱାସ କରାଯାଏ ଅଶରୀରି ଶକ୍ତି ଦିଆଯାଇଥିବା ଭୋଗରାଗରେ ସନ୍ତୁଷ୍ଟ ନହେବାରୁ ସେ ନିର୍ଦ୍ଦିଷ୍ଟ ମଣିଷଟିକୁ ମାରିଦେଲା । ପୁଣି ଶୁଦ୍ଧିକ୍ରିୟା ପାଇଁ ମୁଣ୍ଡ ଉପରେ ପଡ଼େ ନଳିତା ବିଡ଼ା । ଧାର କରଜ ଆଣି ଶୁଦ୍ଧିକ୍ରିୟା ଶେଷ କରାଯାଏ ।

ଜାତାପୁ ସମାଜର ଧର୍ମୀୟ କର୍ମକର୍ତ୍ତା କହିଲେ ଗୁଣୀଆ ବା ବୈଦ୍ୟ (ମନ୍ଦେଲଡୁ), ପୁରୋହିତ ବା ଦିଶାରୀ (ଡ଼ିଶାରୀ), ବେଜୁ (ବେଜୁ ଓଡୁ) ଗ୍ରାମଦେବୀ ପୂଜକ (ଜାନୀ) ଇତ୍ୟାଦିକୁ ବୁଝାଏ । କୌଣସି ଲୋକର କିଛି ଦୁଃଖ ପଡ଼ିଲେ ସେ ବେଜୁ ବା ବେଜୁଣୀ ପାଖକୁ ଯାଇ ନିଜର ଦୁଃଖ ବଖାଣି ଯାଏ । ବେଜୁ ସତରେ ହେଉବା ମିଛରେ ହେଉ 'ପୁଚୁଣୀ' ଦେଖେ । ଦୁଃଖର ନିବାରଣ ନିମନ୍ତେ ବିଭିନ୍ନ ଭୋଗରାଗ, ବଳି ଇତ୍ୟାଦି ଯୋଗାଡ଼ କରିବାକୁ କହେ । କେଉଁ ଦେବତା ବା ଦେବୀ କିମ୍ବା ଭୂତପ୍ରେତ ଅସନ୍ତୁଷ୍ଟ ହେବାରୁ ବିପଦ ପଡ଼ିଛି ତାହା ଜଣାଇଥାଏ । ତାଙ୍କୁ ସନ୍ତୁଷ୍ଟ ନକଲେ ସବୁ ଶେଷ ହୋଇଯିବ କହି ସେ ଡ଼ରାଇ ଥାଏ । ଫଳତଃ ଆଦିବାସୀଟି ଡ଼ରିଯାଇ ସମସ୍ତ ଦ୍ରବ୍ୟର ଯୋଗାଡ଼ରେ ଲାଗି ପଡ଼େ ।  ଦୁଃଖ କଷ୍ଟରେ ସମସ୍ତ ଜିନିଷ ଯୋଗଡ଼ କରି ବେଳେବେଳେ ପୂଜା ପାଠ ସରିବା ପରେ ମଧ୍ୟ ଅସୁବିଧା ସୁଧୁରି ନଥାଏ । ସେହିପରି ବୈଦ୍ୟ ଓ ଦିଶାରୀ ମଧ୍ୟ ନିଜ ନିଜ  କ୍ଷେତ୍ରରେ କେହି କାହାରିକୁ କମ୍ ନୁହନ୍ତି । ଅଶିକ୍ଷିତ ଓ ଅନ୍ଧବିଶ୍ୱାସୀ ଜାତପୁ ଆଦୀବାସୀମାନଙ୍କୁ ସେମାନେ ଜାଣତରେ ବା  ଅଜାଣତରେ ଶୋଷଣ କରିଥାଆନ୍ତି ।

**ରାଜନୈତିକ ସମସ୍ୟା :**

ବିଗତ ଦିନମାନଙ୍କରେ ପ୍ରତ୍ୟେକ ଗ୍ରାମର ପାରମ୍ପରିକ ରାଜନୈତିକ ଗ୍ରାମସଭା (ପଞ୍ଚାୟେତି) ରହିଥିଲା । ପ୍ରତି ପଞ୍ଚାୟତରେ ମୁଖିଆ ବା ଗ୍ରାମ ମୁଖିଆକୁ ଜାନି କୁହାଯାଏ । କିନ୍ତୁ ଗୋଟିଏ ଅଞ୍ଚଳର କେତେ ଖଣ୍ଡ ଗ୍ରାମକୁ ନେଇ ଗୋଟିଏ ମଣ୍ଡଳ ଗଢ଼ାଯାଇଥାଏ ଓ ଏହାର ମୁଖ୍ୟ ହିସାବରେ 'ଜାତି ପେଦା' ବା 'ମଣ୍ଡଳ ନାଇଡୁ' ଶାସନ କରିଥାଆନ୍ତି । ଉଭୟ ପଦଦ୍ୱୟ ଉତ୍ତରାଧୀକାରୀ ସୂତ୍ରରେ ଗ୍ରହଣ କରାଯାଇଥାଏ । ପୂର୍ବେ ଏମାନଙ୍କର ଏକଛତ୍ରବାଦ ରାଜୁତି ରହିଥିଲା । କାରଣ ସେମାନଙ୍କର ନିଷ୍ପତ୍ତି ହିଁ ପାଳନ ଯୋଗ୍ୟ । ସେମାନେ କୌଣସି ଲୋକଙ୍କୁ ଦଣ୍ଡ ଦେଇ ପାରୁଥିଲେ ତ ପୁଣି ଯେକୌଣସି ଲୋକଙ୍କୁ କ୍ଷମା ଦେଇପାରୁଥିଲେ । କିନ୍ତୁ ଏସବୁ କ୍ଷେତ୍ରରେ ସର୍ବସାଧାରଣର ମତାମତ ମଧ୍ୟ ବିଚାରକୁ ନେଇ ମୁଖିଆମାନେ ସେମାନଙ୍କର ଶେଷ ନିଷ୍ପତ୍ତି ଶୁଣାଇ ଥାଆନ୍ତି ।

କିନ୍ତୁ ସମୟ ବଦଳି ଗଲାଣି । ଏବେ ଜାତପୁମାନଙ୍କ ମଧ୍ୟରେ ପ୍ରାୟ ଜାତି ପଞ୍ଚାୟତ ନାହିଁ କିମ୍ବା ପାରମ୍ପରିକ ରାଜନୈତିକ ଗ୍ରାମ ସଭା ନାହିଁ । କେବଳ ଜାନି ଏବେ ଗ୍ରାମର ନାମକୁମାତ୍ର ମୁଖ୍ୟ । ତାଙ୍କୁ ମଧ୍ୟ ସମସ୍ତ ସାଧାରଣ ଲୋକ ଭାବରେ ବିବେଚନା କରିଥାଆନ୍ତି । ତେଣୁ ସାଂପ୍ରତିକ ସମାଜରେ ଜାନୀ ଓ ମଣ୍ଡଳ ପେଦାଙ୍କର କୌଣସି ସ୍ୱତନ୍ତ୍ର ରାଜନୈତିକ ଭୂମିକା ଓ ଦକ୍ଷତା ନଥାଏ ।

ଯଦିଓ ଆଜି ଜାତାପୁ ସମାଜରେ କୌଣସି ପ୍ରକାର ସଂଗଠିତ ରାଜନୈତିକ ଗ୍ରାମ ସଭା ନାହିଁ, ତଥାପି କୌଣସି ପ୍ରକାର ନ୍ୟାୟ ନିଷ୍ପତ୍ତି ନେବା, ସାମୂହିକ ଭାବେ କୌଣସି କାର୍ଯ୍ୟ କରିବା ବେଳେ ଗ୍ରାମର କେତେକ ମୁଖିଆ ଲୋକ ବସି ନିଷ୍ପତ୍ତି ନେଇଥାନ୍ତି । କିନ୍ତୁ ନ୍ୟାୟ ନିଷ୍ପତ୍ତି ନେବା ବେଳେ କେତେକ ସମୟରେ ସମସ୍ତେ ପ୍ରାୟ ଧନୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ପକ୍ଷ ନେଇଥାନ୍ତି ଏବଂ ଗରିବ ଓ ସାଧାରଣ ବ୍ୟକ୍ତିଙ୍କୁ ଦୋଷ ଦିଆଯାଇଥାଏ । ଅନେକ ସମୟରେ ଉପଯୁକ୍ତ ନ୍ୟାୟ ବିଚାର ମଧ୍ୟ କରାଯାଇଥାଏ ।

ଜାତି ପଞ୍ଚାୟତ ଥିବାବେଳେ ଦୋଷୀକୁ ଜାନି ଚାପୁଡ଼ା ଇତ୍ୟାଦି ଶାରୀରିକ ଦଣ୍ଡ ଦେଇପାରୁଥିଲେ । ଗୁରୁତର ଅପରାଧ କରିଥିଲେ, ପଞ୍ଚାୟତକଥାକୁ ଅମାନ୍ୟ କରୁଥିବା ବ୍ୟକ୍ତିକୁ ସମାଜରୁ ବାଛନ୍ଦ କରୁଥିଲେ । ଅନେକ ପ୍ରକାର ଦୋଷ ପାଇଁ ଭିନ୍ନ ଭିନ୍ନ ପରିମାଣର ଅର୍ଥ ଜୋରିମନା ଦେବାକୁ ପଡୁଥିଲା । କିନ୍ତୁ ସମୟ ବଦଳିବା ସହ, ପଞ୍ଚାୟତ ରାଜର ପ୍ରବର୍ତ୍ତନ ଦ୍ୱାରା ଲୋକମାନେ କଳିଗୋଳର ସମାଧାନ ପାଇଁ କୋର୍ଟ, କଚେରୀ, ଓ ପୋଲିସମାନଙ୍କର ସହାୟତା ନେଲେଣି ।

ଜାତାପୁ ଆଦିବାସୀଙ୍କ ମଧ୍ୟରେ ପଞ୍ଚାୟତ ରାଜ ବ୍ୟବସ୍ଥାର ପ୍ରବର୍ତ୍ତନ ହେଲାଣି । ସେମାନେ ଆଧୁନିକ ରାଜନୀତିରେ ଦକ୍ଷତାର ସହଭାଗ ନେବାର ଦେଖାଦେଲାଣି । ସମସ୍ତେ ଭୋଟ ଦେଇ ଶିଖିଲେଣି । ସେମାନଙ୍କ ମଧ୍ୟରେ ଦଳୀୟ ମନୋଭାବ ମଧ୍ୟ ସୃଷ୍ଟି ହେଲାଣି । ନିର୍ବାଚନ ବେଳେ ଉପସ୍ଥିତ ହେବାମାତ୍ରେ ରାଜନୈତିକ ନେତାମାନେ ପ୍ରତିଶ୍ରୁତି ଦେଇଯାଆନ୍ତି । ଗରିବ ଲୋକମାନଙ୍କୁ ୫୦-୧୦୦ ଟଙ୍କା ଲେଖାଏଁ ଦେଇ ସେମାନଙ୍କର ଭୋଟ ଦେବାର ଅଧିକାର କିଣି ନିଅନ୍ତି ଏବଂ ସେମାନଙ୍କର ଇଚ୍ଛାରେ ଭୋଟ ଦେବା ପାଇଁ ବାଧ୍ୟ କରନ୍ତି ।

ଜଣେ ମାନ୍ୟଗଣ୍ୟ ଜାତାପୁ କହନ୍ତି ଯେ ଆଧୁନିକ ପଞ୍ଚାୟତରାଜ ବ୍ୟବସ୍ଥାରୁ ତାଙ୍କୁ କୌଣସି ପ୍ରକାର ସୁବିଧା ସୁଯୋଗ ମିଳୁନାହିଁ । ରାଜନୀତି ତାଙ୍କୁ କୁଟନୀତି ପରି ମନେ ହେଉଛି । ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଉଭୟ ପ୍ରଶାସନ ଓ ଜନସାଧାରଣଙ୍କର ସହଯୋଗ ଲୋଡ଼ା । ଦୁର୍ନିତି ମୁକ୍ତ ପରିଚାଳନା ଫଳରେ ଉପଯୁକ୍ତ ହିତାଧିକାରୀମାନେ ଉପକୃତ ହୋଇ ପାରିନ୍ତେ ।

ସବୁଅଞ୍ଚଳରେ ଓ ସବୁସ୍ତରରେ ଆଞ୍ଚଳିକ ଟାଉଟରମାନେ ପୂରି ରହିଛନ୍ତି । ସମସ୍ତଙ୍କୁ ସୁବିଧା ଉଣ୍ଡି ଠକି ଦୁଇପଇସା ଉପାର୍ଜନ କରି ନିଜର ଜୀବିକା ଅର୍ଜନ କରିବା

ସତେଯେପରି ଏମାନଙ୍କର ମୁଖ୍ୟ ପେଷା । ନିଜ ଗୋଷ୍ଠୀର କେତେକ ଲୋକେ ବା କେତେକ ଅଣଆଦିବାସୀ ସମାଜରେ ସେମାନଙ୍କର ପ୍ରଭାବ ବିସ୍ତାର କରିଥାନ୍ତି । ସବୁକ୍ଷେତ୍ରରେ ସେମାନେ ଆଗକୁ ବାହାରି ଆସନ୍ତି । ସୁଯୋଗ ଉଣ୍ଡି କାହାକୁ କେତେବେଳେ କିପରି ଠକି ହେବ ଏହା ତାଙ୍କର ଏକମାତ୍ର ଲକ୍ଷ୍ୟ । ଏହି ଟାଉଟରମାନେ ସାଧାରଣ ଜାତାପୁ ମାନଙ୍କଠାରୁ ଲାଞ୍ଚ ନେଇ ମିଥ୍ୟା ପ୍ରତିଶ୍ରୁତି ଦେଇଥା'ନ୍ତି । କାହାକୁ ଅନ୍ତୋଦୟ ଓ ଅନ୍ନପୂର୍ଣ୍ଣା କାର୍ଡ଼ ଇତ୍ୟାଦି ଯୋଗାଇ ଦେବାକୁ କହି ଗରିବାମାନଙ୍କଠାରୁ ଠକି ଟଙ୍କା ପଇସା ଖାଇଥାନ୍ତି । ଯଦି ସରକାରୀ କର୍ମଚାରୀଙ୍କୁ ଧରାଧରି କରି କାହାରି ଉପଯୁକ୍ତ ପ୍ରାପ୍ୟ ଦିଆ କରାଇପାରିଲା ତେବେ ସେଥିରୁ ମଧ୍ୟ ସେମାନେ ଭାଗ ନେବାକୁ ପଛାନ୍ତି ନାହିଁ ।

କୌଣସି କାରଣବଶତଃ ବ୍ୟକ୍ତି ବ୍ୟକ୍ତି, ପରିବାର ପରିବାର କିମ୍ବା ଗୋତ୍ର ଗୋତ୍ର ମଧ୍ୟରେ କଳିଗୋଳ ସୃଷ୍ଟି ହୋଇପାରେ । ଫସଲ ନଷ୍ଟ, ଜମିଜମା ସଂକ୍ରାନ୍ତୀୟ, ନିଶାଦ୍ରବ୍ୟ ପାନକରି ଗାଳିଗୁଲଜରୁ ଉତ୍ପନ୍ନ କଳି, ବିବାହ, ଛାଡ଼ପତ୍ର ଇତ୍ୟାଦି ଅନେକ ବିଷୟ ନେଇ ମନାନ୍ତର, କଳିଗୋଳ ଓ ମାରପିଟ ମଧ୍ୟ ହୋଇପାରେ । ଏହାକୁ ସମାଧାନ କରିବା ପାଇଁ ଗ୍ରାମର କେତେକ ଲୋକ ଏକତ୍ର ହୋଇ ଦୋଷୀକୁ ଜୋରିମନା କରିଥାନ୍ତି । କିନ୍ତୁ ଏବେ ଅନେକ ସମୟରେ କୌଣସି ପ୍ରକାର ଗଣ୍ଡଗୋଳ, ବାଦବିବାଦର ସମାଧାନପାଇଁ ପୋଲିସ, କୋର୍ଟ, କଚେରୀ ଇତ୍ୟାଦିର ସାହାଯ୍ୟ ନିଆଯାଉଛି ।

ବେଳେବେଳେ ଗ୍ରାମ ଗ୍ରାମ ମଧ୍ୟରେ ମଧ୍ୟ କଳିଗୋଳ ଓ ବିବାଦ ସୃଷ୍ଟି ହୋଇଥାଏ । ମୁଖ୍ୟତଃ ଗ୍ରାମର ସୀମା ନିର୍ଦ୍ଧାରଣ କରିବା, ନିଜ ଗ୍ରାମ ଅଧିକୃତ ଅଞ୍ଚଳ ଅପେକ୍ଷା ଅନ୍ୟଗ୍ରାମ ଅଧିକୃତ ଚାଷଜମି, ଜଙ୍ଗଲ ଓ ଅନ୍ୟାନ୍ୟ ପ୍ରାକୃତିକ ସଂପତ୍ତିକୁ ବିନାପରାମର୍ଶରେ ବ୍ୟବହାର କଲେ ଦୁଇ ଗ୍ରାମ ମଧ୍ୟରେ ବିବାଦ ସୃଷ୍ଟି ହୋଇ ମୃତାହତ ପର୍ଯ୍ୟନ୍ତ କଥାଯାଇପାରେ । ବ୍ୟକ୍ତି କଳହ ବେଳେବେଳେ ଗ୍ରାମ କଳହ ବା ସାମୂହିକ କଳହର ରୂପନେଇପାରେ ।

**ନାରୀ ସମସ୍ୟା :**

ସମସ୍ତ ପୁରୁଷ ପ୍ରଧାନ ସମାଜ ପରି ଜାତାପୁମାନଙ୍କର ପିତୃକେନ୍ଦ୍ରିକ ସମାଜରେ ନାରୀ ପୁରୁଷଠାରୁ ନିମ୍ନରେ । ତେଣୁ ସେ କମ୍ ସୁବିଧା ସୁଯୋଗ ଉପଭୋଗ କରିଥାଏ । ଜାତାପୁ ସମାଜରେ ନାରୀମାନେ ଭୋଗୁଥିବା କେତେକ ସମସ୍ୟା ନିମ୍ନରେ ବର୍ଣ୍ଣନା କରାଯାଇଛି ।

ଢାତାପୁ ସମାଜରେ ଝିଅର ବାପା ସଂପତ୍ତି ଉପରେ କୌଣସି ପ୍ରକାର ଅଧିକାର ନଥାଏ । ସେହିପରି ସ୍ତ୍ରୀର ମଧ୍ୟ ସ୍ୱାମୀ ସଂପତ୍ତି ଉପରେ ଅଧିକାର ନଥାଏ । କାରଣ ସ୍ୱାମୀଙ୍କର ସମସ୍ତ ସଂପତ୍ତିକୁ ସ୍ତ୍ରୀ ଉତ୍ତରାଧିକାରୀ ସୂତ୍ରରେ ଗ୍ରହଣ କରିପାରିବେ ନାହିଁ । ଝିଅ ବିବାହ କଲାବେଳେ ମାଆ ତାର ବାପାଘରୁ ଆଣିଥିବା ଅଳଙ୍କାରୁ କିଛି ନିଜ ଝିଅକୁ ଦାନ କରିପାରେ କିନ୍ତୁ ସ୍ୱାମୀ ଦେଇଥିବା ଅଳଙ୍କାର ଦେବାର ଅଧିକାର ସ୍ତ୍ରୀ ନଥାଏ । ଯଦିଓ ଗୃହର ସମସ୍ତ ଅର୍ଥ ସ୍ତ୍ରୀଲୋକ ସାଇତିରଖିଥାନ୍ତି ତଥାପି ସ୍ୱାମୀଙ୍କର ବିନା ପରାମର୍ଶରେ କୌଣସି ଅର୍ଥ ଖର୍ଚ୍ଚ କରିବା ସ୍ତ୍ରୀଙ୍କର ଅଧିକାର ବାହାରେ । ନାରୀମାନେ ଗ୍ରାମର ରାଜନୈତିକ ସଭାରେ ଭାଗ ନେଇ ପାରନ୍ତି ନାହିଁ । କେତେକ କ୍ଷେତ୍ରରେ ଦେବାଦେବୀଙ୍କ ପାଖକୁ ସେମାନେ ଯିବାକୁ ବାରଣ କରାଯାଇଥାଏ ।

ସ୍ତ୍ରୀମାନେ ଘରର ସମସ୍ତ ଦାୟିତ୍ୱ ବହନ କରିଥାନ୍ତି । ଛୁଆ ପିଲାଙ୍କର ଉପଯୁକ୍ତ ଯତ୍ନ ନେବା, ସେମାନଙ୍କୁ ସୁମାର୍ଗରେ ପରିଚାଳିତ କରିବା, ସାମାଜିକରଣ ଶିକ୍ଷା ଦେବା ପ୍ରାୟ ନାରୀମାନଙ୍କର କର୍ତ୍ତବ୍ୟ । ମୁଖ୍ୟତଃ ଝିଅମାନଙ୍କୁ ସମସ୍ତ ପ୍ରକାର ଶିକ୍ଷା ଦେବା ମାଆଙ୍କର ଗୁରୁଦାୟିତ୍ୱ, ଯେପରି ସେ ଶାଶୁଘରକୁ ଗଲାପରେ ସେ ଅପମାନିତ ନ ହୁଏ ।

ଢାତାପୁ ଆଦିବାସୀମାନେ ପୁଅଝିଅଙ୍କ ମଧ୍ୟରେ ବେଶୀ ଫରକ ନ ରଖିଲେ ମଧ୍ୟ ଘରେ ପୁଅଟିଏ ଜନ୍ମ ହେଲେ ଯେତିକି ଖୁସି ହୁଏ ଝିଅଟିଏ ଜନ୍ମ ହେଲେ ସେତିକି ଖୁସି ମିଳିନଥାଏ । ପୁଅଟିକୁ ଘରେ ଯେତେ ଯତ୍ନର ସହ ଲାଳନ ପାଳନ କରିଥାନ୍ତି ଝିଅଟିକୁ ସେହିପରି ଲାଳନ ପାଳନ କରିନଥାନ୍ତି । ପୁଅମାନଙ୍କୁ ପାଠପଢ଼ିବାର ଅଧିକ ସୁଯୋଗ ଦେଉଥିବା ବେଳେ ଝିଅମାନଙ୍କୁ ସେହି ପରିମାଣରେ ସୁବିଧା ଦେଇନଥାନ୍ତି ।

ଝିଅଟି ପ୍ରଥମ ରଜୋବତୀ ହେବା ସମୟରେ ତାକୁ କେହି ଛୁଇଁ ନଥାନ୍ତି । ବିବାହ ପରେ ମଧ୍ୟ ସେମାନେ ରଜୋବତୀ ହେବା ବେଳେ ଗୃହର ଭିତର ପାଖ କିମ୍ବା ବାହାରପାଖ ଅଗଣାରେ ଅଲଗା ରହିଥାନ୍ତି । ଏହି ସମୟରେ ସେମାନେ ରୋଷେଇ ଘର, ଠାକୁରଘର ଓ ମୁଖ୍ୟ ଗୃହ ମଧ୍ୟକୁ ପ୍ରବେଶ କରିପାରନ୍ତି ନାହିଁ ।

ନାରୀମାନେ ରାଜନୈତିକ ସଭାରେ କୌଣସି ପ୍ରକାର ଅଂଶ ଗ୍ରହଣ କରିପାରନ୍ତି ନାହିଁ । କେତେକ ଧର୍ମସଂକ୍ରାନ୍ତୀୟ ପୂଜାପାଠରେ ମଧ୍ୟ ନାରୀମାନଙ୍କୁ ବାରଣ କରାଯାଇଥାଏ।

ସାଧାରଣ ଢାତାପୁ ମହିଳାମାନଙ୍କର ଶିକ୍ଷାଗତ ଯୋଗ୍ୟତା ଅଧିକ ନଥାଏ । ତେଣୁ ସେମାନେ କୁଲିକାମ କଲାବେଳେ ଠିକାଦାରମାନେ, ଚାଷଜମିରେ କାମ କଲାବେଳେ

ଅଣଆଦିବାସୀ ଚାଷୀମାନେ, ହାଟବଜାରରୁ କିଣାବିକା କଲାବେଳେ ଦଲାଲ ଓ ବେପାରୀ ଏମାନଙ୍କୁ ଦର, ଓଜନ ଓ ଲେଖା ପଢ଼ାରେ ଓ ପାରିଶ୍ରମିକ ବାବଦରେ ଠକି ଦେଇଥାନ୍ତି ।

ପୁରୁଷ ପ୍ରାଧାନ୍ୟ ସମାଜ ହେଲେ ମଧ୍ୟ ଜାତପୁ ସ୍ତ୍ରୀ ଲୋକମାନେ ବିଲ ବାଡ଼ିଠାରୁ ଆରମ୍ଭ କରି ଜଙ୍ଗଲ ପର୍ଯ୍ୟନ୍ତ ସବୁଠାରେ କାର୍ଯ୍ୟ କରିପାରନ୍ତି । ହଳ ଧରିବା, ଭାର ବୋହିବା, ଚାଗାରେ ଧାନ ଉଡ଼ାଇ ସଫା କରିବା, ଘର ଛପର କରିବା ଆଦି ଅଳ୍ପ କେତେକ କାର୍ଯ୍ୟ ସ୍ତ୍ରୀଲୋକମାନେ କରିବା ନିଷିଦ୍ଧ । ତଥାପି ଅନ୍ୟ ସମସ୍ତ ପ୍ରକାର କାର୍ଯ୍ୟ ଏମାନେ କରିପାରନ୍ତି । କିନ୍ତୁ ମହିଳାମାନଙ୍କର ଦୈନନ୍ଦିନ ମଜୁରୀ ପୁରୁଷମାନଙ୍କଠାରୁ କମ୍ ହୋଇଥାଏ ।

ସ୍ୱାମୀ ଓ ସ୍ତ୍ରୀ ଉଭୟ ଉଭୟଙ୍କୁ ଛାଡ଼ପତ୍ର ଦେଇପାରନ୍ତି । ମୁଖ୍ୟତଃ ପୁରୁଷ ଜଣଙ୍କ ସ୍ତ୍ରୀ ଲୋକଙ୍କୁ ଗାଁ ସଭାରେ ଲେଖାପଢ଼ା କରି ଛାଡ଼ପତ୍ର ଦେଇଥାଏ । ଏହା ପରେ ପୁରୁଷ ଘରକୁ ସ୍ତ୍ରୀ ଆଣିଥିବା ସମସ୍ତ ଧନସଂପତ୍ତି ଫେରାଇବାକୁ ପଡ଼ିଥାଏ । ସ୍ତ୍ରୀ ବାପାଘରକୁ ଫେରିଯାଏ । ଏହାପରେ ସ୍ୱାମୀଜଣଙ୍କ ସ୍ତ୍ରୀଙ୍କର ଚଳିବା ପାଇଁ କୌଣସି ସାହାଯ୍ୟ ସହଯୋଗ କରିନଥାନ୍ତି । ସ୍ତ୍ରୀ ଲୋକଟି ନିଜ ରୋଜଗାରରେ କିମ୍ବା ବାପା ଭାଇଙ୍କର ରୋଜଗାରରେ ଚଳିବାକୁ ପଡ଼ିଥାଏ । ଏହି ଛାଡ଼ପତ୍ରକୁ ନେଇ ଅନେକ ସମୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥାଏ ।

କୌଣସି ସ୍ତ୍ରୀ ଲୋକର ସ୍ୱାମୀ ମରିଗଲା ପରେ ଯଦି ଉକ୍ତ ସ୍ତ୍ରୀର କୌଣସି ଛୁଆପିଲା ଥାଆନ୍ତି ତେବେ ସାଧାରଣରେ ସେମାନେ ଦ୍ୱିତୀୟ ବିବାହ କରିନଥାନ୍ତି । କିନ୍ତୁ ଛୁଆପିଲା ନହୋଇଥିଲେ ସେମାନେ ଦ୍ୱିତୀୟ ବିବାହ କରିଥାନ୍ତି । ସ୍ୱାମୀର ମୃତ୍ୟୁପରେ ଗୃହର ଉତ୍ପାଦନକାରୀଙ୍କର ବିଲୋପ ଘଟେ । ତେଣୁ ସ୍ତ୍ରୀ ବେଶୀକିଛି ରୋଜଗାର କରିପାରନ୍ତି ନାହିଁ । ତେଣୁ ପର୍ବପର୍ବାଣି ଖର୍ଚ୍ଚ, ପିଲାଛୁଆଙ୍କୁ ପାଠପଢ଼ାଇବା, ଲୁଗାପଟା କିଣିବା, ମୃତିକିଆ, ଛୁତିକିଆ ଆଦି କର୍ମକାଣ୍ଡ ପାଳିବା ପାଇଁ ଅସହାୟ ମହିଳାଙ୍କୁ ଅନେକ ଅର୍ଥ ବିନିଯୋଗ କରିବାକୁ ପଡ଼ିଥାଏ । ଏହି ବିଧବା ମହିଳା ଋଣ ପରିଶୋଧ କରି କରି ସର୍ବସ୍ୱାନ୍ତ ହୋଇଯାଆନ୍ତି । ସବୁବେଳେ ଅଭାବ ଦେଖାଯାଇଥାଏ ।

# ଉନ୍ନୟନ

"ପରିବର୍ତ୍ତନ ହେଉଛି ସୃଷ୍ଟିର ନିୟମ" ଯୁଗର ପରିବର୍ତ୍ତନ ହେବ ହିଁ ହେବ, ହେଲେ ପରିବର୍ତ୍ତନର ତାଳେ ତାଳେ ମଣିଷବି ବଦଳିବା ଦରକାର ଯେମିତିକି ବର୍ଷା ହେଲେ ମାଟି ଭିଜିଥାଏ ସତ, ହେଲେ ସେ ଭିଜିବାଟା ବେଶୀ ସମୟ ରହିପାରିଥାଏ ଯଦି ସେ ବର୍ଷା ଅଦିନିଆ ବର୍ଷାପରି ଟିକିଏ ସମୟପରେ ଛାଡ଼ି ନଯାଇ ଥାଏ । ଏହା ହେବା ପାଇଁ ଋତୁର ହିଁ ପରିବର୍ତ୍ତନ ଆବଶ୍ୟକ, ଆଦିବାସୀ ଗୋଷ୍ଠୀମାନେ ଖୁବ୍ ସ୍ୱାଭିମାନୀ ସେମାନେ ନିଜର ସଂସ୍କୃତିକୁ କେବେ ବି ଛାଡ଼ିବାକୁ ରାଜିହୋଇନଥାନ୍ତି କିମ୍ବା ସେମାନେ ପରିବର୍ତ୍ତନକୁ ଗ୍ରହଣ କରିବାରେ ଏତେଟା ଆଗ୍ରହ ପ୍ରକାଶ କରିନଥାନ୍ତି । ତେଣୁ ସେମାନେ ଅଗ୍ରେସର ଗୋଷ୍ଠୀ ଭାବରେ ପରିଚିତ ହୋଇଥାନ୍ତି । ଏବେବି ସେମାନଙ୍କ ମଧ୍ୟରୁ ଶତକଡ଼ା ପଚାଶଭାଗ ଲୋକ ପ୍ରାୟ ଦରିଦ୍ର ସୀମାରେଖା ତଳେ ବସବାସ କରିଥାନ୍ତି । ସେହି ଅନୁନ୍ନତ ଗୋଷ୍ଠୀର ଲୋକଙ୍କର ଉନ୍ନତି କରିବା ପାଇଁ ଏବେ ସରକାର ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ପ୍ରଚଳନ କରିଛନ୍ତି । ସେହିପରି ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଜାତପୁମାନେ ଅବଗତ ହେଲେଣି ଏବଂ ନିଜର ସୁବିଧା ଅସୁବିଧା ସଂପର୍କିତ ବିଭିନ୍ନ ଦାବି ଉପସ୍ଥାପନ କଲେଣି ।

**ଉନ୍ନୟନ କାର୍ଯ୍ୟକ୍ରମ :**

ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ତରଫରୁ ଜାତାପୁ ଜନଜାତିମାନଙ୍କ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟକାରୀ ହେଉଛି । ସେସବୁ ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

**ITDA** ପ୍ରତିଷ୍ଠା ପରେ ୧୯୬୦ ମସିହାଠାରୁ ପ୍ରାୟ ୧୯୭୦ ମସିହା ପର୍ଯ୍ୟନ୍ତ କୃଷି ଉନ୍ନୟନ ପାଇଁ ବିଭିନ୍ନ ପ୍ରକାର ଯୋଜନାରେ ଜାତପୁମାନଙ୍କୁ ସାହାଯ୍ୟ ଦିଆଯାଇଥିଲା । ହଳ, ବଳଦ, ଲଙ୍ଗଳ, ବିହନ, ସାର ରିହାତିରେ ଯୋଗାଇ ଦିଆଯାଉଥିଲା । ଏହାବ୍ୟତୀତ ଉନ୍ନତ କୃଷି ଉପକରଣ ଯଥା; ସ୍ପ୍ରେ ମେସିନ ଇତ୍ୟାଦି ଆବଶ୍ୟକ ସମୟରେ ବିଭିନ୍ନ ବ୍ୟାଙ୍କ ଜରିଆରେ ଏମାନଙ୍କୁ କମ୍ ସୁଧହାରରେ ଋଣ ଯୋଗାଇ ଦେଉଥିଲେ । କିନ୍ତୁ ଏବେ ଆଉ **ITDA** ରୁ କୌଣସି ସୁବିଧା ତାଙ୍କୁ ଦିଆଯାଉନାହିଁ । ବ୍ଲକ ମାଧ୍ୟମରେ ରିହାତିରେ ଯତ୍‌କିଞ୍ଚିତ୍ ଚାଷ ଉପକରଣ, ବିହନ ଇତ୍ୟାଦି ଯୋଗାଇ ଦିଆଯାଉଛି ।

ଏହି ଯୋଜନାରେ ସୁଫଳ ଏଅଞ୍ଚଳରେ ଦେଖାଯାଏ ନାହିଁ । ଉଦ୍ୟାନ କୃଷି ପାଇଁ ସେ ଅଞ୍ଚଳରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନିଆଯାଇ ନାହିଁ ବୋଲି କେତେକ ଜାତପୁ କହନ୍ତି ।

ଏହି ଯୋଜନାରେ କେତେକ ଅଞ୍ଚଳରେ ଚାଷୀମାନଙ୍କୁ ଗଡ଼ାଣିଆ ଜମିରେ ହିଡ଼ଦେବା, ଜମିକୁ ସମତଳ କରିବା ପାଇଁ ଋଣ ଯୋଗାଇ ଦିଆଯାଇଛି ।

ପ୍ରାୟ ଅଧିକାଂଶ ଗ୍ରାମରେ ଇନ୍ଦିରା ଆବାସ ଯୋଜନାରେ ଗରିବ ସୀମା ରେଖାତଳେ ଥିବା ଗରିବ ଆଦିବାସୀମାନଙ୍କୁ ଗୃହନିର୍ମାଣ ପାଇଁ ଟଙ୍କା ୨୨,୦୦୦/- ଲେଖାଏଁ ଟଙ୍କା ଯୋଗାଇ ଦିଆଯାଇଛି । ଏବେ ମଧ୍ୟ ଏହି ଯୋଜନାରେ ଅଧିକରୁ ଅଧିକ ଆଦିବାସୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି । କିନ୍ତୁ ଏଥିରେ ପ୍ରିୟାପ୍ରୀତି ପୋଷଣ ଚାଲିଛି ଓ ଲାଞ୍ଚ ଇତ୍ୟାଦି ନିଆଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି ।

ସମବାୟ ବ୍ୟାଙ୍କ ଏମାନଙ୍କୁ ଚାଷୀଗଣ ଅଳ୍ପ ସୁଧରେ ଯୋଗାଇ ଦେଉଛି ।

ଶିକ୍ଷାର ପ୍ରସାର ଲାଗି ଗାଁ ଗାଁରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଛି । ପ୍ରତି ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରମାନ ଖୋଲି ଛୋଟ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି । କାଟିକିଠାରେ ଗୋଟିଏ ଆବାସିକ ବିଦ୍ୟାଳୟ ଖୋଲା ଯାଇଛି । ଏଠାରେ ପିଲାମାନେ ରହି ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ଶେଷ କରିଥାନ୍ତି । ଆଦିବାସୀ ପିଲାଙ୍କ ପାଇଁ ଷ୍ଟାଇପେଣ୍ଡ ବ୍ୟବସ୍ଥା ରହିଛି ।

ବହୁବର୍ଷ ପୂର୍ବେ ଏହି ଗୋଷ୍ଠୀର ଲୋକଙ୍କୁ ପଶୁପାଳନ ଯୋଜନାରେ ଛେଳି ଇତ୍ୟାଦି ଯୋଗାଇ ଦିଆଯାଇଥିଲା । କିନ୍ତୁ ଏବେ ଏପରି କୌଣସି ଯୋଜନାର ପ୍ରଚଳନ ନାହିଁ ।

ଜଙ୍ଗଲ ବିକାଶ ସାଧନ ଯୋଜନାରେ ଜଙ୍ଗଲରେ, ଜଙ୍ଗଲ ଢ଼ାଲୁ ଯାଗାରେ, ଢ଼ିପ ଜମିରେ ଏବଂ ପଦା ଜମିରେ ବୃକ୍ଷରୋପଣ କରାଯାଇଛି । ଉପଯୁକ୍ତ ମାର୍ଗ ଦର୍ଶନର ଅଭାବ ଓ ଲୋକଙ୍କର ଅସହଯୋଗ ଯୋଗୁଁ ଏହି ଯୋଜନାରେ ବେଶୀ ସୁଫଳ ମିଳିନାହିଁ ।

ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ିକୁ ମ୍ୟାଲେରିଆର ନିରାକରଣ ପାଇଁ କ୍ଲୋରୋକୁଇନ ବଟିକା ଯୋଗାଇ ଦିଆଯାଉଛି । ସମୟସମୟେ **ANM** ଧାଈମାନେ ଗାଁ ଗାଁ ବୁଲି ଔଷଧ ବିତରଣ କରିଥାଆନ୍ତି । ରାମନାଗୁଡ଼ାଠାରେ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲା ଯାଇଛି । ଡ଼ାକ୍ତରଖାନା ତରଫରୁ ମଶା ନିରାକରଣ ପାଇଁ ଗାଁ ଗାଁ ବୁଲି ଘରମାନଙ୍କରେ **DDT** ସ୍ପ୍ରେ କରାଯାଉଛି ।

ଏହି ଯୋଜନରର ପ୍ରତିଗ୍ରାମରେ ନଳକୂପ ଖନନ କରାଯାଇଛି । ଫଳତଃ ଲୋକମାନେ ଆଉ ଝରଣାର ପାଣି ନ ପିଇ ନଳକୂପ ଜଳକୁ ପାନୀୟଜଳ ରୂପେ ବ୍ୟବହାର କରୁଛନ୍ତି । କେତେକ ସ୍ଥାନରେ ମଧ୍ୟ କୂଅ ଖୋଳାଯାଇଛି । ନଳକୂପ ଖରାପ ହେଲେ ଉନ୍ନୟନ କର୍ମୀମାନେ ଆସି ନଳକୂପର ମରାମତି କରିଥାନ୍ତି ।

ଛଅ ସାତ ବର୍ଷ ପୂର୍ବରୁ ନିଶାନିବାରଣ କାର୍ଯ୍ୟକ୍ରମ ଏହି ଅଞ୍ଚଳରେ କରାଯାଇଥିଲା । ଏହି ଯୋଜନାରେ ନାରୀମାନଙ୍କୁ ଶିକ୍ଷା ଦେଇ ମଦ ଖାଉଥିବା ବ୍ୟକ୍ତିକୁ ମଦଖାଇବାରୁ ନିବାରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଶୋଭାଯାତ୍ରା କରିବା, ମଦ୍ୟପମାନଙ୍କୁ ମାଡ଼ଦେବା, ମଦ ତିଆରି କରୁଥିବା ଭାଟିଦାରମାନଙ୍କୁ ମଦ ତିଆରିରୁ ବାରଣ କରିବା ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିଲା ।

ଏବେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, କୋ-ଅପରେଟିଭ୍ ବ୍ୟାଙ୍କ, ଲ୍ୟାମ୍ପସ୍ ଆଦି ସଂସ୍ଥାମାନଙ୍କରୁ ଏମାନଙ୍କୁ ଅଳ୍ପ ସୁଧହାରରେ ଚାଷୀଋଣ ଯୋଗାଇ ଦିଆଯାଉଛି ।

ଏହି ଯୋଜନାରେ ଚାଷୀମାନଙ୍କୁ ପଟା ଯୋଗାଇ ଦିଆଯାଇଛି ଓ ଗ୍ରାମ ମଧ୍ୟରେ ଏବଂ ରାସ୍ତା କଡ଼ରେ ବିଜୁଳୀ ବତି ଲଗାଯାଇଛି । ତଥାପି ଏବେ ମଧ୍ୟ ୭୦% ଅଧିକ ଗ୍ରାମରେ ବିଦ୍ୟୁତୀକରଣ ହୋଇପାରି ନାହିଁ । ଖୁବ ଅଳ୍ପ ସଂଖ୍ୟକ ଜାତପୁମାନେ ଏହି ସୁଯୋଗ ପାଇପାରିଛନ୍ତି ।

ମାଛ ଚାଷ କାର୍ଯ୍ୟକ୍ରମ ଜରିଆରେ କେତେକ ଚାଷୀଙ୍କୁ ଋଣ ଯୋଗାଇ ଦିଆଯାଇଛି। କିନ୍ତୁ ଜାତାପୁ ଲୋକମାନେ ମାଛ ଚାଷକରିବା ପାଇଁ ଜଳଉତ୍ସ ଓ ଜ୍ଞାନର ଅଭାବ ଅନୁଭବ କରିଥାନ୍ତି । ଢ଼େପାଗୁଡ଼ା ଗ୍ରାମରେ ଗୋଟିଏ ମାଛଚାଷ ବିକାଶ ସାଧନ କେନ୍ଦ୍ର ଖୋଲାଯାଇଛି ।

ବହୁବର୍ଷ ପୂର୍ବେ ଗୋତି ଶ୍ରମିକମାନଙ୍କୁ ଥଇଥାନ କରିବା ପାଇଁ ସେମାନଙ୍କର ସାହୁକାରମାନଙ୍କୁ ଅର୍ଥ ପ୍ରଦାନ କରି ଗୋତିଙ୍କୁ ତାଙ୍କଠାରୁ ମୁକ୍ତ କରାଯାଇଥିଲା । ସେହି ଶ୍ରମିକମାନଙ୍କୁ ଋଣ, ଜମି, ହଳ, ଲଙ୍ଗଳ ଏବଂ ଗିହାତିରେ ବିହନ ଆଦି ଯୋଗାଇ ଥଇଥାନ କରାଯାଇଥିଲା । ଏବେ ଏହି ଯୋଜନାରେ ଆଉକାହାରିକୁ ଥଇଥାନ କରାଯାଉନି । କେତେକ ବୟସ୍କବ୍ୟକ୍ତ କହନ୍ତି ଯେ ସୁଲୁଡ଼ି, ବଡ଼ ମୁନିଙ୍ଗା, ଗୋଟା, ଡ଼ାଙ୍ଗୁବାଡ଼ି, ଢ଼େପାଗୁଡ଼ା, ଗୋଗୁପାଡ୍ରୁ, ସୋରିଷ ପଦର ଇତ୍ୟାଦି ଗ୍ରାମରେ ଗୋତି ଶ୍ରମିକ ରହିଛନ୍ତି ।

ଏହି ଯୋଜନାରେ ଗ୍ରାମକୁ ରାସ୍ତା ଇତ୍ୟାଦି ମାଧମରେ ଅନେକ ଶ୍ରମ ଦିବସ ସୃଷ୍ଟି କରି ଶ୍ରମିକମାନଙ୍କୁ ନିଯୁକ୍ତ ଦେଇ ମଜୁରୀ ଯୋଗାଇ ଦିଆଯାଉଛି ।

ଏହି ଯୋଜନା ମାଧ୍ୟମରେ କୃଷିର ଉନ୍ନତି, କୃଷିରଣ, ରିହାତିରେ କୃଷିଉପକରଣ ଓ ବିହନ ଯୋଗାଇବା, ପଶୁପାଳନ ଇତ୍ୟାଦି ଯୋଜନା, ମତ୍ସ୍ୟଚାଷ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ଗ୍ରାମକୁ ରାସ୍ତା ସଂଯୋଗ କରିବା, ନଳକୂପ, କୂଅ ଆଦି ଖୋଳିବା, ଗ୍ରାମକୁ ବିଦ୍ୟୁତକରଣ କରିବା, ଡ୍ୟାମ ତିଆରି କରିବା ଇତ୍ୟାଦି ଗଠନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଏବଂ ଗରିବ ବ୍ୟକ୍ତିମାନଙ୍କୁ ମାଗଣାରେ ଇନ୍ଦିରା ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉଛି ।

# ପରିବର୍ତ୍ତନ

ପରିବର୍ତ୍ତନ ପ୍ରକୃତିର ନୀୟମ । ସମୟକ୍ରମେ ସବୁ ବଦଳିଯାଏ । ସମୟକ୍ରମେ ଘଟୁଥିବା ବିଭିନ୍ନ ଉନ୍ନତି ବା ଅବନ୍ନତିକୁ ପରିବର୍ତ୍ତନ କୁହାଯାଏ । ସେହିପରି ସମାଜରେ ବିଭିନ୍ନ ଘଟଣାଗୁଡ଼ିକୁ ଅନୁଧାନ କଲେ ଜଣାଯାଏ ଗତକାଲି ଯାହା ଥିଲା ଆଜି ନାହିଁ ଓ ଆଜି ଯାହା ଅଛି ଆସନ୍ତା କାଲି ନଥିବ ।

ଜାତାପୁମାନଙ୍କଠାରେ ମଧ ସମୟଚକ୍ରରେ ବିଭିନ୍ନ ପରିବର୍ତ୍ତନ ପରିଲକ୍ଷିତ ହେଲାଣି । ଦୈନନ୍ଦିନ ଜୀବନର ଚାଲିଚଳନଠାରୁ ଆରମ୍ଭ କରି ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ, ଧାର୍ମିକ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେଲାଣି । ଜାତାପୁମାନଙ୍କ ମଧରେ ଦେଖାଯାଉଥିବା ପରିବର୍ତ୍ତନର ଏକ ସୂଚନା ନିମ୍ନରେ ଦିଆଯାଇଛି ।

ଜାତାପୁମାନେ ନିଜର ପରିବର୍ତ୍ତନ ସଂପର୍କରେ ହଠାତ କିଛି କହି ପାରନ୍ତି ନାହିଁ । କେତେକ ପୁରୁଖା ଜାତପୁ କହନ୍ତି ଯେ ସେମାନଙ୍କର ଆର୍ଥିକ ବିକାଶ ଘଟିଛି । ସେମାନେ ଶିକ୍ଷିତ ହେଉଛନ୍ତି, ଜୀବନର ମୂଲ୍ୟବୋଧ ବଢ଼ିଛି, ରୋଗବୈରାଗ କମିଛି, ପୂଜାପାଠ ମଧ ଅନେକ କମିଗଲାଣି ।

ଆଗକାଳରେ ଲୋକମାନଙ୍କ ମନରେ ଥିବା ସ୍ନେହ, ପ୍ରେମ, ଭାତୃଭାବ ଇତ୍ୟାଦି ସବୁ କୁଆଡ଼େ ଉଭେଇ ଗଲାଣି । ପ୍ରତିବଦଳରେ ରାଗ, ହିଂସା, ଦୋଷ, ଘୃଣା, କପଟତାର ରାଜୁତି ହେଲାଣି । ମୋଟ ଉପରେ ଗୋଟିଏ ପକ୍ଷରେ ଅର୍ଥନୈତିକ ଓ ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦିର ଅଗ୍ରଗତି ହେବାବେଳେ ଅନ୍ୟ ପକ୍ଷରେ ମାନବିକତା ଓ ସାମାଜିକ ମୂଲ୍ୟବୋଧତାରେ ଅବନତି ଦେଖାଯାଇଛି ।

ରାମନାଗୁଡ଼ା ବ୍ଲକର ବି.ଡ଼ି.ଓ.,ଏ.ବି.ଡ଼ି.ଓ., ଡବ୍ଲୁ .ଇ.ଓ. ଓ କେତେକ ଏନ୍.ଜି.ଓ. ର କର୍ମଚାରୀମାନଙ୍କ ମତରେ ଜାତପୁମାନେ ପୂର୍ବେ ଖୁବ୍ ଅନୁନ୍ନତ ଥିଲେ । କାଳକ୍ରମେ ସରକାରୀ ସାହାଯ୍ୟ ପାଇଁ, ଜମି ଚାଷବାସ କରି, ପୋଡୁଚାଷ ବନ୍ଦ କରି, ଶିକ୍ଷାଦୀକ୍ଷା ଲାଭ କରି, ବାହାର ଦୁନିଆର ଲୋକଙ୍କ ସହିତ ମିଶି ସେମାନଙ୍କର

ଅନେକ ଉନ୍ନତି ଘଟିଛି । ସର୍ବୋପରି ଅର୍ଥନୈତିକ ଦିଗରେ ସେମାନେ ଅଧିକ ଉନ୍ନତି ଲାଭ କରିପାରିଛନ୍ତି । ଆଗପରି ସେମାନଙ୍କୁ ଆଉ ଜଙ୍ଗଲର ଫଳମୂଳ ଓ କନ୍ଦା ଖାଇ, ପାଣି ପିଇ ବଞ୍ଚିବାକୁ ପଡୁନାହିଁ । ଶିକ୍ଷାର ଉନ୍ନତି ହୋଇଛି ।

**ଅର୍ଥନୈତିକ ପରିବର୍ତ୍ତନ :**

ବହୁବର୍ଷ ପୂର୍ବେ ଜାତ୍ରାପୁମାନେ ମୁଖ୍ୟତଃ ପୋଡୁଚାଷ କରି ଚଳୁଥିଲେ । ପୋଡୁଚାଷ ସହିତ ବନଜଙ୍ଗଲରୁ ବିଭିନ୍ନ ଫଳମୂଳ, କନ୍ଦା, ଡ଼ାଳପତ୍ର ସଂଗ୍ରହ କରି ଗୁଜୁରାଣ ମେଣ୍ଟାଉଥିଲେ । ବଣଜଙ୍ଗଲରେ ପ୍ରଚୁର ପରିମାଣରେ ଜୀବଜନ୍ତୁ ପୁରି ରହିଥିଲେ । ମନଇଛା ସେମାନଙ୍କୁ ଶିକାର କରି ଏମାନେ ମାଂସ ଖାଉଥିଲେ । ଝାଟିମାଟିର ଛୋଟ କୁଡ଼ିଆ ଘର କରି ରହୁଥିଲେ । ମୋଟାମୋଟି ଭାବରେ କହିଲେ ସେମାନଙ୍କର କଷ୍ଟାର୍ଜିତ ଉତ୍ପାଦନ କେବଳ ସେମାନଙ୍କର ଗୁଜୁରାଣ ମେଣ୍ଟାଇବାକୁ ମଧ୍ୟ ଯଥେଷ୍ଟ ନଥିଲା । ସେମାନେ କେବଳ ଜୀବନ ଧାରଣ ପାଇଁ ଯେତିକି ଆବଶ୍ୟକ ସେତିକି ଉତ୍ପାଦନ କରିପାରୁଥିଲେ ।

ପୂର୍ବସମୟ ତୁଳନାରେ ବର୍ତ୍ତମାନ ସେମାନେ ଅର୍ଥନୈତିକ ସୋପାନର ଉପର ପାହାଚକୁ ଉଠିପାରିଲେଣି । ଆଜି ଆଉ ସେମାନେ ପୋଡୁଚାଷ କରୁନାହାନ୍ତି । ସମସ୍ତଙ୍କ ପାଖରେ ଉଣାଅଧିକେ ସମତଳ ଜମି ରହିଛି । ସେମାନେ ଏହି ଜମିରେ ଧାନ, କପା, ଧୂଆଁପତ୍ର, ବିରି, ମୁଗ, କୋଳଥ, ସୁଆଁ, ମାଣ୍ଡିଆ, ହରଡ଼, କାନ୍ଦୁଲ ଇତ୍ୟାଦି ଫସଲ ଉତ୍ପାଦନ କରିପାରିଲେଣି । ତେଣୁ ସେମାନଙ୍କ ମଧ୍ୟରେ ଥିବା ଖାଦ୍ୟାଭାବ ଓ ଅଭାବ ଅନାଟନ ଦୂରକୁ ଘୁଞ୍ଚିଗଲାଣି । ପୂର୍ବପରି ଜାତାପୁମାନଙ୍କ ଆଉ ବେଶୀ ଜଙ୍ଗଲ ଉପରେ ନିର୍ଭର କରିବାକୁ ପଡୁନାହିଁ । ତଥାପି ବିଭିନ୍ନ ଫଳମୂଳ, କନ୍ଦା, ଡ଼ାଳପତ୍ର, ଛତୁ, ଶାଗ, ମହୁ, ଝୁଣା, କାଠ ଇତ୍ୟାଦି ଜଙ୍ଗଲରୁ ସଂଗ୍ରହ କରି ସେମାନେ ନିଜର ବ୍ୟବହାରରେ ଲଗାଇ ଥାଆନ୍ତି ।

କାଳକ୍ରମେ ସରକାରଙ୍କର ଶୁଭ ଦୃଷ୍ଟି ପଡ଼ିବା ଫଳରେ ଏମାନଙ୍କୁ କେତେକ ଯୋଜନା ମାଧ୍ୟମରେ ସବସିଡ଼ି ଋଣ ଇତ୍ୟାଦି ଯୋଗାଇ ଦିଆଗଲା । ଜମି ବଣ୍ଟନ କରାଗଲା । ଯୋଗାଇ ଦିଆଗଲା । ଅନ୍ନପୂର୍ଣ୍ଣା ଓ ଅନ୍ତୋଦୟ ଯୋଜନାରେ କମ୍

ଦାମରେ ଚାଉଳ ଯୋଗାଇ ଦିଆଗଲା । ସରକାରଙ୍କ ତରଫରୁ କମ୍‌ଦାମରେ ଚିନି, ଗରମ, କିରୋସିନି ଇତ୍ୟାଦି ଯୋଗାଇ ଦିଆଯିବାରୁ ଏମାନେ ଏବେ ସୁଖରେ କାଳାତିପାତ କରୁଛନ୍ତି । ଗରିବ ଜାତପୁ ଝାଟିମାଟି ଘର ପରିବର୍ତ୍ତେ ବଡ଼ ଧରଣର ମାଟିଘର କଲେଣି । ଇଟାର କାନ୍ଥ ତିଆରି କଲେଣି । ସରକାରଙ୍କର ଦ୍ୱାରା ଇନ୍ଦିରା ଆବାସ ଯୋଜନାରେ ଅନେକ ପରିବାରକୁ ଘର ଯୋଗାଇ ଦିଆଗଲାଣି । ସାର ପ୍ରୟୋଗ କରିବା ସେମାନେ ଶିଖିଲେଣି ଓ ଉନ୍ନତ ଯନ୍ତ୍ରପାତି ସାହାଯ୍ୟରେ କାମକରି ଭଲ ଫସଲ ଅମଳ କଲେଣି । ଅର୍ଥକାରୀ ଫସଲ କରି ଟଙ୍କା ଉପାର୍ଜନ କରୁଛନ୍ତି । ଏବେ ସେମାନଙ୍କ ପାଖରେ ମଧ୍ୟ ବଳକା ଉତ୍ପାଦନ ରହୁଥିବାର ସେମାନେ କହିଥାନ୍ତି ।

## ରାଜନୈତିକ ପରିବର୍ତ୍ତନ :

ପୂର୍ବରୁ ଥିବା ରାଜନୈତିକ ଗ୍ରାମ ସଭା କାଳକ୍ରମେ ଲୋପ ପାଇଗଲାଣି । ମଣ୍ଡଳ ନାଇଡୁ ବା ଜାତିପେଦା ଓ ଜାନି (ଗାଁ ମୁଖିଆ) ଇତ୍ୟାଦିଙ୍କର ଭୂମିକା ଆଜିକାଲି ଆଉ ନାହିଁ କହିଲେ ଚଳେ । ଏମାନେ ଏବେ କେବଳ ନାମକୁ ମାତ୍ର ମୁଖିଆ ହିସାବରେ ରହିଛନ୍ତି । ପୂର୍ବପରି ସେମାନଙ୍କର ଦକ୍ଷତା ନାହିଁ କିମ୍ବା ଦଣ୍ଡ, ଜୋରିମନା ଇତ୍ୟାଦି କରିବାର କ୍ଷମତା ମଧ୍ୟ ନାହିଁ । ବିଭିନ୍ନ ପ୍ରକାର ମକଦ୍ଦମାର ବିଚାର କରାଯାଉନାହିଁ । ଏବେ ଏସବୁର ବିଚାର କରିବାକୁ ହେଲେ ପୁଲିସ, କୋର୍ଟ, କଚେରୀର ଆଶ୍ରୟ ନେବାକୁ ପଡୁଛି ।

## ଧର୍ମୀୟ ପରିବର୍ତ୍ତନ :

ଜାତାପୁମାନେ ଧର୍ମପରାୟଣ ଓ ଦେବଦେବୀଙ୍କ ପ୍ରତି ସେମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଥାଏ । କିଛି ବିପରି ପଡ଼ିଲେ ବେଜୁଣୀକୁ ଡ଼ାକି ପୂର୍ବେ ପୁଚୁଣୀ ଦେଖାଯାଉଥିଲା । ତା' କହିବା ଅନୁସାରେ ବିଭିନ୍ନ ରୋଗ ବୈରାଗ୍ୟର ଆରୋଗ୍ୟ ପାଇଁ ବିଭିନ୍ନ ପ୍ରକାର ବଳି ଦେଇ ଅନିଷ୍ଟକାରୀ ଶକ୍ତିକୁ ଶାନ୍ତି କରିବାକୁ ପଡୁଥିଲା । ଦିଶାରୀ ଗ୍ରହ ନକ୍ଷେତ୍ରଙ୍କର ଗତିବିଧି ଲକ୍ଷ୍ୟ କରି ଭଲମନ୍ଦ ନିର୍ଣ୍ଣୟ କରୁଥିଲା । ବୈଦ୍ୟ ଚେରମୂଳ ଔଷଧ ଦେବାରେ ସିଦ୍ଧହସ୍ତ ଥିଲା । ଗୁଣିଆ ପାଙ୍ଗଣ ପେଷଣ କରି ପ୍ରେତ

ଜଗତକୁ ନିଜ ଆୟତରେ ରଖିଥିଲା । ବିଭିନ୍ନ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନେ ପର୍ବପର୍ବାଣି ପାଳନ କରୁଥିଲେ ।

କିନ୍ତୁ ସମୟ ବଦଳିଗଲାଣି । ଧର୍ମୀୟ କର୍ମକାର୍ତ୍ତାମାନଙ୍କର ଆଧିପତ୍ୟ କମିଗଲାଣି । ଅନେକ ଲୋକଙ୍କର ଅନ୍ଧବିଶ୍ୱାସ ଉପରୁ ଆସ୍ଥା ତୁଟିଗଲାଣି । ବେଜୁଣୀର 'ପୁଚୁଣି' ଦେଖା ଅନେକଙ୍କୁ ଅବିଶ୍ୱାସ ଲାଗିଲାଣି । ରୋଗ ବୈରାଗ୍ୟ ଆରୋଗ୍ୟ ପାଇଁ ବଳିଦେବା, ପୂଜାପାଠ କରିବା, ଅନିଷ୍ଟ ଶକ୍ତିଙ୍କୁ ଶାନ୍ତ କରିବା ପରିବର୍ତ୍ତେ ଡ଼ାକ୍ତରମାନଙ୍କର ପରାମର୍ଶକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ସେମାନେ ଏଲୋପାଥିକ, ହୋମିଓପାଥିକ ଓ ଆର୍ୟୁବୈଦିକ ଔଷଧ ସେବନ କଲେଣି । ଗୁଣିଆର ପାଙ୍ଗଣ ବିଦ୍ୟା ଆଗ ପରି ଆଉ କାମ କରୁନାହିଁ । ଦିଶାରୀ ଆଗପରି ଆଉ ସତ୍ୟାସତ୍ୟ କହିପାରୁନାହିଁ । ତଥାପି ବିଭିନ୍ନ ଦେବାଦେବୀଙ୍କ ଉପରେ ଏମାନଙ୍କର ବିଶ୍ୱାସ ରହିଛି ଏବଂ ବିଭିନ୍ନ ପର୍ବପର୍ବାଣୀ ଏମାନେ ପାଳନ କରୁଛନ୍ତି । ଆଜି ବି ଏମାନେ ପଣାସଂକ୍ରାନ୍ତି (କଣା ଆମାସା), ଟେଙ୍କା କଉା (ଟାଙ୍କୁ ନୂଆ), କୁଣ୍ଡଧାନ ନୂଆ (କଣ୍ଡେମ କଉା), କାନ୍ଦୁଲକଉା (କାନ୍ଦୁଲ ନୂଆ), ପାର୍ବତୀ ଦେବୀ ପୂଜା, ନନ୍ଦୀଆମା ପୂଜା, ମକର ସଂକ୍ରାନ୍ତୀ (ସାକ୍ରାତେରେ), ବିହନ ପର୍ବ (ଇତନାଲ ପାଣ୍ଡୁ), ଚୈତ ପର୍ବ (ଆମୋର ପାଣ୍ଡୁ) ଆଦି ଅନେକ ପର୍ବ ପାଳନ କରିଥାନ୍ତି । ଏହା ବ୍ୟତୀତ କେତେକ ହିନ୍ଦୁ ପର୍ବପର୍ବାଣୀ ଯଥା ରଥଯାତ୍ରା, ଦୁର୍ଗାପୂଜା, କୁମାର ପୂର୍ଣ୍ଣିମା, ହୋଲି ଇତ୍ୟାଦି ସେମାନେ ପାଳନ କରୁଥିବାର ଦେଖାଯାଏ । ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାର ପର୍ବପର୍ବାଣୀ ପାଳନ କରୁଥିଲେ ମଧ୍ୟ ଏବେ ଆଗପରି ଦୃଢ଼ ବିଶ୍ୱାସ ଆସ୍ତେ ଆସ୍ତେ ଲୋପ ପାଇବାକୁ ଲାଗିଲାଣି ।

**ସାମାଜିକ ପରିବର୍ତ୍ତନ :**

ବିବାହ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଦେଖାଦେଲାଣି । ପାରମ୍ପରିକ ରୀତିରେ ଆୟୋଜିତ ବିବାହର ଗୁରୁତ୍ୱ କମିଗଲାଣି । ଏହା ପରିବର୍ତ୍ତେ କେତେକ ସ୍ଥଳେ ପ୍ରେମ ବିବାହକୁ ଏମାନେ ପସନ୍ଦ କଲେଣି । କନ୍ୟା ମନୋନୟନ ଓ ପସନ୍ଦ ଇତ୍ୟାଦି କ୍ଷେତ୍ରରେ ପୁଅକୁ ଅଧିକ ଗୁରୁତ୍ୱ ଦିଆଯାଏ । ବିବାହ ପରେ ପୁଅବୋହୂ ନୂଆଘର

କରି ଅଲଗା ରହିଲେଣି । ଗୋତ୍ର ଗୋତ୍ର ମଧ୍ୟରେ ଥିବା କେତେକ ନୀତିନିୟମ ହୁଗୁଳା ହୋଇଗଲାଣି । ନିଜ ଗୋତ୍ର ବାହାରୁ ନିଜ ଜାତିର ଝିଅପୁଅମାନଙ୍କ ମଧ୍ୟରେ ବିବାହ ପରିବର୍ତ୍ତେ ଏବେ ଅଣ-ଆଦିବାସୀମାନଙ୍କ ସହ ଏମାନଙ୍କର ବିବାହ ଆରମ୍ଭ ହେଲାଣି । ବନ୍ଧୁବାନ୍ଧବମାନଙ୍କ ସମ୍ପର୍କରେ ଆବିଳତା ଦେଖାଦେଲାଣି ଏବଂ ଅନେକ ସମୟରେ କଳିଗୋଳ ସୃଷ୍ଟି ହେଲାଣି । ସର୍ବୋପରି ସାମାଜିକ ଜୀବନରୁ ଶାନ୍ତି ଆସ୍ତେ ଆସ୍ତେ ଉଭେଇ ଯିବାରେ ଲାଗିଛି ।

ଶିକ୍ଷାଦୀକ୍ଷାରେ ପରିବର୍ତ୍ତନ ହେଲାଣି । ଅଧିକରୁ ଅଧିକ ଲୋକମାନେ ଶିକ୍ଷା ନେଇ ଶିକ୍ଷାଗତ ଯୋଗ୍ୟତା ବଢ଼ାଇଲେଣି । ବାହାର ଦୁନିଆର ଲୋକଙ୍କ ସହ ମିଳାମିଶା କଲେଣି । ତେଣୁ ବାହାର ସଂସ୍କୃତିରୁ ଅନେକ କଥା ଶିକ୍ଷା କଲେଣି । ନିଜେ ନିଜକୁ ପରିମାର୍ଜିତ କରିବାକୁ ସମସ୍ତଙ୍କୁ ଆପଣାର କରିବାର ଶିଖିଲେଣି । ଆଚାର ବ୍ୟବହାର ଓ ସାମାଜିକରଣ ବିଷୟରେ ମଧ୍ୟ ଛୋଟ ପିଲାମାନଙ୍କୁ ସେହିପରି ଶିକ୍ଷା ଦେଲେଣି ।

ପୋଷାକ ପରିଚ୍ଛଦରେ ବରିଷ୍ଠ ସଭ୍ୟମାନଙ୍କ ମଧ୍ୟରେ କୌଣସି ଆଖିଦୃଷିଆ ପରିବର୍ତ୍ତନ ଦେଖାଯାଇନି । ବୟସ୍କ ବ୍ୟକ୍ତିମାନଙ୍କ ମଧ୍ୟରେ ବେଶପୋଷାକର ମୌଳିକତା ଏବେ ମଧ୍ୟ ସୁରକ୍ଷିତ । କିନ୍ତୁ ଯୁବଗୋଷ୍ଠୀମାନଙ୍କ ମଧ୍ୟରେ କିଛି ପରିବର୍ତ୍ତନ ଦେଖାଗଲାଣି । ବୟସ୍କମାନେ ବେଳେବେଳେ ଦାମିକା ବେଶପୋଷାକ ମଧ୍ୟ ପରିଧାନ କରୁଛନ୍ତି । ସ୍ତ୍ରୀଲୋକମାନେ ଶାଢ଼ି ଇତ୍ୟାଦି ପିନ୍ଧୁଥିବା ବେଳେ ପୁରୁଷମାନେ ଲୁଙ୍ଗି, ଧୋତି, ପଞ୍ଜାବୀ, ସାର୍ଟ ଇତ୍ୟାଦି ପିନ୍ଧୁଥିବାର ଦେଖାଯାଉଛି । କିନ୍ତୁ ତନ୍ତବୁଣା ଶାଢ଼ି ଏବେ ମେସିନ ତିଆରି ଶାଢ଼ି ଦ୍ୱାରା ସ୍ଥାନାନ୍ତରିତ ହେଲାଣି । ଯୁବଗୋଷ୍ଠୀର ପୁଅମାନେ ଫୁଲ ସାର୍ଟ, ଟି-ସାର୍ଟ, ଫୁଲ ପ୍ୟାଣ୍ଟ, ଜିନସ୍ ପ୍ୟାଣ୍ଟ, ପରିଧାନ କଲେଣି, ଝିଅମାନେ ତେଲୁଗୁ ସଂସ୍କୃତିର ପ୍ରଭାବରେ ଅନେକ ନୂତନ ତଥା ଆଧୁନିକ ଢାଞ୍ଚାରେ ନିର୍ମିତ ବସ୍ତ୍ର ପିନ୍ଧୁଛନ୍ତି ।

ଏବେ ଝିଅମାନେ ଅଧିକ ପରିମାଣରେ ଗହଣା ପିନ୍ଧୁଛନ୍ତି । କିନ୍ତୁ ପାରମ୍ପରିକ ଗହଣା ବଦଳରେ ସୁନାରୂପାରେ ତିଆରି ନାକଫୁଲ, କାନଫୁଲ, ରିଙ୍ଗ୍, ମୁଦି, ଚେନ ଇତ୍ୟାଦି ପରିଧାନ କରୁଛନ୍ତି ଏବଂ ଏମାନଙ୍କ ମଧ୍ୟରେ ସୌଖିନ ସାମଗ୍ରୀ ବହୁଳଭାବରେ ବ୍ୟବହୃତ ହେଉଥିବାର ଦେଖାଯାଏ ।

ସେମାନେ ଆଗରୁ ବଣର ଫଳମୂଳ ଇତ୍ୟାଦି ସଂଗ୍ରହ କରି ସେଥିରେ ଜୀବିକା ନିର୍ବାହ କରୁଥିଲେ । ମାତ୍ର ଏବେ ସେମାନେ ଚାଷବାସ ଭଲଭାବରେ ଜାଣିଲେଣି । କଫି, ଧୂଆଁପତ୍ର ଇତ୍ୟାଦି ଅର୍ଥନୈତିକ ଦ୍ରବ୍ୟର ଉତ୍ପାଦନକରି ଅର୍ଥ ଉପାର୍ଜନ କରିଲେଣି । ସେମାନଙ୍କ ମଧ୍ୟରେ ଏବେ ହିନ୍ଦୁଧର୍ମର ସାଧାରଣ ଲୋକଙ୍କ ପରି ଆଚାର ବ୍ୟବହାର ଚାଲିଚଳନ ଇତ୍ୟାଦି ଦେଖାଦେଇଥାଏ । ସେମାନଙ୍କର ଖାଦ୍ୟ, ଚାଲିଚଳନ ଘୋର ପରିବର୍ତ୍ତନ ଦେଖାଦେଲାଣି । ସେମାନେ ପାଠଶାଠ ପଢ଼ି ଶିକ୍ଷିତ ହେଲେଣି । ପାଞ୍ଚଲୋକ ସାଙ୍ଗରେ ମିଶିବାର ଯୋଗ୍ୟତା ହାସଲ କଲେଣି । ରାଜନୀତି ତଥା ଅନ୍ୟାନ୍ୟ କ୍ଷେତ୍ରରେ ଭାଗନେଲେଣି । ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକମାନଙ୍କ ଅର୍ଥନୈତିକ ଅବସ୍ଥା ସୁଧୁରି ଗଲାଣି । ଏବେ ଜଙ୍ଗଲ ଧ୍ୱଂସ ତଥା ଜଙ୍ଗଲ ସଂରକ୍ଷଣ ନିୟମର ପ୍ରଚଳନ ହେବା ଫଳରେ ସେମାନେ ସବୁ ଜିନିଷ ପାଇଁ ଜଙ୍ଗଲ ଉପରେ ନିର୍ଭର ନକରି ଚାଷବାସ କରି ଜୀବିକା ନିର୍ବାହ କରୁଛନ୍ତି ।

**ବସତିରେ ପରିବର୍ତ୍ତନ :**

ପାରମ୍ପରିକ ଢ଼ଙ୍ଗ ଅନୁସାରେ ଗ୍ରାମର ପ୍ରତ୍ୟେକ ପରିବାରର ଗୃହଗୁଡ଼ିକ ୨ଧାଡ଼ି କରି ଚାଳକୁ ଚାଳ ଲାଗି ରହିଥାଏ । ଏହିପରି ଘରଗୁଡ଼ିଏ ଗାଁର ଏମୁଣ୍ଡରୁ ସେମୁଣ୍ଡକୁ ଲମ୍ବିଥାଏ । ଦୁଇଧାଡ଼ି ମଝିରେ ଗୋଟିଏ ସରୁ ଦାଣ୍ଡଥାଏ । କିନ୍ତୁ ଏବେ ଗାଁରେ ଏକାଧିକ ଧାଡ଼ି ବିଶିଷ୍ଟ ଗ୍ରାମମଧ ଦେଖିବାକୁ ମିଳେ । ଗାଁର ଧାଡ଼ି ମଝିର କୌଣସି ଘରର ସମସ୍ତ ଲୋକ ମରିଗଲେ ବା ଘରଛାଡ଼ି ଚାଲିଗଲେ ସେହି ଘରକୁ ଅନ୍ୟଜଣେ ଅଧିକାର କରିପାରେ କିନ୍ତୁ ଘରମଝିରୁ କୌଣସି  ଘର ଭାଙ୍ଗି ପଡ଼ିବା ଜାତପୁମାନଙ୍କ ପାଇଁ ଅଶୁଭ ସୂଚନା । କିନ୍ତୁ ଏବେ କେତେକ ଜାତାପୁମାନେ ଗୋଟିକିଆ ଘର କରିବାର ଦେଖା ଦେଲାଣି ।

ପୂର୍ବେ ଝାଟିମାଟି, ନଡ଼ାଛପର ଏବଂ କାଠ ବାଉଁଶ ବ୍ୟବହାର କରି ଗୃହ ନିର୍ମାଣ କରାଯାଉଥିଲା । କିନ୍ତୁ ପରିବର୍ତ୍ତନ କ୍ରମେ ସେମାନେ ଏବେ ଇଟାମାଟି, ପୋଡ଼ାଇଟା, ସିମେଣ୍ଟ ଇତ୍ୟାଦିରେ କାନ୍ଥ କଲେଣି । ଛଣ ବ୍ୟତୀତ ଟିଣ, ଖପର, ଟାଇଲ ଇତ୍ୟାଦି ବ୍ୟବହାର  କରି ଘର ଛପର କଲେଣି । ଗୃହ ନିର୍ମାଣ କରିବା ପୂର୍ବରୁ

କରାଯାଉଥିବା ଧାର୍ମିୟ କର୍ମକାଣ୍ଡ ଏବେବି କେତେକାଂଶରେ ପ୍ରଚଳିତ ଅଛି । ତେବେ ପୁରୋହିତ ବା ଦିଶାରୀଙ୍କୁ ଡ଼ାକି ପାଞ୍ଜି ଦେଖି ଶୁଭାଶୁଭ ନିର୍ଣ୍ଣୟ କରିବା ଏମାନେ ଶିଖିଲେଣି । ବଜାର ସହର ନିକଟରେ ରହୁଥିବା ଜାତପୁମାନେ କଂକ୍ରିଟ ଗୃହ ମଧ୍ୟ ନିର୍ମାଣ କଲେଣି ।

ଗୃହ ନିର୍ମାଣରେ ଯେପରି ପରିବର୍ତ୍ତନ ଦେଖାଦେଲାଣି ଗୃହର ସାଜସଜ୍ଜାରେ ମଧ୍ୟ ସେହିପରି ପରିବର୍ତ୍ତନ ଦେଖାଦେଲାଣି । ପୂର୍ବେ ଘର ଭିତର ଓ ବାହାର ସଜାବଟ ପାଇଁ ବିଭିନ୍ନ ରଙ୍ଗର ମାଟି ବ୍ୟବହାର କରି ଝୋଟି ଦିଆଯାଉଥିଲା । ଅରୁଆ ଚାଉଳକୁ ବାଟି ପାଣି ଗୋଳାଇ ସେଥିରେ କାନ୍ଥରେ ସେମାନେ ବିଭିନ୍ନ ପ୍ରକାର ଚିତ୍ର ଯଥା - ଫୁଲ, ଝୋଟି, ହାତୀ, ଲକ୍ଷ୍ମୀ ପାଦ ଇତ୍ୟାଦି ଅଙ୍କନ କରିଥାନ୍ତି । କିନ୍ତୁ ଏବେ ଝୋଟି ଦେବାର ପ୍ରଥା ପ୍ରାୟ କମିଗଲାଣି । ଝୋଟି ସହିତ ଘରେ ଭିତର ଓ ବାହାର ସଜାଇବା ପାଇଁ ବିଭିନ୍ନ ପ୍ରକାର ଫଟୋ ବ୍ୟବହାର କରାଯାଉଛି । ପୂର୍ବେ ବିଭିନ୍ନ ରଙ୍ଗବେରଙ୍ଗର ମାଟିରେ ଲିପାପୋଛା କରି ସୁନ୍ଦର କରୁଥିଲେ । କିନ୍ତୁ ଏବେ କାନ୍ଥକୁ ସିମେଟରେ ପ୍ଲାଷ୍ଟରିଂ କରି ତା ଉପରେ ଚୂନ ଓ ରଙ୍ଗ ଦେଇ ସୁନ୍ଦର କରାଯିବାର ଦେଖାଯାଏ ।

ବିଭିନ୍ନ ପ୍ରକାର ଭିତ୍ତିଭୂମିର ବିକାଶ ଯୋଗୁଁ ଜାତାପୁ ଆଦିବାସୀମାନଙ୍କର ଅନେକ ପରିବର୍ତ୍ତନ ଘଟିଛି । ପ୍ରଥମତଃ ନଳକୂପ, କୂପ ହେବା ଦ୍ୱାରା ସେମାନେ ସୁରକ୍ଷିତ ଓ ପରିଷ୍କାର ପାଣି ପିଇବା ପାଇଁ ପାଇଲେ ଏବଂ ପାଣିଦ୍ୱାରା ବ୍ୟାପୁଥିବା କେତେକ ରୋଗରୁ ମୁକ୍ତି ପାଇଲେ । ଗାଁକୁ ରାସ୍ତା ତିଆରି ହେବାରୁ ସେମାନେ ହାଟବଜାରକୁ ସୁରୁଖୁରୁରେ ଯାଇ ବିଭିନ୍ନ ପ୍ରକାର ଦ୍ରବ୍ୟ କ୍ରୟ ବିକ୍ରୟ କରିପାରିଲେ । ନିକଟସ୍ଥ ବଜାରରେ ଡ଼ାକ୍ତରଖାନାର ସୁବିଧା ହୋଇଥିବାରୁ ସେମାନେ ଅକ୍ଳେଶରେ ସେଠାକୁ ଯାଇ ଚିକିତ୍ସିତ ହୋଇ ପାରିଲେଣି । ଗାଁ ଗାଁରେ ସ୍କୁଲ, ଆବାସିକ ସ୍କୁଲ ଓ ଆଶ୍ରମ ସ୍କୁଲ ପ୍ରତିଷ୍ଠା ହେବା ଫଳରେ ପିଲାମାନେ ପାଠ ପଢ଼ିବାର ସୁବିଧା ପାଇଲେ । ଫଳରେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ବଢ଼ିବା ସହିତ ସେମାନେ ଠକାମି ଓ ଶୋଷଣକୁ ମୁକାବିଲା କରିବା ପାଇଁ ସକ୍ଷମ ହେଉଛନ୍ତି । କେତେକ ଗାଁକୁ ବିଜୁଳି ବତୀର ସଂଯୋଗ ହେବା ଫଳରେ ସେମାନେ ଟି.ଭି. ଆଦି ସୌଖୀନ ଦ୍ରବ୍ୟମାନ ରଖି ଦେଶ ବିଦେଶର ଖବର ଜାଣି ସେମାନଙ୍କର ଜ୍ଞାନର ପରିସର ବୃଦ୍ଧି

କରିପାରୁଛନ୍ତି ଏବଂ ନିଜପାଇଁ ଥିବା ସରକାରଙ୍କର ସୁବିଧା ସୁଯୋଗ ବିଷୟରେ ଅବଗତ ହୋଇ ପାରୁଛନ୍ତି । ସରକାରଙ୍କ ନିକଟରେ ନିଜର ଅଧିକାର ଉପସ୍ଥାପନ କରିପାରୁଛନ୍ତି ।

ରାସ୍ତା ଓ ଗାଡ଼ି ଘୋଡ଼ାର ସୁବିଧା ଥିବାରୁ ସେମାନେ ବିଭିନ୍ନ ସ୍ଥାନ ପରିଭ୍ରମଣ କରି, ରେଡ଼ିଓ, ଟିଭି ଦେଖିଶୁଣି, ବାହାର ସଂସ୍କୃତିର ଲୋକମାନଙ୍କ ସହ ମିଶି ସେମାନେ ସେମାନଙ୍କର ଅଧିକାର ପାଇଁ ମଧ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଆଗତ କଲେଣି । ଜିନିଷ ପତ୍ର କିଣାବିକା ବେଳେ ସେମାନେ ବିଭିନ୍ନ ସ୍ଥାନ ବୁଲି ଜିନିଷର ଉପଯୁକ୍ତ ମୂଲ୍ୟ ବଦଳରେ ଜିନିଷକୁ କିଣାବିକା କରୁଛନ୍ତି । ସେହିପରି ସେମାନଙ୍କର ଜ୍ଞାନର ପରିସର ବୃଦ୍ଧି ହେବା ଫଳରେ ସେମାନେ ଆଉ ଅନ୍ଧପରି କୌଣସି କଥାକୁ ଗ୍ରହଣ କରୁନାହାନ୍ତି । ସମସ୍ତ କଥାର ଆମୂଳ ଚୂଳ ଜାଣି, ଉକ୍ତ ବିଷୟକୁ ତନ୍ନ ତନ୍ନ କରି ବିଚାର କରି ଯୁକ୍ତ ଯୁକ୍ତ ଉପାୟ ଅବଲମ୍ବନ କରିପାରୁଛନ୍ତି । ବାହାର ଦୁନିଆଁର ଟାଉଟର, ଠକ ଇତ୍ୟାଦିମାନଙ୍କୁ ସେମାନେ ଚିହ୍ନଟ କରିପାରିଲେଣି ଏବଂ ସେମାନଙ୍କଠାରୁ କିପରି ଦୂରରେ ରହିବାକୁ ପଡ଼ିବ ତାହା ମଧ୍ୟ ଜାଣିଲେଣି ।

## ମୂଲ୍ୟବୋଧର ପରିବର୍ତ୍ତନ :

ସାଧାରଣରେ ଏହି ଜାତାପୁ ଲୋକମାନେ ଖୁବ୍ ସ୍ନେହୀ, ବନ୍ଧୁବତ୍ସଳ, ଶତ୍ରୁଭାବାପନ୍ନ । ଏମାନେ ଖୁବ୍ ପରିଶ୍ରମୀ । ଏବେ ଏ ସମସ୍ତ ମୂଲ୍ୟବୋଧ ସୁରକ୍ଷିତ ଥିଲେ ମଧ୍ୟ କେବେ କେବେ ହିଂସା, କଳିଗୋଳପରି କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବାର ଦେଖାଯାଇଛି । ସେମାନଙ୍କର ଚାଲିଚଳନ ଓ ଆଚାର ବ୍ୟବହାର ଇତ୍ୟାଦିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେମାନଙ୍କ ମନରୁ ଭାତୃଭାବ, ସ୍ନେହ, ପ୍ରେମ ଇତ୍ୟାଦି ଦୂରେଇ ଯାଉଥିଲେ ମଧ୍ୟ ବାହାର ଲୋକମାନଙ୍କ ସହ ଏମାନଙ୍କର ଉତ୍ତମ ସଂପର୍କ ରହିଥିବାର ପ୍ରମାଣ ମିଳେ । ସେମାନେ ଖୁବ୍ ପରିଶ୍ରମ କରିବାକୁ ଭଲପାଆନ୍ତି । ବନ୍ଧୁ ସେବା, ପରୋପକାର, ଦୁଃଖୀଦରିଦ୍ରମାନଙ୍କୁ ସାହାଯ୍ୟ କରିବା ଇତ୍ୟାଦି ସେମାନଙ୍କର ଉତ୍ତମ ଗୁଣର ପରିଚୟ ଦେଇଥାଏ ।

ବର୍ତ୍ତମାନ ଜାତାପୁ ପରିବାରର ବୈଶିଷ୍ଟ୍ୟ, ଗଠନ ଓ କାର୍ଯ୍ୟକଳାପରେ ପରିବର୍ତ୍ତନ ଦେଖାଦେଲାଣି । ପରିବାର ମଧ୍ୟରେ ବ୍ୟକ୍ତିମାନଙ୍କ ମଧ୍ୟରେ ଦାୟିତ୍ୱ ବୋଧ କମିଗଲାଣି । ସାମାଜିକରଣ ପ୍ରକ୍ରିୟାରେ ପରିବର୍ତ୍ତନ ଦେଖାଦେଲାଣି । କୌଣସି ଲୋକ ସାମାଜିକ ସଂପର୍କକୁ ଦୃଢ଼ୀଭୂତ କରିବା ପାଇଁ ସମସ୍ତଙ୍କ ମନ ନେଇ ଚଳୁ ନାହାନ୍ତି । ବ୍ୟକ୍ତିବାଦ ସୃଷ୍ଟି ହେଲାଣି । ଯଦିଓ ବାପା ପରିବାର ମୁଖ୍ୟ ତଥାପି ପୁଅମାନେ ମଧ୍ୟ କେତେକ କ୍ଷେତ୍ରରେ ନିଜେ ନିଜେ ନିଷ୍ପତ୍ତି ନେଇଥାନ୍ତି । ଫଳତଃ ବିବାହ ଆଦି କ୍ଷେତ୍ରରେ ପିତାମାତାଙ୍କର ଗୁରୁତ୍ୱ କମିଗଲାଣି । କନ୍ୟା ମନୋନୟନ, ନିର୍ବାଚନ ଇତ୍ୟାଦି କ୍ଷେତ୍ରରେ ବିବାହ କରିବାକୁ ଥିବା ପୁଅର କଥାକୁ ଅଗ୍ରାଧିକାର ଦିଆଯାଇଥାଏ । ବିବାହ ପରେ ପୁଅମାନେ ଅଲଗା ଘରକରି ରହିଲେଣି ଏବଂ ମୂଳ ପରିବାର ସହ ବେଳେବେଳେ ତିକ୍ତତା ଥିବା ପରି ମନେ ହୁଏ । ଛାଡ଼ପତ୍ରର ହାର ବଢ଼ିବାରେ ଲାଗିଛି ।

ପିତୃକେନ୍ଦ୍ରିକ ପରିବାର ହେଲେ ମଧ୍ୟ ସ୍ତ୍ରୀଲୋକଙ୍କର ଅର୍ଥନୈତିକ ସ୍ୱାଧୀନତା, ସ୍ତ୍ରୀମାନଙ୍କର ଗୁରୁତ୍ୱ ବଢ଼ାଇ ଦେଇଛି । ଏବେ ସ୍ୱାମୀ ସ୍ତ୍ରୀ ଉଭୟଙ୍କର ପାରସ୍ପରିକ ବୁଝାମଣା ଯୋଗୁ ପରିବାର ଚାଲୁଛି ।

ପରିବାରର କାର୍ଯ୍ୟକଳାପରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଛି । ପିଲାମାନଙ୍କର ଲାଳନପାଳନ ଆଉ ପରିବାର ମଧ୍ୟରେ ସୀମିତ ନାହିଁ । ରେଡ଼ିଓ, ଟିଭି, ଚଳଚ୍ଚିତ୍ର ଆଦି ଗଣମାଧ୍ୟମ ଦ୍ୱାରା ଜାତାପୁ ପିଲାମାନେ ପ୍ରଭାବିତ । ପରିବାର ସଦସ୍ୟଙ୍କ ଅପେକ୍ଷା ସଂପର୍କୀୟ ଓ ଖେଳକୁଦର ସାଙ୍ଗମାନଙ୍କଠାରୁ ଏମାନେ ବେଶୀ କଥା ଶିକ୍ଷା କରିଥାନ୍ତି । ଅନେକ ସମୟରେ ବାହାର ଦୁନିଆଁ ଉପରେ ନିର୍ଭର କରିବାକୁ ପଡୁଛି । ପରିବାର ମୌଳିକ ଶିକ୍ଷାର ପ୍ରଥମ ସଂସ୍ଥା । କିନ୍ତୁ ଏବେ ପିଲାମାନେ ସ୍କୁଲ ଆଶ୍ରମ ସ୍କୁଲ, ଆବାସିକ ବିଦ୍ୟାଳୟରେ ରହି ଶିକ୍ଷା ଗ୍ରହଣ କରିଥାନ୍ତି । ତେଣୁ ସେମାନେ ବାଲ୍ୟକାଳରୁ ପିତାମାତାଙ୍କର ସ୍ନେହରୁ ଦୂରେଇ ରହିଥାନ୍ତି । ପରିବାର ମଧ୍ୟରେ ହିଂସା, କଳହ ଇତ୍ୟାଦି ଦେଖା ଦେଲାଣି । ଏପରିକି ଭାଇ ଭାଇଙ୍କ ମଧ୍ୟରେ କଳିଗୋଳ ବାପାମାଆ, ଗ୍ରାମବାସୀଙ୍କ ଦ୍ୱାରା ସମାଧାନ ନ ହୋଇପାରି କୋର୍ଟ, କଚେରୀ ଓ ପୋଲିସ ଥାନା ଇତ୍ୟାଦିରେ ପହଞ୍ଚୁଛି ।

ପରିବର୍ତ୍ତିତ ପରିପ୍ରେକ୍ଷୀରେ ଜାତାପୁ ସମାଜ ନିଜର ଏକ ସ୍ୱତନ୍ତ୍ର ସତ୍ତା ବଜାୟ ରଖିବାରେ ସକ୍ଷମ ହୋଇଛି । ବିକାଶ ପରିପ୍ରେକ୍ଷୀରେ ଏମାନଙ୍କର ସ୍ଥିତି ସକରାତ୍ମକ । ତେଣୁ ଜାତାପୁ ସମାଜ ପରମ୍ପରା ଓ ପ୍ରଗତି ଉଭୟର ଏକ ସଫଳ ସମନ୍ୱୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

■ ■


ଜାତାପୁ ଜୀବନଧାରା